ମୁଁ କାହିଁକି ଲେଖେ

ବିଦ୍ୟାନନ୍ଦ ମିଶ୍ର

Digitized by srujanika@gmail.com

ମୁଁ କାହିଁକି ଲେଖେ

ସଂପାଦନା :

ବିଜୟାନନ୍ଦ ସିଂହ

Digitized by srujanika@gmail.com

ମୁଁ କାହିଁକି ଲେଖେ

ସଂପାଦନା :

ବିଜୟାନନ୍ଦ ସିଂହ

ଅଧ୍ୟାପକ, ଓଡ଼ିଆ ବିଭାଗ
ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ
ନିଶ୍ଚିନ୍ତକୋଇଲି, କଟକ

ପ୍ରକାଶକ :

କଟକ ଲେଖକ ସହଯୋଗ ସମିତି ଲିଃ
ପିଠାପୁର, କଟକ-୧

ପ୍ରଚ୍ଛଦ : **ଶ୍ରୀ ଅସିତ ମୁଖାର୍ଜୀ**

ପ୍ରଥମ ପ୍ରକାଶ :
ଶ୍ରୀଗୁଣ୍ଡିଚା, ୧୯୮୪

ମୁଦ୍ରଣ

ଭଗବତୀ ପ୍ରିଣ୍ଟର୍ସ
ରାଜାବଗିଚା, କଟକ-୯

ମୂଲ୍ୟ : ୨୦ ଟଙ୍କା

MUN KAHINKI LEKHE

Edited by :
Bijayananda Singh
Lecturer in Oriya
Panchayat Prahallad College
Nischintakoili, Cuttack

Published by :
Cuttack Lekhak Sahajog Samiti Ltd.
Pithapur, Cuttack-1

Price—Rs. 20-00

Digitized by srujanika@gmail.com

ମୁଁ କାହିଁକି ଲେଖେ

Digitized by srujanika@gmail.com

ମୁଖଶାଳା

●

ଜୀବନର ମନୋଜ୍ଞ ପରିପ୍ରକାଶ ହେଉଛି ସାହିତ୍ୟ । ସାହିତ୍ୟର ଅଭିଧାନଗତ ଅର୍ଥ,ଯାହା ସମ୍ୟକ ହିତ ସାଧନ କରେ । ସାହିତ୍ୟ ଜୀବନ ବେଦ—ସାହିତ୍ୟରୁ ଜୀବନ ସମ୍ପର୍କରେ ମଣିଷ ଜାଣିବାକୁ ସକ୍ଷମ ହୁଏ । ଅନ୍ତରରେ ଯେଉଁ ଭାବ ଉନ୍ମେଷ ହୁଏ ତାହା ମସ୍ତିଷ୍କ ମାଧ୍ୟମରେ ରୂପାୟିତ ହୋଇ ସାହିତ୍ୟ ରୂପରେ ପ୍ରକାଶିତ ହୁଏ, ସାହିତ୍ୟ କେବଳ ଭୋଗବିଳାସର ସାମଗ୍ରୀ ନୁହେଁ; ପରନ୍ତୁ ଜୀବନ ଯନ୍ତ୍ରଣାର ଏକ ନିର୍ଭୁଲ ଦଲିଲ । ମଣିଷ ଯେମିତି ନିଜ ରୂପକୁ ଦର୍ପଣ ସମ୍ମୁଖରେ ଦେଖି ଆତ୍ମବିଭୋର ହୁଏ ସାହିତ୍ୟରେ ସେମିତି ସେ ନିଜ ଅନ୍ତଃପ୍ରକୃତିର ରୂପକୁ ଦେଖି ଆତ୍ମବିହ୍ୱଳ ହୁଏ । ସାହିତ୍ୟ ବାସ୍ତବତାର ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ । ସାହିତ୍ୟ ସମାଜକୁ ପ୍ରଦାନ କରେ ନୂଆ ଦିଗ୍‌ଦର୍ଶନ, ନୂଆ ଚେତନା ।

ଈଶ୍ୱରଙ୍କ ଶ୍ରେଷ୍ଠ ସୃଷ୍ଟି ମନୁଷ୍ୟ । ମନୁଷ୍ୟ କେବଳ ନିଜର ବାହ୍ୟ ବିକାଶ କରିବାରେ ସନ୍ତୁଷ୍ଟ ନୁହେଁ ପରନ୍ତୁ ସେ ତାର ବୌଦ୍ଧିକ ଚେତନାର ବିକାଶରେ ଆଗ୍ରହୀ । ମଣିଷ ତାର ଜଠର କ୍ଷୁଧାକୁ ପ୍ରଶମିତ କଲା ପରେ, ମନର କ୍ଷୁଧାକୁ ଯେତେବେଳେ ବିଲୋପ କରିବା ପାଇଁ ଆଗ୍ରହୀ ହୋଇପଡ଼େ, ସେତେବେଳେ ସାହିତ୍ୟ ସେ କ୍ଷୁଧାକୁ ନିବାରଣ କରେ । ସାହିତ୍ୟ ହେଉଛି ଚିନ୍ତାର ମଞ୍ଜୁଳ ଅଭିବ୍ୟକ୍ତି—ଯେଉଁ ଚିନ୍ତା କେବଳ ଜଣେ ମଣିଷର ନୁହେଁ ସମଗ୍ର ମଣିଷ ଜାତିର ମଙ୍ଗଳ ଗୀତ । ସମାଜକୁ ସୁଶୃଙ୍ଖଳିତ କରିବା ସହିତ ମଣିଷକୁ ସୁନ୍ଦର କରିବାରେ ସାହିତ୍ୟ ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ । ମାନବ ସମାଜକୁ ଅନ୍ଧକାରରୁ ଆଲୋକକୁ ଆଣିବାରେ ସାହିତ୍ୟ ପଥନିର୍ଦ୍ଦେଶ କରିଥାଏ ।

ସୌନ୍ଦର୍ଯ୍ୟର ଅନ୍ୟ ଏକ ରୂପ ହେଉଛି ସାହିତ୍ୟ । ସକଳ ସୌନ୍ଦର୍ଯ୍ୟ ସେଥିରେ କେନ୍ଦ୍ରୀଭୂତ ହୋଇଥାଏ । ସତ୍ୟର ଅନ୍ୟ ଏକ ପରିପ୍ରକାଶ—ସାହିତ୍ୟ । ସତ୍ୟର ଉତ୍କର୍ଷତା ସାହିତ୍ୟରେ ହିଁ ପ୍ରତିପାଦିତ ହୋଇଥାଏ । ସାହିତ୍ୟ ଚିରନ୍ତନ, ସାହିତ୍ୟ କାଳକୁ ଜୟ କରିଥାଏ—ସବୁକୁ ନିଜ ଗର୍ଭରେ ଲୀନ କରାଇଥାଏ । ସାହିତ୍ୟକୁ ମଣିଷ ସିନା ସୃଷ୍ଟି କରେ, କିନ୍ତୁ ତାର ଆଦିଅନ୍ତ ସେ ପାଏ ନାହିଁ । ଗୋଟିଏ ବୀଜରୁ ଏକ ବିରାଟ ବୃକ୍ଷ ସମ୍ଭବ ହେଲା ପରି ମଣିଷ ସୃଷ୍ଟି କରେ ସାହିତ୍ୟ

Digitized by srujanika@gmail.com

ଜଣଙ୍କ ସାହିତ୍ୟକୁ କଳନା କରିବା ତା ପକ୍ଷରେ ଅସମ୍ଭବ ହୋଇପଡ଼େ । ସାହିତ୍ୟ ସେତି ବ୍ୟାପକ-ଅନନ୍ତ, ସୀମାହୀନ—ଆଖି ତାର ପାଏ ନାହିଁ । ମନୁଷ୍ୟର ଅନୁସନ୍ଧାନୀ ମନ ଖୋଜି ଖୋଜି ଚାଲିଯାଏ । ଅନୁସନ୍ଧାନ ଯେତେ ପ୍ରଖର ହୁଏ ସାହିତ୍ୟର ଗଭୀରତା ସେତେ ବଢ଼ିଯାଏ । ମଣିଷ କ୍ଷଣକ ପାଇଁ ଚକିତ ହୁଏ—ବିସ୍ମୟରେ ଆଖି ବନ୍ଦ ହୋଇଯାଏ······ ।

ସାହିତ୍ୟ ଯୁଗେ ଯୁଗେ ସମାଜକୁ ସୁଶୃଙ୍ଖଳିତ କରିଛି । ନୂତନ ସୃଷ୍ଟିକୁ ଅମୃତ କରିବା ପାଇଁ ଓ ମଣିଷକୁ ଦେବତା କରିବାରେ ସାହିତ୍ୟର ଭୂମିକା ଅନସ୍ୱୀକାର୍ଯ୍ୟ । ସାହିତ୍ୟ ସଂସ୍କୃତିକୁ ନୂଆ ରୂପରେ ପ୍ରକାଶ କରିଛି ।

ସାହିତ୍ୟିକ ହୃଦୟର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ହେଉଛି ସାହିତ୍ୟ । ସାହିତ୍ୟିକ 'ଜୀବନ'ର ସଫଳ ସାକ୍ଷ୍ୟକାର । ଜୀବନର ବ୍ୟର୍ଥତା ଦୁଃଖ, ଯନ୍ତ୍ରଣା, ଅଭାବ ଅସୁବିଧା ଅନୁଶୋଚନା, ସୁଖ, ସମୃଦ୍ଧି. ଶାନ୍ତିକୁ ସାହିତ୍ୟର ସ୍ରଷ୍ଟା କୃତିତ୍ୱ ସହକାରେ ତା କଲମ ମୁନରେ ପ୍ରକାଶକରି ସମାଜରେ ପୂଜ୍ୟ ଓ ନମସ୍ୟ ହୁଏ । ସାଧକର ସିଦ୍ଧି ସାହିତ୍ୟ । ଏ ସିଦ୍ଧି ପ୍ରତିଭାଶାଳୀ ବ୍ୟକ୍ତିର ସଫଳତା ।

ସାହିତ୍ୟ କେବଳ ମନୁଷ୍ୟକୁ ଭାବପ୍ରବଣ କରିନାହିଁ ବରଂ ଚହ୍ଲାଇ ଦେଇଛି ମନୁଷ୍ୟତ୍ୱକୁ । ଯୁଗ ଯୁଗ ବିତିଯାଇଛି—ମାଟିର ମଣିଷ ମାଟିରେ ମିଶିଯାଇଛି ହେଲେ ସାହିତ୍ୟ କାଳକାଳକୁ ଅକ୍ଷୟ ହୋଇ ରହିଛି ।

ସୃଷ୍ଟିର ସବୁ ପ୍ରକ୍ରିୟା ଅର୍ଥାତ୍ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ଋତୁ ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ ଦୈବୋପରି ସମଗ୍ର ସୃଷ୍ଟିର ପରିବର୍ତ୍ତନ ମୂଳରେ ଈଶ୍ୱରଙ୍କ ନିର୍ଦ୍ଦେଶ ରହିଛି ବୋଲି ଦିନେ ମଣିଷ ଚିନ୍ତା କରୁଥିଲା । ସମୟକ୍ରମେ ମଣିଷ ଅଧିକ ଜ୍ଞାନଲିପ୍ସୁ ହେଲା । ପ୍ରକୃତିରେ ସେ ଉଦ୍‌ଭାସିତ ହେଲା । ପ୍ରକୃତିର ସୁନ୍ଦର ରୂପକୁ ସେ ଅନୁଧ୍ୟାନ କଲା—ତଥାପି ତା ମନରେ ପ୍ରଶ୍ନବାଚୀ ··· ? ? ବର୍ଷା କାହିଁକି ବର୍ଷୁଛି ? ସୂର୍ଯ୍ୟ କାହିଁକି ଆଲୋକ ପ୍ରଦାନ କରୁଛି ? ଚନ୍ଦ୍ରର ଶୀତଳ କିରଣ କାହିଁକି ଜନ ମନକୁ ହରଣ କରୁଛି ? ଫୁଲ କାହିଁକି ଫୁଟୁଛି ? ସୁନ୍ଦର ସକାଳ କାହିଁକି ହେଉଛି ? ପୁଣି ରାତି କାହିଁକି ହେଉଛି ? ମଣିଷ କାହିଁକି ଜନ୍ମ ନେଉଛି ? ମନୁଷ୍ୟ କାହିଁକି ଦୁଃଖ ଭୋଗ କରୁଛି ? ମନୁଷ୍ୟ କାହିଁକି ମୃତ୍ୟୁ ବରଣ କରୁଛି ? ଇତ୍ୟାଦି ବହୁ 'କାହିଁକି'ର ପ୍ରଶ୍ନ ଯୁଗେ ଯୁଗେ ପଣ୍ଡିତ, ଭାବୁକ, ଦାର୍ଶନିକ, ବାଗ୍ମୀଙ୍କ ମନରେ ସୃଷ୍ଟି ହୋଇଛି ଏବଂ ପର ପର୍ଯ୍ୟାୟରେ ସେମାନେ ତାର ଉତ୍ତର ପାଇଛନ୍ତି ।

Digitized by srujanika@gmail.com

ଆଜି ମଣିଷ ନିକଟରେ କିଛି ଅସମ୍ଭବ ନାହିଁ । ମଣିଷର ଉଦ୍ୟମ, ପରିଶ୍ରମ, ଜାଣିବାର ଜିଜ୍ଞାସା ଅସମ୍ଭବକୁ ସମ୍ଭବ କରାଇଛି । ତେବେ ଆଜି ପୁଣି ସେହି ପ୍ରଶ୍ନ କାହିଁକି ?......... ।

ସାହିତ୍ୟିକ ସମାଜର ପଥପ୍ରଦର୍ଶକ । ସେ କାହିଁକି ଲେଖେ ? ସେ କାହିଁକି ସାହିତ୍ୟ ସୃଷ୍ଟି କରି ସମାଜକୁ ପ୍ରଭାବିତ କରେ ? ସମାଜକୁ କାହିଁକି ନୂଆ ଚେତନାରେ ଭରିଦିଏ ? ମନରେ ବହୁ 'କାହିଁକି'ର ସମାବେଶ । ଏହା କେବଳ ମୋ ମନରେ ନୁହେଁ ବହୁ ଚିନ୍ତାଶୀଳ ପାଠକ, ଆଲୋଚକ ସମାଲୋଚକମାନଙ୍କ ମନରେ ପ୍ରଶ୍ନ ।

ବହୁ ବରେଣ୍ୟ ସ୍ରଷ୍ଟାଙ୍କ ସୃଷ୍ଟିରେ ଆମ ସାହିତ୍ୟ ସମୃଦ୍ଧ । ଆଜି ଓଡ଼ିଆ ଭାଷା ସାହିତ୍ୟ ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହେବାକୁ ବସିଲାଣି । ସାରଳା ଦାସଙ୍କ ଠାରୁ ଆରମ୍ଭ କରି ସାଂପ୍ରତିକ କାଳ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ବହୁ ସାଧକଙ୍କର ସାଧନାରେ ପରିପୁଷ୍ଟ; ଯାହା ଉତ୍ତରପୁରୁଷ ପାଇଁ ଗର୍ବଗୌରବ ଆଣି ଦେଇଛି ।

ଆମମାନଙ୍କ ମନରେ ପୁଣି ସେହି ପ୍ରଶ୍ନ । କାହିଁକି ଏ ବିପୁଳ ସୃଷ୍ଟି ହେଲା ? ଯେଉଁମାନେ ଏ ବିପୁଳ ସୃଷ୍ଟିର ଭିତ୍ତି ସ୍ଥାପନ କରି ଭବିଷ୍ୟତ ପାଇଁ ଦିଗ ନିର୍ଦ୍ଦେଶ କରିଥିଲେ ସେମାନେ କାଳର କରାଳ ଗର୍ଭରେ ଲୀନ ହେଲେଣି । ତେବେ ଏହାର ଉତ୍ତର ପାଇଁ ସେମାନଙ୍କର ଭାବୀ ବଂଶଧରମାନଙ୍କୁ ପ୍ରଶ୍ନ ପଚାରିବା—ସେମାନେ କାହିଁକି ଲେଖୁଛନ୍ତି ? ସବୁ ଜ୍ଞାନୀ ପଣ୍ଡିତ ସ୍ରଷ୍ଟା ହୋଇପାରିବେ, ଏ ଆଶା ରଖିବା ସମୀଚୀନ ନୁହେଁ । ଏହି ମହାନ୍ ଶକ୍ତି ସେମାନଙ୍କ ମନରେ କେମିତି ଅଙ୍କୁରିତ ହେଲା । ସେମାନେ କାହିଁକି କଲମ ଚଲାଇ ଆମ ଭାଷା ସାହିତ୍ୟକୁ ସମୃଦ୍ଧ କଲେ ?

ଏ ପ୍ରଶ୍ନ ମୋ ମନ ଭିତରେ ଗୁପ୍ତ ଅବସ୍ଥାରୁ ବହୁଥର ଉଙ୍କି ମାରିଛି । ମୁଁ ବହୁବାର ପ୍ରଶ୍ନ କରିଛି, ମନବୋଧ ହେଲାପରି ଉତ୍ତର ପାଇନାହିଁ । ଜିଜ୍ଞାସୁ ମନ ଆହୁରି ସନ୍ଧାନ କରିଛି । ଯେଉଁଠି ଇଚ୍ଛାଶକ୍ତି ପ୍ରବଳ ଥାଏ ସେଇଠି ପଥ ଉନ୍ମୁକ୍ତ ହୋଇଯାଏ ।

ସୌଭାଗ୍ୟକ୍ରମେ 'ତଗର' ପରିବାର ସହିତ ମୋର ସଂପର୍କ ଘନିଷ୍ଠ ହେଲା । ଏ କାଳର ଶ୍ରେଷ୍ଠ ପଥପ୍ରଦର୍ଶକ, କାଳଜୟୀ ସ୍ରଷ୍ଟା, ମଣିଷ ମନ ଓ ହୃଦୟକୁ ଚିହ୍ନିବାରେ ଜଣେ ସଫଳ ବ୍ୟକ୍ତି ମନୀଷୀ ଗୁରୁ ଫଟୁରାନନ୍ଦ । ଫଟୁରାନନ୍ଦ ଅନ୍ଧାରରେ ରହିଯାଇ ମୋତେ ଆଲୋକବର୍ତ୍ତିକା ଧରାଇ ଦେଲେ । ମୋ ପ୍ରଶ୍ନର

Digitized by srujanika@gmail.com

ଉତ୍ତର ପାଇଁ ସେ 'ଡଗର'ର ପୃଷ୍ଠାସବୁ ଖୋଲିଦେଲେ । 'ଡଗର' ପତ୍ରିକାରେ ୧୯୬୦-୬୧ ମସିହାରେ କେତେଜଣ ସୁପ୍ରତିଷ୍ଠିତ ଲେଖକ "ମୁଁ କାହିଁକି ଲେଖେ" ଶିରୋନାମାରେ ନିଜ ନିଜର ଅଭିବ୍ୟକ୍ତି ପ୍ରଦାନ କରିଛନ୍ତି । ପଢ଼ିଲି—ଆତ୍ମସନ୍ତୋଷ ଲାଭ କଲି । ଚିନ୍ତା କଲି ଏହିଭଳି ପ୍ରଶ୍ନ ମୋ ଭଳି ବହୁ ବନ୍ଧୁଙ୍କ ମନରେ ତରଙ୍ଗାୟିତ ହେଉଥିବ । ଏହିଭଳି ଲେଖାସବୁକୁ ଏକାଠି କରି ବହିଟିଏ କଲେ କେମିତି ହୁଅନ୍ତା । ପଚାରିଲି—ପୂଜ୍ୟ ଫତୁରାନନ୍ଦଙ୍କୁ । ପୁଣି ସେହି ପ୍ରେରଣା ଉତ୍ସାହ ମୋତେ ମିଳିଲା । ଓଡ଼ିଆ ଭାଷାସାହିତ୍ୟର ସାଂପ୍ରତିକ ଯୁଗର ବିଶିଷ୍ଟ ସ୍ରଷ୍ଟା ସେମାନେ କାହିଁକି ଲେଖନ୍ତି—ଏ ସଂପର୍କରେ ସେମାନଙ୍କର ହୃଦୟର କଥା ଏହି ପୁସ୍ତକରେ ସଂଯୋଜିତ ହୋଇଛି । ଏଥିପାଇଁ ବହୁ ସ୍ରଷ୍ଟାଙ୍କୁ ଅନୁରୋଧ କରିଥିଲି ।

ବିଶିଷ୍ଟ କଥାକାର ଶ୍ରୀଯୁକ୍ତ ମନୋଜ ଦାସଙ୍କୁ 'ସେ କାହିଁକି ଲେଖନ୍ତି' ପ୍ରଶ୍ନ ପଚାରି ଉତ୍ତର ଲୋଡ଼ିଥିଲି— । ସେ ତାଙ୍କ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ପରିଚୟ ଦେଇ କହିଲେ—ଏହି ପ୍ରଶ୍ନର ଉତ୍ତର ନ ମିଳିବା ଭଲ—ଏହା ପୁଣି ରହସ୍ୟାବୃତ ହୋଇ ରହୁ । ପାଠକମାନଙ୍କ ମନରେ ଏହାର ସନ୍ଧାନ ପାଇଁ ସେହି ବ୍ୟାକୁଳତା ରହିଥାଉ । ଶ୍ରୀଯୁକ୍ତ ଦାସଙ୍କ ଭାଷାରେ, "ଏହି ବିଷୟ ଉପରେ ଲେଖିବା ପାଇଁ ପୂର୍ବରୁ ଯେତେଥର ଚେଷ୍ଟା କରିଛି (ଅନ୍ୟ ସଂପାଦକମାନଙ୍କ ତାଗିଦରେ) ସଫଳ ହୋଇନାହିଁ । ଜଣେ କାହିଁକି ଲେଖେ ସେ କଥା ପ୍ରକାଶ କରିବା; ଜଣେ କାହିଁକି ପ୍ରେମ କରେ ସେ ପ୍ରଶ୍ନର ଉତ୍ତର ଭଳି ଅସମ୍ଭବ ବ୍ୟାପାର । ଏକଥା ବାସ୍ତବିକ କହିଦେଇ ହେବନାହିଁ । ଏହା ରହସ୍ୟମୟ ହୋଇ ରହିବା ହିଁ ଭଲ । ମୋର ଯାହା ଦୃଢ଼ଧାରଣା ଆପଣଙ୍କୁ ନିଷ୍କପଟରେ ଜଣାଇଲି ।"

ଏହି ପୁସ୍ତକରେ ପ୍ରକାଶିତ ଲେଖାଗୁଡ଼ିକର ସ୍ରଷ୍ଟାମାନେ ନିଜନିଜ ହୃଦୟର କଥା କେବଳ ଲିପିବଦ୍ଧ କଲେ ନାହିଁ ପରନ୍ତୁ ଉତ୍ତର ପୁରୁଷଙ୍କ ପାଇଁ ସୃଷ୍ଟି କରିଗଲେ ଏକ ନୂଆ ଇତିହାସ ବୋଲି କହିଲେ ଭୁଲ ହେବନାହିଁ । ଏଥିରେ ପ୍ରକାଶ ପାଇଥିବା କେତୋଟି ଲେଖା 'ଡଗର', 'ଝଙ୍କାର', 'ନବରବି', 'ସମାବେଶ', 'ଗୋଧୂଳି ଲଗ୍ନ', ପ୍ରଭୃତି ପତ୍ରିକାରୁ ସଂଗୃହୀତ ହୋଇଥିବାରୁ ସେହି ପତ୍ରିକାର ସଂପାଦକ, ଲେଖକ ଓ ଲେଖକଙ୍କ ଉତ୍ତରାଧିକାରୀମାନେ ପ୍ରକାଶନ ପାଇଁ ସ୍ୱୀକୃତି ଦେଇଥିବାରୁ ଏହି ଅବସରରେ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି ।

ବହିଟିକୁ ସର୍ବାଙ୍ଗ ସୁନ୍ଦର କରିବାରେ ପ୍ରାଧ୍ୟାପକ ଡକ୍ଟର ଅସିତ କବି, ସେକ୍ ମତଲୁବ ଅଲି, ଅଧ୍ୟାପକ ଶ୍ୟାମସୁନ୍ଦର ମିଶ୍ର, ମୁରାରି ମୋହନ ଜେନା, ଅଧ୍ୟାପକ ବୈଷ୍ଣବ ଚରଣ ସାମଲ, ଅଧ୍ୟାପକ କୁଳମଣି ଜେନା,

Digitized by srujanika@gmail.com

ଅଧ୍ୟାପକ ଡକ୍ଟର ବାଉରୀବନ୍ଧୁ କର ଓ ଅର୍ଜୁନ ଦାଶଙ୍କ ମୂଲ୍ୟବାନ ପରାମର୍ଶ ଏଠାରେ ସ୍ମରଣୀୟ । ସେଥିପାଇଁ ମୁଁ ସେମାନଙ୍କ ନିକଟରେ ଚରଋଣୀ ।

ଏ ପୁସ୍ତକ ପାଇଁ ଯେଉଁମାନେ ମୋ ସହିତ ସାମିଲ ହୋଇ ଦେହରୁ ଝାଳ ବୁହାଇଛନ୍ତି, ସେମାନେ ହେଲେ ବନ୍ଧୁ ଅଶୋକ କୁମାର ଦାସବାବୁ, ଶରତଚନ୍ଦ୍ର ପ୍ରଧାନ ଓ ବନ୍ଧୂ୍ୟନ୍ତ୍ ମଞ୍ଜୁଶ୍ରୀ ପ୍ରଧାନ । ସେଥିପାଇଁ ବନ୍ଧୁତ୍ୱପୂର୍ଣ୍ଣ ସଦିଚ୍ଛା ଜ୍ଞାପନ କରୁଛି ।

ଶ୍ରୀ ରଘୁନାଥ ମହାପାତ୍ର, ସଂପାଦକ କଟକ ଲେଖକ ସହଯୋଗ ସମିତି ଲିଃ ଙ୍କ ଉଦ୍ୟମରେ ସବୁପ୍ରକାର ଚେଷ୍ଟା ସଫଳ ରୂପ ନେଲା । ଏଥିପାଇଁ ଶ୍ରୀ ମହାପାତ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଫତୁରାନନ୍ଦଙ୍କ ଜନ୍ମ ତାରିଖ ୧ ଜୁନ, ୧୯୧୫, କିନ୍ତୁ ମୁଦ୍ରଣ ତ୍ରୁଟି ଯୋଗୁ ଏହା ୧ ଜୁଲାଇ ୧୯୧୫ ହୋଇଛି—ସେଥିପାଇଁ କ୍ଷମା ମାଗି ନେଉଛି ।

ପରିଶେଷରେ ଏ ବହିରେ ଯଦି କିଛି ଦୋଷ ତ୍ରୁଟି ରହିଥାଏ ସେ ସବୁ ବ୍ୟକ୍ତିଗତ ଭାବେ ମୋର—କିନ୍ତୁ ଯଦି ଗୌରବ ଥାଏ—ତେବେ ଏ ପୁସ୍ତକର ଲେଖକମାନଙ୍କର········ ।

ଓଗର
ପିଠାପୁର, କଟକ-୧

ବିଜୟାନନ୍ଦ ସିଂହ
ଶ୍ରୀଗୁଣ୍ଡିଚା, ୧୯୮୪

Digitized by srujanika@gmail.com

ସୂଚୀ

●

ଗୋଦାବରୀଶ ମିଶ୍ର	୧
ଲକ୍ଷ୍ମୀକାନ୍ତ ମହାପାତ୍ର	୭
ଅଶ୍ୱିନୀ କୁମାର ଘୋଷ	୧୫
କୃଷ୍ଣପ୍ରସାଦ ବସୁ	୧୮
କାଳୀଚରଣ ପଟ୍ଟନାୟକ	୨୫
ହରେକୃଷ୍ଣ ମହତାବ	୩୨
କାଳନ୍ଦୀଚରଣ ପାଣିଗ୍ରାହୀ	୩୭
ଦେବହୂତି ଦେବୀ	୪୪
ସରଳା ଦେବୀ	୪୮
କାହ୍ନୁଚରଣ ମହାନ୍ତି	୫୭
ମାୟାଧର ମାନସିଂହ	୬୦
ରାଧାମୋହନ ଗଡ଼ନାୟକ	୬୯
ନିତ୍ୟାନନ୍ଦ ମହାପାତ୍ର	୭୩
ପ୍ରାଣକୃଷ୍ଣ ସାମଲ	୮୧
କୁଞ୍ଜବିହାରୀ ଦାଶ	୮୭
ଗୋପିନାଥ ମହାନ୍ତି	୯୫
ରାଜକିଶୋର ରାୟ	୧୦୪
ଫତୁରାନନ୍ଦ	୧୧୦
ଗୋପାଳ ଛୋଟରାୟ	୧୧୭
ଚନ୍ଦ୍ରମଣି ଦାସ	୧୨୭
ସଚ୍ଚିଦାନନ୍ଦ ରାଉତରାୟ	୧୩୨
ରାଜକିଶୋର ପଟ୍ଟନାୟକ	୧୩୯
ଲକ୍ଷ୍ମୀନାରାୟଣ ମହାନ୍ତି	୧୪୨
ମନୋରଞ୍ଜନ ଦାସ	୧୪୭
ସୁରେନ୍ଦ୍ର ମହାନ୍ତି	୧୫୮
ଚିତ୍ତରଞ୍ଜନ ଦାସ	୧୬୨
ମହାପାତ୍ର ନୀଳମଣି ସାହୁ	୧୬୮
ଅଖିଳ ମୋହନ ପଟ୍ଟନାୟକ	୧୮୧
ଚନ୍ଦ୍ରଶେଖର ରଥ	୧୯୦

Digitized by srujanika@gmail.com

ଗୋଦାବରୀଶ ମିଶ୍ର

●

ଗୋଦାବରୀଶ ମିଶ୍ର

ଜନ୍ମ—୨୬ ଅକ୍ଟୋବର ୧୮୮୬,

ଜନ୍ମସ୍ଥାନ—ଶ୍ରୀନିବାସପୁର, ବାଣପୁର, ପୁରୀ

ପିତା—ଲକ୍ଷ୍ମୀଧର ମିଶ୍ର

ମାତା—ଅପର୍ଣ୍ଣା ଦେବୀ

ମୃତ୍ୟୁ—୨୬ ଜୁଲାଇ, ୧୯୫୬

ରଚିତ ପୁସ୍ତକ—

କବିତା—କିଶଳୟ, କଳିକା, ଗୀତାୟନ, ଆଲେଖିକା, ଚୟନିକା, ଗୀତଗୁଚ୍ଛ କବିତାୟନ, ଶିଶୁ କବିତା।

ନାଟକ—ପୁରୁଷୋତ୍ତମଦେବ, ମୁକୁନ୍ଦଦେବ।

ଉପନ୍ୟାସ—୧୮୧୭, ଅଠରଗଡ଼, କୋଣାର୍କ, ଘଟାନ୍ତର, ପୁଅଲିଘର, କଙ୍କାଳର ଆର୍ତ୍ତନାଦ (ପ୍ରଥମ ଓ ଦ୍ୱିତୀୟ ଭାଗ)

ଜୀବନୀଗ୍ରନ୍ଥ—ନେପୋଲିଅନ, ଦାସତ୍ୱମୋଚନ।

ଗଳ୍ପ—ପଞ୍ଚଶୀର,ଗଳ୍ପମାଳା।

ପାଠ୍ୟପୁସ୍ତକ—ପାଠପ୍ରବେଶ, ପାଠପ୍ରକାଶ, ପାଠମାଳା, ସାହିତ୍ୟପ୍ରଦୀପ, ସୁକୁମାରପାଠ, ପାଠସାଥି, ସ୍କୋର ଓଡ଼ିଆ ପାଠ,

ଶିଶୁସାହିତ୍ୟ—ମଧ୍ୟ-ଆମେରିକା, ପଶ୍ଚିମ ଗୋଲାର୍ଦ୍ଧ, ଅଷ୍ଟ୍ରେଲିଆ, ଉତ୍ତର ଆମେରିକା,ଦକ୍ଷିଣ ଆଫ୍ରିକା, ଗ୍ରେଟ୍ ବ୍ରିଟେନ, ପିଲଙ୍କ କାହିଁକି (୧ମ ଓ ୨ୟ ଭାଗ)

ଜୀବନ କାହାଣୀ—ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ-

English Books—

Middle School Essays & Letters,

Selected Poems,

Seeta,

Indian Folk Tales. □ □

Digitized by srujanika@gmail.com

ଶ୍ରଦ୍ଧେୟ ସମ୍ପାଦକ,

ତୁମ ସହିତ କଥାବାର୍ତ୍ତାରେ ମୁଁ ଯେବେ ବୁଝିଲି, ତୁମେ ମୋତେ ପଚାରିଲ, 'ଆପଣ କାହିଁକି ଲେଖନ୍ତି ?' ସେତେବେଳେ ମୁଁ ପ୍ରଶ୍ନଟି ଗ୍ରହଣ କରିନେଲି ଏବଂ ଉତ୍ତର ଦେବାକୁ ସ୍ୱୀକୃତ ମଧ୍ୟ ଜଣାଇଲି । କିନ୍ତୁ କଲମ ଧରି ଉତ୍ତର ଲେଖିବସିବା ବେଳକୁ ଭାବୁଛି, ମୋ ଉତ୍ତର ତ ଯାହାହେବ, ତୁମ ପ୍ରଶ୍ନଟି ଭୁଲ । 'ଆପଣ କାହିଁକି ନ ଲେଖନ୍ତି ? ଏହି ପ୍ରଶ୍ନଟି ପଚାରିଥିଲେ ଠିକ୍ ହୋଇଥାନ୍ତା । କାରଣ, ମୁଁ ପ୍ରକୃତରେ ଲେଖକ ମଧ୍ୟରେ ଗଣ୍ୟ ନୁହେଁ । ଲେଖାରେ ପ୍ରକାଶ କରିବା ନିମନ୍ତେ ଆଗରେ ବହୁ ବିଷୟବସ୍ତୁ ରହିଥିଲେ ସୁଦ୍ଧା, ମୁଁ ଲେଖେ ନାହିଁ । ଲେଖି ନ ପାରିବା ହିଁ ତା ମୂଳରେ । ମନକୁ ବିସ୍ତର ଧାରଣା ଆସେ, କିନ୍ତୁ ତାହା ଲିପିବଦ୍ଧ କରିବାକୁ ମୋତେ ଭାଷା ମିଳେ ନାହିଁ । ଲେଖିବସିବା ବେଳକୁ ଆଖି ବାଡ଼ରେ ବଲୁଆ ପଶି ଯେପରି ହୁଏ, ମୋତେ ସେହିପରି ଲାଗିଯାଏ । ଯୌବନରେ ଲେଖିବା ଅଭ୍ୟାସ ମୁଁ ଯାହା କରିଥିଲି, ଯୌବନ ସହିତ ତାହା ଚାଲିଗଲା ।

ପ୍ରାୟ କୋଡ଼ିଏ ବର୍ଷ ତଳେ, ପାଟଣାରେ ତୁମରି ଜଣେ ଆତ୍ମୀୟ ଥରେ ଅକସ୍ମାତ ମୋତେ ପଚାରିଲେ, 'ଆପଣ ଆଜିକାଲି ଆଉ କାହିଁକି ଲେଖୁନାହାନ୍ତି ?' ମୁଁ ଉତ୍ତର ଦେଲି 'ଲେଖୁଛି ତ' । ସେ ବିସ୍ମିତ ହେଲେ । ତାଙ୍କ ମୁଖଭଙ୍ଗୀ ଦେଖି ମୁଁ ବୁଝିଲି, ସେ ଆଉ କ'ଣ ପଚାରିବାକୁ ଭାଷା ଖୋଜୁଛନ୍ତି । ତାଙ୍କୁ ସେପରି ଏକ ଅବସ୍ଥାରୁ ଉଦ୍ଧାର କରିବା ସକାଶେ ମୁଁ କହି ବସିଲି, ଲେଖୁଛି—ଏହି ମାସକ ଭିତରେ ଦୁଇଟା ଲେଖିଛି । ତାଙ୍କ ବିସ୍ମୟର ମାତ୍ରା ଆହୁରି ବଢ଼ିବାର ଦେଖି ମୁଁ କଥା ସହିତ କଥା ମିଳାଇ କହିଲି, ଆଶ୍ଚର୍ଯ୍ୟ ହୁଅନାହିଁ, ଗୋଟାକର ମୂଲ୍ୟ ତିନି ଶହ ଟଙ୍କା, ଅନ୍ୟଟାର ଆହୁରି ବେଶି—ଚାରି ଶହ ।

ଶୁଣାଯାଏ, ଇଂରେଜ କବି ସମ୍ରାଟ ମିଲଟନଙ୍କ ଅମର କାବ୍ୟ 'ପାରାଡ଼ାଇଜ ଲଷ୍ଟ'ର ପାଣ୍ଡୁଲିପି ପନ୍ଦର ଶହ ଟଙ୍କାରେ ବିକ୍ରୀ ହୋଇଥିଲା । ବନ୍ଧୁ ତାହା ଜାଣିଥିବାରୁ ଭାବିଲେ ମୋର ଦୁଇଗୋଟି ଲେଖା କୌଣସି ପ୍ରକାଶକ ସାତ ଶହ ଟଙ୍କାରେ କିଣି ନେଇଛନ୍ତି । କିନ୍ତୁ ମୋର ସେଇ ଦୁଇଗୋଟି ଲେଖା ଦୁଇଟି ହ୍ୟାଣ୍ଡନୋଟ ମାତ୍ର । ତେବେ ସେ ଋଣ ପରିଶୋଧ କରିବା ନିମନ୍ତେ ମୋତେ ବାଧ୍ୟବାଧକତାରେ ପୁନରାୟ ସରସ୍ୱତୀଙ୍କ ଆଶ୍ରୟ ନେବାକୁ ହେଲା । ଏଥର ମୁଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ପାଠ୍ୟପୁସ୍ତକ ଲେଖିବାକୁ ଆରମ୍ଭ କଲି । ତାହା ଗଞ୍ଜାମ ଜିଲ୍ଲାରେ ଚାଲିଲା । ପ୍ରକାଶକ, ମୋତେ ଛପା ପୃଷ୍ଠାକୁ ଦୁଇ ଟଙ୍କା ହିସାବରେ

Digitized by srujanika@gmail.com

ମୂଲ୍ୟ ଦେଇ ତାର ସ୍ୱତ୍ୱ ଯାବତ ଚନ୍ଦ୍ରାର୍କେ କିଣିନେଲେ । ତା ପୂର୍ବରୁ ଅର୍ଥାଭାବରେ କେତେକ କାଳ ମୋତେ ଅନଶନ ବା ଅର୍ଦ୍ଧ ଅନଶନରେ କଟାଇବାକୁ ହୋଇଥିଲା । କେବେକେବେ କେବଳ ପୋଡ଼ା ପାଚିଲା ତାଳ ଖାଇ କାଳ କଟାଇ ଦେଉଥିଲି । ସୁତରାଂ ମୋ ଲେଖା ଲାଗି ପ୍ରକାଶକଙ୍କର ଏ ପ୍ରକାର ମୂଲ୍ୟ ନିରୂପଣ ତାଙ୍କୁ ଓ ମତେ ଉଭୟଙ୍କୁ ବେଶ୍ ସୁହାଇଲା ।

ଏବେ ଦେଖୁଛି, କୌଣସି ଶିଶୁ ସାହିତ୍ୟପ୍ରେମୀ ବେଳେବେଳେ ଶିଶୁଙ୍କ ଉପଯୋଗୀ ଲେଖା ମୋତେ ମାଗନ୍ତି । ପାଠ୍ୟପୁସ୍ତକ ଲେଖକ ଭାବେ ପରିଚିତ ହୋଇଥିବା ଯୋଗେ ମୁଁ ଏ ସମ୍ମାନ ପାଉଛି କିନ୍ତୁ ଏ ସମ୍ମାନ ମୋର ୧୯୩୮ ମସିହାକୁ ଜନ୍ମି ନଥିଲା । ସେତେବେଳେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରିମଣ୍ଡଳର ଶାସନ । ମୁଁ ପୁଣି ବ୍ୟବସ୍ଥା ପରିଷଦ ସଦସ୍ୟ ଭାବରେ ସେହି ମନ୍ତ୍ରିମଣ୍ଡଳର ଜଣେ ପୃଷ୍ଠପୋଷକ । ସେତେବେଳେ ମୋର ଖଣ୍ଡିଏ ପାଠ୍ୟପୁସ୍ତକ ସରକାରଙ୍କଦ୍ୱାରା ନାମଞ୍ଜୁର ହୋଇଗଲା । ତାକୁ ପଢ଼ି ତା'ର ଉପଯୋଗିତା ବିଷୟରେ ମତାମତ ଦେଇଥିଲେ ଜଣେ କଂଗ୍ରେସର ବିଶିଷ୍ଟ ସହକର୍ମୀ । ସେ ନିଜ ମତ ଯେପରି ଭାବରେ ବ୍ୟକ୍ତ କରିଥିଲେ, ତାହା ଅବିକଳ ଉଦ୍ଧାର କଲେ ହେବ— "ଲେଖା ପ୍ରଣାଳୀରେ ସରସତାର ବିଶେଷ ଅଭାବ, ବର୍ଣ୍ଣାଶୁଦ୍ଧି ମଧ୍ୟ ଅନେକ ଅଛି ।'

ଆମ ଓଡ଼ିଶାରେ ଅନେକ ଲେଖନ୍ତି, ସେମାନଙ୍କ ମଧ୍ୟରୁ କେତେକ ଭଲ ମଧ୍ୟ ଲେଖିଥାନ୍ତି । ସରସ୍ୱତୀଙ୍କ ପ୍ରସାଦରେ ପେଟ ପୋଷିବା ସମ୍ଭବ ହେଉଥିଲେ, ଉଚ୍ଚ କୋଟିର ଲେଖକମାନେ, କିଏ ସରକାରୀ ଚାକିରୀରେ ମୁଣ୍ଡ ବିକନ୍ତେ ନାହିଁ, କିଏ ଓକିଲାତି ବ୍ୟବସାୟର ଆଶ୍ରୟ ନେଉ ନଥାନ୍ତେ, କିଏ ବା କାଠ କାରବାର ଆଡ଼କୁ ମନ ବଳାନ୍ତେ ନାହିଁ । କାହିଁକି ଲେଖନ୍ତି ବୋଲି ସେମାନଙ୍କୁ ପଚାରିଲେ, ସମସ୍ତେ ନିଶ୍ଚୟ ଏକ ସ୍ୱରରେ ଉତ୍ତର ଦେବେ, ଆମେ ହୃଦୟରେ ସରସ୍ୱତୀଙ୍କ ପ୍ରେରଣା ଅନୁଭବ କରୁ । ସେଇଥିପାଇଁ ଲେଖୁ । ମୁଁ ଏ ଉତ୍ତର ଦେଇ ପାରିବି ବୋଲି ମନେ କରୁ ନାହିଁ । ମୋର ଲେଖନୀ ଧାରଣ କରିବାର ଦୁଇଟି କାରଣ ଅଛି । ଗୋଟିଏ ପେଟ ପୋଷିବାର ପ୍ରୟାସ, ଅପରଟି କର୍ତ୍ତବ୍ୟର ଅନୁରୋଧ । ପେଟ ପୋଷିବାର ପ୍ରୟାସ, ପାଠ୍ୟ ପୁସ୍ତକ ଲେଖିବାକୁ ଡ଼ାକିଯାଉଛି । ସେ ପ୍ରୟାସ ଯେ ସର୍ବଦା ସାଫଲ୍ୟଲାଭ କରୁଛି, ତା ନୁହେଁ । ସେଥିରେ ଏକାଧିକ ଦୁର୍ଲଂଘ୍ୟ ବାଧା ଅତିକ୍ରମ କରିବାକୁ ପଡ଼େ । ସେଥିରୁ ଗୋଟିକର ଉଲ୍ଲେଖ ଉପରେ କରିଛି । ସବୁ ବାଧା ଲଙ୍ଘନ କରିସାରି ମଧ୍ୟ ଆଶାୟୀ ହୋଇ ରହିଁ ବସିବା ସମୟକୁ ପୁଣି ଏକ ନୈରାଶ୍ୟ ଆସି ଘୋଟିଯାଏ । କେତେକ ଲେଖକ ତା ପାଇଁ ଦାୟିତ୍ୱ ପ୍ରକାଶକଙ୍କ

Digitized by srujanika@gmail.com

ଉପରେ ପକାନ୍ତି । ମୋ ମନକୁ ସେ ଧାରଣା ଯାଇ ନଥିଲା । ଏବେ ଗତ ଦୁଇ ମାସ ମଧ୍ୟରେ ଜଣେ ପ୍ରକାଶକ ଅନ୍ୟ ଏକ ପ୍ରକାଶକଙ୍କ ସମ୍ପର୍କରେ ମୋର ସେହି ଧାରଣା ଜନ୍ମାଇବାକୁ ଚେଷ୍ଟା କରିଛନ୍ତି । ମଞ୍ଜିଟା ମାଟିତଳେ ଗଜାଇଲା ପରି ବୋଧ ହେଉଛି । ସମ୍ଭବତଃ ମାଟିରେ ପୋତା ହୋଇଥିବା ଯୋଗେ ସେପରି ହେଉଥିବ, ବାଲି ବା ଚୂନରେ ହୁଏତ ଫଳ ବିପରୀତ ହୋଇଥାନ୍ତା ।

ବର୍ତ୍ତମାନ କର୍ତ୍ତବ୍ୟର ଅନୁରୋଧ କଥା କହିବି । ସେ ଅନୁରୋଧ ମୁଁ ସର୍ବ ପ୍ରଥମେ ଅନୁଭବ କଲି ପ୍ରାୟ ଦଶ ବର୍ଷତଳେ ଓଡ଼ିଶାର ମନ୍ତ୍ରୀତ୍ୱ ଗ୍ରହଣ କରିବା ସମୟରେ । ସରକାରୀ ଫାଇଲମାନଙ୍କର କାଗଜ ପତ୍ରରେ ଲମ୍ବା ଲମ୍ବା ଲେଖା ସବୁ ଲେଖିଲି । ସରକାରୀ ଦପ୍ତରର ହାକିମମାନେ ତାହା ପସନ୍ଦ କରିନଥିବେ । କାରଣ, ତା ଯୋଗେ ସେମାନଙ୍କର ପୂର୍ବରୁ ପ୍ରକାଶିତ ମତ ଖଣ୍ଡିତ ହୋଇଯାଏ । ଏପରି ଘଟଣା ହୁଏତ ପଚିଶ ପଚାଶଟା ଘଟିଥିବ । କିନ୍ତୁ ଏହି ଘଟଣାଗୁଡ଼ିକ ଆସି ଉପରେ ପଡ଼ି ନଥିଲେ, ମୁଁ ନିଶ୍ଚୟ ସେ ସବୁ ଲମ୍ବା ଲେଖା ଲେଖି ନଥାନ୍ତି । ସାହିତ୍ୟ କ୍ଷେତ୍ରରେ ସେ ସବୁର କାଣିକାଏ ସୁଦ୍ଧା ମୂଲ୍ୟ ନାହିଁ । ତା ମୂଳରେ ରହିଥିଲା କର୍ତ୍ତବ୍ୟର ଅନୁରୋଧ ରକ୍ଷା ।

କିନ୍ତୁ ପ୍ରକୃତ ସାହିତ୍ୟିକ ପେଟ ପୋଷିବା କର୍ତ୍ତବ୍ୟ ପାଳନ କରିବା ନିମନ୍ତେ ଲେଖନ୍ତି ନାହିଁ । ଉଦ୍ଦେଶ୍ୟ ସାଧନ ଲାଗି ଲେଖା ଯାଇଥିବା ଲେଖାରେ ଅବଶ୍ୟ ପୃଥିବୀରେ ବଡ଼ ବଡ଼ କାମ ହୋଇଛି । ଫରାସୀ ରାଷ୍ଟ୍ରବିପ୍ଳବ ଓ ରୁଷିଆର ସ୍ୱାଧୀନତା ଲାଭ ସାମାନ୍ୟ ଘଟଣା ନୁହେଁ । ଏପରି ଶ୍ରେଷ୍ଠବଡ଼ ଘଟଣା ଇତିହାସ ବହୁତ ଲିପିବଦ୍ଧ କରିଛି । ସେ ସବୁ ପଛରେ ମନୀଷୀମାନଙ୍କର ଯେ ଉଦ୍‌ବୋଧନ ରହିଛି, ତାହା ଜଣା ଶୁଣା କଥା । ରୁଷୋ, ଭୋଲଟେୟାର, ଟଲ୍‌ଷ୍ଟୟ, ମହାତ୍ମାଗାନ୍ଧୀ ପ୍ରଭୃତି ଜନନାୟକବର୍ଗ ନିଜ ନିଜ ଲେଖା ବଳରେ ଦେଶର ସୁପ୍ତ ଜନସାଧାରଣଙ୍କୁ ଜାଗ୍ରତ କରିଛନ୍ତି ।

ସେମାନଙ୍କ ଲେଖନୀ ବଜ୍ରଠାରୁ ଶକ୍ତ । କିନ୍ତୁ ମାନବ ପ୍ରାଣର ସୂକ୍ଷ୍ମ ତନ୍ତ୍ରୀକୁ ସ୍ପନ୍ଦନ ଦେବା ଭଳି ଲେଖା ହେଉଛି ପ୍ରାଣର ଉଦ୍ଦେଶ୍ୟହୀନ ଭାଷା । ସେ ଲେଖା ସବୁ ଲେଖନୀରୁ ବାହାରେ ନାହିଁ । ଭାଷା ଯେତିକି ଉଦ୍ଦେଶ୍ୟ ବର୍ଜିତ ହେବ, ତାର ଶକ୍ତି ସେତିକି ବଢ଼ିବ ଓ ତାର ପ୍ରସାର ବାୟୁମଣ୍ଡଳର ଇଥର ସଦୃଶ ସେତିକି ସୁଦୂରଗାମୀ ହୋଇ ଉଠିବ । ସେହି ଭାଷା ହିଁ ବିଶ୍ୱଭାଷା ଓ ସେ ଭାଷାରେ ଲିଖିତ ସାହିତ୍ୟ ବିଶ୍ୱସାହିତ୍ୟ । ତାହା ଜାତି ଧର୍ମ ବା ଭୌଗୋଳିକ ବାଧା ବିଘ୍ନ ମାନି ଚଳିବାର ବସ୍ତୁ ନୁହେଁ । ସେ ଭାଷା ସବୁ ଲେଖନୀରୁ ଯେପରି ନିଃସୃତ ହୁଏ ନାହିଁ ।

Digitized by srujanika@gmail.com

ଏକ ଲେଖନୀରୁ ମଧ୍ୟ ସର୍ବଦା ବାହାରିବା ବିରଳ । ସେପରି ଭାଷାରେ ଲିଖିତ ସାହିତ୍ୟ ପଢ଼ିଲେ ମନ ଯେତିକି ଉନ୍ନତ ସୋପାନକୁ ଉଠେ, ନିଜେ ଲେଖିବାର ପ୍ରୟାସ ଜନ୍ମିଲେ ଅମୂର୍ଚ୍ଛିକ ମଧ୍ୟ ସେତିକି ଲାଗେ । ଲେଖନୀ ହାତରୁ ଖସିପଡ଼େ ।

ପାଠ୍ୟପୁସ୍ତକ ଛଡ଼ା, ମୁଁ ଯେ ପଦ୍ୟ, ଗଦ୍ୟ, ନାଟକ, ଉପନ୍ୟାସ ଶ୍ରେଷ୍ଠ ଗଳ୍ପ ଆଦି ନ ଲେଖିଛି, ତା ନୁହେଁ । କିନ୍ତୁ ଲେଖି ବସିବା ବେଳକୁ ମୋର ଗୋଟିଏ ପିଲାଦିନର ସ୍ମୃତି ମନକୁ ଆସେ । ମୋର ଜଣେ ସହପାଠୀ ଚିତ୍ରାଙ୍କନ ପରୀକ୍ଷାରେ ଗାଈର ଚିତ୍ର ଆଙ୍କିସାରି ଦେଖିଲେ ଯେ ତାହା ଗାଈ ପରି ଦିଶୁ ନାହିଁ । ତହୁଁ ଗୋଟାଏ ବୁଦ୍ଧି ତାଙ୍କୁ ଦିଶିଗଲା । ସେ ଚିତ୍ରତଳେ ଲେଖିଦେଲେ, ଏ ବିଲାତି ଗାଈ । ପରୀକ୍ଷକ ତାଙ୍କ ପାରଦର୍ଶିତା ତୁଳି ଯେଉଁ ମୂଲ୍ୟ ନିରୂପଣ କରି ବସାଇଥିଲେ, ତା ତଳେ ଲେଖିଥିଲେ 'ଏ ବିଲାତି ଆଳୁ' । ଆମ ସାହିତ୍ୟର କ୍ରମବିକାଶ ଗତିରେ ଆମ ପାଠକବର୍ଗ ସେହି ଚିତ୍ରାଙ୍କନ ପରୀକ୍ଷକଙ୍କ ସ୍ତରକୁ ବୋଧହୁଏ ଉଠି ନାହାନ୍ତି । ଫଳରେ ଧୂଆ ମୂଳା ଅଧୂଆମୂଳା ସମାନ ମୂଲ୍ୟରେ ବିକ୍ରୀ ହେଉଛି । ନୋହିଲେ ବହୁ ଲେଖାର ମୂଲ୍ୟ ପାଠକସମାଜ ବିଲାତି ଆଳୁରେ ନିରୂପଣ କରନ୍ତେ । ମୁଁ ଯେ ଲେଖେ ତାର କାରଣ କହୁଛି । ମୁଁ ଯେ ଲେଖେ ନାହିଁ, ତାର ଏହାହିଁ କାରଣ । ଇଂରେଜୀ ଭାଷାରେ ଗୋଟିଏ ପ୍ରବଚନ ଅଛି, ତାର ଓଡ଼ିଆ ଅର୍ଥ ହେବ ସ୍ୱୟଂ ଦେବଦୂତ ଯେଉଁଠାରେ ପାଦ ପକାଇବାକୁ ଡରିବେ, ମୂଢ଼ ସେଠାକୁ ନିରାଲମ୍ବରେ ମାଡ଼ି ଆସନ୍ତି । ମୋ ଭଳି ଅନେକ ଲେଖକଙ୍କୁ ଭାବୀ ବଂଶଧରମାନେ ନିରାଲମ୍ବରେ ମାଡ଼ି ଯାଇଥିବା ତାଲିକାରେ ପକାଇବେ ସିନା । ତେଣୁ ହୃଦୟର ବେଦନା ହୃଦରେ ମାରି ରହିବା ସିନା, ଭଲ ଲେଖନୀ ଧରି ତାକୁ ଭାଷାରେ ଚିତ୍ରିବାକୁ ବସିବା ନିରାପଦ ନୁହେଁ । □ □

(ଗୋଦାବରୀଶ ମିଶ୍ର "ଶ୍ରଦ୍ଧେୟ ସମ୍ପାଦକ" ଭାବେ 'ଡଗର' ପତ୍ରିକାର ସମ୍ପାଦକଙ୍କୁ ସମ୍ବୋଧନ କରି ଲେଖିଛନ୍ତି)

Digitized by srujanika@gmail.com

ଲକ୍ଷ୍ମୀକାନ୍ତ ମହାପାତ୍ର

●

ଲକ୍ଷ୍ମୀକାନ୍ତ ମହାପାତ୍ର

ଜନ୍ମ—୯ ଡିସେମ୍ବର ୧୮୮୮

ଜନ୍ମସ୍ଥାନ—କଟକ ସହର

ପିତା—ଚୌଧୁରୀ ଭଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର,

ମାତା—ରାଧାମଣିଦାସୀ,

ମୃତ୍ୟୁ—୨୪, ଫେବୃଆରୀ ୧୯୫୩,

ରଚିତ ପୁସ୍ତକ—

ଉପନ୍ୟାସ— କଣାମାମୁଁ, ଅସହଯୋଗୀର ଆତ୍ମକଥା,

ଗଳ୍ପ—ଦେହିପଦପଲ୍ଲବ ମୁଦାରମ୍,

ନାଟକ—ଲକ୍ଷ୍ମୀ ଚାଣ୍ଡାଳୁଣୀ, କାଳୀୟଦଳନ,

କବିତା—ଜୀବନ ସଙ୍ଗୀତ, ଜାତୀୟ ସଙ୍ଗୀତ, କଲ୍ଲୋଳ, ପାନମହାତ୍ମ୍ୟ, ବଡ଼ମହାତ୍ମ୍ୟ, ଅହିମଲ୍ଲୀଳା, ଭୂମାଶ୍ରୀ, ସୁନାପୁଅ ଧର୍ମସଙ୍ଗୀତ, ଜୀବଜନ୍ତୁ ବା ଚିଡ଼ିଆଖାନା, ପିଲଙ୍କକଥା, ସଙ୍ଗୀତ ରତ୍ନଫରୁଆ, ଦୁନ୍ଦୁଭି, କାଳୀୟ ଦଳନ ।

ଟୀକା—ଚଟକ ଚନ୍ଦ୍ରହାସ ଚମ୍ପୂ

କାନ୍ତସାହିତ୍ୟମାଳା ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ପ୍ରକାଶିତ ହୋଇଛି । □ □

Digitized by srujanika@gmail.com

'ମୁଁ କାହିଁକି ଲେଖେଁ ?' ଏ ପ୍ରଶ୍ନର ଉତ୍ତର ଯେତିକି ସରଳ, ସେତିକି ଅଡୁଆ । ପଦେ କଥାରେ ଛିଡ଼ି ଯାଆନ୍ତା—ମୋ ମନ ଧାଏ, ମୁଁ ଲେଖେଁ । କିନ୍ତୁ ଏତିକିରେ କାହାର ମନ ମାନିବ ନାହିଁ । ତେଣୁ କଥାଟାକୁ ଟିକିଏ ବଢ଼ୁରେଇ, ଚକଟେଇ, ଫେଣେଇ ଲେଖିବାକୁ ପଡ଼ୁଛି ।

ହଉ, ଯାହା ଆସୁଛି ଲେଖି ଯାଉଛି—ନିଜ ଅନୁଭୂତିରୁ, ସବୁବେଳେ ଯେ ଆପଣା ମନ ଇଚ୍ଛାରେ ଅର୍ଥାତ୍ ପ୍ରେରଣା ବଳରେ ଲେଖେଁ, ତାହା ନୁହେଁ । ଲୋକଙ୍କ ଅନୁରୋଧ, ଉପରୋଧ ରକ୍ଷିବାକୁ ଯାଇ ବହୁତ ବରାଦି ଲେଖା ଲେଖିବାକୁ ପଡ଼େ । ପହିଲୁ ପହିଲୁ କେହି ଚେକଟାଏ ପକାଇଲେ ମନଟା ଫୁଲି ଉଠୁଥିଲା । ଲେଖି ଦେଉଥିଲି । ତା ପରେ ଲେଖକ ତଳେ ନାଆଁ ପଡ଼ିଲା ଦିନଠୁ ଏ ବରାଦର ଅନ୍ତ ନାହିଁ । ଅସୁମାରି ଫରମାସ, ସଭାଗୀତ, ବାହାଘର ଗୀତ, ସମ୍ପାଦକଙ୍କ ପାଇଁ କବିତା; ପ୍ରବନ୍ଧ, ଗଳ୍ପ, ଏପରିକି ଆବେଦନ ପତ୍ର ମାନପତ୍ର ଏହିପରି କେତେ କ'ଣ ? ଏହାଛଡ଼ା ଲେଖା ସଂଶୋଧନ କରିବା କାମ । ମୋହବତ୍ ରକ୍ଷାକରି ନ ପାରିଲେ ବନ୍ଧୁବାନ୍ଧବ ମନ ଆମ୍ବିଳା କରିବେ, ମୁହଁ ପୋଡ଼ କରିବେ । ସେତିକି ନୁହେଁ—କିଏ ପୁଣି କୁଟା ଛିଣ୍ଡାଇ ଦେବେ । କିଏ ବା ନିନ୍ଦା ଗାଇ ବୁଲିବେ । ମନ ଯୋଗି ନ ପାରିଲେ ପୁଣି ଗାଳି । ଏଥିପାଇଁ ଅନେକ ସମୟରେ ମନ ଓ ମୂନକୁ ଟାଣି ଓଟାରି ଏକ କରିବାକୁ ପଡ଼େ ବାଧ୍ୟ ହୋଇ ।

ଏ ଗଲା ଫରମାସି ଲେଖାର କଥା । ମୁଁ ଆପେ କାହିଁକି ଲେଖେ । ସେ କଥା କହୁଛି । କହିଲି ଭଲା—ପ୍ରସୂତି କାହିଁକି ପିଲା ଜନ୍ମ କରେ । ସେହିପରି ଗୋଟାଏ ଭାବ ଯେତେବେଳେ ପେଟ ଭିତରେ ମୁଣ୍ଡିଆ ମାରି ମନ୍ଥି ପକାଏ ତାକୁ ଖଲାସ୍ ନ କରି ରହି ହେବ କି ? ଗୋଟାଏ ରୂପରେଖ ଦେଇ ପ୍ରକାଶ ନ କରିବା-ଯାକେ ଗୁଡ଼ ଭିତର ଇମିତି ଆଉଟି ହୁଏ ଯେ ଆହାର ନିଦ୍ରା ବି ବନ୍ଦ ହୋଇଯାଏ । କୌଣସିମତେ କାଢ଼ି ନ ପକାଇ ନିସ୍ତାର ନାହିଁ । ତା ପରେ କି ନିଃଶ୍ୱାସ-କି ଆରାମ । ସେତିକି ପାଇଁ ଏତେ ଘାଣ୍ଟି ଚକଟି ହେବା—ଏତେ ଦୁଃଖ ସହିବା । ଏତିକି ବେଳେ ମନେ ପଡ଼େ—there is a pleasure in poetic pains which none but poets know.

ଲେଖକ ମାନଙ୍କେ ଏକଥା କହିବେ । ମୁଁ ଜାଣେ ଏହି ଆନନ୍ଦଟିକ ଲେଖକ ବା କବିର ମଜୁରି । ଆଉ ଯଶ କହ, ମନ କହ, ଅର୍ଥ କହ, ପ୍ରଶଂସା କହ ସେ ଗୁଡ଼ାକ ଉପୁରିପାଉଣା । ଭାଗ୍ୟ ଯୋଗ ଫଳ, କାହା ଭାଗ୍ୟରେ ସୁନା ମୁଣ୍ଡା, କାହା

Digitized by srujanika@gmail.com

ଭାଗ୍ୟରେ ଖୁଦକୁଣ୍ଡା ! ଅଶାନ୍ତି ଓ ଅର୍ଥାଭାବ ଲେଖାର ବଡ଼ ପ୍ରତିବନ୍ଧକ । ଲେଖା-ଦ୍ୱାରା ଅର୍ଥୋପାର୍ଜନ ଲେଖକକୁ ବହୁତ ଉତ୍ସାହ ଓ ଉଦ୍ଦୀପନା ଦିଏ । ମାତ୍ର ଓଡ଼ିଶାରେ ସାହିତ୍ୟ ଲେଖି ପଇସା କମାଇବା ବା ପେଟ ପୋଷିବାର ବେଳ ତ ଏ ଯାଏ ଆସିନାହିଁ । ପୁଣି କେବେ ଆସିବ କି ନାହିଁ କିଏ ଜାଣେ ।

ମୋ ମନ ହୁଏ, ଲେଖିବା ଖସଲତଟା ଗୋଟାଏ ବେମାରିଗଲୁ ରୋଗ ବା କଣ୍ଡୁ ରୋଗ । କୁଣ୍ଡାଇ ହେବାର କିଛି ଗୋଟାଏ କାରଣ ନଥାଏ କି ବେଳକାଳ ନଥାଏ । ଖଣ୍ଡିଆ ଭୂତ ପରି କୁଣ୍ଡିଆଭୂତର ଯେତେବେଳେ ବିକ୍ରମ ବାହାରେ, ମସ୍ତିଷ୍କକୁ ଆକ୍ରାନ୍ତ କରି ବାଉଳା କରିପକାଏ ତାର ବଖାରିକାରେ । ଚୁପ୍‌ ହୋଇ ସେ ଅସ୍ତ୍ର ଧରି ରହି ପାରେନା । ସେହିପରି ଲେଖିବା ବାଇ ଅକଡ଼ ଦେଲେ କଲମ ଧରି ଗୁଡ଼ାଏ ଗାର୍ମି ନ ଘକାଇବା ଯାକେ ଗତ୍ୟନ୍ତର ନାହିଁ । ମୋ କଥା ମୁଁ କହୁଛି-ମୁଁ ଏଇଥି ପାଇଁ ଲେଖେଁ । ଏଇ ଆତ୍ମତୃପ୍ତି ପାଇବା ମୋ ଲେଖାର ପ୍ରଧାନ ଉଦ୍ଦେଶ୍ୟ ।

ମୋ ଲେଖାଟା କିମିତି ଭଲ ହେବ, ପାଞ୍ଚ ଜଣଙ୍କ ମନକୁ ଛୁଇଁବ, ଏଥିକୁ ଭିତରେ ଭିତରେ କଦା ରହିଥାଏ ନିବଡ଼ ଭାବରେ । ଯେ ଯାହା ନିଜ ହାତରେ ଗଢ଼େ, ତାହା କିପରି ନିଖୁଣ ହେବ, ସୁନ୍ଦର ହେବ ଏହା କିଏ ନ ଚାହେଁ । କାରିଗର ଯାହା ସୃଷ୍ଟି କରେ, ତାର ସମସ୍ତ ଶକ୍ତି ଖରଚ କରି ମନ ପ୍ରାଣ ଲଗାଇ ତାକୁ କୃତିକମ ମନୋରମ କରି ଗଢ଼ିବାକୁ ଯତ୍ନ କରେ । ସ୍ୱୟଂ ଭଗବାନ ବି ଏହା କରିଥାନ୍ତି । ବଢ଼େଇ କହ, କମାର କହ, କୁମ୍ଭାର କହ, ଚିତ୍ରକର କହ, ଦରଜୀ କହ, ମୋଚି କହ କିଏ ତାର ଜିନିଷକୁ ସରସ କରି ବନେଇବାକୁ ଚେଷ୍ଟା ନକରେ ସାଧ୍ୟାନୁସାରେ-ନିଜର ବୁଦ୍ଧି ବିବେକ ଓ ରୁଚି ହିସାବରେ । ଯେଉଁଟା ବେଢାଗିଆ ବା ବେଢଙ୍ଗିଆ ହୋଇପଡ଼େ, ତାକୁ ସେ ଫୋପାଡ଼ି ଦିଏ । ମୋର ଯେଉଁ ଲେଖାଟାକୁ ମନ ନମାନେ, ମୁଁ ବି ତାକୁ ନଷ୍ଟ କରି ଦେଇଥାଏ । ମନେ-ହେଉଛି ଏପରି ଲେଖାର ସଂଖ୍ୟା କେଜାଣି କେତେ । ଏହିପରି କସରତ କରି କେତେ ବର୍ଣ୍ଣି ବସିଥିବ ହାତରେ, ତାହା କିଏ କହିବ—କେତେ କଲମ କୁନ୍ଥା ହୋଇଥିବ କିଏ ଜାଣିବ ।

ଭାବକୁ କାଳି କଲମରେ ରୂପରେଖ ଦେବା ପୂର୍ବରୁ ତାର ଗୋଟିଏ ଛାୟାରୂପ ମନଶ୍ଚକ୍ଷୁ ଆଗରେ ନାଚ ନାଚ ଉଠେ । ଶବ୍ଦ, ଛନ୍ଦ ଇତ୍ୟାଦି ଯୋଖୁ ଯୋଖୁ କେଉଁଟା ହୋଇପଡ଼େ ଉଜ୍ଜ୍ୱଳ, ସିନେମାର ଫେଡ୍‌ଇନ ଆଉ କ୍ଲୋଜଅପ୍ ପରି, ଆଉ କିଏ ବା ହେଡ୍‌ ଆଉଟ୍ ଭଳି ମଉଳି ଉଭେଇ ଯାଏ । କିଏ ବସ୍ତୁ ତିରି

Digitized by srujanika@gmail.com

ଅନ୍ଧାରରେ ହୋଇଯାଏ ଏକାବେଳେ ବିଲୀନ, ଆଉ କେଉଁଠା ବା ଭିତରେ ଭିତରେ ଗୁଣ୍ଡି ହୋଇ ରହିଯାଏ-ପୁଣି ସୁବିଧା ପାଇଲେ ବଢ଼େଇ ଉଠିବା ଅପେକ୍ଷାରେ। ଏହି ବଢ଼େଇବାରେ କପରି ଗୋଟାଏ ରସ ଅଛି। ସେ ରସରୁ ଝରେ ଏକ ପ୍ରକାର ମିଠା, ଯାହାର ହୁଏତ ଗୋଟାଏ ଜୀବନୀ ଶକ୍ତି ରହିଛି। ଏହି ରସ ଦେଇ ଲେଖକ ତାର ଲେଖାକୁ ରଙ୍ଗେଇ ଦିଏ। ସେଥିପାଇଁ ବୋଧହୁଏ ସବୁ ଲେଖାରେ ଲେଖକର ବ୍ୟକ୍ତିତ୍ୱର ଛାପ ରହିଯାଏ ସୂକ୍ଷ୍ମ ଭାବରେ।

ମାତ୍ର ମଣିଷର ଆତ୍ମପ୍ରକାଶନ ନିମନ୍ତେ ଗୋଟାଏ ଝୁଙ୍କ। ସତେ ଯେପରି ଗୋଟାଏ ନିଶା। ବାଉଳା କଲା ଭଳି ନିଶା। କିଏ ନିଜକୁ କି ଭାବରେ ପ୍ରକାଶ କରେ ତାର ଠିକଣା ନାହିଁ। କିଏ କର୍ମରେ କିଏ, କଥାରେ, କିଏ ବା ପିତୁଳା ଗଢ଼ି ଛବି କାଟି ଗୀତ ଲେଖି। ଆତ୍ମପ୍ରକାଶର ନାନାବାଗ ନାନା ଉପାୟ ରହିଛି। ସୃଷ୍ଟି କରିବା ମଣିଷର ପ୍ରକୃତିଗତ ଧର୍ମ। ଯାହାକୁ ଯେଉଁ ବାଟଟା ସୁବିଧା ବା ଅନୁକୂଳ ସେ ସେହି ରାହା ଧରିନିଏ। ପ୍ରକୃତି ତାକୁ ସେହିଆଡ଼େ ନେଇଯାଏ ଟାଣି। ମଣିଷ ଅଣାୟତ୍ତ।

ମୁଁ କାହିଁକି ଲେଖେଁ? ଏ କଥା କହିବାକୁ ହେଲେ ମୁଁ କେମିତି ଲେଖିଲି, ସେହି କଥାର ଟିକିଏ ଆଭାସ ଦେବା ଦରକାର। ସେଥିରୁ ଅନେକ କଥା ପରିଷ୍କାର ହୋଇଯିବ।

ପିଲାବେଳେ ମୋର ଯାତ୍ରା ଦେଖିବାର ଭାରି ସଉକ ଥିଲା। ସବୁ ପିଲାଙ୍କର ଥାଏ। ମାତ୍ର ଦେଖିଛି, ବହୁତ ପିଲା ଅଳ୍ପକାଳ ଭିତରେ ନିଦେଇ ଯା'ନ୍ତି। ମୋତେ କିନ୍ତୁ ଯାତ୍ରା ଦେଖି ନିଦ ମାଡ଼ୁ ନଥିଲା। ଲୀଳାର କାହାଣୀଟା ପୂରା ଜାଣିବାର ଆଗ୍ରହ ବା କୌତୂହଳ ମୋତେ ଶୁଆଇ ଦିଏ ନାହିଁ। ଯାତ୍ରାରୁ ଯେତିକି ବୁଝିପାରେ ବା ଯେତିକି ମନେ ରଖିପାରେ ତହିଁରୁ ଗୋଟାଏ ମୋଟା ମୋଟି ଦିନ (Plot) ବନାଇ ନେଇ ମୁଁ ତହିଁ ଆରଦିନ ସ୍କୁଲ ଯିବା ବାଟରେ ଯାତ୍ରା ଗୀତକୁ ଅନୁକରଣ କରି ଆପେ ଆପେ ପଦ ପକାଇ ଗୀତ ବାନ୍ଧି ଗାଇ ଗାଇ ଚାଲେ। ବାଟ ଲମ୍ବ ଓ ନିର୍ଜନେଲା। ସୁବିଧା ହୁଏ।

ଟିକିଏ ବଡ଼ ହୋଇ ରାମାୟଣ, ମହାଭାରତ ପଢ଼ିଲି। ତାର କଥାବସ୍ତୁ ବିଶେଷତଃ ଯୁଦ୍ଧର ବର୍ଣ୍ଣନା ମୋତେ ଭାରି ଭଲ ଲାଗେ। ସମୟ ପାଇଲେ ସେପରି ପଦ ବାନ୍ଧି ଗୀତ ଗାଏ ମୁହେଁ ମୁହେଁ। ମୋତେ ଲାଗୁଛି ଏହାଦ୍ୱାରା ପିଲାବେଳରୁ ପଦ ପକାଇ ଗୀତ ବାନ୍ଧିବାର ଅଭ୍ୟାସ ଟିକିଏ ପଶି ମାଜି ହୋଇଯାଇଥିଲା ମୋର,

Digitized by srujanika@gmail.com

କିନ୍ତୁ ଏ ପ୍ରବୃତ୍ତିଟା କିପରି, କାହିଁକି ବା କେଉଁଠୁ ଆସିଲା ସେ କଥା ମୁଁ କହି ପାରିବି ନାହିଁ ।

ଚଉଦ ପନ୍ଦର ବୟସରେ ମୁଁ କଟକ କଲେଜିଏଟ୍‌ରେ ନାଆଁ ଲେଖାଇ କଲେଜ ହଷ୍ଟେଲରେ ରହିଲି । ସେତେବେଳେ କଲେଜ ଓ ସ୍କୁଲ ପିଲେ ଏକାଠି ରହୁଥିଲେ । ସେଠି ଦାସେ ଆପଣେ (ଗୋପବନ୍ଧୁ ଦାସ) ଓ ଶ୍ରୀ ଜଗନ୍ନାଥ ତ୍ରିପାଠୀ ଥାଆନ୍ତି । ସେମାନେ ପଢୁଥାଆନ୍ତି ବି: ଏ । ଦାସେ ଆପଣଙ୍କ ପହିଲୁ କବିତା ବହି 'ଅବକାଶ ଚିନ୍ତା' ଓ ତ୍ରିପାଠି ମହାଶୟଙ୍କର 'କବିତା ମାଳିକା' ଛପା ହୋଇ ବାହାରିଲା । ସେ ବହି ସମ୍ବନ୍ଧରେ ବଡ଼ବଡ଼ଙ୍କ ଭିତରେ ବହୁତ କଥାବାର୍ତ୍ତା ଚାଲିଲା । ମୁଁ ଶୁଣିଲି । ବହି ଦୁଇଖଣ୍ଡ ଲୁଚେଇକରି ପଢ଼ିଲି । କେତେ ବା ବୁଝିଲି, କେତେ ନ ବୁଝିଲି, କିନ୍ତୁ ଛପା ବହି ଓ ତାର ଲେଖକଙ୍କୁ ଆଖି ଆଗରେ ଦେଖିବା ଏଇ ମୋର ପ୍ରଥମ । ଛପା ବହି ଯେ ଲେଖନ୍ତି ସେ କି ଭଳିଆ ମୋର ଧାରଣା ନଥିଲା । କେଜାଣି କଣ ହୋଇଥିବେ ପରା ।

କାହିଁକି କେଜାଣି କବିତା ଲେଖିବା ପାଇଁ ମୋ ମନ ଖଳଖଳ ହେବାକୁ ଲାଗିଲା । ଲୁଚେଇ ଲୁଚେଇ ଲେଖିଲି କବିତା । ଦିନେ ପଡ଼ିଗଲି ଧରା । ଦାସେ ଆପଣେ ନଥିଲେ ମୋ ପିଠିରେ ଚାଲି ରହି ନଥାନ୍ତା । ଖାଲି ମେଧିକି ଲୁହେଁ- ଦାସେ ଆପଣଙ୍କଠାରୁ ବହୁତ ମୁହଁ ବି ପାଇଗଲି ସେ ଦିନ । ଦବି ନ ଯାଇ ମୋର ବଢ଼ିଗଲା ଆହୁରି ଉତ୍ସାହ । ସୁବିଧା ପାଇଲେ କବିତା ଲେଖେଁ । ଧରା ପଡ଼ିବି ବୋଲି ଚିରି ପକାଏଁ । କେବଳ ଦୁଃଖ ହେଉଥାଏ, ମୋ ଗୀତ ଛପା ହେଲା ନାହିଁ ବା କେହି ଦେଖିଲେ ନାହିଁ । ତଥାପି ଏଥିକରେ ମୁଁ ପାଏ ସୁଖ ।

ମୋର କବିତା ଛପା ଅକ୍ଷରରେ ବାହାରିଲା ପ୍ରଥମେ 'ବାଲେଶ୍ୱର ସମ୍ବାଦ-ବାହିକା'ରେ । ତାକୁ ଦେଖି ମନ କୁଳୁରି ଉଠିଲା । ଅନେକ ଲୋକ ପ୍ରଶଂସା କଲେ । ବୟସ ମୋର ସେତେବେଳେ ସତର ସରିକି ।

ଏହାପରେ କଟକ କଲେଜକୁ ଆସିଲି । ନୂଆକରି ମାସିକ ପତ୍ର 'ମୁକୁର' ବାହାରୁ ଥାଏ । ଆମେ କେତେଜଣ ଯୁବକ ମୁକୁର ସମ୍ପାଦକ ବ୍ରଜସୁନ୍ଦର ବାବୁଙ୍କ ସମ୍ପର୍କରେ ଆସିଲୁ । ଦାସେ ଆପଣେ ବି ଥାଆନ୍ତି । ବ୍ରଜବାବୁଙ୍କ ଘରକୁ ପ୍ରାୟ ମୁଁ ଯାଏ । ସେଠି ଅନେକ ନାମଜାଦା ସାହିତ୍ୟିକ ଜୁଟନ୍ତି ହୁଅନ୍ତି । ଖିଆଳମତ ଆଡ୍ଡା ବସେ । ରାଜନୀତି ଓ ସାହିତ୍ୟ ସମ୍ବନ୍ଧରେ ନାନାପ୍ରକାର ଆଲୋଚନା ଚାଲେ । ଗୋଟିଏ ସାହିତ୍ୟିକ ଉନ୍ନତ ବାତାବରଣ ଭିତରେ ନିଃଶ୍ୱାସ ମାରିବାର ସୁଯୋଗ

Digitized by srujanika@gmail.com

ମୋତେ ମିଳିଗଲା । ବ୍ରଜସୁନ୍ଦର ବାବୁଙ୍କ ନିର୍ଦ୍ଦେଶ ଉପଦେଶ ଓ ଉତ୍ସାହ ପାଇଁ ମୁଁ 'ମୁକୁର'ରେ ଲେଖିବାକୁ ଆରମ୍ଭ କଲି କବିତା ଓ ଗଳ୍ପ ।

ଅନେକ ଲେଖନ୍ତି । ଭଲ ବି ଲେଖନ୍ତି । ତାଙ୍କ ଭିତରେ ପ୍ରତିଭା ବି ଥାଏ । କିନ୍ତୁ ଅନେକ କ୍ଷେତ୍ରରେ ଉତ୍ସାହ ଓ ପ୍ରଶଂସା ରୂପ ଅନୁକୂଳ ପାଣିପାଗ ନପାଇ ଲେଖା ବେଶିଦିନ ଟିକି ପାରେ ନାହିଁ । ଆଉ ନିନ୍ଦା ବିଦ୍ରୂପ କଥା ଛାଡ଼ିଦିଅ । ପହିଲି ବଖତରେ ଅଙ୍କା ଟାପରା ଉପହାସ, କେତେକେତେ ଗୁଣୀ ଲେଖକଙ୍କ କଲମ ଚିରକାଳ ପାଇଁ ଥୁଣ୍ଟା କରିଦେଇଛି । ମୋର ଏହିକି ସୌଭାଗ୍ୟ ଯେ ଏ ନୂଆ ନୂଆ ବେଳରେ ମୋତେ ଏସବୁ କିଛି ସହିବାକୁ ପଡ଼ିନାହିଁ । ବରଂ ଓଲଟି ମୁଁ ପାଇଥିଲି ବହୁତ ବାହାବା, ବଲିହାରି । ଭକ୍ତକବି ମଧୁସୂଦନ, ଗୋପବନ୍ଧୁ ବାବୁ, ବ୍ରଜସୁନ୍ଦର ବାବୁ, ବିଶ୍ୱନାଥ କର, ଗୋପାଳ ପ୍ରହରାଜ, ଶଶୀବାବୁ, ମୃତ୍ୟୁଞ୍ଜୟ ରଥ, କବିବର ଚିନ୍ତାମଣି, ଅଜୟବାବୁ ପ୍ରଭୃତି ସେ କାଳର ସାହିତ୍ୟିକ ବଡ଼ବଡ଼ିଆଙ୍କ ଆଶୀର୍ବାଦ ମୋ ଲେଖକପଣିଆରେ ଏପରି ସାହାଯ୍ୟ କରିଛି ଯେ, ତାହା ପାଇନଥିଲେ କେଜାଣି ହୁଏତ ମୋ କଲମ ପେଷାରେ ଥୁକୁଲି ପଡ଼ିଯାଇଥାଆନ୍ତା ଓ ମୋର ଜ୍ୱାଳାମୟ ଜୀବନ ଦୁର୍ବିସହ ହୋଇ ରହି ଯାଆନ୍ତା ।

ସବୁଠାରୁ ବଡ଼ ପ୍ରେରଣା ମିଳିଗଲା ମୋତେ, ଦିନେ ବ୍ୟାସକବି ଫକୀରମୋହନଙ୍କଠାରୁ । ଫକୀରମୋହନଙ୍କ ଆଶୀର୍ବାଦ ମୋ ଲେଖକ ଜୀବନ ଉପରେ ଏଭଳି ପ୍ରଭାବ ପକାଇ ଦେଲା ଯେ ତାହା ଅଲିଭା ହୋଇ ରହିଯାଇଛି ମୋ ଶିରା ଶିରାରେ । ମୋର ଗୋଟାଏ ଲେଖା ଦେଖି ସେ ମୋତେ କୁଣ୍ଢାଇ ପକାଇ କହିଲେ—ତୋ ଲେଖାରେ ଫୁଲଚନ୍ଦନ ପଡ଼ୁ । ଥକିବୁ ନାହିଁ ବାପା-ଭଲ ମନ୍ଦର ବିଚାର କରିବୁ ନାହିଁ—ତୁ ଲେଖିଯିବୁ । ସେ ବିଚାର କରିବ-କାଳ । କାଳର ଅଗ୍ନିରେ ପୋଡ଼ି ହୋଇ ଯାହା ଖାଦ ତାହା ପାଉଁଶ ହୋଇଯିବ, ଆଉ ଯାହା ଖାଣ୍ଟି ସୁନା ତାହା ଝଟକି ରହିଯିବ, କାଳକାଳକୁ ।

ଆଗରୁ କହିଛି, ମଣିଷର ଆତ୍ମପ୍ରକାଶ କରିବାର ପ୍ରବୃତ୍ତି ସହଜାତ । କିଏ କେତେ ବାଗରେ ନିଜକୁ ପ୍ରକାଶ କରି ଆତ୍ମପ୍ରସାଦ ଲାଭ କରେ । ହର୍ଷରେ ମଣିଷ ହସେ, କୁହାଟ ଛାଡ଼େ ଦୁଃଖରେ ଲୁହ ଗଡ଼ାଏ, ବାହୁନି କାନ୍ଦେ । କିନ୍ତୁ ଭାବ ପ୍ରାବଲ୍ୟ ନହେଲେ ଅର୍ଥାତ୍ ଭାବନା ଉଛୁଳା ଉତୁରା ଅବସ୍ଥାକୁ ନ ଆସିଲେ ଆତ୍ମ ପ୍ରକାଶ ଜମି ଉଠେନାହିଁ ।

ଲେଖାରେ ଆତ୍ମପ୍ରକାଶ କରିବା ଗୋଟାଏ ପ୍ରକୃତିଗତ ବାଟ । ହୁଏତ ଗୁଡ଼ିଏ ସୁବିଧା ସୁଯୋଗ ମୁଁ ପାଇ ଯାଇଥିଲି ମୋ ରୁଚିର ଅନୁକୂଳ ମାର୍ଗରେ । ସେଥିପାଇଁ ଲେଖିଲି ।

Digitized by srujanika@gmail.com

ଅନେକ ଶକ୍ତ ଥାଇ ମଧ୍ୟ ଲେଖନ୍ତି ନାହିଁ ଲାଜକୁଳା ହୋଇ, ଏଇଟା ଦୁର୍ବଳତା, ଆତ୍ମପ୍ରତ୍ୟୟର ଅଭାବ । ଲେଖକ ହେବାକୁ ଗଲେ ବଡ଼ ହେମନ୍ତ ଦରକାର । ବୋଧହୁଏ ପ୍ରତ୍ୟେକ ଲେଖକ ଟିକିଏ ବେହିଆ, ଯେପରି ଗାୟକ ବା ବକ୍ତା ।

ଯାହାକୁ ଏ ଲେଖାଭୂତ ଘାରେ ସେ ବାଇବଳୁ ହୋଇଯାଏ ଲେଖିବାପାଇଁ । ଅଥାଇଆ, ଅମାଇଆ, ଦିଗ୍‌ବିଦିଗ କାଳଶୂନ୍ୟ ହୋଇ ସେ ଲେଖିଯାଏ । ଲେଖିଲାବେଳେ ଭଲ ମନ୍ଦ ବିଚାର ଫୁରୁସତ ନଥାଏ, ତାର । ଆତ୍ମ ପ୍ରକାଶର ଯେଉଁ ଉଦ୍ୟମ ଆନନ୍ଦ ସେଥିରେ ସେ ବିଭୋର ହୋଇ ଲେଖିଚାଲେ । ଆତ୍ମହତ୍ୟା ଲେଖାର ଛନ୍ଦେ ଛନ୍ଦେ ଯେଉଁ ଅମୃତରସ କ୍ଷରେ ତାକୁ ଚାଖିବା ପାଇଁ ଜିଭ ତାର ଲାଳେଇ ଉଠେ । ମାତ୍ର ଏତିକରେ ସେ ତୃପ୍ତ ହୁଏ ନାହିଁ । ସେ ଚାହେଁ ଏ ଆନନ୍ଦର ଭାଗୀ, ଅଂଶୀଦାର କରିବାପାଇଁ ଅନ୍ୟକୁ । ଅଂଶୀଦାରର ସଂଖ୍ୟା ଯେତେ ଅଧିକ ହେବ, ଲେଖକର ସେତେ ବଢ଼େ ଉତ୍ସାହ । କାରଣ ବାଣ୍ଟି ହୋଇଗଲେ ଏ ଆନନ୍ଦ କମିଯାଏ ନାହିଁ-ବରଂ ବଢ଼େ ।

ଲେଖକର ସୃଷ୍ଟି, ସେ ଯାହା ହେଉ ପଛକେ, ତାର ସ୍ରଷ୍ଟା ସ୍ୱରୂପ, ତାର ସୁଖ ଦୁଃଖ, ଆଶା ଆକାଂକ୍ଷା, ହର୍ଷ ବିଷାଦ, ଅଭାବ ଅଭିଯୋଗ, ଆଦର୍ଶ ଅନୁଭୂତିର ସମଷ୍ଟି । ଲେଖକ ଆପଣାକୁ ଦୁନିଆ ଦୁଆରେ ବିଛୁଡ଼ି ଦେଇ ଲୋଡ଼ି ବୁଲେ ଦୁନିଆର ବିକଟେ ଦରଦ, ଟିକିଏ ସମବେଦନା, ଟିକିଏ ସହାନୁଭୂତି । ଏତିକ ପାଇଁ ତାର ଏତେ ସାଧନା ଏତେ ଶ୍ରମ ।

ଯେତେବେଳେ ତାର ଲେଖିବାର ନିଶା ଘୋଟେ, ସେ ବେଳଟା ଠିକ୍ କଞ୍ଚା ଡାହାଣୀର ଯୌବନ ବେଳ ଭଳି, ସେତେବେଳେ ସେ ଆତ୍ମବିସ୍ମୃତ, ଉଦାସୀ, ସଂସାରର ଅତୀତ । ସେତେବେଳେ ସେ କେଉଁ କଳ୍ପ-ଲୋକର ସ୍ୱପ୍ନ-ସରୋବରର ମୃଦୁ ହିଲ୍ଲୋଳରେ ପହଁରି ବୁଲୁଥାଏ । ସେ ନିଶାଟା ଛାଡ଼ିଗଲେ ପୁଣି ଫେରିଆସେ ସୁଖ ଦୁଃଖ ସଂଗ୍ରାମମୟ ଏହି ଜଗତକୁ ତାର ସମସ୍ତ ଜ୍ୱାଳା, ଜଞ୍ଜାଳ; ଆହାର, ନିଦ୍ରା, ହିଂସା ଦ୍ୱେଷ, ଅଭାବ, ଅଭିଯୋଗ ସାଙ୍ଗରେ ନେଇ ଠାକୁରାଣୀ ପ୍ରସନ୍ନ ହୋଇଥିବା କାଳସୀ ପରି । ଯେତେକ୍ଷଣ ସାଧାରଣ ମଣିଷ ହୋଇ ରହିଥାଏ, ସେ କଳା ସୃଷ୍ଟି କରିପାରେ ନାହିଁ । "Art begins where necessity ends,"

ମନେହୁଏ ଯେ ଯେତେ ଦୁଃଖ ଯାତନାର ହାତୁଡ଼ି ପାହାର ସହିଛି ସେ ସେତିକି କଳାକାର । ମାଡ଼ ଖାଇ ଖାଇ ହାଡ଼ ଯାହାର ଚୂନା ହୋଇଥିବ, ମାଉଁସ

Digitized by srujanika@gmail.com

ପିଣ୍ଡି ହୋଇ ଯାଇଥିବ, କଲ୍ପନା ଯେମିତି ହୋଇ କାବୁଅ ମେଞ୍ଚା ପାଲଟିଥିବ, ସେହି ହୋଇପାରିବ ଖାଣ୍ଟି ଲେଖକ । ତାହାର ଲେଖାରେ ଏକା ସମବେଦନାର ପ୍ରତିଧ୍ୱନି ଉଠିବ ସହସ୍ର ଅନ୍ତରରୁ ।

ପ୍ରକୃତ ଲେଖକ ବିଶ୍ୱର ସମସ୍ତ ବ୍ୟଥା, ବେଦନାକୁ ଗୁଣ୍ଡାଇ ନିଜ ଭିତରେ ଅନୁଭବ କରେ ଆଉ ନିଜକୁ ସମସ୍ତ ବେଦନାକୁ ବିଶ୍ୱରେ ବିଗ୍ରହ ହିଏ । ଏଇଠି ଲେଖକର ସାର୍ଥକତା-"Our sweetest songs are those that tell of saddest things," କବିର ସାହିତ୍ୟିକର ହୃଦୟ ମାନବିକ କରୁଣାରେ ପରିପୂର୍ଣ୍ଣ । ସେ ଆହରଣ କରିବାକୁ ଚାହେଁ ବିଶ୍ୱଜଗତରୁ ଅପାର କରୁଣା ।

କିଏ କହିପାରେ, 'ମନ-ଫୁଲଣା ବିନା ଗୀତ ଗାଏ । ଯାହା ମନରେ ଏତେ ବ୍ୟଥା ସେ ପୁଣି ଗୀତ ଗାଇବ କିମିତି ?' କଥାଟା ସତ । କିନ୍ତୁ ମନ ଫୁଲଣା ଗୀତ, ଗାୟକର ଅନ୍ତର ଭିତରର ଗୀତ କି ? ସାମୟିକ ଉତ୍ତେଜନାରେ ମାତିଉଠି ମନ ଫୁଲଣା ଗାଇଦିଏ ବିନା ଉଲ୍ଲାସରେ ଯଦେ ହାଲ୍‌ଖୁସିଆ ଗୀତ । ଏ ଗୀତ ତଣ୍ଟି ପାଖରୁ ବାହାରେ ତାର-ଗ୍ରନ୍ଥି ଭିତରୁ ନୁହେଁ । ଯେ ପ୍ରକୃତରେ ଚିର ଦୁଃଖୀ, ଚିର ଜର୍ଜ୍ଜର; ଚିର ଆତୁର-ତାହାର ଅନ୍ତରର ନିଭୃତ କକ୍ଷ ଭେଦି ଯେଉଁ ଉଚ୍ଛ୍ୱାସ, ଯେଉଁ ହାହାକାର ଉଠେ, ତାହା ହିଁ ପ୍ରକୃତ ଗୀତ । ସେହି ଗୀତର ତାନ୍ତ୍ରସ୍ୱର ପ୍ରତିଧ୍ୱନିତ ହୁଏ ଯାଇ ସହସ୍ର ଅନ୍ତର-ତାରରେ ।

ପ୍ରଶ୍ନ ହୋଇପାରେ-ଏପରି ନିଷ୍ପୀଡ଼ିତ, ବ୍ୟଥାଭରା, ହୃଦୟ ଯାହାର, ସେ କିପରି ରଙ୍ଗ ବ୍ୟଙ୍ଗ କରିପାରେ-ହାସ୍ୟରସପୂର୍ଣ୍ଣ ଲେଖା ଲେଖେ ?

ମୋ ମନେ ହୁଏ । ରଙ୍ଗସ୍ରଷ୍ଟା ଅନ୍ତର୍ବେଦନା ଅସୀମ । ଅତି ବ୍ୟଥାରେ ଫାଟି ନ ପଡ଼ିଲେ ବୋଧହୁଏ କୌଣସି ଲେଖକ ହାସ୍ୟରସ ସୃଷ୍ଟି କରନ୍ତି ନାହିଁ । କବିର ମର୍ମବେଦନା ଯେତେବେଳେ ତାର ସହନ ଶକ୍ତିକୁ ବହିକି ଉଠେ, ବେଲା ଲଙ୍ଘନ କରେ, ସେ ହୋଇଯାଏ ପାଗଳ । ପାଗଲାମିର ଛଳନାରେ ସେ ରଙ୍ଗରସ ଗ୍ରସ୍ତାତଳେ ଆତ୍ମଗୋପନ ବା ଆତ୍ମପ୍ରବଞ୍ଚନା କରି ଦୁଃସହ ଦୁଃଖକୁ ଏଡ଼ି ଦେବାର ଚେଷ୍ଟା କରେ । ଏତକ ନଥିଲେ ହୁଏତ ସେ ମୃତ୍ୟୁକୁ ଆଗ୍ରସ୍ତ କରନ୍ତା । ନିରୁପାୟ, ନିରାଶ୍ରୟ, ବିଷାଦ ବିଦୀର୍ଣ୍ଣ ଚିତ୍ତକୁ କ୍ଷଣିକ ଆରାମ ଦେବା ନିମନ୍ତେ ସତେକି ଏହା ଗୋଟିଏ ଈଶ୍ୱରଦତ୍ତ ଉପାୟ । ମରମନକୁ ବହଲାଇ ବଞ୍ଚାଇ ରଖିବାର ଗୋଟାଏ ସହଜାତ କୌଶଳ ।

ହାସ୍ୟରସ ସୃଷ୍ଟିକାରୀ ଲେଖକ ଆଗେ ତ ହସେନା—ଆନକୁ ହସାଇ ରସାଇ ନାଚ ଲଗେଇଟେ । ନିଜେ ଦେଖଣାହାରି ରୂପେ ଉହାଡ଼ରେ ରହି ଘରକୁ

Digitized by srujanika@gmail.com

ହସାଇବାର ଯେଉଁ ଆନନ୍ଦ ତାହା ହିଁ ତାକୁ ଦିଏ କ୍ଷଣିକ ଆଗ୍ରହ । ଆଉ ସାନ୍ତ୍ୱନା ।

ମୋ ନିଜ କଥା କହିବାକୁ ଗଲେ ମୁଁ ଲେଖେଁ ନିଜେ ଜୀଇଁ ରହିବା ପାଇଁ । ଏହି ଲେଖିବାର ମୋହ ମୋତେ ଏଯାକେ ବଞ୍ଚାଇ ରଖିଛି ବୋଲି ମୋର ବିଶ୍ୱାସ । ଭଗବାନ ଏତକ ମାତ୍ରରୁ ଏ ଅଭାଗାକୁ ବଞ୍ଚିତ କରି ନାହାନ୍ତି । ଏତକ ମୋ ଦୁର୍ବିସହ ଜୀବନର ଏକମାତ୍ର ଆଶ୍ୱାସନା, ଏକମାତ୍ର ସମ୍ବଳ । ଏହି ଅବଲମ୍ବନଟି ଯେଉଁଦିନ ଛୁଡ଼ିଯିବ, ସେହି ଦିନ ଏକା ମୋର ଶେଷ ଦିନ । □ □

Digitized by srujanika@gmail.com

ଅଶ୍ୱିନୀକୁମାର ଘୋଷ

●

ଅଶ୍ୱିନୀକୁମାର ଘୋଷ

ଜନ୍ମ-୨୫ ଫାଲ୍‌ଗୁନ, ୧୨୯୯ ସାଲ ରବିବାର ଶୁକ୍ଳାଷ୍ଟମୀ (୧୮୯୨)

ଜନ୍ମସ୍ଥାନ-କଟକ

ପିତା-ଅକ୍ଷୟ କୁମାର ଘୋଷ

ମାତା-ସୁନ୍ଦରମଣି ଦେବୀ

ମୃତ୍ୟୁ—ଜ୍ୟେଷ୍ଠ ୭, ୧୩୭୯ ସାଲ ଶନିବାର ବୁଦ୍ଧ ପୂର୍ଣ୍ଣିମା(୨୧ । ୫ । ୧୯୭୨)

ରଚିତ ପୁସ୍ତକ—

ପୌରାଣିକ ନାଟକ –ସୀମନ୍ତ, ସାବିତ୍ରୀ, ସାଲବେଗ, ଭକ୍ତ ହରିଜନ ବା ଦାସିଆ ବାଉରୀ, ରଘୁଅରକ୍ଷିତ, ତ୍ୟାଗୀ ରାମଦାସ, ବନ୍ଧୁ ମହାନ୍ତି, ଶ୍ରୀ ମନ୍ଦିର, ଚଣ୍ଡାଳୁଣୀ ।

ଐତିହାସିକ ନାଟକ—ସେଓଜି, କଳାପାହାଡ ବା ମୁକୁନ୍ଦଦେବ, ଗୋବିନ୍ଦ ବିଦ୍ୟାଧର, ଉତ୍କଳ ଗୌରବ, କେଶରୀ ଗଙ୍ଗ, କୋଣାର୍କ,ଓଡ଼ିଆ ଝିଅ, ସମଲେଶ୍ୱରୀ, କପିଳେନ୍ଦ୍ରଦେବ, ପାଇକପୁଅ, ତାଜମହଲ, ଭଞ୍ଜ ଭୂଜଙ୍ଗ, ଭୁବନେଶ୍ୱର । ☐ ☐

Digitized by srujanika@gmail.com

ଏହା ଗୋଟିଏ ଆତ୍ମପ୍ରଶ୍ନ । ଯେ କୌଣସି ଲେଖକଙ୍କୁ ଏହା ବିବ୍ରତ କରିଦେବ; ସନ୍ଦେହ ନାହିଁ । କାରଣ, ପ୍ରଶ୍ନଟିର ଉପଯୁକ୍ତ ଉତ୍ତର ଦେବାକୁ ହେଲେ, କି ପରିମାଣରେ ଆତ୍ମପରୀକ୍ଷା ଓ ବିଶ୍ଳେଷଣ ଆବଶ୍ୟକ, ତାହା ସହଜରେ ଅନୁମେୟ । ବର୍ତ୍ତମାନ, ମୋର ସମସ୍ତ ସଂକ୍ଷେପ ପ୍ରବନ୍ଧଟି ପାଇଁ ସ୍ଥାନ ମଧ୍ୟ ସଂକ୍ଷେପ-ଏହିପରି କ୍ଷେତ୍ରରେ ମୁଁ ସ୍ଥୂଳ ଦୃଷ୍ଟିରେ ଯେତିକି ସମ୍ଭବ ସେତିକି ଆତ୍ମସମାଲୋଚନାରେ ପ୍ରବୃତ୍ତ ହେବି ଏବଂ ମୋର ଲେଖକ ଜୀବନର ଇତିହାସ ବାଢ଼ିବି । ମୁଁ ଜଣେ ଲେଖକ ହେବି—ଏହି ଉଦ୍ଦେଶ୍ୟ ସଚେତନ ମନରେ ଜାଗ୍ରତ ନଥିଲେ ମଧ୍ୟ, ଅତି ଶିଶୁକାଳରୁ ମୋର ଅବଚେତନ ମନ ମଧ୍ୟରେ ଯେ ଲୁକ୍କାୟିତ ବା ସୁପ୍ତଥିଲା ଏହା କହିବା ବାହୁଲ୍ୟମାତ୍ର, କାରଣ ଅତୀତ ଜୀବନାକାଶକୁ ମୁଁ ଜୀବନର ଏହି ସୁଦୂର ପ୍ରାନ୍ତରୁ ଯେତିକି ନିରୀକ୍ଷଣ କରି ଦେଖୁଛି ଚିନ୍ତାର ଦୁର୍ବୀକ୍ଷଣ ସାହାଯ୍ୟରେ ସେତିକି ସ୍ପଷ୍ଟ ଓ ଧ୍ରୁବ ହୋଇ ଠିଆହେଉଛି ଆଖି ଆଗରେ ସେହି ଧାରଣାଟି । ···ମନେ ପଡ଼ୁଛି ସେହି ଦିନର କଥା—ମୁଁ ଯେତେବେଳେ ଦଶହରା ଗୃହଦିନ କାଳ ମୋ ଅଜା (୰ ଗୌରୀଶଙ୍କର) ପାଖେ ମଫସଲରେ ବସି ବସି ଯାତ୍ରା ଦେଖିବି—ରାତି,ରାତି ପାହିଯିବ ଆଖିର ପଲକ ପୂରା ପଡ଼ିବ ନାହିଁ । ବଙ୍ଗଳା ଯାତ୍ରା, ବା ନାଟକାଭିନୟ ଦେଖି ଆସିବି ଏବଂ ତାରି ଛାୟା ଅବଲମ୍ବନରେ କ୍ଷୁଦ୍ର କ୍ଷୁଦ୍ର ଦୃଶ୍ୟ ଓ ଶ୍ଳୋକ ଶ୍ଳୋକ ସଂଳାପ ଯୋଜନା କରି ନାଟକଟିଏ ଗଢ଼ି ପକାଇବି ଏବଂ ତାହା ଭାଇମାନଙ୍କ ସାହାଯ୍ୟରେ ମଧ୍ୟ ଅଭିନୟ କରିବି—ମଶିଣା ବା ଚଦରକୁ ସ୍କ୍ରିନ୍ (ପର୍ଦ୍ଦା)କରି ଟାଙ୍ଗି···ଏ ଗଳ୍ପ ଅତି ଶିଶୁ ବେଳର କଥା । ତାପରେ କିଶୋର ଜୀବନ ଆସେ । ମୁଁ ବି.ଏ ପାଶ୍ କରେ,ଅଙ୍କରେ ଅନର୍ସ ନେଇ-ପରେ ପରେ ଏମ.ଏ ମଧ୍ୟ ସେହି ଅଙ୍କରେ । ସୁତରାଂ ଏକାଡେମିକ୍ ବା ଛାତ୍ରଜୀବନରେ ସାହିତ୍ୟ ପ୍ରତି ଅନୁରାଗ ଥିଲେ ମଧ୍ୟ ସାହିତ୍ୟ ଚର୍ଚ୍ଚା ବିଶେଷ ଭାବରେ କରିବାର ଅବକାଶ ପାଇ ନାହିଁ—ଏକଥା କହିଲେ ଅତ୍ୟୁକ୍ତି ହେବ ନାହିଁ ।···ମାତ୍ର ଗଭୀର ହୃଦୟର ଉଦ୍‌ବେଳିତ ନାଟକ—ପ୍ରୀତି ମୋର କୈଶୋର ଜୀବନର ତତ୍କାଳୀନ ଉଚ୍ଚାକାଂକ୍ଷା—ଯେମିତି ଗୋଟାଏ ଡ଼େପୋଟି ହେବି, କି ଅଧ୍ୟାପକ ହେବି—ତାକୁ ଉତ୍ପ୍ଳାବିତ କରି ଆତ୍ମପ୍ରକାଶ କଲା ସେହି ଦିନୁ, ଯେଉଁ ଦିନୁ ବନମାଳୀ ପତିଙ୍କ ପ୍ରତିଷ୍ଠିତ—ଓଡ଼ିଆରେ ଜାତୀୟ ଇତିହାସରେ ପ୍ରଥମ ବ୍ୟବସାୟୀ ରଙ୍ଗମଞ୍ଚ ବୋଲି ପରିଚିତ ରାଧାକୃଷ୍ଣ ଥିଏଟର ବା ବଲଙ୍ଗା ଥିଏଟର ସଙ୍ଗେ ମୋର ଘଟିଲା ଯୋଗାଯୋଗ । ଏହି ଯୋଗ ସୂତ୍ର ବିଧିର ନିର୍ବନ୍ଧ ପରି ଯେଉଁ ନାଟକଟି ଉଆଇଥିଲା, ତାହା ହେଉଛି ସେଓଜ ନାଟକ । ବିଗତ ୩୨ । ୩୩ ବର୍ଷ ତଳର ଲେଖା ହେଲେ ମଧ୍ୟ··· ଓଡ଼ିଆ ରଙ୍ଗମଞ୍ଚରେ ଏହାର ସବୁଜତା ଆଦୌ ଲୋପ ପାଇ ନାହିଁ କହିଲେ

Digitized by srujanika@gmail.com

ଚଳେ । ତା' ପରେ ଗୋଟାଏ କ୍ରମବର୍ଦ୍ଧମାନ ଉତ୍ତେଜନା, ଉତ୍ସାହ ଓ ସହାନୁଭୂତି ମୋତେ ଧାରାବାହିକ ନାଟକ-ରଚନାରେ ପ୍ରବୃତ୍ତ କରାଇଦିଆ । ଫଳରେ ଓଡ଼ିଆ ଜାତିର ଇତିହାସ, ଐତିହ୍ୟ, କଳା-କୃଷ୍ଟିକୁ ନାଟକରେ ରୂପରେଖ ଦେବି-ଏହି ଆକାଂକ୍ଷା ମୋ ମଧ୍ୟରେ ଜାତ ହୁଏ-ଏତେ ସଂସାରିକ ଜଞ୍ଜାଳ ମଧ୍ୟରେ ଥାଇ ସୁଦ୍ଧା ସେହି ଆକାଂକ୍ଷା କେମିତି ଚରିତାର୍ଥ କରିବ, ସେଥିପାଇଁ ମୁଁ ହେମିତି ଉନ୍ମାଦ— ଏହି ପ୍ରବନ୍ଧ ଲେଖୁଥିଲାବେଳେ ମଧ୍ୟ ସେଇ ଭାବ ମୁଁ ମର୍ମେ ମର୍ମେ ଅନୁଭବ କରୁଛି-ଏହା ମୋର ଅନ୍ତରର କଥା-କେହି ବିଶ୍ୱାସ କରୁ ବା ନକରୁ । □ □

Digitized by srujanika@gmail.com

କୃଷ୍ଣପ୍ରସାଦ ବସୁ

କୃଷ୍ଣପ୍ରସାଦ ବସୁ

ଜନ୍ମ—୨୧ ଅକ୍ଟୋବର, ୧୮୯୪

ଜନ୍ମସ୍ଥାନ—କୁଆଁସପୁର, ଯାଜପୁର ସହର, କଟକ,

ପିତା—ଗୋବିନ୍ଦପ୍ରସାଦ

ମାତା ବିଷ୍ଣୁପ୍ରିୟା

ମୃତ୍ୟୁ—୧୮ ଅଗଷ୍ଟ, ୧୯୬୮

ରଚିତ ପୁସ୍ତକ—

ନାଟକ—ଶିଶୁଲୀଳା, ଚୈତନ୍ୟଲୀଳା, ହରଅନ୍ୱେଷଣ, ସୀତା ବନବାସ, ଧ୍ରୁବ ଚରିତ, ବଭ୍ରୁବାହନ, ହରିଶ୍ଚନ୍ଦ୍ର, ଗୟାସୁର ବଧ, ମୃଚ୍ଛକଟିକ କୃଷ୍ଣଚରିତ, ସୋପେନା ଓ ଓସମାନ, ଯଯାତିକେଶରୀ, ମେଘନାଦ ବଧ, ବାମନାବତାର, ମିଠା ମହୁରୀ, ନିମାଇଁ ସନ୍ନ୍ୟାସ, ବିଲ୍ୱମଙ୍ଗଳ, ନାରାୟଣ ବସନ୍ତ, ଭୂସ୍ୱାପୀଠ, ଦକ୍ଷଯଜ୍ଞ, ଅଛୁଆଁ ଝିଅ, ରମାର ଦେଶ ।

ପାଲା—ଉର୍ବଶୀ, ଅଷ୍ଟବ୍ରଜ, କବିନର୍ତ୍ତକୀ, ଜଡ଼ଭରତ, ପ୍ରଭାସ ଯଜ୍ଞ, ସାବିତ୍ରୀ ନଳଦମୟନ୍ତୀ, ମଧୁକୈଟଭ, ବସନ୍ତସେନା, ଜନ୍ମାଷ୍ଟମୀ, ପାତକୀ, ପୁଷ୍ପାଞ୍ଜଳି, କାମ୍ୟକ, ଅଛୁଆଁ ଝିଅ, ଶଙ୍କରାଚାର୍ଯ୍ୟ, ଖାଣ୍ଡବଦହନ, ଗାନ୍ଧୀଚରିତ, ହମାଦ୍ରି ଜେମା ।

ପାଲା କାବ୍ୟ—ଶିବଜନ୍ମ, ପଞ୍ଚାଳୀପଟ୍ଟାପହରଣ, ନକୁମ୍ଭିଳ ବ୍ରାହ୍ମଣ, ଦାକ୍ଷାୟଣୀ, ପରୀକ୍ଷିତ ବ୍ରହ୍ମଶାପ, ପାଦୁକା, କିଷ୍କିନ୍ଧ୍ୟା, କଚଦେବଯାନୀ, ଚଣ୍ଡାଶୋକ, ହରିଶ୍ଚନ୍ଦ୍ର, ଛତ୍ରପତି ଶିବାଜୀ, ଦେବବ୍ରତ, ନିମାଇଁ ସନ୍ନ୍ୟାସ, ଗୌର-ଗାଥା, ରାଜସୂୟ ଯଜ୍ଞ, ବଭ୍ରୁବାହନ, ମାତୃପୂଜା ।

ଗୀତ ଓ ସଙ୍ଗୀତ ଗ୍ରନ୍ଥମାନ—ଫୁଲହାର (୧ମ ଓ ୨ୟ ଭାଗ), ପ୍ରସାଦ ଗୀତାବଳୀ, ଅଳକାନନ୍ଦା, ପ୍ରସାଦ ପଦ୍ୟାବଳୀ ଓ ପରିକଳ୍ପନା, ସଙ୍ଗୀତ ଫୁଲହାର

ଗଦ୍ୟ ରଚନା—ଆଖଡ଼ାଘରେ ବୈଠକ, ଫରୁଆ ଚିଠି, ମାମୁଁ (କ୍ଷୁଦ୍ର ଉପନ୍ୟାସ) ଗାନ୍ଧୀଦର୍ଶନ, ନାନାକଥା, ଆତ୍ମଚରିତ ।

ଅନୁବାଦ—ମହିମ୍ନସ୍ତବର ଅନୁଭୂତ, ବାଳ୍ପରାଧ କ୍ଷମାପନ, ଦଣ୍ଡକ ସ୍ତବ ।

□ □

Digitized by srujanika@gmail.com

ମୁଁ କାହିଁକି ଲେଖେଁ । ଏ ପ୍ରଶ୍ନର କି ଉତ୍ତର ଦେବି, ଠିକ୍ ବୁଝି ପାରୁନାହିଁ ଅତଏବ ଗନ୍ଧମାର୍ଜନ ଯୋଗ ଦେଉଚ୍ଛି, ତାଙ୍କ ବିଷଲ୍ୟକରଣୀଟି ସେ ବାଛି ନିଅନ୍ତୁ ।

ବଙ୍ଗଳାର ଜଣେ ଶ୍ରେଷ୍ଠକବି ସ୍ୱର୍ଗୀୟ ରଜନୀକାନ୍ତ ଲେଖିଛନ୍ତି—

"ଡାକ୍ ଦେଖି ତୋର ବୈଜ୍ଞାନିକେ—
ଦେଖ୍‌ବୋ ସେ ଉପାଧି ନିଲେ
କସ୍‌ଟା କେନର ଜବାବ୍ ଶିଖେ ।
କୋକିଲ କେନ୍ କୁହୁ ବଲେ,
ଭ୍ରମର କେନ୍ ଗୁନ୍ ଗୁନ୍ କରେ ?" ବୋଧହୁଏ ଏତକ ଯଥେଷ୍ଟ—

ଆମର ନିଜକୁ ବେମାଲୁମ—କିନ୍ତୁ ଆମେ କାଳେ ଥିଲୁ ଗୋଟିଏ ବିପ୍ଳବୀ ଉକାୟିତ ଦଳଙ୍କର ବିଶିଷ୍ଟ ସଭ୍ୟ । ବ୍ରିଟିଶ ଶାସନର ତୀକ୍ଷ୍ଣ ସୂକ୍ଷ୍ମଅନ୍ତର୍ଦୃଷ୍ଟିରେ ଆମେ ନିପଟ ମଫସଲିଆ କଲିକତା କଲେଜ ଛାତ୍ର ହଠାତ୍ ହୋଇଗଲୁଁ ଗୋଟିଏ ଗୋଟିଏ ବିପ୍ଳବୀ suspect । ଆମର ବାପା ମା'ଙ୍କୁ ହେଲା ଗୋପନ ତାଗିଦ୍ । କେତେଥର ଅକାରଣେ କାଳେ ଅକାଳେ ଟଣାହେଲୁ ଥାନାକୁ । ଫଳରେ ପଢ଼ାପଢ଼ି ହୋଇଗଲା 'ଇତଶ୍ରୀ'—ଅଗତ୍ୟା Vagabondଙ୍କ ପରି ଗାଁରେ ବୁଲିବା, ତାସ ଖେଳିବା ଛଡ଼ା ନ ଥିଲା ଅନ୍ୟପନ୍ଥା । କିନ୍ତୁ କୁହୁଳୁଥାଏ ମନେ ମନେ ଗୋଟାଏ ନିଆଁ । ବିନା ଦୋଷେ ଲାଞ୍ଛନା—ଅତଏବ ଦରକାର ପ୍ରତିଶୋଧ—

ତେତେବେଳେ ବଙ୍ଗଳାରେ ବୋମାର ଯୁଗ । 'ବସୁମତୀ'ର ସମ୍ପାଦକ ଦେଶପୂଜ୍ୟ ସଖାରାମ ଗଣେଷ ଦେଉସ୍କରଙ୍କର 'ଦେଶର କଥା' ନାମକ ରାଜଦ୍ରୋହ-ଜନକ ପୁସ୍ତକ ବାହାରି ବ୍ରିଟିଶ ଅତ୍ୟାଚାରର ନାନା ବିବରଣ ପ୍ରକାଶ କରିଥାଏ । କଲିକତାର Footpathରେ କେତେ Pamphlet, କେତେ Handbill କେତେ ଚାବୁକ, କେତେ ନିଶାନ ବାହାରି ପଡ଼ି ଛାତ୍ରଙ୍କ ଦିଆ ଗୌରବ ହାଣ୍ଡି ଗୁଣ୍ଡିକୁ ହାଟ ମଧ୍ୟରେ କରୁଥାଏ । ଯେ କାଗଜ ଯାହା ହାତରେ ଥିବ ସେ ମଧ୍ୟ ଘଣା ପେଲିବାକୁ ବାଧ୍ୟ । ସେହିପରି ଦ ଗୃହଖଣ୍ଡ ବନ୍ଧିଥିଲା ପର ଧୂମ ତଳେ ଅତି ଅଲକ୍ଷତେ । ତେଣିକି ଥିଲା ମାତ୍ର Vagabond ଜୀବନର ଆଶ୍ୱାସନା ।

ବିନା କାରଣରେ ଆମେ ଛେଉଁଆ ପାଣିପାଢ଼ିଗ୍ର କହିଲେ ଚଳେ । ଆମେ ହେଲୁ ଗୁଣ୍ଡା, ଡକେଇତ—ବୃତ୍ତି ଗଲା ଆମର ସବୁ ଉଚ୍ଚ ଅଭିଳାଷ – ଗାଁ ବାଲା ତାସ ଖେଳିଲେ, ସେ ମଧ୍ୟ ଟଣା ହେବେ ଥାନାକୁ –ହସଖେଳ କୌତୁକ ସବୁଠି ଟିଙ୍କ ପରି ଲଖି ରହିବେ ଗୁପ୍ତଚର—ଦଶ ପଚିଶ ଟଙ୍କାର ସରକାରୀ ଚାକିରିଆ

Digitized by srujanika@gmail.com

ଆମେ ଅଯୋଗ୍ୟ-ହୋଇ ବିହାତ ଖେଳ ଦେଖେଇ ଦେଲେ ଷଡ଼କଣ-ମନଃ। ହେଲି ଆଉ ପାଉ— ।

ତେତେବେଳେ ମୈମନସିଂର ଖ୍ୟାତନାମା କବି ଓ ଯାତ୍ରାବାଲା ବାବୁ ମୁକୁନ୍ଦ ଦାସ ତାଙ୍କ ଯାତ୍ରା ଦଳର ବିପ୍ଳବୀ ଗୀତ ଓ ନାଟକମାନଙ୍କ ଦ୍ୱାରା ବେପରବାଏ ପ୍ରଚାର କରୁଥାନ୍ତି ଜାଗରଣର ମନ୍ତ୍ର । ଆମ ଏ ଦେଶରେ କି ହୋଇ ପାରେ ନାହିଁ ସେହିପରି ଗୋଟିଏ—କିନ୍ତୁ ବହି କାହିଁ ? ସାଥି କଏ ? ତାଙ୍କ ବହିକି ଅନୁବାଦ କରି ଦେଖାଇଲେ ଆମର ଯାନାସନ ରହିବ ତ ' ସେଠାରେ Norton C. R. Das ମିଶିଲି ପରେ ମିଶିଲି ବିନା ପଇସାରେ ଲଢ଼ୁଛନ୍ତି-ଏଠାରେ ପଇସା ନେଇ ଯୁଦ୍ଧ ଓକିଲାତି କରିବାକୁ ବାହାରିବେ ତ ?

ଇମିତି ତାଲିମ ହୋଇ ରହିଥାଏ ଗାଁଟି—ବାବୁଭାୟା ଅଫିସର ଭଦ୍ର-ଲୋକେ ବିଶ୍ୱ ବନ୍ଦାପନା ନିମନ୍ତ୍ରଣରେ ମଧ୍ୟ ଦେଖିଲେ ଚାଁକି ପଡ଼ୁଥାନ୍ତି ।

ଅନ୍ତରଙ୍ଗ ବନ୍ଧୁ ଗୋଟିଏ ମାତ୍ର ସେ କାଳରେ ଥିଲେ ୰ ବାବୁ ବାଞ୍ଛାନିଧି ମହାନ୍ତି, ଭଦ୍ରକର । ଯାହାଙ୍କର 'ଅଚ୍ଛା ଗୋଲଟେବୁଲ ପାଲ-' ଓ ସ୍ୱଦେଶୀ ଗୀତ ଗୁଡ଼ିକ ଅକ୍ଷୁଣ୍ଣ ଅମର ହୋଇ ରହିଛି ଉତ୍କଳ ସାହିତ୍ୟରେ । ସେହି ଜାଣିଥିଲେ ପ୍ରାଣର କଥା, ସେଇ ଏକା ଦେଇଥିଲେ ସାହାସ । ଯଦି ମୁଁ Jail ଯାଏ, ଠିକ୍ କରି ଯାତ୍ରାଦଳର ନାଁଟିକୁ ବଦଳାଇ ଦେଇ ସେ ହେବେ ମ୍ୟାନେଜର । ଏହିପରି ପର୍ଯ୍ୟାୟକ୍ରମେ ଜେଲ ଯାଇ ମଧ୍ୟ ଦଳଟିଏ ଚଳାଇବା ଏହାହିଁ ହେଲି ଆମ ଦୁହିଁଙ୍କ ମଧ୍ୟରେ ଗୋଟାଏ ପରାମର୍ଶ ।

କିନ୍ତୁ କେଉଁ ହୋସିଆର ପରକରଣା ଲୋକ ବା ଆସିବ ଆମ ସମ୍ପର୍ଦ୍ଦାକୁ । ଅଗତ୍ୟା ନିରକ୍ଷର ପଲ୍ଲୀବାସୀ ସାହି ଭୁଆ କେତୋଟିଙ୍କୁ ଯେନି ହତାଶ ନ ହୋଇ ଭିଡ଼ିଲି ଯାତ୍ରାଦଳ ଗଠନରେ । ମୁଁ ଥିଲି ବଙ୍ଗନର ଗ୍ରନ୍ଥ । ସାହିତ୍ୟ ସଙ୍ଗେ ସମ୍ପର୍କ ଥିଲି ଅତି ଅଳ୍ପ । ଓଡ଼ିଆ ଭାଷାରେ ପ୍ରକାଶିତ ଯାବତୀୟ ନାଟକ ଆଣି ଆଲୋଚନା କଲୁଁ । ଦେଖିଲୁ ସେଗୁଡ଼ିକ ପରଦା ମଧ୍ୟରେ Stageକୁ ଉପଯୋଗୀ, କିନ୍ତୁ ଚାରିପିଠି ମୁକୁଳା ରହିଥିବା ପଡ଼ିଆ ଯାତ୍ରାକୁ ବେଯାଏ ବେଯମକ । ଯାତ୍ରାପାଇଁ ପ୍ରଚୁର ଗୀତବାଦ୍ୟ ନ ରହିଲେ ଅଚଳ । ସ୍ୱରର ଝଙ୍କାର ନିଭିବା ପୂର୍ବରୁ ଅନ୍ୟ ଝଙ୍କାର ପ୍ରୟୋଗ କରିବାକୁ ହେବ । ଅଗତ୍ୟା ନିଜକୁ ଧରିବାକୁ ହେଲି କଲମ— ବାଧ୍ୟ ନିର୍ବନ୍ଧରେ ।

ସାଧାରଣ ଜନପ୍ରିୟ ପୌରାଣିକ ଗଦ୍ୟ ସାହିତ୍ୟର ନାଟକମାନ ଯଥାଶକ୍ତି ଲେଖିଲି, ତହିଁ ସଙ୍ଗେ ପ୍ରତି ନାଟକ ମଧ୍ୟେ ପଚଶ ଖଣ୍ଡ ଲେଖାଏ ଗୀତ ରଚନା

Digitized by srujanika@gmail.com

କଲି । ଉପରନ୍ତୁ ପ୍ରତି ସ୍ଥାନରେ ବ୍ୟବହାର କରିବା ଲାଗି 'ଦେଶର ଡାକ' ର ବର୍ଣ୍ଣିତ ବିବରଣ ସମ୍ବଳିତ କେତେକ ଗୀତ ମଧ୍ୟ ରହିଲା, ଚଟଣି ପରି ।

'ଅରଟ ବନ୍ଦନା' 'କପାସ୍ତବ' 'ଖଦଡ଼ ପ୍ରଚାର' 'ବିଦେଶୀ ବର୍ଜନ' 'ଦୁର୍ବଳର ଆଖି ପାଣି' 'ବନ୍ଦିନୀ ଜନନୀ' ଇତ୍ୟାଦି ନାନା ଗୀତ ମଧ୍ୟ ଉନ୍ମାଦନା ସୃଷ୍ଟି କଲା । କହିବା ବାହୁଲ୍ୟ ଲୋକେ ଭାବ ଓ ଭାଷାକୁ ଆଦରେ ଗ୍ରହଣ କଲେ । ପ୍ରତି ଯାତ୍ରା ସ୍ଥଳରେ ପଛେ ପଛେ ଟିଙ୍କ ପରି ଲାଗି ରହିଥାନ୍ତି ପୋଲିସ ଅଫିସର । ଗୀତଗୁଡ଼ିକ ଅଧିକାଂଶ ଥିଲା Figure ଓ Statistics ସମ୍ବଳିତ । ତେଣୁ ଆଇନଘଟିତ ଦୋଷରେ ପକାଇବା ଥିଲା ବଡ଼ କଠିନ । ପଛରେ ସପକ୍ଷ ଥିଲେ ଗୋପନରେ କେତେକ ଓକିଲ ଓ ଜମିଦାର । ସେମାନେ ମୋର ଚିର ନମସ୍ୟ ।

ବୟସ୍କ ମେମ୍ବର କେହି ଦଳକୁ ଭିଡ଼ିବାକୁ ସାହସ କରିନଥିଲେ । ସହାୟ ଥିଲେ ମାତ୍ର ୪-୫ ଟି ଭଲ ଭଲ ଯନ୍ତ୍ରୀ । ତଦ୍ଭିନ୍ନ ପ୍ରାୟ ଅଧିକାଂଶ ନାବାଳକ ପ୍ରତି ଅଭିନୟରେ ପାଉଥିଲେ ଯଥେଷ୍ଟ ଅଳ୍ପ, ସମସ୍ତଙ୍କର ଭାଗ ଥିଲା ସମାନ । ମାଷ୍ଟର, ମ୍ୟାନେଜର ବା ନାଟ୍ୟଲେଖକ ବୋଲି ସ୍ୱତନ୍ତ୍ର ଅଧିକା କିଛି ନେଉନଥିଲି । ଅଗତ୍ୟା ପ୍ରତି ମାସରେ ଯୋଗ୍ୟତା ତୁଳନାରେ ସେମାନଙ୍କର ଆୟ ହେଉଥିଲା ପ୍ରଚୁର । ପରୋକ୍ଷରେ ନାନା ବାଧା ଭେଟିଲେ ମଧ୍ୟ ସେମାନେ ଧମକ ଚମକରେ ନ ଭୁଲି ରହିଥିଲେ ଅନୁଗତ ।

କାଳରେ ପଡ଼ିଲେ ବଜେଇ ଶିଖନ୍ତି—କଥାଟି ମିଛ ନୁହେଁ । ଯାହାକୁ ଭାବୁଥିଲି ପର୍ବତ ପରି, ତାହା ହିଁ ହୋଇଥିଲା ସରଳ । ମୋର ପୂର୍ବବର୍ତ୍ତୀ ସମୟରେ ଗଦ୍ୟ ସାହିତ୍ୟରେ ରଚିତ ନାଟକ ଯାତ୍ରାରେ ପ୍ରଚଳିତ ନଥିଲା । ଦଳମାନ ଗାଉଥିଲେ କାବ୍ୟ ସଙ୍ଗୀତ ଟୀକା କରି ଦେଉଥିଲେ ନିଜର ଗୁଣ୍ଡଗଢ଼ା କଥା ଦ୍ୱାରା । କିନ୍ତୁ ଏହି ଦାୟିତ୍ୱର ବୋଝଟିଏ ପଡ଼ିଯିବାରୁ ମଥା ଉପରେ ନାନା ରଚନାରେ ହସ୍ତକ୍ଷେପ କରିବାକୁ ବାଧ୍ୟ ହେଲି । ଦେଖିଲି ମାତୃଭାଷା ହେଉ ପଛକେ ଓଡ଼ିଆ ଭାଷାରେ ଜ୍ଞାନ ଯଥେଷ୍ଟ ନୁହେଁ । ସେ କାରଣ ଦିଅର ଭାଉଜ, ଶାଶୂ ବୋହୂ କଳିଠାରୁ ଆରମ୍ଭ କରି ଭଞ୍ଜୀୟ ସାହିତ୍ୟ, ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ, ଗୋପାଳକୃଷ୍ଣ ପ୍ରଚୁର ପରିମାଣରେ ଚାରି ପାଞ୍ଚ ବର୍ଷ ପଢ଼ିଲି । ଏହିପରି ଭାବରେ ହିଁ ରଚିତ ହୋଇଛି ଚବିଶ ଖଣ୍ଡି ନାଟକ, ପନ୍ଦର ଖଣ୍ଡ କାବ୍ୟ, ସହସ୍ରାଧିକ ଗୀତାବଳୀ ।

ନିଜେ ଚୂନ କାଳି ଲେପି ହୋଇ ନାଟୁଆ ଭାବେ ସଭାକୁ ବାହାରେ । କିନ୍ତୁ ଭିନ୍ନଭିନ୍ନ ଭାବେ ପରୀକ୍ଷା କରୁଥାଏ ଦର୍ଶକଙ୍କର ଦୃଷ୍ଟିଭଙ୍ଗୀ, ଭାବ ଓ ଉତ୍ସାହ

Digitized by srujanika@gmail.com

ଉତ୍ତେଜନାକୁ । ତେଣୁ ଭଲକରି ବୁଝିପାରୁଥାଏ କେଉଁ ଭାବ, କେଉଁ ଭାଷା, କେଉଁ ଘଟଣା, କେତେବେଳେ ଠିକ୍ କଳିକାକୁ ବସେ । ଖଣ୍ଡେ ଖଣ୍ଡେ ନାଟକକୁ ସର୍ବାଙ୍ଗ ସୁନ୍ଦର ଆମୂଳଚୂଳ ଜମକଦାର କରାଇବା ଲାଗି ୬/୭ ଥର ସଂଶୋଧିତ କରିବାକୁ ପଡ଼ୁଛି । ଦର୍ଶକସ୍ଥଳରେ ଥା'ନ୍ତି ହାକିମ ହୁକୁମା ଓକିଲଙ୍କ ଠାରୁ ଆରମ୍ଭ କରି ବର୍ଣ୍ଣଜ୍ଞାନ-ହୀନ ଦେଇ ଖଟୁଆ, ଶୁକଅପା, ମାଣିକ ମା' ଯାଏ—ସଭିଙ୍କି ବୋଧ ନ କଲେ ଭାତ ନ ପାଆନ୍ତୁ ବିଦା ହେବା କଥା···କେହି ଖୋଜୁଛନ୍ତି ଭକ୍ତିରସ ସାହିତ୍ୟ, କେହି ସବୁଜ ସାହିତ୍ୟ, କେହି ରାଧାନାଥୀ, କେହି ରବିନ୍ଦ୍ରୀ । କି Plot କଲେ ସଭିଙ୍କର ଆଶା ପୂର୍ଣ୍ଣ କରି ହେବ, ସଭିଙ୍କର ବୋଧଗମ୍ୟ ହେବ, ଏଇଟି ହିଁ ବଡ଼ ଜଟିଳ, ବଡ଼ କଠିନ ସମସ୍ୟା । ଏହା ଶିକ୍ଷା କରିବାକୁ ଅନୁମାନ ଦଶ ବର୍ଷ ଲାଗିଥିଲା । ପ୍ରତିବର୍ଷ ଶହେ ଗ୍ରନ୍ଥ ନାଡ଼ୁଥିବା ଲୋକ ମଧ୍ୟ ଏଥିରୁ କମ୍ ସମୟରେ ଏ ଚଟକ ଆୟତ୍ତ କରିପାରିବେ, ଏହା ସମ୍ଭବପର ବୋଧ ହେଉନାହିଁ । କିଛି ଶିକ୍ଷା କଲି । ଆଉ ଗୋଟିଏ କୌଶଳ—ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ପଲ୍ଲୀବାସୀ ଅଭିନେତା-ଯେଉଁମାନେ Motion Posture, କଳାକାଷ୍ଠାରେ ଏକାନ୍ତ ଅନଭିଜ୍ଞ, ସେମାନଙ୍କୁ ଯେନ୍ତେ ଅଳ୍ପ ବ୍ୟୟରେ କାର୍ଯ୍ୟ ହାସଲ କରାଇବାକୁ ହେଲେ ଏବଂ ତହିଁ ସଙ୍ଗେ ସମାଜକୁ ଆଦ୍ୟନ୍ତ ଚରମ ରସି ରସ ସଞ୍ଚାର କରାଇବାକୁ ହେଲେ କି ଭାଷା, କି Plot, କି ସ୍ତରଯୋଜନା କରିବାକୁ ହେବ, ତହିଁର କିଞ୍ଚିତ୍ ଆଭାସ ।

ଏଇ ନାଟ୍ୟ ସମ୍ପ୍ରଦାୟମାନଙ୍କରେ କାର୍ଯ୍ୟ କଲାବେଳେ ଲକ୍ଷ୍ୟ କଲି ଆଉ ଗୋଟାଏ କଥା-ଅପର ଦେଶର ନାଟୁଆମାନେ ଏପରି କି ଅଳ୍ପବୟସ୍କ ବାଳକ ବାଳିକା ମଧ୍ୟ ବିଚିତ୍ର ତାନାଲାପ ପ୍ରୟୋଗ କରି କଣ୍ଠସଙ୍ଗୀତର ଅଦ୍ଭୁତ ଚାତୁର୍ଯ୍ୟ ଦେଖାନ୍ତି । କିନ୍ତୁ ଆମ ପିଲାଏ ତାହା ପାରନ୍ତି ନାହିଁ । ଅତଏବ ସେମାନଙ୍କୁ ବିଧିମତ ସାରିଗାମାର ସ୍ୱର ସାଧନ ଠାରୁ, ଠାଟ ସାଧନ, ବର୍ଜିତ ସାଧନ ମଧ୍ୟମାବର୍ତ୍ତ, ତାରକ ସ୍ଥାୟୀ, ଅନ୍ତ., ବିସ୍ତାର ତାନବର୍ଣ୍ଣ, ଆଳାପ କୂଟତନ୍ତ୍ର ଏହି ସମସ୍ତ ସ୍ତରର ଶିକ୍ଷାକୁ ଶାସ୍ତ୍ରୀୟ ମାର୍ଗ ପଦ୍ଧତିରେ ନଦେଲେ ଉତ୍କର୍ଷର କିଛି ଆଶା କରିବା ବିଡ଼ମ୍ବନା । ମତେ ଏହି ଏତକ ବିଷୟବସ୍ତୁକୁ ସାଧାରଣ ଚଳନସହ ଭାବରେ ଆୟତ୍ତ କରିବାକୁ ଅନ୍ତତଃ ୩/୪ ବର୍ଷ ଆବଶ୍ୟକ । କିନ୍ତୁ ଏତେ ଗୁଡ଼ାଏ ପିଲାଙ୍କୁ ପ୍ରତିପାଳନ କରି ଶିକ୍ଷା ଦେବ କିଏ ? ସେ ବିଦ୍ୟାର ଯଥାର୍ଥ ପଥ ଆମେ ଜାଣୁ କଣ ? ଆମର ବା ପିଲା କେତେ-ଅତଏବ ଯାତ୍ରା ଦଳଟିଏ ଛିଡ଼ାଲେ ଖର୍ଚ୍ଚ କମ, ବାହାର ପଇସାରେ ଖର୍ଚ୍ଚ ଉଠିଯାଏ; ଆଖଡ଼ା ହେଉଥାଉ ବା ନାଟକ ଚାଲୁଥାଉ; ଦେଶରେ ଥାନ୍ତୁ ବା

Digitized by srujanika@gmail.com

ବିଦେଶରେ ବୁଲୁଥିଲି ପ୍ରତି ଗ୍ରୁପକୁ ପ୍ରତିଦିନ ଅନ୍ତତଃ ଘଣ୍ଟାଏ 'ଭାତଖଣ୍ଡଜୀ'ଙ୍କର ଉପଦେଶ ଅନୁଯାୟୀ ଯନ୍ତ୍ର ବା କଣ୍ଠରେ କିଛି ନା କିଛି ସାଧନ ଅଭ୍ୟାସ କରିବାକୁ ପଡ଼ିବ । ଏହି ରୀତିଟିକୁ ବାଧ୍ୟତାମୂଳକ କରାଇବାରୁ ଦେଖିଲି, ବାସ୍ତବରେ ମାତ୍ର ଗୋଟିଏ ବର୍ଷରେ ପିଲାଏ ବିଚକ୍ଷଣ ଭାବେ ଗାଇ ପାରିଲେ । ଏଥିପାଇଁ ମୋତେ ମଧ୍ୟ ତାଲିମ ହୋଇ ଗ୍ରୁପମାନଙ୍କୁ ଶିଖାଇବାକୁ ପଡ଼ୁଥିଲା । ପିଲାଏ ହିନ୍ଦୀ ଗୀତ ବୁଝି ପାରନ୍ତି ନାହିଁ, ସେଥିଯୋଗୁଁ ଠିକ୍ ସେହି ସ୍ୱରରେ ଓଡ଼ିଆ ଗୀତ କେତୋଟି ରଚିତ ହୋଇଛି ଓ ତହିଁ ସଙ୍ଗେ ପ୍ରଚୁର ତାନବର୍ଣ୍ଣ ଯୋଗ କରି ହୋଇଛି । ପିଲାଏ-ସାଧାରଣ ଯାତ୍ରା ଦଳର ନାଟୁଆଛୁଆ ହୋଇ ମଧ୍ୟ ଲିପି ପଦ୍ଧତିରେ ଦକ୍ଷ ହୋଇଛନ୍ତି । ପଚିଶ ବର୍ଷ ଅଖଣ୍ଡ କାର୍ଯ୍ୟକାଳ ମଧ୍ୟରେ ପ୍ରାୟ ଆଠ ଦଶଟି group ଶିକ୍ଷା ପାଇଛନ୍ତି । ମୋର ପିଲାମାନଙ୍କୁ ଟିକେ ଦକ୍ଷ କାନରୁଚିଆ କରାଇବାର ଅଭିଳାଷ ମଧ୍ୟ ମୋର ଲେଖା ଲେଖିର ଗୁଚ୍ଛ କାରଣ ନୋହେଁ—

ପୁଣି ଦେଖିଲି ଆମେ ଏହି କଟକିଆ ବାଲେଶ୍ୱରିଆଙ୍କର ବାସ୍ତବ ଦକ୍ଷିଣୀ ସଙ୍ଗୀତ ପଦ୍ଧତିର ଜ୍ଞାନ ଅତିଅଳ୍ପ । ତିନି ବର୍ଷଟି ମେଧାବୀ ଗ୍ରୁପଙ୍କ ସଙ୍ଗରେ ଯେକ କିଛି ଦିନ ଗଞ୍ଜାମ ଜିଲ୍ଲାରେ ରହିଲି । କିଛି କିଛି ତେଲଙ୍ଗା ସଙ୍ଗୀତର ରୀତି ପଦ୍ଧତି ଶିକ୍ଷାପ୍ରଣାଳୀ ଓ ଗୀତ ଅଭ୍ୟାସ କଲି ଓ ସେହି ସ୍ୱର ସଙ୍ଗେ ଯେପରି ପିଆଜ ବଘାର ଦେଇ କେତୋଟି ଗୀତ ମଧ୍ୟ ରଚନା କଲି । ଆମେ ଏ ଅଞ୍ଚଳରେ ଯାହାକୁ ଦକ୍ଷିଣୀ ବୋଲି କହୁଁ, ତାହା ବାସ୍ତବ ଦକ୍ଷିଣୀର ଛାୟା ମଧ୍ୟ ନୁହେଁ । ତାନ୍ ଆଲାପ କୃତିତ୍ୱ ନାହିଁ ଏ ପ୍ରକାର ଗୀତ-ବିଦ୍ୟା-ଦର୍ପଣ ପରି ସରଳତମ ଦକ୍ଷିଣୀ ପଦ୍ଧତିର ଗ୍ରନ୍ଥରେ ଖଣ୍ଡେ ସୁଦ୍ଧା ପାଇବେ ନାହିଁ, କିନ୍ତୁ ଆମର ଏଠାରେ ପ୍ରଚଳିତ ଦକ୍ଷିଣୀ ପଦ୍ଧତି ଅନ୍ତର୍ଗତ ଓଡ଼ିଶୀ ନାମଧେୟ ଗୀତମାନଙ୍କର ବ୍ୟବହାରରେ କେବଳ ଭାଷାବ୍ୟତୀତ ଅନ୍ୟ ସମ୍ବଳ ନାହିଁ— । ସ୍ୱରଲିପି ମଧ୍ୟ ଏ ଯାଏ ହେଲା ନାହିଁ । ସୌଭାଗ୍ୟ ଯେ Radio ରେ କେତୋଟି ଦକ୍ଷିଣୀ ଶିଳ୍ପୀଙ୍କୁ ଅଣା ହୋଇଛି । ଆଶା ହେଉଛି ଓଡ଼ିଶୀର ସ୍ୱରୂପ କିଛି ବଦଳିବ । ଏହି ଦକ୍ଷିଣୀ ବିଜ୍ଞାନ ଶିକ୍ଷା ଦେବାରେ ମୋତେ ଯଥେଷ୍ଟ କୃପା କରିଥିଲେ ପାରଳାର ଭୂତପୂର୍ବ ସଭାସଦ 'ପୁରନାରାୟଣଜୀ' । ଅତି ଉଦାର, ଅତି ମହତ୍ ପ୍ରାଣ ଥିଲା ତାଙ୍କର । ମୁଁ ଏଠାରେ ଶିକ୍ଷା କରୁଥିବା ସମୟରେ ଦୈବୀ ଦୁର୍ଘଟଣା ବାରୁଦଘରେ ପୋଡ଼ିଯାଇଁ ଦେହତ୍ୟାଗ କରିଛନ୍ତି ଉକ୍ତି । ଅପର କେତେକ ଶିକ୍ଷା ପାଇଥିଲି ବାବୁ ନୀଳମଣି ବେବର୍ତ୍ତା ପଟ୍ଟନାୟକ ମହାଶୟଙ୍କ ଠାରୁ । ସେ ଥିଲେ Girl school ର music teacher । ଶିକ୍ଷା ଦେବାର ପ୍ରଣାଳୀ ଅତି ଚମତ୍କାର— । ଏ ଉଭୟ ଗୁରୁ ଆଜି ମହାରାଜ୍ୟରେ । ଏହି ଦୁଇଜଣଙ୍କ ଠାରୁ

Digitized by srujanika@gmail.com

ଶିକ୍ଷାଲାଭ କରି ମୁଁ ମୋର ଗୁରୁମାନଙ୍କୁ ଦକ୍ଷିଣୀ ସ୍ୱରୂପରେ କେତୋଟି ଶିକ୍ଷା ଦେଉଛି ଓ ରଚନା କରିଛି ।

ଯୁଦ୍ଧର Black outରେ ଯାତ୍ରା ନାଟ ଆଦି ପୂରା ବନ୍ଦ ହୋଇଗଲା । ମୋ ପକ୍ଷରେ ଏକା ଏକା ସମ୍ଭାଳିବା କଠିନ ହେଲା । ଗତ ଆଠ ବର୍ଷ ହେଲା ସେ ଯାତ୍ରାଦଳ କହନ୍ତୁ ବା ସଙ୍ଗୀତ ଶିକ୍ଷାର ବିଦ୍ୟାଳୟ କହନ୍ତୁ, ତାହା ଲୋପ ହୋଇଛି ।

ଦେଖିଲି ପାଲାବାଲାମାନେ ପ୍ରଚଳିତ ସ୍ୱରରେ କେବଳ ନାନା ଗ୍ରନ୍ଥରୁ କାହିଁରୁ ଚୋରାଏ, କାହିଁରୁ ଚୁଆଏ Quotation ଦେଖାଇ ବିକ୍ଷିପ୍ତ ଓ ବିଶୃଙ୍ଖଳ ଭାବରେ ବର୍ଣ୍ଣନା ବ୍ୟାଖ୍ୟା କରି କାଳକ୍ଷେପ କରିଥାନ୍ତି । ତଦ୍ଦ୍ୱାରା ପାଣ୍ଡିତ୍ୟ ଦେଖାନ୍ତି ସତ, କିନ୍ତୁ ରସ ସର୍ଜନା କରାଇବାର ଭାବ ଅତି ଅଳ୍ପ । ଅତଏବ ଯଦ୍ଦ୍ୱାରା ତିନି ଘଣ୍ଟାରେ କୌଣସି ଆଖ୍ୟାନ ନାନା ସ୍ୱରରେ ନାନା ଛନ୍ଦରେ ଗାଇ ବିଧିମତ ଜନ ରଞ୍ଜନ କରାଇ ପାରନ୍ତି, ତହିଁକି ୧୫ଖଣ୍ଡ କାବ୍ୟର ରଚନା କରି ସାରିଛି— । ବାସ୍ତବରେ ଏ ପଦ୍ଧତି ବର୍ତ୍ତମାନ ଶିକ୍ଷିତ ସମାଜର ଶୁଭ ଦୃଷ୍ଟି ପାଇଛି । ଏ ମୋର ଆନନ୍ଦ ଓ ସୁଭାଗ୍ୟର କଥା ।

ବର୍ତ୍ତମାନ ସୁଦ୍ଧା ପ୍ରତ୍ୟହ କିଛି ନା କିଛି ଲେଖି ପେଡ଼ି ମଧ୍ୟରେ ଛପେଇ ଦେଉଛି । କେଉଁଦିନ ସମ୍ବଳ ହେବ ଏଗୁଡ଼ିକ ଛପା ହେବ, ତାହା ଭଗବାନ ଜାଣନ୍ତି । ମୁଁ ତ ନିଃସମ୍ବଳ—

ଏହାହିଁ ମୋର ଜୀବନୀ, ଏହାହିଁ ଲେଖିବାର କାହିଁକି । □ □

Digitized by srujanika@gmail.com

କାଳୀଚରଣ ପଟ୍ଟନାୟକ

●

କାଳୀଚରଣ ପଟ୍ଟନାୟକ୍

ଜନ୍ମ—୨୩ ଡିସେମ୍ବର, ୧୮୯୭
ଜନ୍ମସ୍ଥାନ—ବଡ଼ମ୍ବା, କଟକ
ପିତା—ଦୁର୍ଗାଚରଣ ପଟ୍ଟନାୟକ
ମାତା—ରାଧାମାଳୀ ଦେବୀ
ମୃତ୍ୟୁ—୨୪ ଜୁଲାଇ ୧୯୭୮

ରଚିତ ପୁସ୍ତକ—

ଶିଶୁ ସାହିତ୍ୟ—କଳାହାଣ୍ଡିଆ ମେଘ, ବଉଳବେଣୀ, ବାସ୍ଥାଧନଟି, ପ୍ରଥମ ପାଠ, ଆମପାଠ, କଥା ଶୁଣ, ସରସ ସାହିତ୍ୟ, ଶିଶୁ ସାହିତ୍ୟ, ଶିଶୁ ଖେଳା ଗୀତ, ପିଲାଙ୍କ କର୍ମ ସଙ୍ଗୀତ, ଠକ୍‌କର ବାପା, ନେପୋଲିଅନ, କେତୋଟି କଥା, ଆମ ସାହିତ୍ୟ, ବାଳବୋଧକ ।

ଉପନ୍ୟାସ—କନକ କମଳା, ଯୋଗିନୀ ମାଆ ।
ଗଳ୍ପ ସଂଚୟନ—ବନଫୁଲ ।
କବିତା ସଂଚୟନ—ଚନ୍ଦ୍ରିକା, ଫୁଲରେଣୁ ।
ବ୍ୟଙ୍ଗ କବିତା—ହାଲ ଫେସନ, ଚରଣ ଚୁଟିଆ ଢମ ।

ସଙ୍ଗୀତ—ସଙ୍ଗୀତସାର, ଗୀତ ମଞ୍ଜରୀ, କବିଚନ୍ଦ୍ର ଗୀତାବଳୀ, ହାର୍ମୋନିଅମ୍ ଶିକ୍ଷା, ପିଲାଙ୍କ ସଙ୍ଗୀତ ଶିକ୍ଷା, ଓଡ଼ିଶୀ ସଙ୍ଗୀତର ରୂପରେଖ, ରକ୍ତଝଙ୍କାର, ବରଣଡାଲି, ମେଳରାଗ, ଲକ୍ଷଣ ଗୀତ, ସପ୍ତସ୍ୱରୀ, ସୁରଲେଖା, ସୀନେମା ସଙ୍ଗୀତ,
କାବ୍ୟ ନାଟିକା—ଅନଙ୍ଗ ।

ସଙ୍ଗୀତ ନାଟକ—ସାକ୍ଷୀଗୋପାଳ, ମାନିନୀ, ଗୀତଗୋବିନ୍ଦ, ରାଧିକା, ଚନ୍ଦ୍ରିକା, ମାଣିକା, ପଞ୍ଚପୁଷ୍ପ, ଦେହି ପଦପଲ୍ଲବ ମୁଦାରଂ ।

ଏକାଙ୍କିକା--ସପ୍ତପର୍ଣ୍ଣି, ଯୁଗପୁରୁଷ, ଜୀବନ ତର୍ପଣ, ଦୋଷ କେଉଁଠି ? ପଞ୍ଚରଙ୍ଗ, ଷଡ଼ରସ ।

Digitized by srujanika@gmail.com

ନାଟକ-ଧ୍ରୁବ, ହରଚନ୍ଦ୍ର, ଶକୁନ୍ତଳା, ମୁଗ୍‌ଧା, ଲକ୍ଷ୍ମୀ, ଆଖିର ଦେଖା, ପ୍ରତିଶୋଧ, ଗାର୍ଲସ୍କୁଲ, ଆହୁତି, ଚୁମ୍ବନ, ଖତ, ପରବର୍ତ୍ତୀନ, ଜୟଦେବ, ହରଣଗୃହ, ଅଧିବର୍ତ୍ତୀ ଜଗନ୍ନାଥ ଦାସ, ଅଭିମାନ, ଚନ୍ଦୀ, ବେକାର, ଦଶଭୂଜା, ରକ୍ତମାଟି, ବନମାଟି, ବନମାଳା, ଫଟାଭୁଇଁ, ରକ୍ତମନ୍ଦାର, ସାରଳା ଦାସ, କମଳା, ସାରଶଣ୍ଡ, ସଂଧାନ, ମାଳତୀ, ଯୁଗେ ଯୁଗେ ଉତ୍କଳ ।

ଆତ୍ମଜୀବନୀ—କୁମ୍ଭାରଚକ ।

ଆଲୋଚନା—ଚମ୍ପୂ ପ୍ରବେଶ, ଶ୍ରୀ ଗୀତଗୋବିନ୍ଦ, ଅଭିନୟଦର୍ପଣ, ପ୍ରବନ୍ଧ, ରାଗଚନ୍ଦ୍ର, ଓଡ଼ିଆ ସଙ୍ଗୀତ, ଓଡ଼ିଆ ନୃତ୍ୟ ଓ ମଞ୍ଚଧାରା ।

ଅନୁବାଦ—ଭୁଖା ଯୁଗସାଧକ । ☐ ☐

ସତ କଥା ତ, କାହିଁକି ଲେଖେ ? ମନରେ ଯାହାଥାଏ ତାହା ଫୁଟେ, ତା କଅଣ କାମରେ ହୁଏ ? ଆଶାରେ ସେ ଆଶାଥାଏ—ସେଇଠି ତାର ଜନ୍ମ ମରଣ ବୋଧହୁଏ ସେଇ ଆଶାର ଅସାର ଅଶା ଭିତରେ । ତଥାପି ଆଶା ହିଁ ଭରସା ।

ଖୁବ୍ ପିଲାଦିନେ, ସେତେବେଳକୁ ମୋତେ ପ୍ରାୟ ଦଶ ବର୍ଷ—ଲେଖା ଆରମ୍ଭ କାଳ ମୋର ସେଇ । ଗୀତକୁ ମୁଁ ଖୁବ ସୁଖ ପାଉଥିଲି, ପାଏ ମଧ୍ୟ । ଆମ ଘରେ ବ ଆଗରୁ ବାପା ଜେଜେବାପାଙ୍କ କାଳରୁ ଗୀତର ଚର୍ଚ୍ଚା ଥିଲା । ଦାଣ୍ଡମେଲା ବୈଠକରୁ ବହୁତ ପୁରୁଣା ଗୀତ ଶୁଣେ । ହଠାତ୍ ଦିନେ ମୋର ମନ ହେଲା କେମିତି ଗୀତ ଲେଖନ୍ତି । ଅବଶ୍ୟ ସଂଗୀତ ଶାସ୍ତ୍ର ହିସାବରେ ସ୍ୱରଜ୍ଞାନର ଧାର ଧାରୁ ନଥିଲି ମୁଁ, ମାତ୍ର ଶୁଣିକରି ବହୁତ ଗୀତ ଗାଉଥିଲି । ମୋର କୁଆଡ଼େ ଭଲ ଗଳା ଥିଲା ବୋଲି ଲୋକେ କହନ୍ତି । ଆମ ବଂଶଟାଯାକ ଶକ୍ତ ଉପାସକ । ଘର ପାଖରେ ଆମର ଚର୍ଚ୍ଚିକା ଠାକୁରାଣୀଙ୍କ ଦେଉଳ । ରୋଜ ସଞ୍ଜବେଳେ ମୁଁ ଦର୍ଶନ କରିଯିବା ପାଇଁ ବୋଉ ମୋତେ ଅଭ୍ୟାସ କରାଇଥାଏ । ସେ ରୁଚକ ପାହାଡ଼, ବୃକୁଖୋଲା ମହାନଦୀ, ଏକୁଟିଆ ଗୋଟିଏ ଅଚହ୍ନା ଗଛ, ମେଲା ପବନ, ଉହୁଆଁ ଜହ୍ନ, ଖୁବ ଭଲ ଲାଗେ ମୋତେ । ବେଢ଼ା କଡ଼ର କାନ୍ଥି ଉପରେ ବସି ମନ ଇଚ୍ଛା ଗୀତ ଗାଏ—ଶାଗରୁ ପଦେ ମୁଗରୁ ପଦେ । ଦିନେ ହଠାତ୍ ଘରକୁ ଫେରି ଖାତା ପେନ୍‌ସିଲ ଧରି ଗୀତ ଲେଖି ବସିଲି । ସେ ଗୀତଟିର ପ୍ରଥମ ଧାଡ଼ି ହେଲା—

Digitized by srujanika@gmail.com

"ଦେବି ଗୋ, ପରମାନନ୍ଦ ଦାୟିନି !
ପଦ୍ମଗନ୍ଧ ପ୍ରସୂନ ମାଳିନି
ମା ଶ୍ମଶାନ ବିଳାସିନି !
କର ଦୟା ଘନେ ସିଂହବାହିନି
ହର ହୃଦୟ ପରସ୍ମରଣୀ ।"

ଏବେ ସେ ଗୀତଟି ଦେଖି, ପଢ଼ି, ଶୁଣି—ଏ ଲେଖା ମୋର ବୋଲି ମନେହୁଏ ନାହିଁ । ଯେତେବେଳେ ମୋର ବୟସ, ମୋ ବିଦ୍ୟା ବୁଦ୍ଧି ଅପର ପ୍ରାଇମେରୀ ପଢ଼ୁଆ ଛାତ୍ର ମୁଁ, କେହି ସେକଥା ବିଶ୍ୱାସ କରିପାରିବେ ନାହିଁ; ତଥାପି ମୁଁ ଅଙ୍ଗେ ନିଭେଇ ଥିବା କଥା କହୁଛି । ସେ ଗୀତ ଦେଖିବା ଭଳି ଜଣେ ଅଧେ ଲୋକ ଏବେ ବି ଜୀଇଁଛନ୍ତି । ଗୁରୁ ଏମିତି ହଉ ହଉ-ଗୀତ ଲେଖାରେ ମନ ବଳିଲା । କ୍ଲାସରେ ବସି ପଢ଼ିଲାବେଳେ ବି ଗୀତ ଲେଖିଥାଏ । ଏଇଠି-ଏଇ କଟକରେ ମୋର ଯେ ସହପାଠୀମାନେ ଅଛନ୍ତି-ଅବଶ୍ୟ ମୋର ୧୫ / ୧୬ ବର୍ଷ ବେଳର ସହପାଠୀ ସେମାନେ ଆଜି ସୁଦ୍ଧା ଏଇ କଥା ମନେରଖି କହନ୍ତି । ଗୀତ ଲେଖୁ ଲେଖୁ ଧୀରେ ଧୀରେ କବିତା ଲେଖି ବସିଲି । କବିତାରୁ ହିଁ ମୋ ଲେଖା ଆରମ୍ଭ । ଏଇ କବିତା ଆଉ ଗୀତ ଭିତରେ ଭକ୍ତିରସ ଓ ଆଦିରସର ବହୁତ ରଚନା ଥିଲା । ପଣ୍ଡିତ କୃପାସିନ୍ଧୁ ହୋତା (ଏବେ ସାକ୍ଷୀଗୋପାଳରେ ଅଛନ୍ତି) ମୋତେ ଆଦିରସର କବିତା ଲେଖିବାରୁ ବିରତ କରାଇଲେ । ମୋ ଲେଖାର ଗତି କେତେ ପରିମାଣରେ ଫେରିଗଲା ସତ ମାତ୍ର ବିରାଟର ଆଦିରସଟାକୁ ବାଦଦେଇ ପାରିଲିନାହିଁ । କବିତାଠାରୁ ଗୀତ ଲେଖାରେ ଝୁଙ୍କ ବେଶି ଥାଏ-ଲେଖେଁ, ଗାଏ-ସାଙ୍ଗ ପିଲାମାନଙ୍କୁ ଶୁଣାଏ । ଖୁବ୍ ଆନନ୍ଦ ପାଏ । ଏତିକି । ତା ଛଡ଼ା ମୋର ଆଉ ଲେଖିବାରେ କାରଣ ନଥିଲା ।

ଗଡ଼ଜାତର ପ୍ରକୃତି ଭିତରେ ମୁଁ ବଢ଼ିଛି, ସେ ବଣ ପାହାଡ଼, ଝରଣାର କୁଳୁ କୁଳୁ ଗୀତ, ବଣ କୋଇଲିର କୁହୁ କୁହୁ ଡାକ ସଙ୍ଗେ ଲୁଚକାଳି ଖେଳ, ବଣୁଆଁ ଶବର ସାନ୍ତାଳମାନଙ୍କ ମନଖୋଲି ନାଚ ଗୀତ, ଏଇ ସବୁ ମୋର ସାଥୀ । ସେଇମାନଙ୍କୁ ଉପାଦାନ କରି ମୁଁ ଲେଖେଁ, ମୋର ଆନନ୍ଦ ପାଇଁ, ମୋର ସୁଖ ପାଇଁ-ମୋର ପାଇଁ ମୋ ଲେଖା ଆଉ କାହା ପାଇଁ ନୁହେଁ ।

ସେଇଠୁ ପଲ୍ଲୀ ପ୍ରକୃତି ମୂଳକରି କବିତା ଲେଖି ବସିଲି । ମୋର ଲେଖକ ଜୀବନର ପ୍ରଥମ ପ୍ରକାଶ "କଳାହାଣ୍ଡିଆ ମେଘ" ପଲ୍ଲୀର ବର୍ଷା ବର୍ଣ୍ଣନା—ମୁଦ୍ରଣ କାଳ ୧୯୧୭ ସାଲ । ମୁଦ୍ରଣାଳୟ ଅରୁଣୋଦୟ ପ୍ରେସ; ପ୍ରକାଶକ—ମୋର

Digitized by srujanika@gmail.com

ପିତାଙ୍କର ଅନୁରଙ୍ଗ ବନ୍ଧୁ ସ୍ୱର୍ଗୀୟ ଡଃ ନାରାୟଣ ପ୍ରସାଦ ଦାନ । ତାପରେ ଲେଖିଛି ବହୁତ—କୁଆଡ଼େ ସେ ସେସବୁ ହଜିଗଲା ବା କିଏ ନେଇଛି ପାଇଲି ନାହିଁ ।

ଗୀତ ଆଉ କବିତା ଲେଖୁ ଲେଖୁ ଆରମ୍ଭ କଲି ନାଟକ, ଷ୍ଟୋରି ଗପ ଆଉ ଉପନ୍ୟାସ ଲେଖା । ନିଜେ ନିଜେ ପ୍ରଯୋଜକ ହୋଇ ହୋଇ ସାଙ୍ଗସାଥୀ ପିଲାମାନଙ୍କୁ ନେଇ କେତେ ନାଟକ ଯେ ଅଭିନୀତ କରାଇଛି, ଠିକଣା ନାହିଁ । ସେଥି ଭିତରୁ ଅଧିକାଂଶ ମୋ ଲେଖା ।

ସବୁ କଥା ବଖାଣି ବସିଲେ ତ ଲେଖା ବଳେଇ ପଡ଼ିବ । ଠିକେ ଠିକେ କହୁଛି । ଏଇ କାଳରୁ ମୋର ନାଟକ ଲେଖା, ଗୀତରେ ସୁର ଦିଆ; ଆଉ କବିତା ଲେଖା ଉପରେ ଟିକିଏ ଝୁଙ୍କ ବେଶି ହେଲା । ସେତେବେଳକୁ ଆମ ଏଠି ପୁରୁଣା ଗୀତ ସବୁ ବୁଡ଼ି ବୁଡ଼ି ଆସୁଥାଏ । ଆମ ବେଶ ଆମ ଭାଷା, ଆମ ସ୍ୱର, ଆମ ସାହିତ୍ୟର ଗୌରବରକ୍ଷା-ମୋର ମନରେ ବସା ବାନ୍ଧିଲା । ମୋ ପ୍ରତିଷ୍ଠିତ ଗ୍ରାମ ଦଳରେ ପୁରୁଣା ଗୀତମାନ ଖୋଜି ପ୍ରଚାରରେ ଲାଗିଲି । ୧୯୩୬ରେ ଚମ୍ପୂ ଗୀତଛକ କ୍ରମରେ ଖଞ୍ଜାଇ ଗୀତିନାଟ୍ୟ ଲେଖି ଅଭିନୀତ କରାଇଲି । ସେତେବେଳକୁ ମୋତେ ଲୋକେ ଟିକିଏ ଟିକିଏ ଚିହ୍ନିଲେଣି । ଚମ୍ପୂ ନାଟକ ଘରେ ଘରେ ସମାଦର ପାଇଲା । ଦୁନିଆରେ ନୂଆ ହୋଇ କିଛି ଅଛି ବୋଲି ମୋର ମନେ ହୁଏ ନାହିଁ । ଖାଲି ପୁରୁଣା ସ୍ୱତାରେ ମାଳ ବୋଳିବା କଥା । ବୁଡ଼ିଯାଉଥିବା ଘର ପଦାର୍ଥକୁ ଯାଇତ ସମ୍ପାଦ ରଖି ନୂଆ ଗ୍ରନ୍ଥରେ ବେଉଢବା ହେଲା ମୋର ଲକ୍ଷ୍ୟ । ମୋ ଗାଆଁ, ମୋ ନଈ, ମୋ ଦେଶ । ମୋତେ ସ୍ୱର୍ଗ-ଏଇ ହେଲା ମୋ କବିତ୍ୱ । ଗଣ ବା mass ପଛରେ ଗୋଡ଼ାଇବାଟାକୁ ମୁଁ ପସନ୍ଦ କରେ ନାହିଁ । 'ଗୋଳେ ହରିବୋଲ' ହେଲା mass, ହୋ ମତ କଥା ତାଙ୍କର ତାଙ୍କୁ, ପ୍ରାଣପଣେ ଦେଶର ଗନ୍ତାଘର ଫିଟାଇ ଦେଖାଇବା ମାନସରେ ମୁଁ ଲାଗିପଡ଼ିଲି । ବୁଡ଼ିଯାଉଥିବା ସ୍ୱର, ପାଶୋରା ସାହିତ୍ୟର ଭାଷା ଗ୍ରାମ୍ୟଚଳଣ ଢଙ୍ଗ ରଙ୍ଗ ଚେତାଇ ଦେବାକୁ ଚେଷ୍ଟାକଲି । ମୋର ଏ ପ୍ରଚେଷ୍ଟାକୁ କିଏ କି ଦୃଷ୍ଟିରେ ନେଲା ମୁଁ ଖାତିର କରି ନାହିଁ । ଗଡ଼ଜାତର ରାଜାମାନେ ମୋତେ ଯଥେଷ୍ଟ ସାହାଯ୍ୟ କରିଥାଆନ୍ତି ଏ ବାଟରେ । କଳା ବନ୍ଦୀଥିଲା ଅନେକଙ୍କ ଗନ୍ତାଘରେ ।

ଧନ ଗଲା—ସଙ୍ଗୀତ ଓ ନାଟକ ଲେଖାହେଲା ମୋର କବି ଜୀବନର ବେଉସା । ଏତିକିବେଳେ ମନେହେଲା ମୁଁ କାହିଁକି ଲେଖୁଛି—ଅବା ଲେଖେଁ ?

ଏଥର ଅଳ୍ପ କଥାରେ ସବୁ ତୁଟିଯିବ । ସଙ୍ଗୀତ ମୁଁ ଲେଖେଁ—ମନରେ କାନରେ ଅଦିନ-କୋଇଲିର କୁହୁ ଆସି ଚହଲ ପକାଇଦିଏ ବୋଲି, ନର୍ମ୍ମ

Digitized by srujanika@gmail.com

ଘରେ ଏକୁଟିଆ ଦୂର ବଣ ବାଟୋଇର ବଂଶୀ ଶୁଣେ ବୋଲି । କିଏ ଶୁଣେ, ଆଉ ମୁଁ ଚାହେଁ ମୋର ପ୍ରିୟ ଗାଆଁ ଭୂଇଁର ମନୁଷ୍ୟ ପରିବାରକୁ ଏଇ ସବୁ ଶୁଣାଇ ଗୀତ ବସନ୍ତ ଜଗାଇ ରଖିବାକୁ । ମୋ ଗୀତର ଓଢ଼ଣା ତଳେ ମୁଁ ସଜାଡ଼ିଥାଏ ସରଳ ମନକଥାକୁ ତରଳ ସ୍ୱର ଭିତରେ ଓଡ଼ିଆ ଘରର କୁମ୍ଭପକା ମାଳାମୁଣ୍ଡି ପାଟ ମିଶାଇ ।

ପାରଖୀ ମୋ ଗୀତ ଭିତରେ ପାଇବେ ପୁରୁଣା କାଳରେ ନୂଆଁ ଗଢ଼ଣ । ଆଜି ନୋହିଲେ ଦିନେ ହେଲେ ସେ ସୁଅ ଖାଇ ବନ୍ଧି କୁମ୍ଭ ବାହାଫୋଟ ମାରି 'ଆମ ଘର ଜିନିଷ' ବୋଲି କହିବେ, ଏ ଭରସା ମୋର ଅଛି । ଆମ ସଙ୍ଗୀତ ନାଆଁ ବୁଡ଼ିଯିବ ? ଏ କଥାଟା ମୋତେ ବଡ଼ ବାଧେ । ସେଇଥିପାଇଁ ମୁଁ ହିନ୍ଦୁସ୍ଥାନୀ ସଙ୍ଗୀତ ଶିକ୍ଷା ପାଇଥିଲେ ହେଁ ଓଡ଼ିଶୀ ସଙ୍ଗୀତକୁ ପ୍ରାଣପଣେ ଭୁଲି ପାଏଁ । ଆଉ ସେହି ସଙ୍ଗୀତର ଗଠଣ ସ୍ୱର, ତାଳ, ଛନ୍ଦ, ଭଙ୍ଗୀ. ପ୍ରକାଶ, ଢଙ୍ଗ ଓ ସାହିତ୍ୟ ଭିତରେ ପାଏ ମନଭରି ଆନନ୍ଦ ।

ଚେଷ୍ଟା ତ କରୁଛି ବହୁତ—ଫଳ ଫଳି ନାହିଁ ଆଜି ଅବଧି । ସେ ମୋ ଦୋଷ କି ଆମ ଲୋକଙ୍କ ଦୋଷ, ହୁଏତ ମୁଁ ବୁଝାଇ ପାରୁନାହିଁ ବା ସେମାନେ ବୁଝିପାରୁ ନାହାନ୍ତି, ମୁଁ ଫୁଟାଇ ପାରିବାକୁ ଅସମର୍ଥ ବା ସେମାନେ ବାସନା ବାରିବାକୁ ଅଯୋଗ୍ୟ—ଏବଯାଏଁ ମେତକ ମୁଁ ଠିକଣା କରିପାରି ନାହିଁ । କିନ୍ତୁ ମୁଁ ଆଶା ଛାଡ଼ିନାହିଁ । ସେଇ କାରଣରୁ ଆମ ସଙ୍ଗୀତର ସ୍ୱରଲିପି ଦେଇ, ଶାସ୍ତ୍ରବିଧି ଅନୁଯାୟୀ କେତେଗୋଟି ଗୀତ ମୁଁ ରାଗ, ତାଳ ସହିତ 'ଓଡ଼ିଶୀ ସଙ୍ଗୀତ ପ୍ରକାଶ' ନାମରେ ଛପାଇବାକୁ ଆରମ୍ଭ କରି ଦେଇଛି । ଦେଖାଯାଉ ଭବିଷ୍ୟତ ସ୍ଥିର କରିବ କଅଣ ? ଏ ଦେଖାଯାଉ କଥାଟା ମୋ "ଦେଖାଯାଉ" ପାଇଁ ଭରସା ରଖି କହୁ ନାହିଁ—କହୁଛି ଭବିଷ୍ୟତ ପାଇଁ ।

ନାଟକ ଲେଖେଁ—ନାଟ୍ୟକଳା ଭିତରେ ଦେଶର କଳା, ଇତିହାସ, ଚାଲି ଚଳଣି, ଢଙ୍ଗ ଭରତି କରି ବାଢ଼ିବାକୁ । ଯାହାରୁ ପର୍ଯ୍ୟନ୍ତ ନିଖୁଣ କରି ସେଗୁଡ଼ିକ ଫୁଟାଇବାକୁ ବି ଚେଷ୍ଟା କରିଛି । ମୋର ସବୁ ନାଟକ ଲେଖା ଭିତରେ ମାପଚୁପ୍ ଅଛି । ଅଯଥା ଗୁରୁବ ଭାଷାର ବ୍ୟବହାର ମୋର ଅଭ୍ୟାସ ନୁହେଁ । ଅଳ୍ପ ଭିତରେ ବେଶି ଫୁଟାଇବା ମୋର ମତ । ଦୁନିଆଁଟାକୁ ଆଗେ ଦେଖୁଥିଲି ଗୋଟାଏ ଖେଳଘର—ଏବେ ଦେଖୁଛି କିଆଁଶାଳ । ଦେଖୁଛି ଫୁଲର ଦେଖଣାହାରି ବହୁତ ବାକି ବାସନା ଯେତନ୍ତ ଯୋଜେ । ପୁଷ କାଆଁଳଠାରୁ ବୈଶାଖୀ ଝାଞ୍ଜି

Digitized by srujanika@gmail.com

ମୋ ନାଟକର ମୂଳଦୁଆ । ରଙ୍ଗ ଯେ ବେଳେବେଳେ ମୋର ଆସେ ନାହିଁ—ଏକଥା ନୁହେଁ ସଙ୍ଗେ ସଙ୍ଗେ ସନ୍ତ୍ରମ ମଧ୍ୟ ଆସିଥାଏ । ଘୃଣା ନିଜକୁ ଆସେ-ଦୁନିଆଁ ଉପରେ ବଗୁଡ଼ ହୋଇ ପଡ଼େ । ଶାଗ ମାଛ ଏକ ଦର ଦେଖେ ବେଳେ ବେଳେ । ନିଜ ଢୋଲ ନିଜେ ପିଟିବା ଅଭ୍ୟାସ ସମସ୍ତଙ୍କର ଥାଏ ନାହିଁ । ଆପଣା ବଡ଼ିମା ଗାଇବାକୁ ଲଜ ଲାଗେ; କେହି ଗାଇଲେ ବି ସେ ଧକ୍କା ପାଆନ୍ତି-ଏକଥା ବାରମ୍ବାର ଦେଖି ଆସିଛି । ମୁଁ ସ୍ବହେ ମୋ ଅନୁଭୂତିଟାକୁ ଲୋକଙ୍କୁ ଚଖାଇବାକୁ—ବିଶ୍ୱ-ସୃଷ୍ଟିକୁ ଫୁଟାଇବାକୁ ତେଣୁ ଲେଖେଁ, ଲେଖୁଛି, ଲେଖିବି ବୋଧହୁଏ; ମାତ୍ର ମନେ ହୁଏ କବି ମୁଁ ଥିଲି ଦିନେ—ଏବେ କେମିତି ସେ ଫୁଲ ମଉଳି ଯିବା ପରି ଲାଗିଲାଣି । ଏବେ ଯେମିତି ଲେଖୁଛି ଖାଲି କଲମ କାଳି କାଗଜ ପେଶିବାକୁ; ଖାଲି ବଞ୍ଚି ରହିବା ପାଇଁ ଏ ଲେଖା—ସେଇଟି ଏ ଜନ୍ମ ପାଇଁ ବା ଜୀବନଟା ପାଇଁ କି ମରଣର ପରପାଇଁ କେଜାଣି ।

ଗୋଟାଏ ନୂଆ ଜୀବନ ମିଳେ ପ୍ରତି ବସନ୍ତରେ—ଏବେ ତା ପାଉନାହିଁ । ଏବେ ଆଲୁଅ ଦେଖେଁ ସତ—ବାକି ଅନ୍ଧାର ଭିତରେ । ମୁଁ ଲେଖେଁ ଯାହା ପାଇଁ ସେମାନେ ତାକୁ ସେ ଭଳି ଭାବରେ ଘେନନ୍ତି ବୋଲି ମୋର କାହିଁକି ମନେ ହୁଏ ନାହିଁ । ଯାହାର ଜୟଗୀତ କଣ୍ଠ ଫଟାଇ ଗାଇଛି ସେ ହୁଏତ ବଧିର ବା ମୂକ । ଯେଉଁ ଦେଶ, ଜାତି, ଭାଷା ଲାଗି ଲେଖନୀ ଧରିଛି ସେ ହୁଏତ ପଥର ପାହାଡ଼ ଜଡ଼ । ଲେଖେଁ—ଲେଖିବସେ ମନ କଥା ମନେ ମନେ ଗାଇ, ମନକୁ ଶୁଣାଇବାକୁ । ଭାବର ପ୍ରସାର ଲାଗି । ଆଉ ଲେଖେଁ ସତ୍ୟ ଶିବ ସୁନ୍ଦରର ମହାସମାରୋହର ଜୟଗାନ ଲାଗି । କିନ୍ତୁ ଏବେ ସେ ସ୍ପନ୍ଦନ କାହିଁକି କେଜାଣି ମଝିରେ ମଝିରେ ଥମି ଯାଉଛି । ସବୁ କ୍ଷେତ୍ରରେ ଅଭାବ, ଆଘାତ, ଅବହେଳା, ଅନାସ୍ଥା ଲେଖନୀକୁ ମୋର ରୋକିଦେବା ପରି ଲାଗିଲାଣି ।

ମୋ ନାଟକଗୁଡ଼ିକ ଯେ ପଢ଼ନ୍ତି ବା ମୋର ରଙ୍ଗମଞ୍ଚରେ ସେଗୁଡ଼ିକର ଅଭିନୟ ଯେଉଁମାନେ ଦେଖିଛନ୍ତି, ସେମାନେ ବୁଝୁଥିବେ ମୁଁ ନାଟ୍ୟ ଜଗତର କି ଅଭିନବତ୍ୱ ଓଡ଼ିଶାକୁ ଆଣିଦେଇଛି କିନ୍ତୁ ଫଳ କଅଣ ତାର ? ଭବିଷ୍ୟତ ବୋଧହୁଏ କହିପାରିବ । ସଂସ୍କୃତ ଓ ଇଂରେଜୀ ନାଟ୍ୟକାରମାନଙ୍କ ସହିତ ମୋର ପରିଚୟ ପରେ ମୁଁ ଭିନ୍ନ ଧାରାରେ ଅନୁପ୍ରାଣିତ ହୋଇ ମଞ୍ଚ ଶିଳ୍ପକୁ ଗଢ଼ିଛି, ମୌଳିକତା ରକ୍ଷିବାକୁ ସତତ ଚେଷ୍ଟା କରୁଛି-ପ୍ରତିପଦରେ ପ୍ରାଣ ସଞ୍ଚାର ମୋର ଉଦ୍ଦେଶ୍ୟ କିନ୍ତୁ ଉପାୟ ନାହିଁ ? ମନରେ ଅନେକ କଥା ଜାଗି ଉଠେ ପୁଣି ସେଇଠି ମଉଳେ । ହୁଏତ ଏ ଜୀବନରେ

Digitized by srujanika@gmail.com

ସଫଳତା ଏକ ବର୍ଣ୍ଣିତ ବିଡ଼ମ୍ବନା । କିନ୍ତୁ ଏହି ନିଷ୍ଫଳତା ଭିତରେ ଲେଖାଟା ମୋର ଅସ୍ତିତ୍ୱବାଦ । ଏ ନିଗ୍ରଣାବାଦ କାହିଁକି ମୁଁ ଜାଣି, ଜାଣୁନାହିଁ । ଏବେ କେମିତି ପେଶାଦାର ପାଲଟିଗଲଣି ପରି । ତଥାପି ଲେଖୁଛି, ଲେଖା ଛାଡ଼ି ବଞ୍ଚିବାର ସାହାସ ନାହିଁ ବୋଲି ।

ମାତ୍ର ସତରେ କାହିଁକି ଯେ ଲେଖେ, ଯେ ମୋତେ ପ୍ରଥମରୁ ଲେଖାଇଛି, ବୋଧହୁଏ ସେଇ ଜାଣେ ତାର କାରଣ । □ □

Digitized by srujanika@gmail.com

ହରେକୃଷ୍ଣ ମହତାବ୍

●

ହରେକୃଷ୍ଣ ମହତାବ୍

ଜନ୍ମ-୨୧, ନଭେମ୍ବର ୧୮୯୯
ଜନ୍ମସ୍ଥାନ—ଅଗରପଡ଼ା, ବାଲେଶ୍ୱର
ପିତା—କୃଷ୍ଣଚରଣ ଦାସ
ମାତା—ତୋହଫା ବିବି

ରଚିତ ପୁସ୍ତକ :

କବିତା—ପଲାସୀଅବସାନେ, ଆତ୍ମଦାନ, ଶେଷଅଶ୍ରୁ
ଉପନ୍ୟାସ—ପ୍ରତିଭା, ଅବ୍ୟାପାର, ଟାଉଟର, ନୂତନଧର୍ମ
ଇତିହାସ—ଓଡ଼ିଶା ଇତିହାସ (୧ମଖଣ୍ଡ, ୨ୟଖଣ୍ଡ)
ଆଲୋଚନା—ଗାଁ ମଜଲିସ୍ ।
English—History of Orissa,
The beginning of the end. ☐ ☐

କିଛିକାଳ ପୂର୍ବେ ଜଣେ କୁତୂହଳୀ ମୋତେ ଏକ ପ୍ରବନ୍ଧ ଲେଖିବାକୁ ଅନୁରୋଧ କରିଥିଲେ । ପ୍ରବନ୍ଧର ବିଷୟବସ୍ତୁ ହେଲା, ମୁଁ ଲେଖେ କାହିଁକି ? ମୁଁ ଏ ପ୍ରବନ୍ଧ ଲେଖିପାରି ନଥିଲି । କାରଣ ନିଜକୁ ନିଜେ ଏ ପ୍ରଶ୍ନ ପଚାରିବାର ଅବସର ପାଇ ନଥିଲି । ଏବେ କାରାଗାରର ନିର୍ଜ୍ଜନ ପ୍ରକୋଷ୍ଠରେ ଏହି ପ୍ରଶ୍ନ ନିଜକୁ ପଚାରିଥିଲି । ବାସ୍ତବିକ ମୁଁ ଲେଖେ କାହିଁକି, ମୁଁ ନିଜେ ଜାଣି ପାରୁନାହିଁ । ଦୀର୍ଘ ପଚିଶ ବର୍ଷ ହେଲା ପ୍ରାୟ ପ୍ରତିଦିନ ମୁଁ କିଛି ନା କିଛି ଲେଖୁଛି । ସ୍ୱରାଜ୍ୟ ଆନ୍ଦୋଳନ ମାତିଲାବେଳେ, ପରେ ଶାସନରେ ଓ ବାହାରେ, ଯେଉଁ ଅବସ୍ଥାରେ ଯେତେବେଳେ ଥାଏ, ନିତ୍ୟକୃତ୍ୟ ସାରିଲା ପରେ ଘଣ୍ଟାଏ ଖଣ୍ଡେ କିଛି ନ ଲେଖିଲେ ଦିନସାରା ମନରେ ଶାନ୍ତି ରହେ ନାହିଁ । ସେହିପରି ରାତିରେ ଶୋଇବା ପୂର୍ବରୁ ଅନ୍ତତଃ

Digitized by srujanika@gmail.com

ଘଣ୍ଟାଏ ନ ପଢିଲେ ରାତିରେ ନିଦ ବି ହୁଏ ନାହିଁ । ପଢେ଼ କାହିଁକି ତାହା ମୁଁ ବୁଝିପାରୁଛି । ବହୁ ବିଷୟ ଜାଣିବା ପାଇଁ ଆଗ୍ରହ ଓ କୌତୂହଳ ଏହାର ସ୍ପଷ୍ଟ କାରଣ । କିନ୍ତୁ ଲେଖେ କାହିଁକି ? ସ୍ୱରାଜ୍ୟ-ସଂଗ୍ରାମବେଳେ ଆବେଗମୟ ଲେଖା ଲେଖୁଥିଲି, ଲୋକଙ୍କୁ ଆନ୍ଦୋଳନରେ ମତାଇବା ପାଇଁ । ଲେଖାର ପ୍ରଭାବ କିଛି ଲୋକଙ୍କ ଉପରେ ପଡ଼ୁଥିଲା । ସେଇଥିରେ ଥିଲା ମୋର ଆନନ୍ଦ । କିନ୍ତୁ ସେ ତ ତତ୍କାଳିକ ଆନନ୍ଦ । ଅଳ୍ପକାଳ ପୂର୍ବେ ଅଧ୍ୟାପକ ମନ୍ମଥନାଥ ଦାସ କଥାବାର୍ତ୍ତା ପ୍ରସଙ୍ଗରେ ସେ ସମୟର ମୋ ଲେଖା କବିତାରୁ କିଛି ଉଦ୍ଧାର କରି କହିଲେ, "ଆପଣ ସେହିପରି ଆବେଗମୟ ଲେଖା କାହିଁକି ଆଉ ତ ଲେଖୁ ନାହାନ୍ତି ।" ଏହାର ଉତ୍ତର ଦେବା ସହଜ ଥିଲା । ପାରିପାର୍ଶ୍ୱିକ ପରିସ୍ଥିତିରୁ ଆବେଗ ଚାଲିଯାଇଛି, ନିଜ ଅନ୍ତରରୁ ମଧ୍ୟ ଆବେଗ ବିଦାୟ ନେଇଛି । ତା' ସଙ୍ଗେ ସଙ୍ଗେ ସେ କାଳର ଲେଖା ମଧ୍ୟ ଚାଲିଯାଇଛି କେବଳ 'ପଲସି ଅବସାନେ' ଟି ଆଜିସୁଦ୍ଧା ଜୀବିତ ଅଛି । ପ୍ରାଚୀନ ପରମ୍ପରାର ଭିତ୍ତି ଉପରେ ଆଧୁନିକ ଭାରତୀୟ ସମାଜ ଗଠନ ପାଇଁ ଗାନ୍ଧିଜୀ ଯୁଗ ପ୍ରବର୍ତ୍ତକ ବୋଲି ମୋର ବିଶ୍ୱାସ ଥିଲା, ଆଜି ମଧ୍ୟ ଅଛି । ପୁରାତନକୁ ନୂତନ ରୂପ ଦେବାକୁ ହେବ, ସବୁକ୍ଷେତ୍ରରେ, ଏହି ବିଶ୍ୱାସକୁ ରୂପରେଖ ଦେବା ପାଇଁ ଉପନ୍ୟାସ ଗଳ୍ପ, କବିତା ଲେଖିଲି । ଏହି ସମୟରେ ଏହା ଅଦ୍ଭୁତ ହେଉଥିଲା ବୋଲି ଜାଣିଥିଲି । ସେ ସମୟର ମୋର 'ନୂତନ ଧର୍ମ' ଉପନ୍ୟାସ, ଯାହାର ଭାଷା ଆଜି ମୋତେ ପ୍ରାଚୀନ ସାହିତ୍ୟର ଭାଷା ପରି ମନେହୁଏ, ସେତେବେଳେ ଖୁବ୍ ବିକ୍ରୀ ହୋଇଥିଲା, କିନ୍ତୁ କାହିଁ, ଯୁଗପ୍ରବର୍ତ୍ତକ ଗାନ୍ଧି ଶେଷରେ ହେଲେ ସ୍ୱାଧୀନତା ସଂଗ୍ରାମର ସେନାପତି ମାତ୍ର ! ସ୍ୱାଧୀନତା ପ୍ରାପ୍ତି ପରେ ସେନାପତିଙ୍କ ନାମ ମାତ୍ର ରହିଗଲା, କିନ୍ତୁ ନବ ଯୁଗ ପ୍ରବର୍ତ୍ତନ କୁଆଡ଼େ ଉଭେଇଗଲା । ତା' ସଙ୍ଗେ ସଙ୍ଗେ ସେ ବିଶ୍ୱାସପ୍ରସୂତ ମୋର ଲେଖା ମଧ୍ୟ ଅନ୍ତର୍ହିତ ହେଲା । ତା' ପରେ ସ୍ୱାଧୀନତା ପରବର୍ତ୍ତୀ ଯୁଗ । ପ୍ରଥମ ପ୍ରାୟ ପାଞ୍ଚବର୍ଷ, ହୃଦୟ ଏପରି ଆବେଗଭରା, ମସ୍ତିଷ୍କ ବହୁ ନୂତନ ସମସ୍ୟାର ସମାଧାନ ଚିନ୍ତାରେ ଏପରି ଭରା ଯେ, କଲମ ଧରିଲେ ଲେଖା ସ୍ୱତଃ ବାହାରି ଯାଉଥାଏ, ଯେପରି ଆନ୍ଦୋଳନ ସମୟରେ ହେଉଥିଲା । ବହୁ ଉପନ୍ୟାସ, ବହୁ ଗଳ୍ପ, ବହୁ କବିତା ଲେଖିଗଲି । ଜଣେ ସାହିତ୍ୟିକ ବୋଲି ପ୍ରସିଦ୍ଧି ମଧ୍ୟ ଲାଭ କଲି । ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ସମସ୍ତ ଉଦ୍ୟମ ଅଜାଡ଼ି ଦେଲି । ମନେ ହେଲା, ଯେପରି ମାତ୍ର କେତେ ବର୍ଷ ପୂର୍ବରୁ ଯାହା ସ୍ୱପ୍ନ ବା ସୁନ୍ଦର ଗଳ୍ପ ବୋଲି ମନେ ହେଉଥିଲା, ତାହା ଅଚିରେ ସତ୍ୟ ଏବଂ ନୂତନ ଇତିହାସ ଦେବାକୁ ଯାଉଛି । ଧୀରେ ଧୀରେ ଅବସ୍ଥାର ପରିବର୍ତ୍ତନ ହେବାକୁ ଲାଗିଲା । ଏପରି ସମୟ ଆସିଗଲା, ଯେତେବେଳେ କେବଳ ଘଟି ଯାଇଥିବା ଘଟଣାର ବିଶ୍ଳେଷଣ ଆଲୋଚନା ଓ ସମାଲୋଚନା ବ୍ୟତୀତ ଅନ୍ୟ କୌଣସି ଶ୍ରେଣୀର ଲେଖାପାଇଁ କଲମ,

Digitized by srujanika@gmail.com

ପୁରୁଣା ବେମରାମତି ଜିପ୍‌ଗାଡ଼ି ପରି ଚାଲିବାରେ ନିତାନ୍ତ କୁଣ୍ଠା ପ୍ରକାଶ କଲା । ତଥାପି ଠେଲିବାକୁ ପଡ଼ିଲା କିଛି ଦୂରଯାଏ, ପୁଣି ଅଟକିଯାଏ । କେବଳ ଓଡ଼ିଶାର କୁହେଁ । ଘରି ଆଡ଼ର ସାହିତ୍ୟ ମଧ୍ୟ ପାରିପାର୍ଶ୍ୱିକ ଅବସ୍ଥା ସହିତ, ସାମାଜିକ, ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ କୌଣସି ଅବସ୍ଥା ସହିତ ସଂପର୍କ ନ ରଖି ଶୂନ୍ୟେ ଶୂନ୍ୟେ ବିଚରଣ କଲା । ମୋ ପକ୍ଷରେ ତାହା ସମ୍ଭବ ହେଲା ନାହିଁ । କାରଣ ମୁଁ ଛନ୍ଦି ହୋଇଯାଇଥିଲି ନିତାନ୍ତ ବନ୍ଧୁରପଥ ଦଳଗତ ରାଜନୀତିରେ । ଅଳ୍ପ କେତେ ବର୍ଷ ଭିତରୁ ସେଥିରୁ ମନକୁ ହଟାଇ ନେବାପରେ ମୁଁ ନିଜକୁ ଟିକେ ମୁକ୍ତ ଅନୁଭବ କରୁଛି । କିନ୍ତୁ ଲେଖିବି କଅଣ ? କାହିଁ ୧୯୬୧ର ଆବେଗମୟ ବାୟୁମଣ୍ଡଳ, ଭାବ-ସମୁଦ୍ରରେ ଲଘୁଚାପ ଘଟି ଲେଖାରେ ଝଡ଼ଝଞ୍ଜା ସୃଷ୍ଟି ହୋଇଯାଉଛି, କାହିଁ ପୁଣି ସ୍ୱାଧୀନତା ପରେ କେତେ ବର୍ଷର ନବସ୍ୱପ୍ନମୟୀ ଅଭିଳାଷ ଓ ପରିକଳ୍ପନା, ପୁଣି କାହିଁ ଜୁଆର ଗ୍ରାଢ଼ିଗଲା ପରେ ନଦୀର ଗଭୀର କର୍ଦ୍ଦମରେ ପଡ଼ି ଯାଇଥିବା ନୌକା ପରି ଦେଶର ପାରିପାର୍ଶ୍ୱିକ ଅବସ୍ଥା ! ଏହି ଅବସ୍ଥାରେ ଏପରି କିଛି ଲେଖା ଲେଖନୀରୁ ବାହାରିବ କି ଯାହା ଆଜି ନ ହେଲେ ମଧ୍ୟ କାଲି ସମାଜରେ ଜୁଆର ସୃଷ୍ଟିକରି ପଙ୍କରେ ପଡ଼ିଯାଇଥିବା ନୌକାଟିକୁ ପୁଣି ଥରେ ଭସାଇ ନେବ ? ସେଥିପାଇଁ ଆଉ ବୟସ ଅଛି କି ? ଏହା ହିଁ ଏ ଲେଖକର ଆଜିର ଭାବନା ଓ ପ୍ରାର୍ଥନା ।

ପାଶ୍ଚାତ୍ୟ କବି ଡବ୍‌ଲ୍ୟୁ ବି. ଇଟ୍‌ସ ଜୀବନସାରା ଆୟାରଲେଣ୍ଡ ପାଇଁ ଲେଖନୀ ଚଳାଇଲେ । ଯୁଦ୍ଧ ବିରୁଦ୍ଧରେ ତାଙ୍କର ଲେଖନୀ ଅବିଶ୍ରାନ୍ତ ଭାବରେ ଚାଲିତ ହେଲା । ମାତ୍ର ସେ ମୃତ୍ୟୁର କିଛିକାଳ ପୂର୍ବରୁ ଅନୁଭବ କଲେ ଯେ ଜୀବନ କ୍ଷେତ୍ରରେ ସାହିତ୍ୟ ନିତାନ୍ତ ଦୁର୍ବଳ । ପୁଣି ଇଟ୍‌ସଙ୍କ ମୃତ୍ୟୁରେ ଶୋକାଭିଭୂତ ହୋଇ ଡବ୍‌ଲ୍ୟୁ ଏଇଚ ଅଡ଼େନ୍ ସାହିତ୍ୟ ପ୍ରତି ବିତୃଷ୍ଣ ହୋଇ ଲେଖିଲେ, କବିତା ବା ସାହିତ୍ୟଦ୍ୱାରା କୌଣସି ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ । ବାଲ୍ମୀକି ଏବଂ ବ୍ୟାସ ଚିରଂଜୀବୀ ସାହିତ୍ୟିକ ଥିଲେ ବୋଲି ବିଶ୍ୱାସ କରାଯାଏ । କାରଣ ସେମାନଙ୍କ ସାହିତ୍ୟ ଶତବର୍ଷ ପରେ ମଧ୍ୟ ଆଦୃତ ହେଉଛି ଏବଂ ସମାଜ ଉପରେ ପ୍ରଭାବ ପକାଉଛି । କିନ୍ତୁ ଏକଥା ଲୋକ ଭୁଲି ଯାଆନ୍ତି ଯେ ବାଲ୍ମୀକି ଓ ବ୍ୟାସଙ୍କର ନାୟକମାନଙ୍କୁ ପରାତ୍ପର ପରମେଶ୍ୱରଙ୍କ ସହିତ ଯୋଡ଼ି ଦିଆ ଯାଇଥିବାରୁ ସେମାନଙ୍କ ସାହିତ୍ୟ ବଞ୍ଚି ରହିଛି । ଯଦି ରାମ ଓ ଶ୍ରୀକୃଷ୍ଣ ଅବତାର ବୋଲି ସ୍ୱୀକୃତ ହୋଇ ନଥାନ୍ତେ, ତେବେ ବାଲ୍ମୀକି ଓ ବ୍ୟାସ ମଧ୍ୟ ବିସ୍ମୃତି ଗର୍ଭକୁ ଚାଲିଯାଇଥାନ୍ତେ, ଯେପରି 'ବୁଦ୍ଧ ଚରିତ'ର କବି ଅଶ୍ୱଘୋଷ । ତଥାପି ରାମାୟଣ ଏବଂ ମହାଭାରତ କ୍ଷିପ୍ର ଗତିରେ ଅସ୍ତଗାମୀ ସୂର୍ଯ୍ୟପରି ଦୂର

Digitized by srujanika@gmail.com

ଦିଗ୍‌ବଳୟ ଆଡ଼କୁ ଗତି କରୁଛନ୍ତି । ଭବଭୂତି ତାଙ୍କ ସମୟରେ ସମାଲୋଚନାର ସମ୍ମୁଖୀନ ନ ହୋଇ ନିଜକୁ ନିଜେ ଆଶ୍ୱାସନା ଦେଇଥିଲେ, "ଉତ୍ପତ୍ୟସେ ମମ କୋଽପି ସମାନଧର୍ମା, କାଲୋ ହ୍ୟୟଂ ନିରବଧି, ବିପୁଲା ଚ ପୃଥ୍ୱୀ" । ଭାଗ୍ୟବାନ ପାଶ୍ଚାତ୍ୟ ସାହିତ୍ୟିକ ସେକ୍‌ସପିୟର ତାଙ୍କ ପାଇଁ କାଳ ନିରବଧି ଓ ପୃଥ୍ୱୀ ମଧ୍ୟ ବିପୁଳା ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇଲା ପରି ଏସବୁ କୃତୀ ସାହିତ୍ୟିକମାନଙ୍କ କଥା ମନକୁ ଆସେ । ସାନ୍ତ୍ୱନା ଦେବାପାଇଁ ମୋତେ କେତେକ କହନ୍ତି ଯେ ମୋ ଲେଖାରୁ ତତ୍‌କାଳୀନ ସାମାଜିକ ଓ ରାଜନୈତିକ ଅବସ୍ଥା ସମ୍ବନ୍ଧରେ ପରବର୍ତ୍ତୀ ଐତିହାସିକମାନେ ଜାଣି ପାରିବେ । ତା' ଯଦି ହୁଏ, ତେବେ ସେ ବି ଏକ ଆଶ୍ୱାସନା । କିନ୍ତୁ ଏତିକି ମୋର ସାହିତ୍ୟିକ ଜୀବନରୁ ଜାଣିପାରୁଛି. ତାକୁ ପୁଣି ଲେଖାରେ ରୂପାୟିତ କରି ପାରୁଛି କି ନା ମୁଁ ଜାଣିପାରୁ ନାହିଁ । ମନୁଷ୍ୟର ମନୁଷ୍ୟତ୍ୱକୁ କେନ୍ଦ୍ର କରି ସାହିତ୍ୟ ସୃଷ୍ଟି କଲେ, ସେଥିରେ ସାହିତ୍ୟିକ ସନ୍ତୋଷ ଲାଭ କରେ ।

ସୃଷ୍ଟିର ବିଡ଼ମ୍ବନା ଏହି ଯେ ମନୁଷ୍ୟର ମନୁଷ୍ୟତ୍ୱ ସବୁ ଯୁଗରେ ସବୁ ସମୟରେ ମନୁଷ୍ୟ ଦ୍ୱାରା ହିଁ ଆକ୍ରାନ୍ତ । ମନୁଷ୍ୟର ଆକ୍ରମଣରୁ ମନୁଷ୍ୟତ୍ୱକୁ ରକ୍ଷା କରିବା ସାହିତ୍ୟର ଧର୍ମ ବୋଲି ମୋର ମନେହୁଏ ।

ସାହିତ୍ୟ କହିଲେ ବୁଝାଏ କେତେଗୁଡ଼ିଏ ଶବ୍ଦ ମାତ୍ର । ଅନ୍ତରରୁ ଯେଉଁ ଭାବ ଉଦ୍‌ଗତ ହୁଏ, ତାହା ମସ୍ତିଷ୍କ ମାଧ୍ୟମରେ ଶବ୍ଦରେ ପରିଣତ ହୁଏ । ସେହି ଶବ୍ଦ ହିଁ ସାହିତ୍ୟ । କିନ୍ତୁ ମନୁଷ୍ୟ ଭିତରେ, ମନୁଷ୍ୟତ୍ୱ-ବିରୋଧୀ ଶକ୍ତି ଯେ ଅଛି, ସେ ଶବ୍ଦକୁ ନିୟନ୍ତ୍ରଣ କରିବା ପାଇଁ ଏତେ ଉଦ୍ୟମ କରେ ଯେ, ତାହା ଫଳରେ ସାହିତ୍ୟ ଶେଷରେ ଉଦ୍ଦେଶ୍ୟବିହୀନ ହୋଇଯାଏ । ଋଷିଙ୍କର ଅନ୍ତରପ୍ରସୂତ ଉପନିଷଦ୍ କିମ୍ବା ସନ୍ଥ ବା ପଏଗମ୍ବରଙ୍କ ଅନ୍ତରର ପ୍ରେରଣାରୁ ସୃଷ୍ଟ ଈଶ୍ୱରଦର୍ଶନ ବା ଏପରିକି ମାର୍କସ ପ୍ରଭୃତିଙ୍କ ଅନୁଭୂତିରୁ ସୃଷ୍ଟ ବସ୍ତୁବାଦୀ ଦର୍ଶନ ମଧ୍ୟ ବିଭିନ୍ନ ଭାଷ୍ୟକାରଙ୍କ ହାତରେ ପଡ଼ି ଶବ୍ଦମାନଙ୍କ ଅର୍ଥ ଏତେ ଦିଗରୁ ଟଣାଟଣି ହେଉଛି, ସେଥିରେ ବିଚରା ପାଠକ ବିଭ୍ରାନ୍ତ ହେବ ସିନା, ଲେଖକଙ୍କ ଅନ୍ତରକୁ ତାଙ୍କ ଶବ୍ଦ ମାଧ୍ୟମରେ ସେ ପ୍ରବେଶ କରିପାରିବ ନାହିଁ । ଏଥିପ୍ରତି ଲେଖକଙ୍କୁ ମଧ୍ୟ ସତତ ଜାଗ୍ରତ ରହିବାକୁ ହେବ । ଏହାର ସ୍ଥୂଳ ଅର୍ଥ ହେଉଛି ଭାଷାପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ । ପ୍ରତ୍ୟେକ ଲେଖକଙ୍କ ଭାଷା ଏପରି ନିଜସ୍ୱ ହୋଇ ଯାଏ ଯେ, ପଢ଼ିଲେ ଜଣାପଡ଼ିବ କିଏ ତାର ଲେଖକ । ମୋର ଭାଷା ସେହିପରି

Digitized by srujanika@gmail.com

ମୋର ନିଜସ୍ୱ ହୋଇଯାଇଛି ବୋଲି ଅନେକେ କହନ୍ତି । ସେଥିରେ ମୁଁ ଆନନ୍ଦ ଅନୁଭବ କରେ । "ନିନ୍ଦନ୍ତୁ ନୀତି ନିପୁଣାଃ ସ୍ତୁବନ୍ତୁ ବା" ଲେଖା ଚାଲିଛି, ବିଧିର ନିୟମାନୁସାରେ ବନ୍ଦ ହେବା ପର୍ଯ୍ୟନ୍ତ ।

ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟେ । କାରାଗାର ତ ସ୍ୱର୍ଗ ନୁହେଁ । ତଥାପି ସ୍ୱର୍ଗ ମନୁଷ୍ୟଠାରୁ ଯେପରି ଦୂରରେ, କାରାଗାର ସେହିପରି ଜନତାଠାରୁ ଦୂରରେ । କାରାଗାରକୁ ଯାଇ ମଧ୍ୟ ପ୍ରତିଦିନ ନିୟମାନୁସାରେ ଲେଖିଛି । ଅଭ୍ୟାସ ଛାଡ଼ି ପାରି ନାହିଁ, ଛାଡ଼ିବି ନାହିଁ ମଧ୍ୟ ଜୀବନରେ ସେହି ମୋର ଏକମାତ୍ର ସମ୍ବଳ । □ □

Digitized by srujanika@gmail.com

କାଳନ୍ଦୀଚରଣ ପାଣିଗ୍ରାହୀ

●

କାଳିନ୍ଦୀଚରଣ ପାଣିଗ୍ରାହୀ

ଜନ୍ମ—ଶ୍ରାବଣ ଶୁକ୍ଳ ପ୍ରତିପଦ ୧୯୦୧

ଜନ୍ମସ୍ଥାନ—ବିଶ୍ୱନାଥପୁର (ପୁରୀ)

ପିତା—ସ୍ୱପ୍ନେଶ୍ୱର ପାଣିଗ୍ରାହୀ

ମାତା—ସରସ୍ୱତୀ ଦେବୀ

ରଚିତ ପୁସ୍ତକ :

ଉପନ୍ୟାସ—ମାଟିର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଲୁହାର ମଣିଷ, ଅଙ୍କର ମଣିଷ ।

ଗଳ୍ପ—ଦ୍ୱାଦଶୀ, ଘାଗରକା, ସ୍ୱର୍ଣ୍ଣିଫଳ, ଶେଷରଶ୍ମି, ମୋ କଥାଟି ସରନାହିଁ ।

ନାଟକ—ପ୍ରିୟଦର୍ଶୀ, ପଦ୍ମିନୀ, ସୌମ୍ୟ ।

କବିତା—ମନେନାହିଁ, ଛୁରଟିଏ ଲୋଡ଼ା, କ୍ଷଣିକ ସତ୍ୟ, ମହାଦୀପ, ମୋ କବିତା ।

ଆଲୋଚନା—ନେତୃତ୍ୱ ଓ ନେତୃତ୍ୱ, ସାହିତ୍ୟିକା, ପ୍ରବନ୍ଧ ସାହିତ୍ୟ, ସାହିତ୍ୟ ସଞ୍ଚୟନ, ସାମଗ୍ରିକ ସାହିତ୍ୟ ସମୀକ୍ଷା. ଅମରଚିତା ।

ଜୀବନୀ—ଉତ୍କଳକବି ମଧୁସୂଦନ, କର୍ମଯୋଗୀ ଗୌରୀଶଙ୍କର ।

ଆତ୍ମଜୀବନୀ—ଯାହା ଅଙ୍ଗେ ନିଭାଇଛି । □ □

Digitized by srujanika@gmail.com

ପ୍ରଥମେ ଯେବେ ଲେଖିବାକୁ ଆରମ୍ଭ କଲି ସେ ବହୁତ କାଳର କଥା । ସେତେବେଳେ ଏ ପୃଥିବୀ ଥିଲା ସମ୍ପୂର୍ଣ୍ଣ ନୂଆ—ଏହାର ସକାଳ, ସଞ୍ଜ, ଖରା, ବର୍ଷା ଶୀତ, ବସନ୍ତ କାହାରି ସଙ୍ଗେ ମୋର ଭଲ ଭାବରେ ପରିଚୟ ହୋଇନଥିଲା । ଏହାର ପବନ, ଆଲୁଅ, ଜୀବଜନ୍ତୁ, ଗଛଲତା, ଫୁଲଫଳ କିଛି ହେଲେ ପୁରୁଣା ହୋଇନଥିଲା । ଚନ୍ଦ୍ର, ତାରା, ଇନ୍ଦ୍ରଧନୁ ଥିଲେ ଗୋଟିଏ ବିରାଟ ରହସ୍ୟ । ନଦୀ ପର୍ବତ ହ୍ରଦ ଅରଣ୍ୟ ସାଗର ଆକାଶ ସବୁରି ଭିତରେ ଲେଖିବା ପାଇଁ ଅସଂଖ୍ୟ ଉପାଦାନ ମିଳୁଥିଲା—ଲେଖ, ଲେଖ, ଲେଖ । ଏହି ଅପରିଚିତ ନୂଆ ଦୁନିଆ ସଙ୍ଗେ ପରିଚୟ ଲାଭ କରିବା ପାଇଁ ଜଗତ ଗୋଟାକୁ ଏକାନ୍ତ ଆପଣାର ବୋଲି ବିଶ୍ୱର ଜୀବ ଓ ଜଡ଼ ପ୍ରକୃତି ସହିତ ଆତ୍ମୀୟତା କରିବା ପାଇଁ ପହିଲେ ଲେଖିବାକୁ ଆରମ୍ଭ କଲି । ଆରମ୍ଭ କଲି, ଦୁନିଆଟାକୁ ଅତି ନିକଟରେ ହାତ ପାଆନ୍ତାରେ ପାଇବା ପାଇଁ: ନିଜ ସୁଖ ଦୁଃଖର ସାଥି କରି ଅତି ବିଶ୍ୱାସୀ ବନ୍ଧୁ ଭାବରେ—

କାରଣ ମଝିରେ ମଝିରେ ନିଜକୁ ହୁଏତ ସାହା ସାଥିହୀନ ଏକା ଏକା ବୋଧ କରୁଥିଲି—ସେତେବେଳେ ଦେହେ ବିଶ୍ୱସ୍ତ ବନ୍ଧୁ ଲୋଡ଼ାଥିଲା ଅନେକ—ଏଭଳି ଅନେକ ବନ୍ଧୁ ଖୋଜି ସମାଜ ଭିତରୁ ବାହାର କରିବାକୁ ହୁଏତ ବେଳ ଆସିନଥିଲା । ଯେଉଁପାଇଁ ସମଗ୍ର ଦୁନିଆଟାକୁ ଯୋଡ଼ୁଥିଲି ବନ୍ଧୁ ଭାବରେ—ନିରାଶ୍ରୟର ଆଶ୍ରୟ ରୂପରେ—କିନ୍ତୁ ନିରାଶ୍ରୟୀକୁ ଆଶ୍ରୟ ଦେବା ତ ଦୂରର କଥା, ଆଶ୍ରୟକୁ ନିରାଶ୍ରୟ କରିବା ଉଦାହରଣ ଯେ ପ୍ରଚୁର ସେ ବୟସରେ ମୋ ଆଖି ଆଗକୁ ତାହା ଆସିନଥିଲା—କାନକୁ ଶୁଣା ଯାଇନଥିଲା-ନିରାଶ୍ରୟର ଆର୍ତ୍ତନାଦ, ସେତେବେଳେ ହୁଏତ ବେଶି ଶୁଭୁଥିଲା କୋଇଲିର କୁହୁ କମ୍ପା ଗଉଡ଼ ପିଲାର ବଇଁଶୀ । ଦେଖିବାକୁ ଭଲ ଲାଗୁଥିଲା ମୟୂରର ନାଚ ଅବା କଅଁଳ ବାଛୁରିର ଡ଼ିଆଁ—ବାଳକ ଅବା ଯୁବକ ଜୀବନରେ ଯେତେ ଆଶା, ଆକାଂକ୍ଷା ଯେତେ ବସ୍ତୁ ଲାଭ କରିବାର ଇଚ୍ଛା ମନ—ରାଇଜରେ ଉଙ୍କିଉଠେ । କିନ୍ତୁ ସବୁଗୁଡ଼ାକ ହୁଏତ ମିଳିବାର କଥା ନୁହେଁ ବୋଲି ମିଳେ ନାହିଁ । ସେହି ନ ମିଳିବା ଥାନଟିକୁ ପୂରଣ କରିବା ପାଇଁ ଦୁନିଆଟାକୁ ପାଖକୁ ଟାଣି ଶୁଣାଏଁ ତାହା କାନେ କାନେ ନିଜର ଦୁଃଖ, ଦୁର୍ବଳତା, ଦୁଃସ୍ୱପ୍ନ, ନିଜର ବ୍ୟର୍ଥତା, ବିଫଳତା ଓ ନୈରାଶ୍ୟର କାହାଣୀ—ଶୁଣାଏ ତାହାକୁ ନିଃସ୍ୱ ହତାଶାର ତୁମୁଳ ପ୍ରତିବାଦ—ଜୀବନରେ ଏଭଳି ଦ୍ୱନ୍ଦ୍ୱ, ଆତ୍ମବିଷାଦ ଓ ଆତ୍ମ-ଘୃଣାରେ କେତେ କବିତା ଗଳ୍ପ ସୃଷ୍ଟି ହୋଇପାରେ, ତାହାର ଉଦାହରଣ ମୋର ପ୍ରାଥମିକ ରଚନାବଳୀର ଅଭାବ ନୁହେଁ । ଦାର୍ଶନିକ ପ୍ଲାଟୋଙ୍କ କବିତାର ସେହି ପୁରୁଣା ଫର୍ଦ୍ଦ କଥାଟି ମନେ ପଡ଼େ—ସେ କହିଥିଲେ, କବିତା ହେଉଛି ପ୍ରକୃତିର ଗୋଟାଏ ନକଲ ମାତ୍ର—ଏହାର ନଦୀ ବନ ପ୍ରାନ୍ତର ଜୀବ-

Digitized by srujanika@gmail.com

ଜଗତ୍ ଓ ଉଦ୍ଭିଦ ଜଗତ୍—ଏଇ କବି ଜଗତର ଗୋଟାଏ ନକଲ୍ ଚିତ୍ର, ଗୋଟାଏ ଗୁମ୍ଫା କିମ୍ବା ପ୍ରତିଧ୍ୱନି ।

ଜଡ଼ ଉପାଦାନ, ଜୀବ ଉପାଦାନ ବା ଉଦ୍ଭିଦ ଉପାଦାନଗୁଡ଼ିକ ଯେ କବିତା ସଗଠିତ, ନିୟନ୍ତ୍ରିତ ଓ ସଜ୍ଜିତ କରି ଏହି ତିନୋଟି ଜଗତ ଭିତରେ ଅର୍ଥାତ୍ ଜଡ଼ ଜଗତ, ଜୀବ ଜଗତ ବା ଉଦ୍ଭିଦ ଜଗତ ଭିତରେ ଉନ୍ମାଦନା, ନୂଆ ଜୀବନ, ନୂଆ ବିପ୍ଳବ ଓ ନୂଆ ସୃଷ୍ଟି ଆଣିପାରେ, ମଣିଷ ସମାଜକୁ ଗଢ଼ିପାରେ, ଭାଙ୍ଗିପାରେ ଏହିଭଳି ଅନୁଭୂତି ଭିତରେ ପ୍ଲାଟୋଙ୍କ ସଂଜ୍ଞା ଅନୁସାରେ କେବଳ ପ୍ରକୃତିର ନକଲ କରି ଚିତ୍ର ଆଙ୍କିବାରେ ପ୍ରେରଣା କେତେ ଅଛି, ଚିତ୍ରକୁ ଅଲୋକିତ କରିଛି—କେତେ ବର୍ଷା ନଈଥରେ ଲେଖନୀରୁ ମସୀ ଝରିପଡ଼ିଛି ଅକାରଣ ଅସବଦ୍ଧ ଓ ଉଦ୍ଦେଶ୍ୟହୀନ ଭାବରେ—ପୁଣି କେତେ ଚିନ୍ତାର ସଂଘାତ ଭିତରେ ମନର ମଣିଷକୁ ଖୋଜିବାକୁ ପ୍ରାଣ ଧାଇଁଛି କ୍ଷୋଭ ଓ ହତାଶା ଭିତରେ, 'ଆତ୍ମହତ୍ୟା' ବା 'ଛିନ୍ନପୃଷ୍ଠା' ଗଳ୍ପ ଲେଖିଛି—ଅବା 'ପୁରୀ ମନ୍ଦିର' ଭଳି କବିତା ଲେଖିଛି—ସବୁଠାରେ ଖୋଜି ବୁଲିଛି 'ମଣିଷ' । 'ପୁରୀମନ୍ଦିର' କବିତାଟିରେ ଦେବତାଙ୍କୁ ନମସ୍କାର ନକରି କରିଛି ମଣିଷକୁ—ଏହାର ଅନେକ ପରବର୍ତ୍ତୀ ରଚନାରେ ମଧ୍ୟ ଏହି ମଣିଷ ଖୋଜିବା ହିଁ ମୋ ଲେଖନୀର ଗୋଟାଏ ବଡ଼କାମ ହୋଇ ପଡ଼ିଛି—'ମାଟିର ମଣିଷ' କିମ୍ବା 'ଲୁହାର ମଣିଷ' ଆକାରରେ । କହୁଁ କହୁଁ ତ ମୁଁ ଅନେକ ବାଟ ଚପି ଆସିଲିଣି ।

ଯେ କେହି ଲେଖକକୁ ତାହାର ନିଜ କଥାଗୁଡ଼ାକ ନିଜ ଲେଖା ଭିତରେ ଏତେ ବେଶୀ ବିସ୍ତାର କରିବାକୁ ହୁଏ ଯେ, ପୁଣି ସେ କାହିଁକି ଲେଖେ, ଏ ବିଷୟରେ ଗୋଟାଏ ଲମ୍ବା ଚଉଡ଼ା କୈଫିୟତ ଦେବାପାଇଁ ଅଡୁଆ ଲାଗିବାର କଥା । ଆଉର ମଧ୍ୟ ଆତ୍ମପ୍ରଶଂସା କରିବାକୁ ଗଲେ ଆତ୍ମନିନ୍ଦା ଆସି ପହଞ୍ଚିଯାଏ ଆଗେ ଆଗେ ।

ନିଜକୁ ଘୃଣା କରିବା ଅବସ୍ଥାରୁ ବାହାରି ଯାଇ ଘୃଣାଟା ପଡ଼େ ଦୁନିଆ ଉପରେ ଶେଷରେ ଯାଇଁ । ଖୋଜିବାକୁ ହୁଏ ଏହି ଘୃଣ୍ୟ ଜୀବନର କାରଣ । ଏହି ପରିବାର ଓ ପ୍ରମାଦ ଭିତରେ ବାଛିନେବାକୁ ହୁଏ କିଏ ସେ ଶତ୍ରୁ । ଦୁନିଆରୁ ପୁଣି ଖୋଜି କାଢ଼ିବାକୁ ପଡ଼େ ତାହାର ବିନାଶର ହେତୁ କେଉଁଠି ? ଜର୍ଜରିତ ଆତ୍ମାର ଅଭିଶାପ ଜଳିଉଠେ ଅନ୍ତର ଭିତରେ । ସବୁ କବିତା, ସବୁ ଗଳ୍ପ, ଉପନ୍ୟାସ ବା ପ୍ରବନ୍ଧ ଭିତରେ ବାଜି ଉଠେ ଏକ ଦୁର୍ଦ୍ଦାନ୍ତ ଅଭିଯୋଗ, ନିଜର ପୁଣି ଦୁନିଆର ବିଫଳତା ଓ ବ୍ୟର୍ଥତା ବିରୁଦ୍ଧରେ ନିର୍ଲ୍ଲଜ ମିଥ୍ୟା ଓ ଅସମ୍ଭବ ବିରୁଦ୍ଧରେ ।

Digitized by srujanika@gmail.com

ସେତେବେଳେ ଆଉ କୋକିଳର ସ୍ୱର ଅବା କୁସୁମର ରୂପ ସାନ୍ତ୍ୱନା ଦେଇପାରେ ନାହିଁ । ସାନ୍ତ୍ୱନା 'ହବ ମନୁଷ୍ୟର ପ୍ରତିହିଂସା ଓ ପ୍ରତିଶୋଧ । ସେତେବେଳେ ମନେହୁଏ ଏଇ ଦୁନିଆ ଉପରୁ ଅନ୍ୟାୟ, ଅନାଚାର ପାପ ଓ ମୂର୍ଖତା ଦୂର ନହେବା ଯାଏ ଚଳାଇବାକୁ ହେବ । ଅବିଶ୍ରାମ ଲେଖନୀର ଅଭିଯାନ, ଆହୁରି ହଜାର ହଜାର ଅନାହାରୀ ରୁଗ୍ଣ, ପଙ୍ଗୁ ସୈନିକଙ୍କ ସାଥିରେ ଏକମାତ୍ର ଲେଖନୀ ଅସ୍ତ୍ରଟି ହସ୍ତରେ ଧାରଣ କରି ।

ମୋହର ବାକ୍ୟ ବିନ୍ୟାସ ଶୁଣି ଆପଣମାନେ ହସିବେ ନାହିଁ ବୋଲି ଅନୁରୋଧ । ଏହି କଙ୍କାଳସାର ଶିଳ୍ପୀ କୂଳ ଯେ କି ଆମର ସଭ୍ୟତା ଓ ସଂସ୍କୃତିକୁ ଗଢ଼ିଛନ୍ତି । ସେମାନଙ୍କର ରଣ ଅଭିଯାନ କଳ୍ପନା କଲାବେଳେ ଆପଣମାନେ ନିଜକୁ ଯେବେ ଆଣବିକ ବୋମାର ଯୁଗରେ ଅଛନ୍ତି ବୋଲି ସୌଭାଗ୍ୟବାନ ମନେକରନ୍ତି ତେବେ ହୁଏତ ହସିବାର କାରଣ ଅଛି । ତଥାପି ଏହି କାରଣରୁ ହିଁ ମୁଁ ଲେଖେଁ । ଅର୍ଥାତ୍ ଆପଣମାନଙ୍କୁ ଟିକିଏ ହସାଇବା ପାଇଁ ଓ ନିଜେ ଅନ୍ୟର ହସ ମୁହଁ ଦେଖି ଖୁସି ହେବା ପାଇଁ ମୁଁ ଲେଖେଁ । ଏଠାରେ ପୁଣି ନିଜ କଥା ଆସି ପଡ଼ିଯାଏ ।

କଟକ ବେତାର କେନ୍ଦ୍ର ଆନୁକୂଲ୍ୟରେ ନିଜ କଥା ବା ନିଜେ କାହିଁକି ଲେଖେଁ ତାହା ଦର୍ଶନ କରିବାର ସୁଯୋଗ ପାଇ ଯଦି ନିଜ ବଡ଼ିମା ଟିକିଏ ଗାଇ-ଦିଏଁ ତେବେ କ୍ଷତି କଣ ? କାରଣ ମୁଁ ଜାଣେ ମୋର ବଡ଼ିମା ବଖାଣିବାକୁ, ଗାଇବାକୁ, ଆଉ କାହାରି ହେଲେ ବେଳ ନାହିଁ । ପୁଣି କେହି ଯେବେ ଅକସ୍ମାତ୍ ଗାଇବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ହତାଶ ହେବାକୁ ପଡ଼ିବ, କାରଣ ସେ ଦେଖିବେ ଯେ ପ୍ରକୃତରେ ମୋହର ବଡ଼ିମା ଫଡ଼ିମା କିଛି ନାହିଁ ।

ଯାହାହେଉ ଏହିପରି ବଡିମା କମ୍ବା ଫାଜିଲାମି କରିବାର ସ୍ପୃହା ହୁଏତ କେତେ ଲେଖାରେ ମୋର ଥିବ । କିନ୍ତୁ ସବୁ ଫାଜିଲାମି ମିଳାଇଯାଏ ଯେତେବେଳେ ଆସେ ବଞ୍ଚିରହିବାର ତାଗିଦା । ମୋର ଲେଖିବାର ନାନା କାରଣ ଭିତରେ ଏହାହିଁ ହେଲା ମୂଳ କାରଣ । ନ ଲେଖିଲେ ଯେ ବଞ୍ଚି ରହିବାଟା ହୁଏ ଗୋଟାଏ ପ୍ରାଣହୀନ ପ୍ରେରଣାହୀନ କଠିନ ଜୀବନ । ଏହିଭଳି ଜୀବନଟାକୁ ମଧ୍ୟ ଧରି ରଖିବାକୁ ହୁଏ । ତାହାପାଇଁ ଏକ ଅନୁକୂଳ ପରିସ୍ଥିତି ସୃଷ୍ଟି କରି ନିଜକୁ ଦୁର୍ଗନ୍ଧରୁ ରକ୍ଷା କରିବା ପାଇଁ ଘୃଣାଆଡ଼ର ସନ୍ଦେହ ଅବିଶ୍ୱାସ କଳହ ଦ୍ୱନ୍ଦ୍ୱ ଓ ମିଥ୍ୟାକୁ ଦୂର କରି ପୁଣି ସେହି ବଞ୍ଚିରହିବା ଭିତରେ କଳ୍ପନା ଓ ସତ୍ୟରେ ଗଢ଼ା ଗୋଟିଏ ଗୋଟିଏ ନୂଆ ସୁଖୀ ସଂସାର ଦେଖିସିବାପାଇଁ ।

ବଞ୍ଚିବାକୁ ଲେଖେଁ ମୁଁ କେତେବେଳେ ? ଯେତେବେଳେ ବାସ୍ତବତା ସାଙ୍ଗରେ ଆସେ ମୋର ମୁହାଁମୁହିଁ ଗୋଟାଏ ପରିଚୟ । ସେତେବେଳେ ମନେପଡ଼େ

Digitized by srujanika@gmail.com

ବିଖ୍ୟାତ ଇଂରାଜୀ ନାଟ୍ୟକାର ଜର୍ଜ ବର୍ଣ୍ଣାର୍ଡ଼ ଶଙ୍କର ଗୋଟିଏ ବଚନ । ଜାହାଜରେ ଯାତ୍ରା କରୁଥିବା ବେଳେ ଜଣେ ସାମ୍ବାଦିକ ତାଙ୍କୁ ପଚାରିଲେ, "ଆପଣ କ'ଣ ଜାହାଜରେ ସୁଦ୍ଧା ଲେଖୁଛନ୍ତି"? ରହସ୍ୟନର୍ମୀତା ବର୍ଣ୍ଣାର୍ଡ଼ ଶ ତାହା ଶୁଣି ଉତ୍ତର ଦେଇଥିଲେ, "ଏ କଥା ମୋତେ ନ ପଚାରି ଆଗ ଜାହାଜର କାପ୍ତାନକୁ ପଚାର. ସେ ଜାହାଜ ଚଳାଉଛନ୍ତି କି ନାହିଁ ।"

ବଞ୍ଚିରହିବାକୁ ସମସ୍ତେ ଆହାର କରନ୍ତି । ବଞ୍ଚିରହିବାକୁ ଚଷା ହଳ କରେ, ବଢ଼େଇ କାଠ ହାଣେ, ତନ୍ତି ଲୁଗା ବୁଣେ, ବଣିଆ ଗହଣା ଗଢ଼େ, ମୁଁ ମଧ୍ୟ ବଞ୍ଚି ରହିବାକୁ ଲେଖେଁ । ଲେଖିବାଦ୍ୱାରା କେଉଁ ପରିମାଣରେ ବଞ୍ଚେ ଅବା କେଉଁ ପରିମାଣରେ ମରେଁ ସେ ସବୁ କଥା ଗୋଟି ଗୋଟି ବର୍ଣ୍ଣି ବସିଲେ ଆପଣ ମୋତେ ଯେଉଁ ବିଷୟରେ କହିବାକୁ ଆଜି ଦିଆଯାଇଛି ତାହାର ଠିକ୍ ଓଲଟା ଅର୍ଥ ବୁଝାଇଥିବା ବିଷୟ ପଚାରିଥିଲେ ଭଲ ହୋଇଥାନ୍ତା । ଅର୍ଥାତ୍ ମୁଁ କାହିଁକି ଲେଖେ ବୋଲି ନ ପଚାରି ମୁଁ କାହିଁକି ନ ଲେଖେ ପଚାରିଥିଲେ ଠିକ୍ ପ୍ରଶ୍ନ ହୋଇଥାନ୍ତା । କାରଣ ମୋର ଏହି ନ ଲେଖିବାର ଶୂନ୍ୟ ସ୍ଥାନଟା ହିଁ ମୋ ଲେଖକ ଜୀବନରେ ସବୁଠାରୁ ବେଶି ସମୟ ଆବୋରି ବସିଛି ଏବଂ ସବୁଠାରୁ ତାହା ମୋର ବଡ଼ ବ୍ୟର୍ଥତା ।

ତାହାକୁ ପୂରଣ କରିବା ଉଦ୍ଦେଶ୍ୟରେ ମୋତେ ଯେବେ ସବୁ କାରଣ ଓ ଅକାରଣ ବସ୍ତୁପାଇଁ ଲେଖିବାକୁ ହୁଏ, ତେବେ ମଧ୍ୟ ଦୁଃଖ ନାହିଁ । କାରଣ ଏହାଠାରୁ ବଡ଼ ବ୍ୟର୍ଥତା ମଧ୍ୟରେ ସୁଦ୍ଧା ମୋତେ ଲେଖିବାକୁ ହୋଇଛି । ମୋ ଲେଖନୀର ସାର୍ଥକତାକୁ ଯେମିତି ଆପଣମାନଙ୍କ ଆଗରେ କେତେ ବଢ଼ାଇ କରିଛି । ଏହାର ବ୍ୟର୍ଥତା ଶୁଣିଲେ ଆପଣମାନେ କାନରେ ହାତ ଦେବେ । ଏପରିକି ମୋର କୌଣସି ରଚନା ପଢ଼ିବାକୁ ଆପଣମାନଙ୍କର ଇଚ୍ଛା ହେବ ନାହିଁ ।

ସେ ବ୍ୟର୍ଥତା ହେଉଛି ଏହା ଯେ ମୁଁ ବିଶ୍ୱାସ କରିଛି ମନୁଷ୍ୟର ସ୍ନେହରେ ପ୍ରେମରେ ମଧୁରତାରେ, କୋମଳତାରେ ପୁଣି ତାହାର ମିଳନରେ ବନ୍ଧୁତାରେ ଓ ଅହିଂସାରେ । ମୋର "ଅମରଚିତା" ବା "ମୁକ୍ତାଗଡ଼ର କ୍ଷୁଧା" ଉପନ୍ୟାସ ମନୁଷ୍ୟର ହୃଦୟ ପରିବର୍ତ୍ତନର ଗୋଟାଏ ଗୋଟାଏ ଶଙ୍ଖ--ଅତ୍ୟାଗ୍ରହୀ ଅମିତବ୍ୟୟୀ ଧନୀକର ଅନୁତାପଜନିତ ଜନସେବାରେ ଗୋଟାଏ ନିଦର୍ଶନ । ମୋର "ମାଟିର ମଣିଷ" ଘର ସଂସାର ତ୍ୟାଗ କରି ଚାଲିଯାଏ । ହରି ମିଶ୍ର ଉପରେ ପ୍ରତିହିଂସା ନିଏ ନାହିଁ । ଏହାକୁ କେହି କେହି ଏକ ଅସ୍ୱାଭାବିକ ଘଟଣା ବୋଲି

Digitized by srujanika@gmail.com

ବିଗ୍ରହ କରନ୍ତି । ମୋତେ ମଧ୍ୟ ଆଜି ତାହା ଅସ୍ୱାଭାବିକ ବୋଲି ବୋଧ ହେଉଛି । ସେଥିପାଇଁ ଗ୍ରନ୍ଥ ଶେଷ କଲାବେଳେ ହରି ମିଶ୍ରଙ୍କ ହତ୍ୟା କରିବା ନିଚ୍ଚତ୍ ବୋଲି କଳ୍ପନା କରୁଛି । କାରଣ ମୁଁ ଦେଖୁଛି ଗାନ୍ଧିଜୀଙ୍କର ଅହିଂସା ବୋଧହୁଏ ଅନେକ ହିଂସାପରେ ସମ୍ଭବ ହେବ । ଅଶୋକଙ୍କର ଅହିଂସା ଯେପରି କଳିଙ୍ଗ ସମର ପରେ ଉଦ୍ଭବ ହୋଇଥିଲା । ଯାହା ମୋର 'ପ୍ରିୟଦର୍ଶୀ' ନାଟକର ବିଷୟବସ୍ତୁ ।

ଅବଶ୍ୟ ଗାନ୍ଧିଜୀଙ୍କର ଅହିଂସା ଆନ୍ଦୋଳନର ବାଖ୍ୟା ମୋ ରଚନାଗୁଡ଼ିକୁ ଏକ ସମୟରେ ପ୍ରଭାବିତ କରିଥିଲେ ହେଁ, ଆଉ ମଧ୍ୟ ଜାତିର ଓ ଦେଶର ସ୍ୱାଧୀନତା ପାଇଁ ମୋତେ ଲେଖିବାକୁ ହେଉଥିଲେ ହେଁ ସେ ଲେଖା ଆଜି ବି ମୋ ସପକ୍ଷରେ ଏକ ବିରାଟ ବିଫଳତା ରୂପେ ଛିଡ଼ା ହୋଇଛି । କାରଣ ମୁଁ ଦେଖୁଛି ଯେଉଁଠି ଅହିଂସାର ମନ୍ତ୍ର ଉଚ୍ଚାରିତ ହେଉଥିଲା, ଠିକ୍ ସେହିଠାରେ ହିଁ ହିଂସାର କୁତ୍ସିତ ଦୃଶ୍ୟ ଚାଲିଛି ।

ଆଉ ଏକ ବିଫଳତା ଏହି ଯେ ମୁଁ ଯେଉଁ କାରଣରୁ ଲେଖେଁ ସେହି ଭାବରେ ମୋ ଲେଖାର ବ୍ୟବହାର ହୁଏନା । ମଣିଷ ଜୀବନରେ ଯାହା କିଛି ଉତ୍କୃଷ୍ଟ ତାହାକୁ ହିଁ ସ୍ପର୍ଶ କରିବା ଯେପରି ମୋ ଲେଖନୀର ଉଦ୍ଦେଶ୍ୟ, ତାହା ମଧ୍ୟରେ ଯାହା କିଛି ଘୃଣ୍ୟ ତାହାକୁ ଆଘାତ କରିବା ମଧ୍ୟ ସେହିପରି ତାହାର ଧର୍ମ । ଓଡ଼ିଆ ଭାଷା ପଢ଼ୁଥିବା ଯେଉଁ ପାଠକମାନଙ୍କ ପାଇଁ ମୁଁ ଲେଖେଁ, ସେହିମାନଙ୍କର ପାଇଁ ମୁଁ ଲେଖେଁ ସେହିମାନଙ୍କର ବାସଭୂମି ଓଡ଼ିଶାକୁ ଚହ୍ନିବା ପାଇଁ, ଏହାର ନଦୀ ହ୍ରଦ ପର୍ବତ କନ୍ଦର ଜାଣିବା ପାଇଁ କେତେ ସୁଯୋଗ ମୋତେ ମିଳିଛି । ଓଡ଼ିଶାର ମିସ୍ତ୍ରୀ କାରିଗର ଶିକ୍ଷିତ ଅଶିକ୍ଷିତ ସମାଜରେ ଚଳିବାର ପୁଣି କେତେ କୃଷୀ ମୂଲିଆ ଓ କାରଖାନା କୁଲିଙ୍କ ପାଖରେ ବସିବାର, କାହା ଗୁହାଳ ଘରେ ମୋର ଗାଡ଼ି ପୁହାଇବାର ଓ କେଉଁ ଛାପାଖାନା ଭିତରେ ରାତି ଅଧଯାଏ କାମ କରିବାର ପ୍ରତିଜ୍ଞା ମୋର ହୋଇଛି । ଓଡ଼ିଆର ଲୋକପ୍ରିୟ ଶାସନର ମନ୍ତ୍ରୀମାନଙ୍କୁ ଚହ୍ନିବାର ଫୁରୁସତ୍ ମଧ୍ୟ କେତେ ଜୁଟିଛି । ଓଡ଼ିଆ ଜାତିର ସମ୍ଭ୍ରାନ୍ତ ଆଭିଜାତ୍ୟ ସଙ୍ଗେ ଦାରିଦ୍ର୍ୟ ଅନଶନର ଚିତ୍ର ଭିତରେ ଲେଖନୀ ତାର ଖୋରାକ ଖୋଜିଛି, ଗଳ୍ପ ଉପନ୍ୟାସର ଚରିତ୍ର ବାଛିବାକୁ ପାଇଛି ।

ଜୟଗାନ କରିଛି ଏକ ସମାଜର, ଏକ ଭାଷାର ଯାହାକୁ ଶାରଳା, ଜଗନ୍ନାଥ, ଉପେନ୍ଦ୍ର, ଅଭିମନ୍ୟୁ ବଞ୍ଚାଇ ରଖିଥିଲେ । ପୁଣି ଯେଉଁ ସମାଜର ଅବିଚ୍ଛେଦ୍ୟ ଯୋଗ ସ୍ଥାପିତ ହୋଇଛି ପୃଥିବୀର ବିରାଟ ମାନବ ସମାଜ ସହିତ, ସେହି ସୂତ୍ରରେ ହିଁ ମୋ ଲେଖନୀର ଯୋଗ ଆଜି ଶତ ସହସ୍ର ଅତୀତ ଓ ବର୍ତ୍ତମାନ

Digitized by srujanika@gmail.com

ଲେଖକଙ୍କ ସହେଁ ପ୍ରତିଷ୍ଠିତ ହୋଇଛୁ । ବିଭିନ୍ନ ଦେଶର ସାହିତ୍ୟ ସହେଁ ଇଂରାଜୀ ଭାଷା ଜରିଆରେ ଯେତେବେଳେ ମୋର ପ୍ରଥମ ପରିଚୟ ଘଟେ, ଗେଟେଙ୍କ ଫାଉଷ୍ଟ ପଢ଼ି ଯେତେବେଳେ ଗ୍ରୀଷ୍ମ ଜୀବନରେ ମୋର ସତ୍ୟ ମିଥ୍ୟାର ପ୍ରଭେଦ ଜାଣିବାର ଆଗ୍ରହ ଜାଗି ଉଠେ କିମ୍ବା ଭିକ୍ଟୋର ହ୍ୟୁଗୋଙ୍କର ଲା ମିଜରେବ୍ଲସରେ ଯେତେବେଳେ ମଣିଷର ସଦ୍‌ଗୁଣକୁ ମୁଁ ଉଚ୍ଚ ସ୍ଥାନ ଦେଉଥିଲି ଅଥବା ସେକ୍‌ସପିୟରଙ୍କ ନାଟ୍ୟ ରଚନା କୌଶଳରେ ବିସ୍ମିତ ହେଉଥିଲି, ତାହାପରେ ତ୍ରିଶଙ୍କୁ କେତେ ଯୁଗ ବିତିଗଲଣି । କେତେ ସଫଳତା ଓ ବିଫଳତାର ଅନୁଭୂତିରେ ମୋ ଲେଖନୀ ଅନୁପ୍ରାଣିତ, ଦ୍ରୁତ ବା ମନ୍ଥର ହୋଇ ପଡ଼ୁଛି ।

ତେବେ ସବୁ ଅବସ୍ଥାରେ ଓ ସବୁ କ୍ଷେତ୍ରରେ ମୋର ଲେଖିବାର ଅସଂଖ୍ୟ କାରଣ ପୂର୍ଣ୍ଣ ରହିଛି । ଆଜି ପର୍ଯ୍ୟନ୍ତ ମୋର ସବୁ ରଚନା ଯେବେ ବିଫଳ ହୋଇଥାଏ, ତେବେ ତ ତାହାକୁ ସଫଳ କରିବାପାଇଁ ବେଶି ଲେଖିବା ଆବଶ୍ୟକ । ନାହିଁ ଯଦି ସଫଳ ହୋଇଥାଏ ତା ହେଲେ ଅଧିକ ସଫଳ ହେବାପାଇଁ ପ୍ରୟାସ କରିବା ତ ସ୍ୱାଭାବିକ । ଆଉ ଯେବେ ଗୋଟାଏ କଥାରେ ଆପଣମାନେ ସନ୍ତୁଷ୍ଟ ହେବାକୁ ଇଚ୍ଛା କରନ୍ତି; ତାହାହେଲେ କହିବି ଯେ ମୁଁ ଲେଖେଁ ଯେହେତୁ ନ ଲେଖିଲେ ବଞ୍ଚିପାରିବି ନାହିଁ । ମୋଟ୍ ଉପରେ ମୁଁ ବଞ୍ଚିବା ପାଇଁ ଲେଖେଁ ଆଉ ମଧ୍ୟ ମୁଁ ଯେ ଏକାକୀ ନୁହେଁ ବହୁ ସହଯାତ୍ରୀଙ୍କର ସବା ପଛରେ ରହି ମୁଁ ଯେ ଗର୍ବ କରେ ପୁଣି ଯେଉଁ ଲେଖନୀ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମଣିଷ ସଭ୍ୟତାକୁ ଗଢ଼ି ଆସିଛି ଓ ଏବେ ମଧ୍ୟ ଅହରହ ତାହାର ଭବିଷ୍ୟତ ଗଢ଼ିବାରେ ଲାଗି ପଡ଼ିଛି ମୁଁ ଯେ ତାର ଜଣେ ନ୍ୟୂନତମ ଅଧିକାରୀ ଏବଂ ଭବିଷ୍ୟତ ଲେଖକମାନଙ୍କ ପାଇଁ ଅନ୍ତତଃ ଟିକିଏ ପଥ ପରିଷ୍କାର କରି ଦେଇପାରେ ଏହି ଚିନ୍ତାଧାରାର ଆନନ୍ଦ ହିଁ ମୋ ଲେଖନୀକୁ ବହୁ ଗୁଣରେ ଦ୍ରୁତତର କରିପକାଏ ।

ତେଣୁ ମୁଁ ନିଜେ ଯେମିତି ବଞ୍ଚିବାକୁ ଲେଖେଁ ମୋର ଅତୀତ ଓ ଭବିଷ୍ୟତକୁ ମଧ୍ୟ ସେହିପରି ବଞ୍ଚାଇବାକୁ ଲେଖେଁ । ☐ ☐

Digitized by srujanika@gmail.com

ଦେବହୂତି ଦେବୀ

ଦେବହୂତି ଦେବୀ

ଜନ୍ମ—ଶୁକ୍ଳ ଦ୍ୱିତୀୟା ୧୯୦୨

ଜନ୍ମସ୍ଥାନ—କୁରଙ୍ଗିପୁର, ପୁରୀ

ପିତା—ଯାଦବାନନ୍ଦ ଦାସ

ମାତା—ସୁଚଯା ଦେବୀ

ମୃତ୍ୟୁ—୨୮, ଜୁଲାଇ, ୧୯୭୯

ରଚିତ ପୁସ୍ତକ—

କବିତା—ମାଳା, ଉତ୍କଳଗୀତ ।

ଗଳ୍ପ—କଥାକୁସୁମ, କଥା ମଞ୍ଜୁଷା । □ □

ଆଜି ମୁଁ କାହିଁକି ଲେଖେ—ଏକଥା କହିବାକୁ ଗଲେ ମତେ ଗତ ପଇଁତ୍ରିଶ ବର୍ଷର ଅତୀତ ଦିନର ଘଟଣାଗୁଡ଼ିକର ସ୍ମୃତିକୁ ଖେଳେଇ ଖେଳେଇ ମୋ ଲେଖିକା ହେବାର କାହାଣୀକୁ ଖୋଜି ବାହାର କରିବାକୁ ପଡ଼ିବ ।

ମୁଁ ପ୍ରଥମେ ପାଠ ପଢ଼ିଥିଲି ଆମ ଗାଁ ସ୍କୁଲରେ । ସେ ପାଠପଢ଼ା ମୋର ନଅ କି ଦଶ ବର୍ଷରେ ଶେଷ ହୋଇଥିଲା । ତାପରେ ମୋର ଖେଳି ବୁଲି ସମୟ କଟାଇବାର କଥା । କିନ୍ତୁ ସେଥିପାଇଁ ଆମ ଗାଁରେ ମୋର ଆଉ ବାଳିକା ସାଙ୍ଗ କେହିନଥାନ୍ତି । ତେଣୁ ସମୟ କଟାଇବା ପାଇଁ ମୁଁ ପଠନର ଆଶ୍ରୟ ନେଲି । ସେହି ଦିନଠାରୁ ମୋର ପଢ଼ିବା ସ୍ପୃହା କ୍ରମେ ବଢ଼ିଲା । କାରଣ ମୋ ମନରେ ଯେଉଁ ଜ୍ଞାନ ପିପାସା ଜାତ ହୋଇଥିଲା ତାହା ମେଣ୍ଟାଇବାକୁ ସେହି ପୁସ୍ତକମାନେ

Digitized by srujanika@gmail.com

ସାହାଯ୍ୟ କରୁଥିଲେ । ଅନ୍ୟ କାହିଁରୁ ମୁଁ ତାହା ପାଉନଥିଲି । ସେଥିପାଇଁ କୋଉ ବହିରେ କ'ଣ ଅଛି ତାହା ଜାଣିବାପାଇଁ ବହି ଖଣ୍ଡିଏ ପାଇଲେ ତାକୁ ପଢ଼ି ନ ସାରିବା ଯାଏଁ ମୁଁ ଖେଳ ଶୋଷ ଭୁଲିଯାଏ । ତେବେ ଆଜି କାଲିପରି ସେ ପିଲାଦିନେ ଏତେ ରକମର ଛପାବହି ବାହାର ନଥାଏ, ଯାହା ବାହାରଥାଏ ତାହା ମୋ ହାତକୁ ଆସିବା ସୁବିଧା ନଥାଏ । ଯେତେବେଳେ ପଢ଼ିବାକୁ ମୋର ଏତେ ଇଚ୍ଛାଥାଏ ଯେ କିଏ ଯଦି ଗୋଟିଏ ଥାକ ବହି ଆଉ ଗୋଟିଏ ଥାକ ଟଙ୍କା ବା ଗହଣା କି ଲୁଗା ରଖି ମୋତେ ସେଥିରୁ ମନଇଚ୍ଛା କୌଣସି ଗୋଟିଏ ଥାକ ନେବାକୁ ଅନୁମତି ଦେଉଥାନ୍ତା, ମୁଁ କେବଳ ବହି ଥାକଟିକୁ ନେଉଥାଆନ୍ତି । କାହିଁକି ନା ମୁଁ ସେଇଥିରୁ ଆନନ୍ଦ ପାଏ ସବୁଠାରୁ ବେଶି ।

ସେତେବେଳେ ପୁରାଣ ସବୁ ଓଡ଼ିଆରେ ଛପା ହୋଇ ନୂଆ ବାହାରୁଥାଏ । ସେଇ ସବୁ ବହି କିଣା ହୋଇ ଆମ ଘରକୁ ଯାଏ । ତାକୁ ସବୁ, ତା ଛଡ଼ା ବିଚିତ୍ର ରାମାୟଣ, ବିଚିତ୍ର ମହାଭାରତ, ଦାଢ଼୍ୟତାଭକ୍ତି, ଭାଗବତ ମୂଳରୁ ଶେଷଯାଏ ପଢ଼ି ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ସମୟ କଟାଉଥାଏ । 'ଉତ୍କଳ ଦୀପିକା' ନାମକ ସାପ୍ତାହିକ ସମ୍ବାଦପତ୍ର ଓ 'ପ୍ରଭାତ' ନାମରେ ଯେଉଁ ମାସିକ ପତ୍ରିକାଟି ଶ୍ରୀମତୀ ରେବା ରାୟଙ୍କ ସମ୍ପାଦନାରେ ବାହାରୁଥିଲା ବାପା, ସେ ଦୁଇଟି କାଗଜ ମୋ ନାଁରେ ମଗାଇ ଦେଇଥିଲେ । ତାହାର ମୁଁ ନିୟମିତ ପାଠିକା ଥାଏ । ତାଛଡ଼ା ମୁକୁର, ଉତ୍କଳସାହିତ୍ୟ, ଆଦି ମାସିକସବୁ ନୂଆ ଆଧୁନିକ ବହି ମୋ ହାତକୁ ଆସେ, ପଢ଼େ । ନିରୋଳାରେ ବସି ଖାଲି ପଢ଼ିବାକୁ ମତେ ସବୁଠାରୁ ବେଶି ଭଲ ଲାଗେ ।

ମୋତେ ବୋଧହୁଏ ସେତେବେଳେ ସତର ବର୍ଷ ବୟସ । ସେଇକି ବେଳକୁ ମୋ ଜୀବନରେ ପ୍ରଥମ ହୋଇ ଗୋଟିଏ ଅତ୍ୟନ୍ତ ଶୋକାବହ ଘଟଣା ଘଟିଲା । ମୋର ଅତି ଘନିଷ୍ଠତର ପ୍ରିୟତମା ସଙ୍ଗିନୀ ଓ ଆତ୍ମୀୟା ସ୍ନେହମୟୀ ଖୁଡ଼ୀ ଅକାଳରେ ମୃତ୍ୟୁମୁଖରେ ପଡ଼ିଲେ । ତାଙ୍କର ଅକାଳ ମୃତ୍ୟୁରେ ମୁହ୍ୟମାନା ହୋଇ ଦିନରାତି ତାଙ୍କୁ ଭାବି ଭାବି ତାଙ୍କର ଉଦ୍ଦେଶ୍ୟରେ କେତେଗୁଡ଼ିଏ ପଦ୍ୟ ପଦ ଲେଖିଥିଲି; ସେଇ ହେଉଛି ମୋର ଆଦ୍ୟ ରଚନା । ବିଚ୍ଛେଦ ବେଦନାର ଶୋକରୁ ଯାହାର ଜନ୍ମ ।

ତାପରେ କେତେଦିନ ବିତିଗଲା । କେତେଦିନ ପରେ 'ପରିଚାରିକା'ନାମରେ ଖଣ୍ଡିଏ ମାସିକ ପତ୍ରିକା ବାହାରିଲା, କଟକରୁ ଶ୍ରୀମତୀ ବସନ୍ତ କୁମାରୀ ଦେବୀଙ୍କ ସମ୍ପାଦନାରେ । ସେଥିରେ ଲେଖିଲେ ବହୁତ ନାରୀ । ତାହା ଦେଖି ମୋର ଲେଖିବା

Digitized by srujanika@gmail.com

ପାଇଁ ଇଚ୍ଛା ହେଲା । ମୁଁ ଏଥର ସ୍ୱାଢମତ ଲେଖା ଆରମ୍ଭ କଲି । ଗୋଟାଏ ଦିଟା ସେଥିରୁ ପରିଗୃରିକା, ପାଇଁ ପଠାଇଥିଲି ମଧ୍ୟ । ସେଥିରେ ସେ ଲେଖା ଛପା ହୋଇ ମୋ ପାଖକୁ ଗଲା । ମୁଁ ସେତେବେଳେ ପାଟନାରେ ଥାଏ । ଏତେ ଦୂରରେ ଥାଇ ମନରେ ଖୁବ୍ ଉତ୍ସାହ ଆସିଲା ଲେଖିବା ପାଇଁ । ସେତେବେଳେ ସମୟ, ସୁବିଧା, ଉତ୍ସାହ ସବୁ ଥାଏ । ତେବେ ବେଶି ସମୟ କଟେ ଘରକାମ, ଖେଳାବୁଲାରେ । ଯାହା ହେଉ ତାରି ଭିତରେ ଲେଖା ବି ଚାଲେ । 'ପରିଗୃରିକା' ଯୋଗୁ ଯେ ମୋର ଲେଖିବା ଆରମ୍ଭ ହେଲା ଏଇଟା ଠିକ୍ ।

ତା ଛଡ଼ା 'ବାରୁଣୀ' 'ସହକାର' 'ଉତ୍କଳ ସାହିତ୍ୟ' ନବୀନ' ଏସବୁ ମାସିକ ପତ୍ରିକାମାନେ ଲେଖା ସବୁ ବାହାର କରି ମତେ ଲେଖିବା ପାଇଁ ଖୁବ୍ ଉତ୍ସାହ ଯୋଗାଇଛନ୍ତି । ସେଇଥିପାଇଁ ମୋ ମନରେ ଗୋଟାଏ ଦୃଢ଼ଆସ୍ଥା ଆସିଲା ଯେ ମୋର ଭାବ ପ୍ରକାଶ କରିବା ପାଇଁ କିଛି ଶକ୍ତି ଅଛି । ଆଉ ଲୋକେ ତାକୁ ନିତାନ୍ତ ଅବହେଳା ଦେଖାଉ ନାହାନ୍ତି ।

ପରିଗୃରିକା ମୁହଁ ଲୁଚାଇଲେଣି ଅନେକ ଦିନୁ । କିନ୍ତୁ ତାହାରି ଯୋଗୁଁ ଲେଖିବା ଉତ୍ସାହ ମତେ ଭୂତ ପରି ମାଡ଼ି ବସିଲା । ଯେତେବେଳେ ପ୍ରାଣରୁ ପ୍ରେରଣା ଆସେ ଭାବନାକୁ ରୂପ ଦେବା ପାଇଁ ସେତେବେଳେ ଅନେକ ବାଧାବିଘ୍ନ ସତ୍ତ୍ୱେ ସେ ଭୂତ ତାହା ନ ଲେଖେଇ ଛାଡ଼େ ନାହିଁ ଆଉ ସେଥିରୁ ମୁଁ ଯେଉଁ ତୃପ୍ତିର ଆନନ୍ଦ ଟିକିକ ପାଏଁ ତାରି ନିଶାରେ ବୋଧହୁଏ ଏ ବେଗାର ଖଟେ । ଅନ୍ୟକାମ ଅପେକ୍ଷା ଏଇ କାମଟାର ନିଶା ମତେ ବେଶି ଲଟିଯାଇ ଏକ ପ୍ରକାର ଆନନ୍ଦ ଦିଏ ।

ଆବଶ୍ୟ ଲେଖାଲେଖି କରିବା ପାଇଁ ପୁରୁଷମାନଙ୍କ ତୁଳନାରେ ଗୃହସ୍ଥ ନାରୀ ଯାହା ଉପରେ କି ଘରକରଣା ସନ୍ତାନ ପାଳନର ଦାୟିତ୍ୱ ରହିଛି ସେ ସୁବିଧାପାଏ ଖୁବ୍ କମ୍ । ପୁରୁଷମାନଙ୍କର ପ୍ରଧାନ କାମ ହେଲା ବିଦ୍ୟାଚର୍ଚ୍ଚା । କିନ୍ତୁ ଗୃହସ୍ଥ ନାରୀ ନାନା ଜଞ୍ଜାଳରେ ବ୍ୟସ୍ତ ରହି ବିଦ୍ୟାଚର୍ଚ୍ଚାର ସୁବିଧା ଖୁବ୍ କମ୍ ପାଏ । ହୃଦୟ ଭିତରୁ ଖୁବ ଜୋର୍‌ରେ ପ୍ରେରଣା ଆସିଲେ ସେ ତାହାରି ଅନୁରୋଧରେ ଭାବନାକୁ ରୂପ ଦେବାପାଇଁ ବସିଯାଏ । ସେ ରୂପ ଦିଅଁ ହେଉ କି ମାଙ୍କଡ଼ ହେଉ ଗୋଟାଏ ଏଣୁ ତେଣୁ କିନ୍ତୁ ଠିଆ କରି ନଦେବା ଯାଏ ନିସ୍ତାର ନାହିଁ । ମୋର ଅନୁଭୂତିରୁ ମୁଁ ଏକଥା କହୁଛି । ଆଉ ଟିକିଏ ସୁବିଧା ପାଉଥିଲେ ବୋଧହୁଏ ମୁଁ ଆଉ କିଛି କରି ପାରୁଥାଆନ୍ତି; କିନ୍ତୁ ତାହା ହେବା ଭଗବାନଙ୍କର

Digitized by srujanika@gmail.com

ଇଚ୍ଛା ନୁହେଁ । ତଥାପି ବହୁତ ଦୁଃଖ, ସୁଖ, ଝଡ଼ ଝଞ୍ଜା ହତାଶା, ଆନନ୍ଦ ଭିତର ଦେଇ ସେ ଖିଆଲ ଭୂତ ମତେ ତା ବାଟରେ ଘୋଷାରି ନେଇ ଗ୍ଲଲଛି, ତୃପ୍ତିର ଆନନ୍ଦ ଟିକଏ ଲେଖା ଚଖେଇ ଦେଇ ।

ବାସ୍ତବ ସଂସାରର ଝଞ୍ଜା ଭିତରେ ମୁଁ ମୋ ସ୍ୱପ୍ନ ରଚିତ ନୀଡ଼ ଭିତରେ ବସିଥାଏ । ଏଇଟା ମୋର ଜନ୍ମଗତ ପ୍ରକୃତି । ସେଇ କଳ୍ପନା ନୀଡ଼ରେ ଯେ ବାହ୍ୟ ଅନୁଭୂତି ଟିକେ ବେଳେବେଳେ ଆସି ଆନ୍ଦୋଳନ ସୃଷ୍ଟି କରେ ତାହା ପ୍ରକାଶ କରିବାପାଇଁ ମୋ ମନରେ ଯେଉଁ ଅଦମ୍ୟ ଆକୁଳଭାବ ଜନ୍ମେ ତାକୁ ଶାନ୍ତ କରିବାପାଇଁ ମୁଁ ଲେଖେ । ଏଇ ମୋର ଲେଖାର ଇତିହାସ । □ □

Digitized by srujanika@gmail.com

ସରଳା ଦେବୀ

●

ସରଳା ଦେବୀ

ଜନ୍ମ—୧୯ ଅଗଷ୍ଟ, ୧୯୦୪

ଜନ୍ମସ୍ଥାନ—ବାଙ୍ଖରାବାଦ, କଟକ

ପିତା—ବାସୁଦେବ କାନୁନ୍‌ଗୋ

ମାତା—ପଦ୍ମାବତୀ ଦେବୀ

ରଚିତ ପୁସ୍ତକ :—

ଆଲୋଚନା—ନାରୀର ଦାବୀ, ନାରୀ ସମସ୍ୟା, ନାରୀ ଜଗତ, ଭାରତୀୟ ମହିଳା ପ୍ରସଙ୍ଗ, ଗାଁ ବାଲାଙ୍କ କଥା ଉତ୍କଳ ଭାରତୀ କବି ପ୍ରତିଭା, ରବୀନ୍ଦ୍ର ପୂଜା, ଓଡ଼ିଆ ବୋହୂ ।

ଜୀବନୀ—ବୀର ରମଣୀ, ବିଶ୍ୱ ବିପ୍ଳବୀ, ଜନାବାଦର ।

ଅନୁବାଦ—ହସ୍ତୀଧର୍ମ, ବାଣୀମାଳା, ଅମୂଲ୍ୟନିଧି, କଥା ରାମାୟଣ, ଅଭୟବାଣୀ ।

ଗଳ୍ପ—ଶଙ୍ଖ ପ୍ରଦୀପ, ମଟୁ କାହାଣୀ, ବାସନ୍ତୀ ଉପନ୍ୟାସର ଏକ ଅଂଶ, ସାରଳା ମହାଭାରତରେ ନାରୀ ଚରି । □ □

ପିଲାଦିନୁ ପଢ଼ିବା ଲେଖିବାରେ ମୋର ସଉକ । ମୋ ଲେଖା ପଢ଼ି କିଏ ପ୍ରଶଂସା କରିବ କି କିଏ ନିନ୍ଦିବ, ଏକଥା ମୋ ମନକୁ କେବେହେଲେ ଛୁଇଁ ନାହିଁ । ସେଥିପାଇଁ ବାସ୍ତବ ଜୀବନରେ ମୁଁ ଯାହା କହେ, ମନରେ ଯାହା ଭାବେ, ତାହାକୁ ହିଁ ଲେଖାରେ ରୂପ ଦେବାକୁ ଲେଖନୀ ମୋର ଉନ୍ମୁଖ ହୋଇ ଉଠେ । ମୋ ଲେଖିବା ପଛରେ ଦାର୍ଶନିକତାର ପ୍ରେରଣା ମୁଖ୍ୟ ନୁହେଁ, ସାମ୍ପ୍ରତିକ ଚିନ୍ତାଧାରାର ବିକାଶ ମୋତେ କଲମ ଧରାଏ ନିଜର ଆତ୍ମ-ପ୍ରକାଶ କରିବା ପାଇଁ ମଣିଷ

Digitized by srujanika@gmail.com

ମନର ଯେ ଅତନ୍ଦ୍ର ଆକୁଳତା ରହିଛି ତାହା ସମସ୍ତେ ବୁଝିନ୍ତି ନାହିଁ । ବିଦଗ୍ଧ ଚିତ୍ତର ପ୍ରାର୍ଥନା ସେଇଠି । ସେହି ଅକୁଳ ଆବେଗର ପ୍ରେରଣା ମୋତେ ଲେଖାଏ । ମୋର ଭାବ ପ୍ରକାଶରେ ଶୈଳୀ ମନର ବ୍ୟଞ୍ଜନା ଠିକ କି ନା ତା ମୁଁ ଅନୁଭବ କରେ ନାହିଁ; କିନ୍ତୁ ସ୍ଥାବର ଜଙ୍ଗମାତ୍ମିକ ପ୍ରାକୃତିକ ଆବେଷ୍ଟନୀରେ ଯେ ସୌନ୍ଦର୍ଯ୍ୟ ନିହିତ, ସେହି ସୌନ୍ଦର୍ଯ୍ୟର ଗୁହାସ୍ଥିତ ଲାବଣ୍ୟ ଚିତ୍ତ କୁଞ୍ଜରେ ମୋର ଅସଂଖ୍ୟ ଅପରିଚିତ ପୁଷ୍ପର ବିଚିତ୍ର ବର୍ଣ୍ଣ ରାଗ ଫୁଟାଇ ଦିଏ । କସ୍ତୁରୀ ମୃଗ ଭଳି ବର୍ଣ୍ଣ ସୁରଭିର ମୋହ ମୋ ଅଜାଣରେ ମୋତେ ଗଢ଼ିଦିଏ— ଲେଖେ ମୁଁ । ଲେଖିବା ମୋର ସ୍ୱଭାବ, ନ ଲେଖି ମୁଁ ରହି ପାରେ ନାହିଁ । ମୋର ବାସ୍ତବ ଜୀବନରୁ ନିଜର ଚିତ୍ତ ବେଗ ବିଚ୍ଛିନ୍ନ କରି ନେଇପାରେ ନାହିଁ ବୋଲି ରସ ସାହିତ୍ୟ ପ୍ରେରଣା ମୋ ଲେଖାରେ ମୁଖ୍ୟ ନୁହେଁ । ମୁଁ ଜନ ସାହିତ୍ୟର ଚେତନା ପାଏ । ଯେଉଁଠି ଦେଖେ ମାନବ ଜୀବନର ବଞ୍ଚନା ଅସତ୍ୟ ଓ ଅନ୍ୟାୟରେ ଉଲଗ୍ନତା ପୁଣି ଶୋଷଣ ଚକ୍ରାନ୍ତର ଘନ-ତନ୍ତୁ ଜାଲ । ସେଠି ମୋର ଆତ୍ମା ପଥହରା ପଥିକ ଭଳି ଆର୍ତ୍ତନାଦ କରିଥାଏ । ସେଥିପାଇଁ ଅଶରୀରୀ କବିତ୍ୱର ପ୍ରଭାବଠାରୁ ରକ୍ତ ମାଂସ ଦେହର ବସ୍ତୁ ବା ଜଡ଼ବାଦର ପ୍ରଭାବ ମୋ ଉପରେ ବେଶି । ବୟସ ବୃଦ୍ଧି ସଙ୍ଗେ ଏହି ପରିଣତିରେ ବରଂ ଭାବାବେଗ ମତେ କ୍ଲିଷ୍ଟ କରେ, କାରଣ ମୋ ଆତ୍ମ ପ୍ରକାଶର ଯଥାର୍ଥ ରୂପ ଏହା ନୁହେଁ । ସ୍ଥୂଳତଃ ଲେଖିବା ଅନୁପ୍ରେରଣା ମୋର ନିଛକ ଆକାଶ ତାରାରୁ ମୁଁ ପାଏ ନାହିଁ, ପାଏ ଏଇ ଧୂଳି ଧୂସରିତ ଧରଣୀରୁ । ମୋର ମନେ ହୁଏ, ମୁଁ ପଦ୍ୟ କି ଗଦ୍ୟ ନୁହେ—ତାଠୁ ସ୍ୱତନ୍ତ୍ର ମୋର ଲିଖନ ଧର୍ମ । ସତ୍ୟଶିବ ସୁନ୍ଦର ପ୍ରକାଶ ସାହିତ୍ୟ ଶ୍ରେଣୀ ନିର୍ବାଚନର ମାନଦଣ୍ଡ ହେଲେହେଁ, ମୋତେ ସଦାବେଳେ ଏହା ଠିକ୍ ବୋଲି ମନେ ହୁଏ ନାହିଁ । ଯଦି ବୀଭତ୍ସ, ରୌଦ୍ର, ପ୍ରଭୃତି ରସ ରଚନା କରିବାକୁ କେହି ଯାଏ, ତେବେ ଉପରୋକ୍ତ ସତ୍ୟ ଶିବ ସୁନ୍ଦରର ମାନଦଣ୍ଡର ସୀମିତ ପରିବେଶ ଟପି ଗଲେ ଯୁକ୍ତା ରସ ବିଚାର ଦୃଷ୍ଟିରୁ ସେ ସାହିତ୍ୟକୁ ମୁଁ ଅସ୍ୱୀକାର କରିପାରେ ନାହିଁ ।

ଏକଥା ସତ୍ୟ ଯେ ଲେଖକ ଉପରେ ସମାଜ ଓ ରାଷ୍ଟ୍ର ଧର୍ମ ତାର ଜ୍ଞାତ ବା ଅଜ୍ଞାତସାରରେ ପ୍ରଭାବ ପକାଏ ଏବଂ ତା ଭିତରେ ଯେଉଁ ଲିଖନ ପ୍ରେରଣା ବାସ୍ତବ କ୍ଷେତ୍ରରେ ପ୍ରକାଶ ପାଏ, ସାଧାରଣ ଲେଖକ ସେହି ପ୍ରେରଣାଗତ ବସ୍ତୁ-ବାଦୀ ଆନନ୍ଦ ବେଦନା ଉପରକୁ ଅନାସକ୍ତ ଯୋଗୀ ଭଳି ଉଠି ପାରନ୍ତି ନାହିଁ । ଯେଉଁଠି ଉଠନ୍ତି, ସେଠାରେ ସେ ଆକାଶଚୁମ୍ବୀ ବିହଙ୍ଗ, କବି, ଦାର୍ଶନିକ, କଳାକାର । କିନ୍ତୁ ଯେଉଁଠି ନ ଉଠି ପାରନ୍ତି, ସେଠାରେ ସେ କଳାକାର ହେଲେହେଁ କଥାକାର ଅର୍ଥାତ୍ କବି ନୁହନ୍ତି ।

Digitized by srujanika@gmail.com

ଲେଖକ କବି କି କଥାକାର ଯାହା ହୁଅନ୍ତୁ ତାଙ୍କ ଲେଖାର ପଶ୍ଚ-ଭୂମିକା ପଛରେ ଯେ ଦାର୍ଶନିକତା ଥାଏ, ତାର ବ୍ୟତିକ୍ରମ ମୋ ଲେଖାରେ ବହୁଳ ଭାବରେ ମୁଁ ଦେଖେ କାରଣ ନାରୀର ସ୍ୱାଭାବିକ ପ୍ରାଣ ଧର୍ମର ସ୍ୱରୂପ ହେଲା ପୁରୁଷଠୁ ଭିନ୍ନ । ତାର ପ୍ରାଣସ୍ତର ବସ୍ତୁବାଦ ସହିତ ଯୁକ୍ତ ରହିଥାଏ ବୋଲି ସେ ଦେହ କି ମନରେ, ଏପରିକି କଳ୍ପନାରେ ମଧ୍ୟ ମୁକ୍ତିର ସ୍ୱାଦ ପାଇପାରେ ନାହିଁ । ଏକଥା ମୁଁ ଅନୁଭୂତି ସାହାଯ୍ୟରେ ବୁଝେଁ, କିନ୍ତୁ ତାହା ସତ୍ତ୍ୱେ ଓ ଦର୍ଶନ ଚିନ୍ତାର ଗୋଟାଏ ଅବୋଧ ଆବେଗ ଅଛି । ଯାହା ସଂକ୍ରାମକ ବୀଜାଣୁ ତୁଲ୍ୟ ବିଦଗ୍ଧ ମନକୁ ମୁହୁର୍ମୁହୁ ତାର ବିଚିତ୍ର ରୂପାବୟବ ପ୍ରକାଶ କରିବା ନିମନ୍ତେ ଆକ୍ରମଣ କରେ, କାରଣ ଆତ୍ମ-ପ୍ରକାଶ ବା ବିକାଶ ହୁଏତ ତାର ଧର୍ମ—ସ୍ୱରୂପ । ଏହି ବୀଜାଣୁ ଦଂଶନରେ ବେଦନା ଅଛି । ସେହି ବେଦନାର ନିରଙ୍କୁଶ ଅନୁଭୂତିରୁ ମୁଁ ଲେଖିବାର ପ୍ରେରଣା ପାଏ, ଯାହା ସହିତ ଆଙ୍ଗିକ ସମ୍ବନ୍ଧ ରଖେ ମୋର ସୌନ୍ଦର୍ଯ୍ୟବୋଧ । ସୌନ୍ଦର୍ଯ୍ୟ ଭିତରେ ନିବିଡ଼ ବନ୍ଧନରେ ଆବଦ୍ଧ ହୋଇ ପୁଷ୍ପ କୋରକର ଲୁକ୍କାୟିତ ସୁରଭି ଭଳି ଯେ ବିଦେହୀ ଲାବଣ୍ୟ ଥାଏ, ସେହି ଲାବଣ୍ୟମୟ ଅନୁଭୂତି ଓ ଅନୁରକ୍ତି ମୋତେ ଲେଖିବାକୁ ପ୍ରବର୍ତ୍ତିନା ଦିଏ । ସୌନ୍ଦର୍ଯ୍ୟ ଉପରେ ଯେ କାରିଗରି, ମସୃଣତା ପ୍ରମାଣ, ରୂପ, ଗୁଣ ଥିଲେ ଲାବଣ୍ୟକୁ ଗୋଟିଏ ବିଶିଷ୍ଟ ଠାଣି ଦିଏ, ତାହା ମୋ ଉପରେ ଗଭୀର ଚିହ୍ନ ରଖେ । ସେହି ଚିହ୍ନ ବଡ଼ ବିପଦଜନକ ବସ୍ତୁ । ଆଉ ସେ ବିପଦ ଗ୍ରାସରେ ନ ପଡ଼ି ମୁଁ ରହିପାରେ ନାହିଁ ।

ଏ ଭିତ୍ତି ମୋର ଲିଖନ ପ୍ରେରଣାର ଜନନୀ ହେଲେ ହେଁ, ସାଧାରଣତଃ ମୋର ଲେଖା ମୋ ଅନ୍ତରର ସ୍ପର୍ଶ ସୁଗମ ଭାବ ଓ ଚିନ୍ତାର ନିୟାମକ । ଅନ୍ତର୍ଲୋକର ଅନ୍ତର୍ଯ୍ୟାମୀ ଅସୀମ ବସ୍ତୁଜଗତକୁ ପରିକ୍ରମା କରି ଦିଅନ୍ତି ତାଙ୍କର ବିଭୂତି । ସେହି ବିଭୂତିରେ ଥାଏ ରୂପ-ରସ-ଗନ୍ଧ-ସ୍ପର୍ଶ ପ୍ରକୃତିର ବିଚିତ୍ରମୟୀ ବର୍ଣ୍ଣି-ବହୁଳ ଅନୁପମ ଆବେଦନ ଓ ଆକୁତି । ସେହି ଆକୁତି ମୋର ଚିତ୍ତଦ୍ୱାରକୁ ଭାବ ବନ୍ୟାରେ ପ୍ଲାବିତ କରେ, ଅ[illegible] ତାରି ପ୍ରେରଣାରେ ମୁଁ ଲେଖନୀ ଧରେ । ମୋର ଲେଖନୀରେ ସାଧାରଣତଃ ଫୁଟେ ରୁଦ୍ରରସ । ସମଗ୍ର ପୃଥିବୀ ବିରୁଦ୍ଧରେ ତାର ସୀମିତ ଗତିର ଅଭିଯାନ । ବିପ୍ଳବର ଅଗ୍ନିଦାହ ମୋର ଭାଷାକୁ ତପ୍ତ କରେ, ଦୁଃସାହସୀ କରେ, ପ୍ରବଳ ବିରୁଦ୍ଧରେ, ମାନବର ଲାଞ୍ଛନା ଭୋଗ ବିରୁଦ୍ଧରେ, କୁତ୍ସିତ ମିଥ୍ୟାବରଣ ବିରୁଦ୍ଧରେ । ମୋ ହୃଦତଟରେ ଛୁଡ଼ା ହୋଇଛି—ଭିସୁଭିୟସର ଆଗ୍ନେୟଗିରି—ଠିକ୍ ତା'ର ପଛପଟେ ରହିଛି ନାଏଗ୍ରାର ଅଜସ୍ର ପ୍ରପାତ—ଠିକ୍ ନାରିକେଳ ଭଳି, ଯାହାର ଯୁଗ୍ମରୂପ ମୁଁ ନିରେଖି ନିଜକୁଇ ବୁଝେ ନାହିଁ । ମୋ' ଭିତରେ ଆତ୍ମପ୍ରକାଶ କରିବାର ଯେ ତୀବ୍ର ଆବେଦନ ରହିଛି, ତହିଁରେ ଛନ୍ଦ ତାର ଶିଳ୍ପଧର୍ମୀ ଆବରଣକୁ ମୁଁ ରଖେଇ ଦିଏ ନାହିଁ, କାରଣ ଏହା ମୋର

Digitized by srujanika@gmail.com

ସ୍ୱଧର୍ମ ବିରୁଦ୍ଧ । ବସ୍ତୁତାନ୍ତ୍ରିକ ଜଡ଼ଭାବର ବିକଟ ପ୍ରକାଶ ଅନ୍ତରକୁ ମୋର ପୀଡ଼ିତ କରେ । କିନ୍ତୁ ଚିତ୍ତପଟ୍ଟରେ ସେହି ଭାବକୁ ଭାଷାରେ ରୂପ ଦେଇ ସତ୍ୟ ପରିଣତିରେ ମାନବ ମନର ଦର୍ପଣରେ ବିମ୍ବିତ କରିବା ପାଇଁ ମୁକ୍ତି ନ ଦେଇ ମୁଁ ରହିପାରେ ନାହିଁ । ମନେ ହୁଏ, ମୋର ଅନ୍ତର୍ଯାମୀ ମୋ କ୍ଷୁଦ୍ର ସୀମାବଦ୍ଧ ଜଗତର ସୀମିତ ପରିବେଶରେ ଅଗଣିତ ମୂକ ଜନତାର ବାର୍ତ୍ତା ଶୁଣିପାରେ । ଯେଉଁମାନେ ପୀଡ଼ିତ ଲାଞ୍ଛିତ ନିଷ୍ପେଷିତ, ପୁଣି ଯେଉଁ ନାରୀମାନେ ଶୋଷିତ, ଲୁଣ୍ଠିତ ଜୀବନର ଶୂନ୍ୟ ଭଣ୍ଡାର ନେଇ ପଥଶ୍ରାନ୍ତ, ସେମାନଙ୍କର କ୍ଳାନ୍ତ ମୋ ମାନସଲୋକରେ ତମସାସ୍ତରଣ ବିଛେଇ ଦିଏ । ସେମାନଙ୍କର ନିସ୍ତବ୍ଧ କଣ୍ଠସ୍ୱର, ଭଗ୍ନହୃଦୟର ମର୍ମବାଣୀ, ନିଃସମ୍ବଳ ଜୀବନର ଶୂନ୍ୟଦୃଷ୍ଟି ମୋର ମାନସସରୋବରରେ ଉତ୍ତାଳ ତରଙ୍ଗ ଭଙ୍ଗ ଜୁଆର ଭଟ୍ଟା ସୃଷ୍ଟି କରିଥାଏ । ମୋତେ ଲାଗେ ମୁଁ ଯେପରି ସହସ୍ର ମୂକ-କଣ୍ଠରୁ ଶବ୍ଦ ଗ୍ରହଏ, ସ୍ତବ୍ଧ ହୃଦୟରୁ ଭାବଆହରଣ କରେ, ଆଉ ତାହାହିଁ ମୋ ଭାଷାକୁ ଗତି ବା speed ଦିଏ । ଏଇଥି ପାଇଁ ଲେଖେ । ମୁଁ ଯୋଉଠି ଅନ୍ୟାୟର ପ୍ରତିକାର କରି ନପାରେ, ଅସତ୍ୟକୁ ବଦଳାଇ ନପାରେ, ସେଠାରେ କଲମ ମୁନରେ ମୁଁ ନିଏ ପ୍ରତିଶୋଧ ଆଉ ତହିଁରେ ମୁଁ ପାଏ ଶାନ୍ତି, କାରଣ ତାହା ନକଲେ ମୁଁ ପାପ ଭାଗିନୀ ହେବି ବୋଲି ମନେ କରେଁ । ତହିଁରୁ ଉପୁଜେ ପ୍ରାଣର ଆନନ୍ଦ ।

ମୋ ଲେଖା ଦିଏ ମୋତେ ମାତୃତ୍ୱର ଆନନ୍ଦ, ସୃଷ୍ଟିର ଆନନ୍ଦ । ଯେପରି ଶିଶୁ ରୂପକୁ ସନ୍ତାନବତ୍ସଳା ଜନନୀ ଚାହିଁ ଆନନ୍ଦ ପାଏ । ବୋଧହୁଏ ମୋ ଲେଖା ମତେ ସେପରି ଆନନ୍ଦ ଦିଏ କିନ୍ତୁ ଲେଖା ପଢ଼ି ମୋତେ କିଏ କଣ କହିବ, ଏ ଭାବନା ମୋ ନିସ୍ତରଙ୍ଗ ମନରେ କେବେହେଲେ ସ୍ରୋତ ଉପୁଜାଇ ହୀନମନ୍ୟତା ସୃଷ୍ଟି କରିପାରେ ନାହିଁ । ସେହି କାରଣରୁ ମୋର ଲେଖା ଅଙ୍କା ବଙ୍କା ରାସ୍ତାରେ କୂଳ ଅକୂଳ ଲଙ୍ଘି ବହିଯାଏ ସୁଅର ଚକା ଭଉଁରୀ ବୁଲି ବନ୍ଧ ବାଡ଼ ଟପି । ମୋ ଲେଖାର ଗତିବେଗ ମୁଁ ଅନୁଭବ କରେ । ସେହି ଶୈଳୀ ମୋ ଲେଖାର ପ୍ରାଣ, ଯହିଁରୁ ବେନାମୀ ଲେଖା ସୁଜାଣ ପାଠକକୁ ଜଣାଇଦିଏ, ଲେଖା କାହାର । ସେତିକି ମୋ ସମ୍ପଦ ଓ ବ୍ୟକ୍ତିସ୍ୱରୂପ । ମୋ ପ୍ରକାଶ ଭଙ୍ଗୀକୁ ଗତି ଦିଏ ପ୍ରାଣ ।

ମୋର ମନେ ହୁଏ ପ୍ରତି ଖଣ୍ଡି ଲେଖାଳୀର ସ୍ୱତନ୍ତ୍ର ଲକ୍ଷଣ ଧର୍ମ ବା ଜୀବନ ଧର୍ମ ରହିଛି ଓ ବିଶିଷ୍ଟ ମତବାଦ ରହିଛି । ଯେ ସାହିତ୍ୟ ମନୁଷ୍ୟ ମନ କଥା କହେ, ସାହିତ୍ୟରେ ସତେ ଯେପରି ମୋର ପ୍ରତିଛବି ମୁଁ ଦେଖେଁ । ସେହି ଅଦେଖାଳ ଅନ୍ତରୁ ସ୍ପର୍ଶ ମୋତେ ଲେଖିବାର ପ୍ରେରଣା ଦିଏ । ମୁଁ ତାରି କଥାରେ ଲେଖେ । ମନୁଷ୍ୟ ମନ କଥା ଆଜି ଦୁନିଆ ହାଟରେ ସଉଦା ହେଉଛି, ମୁଁ ସେ

Digitized by srujanika@gmail.com

ମନର ସନ୍ଧାନୀ ଖବର ବିନମସ୍ତ ମୋତେ ସ୍ୱାଦସ୍ପୃଷ୍ଟ ଲାଗେ । ମନୁଷ୍ୟ ମନର ସେ ସତ୍ୟ ପ୍ରକାଶ ଏକ କାଳରେ ସ୍ୱପ୍ନ ଥିଲା, ସ୍ୱପ୍ନ କୁହେଳୀ ଆବରଣ ତଳୁ ଆବିଷ୍କାର କରେ ମୁଁ ସେହି ମନୁଷ୍ୟର ମନକୁ । ଈଶ୍ୱର ଚିରନ୍ତନ ସୌନ୍ଦର୍ଯ୍ୟାନୁଭୂତ ହର୍ଷ ଶୋକରେ ବିଚିତ୍ର ବିଳାସ ସୁଷମା ମୋତେ ମୁଗ୍ଧ କରେ । ଆଜି ମନୁଷ୍ୟ ମନ ଉପରୁ ପରଳ ଖସିଛି ବିଜ୍ଞାନ ତାର ଆବିଷ୍କାରକ । ସେହି ମନର ସନ୍ଧାନୀ ମୁଁ, କାରଣ ମାନସ କ୍ଷୁଧା ମୋର ଅସହ୍ୟ । ସେଥିପାଇଁ ମୁଁ ଲେଖେ ।

ମୋ ଲେଖାକୁ ସୁନ୍ଦର, ଲାବଣ୍ୟମୟ କରିବାକୁ ମୋର ମନରେ କେବେ ହେଲେ ବେଗ ଥାଏ ନାହିଁ — କାରଣ କୃତ୍ରିମ ପ୍ରକାଶ ମୋ ଜୀବନ କିମ୍ବା ମୋର ଲେଖାର ଧର୍ମ ନୁହେଁ । ଯାହା ସତ୍ୟ, ଯାହା ଶିବ ଓ ସୁନ୍ଦର, ସାହିତ୍ୟ ଲେଖାର ଶ୍ରେଣୀ ତାହାହିଁ ଏ ଦର୍ଶନକୁ ମୋ ଲେଖା ଉପେକ୍ଷା କରେ ନାହିଁ କିନ୍ତୁ ତଥାପି ମୋର ଲେଖାରେ ଅତନୁସ୍ପର୍ଶ ମୁଁ ସବୁବେଳେ ପାଏ ନାହିଁ — କାରଣ ମୋର ନାୟିକାର ଚେତ ଲାଗିଛି ମାଟିତଳେ । ଅଧିକାଂଶ ନାୟିମାନଙ୍କର ଲଙ୍ଘନ ଧର୍ମ ଏୟା — ମୋଉଟି ଏହାର ବ୍ୟତିକ୍ରମ ସେମିତି ଖୁଲିବାକି ବା ଅନୁକୃତର ସ୍ଥାନ ନଷ୍ଟସ୍ତ ଉଦ୍ଧବା ସ୍ୱାଭାବିକ ।

ମୋର ଜୀବନର ଉଷା କାଳରେ, ମୁ ଥିଲି ଶେଲିଙ୍କ Skylark ଚଢ଼େଇ ଭଳି — ଆଦର୍ଶବାଦ ଓ ସୌନ୍ଦର୍ଯ୍ୟ କଳ୍ପନାର ପୁଷ୍ପକ ବିମାନ ମୋ ଚିତ୍ତକୁ ନେଇ ଯାଉଥିଲା ବହୁ ସପ୍ତ ଲୋକକୁ, ମୋର ପାଦ ଭୂଇଁ ଛୁଇଁବାକୁ ଘୃଣା କରି ଉତ୍କ୍ଷିପ୍ତ ହେଉଥିଲା — । ମନଥିଲା ମୋର ବସ୍ତୁବାଦର ବହୁ ଊର୍ଦ୍ଧ୍ୱରେ । ଚିତ୍ତ ବୃତ୍ତି ଥିଲା ତାର ଅନୁସାରକ ଓ ଅନୁପୂରକ । ଲେଖିବାର ପ୍ରେରଣା ମିଳୁଥିଲା ମୋତେ ନୈମିଷାରଣ୍ୟରୁ, ସ୍ୱର୍ଗର ପକ୍ଷୀ ଲୋକରୁ, ନନ୍ଦନ କାନନର କଲ୍ପଲୋକରୁ, ଗନ୍ଧର୍ବଲୋକରୁ । ନିସ୍ରିଷ୍ଟ ତପସ୍ୱୀଙ୍କର କଳ୍ପର ଭୂଇଁକୁ ମୁଁ ବୁଝୁଥିଲି । ବୁଝୁଥିଲି ବୋଲି ତା ଉପରକୁ ଯିବାକୁ ମୋ ଜୀବନରେ ଅଛି ଅଶେଷ ସଂଜ୍ଞା — ତଳେ ପାଦ ଥୋଇବାକୁ ହେଉଥିଲା ମୋର ଆତଙ୍କ । ମୋର ମନ ରହି ରହୁଥିଲା କାଳିଦାସଙ୍କ ମେଘଲୋକର ଅଳକାରେ କୁମାରସମ୍ଭବର ହିମାଳୟ ସାନୁରେ, ରବୀନ୍ଦ୍ର, ଟଲଷ୍ଟୟ, ଗାନ୍ଧୀ, ଶେଲିଙ୍କ ରଚିତ ଭୂସ୍ୱର୍ଗରେ, — ଆର୍ଡ଼ପଉଆର୍ଥିଙ୍କ ଦାର୍ଶନିକ ପରିବେଷ୍ଟନୀ ଭିତରେ ।

କ୍ରମ ବିବର୍ତ୍ତନର ନିୟମ ଅନୁସାରେ ମନ ମୋର ବିକାଶ ପାଇଲା, ବାସ୍ତବ ସଂଘର୍ଷ ଓ ସଂଘାତରେ ଉପୁଜିଥିବା ବାସ୍ତବତାର ଗଣ୍ଡିବଦ୍ଧ ସଂକୀର୍ଣ୍ଣ

Digitized by srujanika@gmail.com

ପରିଧି ଭିତରେ ।—ଯାହା କୁତ୍ସିତ, ଖାଭତ୍ସ, ତାହା ବିରୁଦ୍ଧରେ ଅଭିଯାନ ଆରମ୍ଭ କରିବାକୁ ମୋର ସତ୍ତା ଆକୁଳ ହୋଇ ଉଠିଥିଲା । ଏହି ଭାବ ଓ ଆଦର୍ଶ ମୋତେ ନେଇ ୧୯୨୦ର ପ୍ରଥମ ପ୍ରଭାତରେ ଉତ୍ତୀର୍ଣ୍ଣ କଲା ଘଜନୀତିକ ଅଦର୍ଶବାଦରେ । ସେହି ରାଜନୀତିର ରୂପରେଖ ମୋର ତରୁଣ ମନରେ ଗଭୀର ଗ୍ରସ୍ଥାପାତ କଲା । ମୋର ଲେଖାର ଆବେଗ ରୂପ ପାଇଲା ସେବାରେ, କର୍ମର କଙ୍କାଳରେ ।—ସେତେବେଳେ ମୋର ସତ୍ତାକୁ କେବଳ ଅନୁଭବ କରିଛି—ଯେପରି ମୁଁ ଏକ ବିଦ୍ରୋହୀ ଆତ୍ମା-ମୋର ଶରୀର ଅବୟବ କିଛି ନ ଥିଲା । ତାର ଆହ୍ୱାନ ମୋର ବଧିର ଶ୍ରବଣକୁ ସ୍ପର୍ଶ କରିପାରୁ ନ ଥିଲା । ଅଗଣିତ ଦୁଃଖୀ, ରୋଗୀ, ରଙ୍କୀ ଅବାଳ ବୃଦ୍ଧ ବନିତାଙ୍କର ବନ୍ଧନ ମୁକ୍ତିର ସ୍ୱପ୍ନ ମତେ ପାଗଳ କରିଥିଲା ।—କିନ୍ତୁ ଏହାର ବାସ୍ତବତା ମୁଁ କଳିପାରୁ ନ ଥିଲି । ମୋର ଭାବଜଗତରେ ବିପ୍ଳବ ଅସାମ୍ୟ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ସମସ୍ତ ସମାଜର ମୂଳ ପିଣ୍ଡକୁ ପରି କରି ରାଷ୍ଟ୍ରର ଲୌହଶୃଙ୍ଖଳକୁ ଛେଦନ କରି ମୁକ୍ତ ଆକାଶର ବିହଙ୍ଗୀ ହେବାକୁ ମୋ' ମନରେ ଅଦମ୍ୟ ସ୍ପୃହା ଜାତ ହୋଇଥିଲା । ସେହି କାରଣରୁ ମୋର ସୀମିତ କର୍ମ ପ୍ରଚେଷ୍ଟାରେ ଯାହା ସମ୍ଭବ ହେଉ ନ ଥିଲା, ତାହା ଉଦ୍‌ଗାରିତ ହୋଇ ପଡ଼ୁଥିଲା ମୋର ଅଗ୍ନିବାହୀ ବାଣୀରେ—ଆଉ ଯାହା ହୋଇପାରୁ ନ ଥିଲା, ତାହାକୁଇ ପ୍ରକାଶ କରିବାକୁ ସାହାଯ୍ୟ କରୁଥିଲା ମୋର ଲେଖା । କିଛି ଅବସ୍ଥାର ପ୍ରତିକ୍ରିୟାକୁ ପ୍ରକାଶ କରୁଥିଲା ମୋର ଲେଖା—ଆଉ ଏହି ଲେଖାରେ ଆସୁଥିଲା ମୋର ପ୍ରାଣାକୁଳର ସ୍ନିଗ୍ଧତମ ବିରାମ—ମନ ଓ ହୃଦୟର ଶାନ୍ତି । ଆଜି ଦେଶର ଚେହେରା ବଦଳିଛି-ବଦଳା ଚେହେରା ସହିତରେ ସମଗ୍ର ପୃଥିବୀର ଚେହେରା ତୁଳନା କରି ଦେଖିବାର ଅଭ୍ୟାସ ମୋର ଆଗେ ନ ଥିଲା । ଆନ୍ତର୍ଜାତିକତା ମୋ' ପକ୍ଷରେ ଗୋଟାଏ କଳ୍ପନାର ବସ୍ତୁ ହୋଇ ରହିଥିଲା । ଆଜି ସମଗ୍ର ପୃଥିବୀର ଜନତାଙ୍କୁ ନିଜଦେଶଠୁ ମୁଁ ପୃଥକ କରି ଦେଖି ପାରେନା କାରଣ ଦେଖି ହୁଏନା । ଯେଉଁ ବୀଭତ୍ସ ରୂପ ମନୁଷ୍ୟର ବର୍କ୍ବରତା ଓ ବିଭୃତ ଓ ପ୍ରସ୍ତାବର ଅନ୍ଧତମସା ଗହ୍ୱର ତଳୁ ମୁଁ ଦେଖେ, ତହିଁରେ ତନ୍ଦ୍ର ମୋର ଚିରହତ କ୍ରୌଞ୍ଚମିଥୁନ ପରି ମୂର୍ଚ୍ଛିତ ହୋଇ ପଡ଼େ । ମୋର କଳ୍ପଲୋକର ସୌନ୍ଦର୍ଯ୍ୟ ଓ ଆନନ୍ଦ-ବାଦ କ୍ଷଣକ ପାଇଁ ଚକ୍ଷୁରୁ ଅପସରି ଯାଏ—ନଗ୍ନ ରୁକ୍ଷ ପୃଥିବୀର ଦୁଃଖ, ଶୋକ, ତାପ, ପାପ ପ୍ରାଣରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଦିଏ । ଦିଗ୍‌ଭ୍ରାନ୍ତ ପଥିକଟି ଭଳି ମୁଁ ସ୍ତବ୍‌ଧ ହୋଇ ଶାନ୍ତିହରଣ କରିବା ପାଇଁ ଆଗ୍ରହର ଅକ୍ଷୟ ବଟ ଗୁମ୍ଫା ଖୋଜେ, ପାଏ ନାହିଁ—ମୁମୂର୍ଷ ମନ ମୋର ଶାନ୍ତିର ଗ୍ଳାନି ଦୂର କରିବାକୁ ଉଦଗ୍ର ଚେତନାରେ ବିରାଟ ପୃଥିବୀର ପାରିବାର ଉପରେ ଶୂନ୍ୟ ଅର୍ଥହୀନ ଦୃଷ୍ଟି ନିବଦ୍ଧ କରେ । ମୁଁ ବିକଳ ବିଭ୍ରାନ୍ତ ହୋଇ ନିଏ ଲେଖନୀର ଶରଣ । ଆଉ ସେଇ ଲେଖନୀ ହିଁ ଏ ମୋର

Digitized by srujanika@gmail.com

ଦୁର୍ବଳ ମୁମୂର୍ଷୁ ବସ୍ତୁସତ୍ତ୍ୱକୁ ଶକ୍ତି—ସେଇଥିପାଇଁ ମୁଁ ଲେଖେ । ଆନନ୍ଦ ପାଏନା ମୋର ଲେଖାରେ, କାରଣ ତାହା ସୀମିତ—ଖଣ୍ଡିତ ସଂକୀର୍ଣ୍ଣତାର ଅବୟବ—ଆଧାର ତାର ଗଣ୍ଡିବଦ୍ଧ—ତଥାପି ସେହି ସୀମା ଭିତରେ ମନ ମୋର ଅସୀମର ସ୍ପର୍ଶ ପାଏ—ତହିଁରେ ମୋର ବନ୍ଧନ ମୁକ୍ତିର ଆନନ୍ଦ liberation from eternal bondage.—ଲେଖାକୁ ମୁଁ ସୁସଜ୍ଜିତା ସୈରିଣୀ କରିବାକୁ ଚାହେଁ ନା—ଜନମନ ହରଣ କରିବା, କାହାମନର ପ୍ରତିକୃତିକୁ ଥୋଇବା ମୋର ଲେଖାର ଉଦ୍ଦେଶ୍ୟ ନୁହେଁ—ଯାହା ଭାବେ, ଯାହା ବୁଝେ ଯାହା ଅନୁଭବ କରେ ତାହାକୁଇ ଲେଖେ—ଆଉ ଏହି ଆତ୍ମ-ପ୍ରକାଶରେ ମୋର ବିପ୍ଳବୀ ଚିତ୍ତର ଆନନ୍ଦ ହୁଏ । ମୁଁ ଚିର ସଂଗ୍ରାମୀ—ସେଇଥିପାଇଁ ମୁଁ ଲେଖେ ଓ ପ୍ରଶଂସା ନିନ୍ଦାକୁ ଉପେକ୍ଷା କରେ । ମୋର ଲେଖା ମତେ ପଳାୟନପର ଅସ୍ୱାଭାବିକ ମନୋବୃତ୍ତିରୁ ଚିରଦିନ ରକ୍ଷା କବଚ ଦେଇ ଆସିଛି । ତାହା ଚିରନ୍ତନ ମନେ କରେ ବୋଲି ମୁଁ ଲେଖାର ପ୍ରେରଣା ପାଏ—ଏବଂ ସେହି ବାସ୍ତବ ଅବାସ୍ତବ ମୁକୁରରେ ମୋର ପ୍ରତିଛବି ଦେଖି ସୁଖୀ ଦୁଃଖୀ ହୁଏ ।

ବିକାଶମାନ ଚିନ୍ତା ଅତୀତରୁ ଛୁଟି ଆସିଛି । ଏବେ ନିଜକୁ ପଚାରେଁ, ଲେଖାରେ ମୋର ସାର୍ଥକତା କିଛି ଅଛି କି ? ମୋର ଆତ୍ମା ଆର୍ତ୍ତନାଦ କରି କହେ, ଯେଉଁ ଲେଖକ ତାର ଅନୁଭୂତିକୁ ଜୀବନର ବାସ୍ତବ ପୀଠ ଉପରେ ମୂର୍ତ୍ତି ନ ଦିଏ, ରୂପଦାନ କରିବାର ଶକ୍ତି ପାଏନା—ସେ ଲେଖାର ବାସ୍ତବିକ ଚିରନ୍ତନ ସାର୍ଥକତା ନାହିଁ । ଗାନ୍ଧୀ, ଟଲଷ୍ଟୟ, ରବୀନ୍ଦ୍ରନାଥଙ୍କ ଲେଖାରେ ଶିଳ୍ପର ଚରମ ପ୍ରକାଶ ହୋଇଛି କାରଣ ସେମାନେ ନିଜର ଆଦର୍ଶକୁ ଜୀବନରେ ରୂପଦାନ କରିଛନ୍ତି । ମନୁଷ୍ୟ ଜାତିକୁ ସେମାନଙ୍କର ଦାନ କେବଳ ଲିଖନ କଳା ନୁହେଁ, ଭାବାଦର୍ଶର ଶିଳ୍ପ ନୁହେଁ—ତାଠୁ ବଡ଼ ହେଲା ଜୀବନର ବସ୍ତୁରୂପ । ସେମାନେ ନିଜ ଜୀବନରେ ନିଜର ଭାବାଦର୍ଶ ଓ ମତବାଦ, ନୀତି; ସୌନ୍ଦର୍ଯ୍ୟ-ବୋଧକୁ ପ୍ରତିଷ୍ଠା କରିଛନ୍ତି ବୋଲି ସେମାନଙ୍କ ମନୀଷା ପୃଥିବୀରେ ଆଲୋକସ୍ତମ୍ଭ ପ୍ରତିଷ୍ଠା କରିଛି । ସେହି ଦୃଷ୍ଟିରୁ ଲେଖକର ନିଜ ଜୀବନ ଯଦି ତାର ନୀତି ବା ଅନୁଭୂତିର ଅନୁକୂଳ ତଥା ଅନୁସାରକ ନ ହୁଏ ତେବେ ଜଗତରେ ଲେଖକର ଅର୍ଥାତ୍ ତାହା ଲେଖାର ମୂଲ୍ୟ କିଛି ନାହିଁ । ଉପନିଷଦ, ଦର୍ଶନ, ବେଦ ପଛରେ ଋଷି ଜୀବନର ଆଦର୍ଶ ନ ଥିଲେ, ତାହା ସହସ୍ର ଲକ୍ଷ ବର୍ଷ ଅତୀତର ଅନ୍ଧକାର ଗହ୍ୱରରୁ ଆଲୋକଦ୍ୟୁତି ବିକୀର୍ଣ୍ଣ କରି ଲୋକଚକ୍ଷୁରେ ଜ୍ଞାନାଞ୍ଜନ ଲଗାଇ ପାରି ନ ଥାନ୍ତା । ସେହି ଦର୍ଶନ ବା ଦାର୍ଶନିକ ଜୀବନ ପାଇଁ ସାର୍ଥକ, ସେହିପରି ସାହିତ୍ୟ ସାହିତ୍ୟିକ ଜୀବନରେ କେବଳ ସାର୍ଥକ ହୁଏ । ସାହିତ୍ୟିକ ଜୀବନ ସ୍ୱପ୍ନ ଜୀବନ ନୁହେଁ—ବାସ୍ତବତାରେ ହିଁ

Digitized by srujanika@gmail.com

ତାର ପ୍ରକାଶ ଏବଂ ବିକାଶ । ସେହି ଦୃଷ୍ଟିରୁ ମୋ ପାଖେ ମୋ ଲେଖାର ଦାମ ନାହିଁ —କାହା ଲେଖାର ବି ନୁହେଁ । ଅତୀତ ସ୍ମୃତିରେ ଉଚ୍ଚାଭିଳାଷୀ ଭାବରେ ଲଭିଥିବା ରାଜନୀତିକ ଜୀବନର ଭାବାଦର୍ଶ ଚିନ୍ତା ଓ ଜୀବନ ପ୍ରଣାଳୀ ଯେପରି ମୋ ନିକଟରେ ଆଜି ପରିହାସ ଏବଂ ଆତ୍ମବିଡ଼ମ୍ବନାର ବସ୍ତୁରୂପେ ପ୍ରତିଭାତ ହୁଏ । ଅତୀତର ଲେଖକ ଜୀବନ ଓ ଭାବ ଚିନ୍ତା, ଆଦର୍ଶ, ନୀତି, ମତବାଦ ଇତ୍ୟାଦିକୁ ବିଶ୍ଳେଷଣ କଲେ ମୋର ଲେଖାକୁ ଉପରୋକ୍ତ ଭାବରେ ଆତ୍ମବିଡ଼ମ୍ବନା, ଆତ୍ମଲାଞ୍ଛନା, ବଞ୍ଚନା ଓ ପରିହାସବସ୍ତୁ ରୂପେ ବୋଧହୁଏ ।

ମୁଁ ଲେଖେ କିଛି କାଳ ରାଜନୀତି ମୋତେ ଭଲ ଲାଗେ ନାହିଁ ବୋଲି, ଦେହଠୁ ଆତ୍ମା ମୋ ପାଖରେ ବଡ଼ ବୋଲି । ଏ ଯାବତ୍ ଲେଖାର ପ୍ରେରଣା ମୋ ଭିତରେ ବଞ୍ଚିଛି କେବଳ ସେଇଥିପାଇଁ । କାହିଁକି ମୁଁ ଲେଖେର ଜବାବ ଏତିକି ମୋଟାମୋଟି ଦେଲି । □ □

Digitized by srujanika@gmail.com

କାହ୍ନୁଚରଣ ମହାନ୍ତି

କାହ୍ନୁଚରଣ ମହାନ୍ତି.

ଜନ୍ମ—୧୧ ଅଗଷ୍ଟ, ୧୯୦୬

ଜନ୍ମସ୍ଥାନ—ଯୋବନପୁରଗ୍ରାଜ, ବଲାଙ୍ଗିର

ପିତା—ସୂର୍ଯ୍ୟମଣି ମହାନ୍ତି

ମାତା—ଦୁର୍ଗା ଦେବୀ

ରଚିତ ପୁସ୍ତକ —

ଉପନ୍ୟାସ - ଉତ୍ସବେବ୍ୟସନ, ତଥାସ୍ତୁ, ବାଲିରାଜା, ଅରଣା, ପଲାତକ, ନିଷ୍କୃତି, ସ୍ୱପ୍ନ ନା ସତ୍ୟ, ଦୁଇଆଉ ଦାଉ, ହାଅନ୍ନ, ଓଲଟ ପାଲଟ, ପରକୀୟା, ଉଦ୍ଧଣ୍ଡୀ, ଅଦେଖାହାତ, ପ୍ରତୀକ୍ଷା, ଭଲ ପାଇବାର ଶେଷକଥା, ତୁଣ୍ଡ ବାଇଦ, ଏପାରି ସେପାରି, ଶାସ୍ତି, ବନନାହନର ତଳେ, ଅନ୍ତରାୟ, ଅଭିନେତ୍ରୀ, ଭୁଲହୁଏନା, ଝଞ୍ଜା, ମିଳନର ଛନ୍ଦ, ଶବରୀ, ପଥ, ହା, ବନ୍ୟାବାଧ୍ୟ, ତେଉ ତେଉକା. ବଗବଗୁଲି, ଇତିହ, ତମସାତୀରେ, ଛୁଟିଲେଘଣ୍ଟ, ସ୍ୱପ୍ନା, ତରଙ୍ଗର ତଳେ, ମନ ଜାଣେ ପାପ, ମନ ମନ୍ଥନ ଅତିଗୋପନୀୟ. ଅଙ୍ଗନା, ମମତାର ମାୟା, କହିବାକୁ ଲାଜ, ନିର୍ବିଶଙ୍କ, ଆଜି ନୁହେଁ, ଆଉ ଦିନେ, କ୍ଷଣକ୍ଷଣକେ ଆନ, ମାୟାବତୀ, ସତ୍ୟବତୀ, କ୍ଷଣିକା, ଅପା ନାମଟି ତାର ଚମ୍ପା, ତାରକା, ତାପସୀ, ଲଲାଟ ଲିଖନ, ମେଲାଣି ମାଗୁଣି

କାବ୍ୟ—ମାନସୀ ।

Digitized by srujanika@gmail.com

ମୋର କଲମକୁ ମୁଁ ଅନାଏଁ । କହେଁ, ତୁମେ ଦିଅ ଏ ପ୍ରଶ୍ନର ଉତ୍ତର । ତୁମେ ହିଁ ତ ଲେଖୁଛ । କଲମ ଅଟକେ । ଭାବେ କି କ'ଣ । ନୀରବ ଭାଷାରେ କହେ । ମୋର ଯେ ଆଶ୍ରୟ, ଯେ ମୋତେ ଧରେ, ଆଦର ଯତ୍ନ କରେ, ମୋତେ ଚଳାଏ, ସେଇ ହାତ ସିନା ଲେଖେ. ତାଙ୍କୁ ପଚାର ସେ କାହିଁକି ଲେଖେ ? ହାତ ଅଟକେ । କଲମକୁ ତଳେ ରଖେଁ । ଟିକିଏ ଚିନ୍ତା କରେଁ । ପୁଣି କଲମକୁ ଧରେଁ । କାଗଜ ଉପରେ ଥୁଏ । କାହିଁ ଚାଲୁ ନାହିଁ ତ । ସେ ଉତ୍ତର ଦିଏ, ମୁଁ ଲେଖେ ନାହିଁ । ମୁଁ ଅକ୍ଷମ । ଚାଲୁଛି କି ? ନାଁ । ମୁଁ ମନର ବେଠିଆ । ମୋତେ ସେ ଆଦେଶ ଦେଲେ ମୁଁ ତତ୍ପରେ ଦିଏଁ । କଲମ ଠେଲେ, କାଗଜ ଉପରେ ଗାର ପଡ଼େ । ସେଇ ଗାରକୁ କହନ୍ତି ଲେଖା । ସେ ଲେଖା ହୁଏ କାହିଁକି, ତା'ର ଉଦ୍ଦେଶ୍ୟ କଣ, ଅର୍ଥ କ'ଣ ମୁଁ କିଛି ଜାଣେ ନାହିଁ । ଜାଣେ ମନ । ସେଇ ମନ ହିଁ ଲେଖେ । କାହିଁକି ଲେଖେ ସେ କହିବ ।

ଆରେ, ନା ନା,—ମନ କହି ଉଠେ । ମୋର ପାଞ୍ଚଟା ଦିଗ । ପ୍ରତି ଦିଗରେ ପାଞ୍ଚଟା କରି ଆଖି । ପ୍ରତି ଦିଗର ପ୍ରତି ଆଖି ଗୋଟିଏ ଗୋଟିଏ ଭୂତକୁ ସବୁବେଳେ ଚାହିଁ ରହିଥାନ୍ତି । ପାଞ୍ଚଟା ତ ଭୂତ— ମାଟି, ପାଣି, ତେଜ, ପବନ ଓ ଆକାଶ । ସେଇ ଭୂତଗୁଡ଼ିକ ସବୁବେଳେ ସବୁଠି ଅଛନ୍ତି । ତାଙ୍କରି ମିଶ୍ରଣରେ ମଣିଷର ଦେହ ଗଢ଼ା । ସେଇଥିପାଇଁ ମଣିଷ ଦେହର ପାଞ୍ଚଟି ଇନ୍ଦ୍ରିୟ ଓ ପ୍ରତି ଇନ୍ଦ୍ରିୟର ଗୋଟାଏ ଲେଖାଁ ଅନୁଭୂତି---ଦେଖିବା, ଶୁଣିବା, ଶୁଙ୍ଘିବା, ଚାଖିବା ଓ ଛୁଇଁବା । ଅତଏବ ଦେହର ଅଛି ଅନୁଭୂତି ଓ ଅନୁଭବର ବାସନା । ଦେହର ଅନୁଭୂତି ଦିନକର ନୁହେଁ । ଆଜିକାର ନୁହେଁ । ଯେଉଁ ଦିନ ପ୍ରଥମ କରି ଦେହ ଅଣୁ ପରମାଣୁ ହୋଇ ସର୍ଜନା ହେଲା,ସେଇ ଦିନଠୁ ସେ ଅନୁଭବ କଲା । ଗୋଟିଏ ଦେହ ଛାଡ଼ିବା ପୂର୍ବରୁ ଯେତେ ଦେହ ସେ ସର୍ଜନା କରିଗଲା ସବୁଥିରେ ସେ ତାର ଅନୁଭୂତି ସାଇତି ରଖିଲା । ଦେହର ପରିବର୍ତ୍ତନ ହୋଇ ଆସିଲା ଯୁଗକୁ ଯୁଗ ଓ ଅନୁଭୂତିର କଳେବର ମଧ୍ୟ ବଢ଼ିଲା । ଦେହ ବଦଳି ବଦଳି ମଣିଷ ଦେହ ହେଲା ଓ ଅନୁଭୂତି ଛଡ଼ା ଅନୁଭବର ବାସନାର ପ୍ରକୃତି ମଧ୍ୟ ହାସଲ କଲା । ଦେହର ସବୁକାଳର ସବୁ ଅନୁଭୂତି ଏବଂ ମଣିଷ ଦେହର ଅନୁଭବର ବାସନାକୁ ମନ ତାର ଅନନ୍ତ ଅଙ୍ଗରେ ସାଇତି ରଖିଥାଏ । ଯେତେବେଳେ ଦେହ ତାର ଅନୁଭୂତିକୁ ଝୁରି ହୁଏ ଅଥବା ଅନୁଭବର ବାସନାକୁ ଅନୁଭୂତିରେ ପରିଣତ କରିବାକୁ ଇନ୍ଦ୍ରିୟର ସୁଖମୋହରେ ବ୍ୟଗ୍ର ହୋଇ ଉଠେ, ସେତେବେଳେ ମନ ଅତୀତ ଅନୁଭୂତିକୁ ପ୍ରକାଶ କରିବାକୁ ଆଗେଇ ଆସେ ଓ ଦେହର ଅନୁଭବ ବାସନାକୁ ଅନୁଭୂତିର ଛାଞ୍ଚରେ ପକାଇ, ଆକାର ଦେଇ ଅବାସ୍ତବକୁ ବାସ୍ତବ ପରି ଠିଆ କରିବାକୁ ଉଦ୍ୟତ ହୁଏ ।

Digitized by srujanika@gmail.com

ଦେହର ଆଗ୍ରହକୁ ସନ୍ତୁଷ୍ଟ କରିବାକୁ ମନ ଦେହର ଅଙ୍ଗକୁ ହିଁ ଆଦେଶ ଦିଏ । ଅନୁଭୂତି ଓ ଅନୁଭବ କାମନାର ପ୍ରକାଶର ଗୋଟିଏ ପ୍ରଣାଳୀ ହେଉଛି, ଲେଖା । ଅତଏବ, ମଣିଷର ସାରା ଦେହ ଲେଖେ । ମଣିଷର ପ୍ରକାଶର ପ୍ରଣାଳୀମାନଙ୍କ ଭିତରେ ଲେଖି ପ୍ରକାଶ କରିବାର ପ୍ରେରଣା ହିଁ ପ୍ରବଳ । ତେଣୁ ମନ କହେ, ସାରା ଦେହ ଲେଖେ । ଦେହ କହିବ, ସେ କାହିଁକି ଲେଖେ ।

ଦେହ ଶୀହରି ଉଠେ । କହେ, ଏଟାତ ଭୁଲ କଥା । ମୋର ପୁଣି ଗୋଟାଏ ଅନୁଭୂତି କ'ଣ ଓ ଅନୁଭବର କାମନା କଣ ? ମୋ' ଭିତରେ ଜୀବନ ନଥିଲେ, ମୁଁ ଜଡ଼ ହେଲେ ଏସବୁ ମୋ ପାଖରୁ ଦୂରରେ ରହେ । ଜୀବନଟା ହିଁ ଅନୁଭବର ଆଧାର । ସେଇ ନିଜକୁ ପ୍ରକାଶ କରିବାକୁ ବିବିଧ କର୍ମକରେ, ଲେଖା ତହିଁରୁ ଗୋଟିଏ ପଦ୍ଧତି । ଜୀବନ କହେ, ମୁଁ କିଏ ହେ ? ମୋ'ର ବ୍ୟକ୍ତିତ୍ୱ ନାହିଁ, ମୁଁ କେବଳ ଦେହରେ ଜଡ଼ିତ ଥିବା 'ମୁଁ'ର ପ୍ରତିଧ୍ୱନି । ସେଇ'ମୁଁ'ଟା ହିଁ ଲେଖେ , ନିଜକୁ ପ୍ରକାଶ କରିବାକୁ । ଯେତେ ରୂପରେ ପ୍ରକାଶ କଲେ ବି ସନ୍ତୁଷ୍ଟ ହୋଇପାରେ ନାହିଁ । ନିଜକୁ ବିଭିନ୍ନ ରୂପରେ ସେ ଦେଖିବାକୁ ଓ ଦେଖାଇବାକୁ ଭଲ ପାଏ । କେଉଁଠି ନିଜକୁ ସେ ଖୋଲି ଦେଖାଏ ଓ ଦେଖେ । କେଉଁଠି ପୁଣି ନିଜକୁ ଲୁଚେଇ ଛପେଇ ଝଲମଲକା ପୋଷାକ ପିନ୍ଧି ଦେଖେ ଓ ଦେଖାଏ । ଦେହର ମୁଁ ଓ ଦେହର ମନ ଅଭିନ୍ନ । ତେଣୁ 'ମୁଁ' ଲେଖେଁ ଓ ମନ ଲେଖେ ଦୁଇଟି ଏକା କଥା ।

ମନ କହିଲେ ବୁଝାଏ କେତେଗୁଡ଼ିଏ ଭାବର ସମଷ୍ଟି । ଯଥା—କାମ,କ୍ରୋଧ, ଲୋଭ, ବିରକ୍ତି, ବଡ଼ିମା, ହସ, ବିସ୍ମୟ, କ୍ଷମା, ବିଶ୍ୱାସ ଇତ୍ୟାଦି । ଏହି ସବୁ ଭାବର ସ୍ୱାଧୀନ ପ୍ରେରଣା ବା ଏକାଧିକର ମିଶାମିଶି ପ୍ରେରଣା ମନରେ ବିଭିନ୍ନ କାମନା ବା ଆକାଂକ୍ଷା ଜାତ କରେ । ଏହି ସବୁ ଆକାଂକ୍ଷା ମଣିଷ ପ୍ରକୃତିର ଚଳନକୁ ଉଦ୍ଦେଶ୍ୟ ରୂପେ ନିୟନ୍ତ୍ରଣ କରେ । ମଣିଷ ପ୍ରକୃତି ଯେଉଁଠି ନିଜର ଚଳନରେ କୃତକାର୍ଯ୍ୟ ହୁଏ, ଅର୍ଥାତ୍ ଉଦ୍ଦେଶ୍ୟ ମଙ୍ଗଳ ହୁଏ, ସେଇଠି ସେ ତାର ସଫଳତାକୁ ଅନୁଭୂତି ରୂପେ ଜାଗ୍ରତ ମନରେ ସାଇତି ରଖେ । ଯେଉଁଠି ସେ ବିଫଳ ହୁଏ, ତାର କାମନା ଏକା ଥରେ ନ ମରି ସୁପ୍ତ ମନ ତଳେ ଦୁର୍ବଳ ହୋଇ ପଡ଼ି ରହେ । ନିଜକୁ ପ୍ରକାଶ କରିବାକୁ, ସଫଳତା ଲାଭ କରିବାକୁ ସେ କାମନା କେବଳ ସୁବିଧା ଖୋଜି ବୁଲୁଥାଏ । ସଭ୍ୟ ମଣିଷ ସମାଜରେ ସଂସ୍କୃତିର ବେଷ୍ଟନୀ ମଝିରେ ମଣିଷ ମନର ଅନେକ ଅଶ୍ଳୀଳ ଓ ସମାଜ-ଦ୍ରୋହୀ ଭାବ ଅସମ୍ଭବ କାମନାର ପ୍ରେରଣା ଆଣିପାରେ ନାହିଁ । ତେଣୁ ଏପରି ଭାବ ମନର ଆହୁରି ନିମ୍ନସ୍ତରକୁ ଅର୍ଥାତ୍ ଅଚେତ ମନର

Digitized by srujanika@gmail.com

ଅନ୍ଧାରି-ଗୁହା ଭିତରେ ପ୍ରବେଶ କରି ଆପେ ଆପେ ଆତ୍ମଗୋପନ କରି ନିର୍ଜୀବ ପରି ପଡ଼ି ରହେ ।

ଅନୁଭୂତି, ବିଫଳତାର ସଫଳ-କାମନା ଓ ଅସମ୍ଭବ କାମନାର ଜୀବନ-ଲାଭ-ଆଗ୍ରହ, ପ୍ରତ୍ୟେକ ଭିନ୍ନ ଭିନ୍ନ ହୋଇ କିମ୍ବା ଏକାଧିକ ମିଶାମିଶି ହୋଇ ପ୍ରକାଶ ଲଭନ୍ତି ମଣିଷର କଥାରେ, ସଙ୍ଗୀତରେ, ନାଚରେ, ଗଠନରେ, ଅଙ୍କନରେ ଓ ଲିଖନରେ । ଯେଉଁଠି ମଣିଷର 'ମୁଁ' ବା 'ମନ' ପ୍ରକାଶ କରେ ଓ ପ୍ରକାଶିତ ହୁଏ ଲିଖନରେ, ସେଇଠି ସେ ଲେଖକ । ଲେଖକ, ଲେଖେ 'ମୁଁ' କୁ ପ୍ରକାଶ କରିବାକୁ । ଅନ୍ୟର ଅନୁଭୂତି, ବିଫଳ କାମନା ଓ ଅସମ୍ଭବ ଆକାଙ୍କ୍ଷାକୁ ମଧ୍ୟ ଲେଖକର 'ମୁଁ' ନିଜର କରି ନିଏ ତା ପାଖରେ 'ଅନ୍ୟର' ସ୍ଥାନ ଓ ସମୟର ସୀମା ଅପ୍ରତିହତ ହୁଏ । ଅନନ୍ତ-ଅତୀତ ଓ ଅସୀମ ଭବିଷ୍ୟତ୍ ଲେଖକର 'ମୁଁ' ପାଖରେ 'ବର୍ତ୍ତମାନ' ହୋଇ,ଜୀବନ୍ତହୋଇ ଠିଆହୋଇ ରହେ ଏବଂ ତାର 'ମୁଁ ର' ଅଭିନ୍ନଅଂଶ ହୋଇଯାଏ । ଲେଖକର 'ମୁଁ' ହିଁ ଲେଖେ ଏବଂ ସେ ଲେଖେ 'ମୁଁ' କୁ ପ୍ରକାଶ କରିବାକୁ ।

ମୁଁ ମଧ୍ୟ ଲେଖେ ଏଇଥିପାଇଁ । ଦଶ ବର୍ଷ ବୟସରେ ୧୯୧୭ ସାଲରେ ମୁଁ ଲେଖିଥିଲି ପ୍ରଥମ କବିତା 'ଜୟଦ୍ରଥ ବଧ' । ସେତେବେଳେ ମୁଁ ସୋନପୁର ହାଇ-ସ୍କୁଲରେ ପଢୁଥିଲି । ମହାଭାରତ ପଢ଼ିବାକୁ ଭଲ ପାଉଥିଲି । ୧୯୨୩ରେ କଟକରେ ପଢୁଥିଲାବେଳେ ପ୍ରଥମ ଉପନ୍ୟାସ 'ଉଚ୍ଛବେ ବ୍ୟସନ' ଲେଖିଥିଲି । 'ବାଲିରାଜା' ମୋର ଚତୁର୍ଥ ଉପନ୍ୟାସ । ୧୯୨୫ ସାଲରେ ପାଟ୍ନା କଲେଜରେ ପଢ଼ିଲାବେଳେ ଏହାକୁ ମୁଁ ଆରମ୍ଭ କରିଥିଲି । ୧୯୫୦ ସାଲରେ ମୋର ଶେଷ ପ୍ରକାଶିତ ଉପନ୍ୟାସ "ମିଳନର ଛନ୍ଦ" । ଏହାକୁ ମିଶାଇ ବୋଧହୁଏ ଚବିଶ ଖଣ୍ଡି ଉପନ୍ୟାସ । ଖଣ୍ଡିଏ କବିତା ଓ ଗୋଟିଏ ନାଟକ ପ୍ରକାଶିତ ହୋଇଛି । ଜାଣେନା । ଏତକରେ ସରିବ ନା, ଆହୁରି କାହିଁରେ ଓ କେତେରେ ମୋର 'ମୁଁ' ନିଜକୁ ପ୍ରକାଶ କରିବ । ସ୍ମୃତିଆଡ଼ୁ ପ୍ରତିବନ୍ଧକ ଘୋଟି ଆସୁଛି । □ □

Digitized by srujanika@gmail.com

ମାୟାଧର ମାନସିଂହ

●

ମାୟାଧର ମାନସିଂହ,

ଜନ୍ମ—୧୩ ନଭେମ୍ବର, ୧୯୦୬

ଜନ୍ମସ୍ଥାନ—ନନ୍ଦଳା, ପାଣ୍ଟକୁଦ, ପୁରୀ

ପିତା—ପଦ୍ମଚରଣ ମାନସିଂହ

ମାତା—ସୁଭଦ୍ରା ଦେବୀ

ମୃତ୍ୟୁ—୧୧ ଅକ୍ଟୋବର, ୧୯୭୩

ରଚିତ ପୁସ୍ତକ—

କବିତା—ଧୂପ, ସେଦିନର କବିତା, ହେମପୁଷ୍ପ ହେମଶସ୍ୟ, କୋଣାର୍କ, ବାପୁତର୍ପଣ. ଅକ୍ଷତ, ମାଟିବାଣୀ, ଜୀବନଚିତା, କୃଷ୍ଣ, ସିନ୍ଧୁ ଓ ବିନ୍ଦୁ, ସ୍ୱର୍ଗକ୍ୟାଶ୍ରମ, କିଶୋର କବିତା, ଗୀତରେଣୁ, ମାନସିଂହ ଚୟନ, ସନେଟ ଶତକ, ଅବନ୍ତିକା ।

କାବ୍ୟ—ଉପେକ୍ଷିତା, କଙ୍କଣ, ଶୁଭଦୃଷ୍ଟି, ଜେମା, ସାଧବଝିଅ, କମଳାୟନ ।

ନାଟକ ନାଟିକା—ରାଜକବି ଉପେନ୍ଦ୍ର, ପୁଷ୍ପିତା, ପୂଜାରଣୀ, କଷ୍ଟିନୀଡ଼, ବାରବାଣୀ, ବୁଦ୍ଧ, ଦୁର୍ଭିକ୍ଷ, ବୁଦ୍ଧଦୂତ, ଶାସନଚକ୍ର, ପୁଷ୍ପାଭିଳାଷ ।

ପ୍ରବନ୍ଧ ଓ ସମାଲୋଚନା—ଓଡ଼ିଆ ସମାଜ ଓ ସାହିତ୍ୟ, ମାଟିର ମହାକବି ସାରଳା ଦାସ, ଜୀବନୀ ଓ ପ୍ରବନ୍ଧ, ଶିକ୍ଷାବିତ୍ତର ଗାଥା, ଜୀବନ ପଥ, ଶିକ୍ଷା ଶିକ୍ଷକ ଶିକ୍ଷାସ୍ତୃତନ, କବି ଓ କବିତା, ଓଡ଼ିଆ ସାହିତ୍ୟର ଇତିହାସ, ସରସ୍ୱତୀ ଫକୀରମୋହନ, ଗୀତା ମାହାତ୍ମ୍ୟ, ସାର୍ବଜନୀନ ଗୀତା, ସାହିତ୍ୟ ପ୍ରଶ୍ନ ।

English Books—The Saga of the land of Jagannath, Kalidas and Shakespeare, Ripples of the Mahanadi Citizen Education, Dreams in Education,

Digitized by srujanika@gmail.com

History of Oriya literature, Fakirmohan Senapati, (Maker of Indian Literature) ।

ଭ୍ରମଣ କାହାଣୀ—ପଶ୍ଚିମ ପଥିକ ।

ପାଠ୍ୟ ପୁସ୍ତକ—ଗଳ୍ପମଞ୍ଜୁଷା, ନବଯୁଗ ପାଠମାଳା, ନାଗରିକ ପାଠମାଳା ।

ଅନୁବାଦ—ଅଥେଲୋ, ଧର୍ମପଦ (ଟୀକା ସହ) ଶ୍ରୀମଦ୍ ଭଗବଦ୍ ଗୀତା, (ଟୀକା ସହ) ଗାମୋନ୍ନତିର ପ୍ରେମାଞ୍ଜକର କାହାଣୀ, ଗୁରୁନାନକବାଣୀ ଓ ରଚନା

ସଙ୍କଳନ—ମହନ୍ତବାଣୀ ।

ଉପନ୍ୟାସ—ଅନ୍ୱେଷଣ । □ □

କୌଣସି ଲେଖକଙ୍କୁ ସେ କାହିଁକି ଲେଖନ୍ତି ଏହା ପଚାରିବାରେ ପ୍ରଚ୍ଛନ୍ନ ଉପହାସ ଥାଇପାରେ । ଅର୍ଥାତ୍, ତାଙ୍କ ଲେଖାର ତ କୌଣସି ମୂଲ୍ୟ ନାହିଁ, ସେ ଲେଖନ୍ତି ମିଛରେ କାହିଁକି ? ଏ କ୍ଷେତ୍ରରେ ଉତ୍ତର ଦେବା ଯେପରି ଅସହଜ ଯଦି ଲେଖକ ପ୍ରକୃତରେ ଜୀବନ୍ସ୍ରଷ୍ଟା ହୋଇଥାନ୍ତି ତାଙ୍କୁ ଏ ପ୍ରଶ୍ନର ଉତ୍ତର ଦେବା ସେହିପରି ଅଡ଼୍ଆ । ଈଶ୍ୱର ଅଛନ୍ତି କି ନାହିଁ, ସେ ପ୍ରଶ୍ନର ଉତ୍ତର, ଜଣେ କବି କାହିଁକି ଲେଖେ ଏ ପ୍ରଶ୍ନର ଉତ୍ତର ଠାରୁ ବରଂ ସହଜତର । ଚନ୍ଦ୍ରର ଜ୍ୟୋତ୍ସ୍ନା ପରି, ଜଳର ଗତି ପରି, ପୁଷ୍ପର ସୌରଭ ପରି, ରସସ୍ରଷ୍ଟା ତ ରସସୃଷ୍ଟି ଓ ବିତରଣ କରିଯାଏ, ସେଠି 'କାହିଁକି'ର ସ୍ଥାନ କାହିଁ ?

କିନ୍ତୁ ମୋ ପରି ମନ୍ଦଃ କବି ଯଶଃ ପାର୍ଥୀଙ୍କ ପ୍ରତି ଏ ପ୍ରକାର ପ୍ରଶ୍ନ ହୁଏ ତ ଏକାନ୍ତ ବାଞ୍ଛନୀୟ । ମୁଁ ବା ମୋ ପରି ସାରସ୍ୱତ ପୀଠରେ ଅନଧିକାର ପ୍ରବେଶ କାରୀମାନେ ଯଦି ନିଜକୁ ନିଜେ ଏହି ପ୍ରଶ୍ନ ପଚାରନ୍ତେ ବା ପଚାରି ଆସୁଥାନ୍ତେ, ତେବେ ସାହିତ୍ୟ ବହୁ ଆବର୍ଜନାର ଅନାକାଂକ୍ଷିତ ପୂତିଗନ୍ଧ ଓ ଧୂଳିମଳିରୁ ରକ୍ଷା ପା'ନ୍ତା । ସେକ୍‌ସପିୟର, ରବୀନ୍ଦ୍ରନାଥ ଯିନା ଲେଖିବେ, ଆମର ସେହି ନିର୍ଦ୍ଦିଷ୍ଟ, ମହାଜନସ୍ଥଳରେ ନିର୍ଭୀକ ପାଦ ଚାରଣା କରିବାର କି ଦରକାର ? କି ବା ଫଳ ? ସେ ସାଦୃଶ୍ୟ ଲେଖନୀ କ'ଣ ଆମର ଅଛି । ରବୀନ୍ଦ୍ରନାଥ ବା କାଳିଦାସଙ୍କ ସୃଷ୍ଟିର ସୌରଭ ଓ ମାଧୁର୍ଯ୍ୟର କଥା ଭାବିଲେ ମନରେ ଏପରି ନୈରାଶ୍ୟ ଆସେ ଯେ, ସେମାନଙ୍କର ଉପସ୍ଥିତିରେ ନିଜକୁ ଲେଖକ ଶ୍ରେଣୀରେ ଗଣନା କରିବାକୁ ଲଜ୍ଜାହୁଏ ଏବଂ ଯାହା ଲେଖିଛି ତାର ଅପଦାର୍ଥତା ପାଇଁ ଚିତ୍ତ ତପ୍ତ ହୋଇଉଠେ ।

Digitized by srujanika@gmail.com

ତେବେ ଲେଖେ କାହିଁକି ? ଅଲ ଇଣ୍ଡିଆ ରେଡ଼ିଓ ଏ ପ୍ରଶ୍ନ ନ ଉଠେଇ ଥିଲେ, ମୁଁ ନିଜକୁ ଏ ପ୍ରଶ୍ନ କେବେହେଲେ ପଚାରି ନଥାନ୍ତି ।

ବର୍ତ୍ତମାନ ବିଶ୍ଳେଷଣ ପ୍ରୟାସରେ ମୋର ଲେଖକ ଜୀବନର ସମଗ୍ର ଅତୀତକୁ ଘାଣ୍ଟିବାକୁ ପଡ଼ୁଛି । ମୁଁ ସେହି ଦୀର୍ଘପଥର ଆରମ୍ଭ ପର୍ଯ୍ୟନ୍ତ ପଳାଇ ଦେଖୁଛି ଯେ, ଯେଉଁ ସ୍ଥାନ ବା ଗୋଷ୍ଠୀରେ ମୋର ଜନ୍ମ ଓ ବାଲ୍ୟକାଳ କଟିଯାଇଛି ସେଠି ଲେଖକର ସ୍ଥାନ ନ ଥିଲା କି ଲେଖକ ହେବାକୁ ମୋତେ କେହି ଉତ୍ସାହିତ ବା ପ୍ରଣୋଦିତ କରିବାର ଲୋକ ନଥିଲା । ଏ ପର୍ଯ୍ୟନ୍ତ ବି ମୋର ଗାଁର,ଦାଦା, ଖୁଡ଼ି, ଭାଇ ବନ୍ଧୁମାନେ ଜାଣନ୍ତି ନାହିଁ ଯେ ମୁଁ ଏକ ତଥାକଥିତ ଲେଖକ । ଅସ୍ପଷ୍ଟ ଭାବରେ ଲେଖକ ବୋଲି କିଛି ଗୋଟାଏ ଶୁଣାଶୁଣିରୁ ଧାରଣା ଥିଲେ ମଧ୍ୟ, ମୁଁ କଣ ଲେଖେ ସେ ସମ୍ପର୍କରେ ସେମାନେ ଏକାବେଳେ ଅଜ୍ଞ କିନ୍ତୁ ଏଥିରେ ସେମାନଙ୍କ ଅପେକ୍ଷା ମୋର ଲଜ୍ଜା ହିଁ ଅନେକ । ମୁଁ କଣ କପରି କବି ବା ଲେଖକ ହୋଇଛି ଅଥଚ ମୋର କୁଟୁମ୍ବ ବା ଗ୍ରାମବାସୀ ମୋର ପୁସ୍ତକ ପଢ଼ି ଆନନ୍ଦ ଲାଭକରି ପାରିଲେ ନାହିଁ, ଏହାଠାରୁ ମୋର ଲେଖକ ଜୀବନର ଅଧିକ ବ୍ୟର୍ଥତା,ଅଧିକ ସରମ ଥାଇପାରେ କି ? ମୁଁ ଅନେକ ବେଳେ ଏହି ଚିନ୍ତାରେ ମଧ୍ୟ ମୁହ୍ୟମାନ ହୁଏ ଏବଂ ନିଜକୁ ଧିକ୍କାର କରେ । ତଥାପି ଲେଖେ କାହିଁକି ?

ସୁଦୂର ବାଲ୍ୟକାଳର କଥା ଆଜି ମନେ ପଡ଼ୁଛି । ସନ ତାରିଖ ମନେ ନାହିଁ । କିନ୍ତୁ ଘଟଣାଟା ହୁଏତ ସେ କାଳର ଭାରତେଶ୍ୱର ସପ୍ତମ ଏଡ଼ଓ୍ୟାଡ଼ଙ୍କର ସିଂହାସନ ଆରୋହଣ ବା ସେହିପରି କିଛି । ସେଇଥିପାଇଁ ଆମେ ପିଲେ ବଡ଼ଙ୍କର ଗ୍ରାହ୍ୟତାକୁ ଆସିଥିଲୁ ଏବଂ ଆମକୁ ମିଷ୍ଟାନ୍ନ ବଣ୍ଟନର ଐତିହାସିକ ଆବଶ୍ୟକତା ସ୍ୱୀକୃତ ହୋଇଥିଲା । ସେ କାଳରେ ପାରିକୁଦ ଗଡ଼ରେ ଯେଉଁ ମାଇନର ସ୍କୁଲ ଥିଲା ସେଇଠି ପଢ଼ିବା ପାଇଁ ଆମର ଅଭିଭାବକମାନେ ମତେ ଓ ମୋର ଏକ ଦାଦି ପୁଅ ଭାଇକୁ ଗ୍ରାମ୍ୟ ଜୀବନରୁ ନିକଟରେ କାଢ଼ି ଆଣିଥିଲେ । ସ୍କୁଲର ଉନ୍ମୁକ୍ତ ପ୍ରାଙ୍ଗଣରେ ଏକ ସଭାର ଯୋଗାଡ଼ ହେଲା । ଶିକ୍ଷକମାନେ, ସେଠାର ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ସେମାନଙ୍କ ଭିତରେ ଥିଲେ ମୋର ସାଆନ୍ତ ବାପା; ମୋର ଅଭିଭାବକ, ଇନ୍ସ୍ପେକ୍ଟର ସେ କାଳର ବୃହତ୍ତମ କର୍ମଗୁରୁ । ପିଲାମାନେ ସମସ୍ତେ କ୍ରୀଡ଼ାରତ । ମୁଁ କିନ୍ତୁ ଖେଳଛାଡ଼ି ସଭାରେ କଥା ଶୁଣିବାକୁ ବସିଥାଏ । ବୋଧହୁଏ ଭାରତେଶ୍ୱରଙ୍କ ସମ୍ବନ୍ଧରେ ତାଙ୍କର କୁଶଳ କାମନା କରି ବା ସେହିପରି ପ୍ରାସଙ୍ଗିକ କଥା ସବୁ କୁହାକୁହି ହୋଇଥିବ । ସେ ସବୁ ମୋର କିଛି ହିଁ ମନେ ନାହିଁ । କିନ୍ତୁ ଏଇ କଥାଟି ମୋର ସ୍ପଷ୍ଟ ମନେ ପଡ଼େ ଯେ ସେହି ଗଣ୍ୟମାନ୍ୟ ବଡ଼ଙ୍କ

Digitized by srujanika@gmail.com

ସଭାରେ ମୁଁ ଇଂଲଣ୍ଡେଶ୍ୱରଙ୍କର ସମ୍ବନ୍ଧରେ ଏକ ପଦ୍ୟ ଯାହା ଗାଉଥିଲି ତାହା ପଢ଼ିଥିଲି । ଇଂଲଣ୍ଡର ରାଜବଂଶ ସମ୍ବନ୍ଧରେ ମୋର ଜ୍ଞାନ ସ୍କୁଲର ପାଠ୍ୟପୁସ୍ତକର ସୀମାକୁ ଟପିଯିବ, ସେ କାଳରେ ତ ଆଶା ହିଁ ନଥିଲା । କିଛି ନୂତନ ଶୁଣାଇବାର ଆଶା ହିଁ ବିଡ଼ମ୍ବନା । ନୂତନତ୍ୱର ଏକମାତ୍ର ଚମକ ହେଉଛି ଗୋଟିଏ ବଡ଼ଙ୍କ ସଭାରେ ଅନାହୂତ ଏକ ବାଳକର ଅଯାଚିତ ଭାବରେ ପ୍ରବନ୍ଧ ପାଠ । ସେ ପ୍ରବନ୍ଧ ଏପରି ସାରହୀନ ଯେ ତାର ବିନାଶ ଓ ବିଲୟ ପାଇଁ କାଳର ଦନ୍ତ ଦରକାର ନଥିଲା । ମୋର ଗୃହପାଖେ ମୁଁ ଯେଉଁ ଆବର୍ଜନା ସ୍ତୂପ ସୃଷ୍ଟି କରେ ସେଇଥିରେ ହିଁ ଜୀବନର ସାଧାରଣ ଅନ୍ୟ ପଦାର୍ଥମାନଙ୍କ ପରି ତାହା ନିକ୍ଷିପ୍ତ ଓ ବିଲୀନ ହୋଇ ଯାଇଛି । କିନ୍ତୁ ମୋର ଏତିକି ସ୍ମରଣ ହେଉଛି ଯେ, ଏହି ରାଜ-ପ୍ରଶସ୍ତି ପାଇଁ ମତେ ସେଦିନ କେହି ଅନୁରୋଧ ବା ଉତ୍ସାହିତ କରି ନଥିଲେ । ମୁଁ କାହିଁକି ଲେଖିଲି, କିପରି ବା ସାହସ କଲି ବଡ଼ଙ୍କର ସଭାରେ ତାକୁ ପଢ଼ିଲି, ତା'ର ଉତ୍ତର କେବଳ ମନସ୍ତାତ୍ତ୍ୱିକ ଦେବେ । ହୁଏତ ଏହାହିଁ ମୋ ଜୀବନର ପ୍ରଥମ ଲେଖା—ଗଦ୍ୟରେ ଆରମ୍ଭ । ଏକ ଦୈବୀ ସୂଚନା ଯେ ଜୀବନଟା ନିପଟ ଗଦ୍ୟମୟ ହେବ —ଯାହାହିଁ ହୋଇଛି ।

ଏଇ କାଳରେ ଆଉ ଏକ ଘଟଣା ଘଟିଥିଲା, ଯାହାକୁ ଏହି ମାନସିକ ବିଶ୍ଳେଷଣ ପାଇଁ ମତେ ଆଜି ପଦାରେ ପକାଇବାକୁ ପଡ଼ୁଛି । ଏବେ ମୁଁ ବହୁକାଳ ଧରି ଅପୌତ୍ତଳିକ । ହିନ୍ଦୁ ଦେବଦେବୀଙ୍କର ପ୍ରତିମାକୁ ମୁଁ ନମସ୍କାର କରେ ନା । ମୋର ବର୍ତ୍ତମାନ ଦୃଢ଼ ଧାରଣା ଯେ ଏହି ପୌତ୍ତଳିକତା ଓ ବ୍ରାହ୍ମଣ ନିକର ସାମାଜିକ ଜୀବନ ପରିତ୍ୟାଗ ନ କଲେ ସାମଗ୍ରିକ ଭାବରେ ହିନ୍ଦୁ ସମାଜ କେବେହେଲେ ସଭ୍ୟ ବା ଉନ୍ନତ ହୋଇପାରିବ ନାହିଁ । କିନ୍ତୁ ସେହି ସୁଦୂର ବାଲ୍ୟ ଜୀବନରେ ମୁଁ ହିନ୍ଦୁ ଦେବଦେବୀଙ୍କର ଏକାନ୍ତ ଭକ୍ତ ଥିଲି । ଗଣେଶ ଓ ସରସ୍ୱତୀଙ୍କ ସ୍ତୋତ୍ର ମୁଖସ୍ଥ କରି ପ୍ରତ୍ୟହ ପାରାୟଣ କରୁଥିଲି । ଭିନ୍ନ ଭିନ୍ନ ଦେବଦେବୀଙ୍କୁ ତାଙ୍କର ମନ୍ଦିରେ ମନ୍ଦିରେ ଘୂରି ନିଜର ସେ କାଳର ଶ୍ରେଷ୍ଠ ଶ୍ରେଷ୍ଠ ଦୁଃଖ କହି ଆସୁଥିଲି, ଯଦ୍ୟପି ମୋର ଦରଖାସ୍ତ ବରାବର ନାମଞ୍ଜୁର ହେଉଥାଏ ।

ସେ ଯାହା ହେଉ, ମୁଁ ଦିନେ ସ୍ୱୟଂ ସରସ୍ୱତୀଙ୍କୁ ସ୍ୱପ୍ନରେ ଭେଟିଲି । ଦେଖିଲି କୌଣସି ମନ୍ଦିରକୁ ଯାଇଛି । ମନ୍ଦିରର କୌଣସି ଦ୍ୱାର ଦେଇ, କୌଣସି କକ୍ଷ ଭିତରେ ପଶିଲି କ୍ଷଣି ଦେବୀ ସରସ୍ୱତୀ ମୋର ଶ୍ରେଷ୍ଠ ବାଲ୍ୟଦେହକୁ ନେଇ କୋଳରେ ରଖିଲେ । ତାଙ୍କର ମସ୍ତକରେ ଜାଜ୍ୱଲ୍ୟମାନ ମୁକୁଟ । ମୁଖରେ କଲ୍ୟାଣୀସ୍ମିତ । ମଟଚ ସସ୍ନେହରେ ଆଉଁସିଲେ ଏବଂ କିଛି କହିଲେ, ଯାହାକି

Digitized by srujanika@gmail.com

ମୋର ଆଜି ମନେ ନାହିଁ । ତାଙ୍କର କୋଳରେ ଥାଇ ଥାଇ ହିଁ ମୋର ନିଦ୍ରାଭଙ୍ଗ ହେଲା ।

ଏଇଟା କେବଳ ସ୍ୱପ୍ନ ହୋଇଥିଲେ ଏଠାରେ ମୁଁ ଉଲ୍ଲେଖ କରି ନଥାନ୍ତି । କିନ୍ତୁ ଏହା ସଙ୍ଗେ ମୋର ଲେଖକ ଜୀବନର ନିଗଡ଼ୀ ଇତିହାସ ଜଡ଼ିତ । କାରଣ ବ୍ୟାଧଶରାହତ କ୍ରୌଞ୍ଚର କାରୁଣ୍ୟ ଯେପରି ବାଲ୍ମୀକିଙ୍କୁ କବିତାର ପ୍ରଥମ ପ୍ରେରଣା ଯୋଗାଇଥିଲା, ଏଇ ସ୍ୱପ୍ନ ହିଁ ହେଲା ମୋର ପ୍ରଥମ କବିତାର ଉପାଦାନ । ସେଦିନର ସମଗ୍ର ସକାଳ, ମୋର ଚିତ୍ତ ସେହି ସ୍ୱପ୍ନରେ ଦୈବୀତ ମାଧୁର୍ଯ୍ୟରେ ପରିପୂରିତ ହୋଇ ରହିଥିଲା । ମୁଁ ମାନସିକ ବିଶ୍ରାମ ବା ଆମୋଦ ପାଇଁ ଘଟଣାଟିକୁ ଲେଖି ବସିଲି । ମୋର ସାନ ବାପା ସେ କାଳର 'ଉତ୍କଳ ସାହିତ୍ୟ' ଓ 'ଉତ୍କଳ ଦୀପିକା' ଆଦି ମଗାଇ ପଢୁଥିଲେ । ଘରେ ସେଦିନ ସକାଳେ ଖଣ୍ଡେ ପ୍ରାଚୀନ ଉତ୍କଳ ସାହିତ୍ୟ ପାଇଲି । ସେଥିରେ ଆର୍ଟ କାଗଜରେ ଏକ ଛବିଥିଲା—ଯାର ପଛ ପାଖଟା ଥିଲା ଫାଙ୍କା । ମୋର ମନେ ଅଛି ସେହି ଫାଙ୍କା ସ୍ଥାନରେ ଆରମ୍ଭ କରିଦେଲି ଏକ ପେନ୍‌ସିଲ୍ ସାହାଯ୍ୟରେ ମୋର ସରସ୍ୱତୀ ଦର୍ଶନର ବର୍ଣ୍ଣନା । ସେ ପୁଣି ଅମିତ୍ରାକ୍ଷରରେ । ଏ ବି ଏକ ଦୈବୀ ସୂଚନା । କାରଣ ଅକ୍ଷରଚର୍ଚ୍ଚା ଯୋଗୁ ଉତ୍କଳରେ ମିତ୍ର ଅପେକ୍ଷା ଅଧିକ ଅମିତ୍ର ହିଁ ପ୍ରାପ୍ତ ହୋଇ ଆସିଛି । ଜୀବନ ବି ହୋଇଛି ସନ୍ଦିହାନ । ଗୁପ୍ତ ବହିରେ କାହିଁକି ପେନ୍‌ସିଲ୍ ଗାରୁଛି କହି କେଣେ ଦାଦ ମୋତେ ସେହି ମୁହୂର୍ତ୍ତରେ ହିଁ ଗାଳି ଦେଉଥିଲେ । ଲେଖି ସାରିଲା ପରେ କବିତାର ଖବର ଭୁଲିଯିବା ଏବେ ବି ମୋର ସ୍ୱାଭାବିକ୍ ଅଭ୍ୟାସ । ତେଣୁ ମୋର ସେହି ଆଦି କବିତାଟି କୁଆଡ଼େ ଗଲା, ମୁଁ କହି ପାରିବିନି । କିନ୍ତୁ ସଦ୍ୟ ପୁରସ୍କାରଟା ମନେ ଅଛି । ଲେଖକ ପାଇଁ ସେହି ଶ୍ରେଣୀର ପୁରସ୍କାର ହିଁ ମୁଁ ବିଶେଷ ଭାବରେ ପାଇ ଆସୁଛି ।

ଆଜି ମନସ୍ତତ୍ତ୍ୱ ଦେଇ ବିଚାର କରି ଦେଖୁଛି, ସ୍ୱପ୍ନରେ ସେହି ସରସ୍ୱତୀ ଦର୍ଶନର କୌଣସି ଅର୍ଥ ନାହିଁ । କିନ୍ତୁ ମୁଁ ଆଜି ନିଜକୁ ପଚାରୁଛି, ସେହି ଘଟଣାକୁ ମୁଁ ଲେଖିବାକୁ ଗଲି କାହିଁକି ? ତାକୁ ବା ଛନ୍ଦରେ ଲେଖିବାକୁ ଗଲି କାହିଁକି— ହେଉ ବା ସେ ଅମିତ୍ରାକ୍ଷର । ମୁଁ ନିଜେଇ ସେ ପ୍ରଶ୍ନର ଉତ୍ତର ଜାଣେନା ।

ଏଇ ଶତାବ୍ଦୀର ଫ୍ରୟେଡ୍, ଜଙ୍ଗ୍ ପ୍ରଭୃତି ମନସ୍ତାତ୍ତ୍ୱିକ ପଣ୍ଡିତମାନେ ମନୁଷ୍ୟ ମନର ଖୁଣ୍ଟିନାଟି ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ଦେଖିବାକୁ ଚେଷ୍ଟା କରିଛନ୍ତି ଯେ ମନୁଷ୍ୟର ସମଗ୍ର ପାର୍ଥିବ ଜୀବନର ମୂଳ ପ୍ରେରଣା କେଉଁଠୁ ଆସେ । ଫ୍ରୟେଡ୍ କହନ୍ତି ଯେ ଜଠର କ୍ଷୁଧା ଓ ଯୌନ କ୍ଷୁଧାରେ ମନୁଷ୍ୟର ପ୍ରବଳତମ ପ୍ରବୃତ୍ତି ।

Digitized by srujanika@gmail.com

ତାଜମହଲଠାରୁ କୁଟୀର ରଚନା ଯାଏ ମନୁଷ୍ୟର ସକଳ ଶ୍ରେଷ୍ଠ ବଡ଼ କର୍ମର ତଳେ ଏଇ ଦୁଇ ପ୍ରବୃତ୍ତି ପ୍ରଚ୍ଛନ୍ନ ରହିଛି । ଜଙ୍ଗ୍ ଏକ ତୃତୀୟ ପ୍ରବୃତ୍ତି ଯୋଗ କରିଛନ୍ତି —ଯାର ଓଡ଼ିଆରେ ନାମ ହୋଇପାରେ ଆତ୍ମପ୍ରାଧାନ୍ୟ ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତିର—ନାରୀ ହେଉ ବା ପୁରୁଷ ହେଉ—ଏକ ପ୍ରଚ୍ଛନ୍ନ କିନ୍ତୁ ଗଭୀର ଅଭିଳାଷ ରହିଛି ସମାଜରେ ଦଶ ଜଣଠାରୁ ସେ ଧନରେ, ମାନରେ ବା ବୁଦ୍ଧିରେ କୌଣସି ଥରେ ହେଲେ, ବଡ଼ ବୋଲି ଧରାଯାନ୍ତୁ ଓ ସେଥିପାଇଁ ଅନ୍ୟଙ୍କଠାରୁ ଆଦର ଓ ସମ୍ମାନ ପାଆନ୍ତୁ । ମୁସୋଲିନିର ଦିଗ୍‌ବିଜୟର ସ୍ୱପ୍ନ ଠାରୁ ଗାଁ ମହାଜନର ନିର୍ମମତା ପର୍ଯ୍ୟନ୍ତ ଯେତେ ସବୁ ଅମାନୁଷିକ ସ୍ୱାର୍ଥକୈନ୍ଦ୍ରିକ କର୍ମ ଆମେ ଜଗତରେ ଦେଖିବାକୁ ପାଉ, ସେ ସବୁର ମୂଳରେ ଏହି ଆତ୍ମ-ପ୍ରାଧାନ୍ୟର ପ୍ରେରଣା ।

ଜଣେ ଲେଖକ କାହିଁକି ଲେଖେ ତା'ର ଉତ୍ତର ହୁଏତ ମନୁଷ୍ୟର ଏଇ ତିନି ପ୍ରଧାନ ପ୍ରବୃତ୍ତିରେ ଓତପ୍ରୋତ ରହିଛି । ହୁଏତ ଲେଖକ କ୍ଷୁଧାର ତାଡ଼ନାରୁ ରକ୍ଷା ପାଇବା ପାଇଁ ଅର୍ଥାତ ଜୀବିକାର ଉପାୟ ରୂପେ ଲେଖୁଥାଇ ପାରେ । ପୂର୍ବେ ରାଜାମାନେ, ସ୍ତୁତିକାରକ କବିମାନଙ୍କର ଭରଣପୋଷଣର ଭାର ନେ ଥିଲେ । ଆମର ପରମ ବରେଣ୍ୟ କାଳିଦାସ ହୁଏତ ଏଇ କାରଣରୁ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ଦରବାରର ଆଶ୍ରୟ ନେଇଥିଲେ । ସେହି ମହାକବିଙ୍କୁ ଆତ୍ମ-ପ୍ରାଧାନ୍ୟ ମଧ୍ୟ ଯେ ପ୍ରଭାବିତ କରିଥିବ, ଏହା ସ୍ୱାଭାବିକ ! ନବରତ୍ନଙ୍କ ମଧ୍ୟରେ ଶ୍ରେଷ୍ଠତମ ରତ୍ନ ହେବାରେ ଆତ୍ମପ୍ରସାଦ ଅନୁଭବ ନ କରିବାରେ ହିଁ କୌଣସି ମନୁଷ୍ୟ ପକ୍ଷରେ ଅସ୍ୱାଭାବିକ । ମହାକବିଙ୍କ ରଚନାରେ ଯୌନକ୍ଷୁଧା ଯେ ମଧୁର ଓ ମହିମାମୟ ଆତ୍ମ-ପ୍ରକାଶ କରିଛି, ତାହା ଆଜି କାହାକୁ ବୁଝାଇ ଦେବାକୁ ହେବ ନାହିଁ । ମେଘଦୂତରେ ସେହି ପ୍ରଣୟ ଦଗ୍ଧ କବିଙ୍କର ନିଜର ନିବିଡ଼ ବିରହ – ବେଦନା ହିଁ ଯେ ଜବା ପୁଷ୍ପ ପରି ପ୍ରାଣର ରକ୍ତରେ ରଞ୍ଜିତ ହୋଇ ଫୁଟି ବାହାରିଛି, ଏଥିରେ ସନ୍ଦେହ ନାହିଁ ।

ଉତ୍କଳ ଦେଶରେ ଜୀବିକାର ଉପାୟ ରୂପେ ସାହିତ୍ୟକୁ ଆଶ୍ରୟ କରିବାର ଯୁଗ ଏ ଯାଏଁ ଆସିନାହିଁ । ସାହିତ୍ୟର ବ୍ୟବସାୟୀ ନିଜରେ ହାତ ପକାଇ ବୁଲିବାର ଦେଖୁଁ, କିନ୍ତୁ ଅସଲ ସାହିତ୍ୟିକ ସେହି ପୂର୍ବ ପରି ଦରମଳି, ଗୃହହୀନ, ବୁଭୁକ୍ଷୁ । ମୁଁ ପାନ, ସିଗାରେଟ୍ ଆଦି ବ୍ୟବହାର କରେନା, ଯଦି କରୁଥାନ୍ତି ତେବେ ଏ ଯାବତ୍ ମୋର କିତାବମାଳାରୁ ମୁଁ ଯାହା ପାଇଛି ତାହା ସେହି ପାନ ସିଗାରେଟ୍ ପାଇଁ ମଧ୍ୟ ଅକୁଲାନ ହୁଅନ୍ତା । ମୋତେ ଯଦି କେବଳ ମୋର ବହିର ବିକ୍ରୟ ଲବ୍ଧ ଅର୍ଥ ଉପରେ ନିର୍ଭର କରିବାକୁ ପଡ଼ୁଥାନ୍ତା, ତେବେ ମୁଁ ଏଯାକେ ବଞ୍ଚି ରହିଥାନ୍ତି କି ନା ସନ୍ଦେହ । ଆମ ଅଭିଧାନରେ ଅର୍ଥ ଶବ୍ଦର ଦୁଇଟି ଅର୍ଥ ଅଛି

Digitized by srujanika@gmail.com

ଯାହାକୁ ପରସ୍ପରବିରୋଧୀ । ଯେଉଁ ଅର୍ଥ ଯୋଗୁଁ ସାହିତ୍ୟ, ସମାଜରେ ଆଦରଣୀୟ ବସ୍ତୁ ସେହି ସ୍ପଷ୍ଟ ଅବାସ୍ତବ ପଦାର୍ଥଟି କେବଳ ସାହିତ୍ୟିକ ପାଏ କିନ୍ତୁ ଯେଉଁ ଅର୍ଥରେ ମନୁଷ୍ୟ ସୁଖ ସ୍ୱାଚ୍ଛନ୍ଦ୍ୟରେ କୋଠା ଉପରେ ଚଢା ପକେଇ ବସେ, ତାହା ପାଏ ସାହିତ୍ୟ ବ୍ୟବସାୟୀ ।

ଏ ତ ଗଲା ଅର୍ଥ ଜୀବିକା ପାଇଁ ମୋର ସାହିତ୍ୟସେବା ତେବେ ମୁଁ ନିର୍ଗୁଣିଆ ସନ୍ନ୍ୟାସୀ ନୁହେଁ । ବହିରୁ ଯଦୃଚ୍ଛା ଭାବେ ଯେଉଁ ଦି'ପଇସା ଆସିଥାଏ ବେଳେ-ବେଳେ ତାକୁ ଯେ ମୁଁ ଅନାଇଁ ରହିଥାଏ, ଏହା କହିବାରେ ଲଜ୍ଜା କିଛି ନାହିଁ । ଅର୍ଥ ପ୍ରତି ସେ ଲୋଲୁପତା ନଥିଲେ ଅଲ ଇଣ୍ଡିଆ ରେଡ଼ିଓର ନିମନ୍ତ୍ରଣ ରକ୍ଷାକରି ମୁଁ ମୋର ନିଜର ଆତ୍ମା ଉପରେ ଅସ୍ତ୍ର ପ୍ରୟୋଗ କରୁନଥାନ୍ତି, ଯାହାକି ବର୍ତ୍ତମାନ କରୁଛି ।

ଯାହା ଯୌନ କ୍ଷୁଧା ମାନବ ସମାଜରେ ତାହା ପ୍ରେମ । ଯାହା ଇତର ପ୍ରାଣୀଙ୍କ ନିକଟରେ କେବଳ ପ୍ରଜନନର ଉପାୟ ମାତ୍ର; ମନୁଷ୍ୟ ନିକଟରେ ତାହାହିଁ ହେଉଛି ସଙ୍ଗୀତ, ସାହିତ୍ୟ, କଳା ଶିଳ୍ପ, ନୃତ୍ୟର ଜନନୀ । ଯୌବନର ପ୍ରାରମ୍ଭ କାଳରେ ନାରୀ ପୁରୁଷ ଭିତରେ ଯେଉଁ ହୃଦୟମନ୍ଥନ ସୃଷ୍ଟି କରେ ସେଇଥିରୁ ଆବିର୍ଭୂତ ହୁଏ ପ୍ରାଣସ୍ପର୍ଶୀ କବିତା ଅନୁପମ ଚିତ୍ର ସମ୍ପଦ, ଅମୂଲ୍ୟ ଶିଳ୍ପ । ଜୀବନର ପ୍ରଥମ ପାଦରେ ମୋ ଭିତରେ ଅନଭିଜ୍ଞ ସରଳ କବି ବୟସର ହୃଦୟ ଏହିପରି ଭାବରେ ବାରମ୍ବାର ଅଭିଭୂତ ହୋଇଛି ଏବଂ ସେହି ତୀବ୍ର ଅନୁଭୂତିର ତାଡ଼ନାରେ ତା'ଠାରୁ ଯେ କିଛି କାବ୍ୟ କବିତା ବାହାରିଛି, ଏହା ଏ ଦେଶରେ ପାଠକ-ମାନଙ୍କ ନିକଟରେ ବୋଧହୁଏ ଜଣାଶୁଣା କଥା । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ନାରୀ ବା ପୁରୁଷ ଯେ ମୋର ସାହିତ୍ୟିକ ଜୀବନର ମୂଳ ଉତ୍ସ, ଏକଥା ସ୍ୱୀକାର କରିବାର କୌଣସି କାରଣ ମୁଁ ଦେଖୁନାହିଁ । ଜୀବନ-ପଥର ବହୁ ଅଭିଜ୍ଞତା ଭିତରେ ସେମାନଙ୍କ ସହିତ ଦେଖାଦେଖି ଓ ଚିହ୍ନା ଚିହ୍ନି ସେହି ସ୍ଥାନ ଓ ସେହି କାଳର ସେହି ଅବସ୍ଥାରେ ଅନ୍ୟ କେହି ଆସିଥିଲେ ମଧ୍ୟ ହୁଏତ ସେହି ଆତ୍ମିକ ଆଲୋଡ଼ନ ଘଟିଥାନ୍ତା । ଗୋଲାପ ଓ ପଦ୍ମ ତୋଳିବାକୁ ଗଲେ ରୂପ ଓ ସୌରଭ ଭୋଗ ସଙ୍ଗେ କିଛି ପଙ୍କ ଲେପନ ଓ କଣ୍ଟକାଘାତ ଯେପରି ସହିବାର ହିଁ କଥା, ମୋ ଭାଗ୍ୟରେ ତାହାହିଁ ଘଟିଥିବାରୁ ଜଗତର ପ୍ରତ୍ୟେକ ଜିନିଷକୁ ଆଲୋକ ଅନ୍ଧକାରର ମିଶ୍ରଣ ବୋଲି ଦେଖିବାକୁ ଶିଖିଛି । କବିର ମଧ୍ୟ ଜ୍ଞାନ ଦାନ୍ତ ଦିନେ ଉଠେ ।

ବାକି ରହିଲା ଆତ୍ମପ୍ରତିଷ୍ଠା । ମୋର ମନେ ହେଉଛି ଏଇ ପ୍ରବୃତ୍ତି ହୁଏତ ମୋର ସାହିତ୍ୟିକ ଜୀବନର ପ୍ରଚ୍ଛନ୍ନ ପ୍ରେରଣା । ମୁଁ ଯେ ସବୁମନ୍ତ୍ରେ କେଉଁ

Digitized by srujanika@gmail.com

ଅପଦାର୍ଥ ତାହା ସହଜରେ ଅନ୍ୟ ଜଣକୁ ବୁଝେଇ ହେବନି । ଯେତେବେଳେ ଏକାକୀ ବସି ଆତ୍ମସ୍ଥ ହୁଏ, ମୋ ଚିତ୍ତରେ ପ୍ରଧାନତମ ଆତ୍ମ ପ୍ରଶ୍ନ ହେଉଛି, 'ବିଧାତା, ତୁମେ ମତେ ଜନ୍ମ ଦେଇଥିଲ କାହିଁକି ? ମୁଁ କେଉଁ କାମକୁ ଉପଯୁକ୍ତ ? ଏପରି ଏକ ଅବାନ୍ତର ଅକର୍ମଣ୍ୟ ଜୀବ ସଂସାରକୁ ପଠେଇବାକୁ କି ଦରକାର ଥିଲା । ଅକର୍ମଣ୍ୟତାର ଅସହ୍ୟ ଅଭିଶାପରୁ ନିଜକୁ ବଞ୍ଚେଇ ରଖିବା ପାଇଁ ନିଜର ଏଇ ପାର୍ଥିବ ଜୀବନଟାର ଯଥାର୍ଥତା ଅନ୍ତତଃ ଦଶ ଜଣଙ୍କ ଆଗରେ ଉପସ୍ଥାପିତ କରିବା ପାଇଁ ମୁଁ ହୁଏତ ସାହିତ୍ୟର ଆଶ୍ରୟ ନେଇଛି ।

କିନ୍ତୁ ଜୀବନର ଅନ୍ୟ ସମସ୍ତ ବିଭାଗରେ ସଂଙ୍କାଚେଷ୍ଟା, ଶ୍ରୀବୃଦ୍ଧିର ପ୍ରଥମ ଆବଶ୍ୟକତା ଥିଲାବେଳେ କବି ଜୀବନରେ ତାହା ମାରାତ୍ମକ ବୋଲି ମୋର ମତ । ଚେଷ୍ଟାକରି ଉତ୍କୃଷ୍ଟ କବିତା ସୃଷ୍ଟି କରିବା, ଘାସରୁ ଅତର ବାହାର କରିବା ପରି ଅସମ୍ଭବ । ତେଣୁ ମୋର ସାହିତ୍ୟସେବା ଯଦୃଚ୍ଛା ଲବ୍ଧ ସନ୍ତୁଷ୍ଟ । ଏହାର କୌଣସି ଲକ୍ଷ୍ୟ ନାହିଁ, ଏଇଥିପାଇଁ କୌଣସି ସାଧନା ମୁଁ କରିନାହିଁ ଏକମାତ୍ର କୃଚ୍ଛ୍ର ଭୋଗ ଏହି ଯେ ଯେତେବେଳେ କୌଣସି କବିତା ବା କାବ୍ୟ ବା ରଚନା ଆରମ୍ଭ ହୋଇ ପଡ଼େ, ତ ସାରିବା ପାଇଁ ମତେ ଅନେକ ବେଳେ ମଧ୍ୟ ରାତ୍ରିର ତୈଳ ଜାଳିବାକୁ ପଡ଼େ, ଯାହାକି ମୁଁ ଗୃହୀ ଜୀବନରେ କୌଣସି ହେଲେ ପରୀକ୍ଷା ପାଇଁ କେବେହେଲେ କରିନାହିଁ । ଆରମ୍ଭ କରି ନ ସାରିଲା ଯାଏ ମନରେ ଶାନ୍ତି ନଥାଏ ।

ଜୀବନରେ ଯାହା ମହତ୍, ଯାହା ସୁନ୍ଦର, ଯାହା ସତ୍ୟ ମୁଁ କେବଳ ତାହାର ହିଁ ଉପାସକ ଓ ଭକ୍ତ । କୌଣସି ଗୋଷ୍ଠୀ, ଦଳ ବା ମତବାଦର ପ୍ରଚାରକ ରୂପେ ଠିଆ ହେବା ମୋର ସ୍ୱଭାବବିରୁଦ୍ଧ । ମୁଁ ମୋର 'କମଳାୟନ' କାବ୍ୟରେ ଏହାହିଁ ଦେଖାଇବାକୁ ଯାଇଛି ଯେ ଦଳ ଓ ଦେଶ ଅପେକ୍ଷା ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳ ତାର ରାଜନୈତିକ ଦଳ ଛାଡ଼ି ବିରାଟ ମାନବ ଜାତିର ସେବାରେ ବାହାରି ପଡ଼ିଛି । କୌଣସି ସ୍ଲୋଗାନ ମନୁଷ୍ୟର କଲ୍ୟାଣ ଆଣିପାରିବ ନାହିଁ । ଯେପରି ଆଣିବ ବ୍ୟକ୍ତିର ଆନ୍ତରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟପ୍ରତି ବିଶୁଦ୍ଧ ଅନୁରାଗ । କବି ଓ ସାହିତ୍ୟିକର ସମାଜ ଓ ବ୍ୟକ୍ତିଗତ ଜୀବନରେ ନିଃସ୍ୱାର୍ଥ ବିଶୁଦ୍ଧତା ପ୍ରଚାର କରିବା ଏକାନ୍ତ କର୍ତ୍ତବ୍ୟ । ଯେ ପର୍ଯ୍ୟନ୍ତ ମୁଁ ସ୍ୱାର୍ଥର ଉପରକୁ ସାମାଜିକ ଓ ବ୍ୟକ୍ତିଗତ ଜୀବନର ନାନା କ୍ଷୁଦ୍ର ଲାଳସାର ଉପରକୁ ଉଠି ପାରିନାହିଁ, ସେ ପର୍ଯ୍ୟନ୍ତ କୌଣସି ସ୍ଲୋଗାନ ଗାଇ, କୌଣସି 'ଇଜିମ୍'ର ପଣ୍ଡା ହୋଇ ଜନସାଧାରଣଙ୍କୁ ମତାଇବା ଏକାନ୍ତ ଗର୍ହିତ ବୋଲି ମୋର ମତ । ବ୍ୟକ୍ତିର ସମାଜକୁ ପ୍ରଧାନତମ ଦାନ ହେଉଛି ତାର ଅକଳୁଷ ଚରିତ୍ର, ଅନିନ୍ଦ୍ୟ ସାଧୁତା ଓ ସ୍ୱାର୍ଥଲେଶହୀନ

Digitized by srujanika@gmail.com

ଉପଚିକୀର୍ଷା । ଯେତେ ଇଜିମ୍, ଯେତେ ସ୍ଲୋଗାନ ତାହାସବୁ ଏ ପ୍ରକାର ଶୁଭ୍ର ନିଷ୍କଳଙ୍କ ବ୍ୟକ୍ତିତ୍ୱର ପଛକୁ । ତେଣୁ ହିଁ ମୁଁ ଗାନ୍ଧି, ଗୋପବନ୍ଧୁଙ୍କର ସ୍ତାବକ । ମୁଁ ସେମାନଙ୍କ ଦଳର ନୁହେଁ ବା ସେମାନଙ୍କର କର୍ମ ବା ଚିନ୍ତାର ଧାରା ସମ୍ବନ୍ଧରେ ମୋର କୌଣସି ମତାନ୍ଧତା ନାହିଁ । ଦରକାର ବେଳେ ସେମାନଙ୍କର କର୍ମ ଚିନ୍ତା-ଧାରାର ସମାଲୋଚନା କରିଛି ଓ କରିପାରେ, କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ ନିକଟରେ ମୁଁ ନତମସ୍ତକ କାରଣ ସେହି ବ୍ୟକ୍ତିର ଭିତରେ ହିଁ ମୁଁ ସତ୍ୟ ଶିବ ସୁନ୍ଦରର ବିକଚ ବିକାଶ ଦେଖିବାକୁ ପାଏ ।

ମୁଁ କାହିଁକି ଲେଖେ, ମୁଁ ତାହାର ସ୍ପଷ୍ଟ ଉତ୍ତର ଦେଇ ପାରିଲି ନାହିଁ । ମାରିବି ମଧ୍ୟ ନାହିଁ । କିନ୍ତୁ ମୁଁ ଅତୀତକୁ ଚାହିଁ ଅନୁଭବ କରୁଛି ଯେ, ଏ ପ୍ରଶ୍ନ ମୋର ମୂଳରୁ ନିଜକୁ ପଚାରିବାର ଥିଲା । ସୃଷ୍ଟିପରେ ବିବର୍ତ୍ତନବାଦ କେବଳ ବାହ୍ୟ ପ୍ରକୃତିରେ ଘଟେ ବୋଲି ପ୍ରତୀତ ହୋଇ ଆସିଛି । ଭାରତ କିନ୍ତୁ ତାର ଧର୍ମ ଦେଇ ବିବର୍ତ୍ତନବାଦକୁ ମନୁଷ୍ୟର ଆତ୍ମିକ ବିକାଶରେ ନିୟୋଜିତ କରିଛି । ବେଦାନ୍ତର କର୍ମ, ଜ୍ଞାନ ଓ ଭକ୍ତିଯୋଗ କେବଳ ମଂଙ୍କ୍ଷ ବିବର୍ତ୍ତନ ବାଦ ଛଡ଼ା ଅନ୍ୟ-କିଛି ନୁହେଁ । ଅର୍ଥାତ୍ ଏଥିରୁ ଯେ କୌଣସି ଗୋଟିକର ଆଶ୍ରୟ ନେଲେ ମନୁଷ୍ୟ ଅନ୍ଧକାରରୁ ଆଲୋକକୁ, ସ୍ଥୂଳରୁ ସୂକ୍ଷ୍ମକୁ, ମୃତ୍ୟୁରୁ ଅମୃତକୁ, ପଶୁରୁ ଦେବତ୍ୱକୁ ଉନ୍ନୀତ ହେବ । ଭାରତୀୟ ଧର୍ମର ନିର୍ଦ୍ଦେଶ ଏହି ଯେ ରାଜାଠାରୁ ପାରିଆ ପର୍ଯ୍ୟନ୍ତ ପ୍ରତ୍ୟେକ ନିଜେ ନିଜର ସାମାଜିକ କର୍ତ୍ତବ୍ୟ ମଧ୍ୟ ଦେଇ ହିଁ ବିବର୍ତ୍ତିତ ହେବାର ପୂର୍ଣ୍ଣ ସୁଯୋଗ ଅଛି । ମୁଁ ମନେକରେ କବି ଓ ଲେଖକ ପକ୍ଷରେ ସାହିତ୍ୟ ଓ କବିତା ଏହି ଆତ୍ମ ଉନ୍ନୟନ ଏକ ପରମ ଉପାୟ । କବିତାର ସୃଷ୍ଟିକୁ ନିଜକୁ ଓ ତାର ଜାତିକୁ ବିବର୍ତ୍ତନର ବାହାନ ରୂପେ ବ୍ୟବହାର କରିପାରେ ଓ କରିବା ଉଚିତ୍ । ସାହିତ୍ୟ କେବଳ ଜୀବିକାର ଯନ୍ତ୍ରର ବା ଶସ୍ତା ନାମର ଉପାୟ ରୂପେ ବ୍ୟବହୃତ ହେବା, ରେଶମର ରଶିକୁ ମଇଁଷି ବେକରେ ପଘା ରୂପେ ବ୍ୟବହାର କରିବାଠାରୁ ମଧ୍ୟ ନିକୃଷ୍ଟତର କର୍ମ । ମୋ ନିକଟରେ ସାହିତ୍ୟର ଏହି ଆଦର୍ଶ କିନ୍ତୁ ନିକଟ ଅତୀତରେ ହିଁ ଧୀରେ ଧୀରେ ପ୍ରତିଭାତ ହୋଇଛି । ମୁଁ ନିଜେ ଏ ଯାବତ୍ ମଧୁର ବ୍ୟକ୍ତିର, ମନୁଷ୍ୟ ହୃଦୟର ଆଲୋଡ଼ନ, ସତ୍ୟର ମହିମା ଏବଂ ପ୍ରକୃତି ଓ ମନୁଷ୍ୟର ରୂପେ ଯେତେବେଳେ ଯେପରି ଭାବରେ ମୋତେ ପ୍ରଭାବିତ କରିଛନ୍ତି, ମୁଁ ସେହିପରି ଲେଖି ଆସିଛି । ସେହି ଆକସ୍ମିକ ପ୍ରେରଣାରେ ହିଁ "ମୁଁ କାହିଁକି ଲେଖେ"ର ଉତ୍ତର । ମୋ ରଚନାରେ ମୋ ଆଦର୍ଶ କେତେଦୂର ପ୍ରତିଫଳିତ ତାହା ପାଠକମାନଙ୍କର କହିବାର କଥା । □ □

Digitized by srujanika@gmail.com

ରାଧାମୋହନ ଗଡ଼ନାୟକ

●

ରାଧାମୋହନ ଗଡ଼ନାୟକ

ଜନ୍ମ—୨୫ ଅଗଷ୍ଟ, ୧୯୧୧

ଜନ୍ମସ୍ଥାନ—କଲଣ୍ଡାପାଲ, ଅନୁଗୁଳ

ପିତା—ମହାଦେବ ଗଡ଼ନାୟକ

ମାତା—ଗୋଲକମଣି ଦେଈ

ରଚିତ ପୁସ୍ତକ—

କାବ୍ୟ ଓ କବିତା—ବିପ୍ଳବୀ ରାଧାନାଥ, କାବ୍ୟ ନାୟିକା, ଚିତ୍ରକଳିକା, ସ୍ମରଣିକା, ମୌସୁମୀ, ପଶୁପକ୍ଷୀର କାବ୍ୟ, ଧୂସରଭୂମିକା, ଶାମୁକାର ସ୍ୱପ୍ନ, ସୂର୍ଯ୍ୟ ଓ ଅନ୍ଧକାର, ଦୀପଶିଖା, କୈଶୋରିକା, ବନରାଜି ନୀଳା, ହିମାଚଳ, ଗାନ୍ଧୀଗାଥା ।

କାବ୍ୟନାଟିକା—'କାଳିଦାସ' ।

ଅନୁବାଦ—ମେଘଦୂତ, କୁମାର ସମ୍ଭବ, ସୋରାବ ଓ ରୋସ୍ତମ ।

ସମ୍ପାଦନା ଗ୍ରନ୍ଥ—କୁନ୍ତଳାକୁମାରୀ ସ୍ମରଣିକା । □ □

ଲେଖକ ବା କବି କଳା ସମ୍ପ୍ରଦାୟର ଅନ୍ତର୍ଭୁକ୍ତ । କଳାପୂଜାରୀଙ୍କୁ ମୁଁ ଆଧୁନିକ ଦୁନିଆର କଳାବଜାରୀ ସଙ୍ଗରେ ତୁଳନା କରି ବୋଧହୁଏ ଅନ୍ୟାୟ କରୁନାହିଁ । କଳାବଜାରୀ ଗୃହେଁ ଜୀବନକାଳ ମଧ୍ୟରେ ସୁଖସମ୍ପଦରେ, କ୍ଷମତା ବଳରେ ପ୍ରାଚୁର୍ଯ୍ୟ ଭିତରେ ରହିବାକୁ, ଦାୟାଦମାନଙ୍କ ପାଇଁ କୋଠାବାଡ଼ି, ଯାନବାହନ, ବ୍ୟାଙ୍କବ୍ୟାଲନ୍‌ସ ରଖିଯିବାକୁ ମାତ୍ର ଆଉ ଜଣକ ଗୃହେ ଦୁଃଖରେ ଦୈନ୍ୟରେ ବଞ୍ଚିସିବାକୁ, ଜୀବନ ସଂଗ୍ରାମରେ କ୍ଷତ କ୍ଷତ, ଲୁହ ଲହୁ ଭିତରୁ ଯେଉଁ ସମ୍ପଦ ସୃଷ୍ଟି କରିଯିବ ଦାୟାଦମାନଙ୍କ ପାଇଁ ନୁହେ, ଅତି ସ୍ୱାର୍ଥପର ଦ୍ରୋହ

Digitized by srujanika@gmail.com

ମୃତ୍ୟୁରେ ନିଜେ ଭୋଗ କରିବାକୁ । ଇଂରେଜୀ କବି J. E. Flecker ଜୀବନ କାଳରେ ତାଙ୍କ ମୃତ୍ୟୁର ମୃତ୍ୟୁଞ୍ଜୟ ଭବିଷ୍ୟତ ଦେଖିଛନ୍ତି—

I who am dead a thousand years
And wrote this sweet archaic Song ?
Send you my words for messengers
The way I shall not pass along.

× × ×

O, friend unseen, unborn, unknown,
Student of my sweet English Tongue
Read out my words at night alone
I was a poet, I was young.

କବୀନ୍ଦ୍ର ରବୀନ୍ଦ୍ରନାଥ ସେଇପରି ଏକ ଭବିଷ୍ୟତର ଫଟୋ ଦେଖିଛନ୍ତି ତାଙ୍କ 'ସାଲ' କବିତାରେ—

"ଆଜି ହତେ ଶତ ବର୍ଷ ପରେ
କେ ତୁମି ପଡ଼ିଛ ବସି ଆମାର କବିତା ଖାନି
କୌତୁହଳ ଭରେ
ଆଜି ହତେ ଶତ ବର୍ଷ ପରେ ।"

"ମୁଁ କାହିଁକି ଲେଖେ" ଏହା ମୋ ନିଜକୁ ଅଜ୍ଞାତ ନୁହେଁ । ତାହା ମୁଁ ମର୍ମେ ମର୍ମେ ଅନୁଭବ କରେ ତେଣୁ ପ୍ରଶ୍ନ ପଚ୍ଚରନ୍ତି କାହାକୁ ? ମୋ ପକ୍ଷରେ ଯେତିକି ପ୍ରକାଶ କରିବା ସଙ୍ଗତ ବା ସମ୍ଭବ ତାହାର ଆଲେଖ୍ୟ ମୁଁ ଦେଖିଚି ମୋର କାବ୍ୟ କବିତାରେ ଆଲୋଚନାରେ ଯାହା ସମ୍ଭବ ନୁହେଁ ତାହା କହିବାର ଛଦ୍ମକରି ପ୍ରଚ୍ଛନ୍ନ କରି ଯାଇଚି ଲେଖାର ଶୈଳୀରେ, କଳାର କୌଶଳରେ ।

କାଠଗଡ଼ା ଭିତରେ ଛିଡ଼ାହୋଇ ଆସାମୀ ଜମାନବନ୍ଦୀ ଦିଏ—ସିଧା ଖୋଲଖୋ ସତ୍ୟ ସେ କହିପାରେ ନାହିଁ—ତାର ଜବାବରେ ଥାଏ ବେଶି ଭାଗ ନିଜକୁ ବଞ୍ଚାଇବାର ଚେଷ୍ଟା । ମୁଁ ଅବଶ୍ୟ ଏ କ୍ଷେତ୍ରରେ ଆସାମୀ ନୁହେଁ—ମାତ୍ର କାଠଗଡ଼ା ଭିତରେ ଛିଡ଼ା ହୋଇଥିବାର ଅଶାନ୍ତି ବୋଧ କରୁଚି ।

Digitized by srujanika@gmail.com

ଅଦ୍ୟାବଧି ମୁଁ ୧୬।୧୭ ଖଣ୍ଡ ବହି ଲେଖିଛି ସେଥିରୁ ପ୍ରକାଶିତ ହୋଇଚି କାଳିଦାସ, ବିପ୍ଳବୀ ରାଧାନାଥ, ଉତ୍କଳିକା, କାବ୍ୟନାୟିକା, ନବଜାତକ ଓ ସ୍ମରଣିକା । ଅଧିକାଂଶ ପାଣ୍ଡୁଲିପି ।

ଯେତେବେଳେ ପ୍ରଥମ କରି ମୁଁ ଲେଖିବାର ଆରମ୍ଭ କଲି । ତା ତଳେ କିଛି ଗୋଟାଏ ହେତୁ ନଥିଲା । ମୋର ସେ ବୟସ ବା ମନରେ ସେତେବେଳେ ହେତୁବାଦର ଜିଜ୍ଞାସା ଜାତ ହେବା ସମ୍ଭବପର ନୁହେଁ । ଦୃଷ୍ଟିପାତ କରି ମୁଁ ଦେଖୁଚି ଅତୀତର ସେଇ ଦୂର ଦୂର ହଜା ଧୂସର ଦିନଗୁଡ଼ିକ— ଯା ଭିତରେ ମୋ ଭିତରର କବି ବା ଲେଖକର ଜନ୍ମ ।

ମୋର ପ୍ରଥମ ଲେଖା "ତାରା" ନାମକ ଗୋଟିଏ ଗୀତ । ୧୯୧୯ ରେ ଲେଖିଥିଲି । ମୋର ବୟସ ସେତେବେଳେ ଅତ୍ୟନ୍ତ ଅଳ୍ପ । ସେ ଲେଖାଟି ଆଉ ଇହଜଗତରେ ନାହିଁ, ହିଜିଯାଇଚି ସେଇ ତାରାଲୋକକୁ । କଳା ବାଦଲ ଦେହରେ ହାଉଆ ଲାଗିଲେ ସେଥିରୁ ଝରିପଡ଼େ ଧାରାବର୍ଷଣ । ମୋର ଚଞ୍ଚଳ ତରଳ ମନରେ ସେତେବେଳେ ଲାଗି ଯାଇଥିଲା ଏକ ମୌଗ୍ଧ—ଏକ ବିହ୍ୱଳତାର ସ୍ପର୍ଶ—ଯାହାକୁ ମୁଁ ରୂପ ଦେଇଥିଲି ସେଇ ଲେଖାଟାରେ । ତା ତଳେ କୌଣସି ହେତୁ ଥିବାର ମୁଁ ଜାଣିନାହିଁ । "ବୃନ୍ଦାବନ" ପୁଷ୍ପସମ ତାର ପ୍ରକାଶ ସୌନ୍ଦର୍ଯ୍ୟ ବୋଧ—ଆନନ୍ଦବୋଧର ତାହା ଏକ ପ୍ରତୀକ । ଆକାଶ, ପ୍ରଭାତ, ସନ୍ଧ୍ୟା, ବର୍ଷା, ଜ୍ୟୋତ୍ସ୍ନା,ବିଲ, ବନ ଓ ବିଚିତ୍ର ପ୍ରକୃତି ମୋର ଚକ୍ଷୁରେ ମାୟାଜାଲ ବୋଳି ମୋତେ ଘେରି ରହିଥିଲେ । ମୁଁ ହୋଇଥିଲି ସେଇମାନଙ୍କର ଉପାସକ—ଲିପିକାର ।

ଆଖି ଆଗରେ ଦେଖାଦେଇଚି ଜୀବନର ଭିନ୍ନ ଭିନ୍ନ ବିଭବ—ସ୍ନେହ ମାୟା ମମତା ସୁଖ ଦୁଃଖ ନାନାକଥା, ତାକୁ ଇ କେନ୍ଦ୍ର କରି ମୁଁ କବିତା ଲେଖିଚି । ପ୍ରଥମ ହୋଇ ମୋର କବିତା ପ୍ରକାଶିତ ହେଲା 'ସହକାର' ରେ ୧୯୨୭ ମସିହାରେ; ଉତ୍କଳ ସାହିତ୍ୟରେ ୧୯୩୦ ରେ । ପ୍ରଥମ ବହି ବାହାରିଲା 'କାଳିଦାସ' ୧୯୪୦ ରେ । କବିତା ଲେଖିବାରେ ଯେଉଁ ଆନନ୍ଦ ମିଳେ ପ୍ରକାଶରେ ତାହାର ତୃପ୍ତି । ଯେଉଁଦିନ ମୋର ଲେଖା ପ୍ରଥମ ହୋଇ ପ୍ରକାଶିତ ହେଲା ତା ମୋ ଜୀବନରେ ଗୋଟିଏ ସ୍ମରଣୀୟ ମୁହୂର୍ତ୍ତ ।

ବନ୍ଧୁ ମହଲରୁ, ଗୁରୁଜନମାନଙ୍କଠାରୁ ପ୍ରଶଂସା ପାଇଚି, ଉତ୍ସାହ ପାଇଚି । ସେସବୁ, କବିତା ଲେଖିବାରେ ମୋତେ ସାହାଯ୍ୟ କରିଚି । ମାତ୍ର ଲେଖାର ହେତୁ ଏଇ ଉତ୍ସାହ ନୁହେଁ, ପରିବେଷ୍ଟନୀର ପ୍ରଭାବ···ଜୀବନର ସଙ୍କେତ···ମୁଁ ଲେଖିଲି—

Digitized by srujanika@gmail.com

"କବି ହେବାପାଇଁ ବାସନା ମୋର
ପ୍ରବଳ ସ୍ୱର ରେ ପ୍ରବଳ ସ୍ୱର
ନୀଳ ଆକାଶର ପକ୍ଷୀଟି ସମ
ଉଡ଼ି ବୁଲୁଥାଏ ଏ ମୋର ମନ
ଦୁନିଆ ପାର ରେ ଦରିଆ ପାର ··· । × × ×

ସମସ୍ତଙ୍କର 'ଲଡୁ' ଓ 'ଲୁହ'କୁ 'ମଡୁ' କରିବାର ଚେଷ୍ଟା ଯେଉଦିନ ମୋର ଭାଙ୍ଗିଗଲା ସେଉଁଦିନ ମୁଁ ମନରେ ଅନୁଭବ କଲି ଲୁହ ଲଡୁର ଝଡ଼—ବିପ୍ଳବର ମୌସୁମୀ । ଅପ୍ରତ୍ୟାଶିତ ଭାବରେ ମୁଁ ପ୍ରାଣରେ ବରଣ କରି ନେଇଛି,ପରିବର୍ତ୍ତନରେ ମୁଁ ଉଦ୍‌ବୁଦ୍ଧ ହୋଇଛି—

"କମ୍ପୁ ଦୁନିଆ, କମ୍ପୁ ଦୁନିଆ, ଦୁନିଆ ଧୀର
ଧ୍ୱଂସ ଆଜି ମୁଁ ବ୍ୟସ୍ତ ଆଜି ମୁଁ ଅଗ୍ରସର ।"

ମୁଁ ଅଯଥା ରୁକ୍ଷ ଭୀଷଣ ହୋଇଛି···କିନ୍ତୁ ମୋର ଲକ୍ଷ୍ୟ କଲ୍ୟାଣ ପାଇଁ । ସେଇ ମୌସୁମୀରେ ମୁଁ କହୁଛି,

"ତରୁଣ ମନେରେ ତରୁଣ ମନେରେ ମର୍ତ୍ତଜୀବ
ରୁଦ୍ର ପିନାଏ ମୂର୍ତ୍ତି ମୋହର ମୁହିଁ ତ ଶିବ ।"

ଜୀବନରେ ଘଟଣାର ଘଟା ଆସିଛି ବହୁତ । ଆନନ୍ଦରେ ହସିଛି, ଦୁଃଖ ଦୈନ୍ୟରେ କାନ୍ଦିଛି ଅସ୍ୱାଭାବିକ ତୀବ୍ର କଶାଘାତ ସହିଛି, ହୃଦୟ ଦେଇ ହୃଦୟ ପାଇଛି ପ୍ରତ୍ୟୁ ଦେଇ ପ୍ରତିଦାନ ପାଇଛି—କିମ୍ପି ପ୍ରତାରଣା ମଧ୍ୟ ପାଇନାହିଁ ବଞ୍ଚିତ ଲାଞ୍ଛିତ ଅବହେଳିତ ଅପାଂକ୍ତେୟ ମଣିଷ ପାଇଁ ଚିନ୍ତା କରିଛି, ଅଶ୍ରୁ ଦେଇଛି, ବିପ୍ଳବରେ ଯୋଗ ଦେଇଛି । କିନ୍ତୁ ତା ଭିତରେ ଦୁଇଟି ଜିନିଷ ମୋ ଆଖିରେ ବଡ଼ । ଗୋଟିଏ ପ୍ରେମରେ ବିପ୍ଳବ, ଆଉଟି ବିପ୍ଳବରେ ପ୍ରେମ, ଏହାରି ଅନୁପ୍ରାଣନାରେ ମୁଁ ଲେଖିଛି ମୋର କାବ୍ୟ କବିତା ଅନୁପ୍ରାଣିତ ହୋଇ, ବିଭୋର ହୋଇ । ତଥାପି ମୁଁ ସଚେତ ରହିଛି । ସତ କହିବାକୁ ଯାଇ ତତ୍ତ୍ୱଟିକୁ ଗୋପନ କରିଛି—ନର ବା କୁଞ୍ଜର ଅଶ୍ୱତ୍ଥାମା ହତ ।

ମୋର ଲକ୍ଷ୍ୟ ଜୀବନରେ ସୁଖ ଓ ମୁଖରେ ଜୀବନ । ସେଥିପାଇଁ ଅର୍ଥ ଲୋଡ଼ା, ଯଶ ଲୋଡ଼ା । ମୋର ଲେଖାରୁ ମୁଁ ଅର୍ଥ ପାଇଛି, ପାଉଛି ଯଶ । ସେଥିପାଇଁ ମୋର ଲୋଭ ନାହିଁ ବୋଲି କହି ପାରିବି ନାହିଁ । ସେଥିରେ ଉଦ୍‌ବୁଦ୍ଧ ହୋଇ ବେଳେ ବେଳେ ମୁଁ ଲେଖୁଛି ।

ମୋ ଲେଖାରେ ମୁଁ କି ଜୀବନ କି ମୃତ୍ୟୁ କାହିଁରେ ଆଶାନ୍ୱିତ ହୋଇ ପାରୁନାହିଁ । ☐ ☐

Digitized by srujanika@gmail.com

ନିତ୍ୟାନନ୍ଦ ମହାପାତ୍ର

●

ନିତ୍ୟାନନ୍ଦ ମହାପାତ୍ର

ଜନ୍ମ ୧୭ ଜୁନ୍, ୧୯୧୨

ଜନ୍ମସ୍ଥାନ—ଭଦ୍ରଖ

ପିତା—କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ମାତା ଲବଙ୍ଗଲତା

ରଚିତ ପୁସ୍ତକ—

ଉପନ୍ୟାସ—ଭୁଲ୍, ଭଙ୍ଗାହାଡ଼, ହିଡ଼ମାଟି, ଜଳନ୍ତା ନିଆଁ, ଜୀଅନ୍ତା ମଶାଣି, ଜୀବନର ଲକ୍ଷ୍ୟ, ସୁଖର ସନ୍ଧାନେ, ପୀରତି ପଥ ଖସଡ଼ା ।

ଗଳ୍ପ—ଧଳାଗାର କଳାଗାର, ଏଗାରଟା, କ୍ଷଣିକା, ଆଖି ନାହିଁ କାନ ନାହିଁ ।

ରମ୍ୟରଚନା—କବିପ୍ରିୟାସୁ, ପଙ୍କ ଓ ପ୍ରତିମା ।

ଜୀବନୀ—ନାହଂ ତିଷ୍ଠାମି ବୈକୁଣ୍ଠେ, ଭାରତ ଭାଗ୍ୟବିଧାତା ।

ନାଟକ—ହରିଜନ ମନ୍ଦିର ପ୍ରବେଶ ।

ନାଟ୍ୟ ଉପନ୍ୟାସ—ଇନ୍ଦ୍ର ଓ ଇନ୍ଦ୍ରାଣୀ ।

କବିତା—ମରମ, ପାଞ୍ଚଜନ୍ୟ, କାଳରଙ୍ଗ, ସ୍ୱରାଜ୍ୟ ସଂହିତା, ଭୂମାହାତ୍ମ୍ୟ, କମ୍ୟୁନ ରାମାୟଣ : ଅଯୋଧ୍ୟାକାଣ୍ଡ । □ □

Digitized by srujanika@gmail.com

ଆପଣ ପଚାରୁଛନ୍ତି—ମୁଁ କାହିଁକି ଲେଖେ ? ମୋର ମନେହେଉଛି ମୁଁ ଯେମିତି ମୁଦାଲି, ଆଉ ମୋତେ କାଠଗଡ଼ାରେ ଭର୍ତ୍ତିକରି ଆପଣ ସତ୍ୟ ପାଠ କରାଇ ମୋତେ ପଚାରୁଛନ୍ତି--"ତୁ ଦୋଷୀ କି ନିର୍ଦୋଷ ?" ବାସ୍ତବିକ ମୁଁ ଯଦି ସତ କହିବି ତେବେ ଆମର ସମାଜ, ଦୁନିଆଁ, ଆପଣ ସମସ୍ତେ କହିବେ-ଏଟା ପାପୀ, ଅପରାଧୀ ନିର୍ଲଜ ! ତଥାପି କବି ହିସାବରେ, ସାହିତ୍ୟିକ ହିସାବରେ, ଲେଖକ ହିସାବରେ, ସାମ୍ବାଦିକ ହିସାବରେ, ସମାଲୋଚକ, କଥାକାର, ହାସ୍ୟାମୋଦୀ ଭାବରେ ମୋର କହିବାର ଅନେକ ଅଛି । ସବୁକଥା କହିଲେ କେତେବେଳେ ପରସ୍ପରବିରୋଧୀ ସତ୍ୟ ଆପଣଙ୍କ ଆଗରେ ଆସି ଠିଆହେବ । ତାର କାରଣ ମୁଁ ତ ଗୋଟିଏ ନୁହେଁ—ତିନିଜଣ । ମୋ ଭିତରର କବି, କଥାକାର, ସମାଲୋଚକ ସମସ୍ତେ ଅଲଗା ଅଲଗା । ମୁଁ କାନ୍ଦିଛି ଆଉ ହସିଛି । କିନ୍ତୁ ଏତିକି କହିବି ମୁଁ ଯେତିକି କାନ୍ଦିଛି, କେବଳ ମୋତେଇ କନ୍ଦାଇବା ପାଇଁ, କନ୍ଦାଇ ସୁଖ ପାଇବା ପାଇଁ । ଆପଣଙ୍କୁ କନ୍ଦାଇବାର ଆଶଙ୍କା ମୁଁ କରିନାହିଁ-କରିଥିଲେ ବୋଧହୁଏ ମୁଁ କିଛି ଲେଖିପାରନ୍ତି ନାହିଁ । କିନ୍ତୁ ଯେତିକି ହସିଚି-ସେ କେବଳ ଆପଣଙ୍କୁ ହସାଇବା ପାଇଁ । ମୋର ଭିତର ହସିଚି ଖୁବ୍ କମ୍ । ପ୍ରାୟ ହସି ନାହିଁ, କହିଲେ ଚଳେ । କେବଳ ଆପଣମାନଙ୍କର ଆନନ୍ଦ ପାଇଁ ମୋର ହାସ୍ୟରସାତ୍ମକ ଆଲେଖ୍ୟର ସୃଷ୍ଟି । ତଥାପି କ'ଣ ଲେଖକ ବୋଲି ସମାଜ ମୋତେ ଘୃଣା କରିବ ?

'ମୁଁ କାହିଁକି ଲେଖେଁ' ର 'ଲେଖେଁ' କ୍ରିୟାଟା ନିତ୍ୟପ୍ରବୃତ୍ତ-ତା ଭିତରେ ରହିଯାଉଛି-ମୁଁ କାହିଁକି ଲେଖୁଥିଲି, କାହିଁକି ଲେଖୁଚି ଓ କାହିଁକି ଲେଖିବି । ଲେଖିବି ପ୍ରଶ୍ନଟା ବଡ଼ ଧୂମାଳ, ଅସ୍ପଷ୍ଟ ଯଦିଓ ତଥାପି ମୁଁ କହେଁ । କହିବା ଫଳରେ ମୁଁ ନିଜକୁ ଆପଣଙ୍କ ଆଖିରେ ଶ୍ରେଷ୍ଠ କରି ଦେବାର ଭୟ ନିଃସନ୍ଦେହରେ ଥିଲେ ମଧ୍ୟ ସତ କଥାଟାକୁ କହିବାକୁ ହେବ । ମୁଁ ଚାହେଁ ମୋର ଜୀବନର ପ୍ରତି ଶୃଙ୍ଖଳା-କାହାର ଆଗରେ ଡ଼ୋରି ବନ୍ଧା ହୋଇ ନ ରହୁ ।

ପିଲାଦିନ କଥା ମନେ ପଡ଼ୁଛି-କେତେ ଦଶନ୍ଧି ବିତିଛି, ଏଇ ଦର୍ଶନେନ୍ଦ୍ରିୟକୁ ଶିଥିଳକରି । ଛ, ସାତ ବର୍ଷ ବୟସ ବେଳେ ମୁଁ ପ୍ରଥମ କବିତା ଲେଖିଥିଲି-ତୃତୀୟ ଶ୍ରେଣୀରେ ପାଠ ପଢ଼ୁଥାଏଁ—ଲେଖିଥିଲି ସାବିତ୍ରୀ ସତ୍ୟବାନ ଉପାଖ୍ୟାନ । କୁଆଡ଼େ ଗଲାଣି ସେ । ବୋଧହୁଏ କେବଳ ସତ୍ୟବାନ, ସାବିତ୍ରୀ ହୀନ ସତ୍ୟବାନ ଉପାଖ୍ୟାନ ମୋ ଜୀବନରେ ଲେଖା ହେବାର ଥିଲା ବୋଲି ସେ ହଜିଯାଇଛି । କିନ୍ତୁ ଆଜି ସେଇ ସାବିତ୍ରୀ ନାହାନ୍ତି ବୋଲି ଜୀବନଟା ଖାଲି ସତ୍ୟ ସନ୍ଧାନ ହିଁ ଚାଲିଆସିଛି—ଆଉ ମୁଁ ବୋଧହୁଏ

Digitized by srujanika@gmail.com

ଲେଖିପାରୁଛି । ସେଦିନ ସାବିତ୍ରୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଲେ କିନ୍ତୁ ସତ୍ୟବାନଙ୍କ ଜୀବନ ଛଡ଼ା ଅନ୍ୟ ଯାହାକିଛି ନ ମାଗିବାକୁ ସତ୍ୟକରି ଶତ ପୁତ୍ରବତୀ ହେବାର ବର ଭିକ୍ଷା ସଙ୍ଗେ ସଙ୍ଗେ ସେ ଯେଉଁ ସତ୍ୟଟି ଦେଇ ଆସିଲେ ଯମରାଜାଙ୍କ ପାଖରେ ନିଜେ ସତୀ ସାବିତ୍ରୀ ହୋଇ; ମୋ ଜୀବନରେ ସେ ଭଳି ସାବିତ୍ରୀର ସ୍ନେହ କରୁଣା ଅନୁକମ୍ପାର ସୁଯୋଗ ବା ଦୁର୍ଯୋଗ ଆସିନାହିଁ ବୋଲି ବା ଆସିବା ସଙ୍ଗେ ସଙ୍ଗେ ମିଥ୍ୟା ପ୍ରମାଣିତ ହୋଇଯାଇଛି ବୋଲି ମୁଁ ବୋଧହୁଏ ଆଜି ଲେଖି ପାରୁଛି । ସତ୍ୟ ଲେଖିବାର ସତ୍ୟକୁ ବଳିଦେଇ କୌଣସି ସାବିତ୍ରୀ ମୋ ଜୀବନକୁ ଅମର ବା ସାର୍ଥକ କରିବାକୁ ମୁଁ ଚାହେଁନା ।

ହଁ ସେଦିନ ମୁଁ ଲେଖୁଥିଲି—ପିଲାଦିନର କଥା କହୁଛି, ପିଲାଙ୍କର ଯେଉଁ ସ୍ୱଭାବ ସେଇ ସ୍ୱଭାବର ବଶବର୍ତ୍ତୀ ହୋଇ, ନିଛକ ଅନୁକରଣ ପ୍ରବୃତ୍ତି ଯୋଗେ । ଯାହାରେ ସାବିତ୍ରୀ ସତ୍ୟବାନ ଯୁଆଙ୍ଗ ଦେଖି ମୁଁ ଲେଖିଥିଲି । ସେଇ ପ୍ରବୃତ୍ତି ଜାଗି ଉଠିଲି ପ୍ରବଳ ହୋଇ କେବଳ କାବ୍ୟ କବିତାରେ ନୁହେଁ ନାନା ଦିଗରେ । କିନ୍ତୁ ଗାଇବା ଓ ଲେଖିବାର ଇଚ୍ଛାଥିଲି ଦୁର୍ଦ୍ଦାନ୍ତ । ବାପାଙ୍କର ଅପେରାଦଳର ନାମ ଯେଉଁଦିନ ବାପାଙ୍କଠାରୁ ବହୁ ଦୂରରେ ଥାଇ ଶୁଣିଲି, ହୋଇଛି 'ଗୋପୀନାଥ ସଙ୍ଗୀତ ସମାଜ' ସେଦିନ ମୁଁ ମୋର ନିଜ ରଚିତ ଗୀତକୁ ଏକାଠି କରି ଖାତା ଉପରେ ଲେଖିଦେଲି 'ଭୂତନାଥ ସଂଗୀତ ସମାଜ' । କବିତା ଲେଖା ଗୋଟାଏ ରୋଗ । ସେ ରୋଗ ଧରିଲେ ପାଠ ପଢ଼ିହୁଏ ନାହିଁ ବୋଲି ମୋ ଦାଦି ସେଦିନ ମୋ କାନଟିକୁ ମୋଡ଼ିଦେଇ କହିଲେ-ଭୂତଟିଏ ! ସେଥିପାଇଁ 'ଭୂତନାଥ ସଙ୍ଗୀତ ସମାଜ' ଲେଖିଛି । କିନ୍ତୁ ହାରେ ଅଭାଗା ! ପାଠ ସେଇ ଇସ୍କୁଲରେ ମୁଣ୍ଡି ମାରିଲି । କିନ୍ତୁ କବିତା ଲେଖିବାର ଭୂତଟା ମୋତେ ସବୁବେଳେ ମାଡ଼ିବସି ମୋ ଜୀବନକୁ ଧ୍ୱସ୍ତ ବିଧ୍ୱସ୍ତ କରି ଦେଇଛି—ଓଃ ସେ କେଡ଼େ ମର୍ମନ୍ତୁଦ ସତେ ! କବିତା ଲେଖିବାକୁ ହେଲେ ଏତେ ତ୍ୟାଗ କରିବାକୁ ପଡ଼େ-ଏତେ ହରାଇବାକୁ ପଡ଼େ-ଏତେ ଲାଞ୍ଛନା ସହିବାକୁ ପଡ଼େ ବୋଲି-ମୋ ଜୀବନ-ପ୍ରଭାତରେ ମୋତେ ଯଦି କିଏ ସାମାନ୍ୟ ସୂଚନା ଦେଇଥାନ୍ତା ତେବେ ମୁଁ ବୋଧହୁଏ କବି ବା ଲେଖକ ହୋଇ ପାରି ନଥାନ୍ତି ।

ଯୌବନ ଆସିଲା, ଫଗୁଣରେ ଫଗୁଆ ପବନରେ ଫୁଲର ରଜା, ଫୁଲର ରାଣୀ ପରି ମୋର ଫୁଲପରୀକୁ ଫୁରୁଫୁରୁ କରି ଫୁର୍‌କି ଉଡ଼ାଇ ଦେବା ପାଇଁ କି କଣ ! ସେତେବେଳେ କେଡ଼େ ହାଲୁକା ସେ ଜୀବନ ଅଥଚ କେଡ଼େ ମଧୁର ସେ ସାଧନା ! ସେତେବେଳେ କାହିଁକି ଲେଖିଲି ସତେ । ମୁଁ ଆଜି ବି ଦେଖୁଛି, ଆକାଶରେ ଘନ

Digitized by srujanika@gmail.com

ବାଦଲ ଘୋଟି ଆସେ । କୃଷ୍ଣଚୂଡ଼ା ପାହାଡ଼ ଉପରେ ଶିଖା ଉନ୍ମୁକ୍ତ କରି ନାଚ ଉଠେ କେକୀ । ସେ କାହିଁକି ନାଚେ ସତେ ; କଳକାକଳି ଏବେ ବି ଉରସ୍ଫୁଟ । ଭ୍ରମରର ଉନ୍ମତ୍ତ ଗୁଂଜନ, ପକ୍ଷ ସଞ୍ଚାଳନ ତାର ଚତୁଃପାର୍ଶ୍ୱରେ, କାହିଁକି ଏ ଅଭିନୟ ସତେ ! ହୁଏତ ସେଇଥି ପାଇଁ, ଠିକ୍ ସେଇଥି ପାଇଁ ମୁଁ ଲେଖୁଥିଲି । ତରୁଣ ଜୀବନରେ ସେ ସ୍ୱପ୍ନ ଭାଙ୍ଗିଯିବ ବୋଲି ଜାଣିଥିଲେ ହୁଏତ ମୁଁ ତାର ବ୍ୟର୍ଥ ସ୍ମୃତିକୁ ଦରଦୀ ହୃଦୟର-ଛିନ୍ନ ବିଚ୍ଛିନ୍ନ ପରଦା ଉପରେ ରକ୍ତରଂଜିତ ରାଗବୋଳି ଜଗାଇ ରଖିବା ପାଇଁ-ଏ ପରବର୍ତ୍ତୀ ଜୀବନରେ ମୁଁ କଦାପି ଆଗ୍ରହ ବଳାଇନଥାନ୍ତି । କିନ୍ତୁ ଯାହା ହେବାର ତାହା ହେଲା । ସେଇ ଆଘାତ ନିଚୟର ପୁନରାବୃତ୍ତି ହିଁ ଆଜି ମୋ କାବ୍ୟ କବିତା ଗଳ୍ପ ଉପନ୍ୟାସ ।

ମୁଁ କଣ କହିଗଲି ? ବୋଧହୁଏ ସୁନ୍ଦର ଭାଷାର ଆଡ଼ମ୍ବର ଭିତରେ ଗୋଟାଏ ନିତାନ୍ତ ଅଶ୍ଳୀଳ କଥାକୁ ଘୋଡ଼ାଇ ସୁନ୍ଦର କରିବାର 'ପରିପାଟୀ ପ୍ରଦର୍ଶନ କରିଗଲି । ଅସଭ୍ୟ, ଚରିତ୍ରହୀନ ଲୋକଟା ସମସ୍ତେ କହିବେ । ତାହା ହିଁ ମୋର ପୁରସ୍କାର ।

ଆଜି ଯୌବନର ସୀମାନ୍ତରେଖା ଟପିସାରି ମୁଁ କଲମ ଧରି ଭାବୁଛି, ମୁଁ କାହିଁକି ଲେଖୁଛି ସତେ । ଲେଖି ପାରୁଛି କିପରି ଠିକ୍ କହିହେବ ନାହିଁ । ହୁଏତ ପରବର୍ତ୍ତୀ ଜୀବନରେ ସେଟା ଠିକ୍ ରୂପେ କହି ପାରିବି । କିନ୍ତୁ ସେତେବେଳକୁ ହୁଏତ ମୁଁ ଦୁନିଆରେ ନଥିବି । ସମାଜର ଅଭିଶାପକୁ ଶିରରେ ଧରି ପୌରୁଷ ପ୍ରକାଶ କରିବା ପାଇଁ । ଏ ପୌରୁଷ ଯେତେ ସୌଭାଗ୍ୟର ବସ୍ତୁ ହେଉ ପଛେ ସେ ଦୁର୍ଭୋଗର କଳ୍ପନା ମୋର ଗୁଡ଼ ଥରାଇ ଦିଏ । ତଥାପି ଘୋର ଅନ୍ଧକାର ଭିତରେ ମୁଁ କ୍ଷୀଣ ରେଖା ଦେଖୁଛି । ସେ ରେଖା ଯଦି ଆଲୋକର ସନ୍ଧାନ ହୋଇଥାଏ, ତେବେ ମୁଁ କହିବି ମୋ ଉପରେ ଆଜି ସମାଜର ଯେଉଁ ଅତ୍ୟାଚାର, ସାମାଜିକ ବ୍ୟକ୍ତିର ଯେଉଁ ହତାଦର, ସବଳର ଯେଉଁ ପ୍ରାଦୁର୍ଭାବ ମୋ ଭଳି ଗୋଟିଏ ନିରୀହ ପ୍ରାଣୀ, ଗୋଟିଏ ପତିତ ଅଭିଜାତ ବଂଶର ଶେଷ ଦୀପଶିଖା ଭଳି ଯିଏ ମ୍ରିୟମାଣ, ଚାରିପାଖରେ ଧନୀକ ଶିକ୍ଷାଭିମାନୀ ବନ୍ଧୁବାନ୍ଧବ ପ୍ରିୟପ୍ରୀତ ଗହଣରେ ହଂସମଧ୍ୟେ ବକ ପରି ହୋଇ ଆପଣାର ଜିଦ୍ ଧରି, ଆପଣାର ସତ୍ୟକୁ ନ ଗୁଡ଼-ପ୍ରେୟ ବସ୍ତୁକୁ ଧରି ଜୀବନର ସହଜସିଦ୍ଧ ରସ ଆସ୍ୱାଦନରେ ଯେ ନିରୁତ୍ସାହିତ ତା ଉପରେ ଏଇ ଯାବତ୍ର ନିର୍ଯ୍ୟାତନାର ଦୁର୍ବଳ ପ୍ରତିବାଦ ଜଣାଇବାକୁ, ଅସମର୍ଥ ବ୍ୟକ୍ତି ଯେପରି ଶତ୍ରୁର ସମ୍ମୁଖୀନ ହୋଇ ନପାରି ପଛରେ ଗାଳି ଦେବାରେ ସନ୍ତୋଷ ପାଏ, ସେଇଭଳି ଏକ ନିର୍ଲଜ ବୃତ୍ତି ମୋତେ ଲେଖିବାରେ ଲିପ୍ତ କରି ରଖିଛି ବୋଲି

Digitized by srujanika@gmail.com

ମୋର ବେଳେବେଳେ ଧାରଣା ହୁଏ । ସେ ସତ ହେଉ ମିଛ ହେଉ, ସେ ସାହସିକତା ହେଉ ବା ଦୁର୍ବଳତା ହେଉ ମୁଁ ଏତିକି ବୁଝୁଛି ଯେ ସାହିତ୍ୟଟା ଠିକ୍ ସଂଘର୍ଷ ନୁହେଁ—ବରଂ ସମାଧାନ--ସମାଧାନର ଚେଷ୍ଟା ବା ଠିକ୍ ଭାଷାରେ କହିଲେ ସମାଧାନର ସାଧନା ।

ମୁଁ ଜାଣେ ଯେ ସାଧନା ପାଇଁ ଯଥେଷ୍ଟ ଶକ୍ତି ମୋର ନାହିଁ । ତଥାପି ମୁଁ ସାଧୁଛି । ମୁଁ ବେଳେ ବେଳେ କଳ୍ପନାରେ ସାଧକ ବା ସିଦ୍ଧର ଆସନରେ ନିଜକୁ ବସାଇ ଦେଖେ—ମୋର ପ୍ରକୃତ ଆସନ କେତେ ତଳେ ସତେ ? ମୁଁ ଭାବେ, କବି ବୋଧେ ସିଦ୍ଧି ଲାଭ କରିବାକୁ ଜନ୍ମି ନାହିଁ କିମ୍ବା କବି କେବଳ ସଂସାରର ପ୍ରପଞ୍ଚରେ ପାଣ୍ଡି ହେବାକୁ ଆସିନାହିଁ । କବି ଅଭିଶପ୍ତ ତ୍ରିଶଙ୍କୁ । ସେଥିପାଇଁ ସଂସାରରେ ସମସ୍ତେ ତାକୁ ହସନ୍ତି । ମୋତେ ହସନ୍ତି ମୁଁ ଜାଣେ । କବିର ମୁଣ୍ଡ ଚାରିପାଖରେ ସାଧୁସନ୍ଥ ବା ଅବତାରଙ୍କ ପରି ଜ୍ୟୋତିର୍ମଣ୍ଡଳ ନଥାଏ—ଥାଏ କଳଙ୍କର ପସରା । ଆଉ କେଉଁ ଆଧୁନିକ ଓଡ଼ିଆ ଲେଖକର ଥାଉ ନଥାଉ ମୋର କଳଙ୍କ ପ୍ରତି ମୁଁ ସଜାଗ—ବଡ଼ ବେଶି । 'ବ୍ୟାଘ୍ର ମନୁଷ୍ୟ ଖାଏ' ଏ ଲୋକାପବାଦ ଦୁର୍ନିବାର । କବି ଯେ ଦୁଷ୍ଚରିତ୍ର ସେ କଥା ବ୍ୟାସ ଯୁଗରେ ନହେଉ କାଳିଦାସଙ୍କଠାରୁ ଆଖ୍ୟାୟିକା ହୋଇ ରହିଛି । କବି କାଳିଦାସଙ୍କର ଶକ୍ତି ନଥିଲେ ହେଁ ତାଙ୍କର କଳଙ୍କଟାର ଉତ୍ତରାଧିକାରୀ ହେବାର ସୌଭାଗ୍ୟ ମୁଁ ନିତାନ୍ତ ଅକାରଣରେ ଲାଭ କରିନାହିଁ । କିନ୍ତୁ ଏଇ ଅସତର୍କ ଅନିଚ୍ଛାକୃତ ପଥଭ୍ରାନ୍ତି ଭିତରେ ଯେଉଁ ମହାର୍ଘ ଅଭିଜ୍ଞତା ଆହୃତ ହୋଇଛି ତା ମୂଳରେ ଯେଉଁ ରୋମାଞ୍ଚକର ଅଥଚ ହୃଦୟବାହୀ ସାଧନାର ଇତିହାସ, ନିର୍ମମ ଏଇ ସମାଜ ଆଗରେ-ଯାହା ଆଖିରେ ଭୟଙ୍କର ଦସ୍ୟୁବୃତ୍ତି ହିଁ ସତ୍ୟ ହୋଇ ଉଠେ, ବାଲ୍ମୀକିର ବେଦନା ଓ ବଳିଦାନ ହୁଏ ଆଖ୍ୟାନ—କହିବାକୁ ଚାହେଁନା ସେ ସମାଜ ଆଗରେ ତଥାପି ସେ ତତ୍ତ୍ୱ ଶୃଙ୍ଖଳା ହିଁ ପ୍ରେରଣା ଦଏ ଲେଖିବାକୁ । ମୋର ଅପହୃତ ତତ୍ତ୍ୱକୁ ଆପଣାର କରିବାରେ; ଦୁଃଖରେ ସୁଖରେ, ରାଗରେ ଅହଙ୍କାରରେ ଶାନ୍ତିରେ ଶୃଙ୍ଗାରରେ ଏଇ ଲେଖନୀ ଛଡ଼ା ଏକାନ୍ତ ସହାୟକ ବନ୍ଧୁ ମୋର ଆଉ କେହି ନାହିଁ । ନିଃସଙ୍ଗ ଜୀବନର ସେଇ ମୋର ଏକମାତ୍ର ଭରସା । ସେଇ ମୋର ସାଧନାର ସାକ୍ଷୀ । ମୁଁ ଯାହା ହେବାକୁ ଚାହିଁଛି, ଅଥଚ ହୋଇ ପାରିନାହିଁ, ମୋର କାବ୍ୟ କବିତା ଗଳ୍ପ ଉପନ୍ୟାସରେ ତାର ବିଳାପ ହିଁ ବଡ଼ ହୋଇ ପଡ଼ୁଛି ସବୁବେଳେ । ସେଥିପାଇଁ ମୋ ଲେଖାରେ ମୋର ଆତ୍ମଜୀବନୀ ଖୋଜିଲେ ବ୍ୟର୍ଥ ପ୍ରୟାସ ହେବ । ମୁଁ ଯାହା ତାର ଉପରେ, ମୁଁ ଯାହା ହୋଇ ନାହିଁ—ହୋଇପାରିବ ନାହିଁ, ବେଶି ଭାଗ ସେଇଟାଇ ଠିଆ ହୋଇଛି ସର୍ବସ କଳାପରି । ମୁଁ ଯାହା ତା ଆଖିକି ଦିଶେ ନାହିଁ—ଦିଶେ

Digitized by srujanika@gmail.com

ଉପରଟା ଅଦ୍ଭୁତ ବା ଚାରଟା ଦେଖେ ନାହିଁ । ଦେଖେ-ଯେ ତା ଉପରେ ନାଟକରେ ସେଇ ଖେଳାଳୀ । ମୋର ଏଇ ହେବାର ଆକାଂକ୍ଷା ବଡ଼ ବିରାଟ-ସେ ସବୁନାହିଁ ବୋଲି ମୁଁ ଲେଖି ଚାଲିଛି । ସେଇଟାଇ ମୋର ସାନ୍ତ୍ୱନା । ହୁଏତ ଆତ୍ମପ୍ରତାରଣା ହୋଇପାରେ—କହିପାରିବ ନାହିଁ ଠିକ୍ ।

'ପୁଣି କାହିଁକି ଲେଖିବି ?' ରହିଗଲା ସେ କଥାଟା କାହିଁକି ଲେଖେ—ଏ କଥାରେ କହିବି କି ଲେଖିବି, ର ଦାବୀ ଅତି ଅଳ୍ପ ତଥାପି କହିବାକୁ ଚେଷ୍ଟା କରିବି । ବିଶ୍ୱାସ କରିବେ ? ମୂଳରୁ ମନେ ରଖନ୍ତୁ, ମୁଁ ଯେ ଲେଖିବି ଏ ବିଷୟରେ ମୁଁ ଅପରାଧୀ ନୁହେଁ ।

କାହିଁକି ଲେଖିବି କଥା କହିବା ବେଳେ ବେଶି ଭାଗ କୁହେଳିକା ହେବା ହିଁ ସ୍ୱାଭାବିକ ସେଇ ପୃଷ୍ଠଭୂମିରେ ମୁଁ କହେ-କ୍ଷମା କରିବେ ।

ମୋର ଆଜିକାଲି କାହିଁକି ବଡ ଆଶଙ୍କା ହୁଏ, ପୂର୍ବରୁ ମୁଁ ତାର ସୂଚନା ଦେଇଛି—ମୋର ଲେଖାର ପରିସମାପ୍ତି କାଳ ଅତି ଶୀଘ୍ର ଆସିଯାଇଛି । ମନେ ହୁଏ—ବୃନ୍ଦାବନର ଲୀଳା ସରିଗଲାଣି । ସେ ଦିନ ବୋଧେ ଅକ୍ରୂର ଅତି କ୍ରୂର ଭାବରେ ମଥୁରାର ଧନୁଭଙ୍ଗ ଉତ୍ସବ ଦେଖିବାକୁ ଯେନ ଆସିଲା । ବୃନ୍ଦାବନରେ ସେ କଦମ୍ବ ଆଉ କୁସୁମିତ ହେଉନାହିଁ-ଯମୁନା ଉଜାଣି ବହୁନାହିଁ । ନ ବହୁ । ମଥୁରାରେ କଂସର ଅହମିକା ଆଉ ଅତ୍ୟାଚାର ଭିତରେ ଭବିଷ୍ୟତର କୁରୁକ୍ଷେତ୍ର ମୋତେ ଭୁଲାଇ ଦେଇଛି ସବୁ । ବଇଁଶୀ ଖସି ପଡ଼ୁଛି—ଲେଖନୀ ଶୁଷ୍କ । ହାତରେ ଚକ୍ର ସୁଦର୍ଶନ । ବିରହ ଆଉ ବେଦନା ପ୍ରାଣରେ ଆଘାତ ଦେଉନାହିଁ । ତାର ଚରମ ହୋଇଯାଇଛି । ଯେଉଁମାନେ କବି ଲେଖକଙ୍କର ଦୁଃଖକୁ ମୂଲ୍ୟ ଦେଇ କିଣନ୍ତି ସେମାନେ ନିର୍ଘୃଣ ହେବେ ଜାଣେ । କିନ୍ତୁ ସେଇ ସମ୍ବେଦନଶୀଳ ମମତାମୟ ହୃଦୟକୁ ସମାଜର ଅତ୍ୟାଚାର ଯେ କି ଜ୍ୱଳନ ଦେଇଛି, ସେ କଥାରେ କହିବାର ନୁହେଁ ।

ଜୀବନରେ ଗୋଟାଏ ଗୋଟାଏ ସନ୍ଧିକ୍ଷଣ ଆସେ । ବିଗତ ଯୌବନରେ ଯେଉଁ ରାଜନୈତିକ ବିପ୍ଳବ ମୋତେ ସହଜ ଜୀବନ ପଥରୁ ଦୂରକୁ ଫିଙ୍ଗି ଦେଇ ଥିଲା; ତାର ଅତି ସାମୟିକ ଅବସାନ ପରେ ଶାନ୍ତିର ସାମାନ୍ୟ ସ୍ୱପ୍ନବିଳାସ ଆଉ ଏକ ଅସ୍ୱସ୍ତିକର ପରିସ୍ଥିତି ଭିତରେ ଭାଙ୍ଗି ଯାଇଛି । ନୂଆ ଏକ ଭୌତିକ ବିପ୍ଳବ ପ୍ରଳୟ ଝଞ୍ଜାର ଆଗମନୀ ମୋ ହାତରୁ କଲମ ଛଡ଼ାଇ ଫିଙ୍ଗି ଦେଉଛି । ସେ ପାଞ୍ଚଜନ୍ୟର ନିନାଦ ମୋ ଦେହକୁ ତପ୍ତ ଉତ୍ତେଜିତ କଲାବେଳେ ଅଦ୍ଭୁତ ଏକ

Digitized by srujanika@gmail.com

ଅଶ୍ରୁତ ଆହ୍ୱାନ ମୋର ଅନ୍ତରାତ୍ମାକୁ ଅସ୍ଥିର ଚଞ୍ଚଳ କରି ଦେଉଛି । ଲକ୍ଷ୍ମୀ କୋଳରେ ଦୁର୍ଯୋଧନର ନିଦ୍ରାଭଙ୍ଗ ହେଲା ପରି ମୁଁ ଅସମ୍ଭାଳ ହେଉଛି ସେ ଧ୍ୱନି ଶୁଣି । କହି ପାରିବିନି ସେ କି ଧ୍ୱନି । ଧ୍ୱନି ନୁହେଁ ସେ ଏକ ଡ଼ାକ-ଆହ୍ୱାନ—ସଂଗ୍ରାମର ଆହ୍ୱାନ । କିନ୍ତୁ ସେ ଆହ୍ୱାନ ବଡ଼ କାତର । ସେ ଆହ୍ୱାନରେ ପ୍ରତିଶୋଧ, ପ୍ରତି-ସ୍ପର୍ଦ୍ଧାର ଉଷ୍ମତା ନାହିଁ । ମୋର ଯାହା କିଛି ସବୁ ଧ୍ୱଂସ କରି "ମାମେକଂ ଶରଣଂ ବ୍ରଜ, ସର୍ବ ଭାବେନ ଭାରତ" ବୋଲି ସେ ପ୍ରେରଣା ଦେଉଛି । କିଏ ସେ—କେଉଁଠୁ ଡାକୁଛି—ମୁଁ ତାର ସୁରାକ ପାଇ ପାରୁନାହିଁ । କିନ୍ତୁ ସେ ଡାକ ଯେ ସାଧାରଣ ଡାକ ନୁହେଁ—ସେ କଥା ମୁଁ ସ୍ପଷ୍ଟ ବୁଝିପାରୁଛି । ମାତ୍ର ସେ ଡାକକୁ ମୁଁ ସହ୍ୟ କରି ପାରୁନାହିଁ । ଭୟରେ ମୁଁ ବିହ୍ୱଳିତ ହେଉଛି—ଗୋଟାଏ ବିଶ୍ୱରୂପ ଆଗରେ ନିଜର ଅସ୍ତିତ୍ୱ ହରାଇବାରେ ଭୟ । ମୁଁ କାନରେ ହାତ ଦେଇ ସେ ଆହ୍ୱାନ ପ୍ରତି ବଧିର ହେବାକୁ ଯେତିକି ଚେଷ୍ଟା କରୁଛି—ସେ ଡାକ ସେତିକି ଗଭୀରରୁ ବାହାରୁଛି-ଭିତରୁ । ମନେ ହେଉଛି ଭଙ୍ଗା ଡଙ୍ଗା ଖଣ୍ଡେ । ମୁଁ ବସିଛି ଏକା, ଆହୁଲା ନାହିଁ । ତୁଫାନ ଉଠି ଆସୁଛି । ଢେଉ ପରେ ଢେଉ ମାଡ଼ି ଆସୁଛି । ମୁଁ କୂଳର ଏ ପାଖରେ, ସେ ପାଖର କିନାରା ଆକାଶର କାନ୍ଥି ଦିହରେ ହଜି ହଜି ଗଲାଣି । ସ୍ୱରଟି କେଉଁଠୁ ଆସୁଛି । ମୋତେ ଯିବାକୁ ହେବ ସେଠିକି । କାରଣ ଏ ପାଖରେ ଲଙ୍ଗର ଛିଡ଼ି ଯାଇଛି । ଏ ପାଖର ବିଶ୍ୱାସଘାତକତା ମୋତେ ଠେଲି ଦେଇଛି ଦରିଆ ଭିତରକୁ । ମୋର ଏକଦା ସୁନ୍ଦର ବଳିଷ୍ଠ ଦେହ ମୋତେ ପ୍ରତାରଣା କରିଛି । ଯୌବନର ଉଦ୍ଦାମ ଉଲ୍ଲୋଳ ମୋତେ ଆଜି ପରିହାସ କରି ପଳାଇ ଯାଇଛି । ଅନ୍ୟର ସ୍ନେହ ସହାନୁଭୂତି ମହାକାଳ ଫଳର ଅନ୍ତର ପରି ଭ୍ରୁକୁଟି କଟାକ୍ଷ ହାଣୁଛି ।

ଜୀବନର ପ୍ରଥମ ପାଦରେ ଏକ ଅଜ୍ଞାତ ପ୍ରତ୍ୟୁଷର ଚିତ୍ରାଙ୍କନ, ତରୁଣ ଅରୁଣିମ ପୃଷ୍ଠଭୂମିରେ ସଦ୍ୟପ୍ରସ୍ଫୁଟ ପୁଷ୍ପପରି ନୈବେଦ୍ୟ ଉତ୍ସର୍ଗ କରିବାର ସେ କଳାପୂର୍ଣ୍ଣ ଭବିଷ୍ୟତର କଳ୍ପନା ଆଜି ସନ୍ଧ୍ୟାର ତାମସୀ ଗୁମ୍ଫାରେ ନିମଜ୍ଜିତ । ସଂଘର୍ଷମୟ ଜୀବନର ବନ୍ଧୁର ପଥରେ କାହାର ଅକ୍ଲାନ୍ତ ଅନ୍ୱେଷଣ ମୋତେ ଆଜି ସର୍ବହରା ଅଶାନ୍ତାତ୍ମା କରି ଗୁଡ଼ୁଛି । ତଥାପି ବୁଝିପାରୁ ନାହିଁ କି ମୋହ ମୋତେ ଅହରହ ମମତାନ୍ଧ କରି ଅବଶ ସ୍ଥାଣୁ କରି ଦେଉଛି । ବିଶ୍ୱାସଘାତକତା ମଧ୍ୟ ମୋର ଚିରଆକାଂକ୍ଷିତ ବସ୍ତୁ ହୋଇ ପଡ଼ୁଛି । ମୁଁ ବୁଝି ପାରୁଛି···କଣ୍ଟକିତ ଏ କୁସୁମ ବନ୍ଧନର ମୋହ ନ ଗୁଡ଼ିଲେ ସେ ଅବ୍ୟକ୍ତ ସ୍ୱର···ଅମୃତକାକଳୀର ପ୍ରକୃତ ସନ୍ଧାନ ପାଇବା ଅସମ୍ଭବ । ମୁଁ ଆଜି ନିଜପାଇଁ ଦୁଃଖିତ ନ ହେଲେ ମଧ୍ୟ ସେ ସୁର-ଯନ୍ତ୍ରୀର ଆହ୍ୱାନ ମୋତେ ଦସ୍ୟାର୍ଦ୍ର କରୁଛି । ମୁଁ ଭାବୁଛି ବୋଧହୁଏ ତା

Digitized by srujanika@gmail.com

ପାଇଁ ଗୁଡ଼ାଏ ଅବିରାମ ଅଶ୍ରୁ ବର୍ଷଣ କଲେ ମୋର ଶାନ୍ତି ଆସିଯିବ, କିନ୍ତୁ ପ୍ରତିଦିନ ପ୍ରତ୍ୟହରେ ମୋର ଅଜସ୍ର ଅଶ୍ରୁ ବର୍ଷଣ ଭିତରେ ସେ ଅଫଖ୍ୟ ଆକୃତିର ଅବସାନ ନାହିଁ । ମୋର ଏହି ଶାନ୍ତିହୀନ ଜୀବନର ଅବସ୍ଥା ଅଭିଶାପ ହୋଇ ଉଠି । ଯଦି ଭବିଷ୍ୟତରେ ମୁଁ କେବେ ପୁଣି କିଛି ଲେଖେ ସେ କେବଳ ସେଇ ପୁରପଲ୍ଲୀ ଗ୍ରାମରେ ମୋର ଅପାରଗତାର ବିଳାପ ବ୍ୟତିରେକେ ଆଉ କ'ଣ ହେବ ? ଆଉ କ'ଣ ହୁଅନ୍ତା । ତା'ର ପାଦତଳେ ନିଉଚ୍ଛୁଳ ହେବା ଛଡ଼ା ମୋର ଆଉ ବାଟ ନାହିଁ । □ □

Digitized by srujanika@gmail.com

ପ୍ରାଣକୃଷ୍ଣ ସାମଲ

●

ପ୍ରାଣକୃଷ୍ଣ ସାମଲ

ଜନ୍ମ—୨୫ ଡିସେମ୍ବର ୧୯୧୨

ଜନ୍ମ ସ୍ଥାନ—କାଳିଅଣ୍ଡି, ମାହାଙ୍ଗା, କଟକ

ପିତା—ମଣି ସାମଲ

ମାତା—ଶୁକ ଦେଈ

ମୃତ୍ୟୁ—୨୮ ଜାନୁୟାରୀ ୧୯୫୯

ରଚିତ ପୁସ୍ତକ—

କବିତା—ଜ୍ୟୋସ୍ନା, ରଜପର୍ବ, ଭିନ୍ନଦୃଷ୍ଟି, କସ୍ତୁରିକା (କାବ୍ୟ ନାଟିକା) ।

ଉପନ୍ୟାସ—ପଲ୍ଲୀ ଜୀବନ, ପ୍ରେମ, ନୀଳକମଲ, ସାତଦ୍ୱୀପ, ହାଣ୍ଡିକାଦାନ୍ତ, ସନ୍ଧ୍ୟାରାଣୀ । □ □

"କମନୀୟ ଶୁଭ୍ର ଯେଉଁ ନନ୍ଦିତ ପ୍ରଭାତେ
ମର୍ମ ରତ୍ନାକର ତଳୁ ଭାବ ଉର୍ମି ସାଥେ
କଳାର ନର୍ତ୍ତନ ଛନ୍ଦେ ଭାଷାର ପ୍ରବନ୍ଧେ
ଦେହ ନେଲ ରୂପ ନେଲ ଶ୍ରୀମତୀ କବିତା
ପୂର୍ବମଳ ମନେ ଅଛୁ କେବେ ଭୁଲିନି ତା' ।"

ତମେ ପ୍ରଥମେ ମୋର ପ୍ରାଣରେ ପ୍ରକାଶୋନ୍ମୁଖୀ ପ୍ରେରଣା ଜାଗ୍ରତ କରାଇଲ ଏକ ଶୁଭ୍ର ଶରତ ସନ୍ଧ୍ୟାରେ । ମୁଁ ବସିଥାଏ ପଟାମୁଣ୍ଡାଇ କେନାଲ ତଳର ଏକ ପକ୍କା ସାଇଫନ୍‌ର ଉପରେ—ସମ୍ମୁଖରେ ଶସ୍ୟ କ୍ଷେତ୍ରାବୃତ ଜନ୍ମଫୁଲରେ

Digitized by srujanika@gmail.com

ତାରକିତ ବିସ୍ମୃତ ଏକ ଜଳରାଶି— ତନ୍ମଧ୍ୟରେ ସୁନୀଳ ଆକାଶ ସହିତ ସ୍ନିଗ୍ଧ ଚନ୍ଦ୍ରମାର ପ୍ରତିବିମ୍ବ । ବୟସ ମୋର ତେର କି ଚଉଦ ହେବ ସେତେବେଳକୁ ।

ଦିନେ ଦୁଇଦିନ ପରେ ପ୍ରୟୋଜନ ପଡ଼େ ଏକ ଲେଖାର—କୋଠପଦା ମଧ୍ୟଇଂରାଜୀ ବିଦ୍ୟାଳୟର ହାତଲେଖା 'ମଧୁପ ଗୁଞ୍ଜନ' ପ୍ରଥମ କରି ବାହାରିବାର କଥା । ଆଗରୁ ସୁନାମ ହୋଇ ସାରିଥାଏ ସ୍କୁଲରେ-ଛାତ୍ରାର୍ଥି ମୋର ଭଲ ହେଉଛି—ପଢ଼ାବିହି ମଧୁସୂଦନ ରାଓଙ୍କ "ସାହିତ୍ୟ ପ୍ରସଙ୍ଗ"—ଛାତ୍ରାର୍ଥିଗୁଡ଼ିକୁ-ହେଡ଼ ପଣ୍ଡିତ ମହାଶୟ ଟିପି ନେଉଥାନ୍ତି ଅନାଗତ ଅଧ୍ୟାୟମାନଙ୍କ ପାଇଁ—ଏହି ଉପସର୍ଗରେ ରଚିତ ହୁଏ ମୋର ପ୍ରଥମ କବିତା "ଚନ୍ଦ୍ର" ।

ଯେ ଥରେ ଆସେ—ଆଉ ଅତି ଆପଣାର ହୋଇ ଆସେ ସେ କି ଆଉ ଯାଏ ? ତେଣୁ ମୁଁ ଲେଖିଗଲେ ଯାହା କିଛି ପ୍ରାଣକୁ ସ୍ପର୍ଶ କରେ—କନକ ସକାଳ, କୁହେଳି ଧୂସର ସ୍ୱପ୍ନମୟୀ ରଜନୀ, ଶସ୍ୟ ଆହରଣ ଉଦ୍ଦେଶ୍ୟରେ ପଙ୍‌କ୍ତି ଧରି ଉଡ଼ିଯାଉଥିବା ଶୁକ ପକ୍ଷୀ ଦଳ, କାଶ-କୁସୁମ-ଧବଳିତ ପଠା, ଫୁଲନ୍ଦା ଧାନ କ୍ଷେତର ସୁନ୍ଦର ସୁଗମ, ପୁନ୍ନାଗ ଗଛର ହରିଦ୍ରାଭ କେଶର ଶୋଭିତ ପେନ୍ଥି ପେନ୍ଥି ସ୍ଫଟିକ ଧବଳ ଫୁଲ—ପ୍ରକାଶିତ ହୁଏ, ବୟସର ଧର୍ମ ନେଇ, ରୂପ ତାର ବିଭିନ୍ନ । ତେବେ ମୂଳତଃ ମୁଁ ପ୍ରକୃତିର ଉପାସକ—ଲେଖା ମୋର ଜନ୍ମ ନିଏ ଏକ ଆନନ୍ଦମୟ ସଚେତନ ଭାବରୁ । ପ୍ରଫେସର ଆର୍ତ୍ତବଲ୍ଲଭ ସେଦିନ କହୁଥିଲେ—କବି ସଚ୍ଚିଦାନନ୍ଦ ।

ପ୍ରକୃତିରେ ମୋ ଉପରେ ତା'ର ପ୍ରଭାବ ଏତେ ଦୂର ପକାଏ ଯେ ମୁଁ ଯୌବନର ପ୍ରାରମ୍ଭରେ ଗାଇ ବସେ ।

"ହେମମୟୀ ହେମନ୍ତ କିଶୋରି
ଦିଅ ମତେ ପ୍ରାଣଭରି ପ୍ରୀତି
ଜୋଛନା ସବୁଠି ପ୍ରିୟ
ଜୋଛନାର ପ୍ରିୟ ହେବା ଲାଗି
ମୋ ପୁର ପଞ୍ଜରେ ଫେରି
ନିଶି ସାରି ରହେ ମୁଁ ଉଜାଗି ।"

ଏ ଭାବର ପରିବର୍ତ୍ତନ କଲୁ ହେଲା— । ଦେହର ଜୁଆର ସେତେବେଳେ ପ୍ରାଣର ଜୁଆରକୁ ବଳିଗଲା ମୋର ଲେଖା ନେଲା ଅନ୍ୟ ରୂପ-ତଳେ ତାର ନମୁନା—

Digitized by srujanika@gmail.com

"ଦୂରୁ ଦେଖି ଯେଉଁ ଜନ ହୁଏ ହସ ହସ
ବିରସ ବଦନେ କେତେ ଚାଲି ତାର ପଥେ !
ତଥାପି ନୈତିକତାର ରୂପ ମୋ ଉପରେ ଅତି ଗୁରୁ
ବାସନା ଅନଳ ପରେ ସଂଯମର ଟାଣି ଆବରଣ
ଭସ୍ମ ମୁହିଁ ପଲେ ପଲେ ଅଭିଶପ୍ତ ଜୀବନ୍ତ ମରଣ
ରୂପର ପିପାସା ଦେଇ ନୀତିର ବନ୍ଧନେ
କେ ମତେ ବାନ୍ଧିଲା କହ କାହିଁ କି କାରଣେ !"

ଅତି ସାନଟି ଦିନରୁ ଗୋଟାଏ ଆଦର୍ଶବାଦ ମଧ୍ୟରେ ବଢ଼ିବାକୁ ହୋଇଥିଲା ମତେ—ସେ ଯେନ ପ୍ରାଣରେ ଏ ସଙ୍ଘର୍ଷ ।

ଏ ସଙ୍ଘର୍ଷର ପରିସମାପ୍ତି ହୁଏ ଯେତେବେଳେ ମତେ ଲେଖିବାର ସୁଯୋଗ ମିଳେ—

"କାର୍ତ୍ତିକେ ଆଜି ତୁମକୁ ନିକଟେ ପାଇ
ଶୌଚ ଏ ମୋର ପ୍ରାଣ ହୋଇ ଉଠେ ପ୍ରିୟା ।"

ଏ ଗଲା ଲେଖକ ଜୀବନର ଏକ ଅଧ୍ୟାୟ ଯେତେବେଳେ କି ଲେଖାରେ କ'ଣ ବା କାହିଁକି'ର ପ୍ରଶ୍ନ ଉଠେ ନାହିଁ—ଅନ୍ତରର ଭାବ ଭାଷାରେ ପ୍ରକାଶିତ ହେବାକୁ ଚାହେଁ—ଏବଂ ରୂପ ନିଏ ।

ତାପରେ ପ୍ରାଣରେ ଜାଗେ ଘନ ଲିପ୍ସା—ମୁଁ ଲେଖକ ହେବି—ଚମତ୍କାର ଲେଖିବି, ଯୋଜନାକରି ଲେଖିବି—ଲେଖାକୁ ମୋର ସର୍ବାଙ୍ଗ ସୁନ୍ଦର କରି । ଯୌବନର ଶେଷ ପ୍ରାନ୍ତରେ ଉଭା ହୋଇ—ସୁନ୍ଦରୀ ରମଣୀ ଯେତେବେଳେ ନିଜକୁ ବସନ, ଭୂଷଣରେ ସଜ୍ଜିତ କରି ଅଧିକତର ସୁନ୍ଦର ଦିଶିବାକୁ ଚାହେଁ— ମୋର ମନେ ହୁଏ ଲେଖକ ଜୀବନର ଏହା ସେହିପରି ଏକ ଅବସ୍ଥା ଯେତେବେଳେ ପ୍ରାଣରୁ ଗୀତି ଛନ୍ଦର ସହଜ ସୁନ୍ଦର ଧାରା ଜୀବନ ଜଞ୍ଜାଳର ରୁହନ ପରଶରେ ଆସ୍ତେ ଆସ୍ତେ ଜମାଟ ବାନ୍ଧି ଆସୁଥାଏ । (ତଥାପି ରୁଚି-ପୂର୍ଣ୍ଣ ବେଶ ଭୂଷା ଅନେକ ସମୟରେ ଉନ୍ମୁଖ ଯୌବନଠାରୁ ଅଧିକ ଉପଭୋଗ୍ୟ ହୋଇଥାଏ)ଜୀବନରେ ମୋର ଏ ମୁହୂର୍ତ୍ତ ଆସିବା ପୂର୍ବରୁ ଲେଖାରେ ଗଦ୍ୟ ଅବତରଣ କରି ଆସି ସାରିଥିଲା । ଅବଶ୍ୟ ପଦ୍ୟମୟ ଗଦ୍ୟ—ଏ ପରିବର୍ତ୍ତନରେ ତେଣୁ ମୁଁ ଉପନ୍ୟାସ ରଚନାରେ ହାତ ଦିଏଁ । ଏହିଠାରୁ ମୋର ଉଦ୍ଦେଶ୍ୟମୂଳକ ଲେଖାର ଆରମ୍ଭ । ଆଗରୁ କହି ସାରିଛି ଲେଖାରେ ନୈତିକତାର ପୃଷ୍ଠଭୂମିକାକୁ ତ୍ୟାଗ କରିବାକୁ ମୁଁ ଏକାନ୍ତ ଅନିଚ୍ଛୁକ ।

Digitized by srujanika@gmail.com

"କେଶର କୁଂଜ ଶେଯରେ
ବ୍ରଜେନ୍ଦ୍ର ବୃନ୍ଦାକୁ ପୁଚ୍ଛନ୍ତି ଧୀରେ
ରାଧା ବୋଲି କେ ବ୍ରଜରେ ?"

ଏ ଗୀତ ସୃଷ୍ଟିଠାରୁ ମୁଁ ପସନ୍ଦ କରେ—

"ମୀନ ନୟନା କ୍ଷୀଣ ହେବନି ମୋ ବନା ···।"

ମୁଁ ଚାହେଁ କବିତା "ମେଘଦୂତ" ମର୍ତ୍ତ୍ୟର ରାମଗିରି ଠାରୁ ଭାସି ଯାଉ ଅଳକାପୁରୀକୁ , ଯେଉଁଠାରେ ବିରହିଣୀ ଯକ୍ଷ ପତ୍ନୀ ତାର ସ୍ୱାମୀର ପ୍ରତ୍ୟାଗମନର ଦିନ ଗଣି ବାତାୟନ ଧରି ପ୍ରାଣ ସହିତ ତାର ଦୃଷ୍ଟିକୁ ହଜାଇ ଦେଇଛି ଦୂର ଦିଗ୍‌ବଳୟ ଦେହରେ ।

ଭାଷାର ମାଧ୍ୟମରେ ମୁଁ ରସ ପରିବେଷଣ କରିବାକୁ ଚାହେଁ—ମାତ୍ର ରୁଚିକୁ ବିକୃତ କରିବାକୁ ଚାହେଁନା । ସେ ଲାଗି ଲେଖାରେ ମୁଁ ଅଶୋଭନ ଚରିତ୍ରର ଅବତାରଣା କରେ ନାହିଁ । ମୁଁ ମନେକରେଁ ଦୁଷ୍ଟ ଚରିତ୍ର ଗ୍ରହଣ ନ କରି ମଧ୍ୟ ବଳିଷ୍ଠ ଚରିତ୍ର ସୃଷ୍ଟି କରି ହେବ—ରାମ ସୀତାର ଚରିତ୍ରର ମହତ୍ତ୍ୱ ଫୁଟାଇବା ଲାଗି ରାବଣ ବା ରଜକର ଯେ ଅପରିହାର୍ଯ୍ୟ, ମୁଁ ଏହା ଉପଲବ୍ଧି କରିନାହିଁ ଆଜିଯାଏ—ଆଧୁନିକ ଜୀବନରେ, ଯେତେବେଳେ ସୂର୍ପଣଖା ବା ଚନ୍ଦ୍ରସେଣାର ପ୍ରତି ମୁହୂର୍ତ୍ତରେ ଚତୁର୍ଦ୍ଦିଗରେ ପ୍ରକାଶିତ ହେଉଛି ତାକୁ ପୁନର୍ବାର ଚାତୁକଳାର ମଧ୍ୟଦେଇ ରସ ପିପାସୁମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବାର ଯଥାର୍ଥତା କେଉଁଠି ? ମୁଁ ପାଠକ ଆଗରେ ଏପରି କିଛି ପରିବେଷଣ କରିବାକୁ ଚାହେଁ ଯାହାକି ମନକୁ ତୈଳ ଲୁଣ ଜୀବନରେ ଦୁର୍ବଳତା ମଧ୍ୟରୁ କ୍ଷଣକ ପାଇଁ ହେଲେ ନୂତନତ୍ୱର ରାଜ୍ୟକୁ ଟାଣିନେବ । ସାହିତ୍ୟ ମନୁଷ୍ୟ ସମାଜର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେବା ଉଚିତ—ମାତ୍ର ସମସ୍ୟାର ଗୋଲକଧନ୍ଧାରୁ ବାହାରିବାର ବାଟ ପଡ଼ିଛି କେବଳ କଳା ସୃଷ୍ଟିର ମଧ୍ୟ ଦେଇ । ସେଥିପାଇଁ ଦେଖିବାର କଥା କଳା ଦୃଷ୍ଟିରୁ ଲେଖା ଯେପରି କ୍ଷୁନ୍ନ ନ ହୁଏ—ସାହିତ୍ୟ ପରିପ୍ରଚାରର ବାହକ ନ ହୋଇ କଳା ସୃଷ୍ଟି କଲେ ତାହା ସାଧାରଣ ପରିପ୍ରଚାରଠାରୁ ଶତଗୁଣରେ ଶକ୍ତିଶାଳୀ ହୁଏ ବୋଲି ମୋର ଧାରଣା । କାଳର ଗତିରେ କେତେ ସମସ୍ୟାର ସମାଧାନ ହୋଇ ଯାଇ ନାହିଁ ମାତ୍ର ପତି-ନିଗୃହିତା ଶକୁନ୍ତଳା ଆଜି ମଧ୍ୟ ଚକ୍ଷୁ କୋଣରେ ଲୋତକର ସଞ୍ଚାର କରେ କାଳିଦାସଙ୍କର କମନୀୟ ଲେଖା ଶୈଳୀରେ ବ୍ୟଥିତ ହୋଇ । ସୁଫିଜିମ୍ ବିଷୟରେ କେତେ ପୁସ୍ତକ ପ୍ରଣୀତ ହୋଇ ନଥିବ ମାତ୍ର ଓମରଙ୍କର ରୁବାୟତ୍ତରିପ

Digitized by srujanika@gmail.com

କେଉଁ ସର୍ବଦେଶ ଏବଂ ସର୍ବକାଳର ମନକୁ ଅଧିକାର କରିପାରିଛି କି ? ଏହି ଆଦର୍ଶକୁ ଆଗରେ ରଖି ଏବଂ କେତେକ କାରଣରୁ ରାଜନୈତିକ ସମସ୍ୟାର ଆଲୋଚନା କରିବାପାଇଁ ମୋର ସ୍ୱାଧୀନତା ନ ଥିବାରୁ ମୁଁ ମୋର କଲମକୁ ଚାଳିତ କରେ ସାମାଜିକ ସମସ୍ୟା ନେଇ ।

ଆବର୍ଜନାକୁ ନୂତନ ନିର୍ଦ୍ଦେଶର ମାଟିତଳେ ପୋତି ତା ଉପରେ ଆଦର୍ଶ ଚରିତ୍ରସୂଚକ ପୁଷ୍ପ ପାଦପ ରୋପଣ କରିଦେଇ ଯିବାକୁ ମୁଁ ଚାହେଁ ନୂତନ ଆନନ୍ଦମୟ ଯୁଗର ପରିକଳ୍ପନା ଦେଇ । ଜୀବନ-ବିମୁଖ ପ୍ରତ୍ୟେକଙ୍କ କାନରେ ଧ୍ୱନିତ କରିବାକୁ ଚାହେଁ ନବୀନ ଜୀବନର ଆଶାବାଣୀ । □ □

Digitized by srujanika@gmail.com

କୁଞ୍ଜବିହାରୀ ଦାଶ

●

କୁଞ୍ଜବିହାରୀ ଦାଶ

ଜନ୍ମ—୭ ମାର୍ଚ୍ଚ ୧୯୧୪

ଜନ୍ମ ସ୍ଥାନ—ରେମୁଣାସନ, ପୁରୀ

ପିତା—ଚନ୍ଦ୍ରାମଣି ଦାଶ

ମାତା—ତାରାମଣି ଦେବୀ

ରଚିତ ପୁସ୍ତକ—

କବିତା—ଛିନ୍ନମସ୍ତା, ପ୍ରଭାତୀ, ଜଳକଲ୍ଲୋଳ, ନବମାଳିକା, ସେ ଏକ ଲେମଣ ମାଳହାତ, କୁଞ୍ଜବିହାରୀ ସଞ୍ଚୟନ (୧ମ ଭାଗ) କୁଞ୍ଜବିହାରୀ ସଞ୍ଚୟନ (୨ୟ ଭାଗ), କୁଞ୍ଜବିହାରୀ ସଞ୍ଚୟନ(୩ୟ ଭାଗ), ଅପରାହ୍ନର କେତୋଟି ସ୍ୱର, ବୀରଶ୍ରୀ ।

ଶିଶୁ କବିତା—ଖେଳସାଥୀ, ତାକଡ଼ମାଡ଼ମ୍, ଝୁନ ମୁନ, ତୁମର ଆମର ନାଲି ପାଇଖ ।

କାବ୍ୟ—ତୁଡୁମା, ବାଗ୍ରା, ପଲ୍ଲୀପୁଷ୍ପ (ଲୋକଗୀତ) କଙ୍କାଳର ଲୁହ, ପଲ୍ଲୀ ଝରଣା (ଲୋକଗୀତ), ପଲ୍ଲୀଗୀତ ସଞ୍ଚୟନ (୧ମ ଭାଗ), ମାଟି ଓ ଲାଠି, ପଲ୍ଲୀଗୀତ ସଞ୍ଚୟନ (୨ୟ ଭାଗ), ପଲ୍ଲୀଗୀତ ସଞ୍ଚୟନ (୩ୟ ଭାଗ) ।

କାବ୍ୟ ନାଟିକା—ପାଷାଣ ତରଙ୍ଗେ ରକ୍ତ, ଗୁରୁଦକ୍ଷିଣା ।

ଭ୍ରମଣ କାହାଣୀ—ଲଙ୍କାଯାତ୍ରୀ, ମୋ ସ୍ୱପ୍ନର କାଶ୍ମୀର, ପଥ ଓ ପଥିକ, ଆମେରିକାରୁ ଇଉରୋପ ଆଫ୍ରିକା, ଦୁଇ ଦିଗନ୍ତର ଆକାଶ, ।

ଲୋକଗଳ୍ପ—କଥାଟିଏ କହୁଁ (୧ମ ଭାଗ), କଥାଟିଏ କହୁଁ (୨ୟ ଭାଗ), ଲୋକଗଳ୍ପ ସଞ୍ଚୟନ (୧ମ ଭାଗ), ଲୋକଗଳ୍ପ ସଞ୍ଚୟନ (୨ୟ ଭାଗ) ।

ଢଗଢମାଳ—ଲୋକବାଣୀ ସଞ୍ଚୟନ (୧ମ ଭାଗ), ଲୋକବାଣୀ ସଞ୍ଚୟନ (୨ୟ ଭାଗ), ଲୋକବାଣୀ ସଞ୍ଚୟନ (୩ୟ ଭାଗ), ଲୋକବାଣୀ ସଞ୍ଚୟନ (୪ୟ ଭାଗ) ।

Digitized by srujanika@gmail.com

ଆଲୋଚନା—ସମାଲୋଚନା, ସାହିତ୍ୟିକ ସାହିତ୍ୟ: ଏକ ଆଲୋକ: ଆଲୋକନ, ସାହିତ୍ୟ ଓ ସମାଲୋଚନା ।

ଉପନ୍ୟାସ—ମଣାଣି ତୁଳସୀ, ମହିମା ଶୁକ୍ଳିମା ହେଉ,କି କଥା କଳକତା ।

ଅନୁବାଦ—ବୈଦିକ ଗୀତମାଳା, ନୂଡ଼ି ଓ ଲକ୍ଷ୍ମୀ, ପୃଥିବୀର ଶ୍ରେଷ୍ଠ ଗାଉଁଲି ଗଳ୍ପ ।

ଜୀବନ ଚରିତ—ଜୀବନୀ ଓ ଜୀବନ, ଜୀବନାଦ୍ଧ୍ନ, ଚରିତ ଆତ୍ମଚରିତ, କବି କାହାଣୀ ।

ସଙ୍କଳିତ ପୁସ୍ତକ—ଅଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, କୁନ୍ତଳାକୁମାରୀ ଗ୍ରନ୍ଥମାଳା ବୈକୁଣ୍ଠନାଥ ଗ୍ରନ୍ଥାବଳୀ ।

English Books—
A study of Orissan Folklore
Folklore of Orissa.

ଅନ୍ୟାନ୍ୟ ପୁସ୍ତକ—ମୋ କାହାଣୀ(ଆତ୍ମଚରିତ) ହସ କାନ୍ଦର ଗପ (କ୍ଷୁଦ୍ର ଗଳ୍ପ), ଓଡ଼ିଆ ଲୋକଗୀତ ଓ କାହାଣୀ (ପିଃ. ଏଚ୍. ଡ଼ି. ସନ୍ଦର୍ଭ) ଶ୍ରୀମନ୍ତ (ରମ୍ୟ ରଚନା) । □ □

କାହିଁକି ଲେଖେ, ଏ ପ୍ରଶ୍ନରେ ମୁଁ ନିଜକୁ କେବେ ବିବ୍ରତ କରିନାହିଁ । ଫୁଲ କାହିଁକି ଫୁଟେ, ଶିଶୁ କାହିଁକି ହସେ, ପକ୍ଷୀ କାହିଁକି ଗାଏ—ଏ ପ୍ରଶ୍ନ ମନରେ ଆସିଲେ ଆନନ୍ଦର ଅଠାଳ ସମ୍ଭୃତିକ ହଜିଯାଏ । ଫୁଲର ପାଖୁଡ଼ା ଗଣିବା, ରଙ୍ଗ ବିଶ୍ଳେଷଣ କରିବା, ଉଦ୍‌ଭିଦ ବିଦ୍ୟାବିତ୍‌ର କାର୍ଯ୍ୟ, କବିର ନୁହେଁ । କବି ତତ୍ତ୍ୱାନ୍ୱେଷୀ ନୁହେଁ; ଭାବଗ୍ରାହୀ, ରସଗ୍ରାହୀ । ମୁଁ ଦେଖେ ଫୁଲର ବିନ୍ଦୁଏ କାକରରେ ସିନ୍ଧୁଏ ଶୋଭା; ପବନ ଦୋହଲରେ ତା ଦୋଳି ଖେଳା ଛନ୍ଦକ ସଙ୍ଗେ ତାଳ ଦେଇ ମୋ ହୃଦୟ ନାଚି ଉଠେ । ଆଷାଢ଼ର କୃଷ୍ଣ ମେଘ ମୋ ଆଖିରେ ମାଖିଦିଏ ନୀଳ ଅଞ୍ଜନ, ଶରତ୍ ଚନ୍ଦ୍ରିକା ବୁକୁରେ ଲିପିଦିଏ ସ୍ନିଗ୍ଧତା । ଶ୍ୟାମସୁନ୍ଦରର ହିଲ୍ଲୋଳ ହୃଦୟରେ ଭରିଦିଏ ପୁଲକିତା । ଗିରି, ବନ, ନଦୀ, ହ୍ରଦ, ଆକାଶ, ପୃଥିବୀ ମୋର ଆତ୍ମୀୟ । ସେମାନଙ୍କୁ ଦେଖେ ମୋର ବାହାରେ, ଭିତରେ ମଧ୍ୟ । ମୋ ଅନ୍ତରର ସଞ୍ଜୀବନୀରେ ସେମାନେ ହୁଅନ୍ତି ଜୀବନ୍ତ, ଭାବ ହୋଇ ଝରିଯାଆନ୍ତି କବିତାରେ । ରୂପରସ ଗନ୍ଧଭରା ବିଶ୍ୱ ପ୍ରକୃତି ମୋ ମନରେ ସୃଷ୍ଟି କରେ ଆଲୋଡ଼ନ ।

Digitized by srujanika@gmail.com

ମୋ ମନ ଭିତରେ ଯେତେବେଳେ କବି କହେ ଲେଖ୍ ବୋଲି, ମୁଁ ଲେଖେଁ । ମନ ଭିତରର ଏଇ ଡାକରେ ମୁଁ ଚମକି ପଡ଼େଁ । ସେଇ ଡାକ ମୋତେ ଅସ୍ଥିର କରେ, ଆଚ୍ଛନ୍ନ କରେ । ଏ ସୌନ୍ଦର୍ଯ୍ୟର ଡାକ କି ପ୍ରତିଭାର ଡାକ ଜାଣେ ନାହିଁ । ତାଙ୍କୁ ଏଡ଼ିବା ଶକ୍ତି କାହାର ଅଛି ? ସେ ଅଦ୍ଭୁତ ମାଦକରେ ଚିତ୍ତ ହୁଏ ବିହ୍ୱଳ, ଇନ୍ଦ୍ରିୟ ବିମୂଢ଼ । ଭାବର କୁଆର ଟଳମଳ ହୁଏ ବୁକୁ ଭିତରେ, ଲେଖନୀ ପଥ ଦେଇ ଢାଳି ହୋଇଯାଏ କବିତା ରୂପରେ । ଗୋଟିଏ ମୁହୂର୍ତ୍ତ ସେ, ଝଟକି ଉଠେ ଭାବ ବିଦ୍ୟୁତ୍ ପରି, ମନରେ ଚମକ, ଶରୀରରେ ଆସେ ପୁଲକ । ଭୁଲିଯାଏ ମୋର ବ୍ୟକ୍ତିଗତ ସୁଖଦୁଃଖ, ଦୈନିକ ଲୁଣର ସଂସାର । ମୁଁ ହୁଏ ଆଉ ଜଣେ କବି, ମୋ ନାମ ଓ ବେଷ୍ଟନୀରୁ ଭିନ୍ନ, କାଳ ଓ ସ୍ଥାନରୁ ସ୍ୱତନ୍ତ୍ର । କେଉଁ ବୃହତ୍ତର ବ୍ୟକ୍ତିତ୍ୱର ସତ୍ତା ମୋର 'ମୁଁ'ତ୍ୱ ଉପରେ ଆଧିପତ୍ୟ କରେ । ଟାଣିନେଇଯାଏ ମୋତେ ସସୀମରୁ ଅସୀମକୁ, ସାନ୍ତରୁ ଅନନ୍ତକୁ ।

ସୃଷ୍ଟିର ଏ ମୁହୂର୍ତ୍ତ ଅମୃତ ମୁହୂର୍ତ୍ତ, ଶୁଭ ଲଗ୍ନ । ଭଗବାନ ସୃଷ୍ଟି କଲାବେଳେ ହୁଏତ ଏହାର ଅନୁଭବ ଆସିଥିବ ।

କଳା ନବବଧୂ, ବଡ଼ ଲାଜକୁଳୀ, ଅଭିମାନିନୀ । ମନର ପତଳା ପରଦା ଖୋଲି ଗୋଟିଏ ମୁହୂର୍ତ୍ତ ମାତ୍ର ଦେଖାଦିଏ । ସେ ଖୋଜେ ସ୍ନେହାଦର, ତାର ଅଛି ଆଭିଜାତ୍ୟବୋଧ । ଅବଜ୍ଞା କଲେ ସେହି ମୁହୂର୍ତ୍ତରେ ଅନ୍ତର୍ହିତ ହୁଏ । ଯେତେ ନେହୁରା ହୋଇ ପଛରେ ଡାକିଲେ ଆଉ ଫେରେ ନାହିଁ । ସେଥିଲାଗି ପ୍ରତିଭାର ଆଳସ୍ୟ ଅକ୍ଷମଣୀୟ ।

ଯେତେବେଳେ ଇଚ୍ଛା ସେତେବେଳେ ଗଛରେ ଫୁଲ ଫୁଟେ ନାହିଁ କି ମନରେ ଭାବ ଫୁଟେ ନାହିଁ । ତାର ଋତୁ ଅଛି । କଳାର ସେହିପରି ଲଗ୍ନ ଅଛି । ସେ ଲଗ୍ନ ଠିକ୍ କରେ କଳାର ପାଞ୍ଜିକାର । ସେଥିରେ କବିର ହାତ ନାହିଁ । କବି ଇଚ୍ଛା କଲେ ଅଭ୍ୟାସ ଗୁଣରୁ ପାଣ୍ଡିତ୍ୟ ବଳରୁ ପଦଯୋଡ଼ି ପଦ୍ୟ ରଚନା କରିପାରେ, କିନ୍ତୁ ସେ କବିତା ହେବ ନାହିଁ । କବିତ୍ୱ ପାଣ୍ଡିତ୍ୟ ବା ଅଭ୍ୟାସର କସରତ ନୁହେଁ । ବ୍ୟୁତ୍ପତ୍ତି ଓ ଅଭ୍ୟାସର ସ୍ଥାନ କାବ୍ୟରେ ଥିଲେ ହେଁ ଏହା ମୁଖ୍ୟତଃ ପ୍ରତିଭା ମୂଳକ । ପ୍ରତିଭା ଈଶ୍ୱରଦତ୍ତ ଶକ୍ତି । କବି ଭଗବାନଙ୍କ ସୃଷ୍ଟି ରହସ୍ୟ ପ୍ରକାଶରେ ସାହାଯ୍ୟ କରେ, ସେ ସୃଷ୍ଟି ସୌନ୍ଦର୍ଯ୍ୟର ରସିକ, ଗ୍ରାହକ ଓ ପ୍ରକାଶକ । ସେ ମନର ରସ ଦେଇ ଗଢ଼େ ଏକ ଭାବ ଜଗତ୍, ଯାହା ଭଗବତ୍ ସୃଷ୍ଟି ସଂସାରଠାରୁ ସୁନ୍ଦରତର । ସମାଜକୁ ଗଢ଼ିବା ବା ଭାଙ୍ଗିବା ଭାର କବି ବା ଲେଖକ ହାତରେ ।

Digitized by srujanika@gmail.com

ତାକୁ ଯେମିତି ଲୁଚେ, ସେ ସେମିତି ଗଢ଼େ । ଏଥିରେ ପାଗଳର ଖିଆଲ ଅପେକ୍ଷା ମଙ୍ଗଳର ଇଚ୍ଛା ଥାଏ ବେଶି ।

ଭଗବାନଙ୍କ ନିକଟରେ ଦ୍ୱିତୀୟ ସୃଷ୍ଟିକର୍ତ୍ତା ରୂପେ ବସିବାକୁ ଯୋଗ୍ୟତମ ବ୍ୟକ୍ତି କବି, ଶିଳ୍ପୀ ବା ସ୍ରଷ୍ଟା । ସେ ସୁନ୍ଦରକୁ ସୁନ୍ଦରତର କରେ, ବିଶ୍ୱ ମାନବ ଓ ପ୍ରକୃତି ମଧ୍ୟରେ ଏକାତ୍ମତା ସ୍ଥାପନ କରେ । ଦୁଃଖ, ଶୋକ, ଲୁହ, ଲହୁକୁ ମନ୍ତ୍ରରେ ପରିଣତ କରି ଦୁନିଆ ଆଗରେ ବାଢ଼େ ।

ବିଜ୍ଞାନ ବହୁ ରାସାୟନିକ ପଦାର୍ଥ ସୃଷ୍ଟି କଲେ ବି କାରଖାନାରୁ ସାହିତ୍ୟ ଉତ୍ପାଦନ କରି ପାରି ନାହିଁ । ଏହା ରାସାୟନିକ ଶକ୍ତିର ବାହାରେ । କବି କଳର ସୃଷ୍ଟି ନୁହେଁ, କଳାର । ଘାସ, କୁଣ୍ଡା କୁଟୁଚ ଖାଇ ଗାଈ ଦୁଧ ଦିଏ । କିନ୍ତୁ ସେ ସବୁ ବାଛି କୁଟି ବିଜ୍ଞାନ ଦୁଧ ବାହାର କରି ପାରେ ନାହିଁ । ସେହିପରି କବିତାର ମୂଳରେ କେଉଁ ଅନନ୍ତ ଶକ୍ତିର ଯୋଗାଯୋଗ ଅଛି । କବି ସେହି ମହା ଆଲୋକର ଅପେକ୍ଷା ରଖେ । ରବୀନ୍ଦ୍ରନାଥ ସେଥିଲାଗି ଲେଖିଛନ୍ତି ।

"ସମ୍ପାଦକେର ତାଗିଦ୍ ଆମି ପାଇଲେ
ଅନ୍ତରେତେ ତାଗିଦ୍ ଆମାର ନେଇରେ ।"

ଅନ୍ତରର ତାଗିଦ ଯେତେବେଳେ ଆସେ, ସେତେବେଳେ କବିତା ଝରେ । ଏହା ଯେପରି କି ଶ୍ରାବଣ ମେଘର ବର୍ଷା ଉନ୍ମାଦନା, ଗିରିକନ୍ଦରସ୍ଥ ଝରଣାର ପ୍ରବାହ ଉତ୍ତେଜନା, ଅରୁଣର ଉଦୟ ପ୍ରେରଣା ।

ସୃଷ୍ଟିର ଆନନ୍ଦ ଲେଖକର ସବୁଠାରୁ ବଡ଼ ଲାଭ । ଦୁଃଖ ବିପଦ ମଧ୍ୟରେ ଏଇ ଆନନ୍ଦ ବୃଦ୍ଧ କବିକି ବାଳକ ପରି ସରସ ରଖିଥାଏ । ସେ ବୁଝେ, ତାର ଆତ୍ମତ୍ୟାଗ ମହତ୍ତ୍ୱର ଲକ୍ଷ୍ୟରେ ଉଦ୍ଦିଷ୍ଟ । ସେ ଅଶିକ୍ଷିତ ଜନତାର ମନର ଅନ୍ଧାର ଗହ୍ୱରରେ ଆଲୋକ ଜାଳିବ । ସେଥିଲାଗି ସେ ସାଂସାରିକ ଦୁଃଖ ଶୋକକୁ ଭ୍ରୂକ୍ଷେପ କରେ ନାହିଁ, ଅନ୍ନ ସଂସ୍ଥାନରେ ଅପୁଷ୍ଟ ହୁଏ । ସଂସାର କହେ କବି ପାଗଳ । ତାର ଦୃଷ୍ଟି ଅନ୍ତର୍ମୁଖୀ, ହୃଦୟ ସୌନ୍ଦର୍ଯ୍ୟ ଲୋଲୁପ । ତେଣୁ ବାହାର ଦୃଷ୍ଟିରେ ସେ ହେୟ ହେଲେ ବି ପାଏ ଜାତି ଅନ୍ତରର ସର୍ବଶ୍ରେଷ୍ଠ ଅର୍ଘ୍ୟ । କବିର ଏଇ ବାହ୍ୟିକ ଦୂରବସ୍ଥା ଦେଖି କୁହାଯାଏ—

"ଶୁଷ୍କ ବନ୍ଧ୍ୟ ଯଶ ସଙ୍ଗେ ଅର୍ଦ୍ଧାଶନ
ପ୍ରତିଭାର ପଦ୍ମ ଲଲାଟ ଲେଖନ ।"

ଏଇ ଆନନ୍ଦ ମଧ୍ୟରେ ସାହିତ୍ୟ ରଚନାର ଅସଲ କାହିଁକି ଆମେ ଖୋଜି-ପାଉଁ । ଯେଉଁ ଆନନ୍ଦ ମୁହିଁଜ ପାଇଁ କବି ରାତି ରାତି ଜାଗର କାଟେ । ଏଇ

Digitized by srujanika@gmail.com

ଆନନ୍ଦରେ ତାର ପରମ ଶାନ୍ତି, ଏଇ ଆନନ୍ଦର ଝଙ୍କାରରେ ସେ ତାର ଶେଷ ନିଃଶ୍ୱାସ ତ୍ୟାଗ କରେ । ଋଷି ବ୍ରହ୍ମଦର୍ଶନରେ ଯେଉଁ ଆନନ୍ଦ ପାଏ, ଏ ସେହି ଆନନ୍ଦ । ସେଥିଲାଗି କୁହାଯାଏ, ରସୋ ବୈସ, ବ୍ରହ୍ମାନନ୍ଦ ସହୋଦର । କବିର ଧର୍ମ ଆନନ୍ଦର ଧର୍ମ । କବିର ଦର୍ଶନ ଆନନ୍ଦ ଦର୍ଶନ । ଏଇ ସୁନ୍ଦର ମଧ୍ୟରେ, ଆନନ୍ଦ ମଧ୍ୟରେ କବି ତାର ଭଗବାନର ଦର୍ଶନ ପାଏ । ତାର ସାଧନା କାୟସାଧନା ନୁହେଁ, ରୂପର ସାଧନା; ଧ୍ୟାନ ଦୃଷ୍ଟିରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳର ସମସ୍ତ ସୌନ୍ଦର୍ଯ୍ୟ ସେ ଅନ୍ତରରେ ଠୁଳ କରେ, ରସାତ୍ମକ ଭାବରେ ପ୍ରକାଶ କରେ । ତାର ହୃଦୟ ସାରା ଜଗତର ଦର୍ପଣ, ସେ ସମଗ୍ର ମାନବ ଜାତିର ପ୍ରତିନିଧି । ଦୁନିଆର ସ୍ନେହ ପ୍ରେମ, ସୁଖ ଦୁଃଖ, ଆଶାନୈରାଶ୍ୟ ସେ ନିଜର କରେ, ନିଜର କରି ସମସ୍ତଙ୍କୁ ବିତରଣ କରେ । ତାର କବିତା ଏକ ଅଦ୍ଭୁତ ବ୍ୟୋମଯାନ ଭଳି ଆଗକୁ ଟାଣିନିଏ କ୍ଷୁଦ୍ରରୁ ବିରାଟକୁ, ରୂପରୁ ଅରୂପକୁ । ପୀଡ଼ିତ ଲାଗି ଜାଗ୍ରତ କରେ ଆମ ଅନ୍ତରର ସହାନୁଭୂତି, ଦୁର୍ବଳକୁ ଦିଏ ନୈତିକ ସାହସ, ଅତ୍ୟାଚାରିତକୁ ଦିଏ ଅସ୍ତ୍ର, ପାଷାଣକୁ ଦିଏ ମନୁଷ୍ୟତ୍ୱ, ମନୁଷ୍ୟକୁ ଦିଏ ଦେବତ୍ୱ ।

ଧର୍ମ ଅର୍ଥ କାମ ମୋକ୍ଷ କାବ୍ୟ ରଚନାର ଲକ୍ଷ୍ୟ ବୋଲି ଆଲଙ୍କାରିକମାନେ ସ୍ଥିର କରିଛନ୍ତି । କିନ୍ତୁ ଯଥାର୍ଥରେ ସୃଜନାନନ୍ଦ ହେଉଛି ମୁଖ୍ୟ ଲକ୍ଷ୍ୟ ।

କବି ଖାଲି କବି ନୁହେଁ, ସଂସାରୀ ମଧ୍ୟ । ପେଟ ପାଟଣା ପାଇଁ ସାଧାରଣ ଲୋକ ପରି ସେ ଅର୍ଥ ଚାହେଁ । କିନ୍ତୁ ସେ ରୋଜଗାର ଲକ୍ଷ୍ୟରେ ଲେଖେ ନାହିଁ । ବ୍ୟବସାୟ ବୁଦ୍ଧି ମନରେ ପଶିଲେ, ଲେଖା ମଧ୍ୟ ନିମ୍ନ ସ୍ତରର ହୁଏ ।

ମମ୍ମଟ କହିଛନ୍ତି "କାବ୍ୟଂ ଯଶସେ ଅର୍ଥକୃତେ ବ୍ୟବହାରବିଦେ ଶିବେତର କ୍ଷତୟେ ।" କବିର ଯଶ ପିପାସା ଅଛି, ଯାବଚ୍ଚନ୍ଦ୍ରାର୍କେ ତାର ନାମ ଶତ ସହସ୍ର ମୁଖରେ ବର୍ଣ୍ଣିତ ହେଉ, ଏହା ସେ ଚାହେଁ । ତାର କାମନା ମୃତ୍ୟୁହୀନ ପ୍ରାଣ, ଅମୃତତ୍ୱ । କିନ୍ତୁ କେବଳ ଯଶଲାଗି ସେ ଲେଖେ ନାହିଁ । ଯଶ ବାହାର ଜିନିଷ, କବିତାର ଜନ୍ମ ହୃଦୟର ରସ ଉତ୍ସରୁ । ମହାକବି କେବଳ ଯଶପ୍ରାର୍ଥୀ ହୋଇ ନିନ୍ଦିତ ହୁଏ ।

ଆଜକୁ ୧୫ ବର୍ଷ ତଳର କଥା, ମନେ ପଡ଼େ ଧୂସର ଅତୀତର ସେ ଜ୍ୟୋତିର୍ମୟ ମୁହୂର୍ତ୍ତିଟି, ଯେତେବେଳେ ମୁଁ ପହିଲି କବିତା ଲେଖିଥିଲି । ସେତେବେଳେ ମନେ କରି ନଥିଲି ଯେ ଏଇ ମୁହୂର୍ତ୍ତିଟି ମୋର ସାରା ଜୀବନକୁ ଆଚ୍ଛନ୍ନ କରି ରଖିବ । ଏଇ ମୋତେ ଶୁଣାଇବ ଦୂର ପଥର ଆହ୍ୱାନ ରୂପକୁମାରୀର

Digitized by srujanika@gmail.com

ଉଡ଼ନ୍ତୁ ଶିଖା ପଛରେ ଦଉଡ଼ାଇ ନେବ ମୋର ମନକୁ । 'ଆଜି ଅର୍ଦ୍ଧ ଆକାଶ ଓ ଅର୍ଦ୍ଧ ପୃଥିବୀ ମଧ୍ୟରେ ଅବସ୍ଥିତ ହୋଇ ପଚାରୁଛୁ "ଆଉ କେତଦୂର ନେଇଯିବେ ମୋର ସୁନ୍ଦରୀ"? ମାନସୀ କଟାକ୍ଷ ଇଙ୍ଗିତରେ ଉତ୍ତର ଦେଉଛି, ଅବସାଦ କାହିଁକି କବି ? ଅନନ୍ତ କାଳଲାଗି ଅନନ୍ତ ପଥରେ ଯେ ତୁମର ଗତି । କେତେ ପ୍ରକାଶ କରି ଶେଷ କରି ପାରି ନାହାନ୍ତି । ଆତୁର ଅଛି ତୁମର ଅପେକ୍ଷା ଏବଂ ତୁମ ପଛରେ ଶତ ସହସ୍ର ଅନାଗତର ଅପେକ୍ଷା ।

ପ୍ରଥମ କବିତା ରଚନା ବେଳେ ମୋ ମନରେ କେଉଁସି ଭାବର ଉଦ୍‌ବେଗ ଆସିଥିଲା ପରି ମନେ ପଡ଼ୁନାହିଁ । ଉପର ପଦ ସଙ୍ଗେ ତଳ ପଦ କିପରି ମିଳୁଛି ଏଇ କୌଶଳ ଜାଣିବାର ଏହା ଏକ କୌତୂହଳ । କବାଟ କିଳି ଖାତା ପେନ୍‌ସିଲ୍ ଧରି ବସି ପଡ଼ିଲି । ଭାବର ବାହାରି ଆସିବାକୁ ଲଜ୍ଜା, ତାକୁ ଅଭ୍ୟର୍ଥନା କରି ନେବାକୁ ଭାଷାର ବି ସଙ୍କୋଚ । ଆଶା ନିରାଶାର ଉତ୍ଥାନ ପତନ ମଧ୍ୟରେ ମନର ଆତ୍ମ-ଜିଜ୍ଞାସା । ଏହା ମୋ ଦ୍ୱାରା ହେବ ନାହିଁ ଯେତେବେଳେ ଭାବେଁ, ଭାବ ଆତ୍ମଗୋପନ କରେ, ଯେତେବେଳେ ଭାବେଁ, କେତେ କବି ତ ଏହିପରି ଲେଖୁଛନ୍ତି, ମୁଁ ଲେଖି ନ ପାରିବି କାହିଁକି ? ସେତେବେଳେ ଭାବର ପଦଧ୍ୱନି ମନ ଭିତରେ ଶୁଣେ । ଲେଖନୀ ପର୍ଯ୍ୟନ୍ତ ଧୀରେ ଧୀରେ ଆସି ସେ ପୁଣି ଫେରିଯାଏ । ଅପରିଚିତକୁ ଆତ୍ମ-ପରିଚୟ ଦେବାର ସଙ୍କୋଚ ଏ ।

କିଛି କାଳ କାଗଜ ବରବାଦ୍ ହେବାପରେ ଗୋଟିଏ ପଦ ଅଜାଣତରେ କିପରି ଲେଖି ହୋଇଗଲା । ଲେଖିସାରି ବିଶ୍ୱାସ ହେଲା ନାହିଁ ଯେ ମୁଁ ଲେଖିଛି । ମୁଁ ପ୍ଲାଞ୍ଚେଟ୍‌ରେ ହାତ ଦେଇଛି ମାତ୍ର । କେଉଁ ବୃହତ୍ତର ବ୍ୟକ୍ତିତ୍ୱ ମୋ ହାତଟି ଧରି ସେତକ ଲେଖାଇ ଦେଲା । ଏ ଜଣାଶୁଣା ମୁଁ ଭିତରେ ଏମିତି ଗୋଟିଏ ଅଦ୍ଭୁତ 'ମୁଁ' ଥିଲା ବୋଲି ଜାଣିନଥିଲି ।

ପଦଟି ଲେଖିସାରିବା ପରେ ହୃଦୟରେ ଆନନ୍ଦ ସମ୍ଭେଇଲା ନାହିଁ । ସତେ କି ଧାଇଁ ଭାଙ୍ଗି ବୋହିଯିବ ସେ ବନ୍ୟାପରି । ଆଜି ମୋର ନୂତନ ପରିଚୟ, ଫୁଲ ଫୁଟିଲେ ଗଛ ନିଜର ସେଉଁ ପରିଚୟ ଦିଏ, ଏ ସେହି ପରିଚୟ, ଆଜି ମୋର ଜନ୍ମ-ଦିନ, କିରଣ ପ୍ରବାହରେ ବାଳସୂର୍ଯ୍ୟର ଜନ୍ମୋତ୍ସବ ପରି । ନିଜକୁ ନୂଆଭାବରେ ମୁଁ ଆବିଷ୍କାର କଲି । ମନ ସମୁଦ୍ର ଭିତରେ ନୂତନ ଆମେରିକାର ଆବିଷ୍କାର ଏ । କାଲି ଥିଲି ଜଣେ ନଗଣ୍ୟ ଛାତ୍ର । ଆଜି ଆଶା ଆଲୋକରେ ଉଜ୍ଜ୍ୱଳ ଜଣେ କବି ।

ସେତେବେଳେ ରାଧାନାଥ, ମଧୁସୂଦନଙ୍କୁ ଜାଣିଥିଲି ପୃଥିବୀର ସର୍ବଶ୍ରେଷ୍ଠ କବି ବୋଲି । ମାଟ୍ରିକ୍ ଶ୍ରେଣୀର ଜଣେ ସହକବି ମୋତେ ରାଧାନାଥ ଆସନରେ ଏବଂ

Digitized by srujanika@gmail.com

ନିଜକୁ ମଧୁସୂଦନ ଆସନରେ ବସାଇ ଦେଉଥାଏ । କୂପମଣ୍ଡୂକ ପରି ମନେ ମନେ ଫୁଲୁଥାଉ । ସେତେବେଳେ ପତ୍ରୁଆ ପୋଖରୀ ଫୁଲପଟ ଯାହା ଆଖିରେ ପଡୁଥାଏ, ଗଧାନାଥୀ ଗ୍ରନ୍ଥରେ ବର୍ଣ୍ଣନା କରୁଥାଏ । ଆଇ. ଏ ପାସ କରିବା ପର୍ଯ୍ୟନ୍ତ ମୁଁ ପାଠ୍ୟ ପୁସ୍ତକ ଛଡ଼ା ବିଶେଷ କିଛି ଇଂରେଜୀ ବା ଓଡ଼ିଆ ବହି ପଢ଼ିଥିଲି ବୋଲି ମନେ ହେଉନାହିଁ । ଦୁଃଖଦାରିଦ୍ର୍ୟ ସହିତ ଲାଗି ଥାଏ ଜୀବନର ସଂଗ୍ରାମ ।

ବି. ଏ ପଢ଼ିଲା ବେଳେ ବୋଧେ ୧୯୩୮ରେ 'କଏଦୀ' କବିତା 'ସହକାର'ରେ ଏବଂ 'ବେଙ୍ଗୁଲି ବାହାଘର' 'ଜହ୍ନମାମୁଁ'ରେ ପ୍ରକାଶିତ ହେଲା । ଏ ପର୍ଯ୍ୟନ୍ତ ନିଜକୁ କବି ବୋଲି ଜାଣିଥିଲି । ନିଜ କବିତା ନିଜେ ସ୍ୱର ଲମ୍ବାଇ ପଢ଼ି ଭାରି ଭଲ ହୋଇଛି ବୋଲି ଆତ୍ମପ୍ରସାଦ ଅନୁଭବ କରୁଥିଲି । ଆଜି ସମସ୍ତେ ମୋତେ ଜାଣିଲେ ଜଣେ କବି ବୋଲି । କେତେ ଲୋକ ମୋ କବିତା ପଢୁଥିବେ, ଭାବୁଥିବେ ଏ କୁନ୍ତଳକୁମାରୀ ଦାଶ କିଏ ? ମୋ ମନର ଭାବ ଆଜି କେତେ ମନରେ ପଶିଲା, କେତେ ବୁକୁରେ ଲୁଚକାଳି ଖେଳିଲା । ଏ ଦୁଇଟି ଲେଖା ଏବଂ ତା ଉପରେ ଛପା ମୋ ନାମ ମୁଁ ବାରମ୍ବାର ପଢ଼ିବାକୁ ଲାଗିଲି, ପାଣ୍ଡୁଲିପି ପଢ଼ିବାରେ ଏ ତୃପ୍ତି ନଥିଲା ।

ଏ ପ୍ରକାଶ ପରେ ମୋ ଉତ୍ସାହ ଉଚ୍ଛୁଳିଲା, ଲେଖନୀ ଦୌଡ଼ିଲା । ଦିନେ ନ ଲେଖିଲେ ତୃପ୍ତି ନାହିଁ । କେତେ ଅକାବ୍ୟ ଅକବିତା ଲେଖିଗଲି ତାର ଠିକ୍ ଠିକଣା ନାହିଁ । ବର୍ତ୍ତମାନ ସେ ସବୁ ପଢ଼ିଲେ ସେଇଆ ମନେ ହେଉଛି । ଆଧୁନିକ ଧାରାର ଅସଲ ଆତ୍ମା ମୁଁ ଧରିପାରି ନଥାଏ । ତାର କାରଣ ମୋର ଆଧୁନିକ ସାହିତ୍ୟରେ ଅଜ୍ଞତା ଓ ପ୍ରାଚୀନ ପକ୍ଷପାତିତା । ଲେଖା ବାହାରୁ ନ ବାହାରୁ ସମ୍ପାଦକଙ୍କ ଫାଇଲ ପୂର୍ଣ୍ଣ କରି ଦେଉଥାଏ, ବୋଧେ ବିରକ୍ତିରେ ସେ ମୋ ଲେଖା ପ୍ରକାଶ କରିଥିବେ । ଯଥାକ୍ରମେ 'ସହକାର,' 'ଜହ୍ନମାମୁଁ,' 'ଉତ୍କଳ ସାହିତ୍ୟ' ଓ 'ନବଭାରତ'ରେ ମୋ କବିତା ପ୍ରକାଶିତ ହେଲା । ସ୍ୱତଃ ସ୍ୱତଃ ହୋଇଗଲି ନାମଜାଦା, ଲବ୍ଧପ୍ରତିଷ୍ଠ ! ।

୧୯୪୨ ଅଗଷ୍ଟ ବିପ୍ଳବ ବେଳେ ମୁଁ ରାଞ୍ଚିରେ ଗୋଟିଏ ହୋଷ୍ଟେଲରେ ଥାଏଁ । ଦିନେ ସ୍ମରିଗଲି ସମସ୍ତ କାବ୍ୟ କବିତା । କେତେଦିନ ଯାଏ ନିଦ ହୋଇନି । ସେ ଯନ୍ତ୍ରଣା କୁହାନଯାଏ । ପ୍ରାଚୀନ ପନ୍ଥାରୁ ମୁକ୍ତ କରିବା ଲାଗି ଭଗବାନ ଏଇ କଲ୍ୟାଣମୟ ଶାସ୍ତି ଦେଲେ । ରାଞ୍ଚିପରି ସହରରେ ଗୁଆଗୁଣ୍ଡି ବଜାର ଦିବ୍ୟବହାରରେ ଲାଗିଥିବ ଏ ଖାତାଗୁଡ଼ିକ । ସେହିଦିନଠାରୁ ବହି ଛପାଇବା ଲାଗି ମନରେ ଜାଗିଲା ସଙ୍କଳ୍ପ । ମୋର ପ୍ରଥମ କବିତା ପୁସ୍ତକ 'ପ୍ରଭାତୀ' ତାଲଚେର୍

Digitized by srujanika@gmail.com

ସ୍ୱଜାଙ୍କ ଅର୍ଥାନୁକୂଲ୍ୟରେ ୧୯୪୪ରେ ପ୍ରକାଶିତ ହେଲା । ୧୯୪୫ରେ ପାଷାଣ ଚରଣେ ରକ୍ତ, ୧୯୪୬ରେ ଡୁଡ଼ୁମା, ୧୯୪୭ରେ କଲକଲ୍ଲୋଳ, ୧୯୪୮ରେ ବାଗ୍ରା, ୧୯୪୯ ରେ ଘରଣୀକା, ଏବଂ ବାରଣୀ, କଙ୍କାଳର ଲୁହ, ପଲ୍ଲୀପୁଷ୍ପ, ଏବଂ ୧୯୫୦ରେ ଲକ୍ଷ୍ମୀପାଣ୍ଡୀ ଓ ପଲ୍ଲୀସ୍ମରଣୀ ପ୍ରକାଶିତ ହୋଇଅଛି । ମୁଁ ଅଜସ୍ର ଶିଶୁକବିତା ଲେଖିଛି । ସେଥିରୁ କେତେକ 'ଖେଳସାଥୀ' ନାମରେ ପ୍ରକାଶିତ ହୋଇଅଛି ।

ମୋ କବିତାରେ ପ୍ରଧାନତଃ ଦୁଇଟି ଧାରା--ପ୍ରକୃତିଚିତ୍ରଣ, ଦେଶପ୍ରେମ । ମୁଁ ଓଡ଼ିଶାର ବିପର୍ଯ୍ୟୟରେ ମର୍ମାହତ ହୋଇ ଜାତୀୟ ବୀରମାନଙ୍କର ଗୌରବୋଜ୍ଜ୍ୱଳ ଚିତ୍ର ଦେଇଅଛି । ବାଗ୍ରା ଓ କଙ୍କାଳର ଲୁହରେ ମୁଁ ପ୍ରକୃତିକୁ ନୁହେଁ, ମଣିଷକୁ ବଡ଼ ସ୍ଥାନ ଦେଇଛି । "I shall not write a single line for Arts sake" ବର୍ଣ୍ଣାର୍ଡ଼ ଶଙ୍କ ଏହି ଉକ୍ତି ସହିତ ମୁଁ ଏକମତ । "Inspire the souls of the unfortunate and oppressed"—Gorkey. ବିଶ୍ୱ ସାହିତ୍ୟ ବର୍ତ୍ତମାନ ଏହି ଲକ୍ଷ୍ୟରେ ଧାବମାନ । ମୁଁ ଏହି ଆଦର୍ଶରେ ଅନୁପ୍ରାଣିତ ଉକ୍ତ ସାହିତ୍ୟିକମାନଙ୍କର ଜଣେ ନଗଣ୍ୟ ସହଯାତ୍ରୀ ।

ରଚନା ଆରମ୍ଭରୁ ମୁଁ କେବେ ଭାବି ନାହିଁ, କାହିଁକି ଲେଖୁଛି ବୋଲି । ଇଆର ଉତ୍ତର ଦେବା ଲାଗି କେତେ ଅସାର ପ୍ରଳାପ କରିଗଲି । ତଥାପି "ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ ।" ଏଥିକି ମୋର ଉତ୍ତର ହେଉଛି 'ମହାଜନଃ ଯେନ ଗତଃ ସ ପନ୍ଥା ।' ମୋ ପୂର୍ବରୁ ବଡ଼ ବଡ଼ କବି ଲେଖକ ଲେଖି ଯାଇଛନ୍ତି; ମୁଁ ସେମାନଙ୍କ ପନ୍ଥା ଅନୁସରଣ କରୁଅଛି ମାତ୍ର । ଭଗବାନ ମୋତେ ପ୍ରତିଭା ଦେଇଛନ୍ତି ତାଙ୍କୁ ମୋ କାର୍ଯ୍ୟର ହିସାବ ବୁଝେଇବାକୁ ହେବ । ଏହାର ବ୍ୟବହାର ନ କଲେ ପ୍ରଭୁ କ୍ଷମତା କାଢ଼ିନେବେ । ମୁଁ କେଡ଼େ ନିଃସ୍ୱ ହୋଇଯିବି ।

ଲେଖି ପଇସା ରୋଜଗାର କରିବାର ପରିକଳ୍ପନା କେବେ ମୋ ମନରେ ସ୍ଥାନ ପାଇ ନାହିଁ । ତା ହୋଇଥିଲେ ବହୁତ ଶସ୍ତା ସାହିତ୍ୟ ଲେଖି ଧନୀ ହୋଇଥାନ୍ତି । ସହଜ ଲୋକପ୍ରିୟତା ଲାଗି ମୁଁ ମୋ ନିଜତ୍ୱ ବଳି ଦେବାକୁ ଚାହେଁ ନାହିଁ । ମୁଁ ଦେଶଠାରୁ ଅର୍ଥ ବା ସମ୍ମାନ ଆଶା କରୁନାହିଁ । ସେ ସବୁ ଆପେ ଆପେ ଆସେ । କବି ଖୋଜିଲେ ପାଏ ନାହିଁ । ସମସ୍ତଙ୍କର ଜୀବନରେ ଏହାହିଁ ଘଟିଥିଲା । ଦେଶକୁ ଚହଲିଲେ ଦେଶ ଚହଲିବ ବୋଲି ମୋର ଦୃଢ଼ ବିଶ୍ୱାସ ।

ମୋ ପୁସ୍ତକର ବାର୍ଷିକ ଆୟରେ ଖଣ୍ଡେ ଦୁଇଖଣ୍ଡ ପୁସ୍ତକ ଅକ୍ଳେଶରେ ଛପି ପାରୁଛି । ମୁଁ ସେଥିରୁ ଏକ ପଇସା ବ୍ୟକ୍ତିଗତ ଖର୍ଚ୍ଚରେ ଲଗାଏ ନାହିଁ । ଲାଭ ଛଡ଼

Digitized by srujanika@gmail.com

ହିସାବ ବ୍ୟବସାୟର କଥା,ସାହିତ୍ୟର ନୁହେଁ । ସେ ସବୁ ଭାବିଲେ ନୈରାଶ୍ୟ ଆସିବ । ନୈରାଶ୍ୟ ଅଗ୍ରଗତିର ଶତ୍ରୁ । ସେହି ଭାବରେ ବୁଡ଼ି ବୁଡ଼ାଇ ମୋ ଦେଶର ସର୍ବନା କରିବାକୁ ଚାହେଁ ନାହିଁ । ମୃତ ଜନତାକୁ ଜାଗ୍ରତ କରିବା ଲାଗି ବର୍ତ୍ତମାନ ସାହିତ୍ୟିକ ସନ୍ନ୍ୟାସୀ ଦରକାର । ଶସ୍ତାଦପର ସାହିତ୍ୟିକ ସାହିତ୍ୟ ଲାଗି ଆତ୍ମବଳି ଦେବା ଆବଶ୍ୟକ ଆରାମଚୌକିରେ ବସି ସାହିତ୍ୟ ଲେଖିବା ଯୁଗ ଅତୀତ ହେଲାଣି । ବର୍ତ୍ତମାନ ଲେଣ୍ଡା ରୁଷୋ, ଗର୍କି,ସ ସେଇମାନଙ୍କ ଆଦର୍ଶରେ ଗଣଦେବତାକୁ ନବୀନ ବେଦ ମନ୍ତ୍ରରେ ଉଦ୍‌ବୁଦ୍ଧ କରିବା ଲାଗି ମୁଁ ଲେଖିବି । ଏହା ହିଁ ମୋର ସକଳ୍ପ ବସ୍ତୁ ନୁହେଁ । ମନୁଷ୍ୟ ଅହିଂସା ଓ ପ୍ରେମ ପଥରେ ଗତି କରୁ କରୁ କେତେ ଦୂରକୁ ଯିବ ତାର କଳ୍ପନା ଅସମ୍ଭବ । ଖାଲି ମଣିଷ ମଣିଷ ଭିତରେ ସଦଭାବ ସ୍ଥାପନ କରି ସମସ୍ତେ ସମସ୍ତଙ୍କ କର୍ତ୍ତବ୍ୟ କରିଗଲେ—ଆଉ ଶାସନର ଆବଶ୍ୟକତା ହେବନାହିଁ—ଏହାହିଁ ମନୁଷ୍ୟର ଚରମ ରାଜନୀତି କହିବା ସଙ୍କୀର୍ଣ୍ଣତା । ସମୟ ଆସିବ—ହୁଏତ ମନୁଷ୍ୟ ଇତର ଜୀବଙ୍କ ପ୍ରତି ମଧ୍ୟ ମନୁଷ୍ୟ ତୁଲ୍ୟ ପ୍ରୀତି ପ୍ରଦର୍ଶନ କରିବ—ଜଡ଼ ଜଗତର ସ୍ଥୂଳ ଅନୁଭୂତି ମଧ୍ୟ ମନୁଷ୍ୟ ଚିତ୍ତରେ ବିକଶିତ ହେବ । ଆଜି ବିଜ୍ଞାନ ଯୁଗରେ ଏ କଥାକୁ କପୋଳ କଳ୍ପିତ ବା fantacy କହିବାର ରୁଚି ନାହିଁ । ବିଜ୍ଞାନ ଖାଲି ସ୍ଥୂଳତଃ ସତ୍ୟ ପ୍ରମାଣ କରି ଯାଇଛି । ମଣିଷ ତାକୁ ସ୍ଥୂଳତଃ ସତ୍ୟ ମାନି ନେଉଛି । କିନ୍ତୁ ସେ ସତ୍ୟ ଉପଲବ୍ଧି ହେବାପାଇଁ ବିରାଟ ଓ କଠିନ ସାଧନାର ପଥ ମନୁଷ୍ୟକୁ ଏବେ ବି ଅତିକ୍ରମ କରିଯିବା ପାଇଁ ଅସୀମ ଅନନ୍ତ ପଥ ରହିଲା ପରି ଲାଗେ । □ □

Digitized by srujanika@gmail.com

ଗୋପିନାଥ ମହାନ୍ତି

●

ଗୋପିନାଥ ମହାନ୍ତି

ଜନ୍ମ—୨୦ ଏପ୍ରିଲ୍ ୧୯୧୪

ଜନ୍ମସ୍ଥାନ—ନାଗବାଲି, କଟକ

ପିତା—ସୂର୍ଯ୍ୟମଣି ମହାନ୍ତି

ମାତା—ଦୁର୍ଗାଦେବୀ ।

ରଚିତ ପୁସ୍ତକ –

ଉପନ୍ୟାସ—ପରଜା, ସପନମାଟି, ହରିଜନ, ଅମୃତର ସନ୍ତାନ, ଶିବ ଭାଇ, ଦୁଇପୁଅ, ଦାନାପାଣି, ମାଟିମଟାଳ, ଦାଦିବୁଢ଼ା, ଶରତବାବୁଙ୍କ ଗଳି, ଯୋଗାଜପାଲ, ରାହୁର ଛାୟା, ମନଗହିରର ଚାଷ, ଲୟବିଲୟ, ନବବଧୂ, ଅପହଞ୍ଚ, ରଣଧନ୍ଦୋଳ, ତନ୍ତିକାର ।

କ୍ଷୁଦ୍ରଗଳ୍ପ—ଘାସଫୁଲ, ଉଡ଼ନ୍ତା ଖଇ ।

କବିତା—କଇ ଲୋକଟି ନେଇଁ ପାନ୍ଲୁ ଆଦିବାସୀ, କନ୍ଧ ପରଜା ସଙ୍ଗୀତ ଶାସ୍ତ୍ର ।

ନାଟକ—ମୁକ୍ତ ପଥେ ।

ଆଲୋଚନା—କଳାଶକ୍ତି ।

ଜୀବନୀ—ଉତ୍କଳମଣି । □ □

Digitized by srujanika@gmail.com

ମୁଁ କାହିଁକି ଲେଖେ ?

ପହିଲି ଥର ଏ ପ୍ରଶ୍ନର ମୁହାଁମୁହିଁ ହୋଇ ମୁଁ ଭାବୁଛି--ସତରେ ତ ? କାହିଁକି ? ମଣିଷ କାମ ବା ଅକାମ କରି ଲାଗିଥାଏ । କାହିଁକି ବୋଲି ପଚାରିଲେ ବିସ୍ମୟରେ ଚାହେଁ । ସତେ ଯେପରି ଆବେଗ ଉଚ୍ଛ୍ୱାସରେ ସ୍ୱପ୍ନ ସମ୍ଭାର ଲଦି ବାହି ନେଉଥିବା ତା'ର ଶଗଡ଼ ଗାଡ଼ି ଓଲଟି ପଡ଼େ ଏହି ପଦେ କଥାରେ ଏବଂ ଅର୍ଜ୍ଜୁନ ପରି ବୀର ଧନୁ ଥୋଇଦେଇ ଚୁପ୍ ହୋଇ ବସିରହେ । ବୋକାପଣ ଭାଙ୍ଗେ କେବଳ ଭଗବାନଙ୍କ ଅମର ବାଣୀରେ ଯେ 'କାହିଁକି' ନ ଭାବି ନ ଅଟକି କାମ କରିଯାଅ, ନିୟତଂ କୁରୁ କର୍ମ ତ୍ୱଂ !

ଆଜି ମୁଁ ଭାବୁଛି --କାହିଁକି ଲେଖିବି ବୋଲି ଯଦି ଆଗ ମୀମାଂସା କରିସାରି ପଛେ ଲେଖିବାକୁ ବସିଥାନ୍ତି ବା ଲେଖି ଲେଖି ଭାବୁଥାନ୍ତି କାହିଁକି ଲେଖୁଛି— ହୋଇପାରେ ମୁଁ ହୋଇଥାନ୍ତି ଜଣେ ବଡ଼ ବିଶ୍ଳେଷକ ବା ଭାବୁକ; କିନ୍ତୁ କଲମ ଅଟକିଯାଆନ୍ତା ବୋଧହୁଏ । କାରଣ, ଏ କାହିଁକି ଏକ ମହାତୃଷ୍ଣା, ତା'ର ବିରାମ ନାହିଁ । ଯେତେ ଉତ୍ତର ଫେଣ୍ଟୁଥିଲେ ବି ଆହୁରି ରହିଯାଏ ବାକି, ମନରେ ପ୍ରଶ୍ନ ଚାଆଁରି ରଖି ଯୁଗକୁ ଯୁଗ ଖେଦିନିଏ ମାନବ ସଭ୍ୟତାକୁ ଆଗକୁ ଆଗକୁ । ପ୍ରଶ୍ନର ହାଉଁ ମେଲି ରହେ । ସୁତରାଂ କାହିଁକିର ଉତ୍ତର ଦେବା କଷ୍ଟ, ନିଜ ବିଷୟରେ ଆହୁରି କଷ୍ଟ ।

ମୂଳ ଓ ଡାଳରେ ହେତୁ ଖୋଜି ତତ୍ତ୍ୱକୁ ଧରି କାରଣ ଅନୁପାତରେ ଫଳ ମାପି ବସେ ବ୍ୟବସାୟୀ । ଦୁନିଆ—କହେ ଓଲି ଯେମିତି କୋଳି, ତେଲଉଣି ଯେମିତି ଚକୁଳି । କହେ ମତଲବ ଅଛି—ଛଅ ରିପୁରୁ ଗୋଟାଏ ବା ବେଶିକୁ ଚରିତାର୍ଥ କରିବାର ଅଭିସନ୍ଧିରୁ କର୍ମର ଯୋଜନା, ପୁଣି ଇନ୍ଦ୍ରିୟର ଅଭାବ ମେଣ୍ଟାଇବା ପାଇଁ । କିନ୍ତୁ କେତେକ କର୍ମ ଅଛି ଯାହାକୁ ଏ ମାପରେ ମାପିହୁଏ ନାହିଁ, ଯାହାର ପ୍ରକାଶର ହେତୁ ଏକ ପ୍ରକାର ଅତୀନ୍ଦ୍ରିୟ ଆକାଙ୍‌କ୍ଷାର ବେଗ । ସାହିତ୍ୟ ଏହି ଶ୍ରେଣୀର । ପ୍ରଥମେ ଦେଖାଯାଉ, ମନକୁ ଯାହା ସହଜରେ ଲାଗୁଥିବ । ଯେ ଲେଖକ ବୋଧହୁଏ ବହି ଲେଖେ ଲାଭପାଇଁ, ଯେପରି ମୂଲିଆ ମୂଲଲାଗେ ମୂଲ ପାଇଁ—ବ୍ୟବସାୟୀ ବ୍ୟବସାୟ କରେ ଲାଭ ପାଇଁ—କିନ୍ତୁ ବହି ଯେ ଲେଖେ ସେ ଜାଣେ ଏ ଦେଶରେ ଏ ଉଭୟ ଅସମ୍ଭବ । ବର୍ଷ ବର୍ଷ ବିତିଯାଏ, ବହି ଛପା ହୁଏନାହିଁ । ସରିଲେ କାଟତିର ପ୍ରଶ୍ନ, ଲଭ୍ୟାଂଶର ସମସ୍ୟା । ମା ଜନ୍ମଦିଏ, କର୍ମ ଦିଏ ନାହିଁ । ଲେଖକ ଲେଖିଜାଣେ, ଅର୍ଥନୈତିକ ବିଷୟ ତା'ର ଶକ୍ତିର ବାହାରେ । ଏ ପର୍ଯ୍ୟନ୍ତ ଏଠି ସାହିତ୍ୟ ସେବା କାହାରି ଜୀବିକା ବୃତ୍ତି ହୋଇ

Digitized by srujanika@gmail.com

ପାରନାହିଁ, ଜୀବିକା ବୃତ୍ତି ନିଶ୍ଚୟ ଆଉ ନାହିଁ । ଗଙ୍ଗାଧରଙ୍କର ଥିଲା ସ୍ୱୀକଣ୍ଠ ଓ ଲୁଗାବୁଣା । ଖଗେଶ୍ୱର ସେଠଙ୍କର ଅଛି ମୁଡ଼ିଭଜା, କାଠବିକା, ମାଛମରା, ବୃତ୍ତି ବିଭିନ୍ନ । ଆମେ ମୃତ ଆତ୍ମା ପାଇଁ ଜଳ ତର୍ପଣ କରୁ. ଗତି, ପୁଣି ମନ୍ଥର । ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଲାଭର ଆଶା ନାହିଁ ତଥାପି ଲେଖାର ଭୂତ ଝୁଣ୍ଟି ଖାଏ । ସ୍ୱଳ୍ପ ଅବସର ଦୃଷ୍ଟି ଶକ୍ତିଯାଏ, ସ୍ୱାସ୍ଥ୍ୟରେ ଘଟେ ଭଙ୍ଗା, ବୈଷୟିକ ଅବସ୍ଥାରେ ଘଟେ କ୍ଷତି ।

ତେବେ ମୁଁ ଲେଖେ କାହିଁକି ? ତା'ର ସହଜ ଉତ୍ତର,—କାରଣ ଲେଖା-* ମାଡ଼େ । ଏ ମୋ ମନର ସହଜ ସ୍ୱାଭାବିକ ପ୍ରକ୍ରିୟା ।

ଏହି ପ୍ରକ୍ରିୟାକୁ ଆଲୋଚନା ଦେଖିଲେ ପ୍ରଥମେ ଲାଗେ ମୁଁ ଲେଖେ, କାରଣ ମୁଁ ଭଲପାଏଁ । ମୁଁ ମୋର ଦେଖା ଅଦେଖା ଜଗତକୁ ଭଲପାଏଁ । ମଣିଷକୁ ଭଲପାଏ, ଜୀବନକୁ ଭଲପାଏ । ମାଟିଆରେ ପାଣି ପଶିଲା ପରେ ଗଦ୍‌ଗଦେଇ ଉଠେ ମୋ ଘଟରେ ମୋର ଭଲ ପାଇବା, ଉଚ୍ଛୁଳିପଡ଼େ ହୁଏ ମୋର ଲେଖା । ଏହି ଶବ୍ଦ ସମ୍ପର୍କ ଯୋଗୁଁ ଯେତେ ପ୍ରକାର ପ୍ରାଣର ଦାବି, ନିଜ ବାହାର ଲାଗି ମନକୁ କୋହ ଅଯାଚିତ । ପରର ସମସ୍ୟା, ପରର ଦୁଃଖ ନିଜର ହୋଇଥାଏ, ପୁଣି ବାହାରର ଆନନ୍ଦ ଉଲ୍ଲାସ ପଶେ ନିଜଠି; ଯେତେଥର ମୁଁ ଲେଖି ବସେ ସେତେଥର ମୋ ମନ ନିବେଦନାରେ ନିବିଡ଼ ସମ୍ବନ୍ଧ ବାନ୍ଧେ ଏହିମାନଙ୍କ ସହିତ—ଏହି ଦେଶ, ଯାହାର ପ୍ରତି ଧୂଳିକଣା ମୋ ପାଇଁ ସ୍ୱେଦର ସମ୍ଭାର । ଏହି ପ୍ରକୃତି-ଯାହା ମୋର ବ୍ୟକ୍ତିତ୍ୱର ଆଧାର, ଏହି ମଣିଷ, ସେ ଯେଉଁ ବର୍ଣ୍ଣରେ ଯେତେ ଦୂରରେ ଥାଉ ପଛେ ମୋଠି ତାଠିଁ ଏକା ରକ୍ତର ଧାର । ଏ ସମ୍ବନ୍ଧ ଅତି ଘନିଷ୍ଠ ମିଳନ କ୍ରିୟା, ତା'ର ଆନନ୍ଦ ଅନ୍ୟତ୍ର ନାହିଁ । ତେଣୁ ପରିସ୍ଥିତିର ଅନ୍ଧାରରେ ଜାଳି ରଖି ହୁଏ ଦୀପ ଶିଖା; ମିଳନରୁ ସୃଷ୍ଟି ଉପୁଜେ—ସବେ ନାହିଁ ହେତୁବାଦୀ ଦୁନିଆର ହାଟରେ ତା'ର ମୂଲ ତଉଲ କେତେ !

ଭାବର ଗର୍ଭାଧାନରୁ ସାହିତ୍ୟର ଉତ୍ପତ୍ତି । ଲେଖକ କେବଳ ତା'ର କ୍ଷେତ୍ର । ଆଖି ନିରେଖି ଦେଖୁଥାଏ । ମନ ବିଶ୍ଳେଷଣ ସଂଶ୍ଳେଷଣ କରି ଛନ୍ଦରେ ଗୁନ୍ଥୁଥାଏ, ହୃଦୟ ମଖାଉଥାଏ ରଙ୍ଗ, କଳ୍ପନା ପ୍ରବଣତା ଆବିଷ୍କାର କରି ଦେଉଥାଏ ପ୍ରାଣ, ଗତି, ହଜିଲା ଅତୀତରୁ ଦୂର ଭବିଷ୍ୟତକୁ ଖଞ୍ଜୁଥାଏ ପରିସର, ଏହି କ୍ରିୟା ଚାଲିଥାଏ ମନ ଗହ୍ୱରରେ, ବାହାରିବ ଅକ୍ଷରରେ ଜନ୍ମ ହେବାର ବହୁ ଦିନ ପୂର୍ବରୁ । ଦିନେ ସେ ସମ୍ପୂର୍ଣ୍ଣ ହୋଇ ହୁଏ ଭାବରୂପ, ବ୍ୟକ୍ତିତ୍ୱରେ ଭାବର

Digitized by srujanika@gmail.com

ଗର୍ଭାଧାନ ପ୍ରକାଶ ପାଇଁ ଚହଲ ପକାଏ। ଯେତେବେଳେ ଅକ୍ଷର ବସାଏ, ଭାବର ରୂପ ନିଜକୁ ପ୍ରକାଶ କରେ।

ଜ୍ଞାତ ମନରେ ବୋଧହୁଏ ଲେଖା ମୋତେ ଆନନ୍ଦ ଦିଏ ମୋ ନିଜର ସ୍ୱାଧୀନ ଦୃଷ୍ଟି ଓ ବିବେଚନାରେ ସବୁ କଥା ଦେଖି, ବୁଝି ଅର୍ଥ କରି ପ୍ରକାଶ କରିବାକୁ ସୁବିଧା ଦିଏ ବୋଲି। ଏ ଏକ ପ୍ରକାର ଆତ୍ମପ୍ରକାଶର ଆନନ୍ଦ ଏବଂ ସ୍ୱାଧୀନତାର ଆନନ୍ଦ ମିଶାମିଶି। ମନୁଷ୍ୟକୁ ନାନା ଦିଗରୁ ବୁଝି ବୁଝାଇବାକୁ ଚାହେଁ। ଗୋଟିଏ ସିଧା ଠିଆ ଦି ଗୋଡ଼ିଆ ଜନ୍ତୁ। ମୁଣ୍ଡ ଆକାଶରେ, ପାଦ ମାଟିରେ। ଦେବତା ଓ ଦାନବ ଏକା ଘଟରେ, କୋଷ୍ଠୀରେ ବୃହସ୍ପତି ଓ ଶୁକ୍ର ଉଭୟଙ୍କ ପ୍ରଭାବ, ଏକା ଦେହରେ ନାନା ବ୍ୟକ୍ତିତ୍ୱ। ପାଖରୁ ଦେଖେଁ—ସେ ବିରାଟ—ତା'ର ମନହିଁ ଗୋଟେ ପୃଥିବୀ। ଅସଂଖ୍ୟ ତାରକାଗଣ ସତ୍ତ୍ୱର ସବୁ ଷିଅ। ଦୂରରୁ ଦେଖେ ଆକାଶ ପର୍ବତ ତୁଳନାରେ ସ୍ଥଳ ଓ କାଳର ବିସ୍ତୃତିରୁ ସେ କେବଳ ମୁହୂର୍ତ୍ତର କିରଣରେ ଉଡ଼ନ୍ତା ରଙ୍ଗ ଧୂଳି। କିରଣ ଧାରରୁ ସେ ପାଖକୁ ଗଲେ ସେ ଅଦୃଶ୍ୟ। ଏକ ପକ୍ଷରେ ଦେଖେ ସ୍ରଷ୍ଟା ମନୁଷ୍ୟଙ୍କୁ। ସଭ୍ୟତାର କାରିଗର,—ଭାବର ରାଜା-ଆରପାଖେ ଦେଖେ ତା'ର ବିଫଳତାର ବେଙ୍ଗ-ଫୁଲ ପାଖୁଡ଼ାକୁ ସରି ନୁହେଁ ଜୀବନ ବ୍ୟାପୀ କାର୍ଯ୍ୟ ପ୍ରଚେଷ୍ଟା। ଆପଣା ହାତରେ ରୋପିଲା ଗଛର ଆୟୁଷକୁ ସରି ନୁହେଁ ଆପଣା ଆୟୁଃ କାଳ। ସେହି ମନୁଷ୍ୟକୁ ଦେଖେ ତା'ର ଦଳରେ, ସହିତରୁ ପାଏ ସେ ନୂଆ ବଳ, ନୂଆ ସୌନ୍ଦର୍ଯ୍ୟ, ଇତିହାସ ଗଢ଼େ। ପରିବେଷ୍ଟନୀର ପ୍ରଭାବରେ ତା'ର ରୂପାନ୍ତର ଦେଖେ। ସଂସ୍କାରର ରୂପକୁ ଏଡ଼ି ଦେଖେ ତାର ଭାବରେ ରୂପାନ୍ତରିତ ପ୍ରକାଶ। ପ୍ରତ୍ୟେକ ଅବସ୍ଥାରେ ଦେଖେ ତା'ର ପ୍ରାଣ ପ୍ରାଚୁର୍ଯ୍ୟ, ବଞ୍ଚିବାର ଆନନ୍ଦ। ତାର ଅପରାଜେୟ ଚରିତ୍ରର ନିଷ୍ଠା ଦେଖେ। ଦେଖେ ସେ ଅନ୍ଧାରରୁ ଆଲୋକକୁ ଯାଉଛି। ଦୁଃଖର ସମୁଦ୍ର ମନ୍ଥି ପାଉଛି ଆନନ୍ଦର ଅମୃତ, ଏତେ ଦିଗରୁ ଦେଖି ଆଙ୍କିବାକୁ ସୁଯୋଗ ଦିଏ ଲେଖା, ଭବିଷ୍ୟତକୁ ତାର ଗୋଟାଏ ମହାନ ଉଦ୍ଦେଶ୍ୟ ଅଛି— ଯେ ମଣିଷ ନିଜକୁ ବୁଝିବ, ପରସ୍ପରକୁ ବୁଝିବ ତେବେ ସେ ଆଉ ରାଗି ପାରିବ ନାହିଁ, ଦୋଷ ଦେବ ନାହିଁ, ହିଂସା କରିବ ନାହିଁ, ଲେଖା ସେହି ଅସଂଖ୍ୟ ମାନବ ହୃଦୟକୁ ଯୋଖିବା ପାଇଁ ସେତୁବନ୍ଧ, ଏବଂ ସେହି ସେତୁବନ୍ଧ ଗଢ଼ିବା ପାଇଁ ଲେଖକ ବି ଜଣେ ସାନ ଗୁଣ୍ଡୁଚି ମୂଷା, ବାଲିବୁହାଳି। ପୁଣି ଲେଖିଲେ ମିଳେ ଆବିଷ୍କାର କରିବାର ଗଭୀର ଆନନ୍ଦ। ଆବିଷ୍କାର କ୍ଷୁଧା ତୃଷ୍ଣା ବୋଲି ମାଡ଼ିଯାଏ ଗୋଟାଏ କୁତୂହଳ ନିଶାରେ—ଅଦମ କେଉଁ ଆଶ୍ଚର୍ଯ୍ୟକର ଗୁଣର ତାଡ଼ନାରେ ଦୂରକୁ, ଦୂରକୁ। କିଏ ଖୋଜେ ନଦୀର ଗୁପ୍ତ ଜନ୍ମ ଗହ୍ୱର, କିଏ ଚଢ଼େ ପର୍ବତ, କିଏ ବୁଲେ ଦେଶ, କିଏ ଅବା ରାଜପୁତ୍ର

Digitized by srujanika@gmail.com

ସଂସାର ଗ୍ରୁଡ଼ ଧାଇଁ ପଳାଏ ମଣିଷ ଦୁଃଖର ହେତୁ ଆବିଷ୍କାର କରିବାକୁ । ଲେଖକ କଳାର ସନ୍ଧାନୀ ସେ ଆବିଷ୍କାର କରେ ମନର ପ୍ରତିକ୍ରିୟା, ପ୍ରକୃତର ହେତୁ । ସାଧାରଣରେ ଅସାଧାରଣ ଦେଖେ, ଗୋଡ଼ଦଳା ଘାସରେ ପାଏ କବିତା । ରାସ୍ତାରେ ଭିକାରି ଗ୍ରୁଲିଛି, କେହି ତାହା ଆଡ଼କୁ ଦୁଇଥର ଗ୍ରହେଁ ନାହିଁ । କିନ୍ତୁ ଲେଖକ ସେଠି ଦୃଷ୍ଟି ଖଞ୍ଜେ, କଲମର ମୁନ ତାକୁ ଆବିଷ୍କାର କରେ । କିଏ ସେ ? କ'ଣ ତାର ଉପାଦାନ ? ଅତୀତର କି କି କାରଣ ସମଷ୍ଟିର ଫଳ ? ଭବିଷ୍ୟତକୁ କିଣ ତାର ପ୍ରବଣତା ? ବିଭିନ୍ନ ସମ୍ବନ୍ଧରେ କିପରି ତା'ର ବ୍ୟକ୍ତିତ୍ୱର ପ୍ରକାଶ ? ଲେଖାର ପାନ୍ଥ ପାନ୍ଥୀ କି କାଗଜର ପୃଷ୍ଠାରେ ଆସି ଠିଆ ହୁଅନ୍ତି । ମେଲି ଦିଅନ୍ତି ତାଙ୍କର ସମସ୍ୟା, ତାଙ୍କର ଜୀବନର ଖେଳ ନିତ ଦେଖା ଉପାଦାନକୁ ଆବିଷ୍କାର କରି ମିଳେ ସାହିତ୍ୟର ବିଷୟବସ୍ତୁ, ଦୃଷ୍ଟି ଦିବ୍ୟଦୃଷ୍ଟି ହୁଏ ।

ତାପରେ—ଲେଖି ବସିଲେ ସର୍ଜନର ଆନନ୍ଦ । ଧାତା ଗଢ଼ିଲି ଗଢ଼ୁଛି ଏ ବିଶ୍ୱକୁ । ତାର ମନୁଷ୍ୟର ଅନୁଭୂତ ଥିଲେ, ଅବଶ୍ୟ ସେ ଆନନ୍ଦ ପାଉଥିବ, କାରଣ ସର୍ଜନରେ ଗଭୀର ଆନନ୍ଦ । ଏହା ମନୁଷ୍ୟ ଚରିତ୍ରର ଆଦିମ ବିଶିଷ୍ଟତା । "ଇମେ ମୋ ମାନସ-ପୁତ୍ରାଃ ।" ଏହି ଏତେ ପ୍ରକାର, ସବୁ ମୋର ସବୁ ମୋର । ମୁଁ ଗଢ଼ିଛି ମୋର ଖଣ୍ଡ ଖଣ୍ଡ ବ୍ୟକ୍ତିତ୍ୱ ଏମାନେ, ତାଙ୍କର ଗଢ଼େଇରେ ନାହିଁ କେବଳ ମୋର ରକ୍ତ ମାଂସ । ଆହୁରି ଅଧିକ । ମୋର ଆଘାତ ସବୁ ବାଣ୍ଟି ଦେଇଛି ମୁଁ ଏମାନଙ୍କୁ । ସବୁ ଲୁହ ଲହୁ ଦୀର୍ଘଶ୍ୱାସ, ସବୁ ଆଶା, ସବୁ ସ୍ୱପ୍ନ, ମୋର ବାଣୀ, ମୋର ନିର୍ଦ୍ଦେଶ, ଏମାନେ ମୋର ମନ, ଗଭୀରର ମୁହୂର୍ତ୍ତ ମୁହୂର୍ତ୍ତିକର ଶସ୍ୟ-ସମ୍ଭାର । ଏମାନେ ମୋର ଇତିହାସ; ଜୀବନ ବିନ୍ଦୁ ମାନସପୁତ୍ର ଗଢ଼ିଛି, ମୁଁ ଗଲେବି ଏମାନେ ରହିବେ । ଏ ସର୍ଜନର ନାହିଁ ପରିବେଷ୍ଟନୀର ସସୀମ ବନ୍ଧନ ନାହିଁ ଅତୀତ ଓ ଭବିଷ୍ୟତର ବ୍ୟବଚ୍ଛେଦ । ଏହି ସୃଷ୍ଟି ଖେଳରେ ପ୍ରକାଶ କରେ ଯାହା ମୁଁ ବୁଝେ ସତ୍ୟବୋଲି, ଯାହା ମୁଁ ଭାବେ ଅର୍ଥ କି ଉଦ୍ଦେଶ୍ୟ । ଉତ୍ତନକୁ ଲୋକେ ନିଶ୍ରେଲାରେ ଘର ସଂସାର କରିବାକୁ କାନ୍ଥ ଦିଅନ୍ତି, ଗ୍ରୁତ ଦିଅନ୍ତି, ଓହଳାନ୍ତି ପର୍ଦା—ଗୁନ ଗୁନ କଥା କହନ୍ତି, ଅନ୍ଧାର କରନ୍ତି—ଚତୁର ଲେଖକର ବୃତ୍ତି ଘୋଷାରି ନିଏ ତାକୁ ଦୁନିଆର ଦାଣ୍ଡ ମଝିକୁ, ଓଲଟ ପକାଏ, ତାର ସବୁ ଜଣା ଶୁଣା, କେବଳ ଏ ଏକ ଅଗ୍ନି ପରୀକ୍ଷା—ଆଗ ଲେଖକର ପ୍ରକୃତ ଚରିତ୍ରର ପରେ ତାର ଲେଖାର ସାହିତ୍ୟିକ ମୂଲ୍ୟର । ପରୀକ୍ଷାର ଦା[illegible] ମଣିଷକୁ ସଜାଗ ରଖେ । ଚେତନ ମନର ସାଧନାଦ୍ୱାରା ଲେଖକ ବାଧ ହୁଏ ନିଭୃତ ମନର ଉତ୍କର୍ଷ ବଢ଼ାଇବାକୁ ।

କିଏ ଏଥିରେ କେତେ ଦୂର ସମର୍ଥ ହୋଇଛି ତା କହିବ ଭବିଷ୍ୟତ । କିନ୍ତୁ ଏ କଥା ଦୃଢ଼ ସ୍ୱରରେ କୁହାଯାଇପାରେ ଯେ ପୃଥିବୀରେ ଉତ୍କୃଷ୍ଟ ଲେଖକ ବୋଲି

Digitized by srujanika@gmail.com

ଯେଉଁମାନେ ଅମର ହୋଇଛନ୍ତି ସବୁ ଦେଶରେ ସେମାନେ ଥିଲେ ଋଷି, ସିଦ୍ଧ, ପବିତ୍ର ସାଧକ । ସେମାନେ ଗାନ୍ଧୀ, ବ୍ୟାସଦେବ, ବାଲ୍ମୀକି, ଜଗନ୍ନାଥ ଦାସ, ସାରଳା ଦାସ ଦଳ । ଚରିତ୍ରରେ ହୀନବଳ ଲେଖକର ଲେଖାର ନାଁ ସନ୍ଦେହରେ ଟଳଟଳ ହାଲହାଲ, ସସ୍ତା ଶ୍ରେଣୀର କାମନାର ଉତ୍ତେଜନା ପରି କ୍ଷଣସ୍ଥାୟୀ ସେ, ଭଙ୍ଗୁର ସୁବିଧାବାଦ ।

ଏଇଠି ଦେଖୁଁ କିପରି ସ୍ତରରେ ସାହିତ୍ୟ ଉପରେ ଜୀବନର ପ୍ରଭାବ ଜୀବନ ଉପରେ ସାହିତ୍ୟର ପ୍ରଭାବ ହୋଇ ଓଲଟି ପଡ଼େ ପ୍ରତି ଜୀବନରେ । ପ୍ରଥମେ ଆଦର୍ଶବାଦ ଓ ଅଗ୍ନିପରୀକ୍ଷାର ଉଲ୍ଲାସ ବା ଖ୍ୟାତିରେ ଜୀବନର କ୍ରମ ଉପରେ ପ୍ରଭାବ ବା ଚାପଟ୍ ସିଧା ସିଧା । କିନ୍ତୁ କେବଳ କଣ ଏତିକି । ଏତିକି ନୁହେଁ, ସାହିତ୍ୟ ବାଟେ ନିଭୃତ ମନର ଯେଉଁ ପ୍ରକାଶ ତହିଁରେ ମନ ନିର୍ମଳ ହୁଏ । ନିଭୃତ ମନର ଯେଉଁ ଅନେଷ୍ଟା ଆଶା ଆକାଙ୍‌କ୍ଷା, ଯେତେ ଇଚ୍ଛା, ଯାହାସବୁ ଜ୍ଞାତ ମନରେ ହିତାହିତ ଧାରଣାର ସଂସ୍କାର ଯୋଗୁଁ ପଦାକୁ ପ୍ରକାଶ କରିହୁଏ ନାହିଁ ସେ ସବୁ ବେଶି ହୋଇ, ଗୁପି ହୋଇ ରହିଲେ ହଠାତ୍ ଦିନେ ପୁଞ୍ଜିତ ହୋଇ ଡାକ୍ତରୀ ଠେଲିଦିଏ ଅର୍ଥାତ ମଣିଷ ପାଗଳ ହୁଏ । ଅଳ୍ପ ଅଧିକରେ ପ୍ରତି ମୁହୂର୍ତ୍ତରେ ଘଟୁଥାଏ । ଚରିତ୍ରକୃତ, ଯହିଁରୁ ହିଂସା ଉପୁଜେ ଯାହାଲାଗି ଜଗତରେ ଅଶାନ୍ତି, ପ୍ରଳୟ, ଯୁଦ୍ଧ । ଲେଖିଲେ ବୁଦ୍ଧିଭାବନା ଯେତେ ସବୁ ଲେଖା ବାଟେ ପ୍ରକାଶ ପାଇ ଆପଣା ମନ ଗହନର ଅନେଷ୍ଟା ଆଶାକୁ ସାହିତ୍ୟିକ ମେଣ୍ଟାଇପାରେ ତାର ହାତ ଗଢ଼ା ଚରିତ୍ରମାନଙ୍କ ଦ୍ୱାରା, ତାଙ୍କରି ଦ୍ୱାରା ତାର ପ୍ରକୃତ ଚରିତାର୍ଥ ହୋଇପାରେ, ମନର ବେଦନା ପ୍ରକାଶ କରି ଲାଘବ କରିପାରେ ବିଷାଦ ବର୍ଣ୍ଣନାରେ, ସେହିପରି ମନର କ୍ଷୋଭ, ଆଘାତ ପାଇ ପ୍ରତିଘାତ ଦେଇପାରେ ସାହିତ୍ୟିକ କଥାବସ୍ତୁରେ । ସବୁ ଶୋଧ, ବୋଧ, ମନରେ କିଛି ରହେ ନାହିଁ ବାକି, କିଛି ରହେ ନାହିଁ ତଳାତଳି । ତେଣୁ ଆମେ ଦେଖୁଁ ବ୍ୟକ୍ତିଗତ ଜୀବନରେ ସାହିତ୍ୟିକର ଯାହା ଅଭାବ, ଦୈହିକ ବା ବୈଷୟିକ, ତାର ସାହିତ୍ୟର ରଚନା ବସ୍ତୁରେ ତା ପୂର୍ତ୍ତି ହୋଇଛି ଏବଂ ନିରେଖି ଦେଖିଲେ ଜଣାପଡ଼ିବ ଯେ କୌଣସି ଲୋକର ଜୀବନ ଓ ସାହିତ୍ୟ ସାଧନା ପରସ୍ପରକୁ ଅବଲମ୍ବନ କରେ, ପରସ୍ପରକୁ କରେ ପ୍ରଭାବିତ । ନିଜ ଜୀବନର ଭିତ୍ତିରେ ଯେ ଲେଖା ଗଢ଼ି ହୁଏ, ସେ କଥା କହିବା ହିଁ ବାହୁଲ୍ୟ । ଦର୍ପଣରେ ଛବି ପଡ଼ିଲା ପରି ଲେଖାରେ ସମୁଦାୟ ବ୍ୟକ୍ତିତ୍ୱ ସମୁଦାୟ ଜୀବନର ଅନୁଭୂତି ଦିଶେ ଜଳ ଜଳ । ଅତି ସାଧାରଣ କଥା ଦେଖାଯାଉ-ଲୋକର ଗୁଲ୍ଲ ଦେଖି ତାର ଧାରଣା ବୃଦ୍ଧିହେବ, ହସ୍ତାକ୍ଷରରୁ ଚରିତ୍ର ଜଣା ପଡ଼ିବ, ଲେଖା ତ ସମୁଦାୟଚରିତ୍ରକୁ ଟପିନେବ, ସାଂସାରିକ ବ୍ୟବହାରରେ ସମାଜର ଭୟ, ନିଜର ଚକ୍ଷୁଲଜ୍ଜା ଅର୍ଥାତ

Digitized by srujanika@gmail.com

ଲୋକେ କଅଣ କହିବେ ଏ ଧାରଣା ଲଭ ଲୋକସାଣର ବସ୍ତୁର, ଆପଣାର ସଂସ୍କାର, ଏପରି ଅନେକ ଗୁଡ଼ିଏ କାରଣ ମନୁଷ୍ୟର ଚେତନା ମନରେ ଜଗୁଆଳି ପରି ଉଜାଗର ରହି ଭିତର ମନର ପ୍ରକୃତ ଇଚ୍ଛାକୁ ଦବାଇ ରଖେ । ଯାହା ପ୍ରକାଶ ପାଏ ତାହା ସେହି ଭିତରି କଥାର ରୂପାନ୍ତର । କିନ୍ତୁ ଲେଖି ବସିଲେ ଏସବୁ ପ୍ରତିବନ୍ଧକ ଅଳ୍ପ ଥାଏ । ଲେଖିଲାବେଳେ ମନର ଅବସ୍ଥା ଏକପ୍ରକାର ଅର୍ଦ୍ଧ ସୁଷୁପ୍ତି ଅବସ୍ଥା, ମନ ଭିତରର ସତକଥା ପଦାକୁ ବାହାରେ । ଯେତେ ଶଠି ଲେଖକ ଆପଣା ହାତଲେଖା ଶଠିକୁ ଆହୁରି ଥରେ ପଢ଼ିଲାବେଳେ ଥାନ ଅଥାନରେ ଗୋଟାଏ ଗୋଟାଏ ଶବ୍ଦ ଦେଖି ଚମକି ପଡ଼ି ତରତର ହୋଇ ତାକୁ କାଟିପକାନ୍ତି, ପୁଣି ତା' ଉପରେ ନାନାପ୍ରକାର ଗାର ଗାରି କରି ସେହି ଅଟାଡ଼ୁଆ ମନ ଭାବକୁ କଳାପର୍ଦ୍ଦା ସଂସ୍କାର ତଳେ ଲୁଚାଇବାକୁ ଚେଷ୍ଟା କରନ୍ତି । ସେମାନେ ସମସ୍ତେ ଅନୁଭବ କରିଥିବେ ଲେଖା ବେଳର ଏହି ଅବସ୍ଥା, କିପରି ନିଜ ଅଜାଣତରେ ମନର ଦୁଆର ଖୋଲିଯାଏ ବାହାରି ଆସେ ସେହି ସତ୍ୟ ଯାହା ଦେଖିଲେ ନିଜର ଜାଣତା ମନର ବିସ୍ମୟ ଆସେ । ସାମନାରେ ଦର୍ପଣ ଥୋଇ ଲେଖାବେଳେ ହଠାତ୍ ଚାହିଁଲେ ଦିଶିଯାଏ ନିଜ ମୁହଁର ଅପ୍ରାକୃତ ଅବସ୍ଥା ଅର୍ଥାତ୍ ଯାହା ପ୍ରକୃତ ଅବସ୍ଥା, ମୁହଁର ପାଣି ଭିନେ, ଆଖିର ତାର ଅସ୍ୱାଭାବିକ । କପାଳରେ ଭାବର ମେଘ—କାଳିଗ୍ଧ । ଏ ତ ଗଲା ସାଧାରଣ ଶଠି ଲେଖାଳିଙ୍କ କଥା, ଆଉ ଯେ ଲେଖକ ଯେ ଅଳ୍ପ ବେଳ ପାଇଲେ ଟେବୁଲରେ ମୁଣ୍ଡ ଠେସି ଦେଇ କାଗଜ ଉପରେ ଝୁଙ୍କିପଡ଼େ ତାର ତ ମନର ଦୁଆର ଖୋଲା ହିଁ ରହିଥାଏ । ନିଜ ସଙ୍ଗେ ଯୁଦ୍ଧ କରି ଆପଣାକୁ ଘେରୁଥିଲେ କଲମ ଚଳାଇବା ସହଜ ନୁହେଁ, ତେଣୁ ଲେଖକ ପାଞ୍ଚ ପାଞ୍ଚୀଙ୍କ ମୁହଁରେ, ଭାବ ବିନ୍ୟାସରେ, ରଚନା ଭଙ୍ଗୀରେ ବାରମ୍ବାର ନିଜକୁ ଦୋଳୁ ପକାଉ ଥାଏ, ଯେତେବେଳେ ଲୋକେ ଜାଣିବେ ସେ ଲୋକଟା ପ୍ରକୃତରେ କି'ଣ, ତାର ଗଣ୍ଠିଧନ କି'ଣ, ତା ମନର ଗୋପନ ବିକାର କଅଣ । ସେତେବେଳେ ଗଣ୍ଡା ଗଣ୍ଡା ନିର୍ଦ୍ଦୟ ଆଖି ଟେରି ଦେଖିବ ତାର ଅନ୍ଧାରି ଗମ୍ଭୀରର ଭିତରି କଥା । ସଫେଇ ଦେଇ ଭଲେଇ ହେବାକୁ ସେଠି ସେ ଥିବ ନାହିଁ । ଶୁଣିବାକୁ ପଡ଼ିବ ଦଶ ତୁଣ୍ଡର ଶହେ କଥା । ଜଗତର ଈଶ୍ୱରର ନ୍ୟାୟ ମୁଣ୍ଡପାତି ନେବାକୁ ହିଁ ପଡ଼ିବ । କେହି କ୍ଷମା ପାଇନାହିଁ,କେହି ପାଇବ ହିଁ ନାହିଁ । ଲେଖକ ତାର ଲେଖାରେ ଚରିତ୍ରମାନଙ୍କୁ ଟିରି ଲଙ୍ଗେଇଛି କରିଛି ଯୋଦ୍ଧାବୀର, କପର୍ଦ୍ଦକ-ହୀନ ତାର ଲେଖାରେ ଧନିକ ଚରିତ୍ର ବର୍ଣ୍ଣନା କରୁଛି, ଆକ୍ରନ୍ତ ରାଜପୁତ୍ର ସଂସ୍କାର ଯୋଗୁଁ ବାଧରେ ସୁବୋଧ ଭଦ୍ର ହୋଇଥିଲା ଲେଖକ ତାର ଲେଖାରେ ବର୍ଣ୍ଣନା କରୁଛି ଅଭଦ୍ର, ଅଶ୍ଳୀଳ ଜୀବନ । ଲୋକେ କହିବେ ଓ କହନ୍ତି ଯେ ଏ ଏକ ପ୍ରକାର ଜୀବନ-ବିମୁଖ ପଳାୟନକାମୀ ମନୋବୃତ୍ତି । କିନ୍ତୁ ଏହିପରି ପଦେ କଥାରେ ମାର୍କା ମାରି ଦେଇ କଥାଟିକୁ ଉଡ଼ାଇ

Digitized by srujanika@gmail.com

ଦେଲେ ଚଳିବ ନାହିଁ ବରଂ ଏପରି ସମାଲୋଚନାକୁ ହିଁ ପଳାୟନପନ୍ଥୀ କୁହାଯାଇ ପାରେ କାରଣ ସମାଲୋଚନାର ଉଦ୍ଦେଶ୍ୟ ହେଉଛି ମେହନତ କରି ବୁଝି ବୁଝାଇବା । ଲେଖକର ଲେଖା ଓ ଜୀବନର ବିଷୟବସ୍ତୁ ଏହି ଯେ ଓଲଟା ହୋଇଥିବାର ଦେଖେ ତାର କାରଣ ହେଉଛି ଯେ ମନୁଷ୍ୟ ଆପଣାର ସୁବିଧା ଅନୁସାରେ ଆପଣାର ମନ ମାଫିକ ଉପାଦାନ ଗୋଟେଇ ନେଇ ଘରବାନ୍ଧି ବସେ । ଏ ତାର ସହଜାତ ଗୁଣ । ବ୍ୟକ୍ତିଗତ ଜୀବନରେ ସୁବିଧା ଗୋଟାଇବାର ପରିସର ସଙ୍କୀର୍ଣ୍ଣ ଓ ସୀମାବଦ୍ଧ । ସାହିତ୍ୟର ପୃଷ୍ଠାରେ ସେ ସୀମାବଦ୍ଧ ନୁହେଁ, ସେଠି ସୀମା ହିଁ ନାହିଁ । ପୋଥିଗତ ପରିସର ଲେଖକର ଇଚ୍ଛାଧୀନ । ସେ ସୃଷ୍ଟିରେ ସେ କର୍ତ୍ତା । ନିଜ ସୃଷ୍ଟି ଘଟଣାରେ ଅର୍ଥାତ୍ ନିଜ ଜୀବନରେ ସେ କର୍ମ । କର୍ମ ଯେତେବେଳେ କର୍ତ୍ତା ହେବାକୁ ସୁବିଧା ପାଏ ସେ ଓଲଟି ଯାଏ, ସେ ପଳାୟନପନ୍ଥୀ ନୁହେଁ ଏ କେବଳ ସୃଷ୍ଟି କୌଶଳ । ତେଣୁ ମୁଁ ଦେଖିଛି ଯେତେଥର ମୁଁ ଲେଖିସାରି ଉଠିଛି ଅନୁଭବ କରିଛି ମନରେ ଓରମାଣ ନାହିଁ, କ୍ଷୋଭ ନାହିଁ, ଦୁଃଖ ନାହିଁ, ପ୍ରଚୁର ଆନନ୍ଦ ଠିକ୍ ଯେପରି ଗାଧୋଇ ସାରି ପୋଛି ପାଛି ହୋଇ ଶାନ୍ତ ହୋଇ ବସିଛି । ସଂସାରର ଜଞ୍ଜାଳ ଯାଇଛି ପିଠିଏ, ପିଠିଏ, ମନ ଗହ୍ୱରକୁ ଭେଦ ନାହିଁ, ସେଠି ନାହାନ୍ତି ଅନ୍ଧାରର ଭୂତ ପ୍ରେତ—ଅଶାନ୍ତ ଭେଟିବାକୁ । ଏହା ସାହିତ୍ୟର ପ୍ରତ୍ୟକ୍ଷ ପ୍ରଭାବ ଜୀବନ ଉପରେ । ଜଞ୍ଜାଳ ଛୁଏ ନାହିଁ; ଅମେଣ୍ଟା ଆଶା ଦୁଃଖ ଦିଏ ନାହିଁ, ଶୋକ ନାହିଁ, ଯାହା କିଛି ହେଲେ ପ୍ରକାଶ କରିଦେଇ ଶାନ୍ତି ପାଇବାକୁ ମାର୍ଗ ରହିଛି । ବରଂ ସାହିତ୍ୟିକର ଦୁଃଖହିଁ ସାହିତ୍ୟର ପ୍ରକୃଷ୍ଟ ଉପାଦାନ, ଛୁଞ୍ଚିପରି ତୀକ୍ଷ୍ଣ ଦୁଃଖ ସୃଷ୍ଟିପରିର ଶର୍ତ୍ତ । ଯେତେ ଫୋଡ଼ୁଥାଏ ସେତେ ବାହାରୁ ଥାଏ ସାହିତ୍ୟ—ସୂତେ ବଦାମି—ବନ୍ଧ ହେଲେ ମୁଁ ଗାଏଁ । ନିଜେ ନ କାନ୍ଦିଲେ ପରକୁ କନ୍ଦାଇ ହୁଏ ନାହିଁ, ଭୋକେ ଓଡ଼ିଆ ଗୀତ ଗାଏ । ଏଇଠି ଦେଖ ସାହିତ୍ୟର ଜୀବନ ଉପରେ ପ୍ରଭାବ, ଯେ ସାହିତ୍ୟ ଜୀବନର ଅମେଣ୍ଟା ଆଶା ମେଣ୍ଟାଇ ଆନନ୍ଦ ଦିଏ । ଲେଖକର ଜୀବନ ତେଣୁ ହୁଏ ଅନୁଭୂତି-ବହୁଳ, ଚିନ୍ତା-ବହୁଳ, ଜୀବନର ଭୋଗର ପରିସର ସୀମବଦ୍ଧ, ସାହିତ୍ୟିକ ତାର ଲେଖାରେ ସେ ସୀମା ଲଙ୍ଘିଦିଏ । ଚିତ୍ରକରର ତୂଳି ତଳେ ଲେଖକର କଲମ ତଳେ ଫୁଟି ଉଠେ ସହସ୍ର ସହସ୍ର ଜୀବନ, ଲକ୍ଷ ଲକ୍ଷ ଅବସ୍ଥା ଓ ଘଟଣା, ଅକଳନ ଅନୁଭୂତି, ଅସମ୍ଭାବ୍ୟ ସୌନ୍ଦର୍ଯ୍ୟ ସମାବେଶ, କାମନାର ଏପରି ସମ୍ଭୋଗ ଯାହା କୌଣସି ମୋଗଲ ସମ୍ରାଟଙ୍କ ଦ୍ୱାରା ବି ସମ୍ଭବ ହୋଇନାହିଁ । ତ୍ୟାଗର ଏପରି ତପସ୍ୟା ଯାହା ଯଥ ଦେହଧାରୀର କଳ୍ପନାର ଅତୀତ । ଇଚ୍ଛା-ଜନ୍ମ, ଇଚ୍ଛା-ମୃତ୍ୟୁ, ଇଚ୍ଛା-ମିଳନ ଇଚ୍ଛା ବିଚ୍ଛେଦ, ସାହିତ୍ୟରେ ସବୁ ଇଚ୍ଛାର ଅଧୀନ । ଜଡ଼ ଜୀବନରେ ପଦେ ପଦେ ବାଧା, ପଦେ ପଦେ ଅପୂର୍ଣ୍ଣତା, । ଅସମ୍ଭବର ହିସାବ କଷା । ମପା ଚୁପା ଜୀବନର ଭାର ବହି ଦାନା

Digitized by srujanika@gmail.com

ପାଣିର ପଣୁ ଯୁଦ୍ଧରେ ମତ୍ତ ରହି ସାଧାରଣ ମନୁଷ୍ୟ ଯେତେବେଳେ ତମ୍ବା, ରୁପା, ସୁନା, କାଗଜ, ଇଟା, ଚୂନ, ବାଲି ମାଟିରେ ଧନ ଓ ସମ୍ପତ୍ତିର ଆଦର୍ଶ ସ୍ଥାପି ଆପଣା ଆପଣା ସାନ ପିଞ୍ଜରା ଭିତରେ ଛଟ ପଟ ହେଉଥାନ୍ତି ସେତେବେଳେ ଲେଖକ ଉଡ଼ିଯାଏ ଉପରକୁ ଈଶ୍ୱର ସୃଷ୍ଟ ବିରାଟ ଜୀବନର ଅସଂଖ୍ୟ ଅଣୁ ପରମାଣୁ ଆପଣା ଭିତରେ ଉପଭୋଗ କରିବାକୁ । ଜୀବନରେ ପାଏ ପୂର୍ଣ୍ଣ ଅନୁଭୂତି-ମସୃ ସାର୍ଥକ ନିର୍ବାଣ । ମରଣରେ ପାଏ ଅକାନସ୍ଥ ସ୍ୱର୍ଗ, ଅମିତାଭ ଆଲୋକର ବିସ୍ତୃତି । ଲେଖକ ଜୀବନର ପରିଚୟ ଓ ସମ୍ଭାବ୍ୟ ପରିସର ଏହିପରି । କାହିଁକି ମୁଁ ଲେଖେଁ ? ବୋଧହୁଏ ଏଇଥିପାଇଁ । □ □

Digitized by srujanika@gmail.com

ରାଜକିଶୋର ରାୟ

●

ରାଜକିଶୋର ରାୟ

ଜନ୍ମ—୨୩ ନଭେମ୍ବର, ୧୯୧୪

ଜନ୍ମସ୍ଥାନ—ମେଣ୍ଢାଶାଳ, ପୁରୀ

ପିତା—ଶ୍ରୀ ନାଥ ରାୟ

ମାତା—ସ୍ୱର୍ଣ୍ଣମଣି ଦେବୀ

ରଚିତ ପୁସ୍ତକ—

ଗଳ୍ପ—ନୀଳାଳହରୀ, ରଜତ ଶତଦଳ, ଅଶୋକଚକ୍ର, ବନଜ୍ୟୋତ୍ସ୍ନା, ଜୟଶଙ୍ଖ, ଜୟଶ୍ରୀ, ମନର ମୃଣାଳ, ଏନ୍ଧକ ଦେବାୟତନ, ଶୋଣିତ କାବ୍ୟ, ପଙ୍କଚନ୍ଦନ, ଦୁର୍ବଳ ଦେବାଳୟ ।

ଆଲୋଚନା—ସାହିତ୍ୟ ଓ ସାହିତ୍ୟତତ୍ତ୍ୱ, ମଧ୍ୟାହ୍ନର ମରୁପଥେ । □ □

କାହିଁକି ଲେଖେ ? ସତକଥା—କେବେ ତ ଭାବି ନାହିଁ ମୁଁ କାହିଁକି ଲେଖେ ବୋଲି—ଆଜ ନିଜକୁ ପଚାରୁଛି, ମୁଁ କାହିଁକି ଲେଖେ ? ମୁଁ ଲେଖିଯାଏ, ଲେଖିଯାଉଛି--ଭବିଷ୍ୟତରେ ଲେଖିବି ମଧ୍ୟ—କିନ୍ତୁ କାହିଁକି ? ପ୍ରଥମେ ଗୋଟିଏ କଥା ମନକୁ ଆସୁଛି । ମୁଁ କଅଣ ଲେଖେଁ, ଲେଖା ବିକି ଟଙ୍କା ଅର୍ଜନ ପାଇଁ ? ଏବଂ ଏଇଟା କଣ ଲେଖିବାର ପ୍ରଧାନ ଓ ଏକମାତ୍ର ଉପଯୋଗିତା ? ନା ମନକୁ ମାନୁନାହିଁ-ପୃଥିବୀର ବହୁ ଲେଖକ ଶେଷ ଜୀବନରେ ନିଃସ୍ୱ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ଅନେକ ବହି ଲେଖି ମଧ୍ୟ ଦରିଦ୍ର ଅବସ୍ଥାରେ ଦିନ କଟାଇଛନ୍ତି । ମୋ ନିଜ ବିଷୟ ମୁଁ କହେଁ । ଯେଉଁ କେତେଖଣ୍ଡ ବହି ମୋର, ଅଛି ତାର ମୂଲ୍ୟ ଯଦି ମୁଁ ପ୍ରକାଶକଙ୍କଠାରୁ ନିୟମିତ ଭାବରେ ପାଉଥାନ୍ତି, ତେବେ ତାକୁଇ

Digitized by srujanika@gmail.com

କେବଳ ଜୀବିକା ଭାବି ତା ଉପରେ ନିର୍ଭର କରିବା ମୋର ପାଗଳାମି ହୁଅନ୍ତା । ଓଡ଼ିଶାରେ ବହି ଲେଖାକୁ ଜୀବିକା ଅର୍ଜନର ପନ୍ଥା ରୂପରେ ଗ୍ରହଣ କରିବା ଏକ ଦୁଃସାହସିକ ବ୍ୟାପାର । ମୁଁ ଜାଣେ ବହୁ ଲେଖକ ବହିର ବିକ୍ରି କମ୍‌ଥିଲେ ମଧ୍ୟ ଏକ ପ୍ରକାର ଅଭ୍ୟାସଗ୍ରସ୍ତ ହୋଇ ଲେଖୁଥାନ୍ତି । ସେ ଲେଖା ସବୁ ପ୍ରକାଶିତ ହେଉ ବା ପ୍ରକାଶିତ ହୋଇ ବିକ୍ରି ନହେଉ ସେଥିରେ ସେ ଯେପରି ବୀତସ୍ପୃହ । ତେବେ କଅଣ ଅର୍ଥ ଛଡ଼ା ଆଉ କିଛି ପ୍ରବୃତ୍ତି ଅଛି ଯାହା ମନୁଷ୍ୟକୁ ଲେଖକ କରେ ? ସ୍ରଷ୍ଟା କରେ ? (ଏ ଲେଖା ଭିତରେ ମୁଁ ନିଜ କଥା କହିବି । ଅନ୍ୟକେଏ କେଉଁ ମନୋବୃତ୍ତିର ପ୍ରଭାବରେ କଣ କଲେ, ମୋର ଜଣାଇବା ଦରକାର ନାହିଁ ।)

ନା, ଅର୍ଥାଗମ ମତେ ଲେଖକ କରିନାହିଁ । ମନେପଡ଼େ ଯେତେବେଳେ ମୋର ପୂର୍ଣ୍ଣ କୈଶୋର ଅବସ୍ଥା, ଯେତେବେଳେ ମୋର ହୃଦୟ ବିଶ୍ୱର ବହୁ ଭାବତରଙ୍ଗକୁ ଦୋଳନ ଦେବାପାଇଁ ଉନ୍ମୁଖ ହୋଇ ରହିଥିଲା, ସେତେବେଳେ ଆହା ! ଫୁଲ ଗଛରେ ଫୁଲଟିଏ ହସିଲେ, ନଈରେ ପୂର ଝରିଲେ, ଗାଲ ଉପରେ ବଉଦ ଭାସିଲେ, ନାରୀ ଆଖିରେ ଅଞ୍ଜନ ଦେଖିଲେ, ଗରିବର କାକୁତି ଶୁଣିଲେ, ପାହାନ୍ତି ତାରା ତଳେ ଟ୍ରେନ୍ ଛୁଟିଲେ, ଅଭିମାନୀର କଣ୍ଠ ଶୁଣିଲେ ମୋର ପ୍ରତି ଶିରା ସ୍ନାୟୁ ଓ ରକ୍ତଧାରରେ ତଡ଼ିତ୍ ପ୍ରବାହ ଖେଳିଯାଏ । ସେ କ ' ଦାମ ପ୍ରବୃତ୍ତି । କିଏ ଯେପରି ବହୁ ଦୂରରେ ଧ୍ୱନି ତୋଳି କହିଦିଏ—ଏସବୁ ତୁ ଦେଖିଲୁ, ଆନନ୍ଦ ପାଇଲୁ , ଉପଭୋଗ କଲୁ, ତଥାପି ତୋର ମନ ହେଉନାହିଁ ସେହି ରସକୁ ସେହି ଆନନ୍ଦର ନିର୍ଝରକୁ ବିଶ୍ୱ ମାନସ ଆଗରେ ମର୍ମର ଶବ୍ଦରେ ଝରେଇ ଦେବାପାଇଁ ? ସତେତ ? ଗୋଟିଏ ସ୍ୱାଦକୁ ଏକା ନ ଭୁଞ୍ଜିବା ଭଳି ବିଶ୍ୱଜନଙ୍କର ଭୋଗରେ ଯେଉଁ ସୃଷ୍ଟି ଲାଗିବ ତାହା କଣ ମୋର ସାଧ୍ୟ — ? ମୁଁ କଣ ତାହା କରିପାରିବି— ? ଆଖି ଆଗରେ ନବ ବସନ୍ତ ଆସିଛି । କି ତାର ସମାରୋହ । ମୁଁ ତାର ସୁଷମାଶ୍ରୀକୁ ନିବିଡ଼ ଭାବରେ ଉପଭୋଗ କରୁଛି, ଅଥଚ ମୋର ଘରପଟେ ନିଦ୍ରିତ ଜନତା, ଏଥିର ଆନନ୍ଦ ସୌନ୍ଦର୍ଯ୍ୟ ଓ ସ୍ନିଗ୍ଧତାକୁ ଉପଭୋଗ କରିପାରୁ ନାହିଁ । ଭଗବାନ ତେବେ ମୋତେ କାହିଁକି ଗୋଟାଏ ନିଅଛିଣ ହୃଦୟ ଦେଲେ—ଯାହାର ପ୍ରତି ସ୍ପନ୍ଦନରେ ବିଶ୍ୱର ସୁମୋହନ ଛବି ଆହୁରି ଛବିଲ, ଆହୁରି ମଞ୍ଜୁଳ ପ୍ରତିଭାତ ହେଉଛି ? ଏଭଳି ହୃଦୟ ଧରି ମୁଁ କେତେଦିନ ରହିପାରିବି ? ମୁଁ କିପରି ମୁଖର ହେବି—ମୁଁ କିପରି ଲତିକାର ଶୀର୍ଷରେ ଶ୍ରେଷ୍ଠ ଫୁଲଟିର ନୃତ୍ୟ ଅନ୍ୟକୁ ଦେଖାଇବି—ଏହି ଚିନ୍ତା ଏହି ବେଦନା ମତେ ଅସ୍ଥିର କଲା । ମୁଁ ଚିତ୍କାର କରୁଥାଏ—ମୁଁ କିପରି ପ୍ରକାଶିତ ହେବି । ମୁଁ ଯାହା ଅନୁଭବ କରୁଛି, ନାରୀର ଭ୍ରୂଚଳନରେ ଯେଉଁ ଅନବଦ୍ୟ ରୂପର ଜ୍ୟୋତି ମୁଁ

Digitized by srujanika@gmail.com

ଦେଖୁଛି ବା ସମୀର ପ୍ରକମ୍ପରେ ଦୂର ପଥିକର ବାଣୀ ଗୁଞ୍ଜନ ଶୁଣୁଛି ତାହାକୁ କପରି ସଙ୍ଗମସ୍ଥ ଅନୁଭୂତ କରାଇ ପାରିବି । ଅନ୍ୟମନରେ ମୋର ହୃଦଗତ ହର୍ଷ ଶୋକ, ଆନନ୍ଦ ବିସ୍ମୟ ପ୍ରଭୃତି ଭାବରାଜିକୁ କପରି ଜଣେଇ ପାରିବି । ଏହି ବେଦନା—ବ୍ୟଥିତ ଆକାଙ୍‌କ୍ଷା କ୍ରମେ ମତେ ଅଧୀର କଲା ଓ ସେ ଯେ କି କଷ୍ଟ ଅନାଗତ ସୃଷ୍ଟିର ! ସୁନ୍ଦର ପ୍ରଭାତ ଆନନ୍ଦର ପ୍ରାକ୍‌ କାଳରେ ଏ ଯେଉଁ ଆର୍ତ୍ତି ଓ ତ୍ରାସ, ତାହା ମୋତେ ଏତେ ଆତ୍ମହରା କଲା ଯାହାର ପରିଣାମରେ ଦିନେ ହଠାତ୍ ଏକ ସଜୀବ ସତ୍ତରେ ମୁଁ କଲି ଆତ୍ମପ୍ରକାଶ । ସେହି ମୁହୂର୍ତ୍ତରେ ମୁଁ ମୋ ନିଜକୁ ଫେରି ପାଇଲି, ସ୍ରଷ୍ଟା ଭାବରେ ମୋର ପୂର୍ଣ୍ଣତା, ମନୁଷ୍ୟ ଭାବରେ ମୋର ପୂର୍ଣ୍ଣତା ଉପହାର କଲି । ମୁଁ ହେଲି ସ୍ରଷ୍ଟା—ମୁଁ ହେଲି ଲେଖକ । ସେହି ଦିନଠାରୁ ପ୍ରତ୍ୟେକ ନରନାରୀ ମୋ ପାଖରେ ଅବ୍ୟକ୍ତ ଆନନ୍ଦ ଓ ରହସ୍ୟର ଅଧିକାରୀ । ପ୍ରତ୍ୟେକ ଦୂର୍ବାଦଳ ମୋ ପାଖରେ ନିଗୂଢ଼ ଅର୍ଥ ପ୍ରକାଶ କଲା । ପ୍ରତି ସନ୍ଧ୍ୟାର ତାରକଖଚିତ ଆକାଶ, ପ୍ରତି ପ୍ରଭାତର ସ୍ନିଗ୍ଧ କାକଳୀ, ମୋତେ ବୋଧ ହେଲା ଯେପରି ଅତି ସତ୍ୟ, ଆନନ୍ଦମୟ ଓ ରାଗରଞ୍ଜିତ । ଭାବିଲେ ଆଶ୍ଚର୍ଯ୍ୟ ହୁଏ କିଭଳି ଗଳ୍ପ କବିତା ଉପନ୍ୟାସ ଭିତରେ ପ୍ରାଣସତ୍ତା ଦିଆ ଗଢ଼ା ଶ୍ରେଷ୍ଠ ଶ୍ରେଷ୍ଠ ସୃଷ୍ଟି ବାନ୍ଧି ହୋଇ, ଶୃଙ୍ଖଳିତ ହୋଇ ଅଥଚ ମନୋରମ ଅଭିବ୍ୟକ୍ତିରେ ପ୍ରସ୍ଫୁଟିତ ହେଲା—ଅଥଚ କାଳ ଚକ୍ରତଳେ ଏଥିର ସ୍ୱରୂପ ଯେ କେତେ ତାହା ସ୍ରଷ୍ଟା ଜାଣେନାହିଁ । ଦେଖ ସୁଦୂର ଅତୀତକୁ—ସେହି ମହିମା ମନର ପ୍ରିୟଦର୍ଶୀ ଭାରତ ଗୌରବ ସମ୍ରାଟ ଅଶୋକଙ୍କ—ଆତ୍ମପ୍ରକାଶର ଦାବାନଳ ତାଙ୍କର ବକ୍ଷ ଉପରେ ଏତେ ତୀବ୍ର ଭାବରେ ପ୍ରଜ୍ୱଳିତ ହୋଇଥିଲା ଯେ ତାଙ୍କର ଧର୍ମର ବାଣୀ ତାଙ୍କ ଭାବନା ଅବଶେଷରେ ରୂପ ପାଇଲା, ବନ କାନ୍ତାର ଭିତରେ ପଥର ଉପରେ—ଶିଳାଖଣ୍ଡ ଉପରେ ଯାହାକୁ କି କାଳ ସ୍ପର୍ଶ କରିପାରିବ ନାହିଁ । ବିଭଙ୍ଗ କରିପାରିବ ନାହିଁ । ଆତ୍ମପ୍ରକାଶର ଏ ଯେଉଁ ତୀବ୍ର ଉନ୍ମାଦନା—ଏହା ହିଁ କଅଣ ମୋର ନଗଣ୍ୟ ଲେଖାରେ ରଞ୍ଜିତ ହୋଇ ନାହିଁ ? ସୃଷ୍ଟି କରିବାର ଏ ଯେ ଅପୂର୍ବ ଆନନ୍ଦ ବିଚିତ୍ର ବିଶ୍ୱର ନରନାରୀ, ଏ ଶୋଭାଯାତ୍ରା ଏ ପ୍ରକୃତି ସଂବେଦନଶୀଳ ସତ୍ତାର ଏ କ୍ରମୋନ୍ନତ ବିକାଶ ମଧ୍ୟରେ ବିଚ୍ଛୁରିତ ଏ ଯେଉଁ ସୌନ୍ଦର୍ଯ୍ୟ ଓ ବ୍ରହ୍ମାନନ୍ଦ—ଏହାହିଁ କଅଣ ମୋତେ ଲେଖକ କରିବାରେ, ମତେ ସ୍ରଷ୍ଟା କରିବାରେ ମତେ ପରିପୂର୍ଣ୍ଣ କରିବାରେ ଅନୁପ୍ରେରଣା ଦେଇ ନାହିଁ ? ଏହା ପାଖରେ ଅମୂଲ୍ୟ ଅମୂଲ୍ୟ ଅର୍ଥ ବା ସୁବର୍ଣ୍ଣ ଖଣ୍ଡର ସ୍ୱରୂପ କିଛି ଥାଇପାରେ କି ? ନା ମୋର ବିଶ୍ୱାସ ହୋଇଛି, ମୁଁ ଲେଖିଛି ଆଉ ବି ଲେଖୁଛି । ମୋର ଆନନ୍ଦର ଆତିଶଯ୍ୟରେ—ଆଉ ସେହି ଆନନ୍ଦକୁ ବିଶ୍ୱର ମଞ୍ଜୁଷା ଖୋଲି ସୁନ୍ଦର କାନ୍ତିରେ ଆହରି ରଙ୍ଗମ କରି ମୁଁ ବହୁ ପାଠକ ପାଠିକାଙ୍କ ପ୍ରାଣରେ ରସ ସଞ୍ଚାର କରୁଛି—

Digitized by srujanika@gmail.com

ଏ ଯେପରି ଏକ ମହାବ୍ରତ ବିଶ୍ୱ ନିୟନ୍ତାଙ୍କର ନିର୍ଦ୍ଦେଶ ମାତ୍ର ମୁଁ ବହନ କରି ଚାଲିଛି ।

ଏ କଅଣ ? କିଏ ଯେପରି ଏକ୍ଷଣି ମୋ କାନ ପାଖେ କହି ଦେଉଛି— ତୁମେ ଭୁଲ୍ ବୁଝୁଛ—ନିଜକୁ ନିଜେ ଜାଣିପାରୁ ନାହଁ । ତୁମର ଅହମିକା ତୁମର ଯଶ ଲାଳସା, ନାଁ କରିବାର ଗୋଟାଏ ଅପ୍ରତିହତ ମୋହ ତୁମକୁ ଲେଖକ କରିଛି—ତୁମର ହୃଦୟ ଥିଲା ପଥର ଠାରୁ ଆହୁରି ଜଡ଼, ଆହୁରି ଶକ୍ତ । ତୁମର ନେତ୍ରଥିଲା ଅନ୍ଧ, ତୁମର ପ୍ରାଣରେ ବେଗର କାମନା ନଥିଲା । ତୁମର କିଛି ନଥିଲା, କେବଳ ଥିଲା ଜଣ ଜଣଙ୍କର କାବ୍ୟ କବିତା, ଗଳ୍ପ ଉପନ୍ୟାସ ଦେଖି ପଢ଼ି ମନ ଭିତରେ ଗୋଟାଏ ଈର୍ଷାଭାବ—ମୁଁ କିପରି ଏପରି ଲେଖନ୍ତି । ଅନ୍ତଃପୁରରେ, ବାହାରେ, ବିଦ୍ୟାଳୟରେ, ବୈଠକରେ ହାଟ ବଜାର ସବୁଠାରେ ପାଠକ ପାଠିକାଙ୍କର ସାଧୁବାଦ ଲେଖକକୁ ଉତ୍ସାହ ଓ ପ୍ରୀତି ଦିଏ, ତାକୁଇ ଲୁଣ୍ଠିବାକୁ ତୁମେ ଧରିଲ ଲେଖନୀ, ଏବଂ ତୁମେ ହେଲ ଲେଖକ—

ଏହା କ'ଣ ସତ ? ଆଜି ପର୍ଯ୍ୟନ୍ତରେ ଏହା କ'ଣ ସତ ? ଆଗ ସୃଜନ ଆନନ୍ଦ ନା ଆଗ ଈର୍ଷା ପ୍ରମୋଦିତ ଯଶାକାଂକ୍ଷା ? କେଉଁଟା ଆଗ ଆସିଛି ? ନା-ତ ! ହୃଦୟ ଯଦି ମୋର ଜଡ଼ ଥାଆନ୍ତା, ପ୍ରାଣ ଯଦି ସୁନ୍ଦର ପୃଥିବୀକୁ ଉପଲବ୍ଧି କରି ଆବେଗାକୁଳ ହୋଇ ନଥାନ୍ତା । ତେବେ ଲକ୍ଷ ଥର କବି ଯଶଃ ପାର୍ଥୀ ହେଲେବି ତାହା ଆକାଶ କୁସୁମରେ ରହି ଯାଇଥାନ୍ତା । ନା ବୋଧହୁଏ ଏପରି ହୋଇନାହିଁ । ମୋ ଚକ୍ଷୁରେ ଅନୁରଞ୍ଜନ ଅଛି । ଜଗତର ପ୍ରତ୍ୟେକ ସୁନ୍ଦର ବସ୍ତୁ ସହିତ ମୋର ସ୍ୱାର୍ଥ ଭାବ ଅଛି । ସୁତରାଂ କେବଳ ଯେ ଯଶ ପାଇଁ, ନାଁ କରିବାପାଇଁ, ମୁଁ ସୃଜନ ବିସ୍ମୟରେ ହାତ ଦେଲି ନିଜ ଖିଆଲରେ ସତ୍ୟ ଶିବ ଓ ସୁନ୍ଦରର ଉପାସନା କଲି ନିଜ ଜୀବନର ଅନୁଭୂତିକୁ ବିଶ୍ୱମୟ କଲି, ଏପରି ନୁହେଁ । ଅବଶ୍ୟ ମନୁଷ୍ୟ ମାତ୍ରକେ ଯଶ ଲିପ୍ସୁ । ମାତ୍ର ମୋର ଲେଖକ ଜୀବନରେ ସୁନ୍ଦରର ସାଧନା ଓ ଅର୍ଚ୍ଚନା ଯେତେ ଯେତେ ମୋର ହୃଦ ତଟିନୀକୁ ଉଦ୍‌ବେଳ କରିଛି, ଯଶ ଓ ପ୍ରଶସ୍ତିର ଅହମିକା ମୋତେ ସେତେ ଆକୁଳ କରିନାହିଁ । ହୋଇପାରେ ରଙ୍ଗ ରଙ୍ଗ ହୋଇ ସେ ଗୁଡ଼ିକ ମୋ ପଛରେ ଗୋଡ଼ାଇଛନ୍ତି, ମୁଁ କିନ୍ତୁ ତାଙ୍କ ପ୍ରତି ଫେରି ଚାହିଁ ନାହିଁ । ମୁଁ ନିଜେ ହସୁଛି ବୋଲି ଅନ୍ୟକୁ ହସାଇବାକୁ ଯତ୍ନ କଲି । ନିଜେ ବିରହୀ ହୋଇ ତୁଷାନଳ ଯନ୍ତ୍ରଣା ଭୋଗକଲି ବୋଲି ଅନ୍ୟକୁ ଏଥିରୁ ଯାହା କିଅଣ ବୁଝାଇଲି, ପରେ ଦୁଇଏକ ଲେଖା ବିକ୍ରି ହେଲା । ଦି' ପଇସା ଆସିଲା, ବା ଲୋକେ ବାହାବା କଲେ ମାତ୍ର ଏ ଅଳୀକ ପ୍ରବଞ୍ଚନାରେ ମୋର ଯେ ସୃଷ୍ଟି କରିବାର ସ୍ଫୂର୍ତ୍ତି କଦାପି ମଳିନ ପଡ଼ିନାହିଁ । ଆଜି ଯଦି ନୀରବ ଭାବରେ

Digitized by srujanika@gmail.com

ଉପରକୁ ମୁହଁ ଟେକି ନୀରବ ଆକାଶକୁ ମୁଁ କେବଳ ଚାହିଁ ରହିଥାନ୍ତି, କାଳ କାଳ ବିତି ଗଲେ ବି ମୁଁ ଲେଖକ ହୋଇ ପାରିନଥାନ୍ତି । ଭାବ ସମୁଦ୍ରର ତରଙ୍ଗ ରାଜ୍ୟର ପ୍ରଚଣ୍ଡ ଆଘାତ ମୁଁ ଛାତି ଭିତରେ ସହୁଛି । ସହି ସହି ମୁଁ ପାଟି ଫିଟାଇ ନଥାନ୍ତି, ଲେଖନୀରେ ଦୁଃଖର ଧାରା ଝରେଇ ନଥାନ୍ତି ତେବେ ମୁଁ ଲେଖକ ହୋଇ ପାରିନଥାନ୍ତି—

ଆଉ କଏ କେମିତି କି ପ୍ରେରଣାବଶରୁ ଲେଖକ ହୋଇ ପାରିଥାଏ । ମାତ୍ର ମୁଁ ଲେଖିଲି କାରଣ ଲେଖିବାକୁ ବାଧ୍ୟ ହେଲି । ସେ ଯେ କି ଶକ୍ତି-ସେ ଶକ୍ତିର କି ଯେ ସ୍ଫୁରଣ-ତାର ଯେ କି ଚଣ୍ଡ ଆଦେଶ । ଯେପରି ପ୍ରତି ନିୟତ ଗୁଞ୍ଜନ ତୋଳି ହୃଦୟ ପାଖରେ ତାହା ମିନତି କରୁଥାଏ । —ହେ ଭବିଷ୍ୟତ କାଳର ଲେଖକ— ତୁମର କ୍ଷୁଦ୍ର ଜୀବନ ସଂଘର୍ଷ ଭିତିରେ ପଡ଼ିଛ—ସଂଗ୍ରାମରେ ତୁମେ କ୍ଷତ ବିକ୍ଷତ ହେବ—ସେହିସବୁ ଅନୁଭୂତିକୁ ତୁମକୁ ପ୍ରକାଶ କରିବାକୁ ପଡ଼ିବ—କ୍ଷୁଦ୍ରଶିଶୁ ଆତ୍ମ ପ୍ରକାଶ କରେ—ପକ୍ଷୀ ଶାବକ ଚଞ୍ଚୁ ଉଠାଇ ନିଜ ମାଆକୁ ସ୍ୱାଗତ କରେ—ତମେ କାହିଁକି ନ ପାରିବ । ସେହି ଆଦେଶକୁ ପ୍ରତିପାଳନ କଲାବେଳେ ଅର୍ଥର ମୋହ ମନରେ ନଥିଲା ବିକାଶ ପ୍ରାପ୍ତିର ଲାଳସା ମନରେ ନଥିଲା । ବରଂ ସୃଷ୍ଟି କରିବାର ଆନନ୍ଦ ଓ ସେହି ଆନନ୍ଦ ଅନ୍ୟ ହୃଦୟରେ ଉପଭୋଗ୍ୟ କରିବାର ବାସନା ମତେ ଲେଖକ କରିଛି—ପୃଥିବୀର ଅସଂଖ୍ୟ ଲେଖକ ହୁଏତ ଏହିଭଳି ଆନନ୍ଦରେ ଅଧୀର ହୋଇ ଲେଖକ ଜୀବନ ଆରମ୍ଭ କରିଛନ୍ତି । ପ୍ରଥମ ରଚନା ଓ ତଥି ଉପରେ ନିଜର ନାମ ମୁଦ୍ରଣକୁ ପ୍ରତ୍ୟକ୍ଷରେ ଦେଖିବା ପାଇଁ ପୃଥିବୀର ଶ୍ରେଷ୍ଠ ଲେଖକଗଣ ଦିନେ ମାଇଲ ମାଇଲ ଧରି ଦଉଡ଼ି ଯାଇଥିବାର ସମ୍ବାଦ ଆପଣ କଅଣ ଜାଣନ୍ତି ନାହିଁ । କହିଲ ଦେଖି ଏ କି ଭଳି ଆମୋଦ, କି ଆକାଂକ୍ଷା !—ପ୍ରସୂତି ନାରୀ ଗର୍ଭସ୍ଥ ସନ୍ତାନକୁ ମାଟି ଉପରେ ଦେଖି ଅଶେଷ କ୍ଲେଶ ନିମିଷକେ ଭୁଲିଯିବା ଭଳି ଲେଖକ ନିଜ ସୃଷ୍ଟିର ଆନନ୍ଦରେ ସୃଷ୍ଟି ପୂର୍ବ ଦୁଃଖକୁ ଭୁଲିଯାଏ ଯାହା ପ୍ରକୃତ ସରସ ସୃଷ୍ଟି ତାହା ପ୍ରାଣରସରୁ ଜନ୍ମେ । ହଜାର ପାଠ୍ୟପୁସ୍ତକ ଲେଖି ବହୁ ହଜାର ଟଙ୍କାର ଅଧିକାରୀ ହେଲେ ବି ସୃଜନ କ୍ରିୟା ଯେଉଁଠି ସରସ ଭାବରେ ପ୍ରତିଫଳିତ ନୁହେଁ ତାହା ଆନନ୍ଦ ଦେବକି ?

ଶେଷରେ ଆଉ ବା କଣ କହିବି ? ଆପଣ କହି ପାରନ୍ତି ବଡ଼ ଆଦର୍ଶବାଦର କଥାଏ ବାଢ଼ି ବସିଲେ—ପ୍ରକୃତ କଥା ଗୋପନ କଲେ – ନାଁ । ଏହା ଠିକ୍ ନୁହେଁ । ପ୍ରକୃତ କଥା କଅଣ ମୁଁ ଜାଣେ ନାହିଁ । ମାତ୍ର ଏତିକି ଜାଣେ ମୋ ରକ୍ତରେ ଯେଉଁ ସୃଜନୀ ଶକ୍ତିର ରଙ୍ଗଲୀଳା ଚାଲିଛି ତାହା ମୁଁ ପ୍ରକାଶ ନ କଲେ ମୋର

Digitized by srujanika@gmail.com

ଜଣ୍ଣଗ୍ରେଧ ହୋଇଯିବ । ମନର ଏକାଗ୍ରତା ସହଜ ନୁହେଁ । ସମାଧିସ୍ଥ ଭଙ୍ଗୀରେ ସୃଷ୍ଟିର ସୌନ୍ଦର୍ଯ୍ୟ ବିଚ୍ଛୁରିତ ହୁଏ । ମୁଁ ତାହାହିଁ ଲକ୍ଷ୍ୟ କରି ଆସୁଛି । —ଆରମ୍ଭରୁ ମୁଁ କହିଥିଲି—ମୁଁ ଲେଖିଛି, ଲେଖିଯାଇଛି ଭବିଷ୍ୟତରେ ଲେଖିବି—ଶୋଭନ ସଂସାର ଶୋଭନ ମାନବ ଜୀବନ, ଶୋଭନ ସୃଷ୍ଟିର ମୂଳାଧାର ଭଗବାନଙ୍କର ନିତ୍ୟ ବିଳାସକୁ ମୁଁ ପ୍ରାଣ ଦେଇ ଉପଲବ୍ଧି କରୁଥିବାଯାଏ କେବଳ ସତ୍ୟଶିବ ସୁନ୍ଦରର ଆକର୍ଣ୍ଣ ଜୟ ଗାନହିଁ ମୋର କର୍ତ୍ତବ୍ୟ । ସୁତରାଂ କାହିଁକି ମୁଁ ଲେଖେର ଉତ୍ତର ମୁଁ ଦେଇ ପାରିଛି ବୋଲି ବିଶ୍ୱାସ କରି ଆଜି ପାଇଁ ବିଦାୟ ନେଉଛି ।

□ □

ଫକୁରାନନ୍ଦ

●

ଫକୁରାନନ୍ଦ

ଜନ୍ମ—୧ ଜୁଲାଇ ୧୯୧୫

ଜନ୍ମସ୍ଥାନ—ଝାଙ୍କିରମଙ୍ଗଳା, କଟକ

ପିତା—ବିଦ୍ୟାଧର ମିଶ୍ର

ମାତା—ସୁଭଦ୍ରା ଦେବୀ

ରଚିତ ପୁସ୍ତକ—

ଉପନ୍ୟାସ—ନାକ୍‌ଟା ଚନ୍ଦକର ।

ଗଳ୍ପ—ସାହିତ୍ୟ ଗୁପ, ହେରେପା, ବିଦୂଷକ, ମଙ୍ଗଳବାରିଆ ସାହିତ୍ୟ ସଂସଦ, ହସକୁରା, ବୃହନ୍ନ ଖଣ୍ଡ, ଅମୃତ ବେହିଆ, ଭୋଟ, ଗମାତ୍, ନିଦାବେହେଲ, ସାହିତ୍ୟ ବେଉପଣ, ନବ୍‌ଜିଆ, ଅଟଳିବାଜ ।

ନାଟକ—କଲିକତା ଚେକ୍ ।

କବିତା—ନଲଠା କବି, ସାହି ମହାଭାରତ, ଗୋଜ ଭାଗବତ ।

ଅନୁବାଦ – ଆଦର୍ଶ ହିନ୍ଦୁ ହୋଟେଲ, ଭାରତର ଶ୍ରେଷ୍ଠ ହାସ୍ୟଗଳ୍ପ ।

ରମ୍ୟ ରଚନା—ସମାଲୋଚନା ।

ଆତ୍ମଜୀବନୀ—ମୋ ଫୁଟାଡଙ୍ଗାର କାହାଣୀ । □ □

Digitized by srujanika@gmail.com

"ମୁଁ କାହିଁକି ଲେଖେ" ଏହି ପ୍ରଶ୍ନଟି ମୁଁ ଭେଣ୍ଡିଆ ଅବସ୍ଥାରେ ଯଦି କେହି ମୋତେ ପଚାରିଥାଆନ୍ତା, ସ୍କୁଲରେ ତେବେ ମୁଁ ତାକୁ ମାରି ଗୋଡ଼େଇ ଥାଆନ୍ତି। ଅବଶ୍ୟ ଦୁର୍ବଳ ସହପାଠିକୁ, ମୋ ଠାରୁ ଅଧିକ ବଳୁଆ ଥିଲେ ଲାଙ୍ଗୁଡ଼ ଯାକି କହି ଥାଆନ୍ତି—ମୁଁ କଅଣ ଅକର୍ମା, ଅଳସୁଆ, ଅବିବେକୀ, ଅବାଞ୍ଛିତ, ମିଛୁଆ, ଗାଲୁଆ, ଅପଖ୍ୟାତିଦାତା ଓ ସମସ୍ତ ଅପବ୍ୟୟକାରୀ, ଯେ ଘର ଭିତରେ ଛାତକୁ ଚାହିଁ ବା ବାହାରେ ଆକାଶକୁ ଚାହିଁ ଘଣ୍ଟା ଘଣ୍ଟା ଧରି କାଗଜ ଓ କାଳି ନଷ୍ଟ କରି ଲାଗିବି। ମୋପରି ଜଣେ ଭେଣ୍ଡିଆର ସମସ୍ତ ଅତି ମୂଲ୍ୟବାନ। ଏହି ମୂଲ୍ୟବାନ କାର୍ଯ୍ୟଗୁଡ଼ିକ ମୋ ଆଗରେ ଧାଡ଼ି ବାନ୍ଧି ଠିଆ ହୋଇଥାଆନ୍ତି। ଏଗୁଡ଼ିକ ହେଲେ—ପର-ଛିଦ୍ରାନ୍ୱେଷଣ, ପରକୁତ୍ସାରଟନା, ପର ସୁନାମରେ କପୋଳକଳ୍ପିତ ଦୁର୍ନାମ ଫେଣ୍ଟି ଖାଣ୍ଟି ଦୁର୍ନାମରେ ପରିଣତ କରିବା, ଅଧ୍ୟାପକମାନଙ୍କର ଶିକ୍ଷାଦାନର ବ୍ୟଙ୍ଗ କରଣ, ଆମ ଗୋଷ୍ଠୀର ବନ୍ଧୁମାନଙ୍କର କ୍ଷତିକାରକ ନବନବ ପନ୍ଥା ଉଦ୍ଭାବନ ଇତ୍ୟାଦି ଇତ୍ୟାଦି। ଜଣେ ଖୁବ୍ ନାମଜାଦା ଡାକ୍ତରଙ୍କ ଆଗରେ ରୋଗୀମାନେ ଧାଡ଼ି ବାନ୍ଧିଲାପରି ଏମାନେ ମୋ ଆଗରେ ଧାଡ଼ି ବାନ୍ଧି ଠିଆ ହୋଇଥାଆନ୍ତି। ଅନ୍ୟମାନଙ୍କ ଉପରେ ମୋର ନଜର ପଡ଼ୁଛି କୁଆଡ଼ୁ? ଗପ, ଉପନ୍ୟାସ ଲେଖକ? ଛି ଛି ଛି! ଏ ଗୁଡ଼ାକ ମଣିଷର କିଛି ଉପକାରରେ ଲାଗେ ନାହିଁ। ଯେଉଁ ଧନୀ ଲୋକମାନଙ୍କୁ କୁଟା ଖଣ୍ଡିକ ଦାଖଣ୍ଡ କରିବାକୁ ପଡ଼େ ନାହିଁ। ଯେଉଁମାନେ ଆଗରେ ଥିବା ବିରାଟ ସମୟକୁ ନଷ୍ଟ କରିପାରନ୍ତି ନାହିଁ, ସେହିମାନଙ୍କ ପାଇଁ ଗଳ୍ପ, ଉପନ୍ୟାସ, ନାଟକ କବିତା ଆଦି ବହି ଉଦ୍ଦିଷ୍ଟ। କେବଳ ଏହିସବୁ ବହି ସେମାନଙ୍କ ସମସ୍ତ ଭଲଭାବରେ ନଷ୍ଟ କରିବାରେ ସାହାଯ୍ୟ କରିଥାଏ। ପଢ଼ିବାରେ ଅଳ୍ପ ସମସ୍ତ ନଷ୍ଟ ହେଉଥିବାରୁ ସେଇଟା ଚଳନୀୟ, କିନ୍ତୁ ଲେଖିବାଟା ବରଦାସ୍ତ କରାଯାଇ ନପାରେ। ସେଇଟା ସମୟର ଏକ ନିଷ୍ଠୁର ଓ ଭୟଙ୍କର ଘାତକ। ସରକାରମାନେ ଲେଖକମାନଙ୍କୁ ଫାଶୀ ବା ଦ୍ୱୀପାନ୍ତର କରିଦେବା ଉଚିତ୍। ବିଜ୍ଞାନ କେବଳ ମଣିଷର ବନ୍ଧୁ। ଏହି ବିଜ୍ଞାନ ହିଁ ମଣିଷର ସର୍ବାଙ୍ଗୀନ ଉନ୍ନତି କରିଥାଏ ଏବଂ ବସବାସ କରିବା ପାଇଁ ପୃଥିବୀକୁ ସୁନ୍ଦର କରି ଗଢ଼ିଥାଏ।

ପୂର୍ବୋକ୍ତ ଗଠନମୂଳକ କାର୍ଯ୍ୟମାନ କରିବା ପରେ ମୋର ଯେଉଁ ଅଳ୍ପ ସମସ୍ତ ବଳି ପଡ଼େ ତାହାକୁ ନଷ୍ଟ କରିବା ପାଇଁ ମୁଁ ଗଳ୍ପ ଉପନ୍ୟାସ ଆଦି ବହି ପଢ଼ିଦିଏ। ହାସ୍ୟ ରସାତ୍ମକ ନହେଲେ ମୋତେ ସେଗୁଡ଼ାକ ରୁଚେ ନାହିଁ।

ବହି ଲେଖିବାରେ ଯେ ଉପାଦେୟତା ଅଛି ଓ ଏହା ଆର୍ଥିକ ଉନ୍ନତିରେ ସାହାଯ୍ୟ କରିଥାଏ। ଏହି ଜ୍ଞାନର ମଞ୍ଜି, ଡାକ୍ତରୀ ପାଠ ପଢ଼ିଲାବେଳେ ମୋ

Digitized by srujanika@gmail.com

ମୁଣ୍ଡରେ ଅତି ଆକସ୍ମିକ ଭାବରେ ପୋତି ହୋଇ ଯାଇଥିଲା । ଏ ମଞ୍ଜି ଗଛ ହେବାକୁ ଅବଶ୍ୟ ବହୁ ବର୍ଷ ଲାଗିଯାଇଥିଲା ।

ମେଡ଼ିକାଲ୍ ସ୍କୁଲର ଦ୍ୱିତୀୟ ବାର୍ଷିକ ଶ୍ରେଣୀରେ ପଢ଼ୁଥାଏ । ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଫାର୍ମାକୋଲଜି ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଓ ବରିଷ୍ଠ ବୈଜ୍ଞାନିକ ଶ୍ରୀ ଜୟକୃଷ୍ଣ ମହାନ୍ତି ମୋର ସହପାଠୀ ଥିଲେ । ବହିପଢ଼ାରେ ସେ ତାଙ୍କର ଅଧିକାଂଶ ସମୟ ନଷ୍ଟ କରୁଥିବାରୁ ମୁଁ ତାଙ୍କୁ ଶ୍ରେଷ୍ଠ ନଜରରେ ଦେଖୁଥିଲି । ଶୀର୍ଷ ପାଠୁଆ ପିଲାମାନଙ୍କ ଭିତରେ ତାଙ୍କର ଉଚ୍ଚସ୍ଥାନ ଥିବାରୁ ସେ ମୋର ବ୍ୟଙ୍ଗୋକ୍ତିର ସରବ୍ୟ ହୋଇଥିଲେ ।

ଦିନେ ସେ ମୋତେ ତାଙ୍କ ରୁମ୍‌କୁ ଡାକି ନେଇ ତାଙ୍କ ଖଟରେ ବସେଇ ଗୋଟିଏ ବଡ଼ ଧରେଇ ଦେଲେ । କଥା କଅଣ ବୋଲି ପଚାରିବାରୁ ସେ କହିଲେ—ଗୋଟିଏ ବିଷୟ ମୁଁ ପଢ଼ୁଛି ତୁ ଶୁଣ୍ । ମୁଁ କାବା ହୋଇଗଲି । ମେଡ଼ିକାଲ ପାଠ ଦୁଇଜଣିଆ ନ'ହେଲେ ପଢ଼ା ଠିକ୍ ହୁଏ ନାହିଁ । ପଢ଼ାରେ ବ୍ୟାଘାତ ଘଟେଇବାରେ ମୁଁ ପ୍ରସିଦ୍ଧି ଲାଭ କରିସାରି ଥିବାରୁ ମୋତେ ପଢ଼ାସାଥୀ କରିବାକୁ କେହି ପ୍ରସ୍ତୁତ ନଥିଲେ । ଦି ଜଣ ପଢ଼ୁଥିବା ସ୍ଥାନରେ କେଉଁଠି ଟିକିଏ ବସିଗଲେ ସେ ଦୁହେଁ ମୋତେ ଆଗ ତଡ଼ନ୍ତି, ତା ପରେ ପଢ଼ନ୍ତି । ଚାଲିଗଲାବେଳେ ପଛରୁ ମୁଁ ଶୁଣୁଥାଏ—ନିଜେ ପଢ଼ିବନି କି କାହାକୁ ପଢ଼େଇ ଦବନି । ଜୟଙ୍କ ଖଟରେ ବସି ମୁଁ ବଡ଼ ଟାଣୁ ଟାଣୁ ଶୁଣିବା ଆରମ୍ଭ କଲି । ଏ ତ ମେଡିକାଲ ପାଠ ନୁହେଁ । ଗପ ଭଳିଆ ତ ଜଣା ଯାଉଛି । ବାସ ସେତିକରେ ମୁଁ ଶୁଣିବାରୁ ବହିଷ୍କୃତ ହୋଇଗଲି । ଜୟଙ୍କର ପଢ଼ାଗୁଡ଼ିକ ଏ କାନରେ ପଶି ଆର କାନ ବାଟେ ବାହାରି ଯାଉଥାଏ । କେଉଁଠି କି ଉପଦ୍ରବ କରିବାକୁ ହେବ ତାର ଯୋଜନା ମୁଣ୍ଡରେ ସବୁ ସ୍ଥାନ ମାଡ଼ି ବସିଥାଏ । ଜୟ ଯେ ଖାତାରୁ ୩/୪ ପୃଷ୍ଠା ପଢ଼ି ସାରି ପଚାରିଲେ-କେମିତି ହୋଇଛି । ମୁଁ ଚମକି ପଡ଼ି କହିଲି—ଆଃ ଭାରି ବଢ଼ିଆ ହୋଇଛି ! ମୋର ସେତେବେଳର ଗହି ଖୁବ୍ ତେଜ୍ ଥିଲା । ସେ କେଉଁ ଅଂଶଟା ବେଶି ଭଲ ହୋଇଛି ? ବୋଲି ନ ପଚାରି କହିଲେ—ଏ ଉପନ୍ୟାସଟି ଜଣେ ପ୍ରକାଶକ ଦୁଇ ଶହ ଟଙ୍କା ଦେଇ କିଣି ନେବ ବୋଲି କହିଲା । ମୁଁ କିଛି ଦେଲିନାହିଁ—ସେତେବେଳେ ଯାଇ ମୁଁ ଜାଣି ପାରିଲି ଯେ ସେ ପଢ଼ୁଥିବା ଜିନିଷଟି ଉପନ୍ୟାସ । ମୁଁ ପଚାରିଲି ହଇରେ ପ୍ରକାଶକ ତୋ ବହି ଛାପିବଟି ? ତୁ ସିନା ତାକୁ ଛାପା ଖର୍ଚ୍ଚ ଦେଉଥିବୁ, ସେ ଓଲଟି ତୋତେ ଦୁଇ ଶହ ଟଙ୍କା ଦେବ କାହିଁକି ?

ମୋର ମୂଢ଼ତା ଦେଖି ସେ ହସି କହିଲା—ପ୍ରକାଶକମାନେ ଏମିତି ଦେଉଥିନ୍ତି । ମୁଁ ଥଟ୍ଟା କରି କହିଲି—ତୁ ତାର ଜୋଠିକି ନା ତୋତେ ନ ଦେଇ ଯିବ କୁଆଡ଼େ ।

Digitized by srujanika@gmail.com

ବେଶୀ ପଢ଼ି ପଢ଼ି ମୁଣ୍ଡ ଖରାପ ହୋଇଗଲାଣି । କିଛି ଔଷଧ ଖାଇ ଶୋଇପଡ଼ । ମୁଣ୍ଡ ଠିକ୍ ହୋଇଯିବ ।

ବିରକ୍ତ ହୋଇ ସେ ବୁଝେଇ ଦେଲା—ହାଁ ଓଲୁ କୋଉଠିକାର, ପ୍ରକାଶକ-ମାନେ କିଛି ବହି ଲେଖନ୍ତି ନାହିଁ । ଲେଖକମାନଙ୍କ ଠାରୁ ବହି ନେଇ ଛାପନ୍ତି । ବିକି ଲାଭ କରନ୍ତି । ସେହି ଲାଭରୁ ଗୋଟାଏ ଅଂଶ ଲେଖକଙ୍କୁ ଦିଅନ୍ତି । ମୋ ମନ ବୁଝିଲା ନାହିଁ । ସଙ୍ଗୀମାନଙ୍କୁ ତା ମସ୍ତିଷ୍କ ବିକୃତ କଥା କହିବାରୁ ସେମାନେ ମୋ ମସ୍ତିଷ୍କ ବିକୃତର ସୂଚନା ଦେଇ ଜଗୁ କଥା ଠିକ୍ ବୋଲି ବୁଝେଇ ଦେଲେ ।

ବହି ଲେଖିଲେ ପଇସା ମିଳେ—ଏହି ଜ୍ଞାନର ମଞ୍ଜି ମୋ ମୁଣ୍ଡରେ ସେହି ଦିନ ପୋତା ହୋଇଯାଇଥିଲା ।

ସେହି ସମୟରେ 'ଡଗର' ବାହାରି ଥାଏ । ପ୍ରଥମ ସଂଖ୍ୟାଟି ବହୁ କଷ୍ଟରେ ଚାରି ପଇସା ଦେଇ କିଣିଥିଲି । 'ଡଗର' ମୋତେ ଆଶାତୀତ ଆନନ୍ଦ ଦେଲା ସତ । କିନ୍ତୁ ଏଥିପାଇଁ ଚାରିଟା ସିଗାରେଟ୍ ମୋତେ ହରେଇବାକୁ ପଡ଼ିଥିଲା । ସେ ଦୁଃଖ ସୁଖକୁ କିଛି କମେଇ ଦେଇଥିଲା । କିଛିଦିନ ବାଦ ଜଣେ ବନ୍ଧୁଙ୍କ ହାତରେ ଦ୍ୱିତୀୟ ସଂଖ୍ୟାଟି ଦେଖି ପଚାରିଲି—'ଡଗର'ଟା କିଣିଲୁ କିରେ— ? ଉତ୍ତର ଆସିଲା—ନା ମୋର ଲେଖାଟାଏ ଏଥିରେ ବାହାରିଥିବାରୁ ସମ୍ପାଦକ ମୋ ପାଖକୁ କମ୍ପ୍ଲିମେଣ୍ଟାରି କପି ଖଣ୍ଡିକ ପଠେଇଛନ୍ତି—ତାଙ୍କୁ ଉପହାସ କରି କହିଲି—ବେଶୀ ଡହଳ କଥା କହନା ମ । ଖଣ୍ଡିଏ କିଣିସାରି ଆଡ଼ା ଚଉଡ଼ା ଦେଖାଉଛୁ ।

ମୋର ମୂର୍ଖତା ଦୂର କରିବା ଲାଗି ତାକୁ ପ୍ରାୟ ପନ୍ଦର ମିନିଟ୍ ସମୟ ନଷ୍ଟ କରିବାକୁ ପଡ଼ିଲା । ଲେଖାଟିଏ ପତ୍ରିକାରେ ବାହାରିଲେ ସମ୍ପାଦକ ଲେଖକ ପାଖକୁ ଖଣ୍ଡିଏ କମ୍ପ୍ଲିମେଣ୍ଟାରି କପି ପଠାଇ ଦିଅନ୍ତି । ସେହି ଦିନ ଏହି ଜ୍ଞାନର ମଞ୍ଜି ମୋ ମୁଣ୍ଡରେ ପୋତା ହୋଇଥିଲା ।

ଯେଉଁଦିନ ମେଡ଼ିକାଲ୍ ସ୍କୁଲରୁ ପାଶ୍ କରିବା ଖବର ପାଇଲି ସେଦିନ ମୋ ଆଖିରେ ଲୁହ ଜକେଇ ଆସିଲା । ଘରୁ ଠକ ଠାକ ନେଇ ସିନେମା-ସିଗାରେଟ୍‌ରେ ଖର୍ଚ୍ଚ କରିବାଟା ସେହି ଦିନଠାରୁ ବନ୍ଦ ହୋଇଗଲା ଭାବି ମୁଁ ଅତି ବ୍ୟଥିତ ହୋଇ ପଡ଼ିଲି ।

Digitized by srujanika@gmail.com

ଘରେ ଯାଇ ରହିବା ପରେ ମୁଁ ରୋଗଗ୍ରସ୍ତ ହୋଇ ପଡ଼ିଲି, ତଥାପି ଖର୍ଚ୍ଚ ପଡ଼ି ନଥିଲା, ଚୁରୁଟ ସିଗାରେଟ୍ ପାଇଁ ପଇସା ନାହିଁ । ଅଭାବରେ ସେମିତି ହୋଇଗଲି । ମୋ ମୁଣ୍ଡରେ ଆଗରୁ ପୋତା ହୋଇଥିବା ଦୁଇ ମଞ୍ଜି ଉପରେ ଏଇ ଅଭାବ ପାଣି ଟପ ଟପ ହୋଇ ପଡ଼ିଲା, ଦୁଇଟି ଯାକ ମଞ୍ଜି ଫାଟି ଗଜା ଧରିଲା । ମନରେ ଦମ୍ଭ ଆସିଲା—ହଅମ, ଏତେ ଲୋକ ଲେଖୁଛନ୍ତି, ମୁଁ ଲେଖି ପାରିବିନି କାହିଁକି ? ଡଗର ପଢ଼ିବା ଲାଗି କବି ଲଡେଇ' ଟି ଲେଖି ପଠେଇଦେଲି, ତତ୍କାଳୀନ ପରିଚାଳନା ସମ୍ପାଦକ ଶ୍ରୀ ଚାଇମୋହନ ଦାସ ତାକୁ ପାଇ ମୋତେ ଏତେ ଉଚ୍ଛ୍ୱସିତ ପ୍ରଶଂସା କଲେ ଯେ ମୁଁ ନିଜକୁ ଜଣେ ଲେଖକ ବୋଲି ଅନୁଭବ କଲି, 'ଡଗର' ପାଇଁ ଯାହା ପଠେଇଲି ତାହା ସବୁ ଛପା ହେଲା । ଡଗର ଖାତିମତ ପଢ଼ିବାକୁ ପାଇଲି, କିନ୍ତୁ ଟଙ୍କା— ? ବହିଟାଏ ଲେଖି ଦେଇ ପ୍ରକାଶକ ପାଖରେ ଫୋପାଡ଼ି ଦେବି । ତାଠୁଁ ଦୁଇଶହ ଟଙ୍କା ନେଇ ଆସି ଧାର ଉଧାର ସୁଝିଦେବି, ନାକ୍‌ଟା ଚନ୍ଦକର ବହିଟି ଲେଖି ବସିଲି ଓ ଧାର ଉଧାର କରି ଚୁରୁଟ ସିଗାରେଟ୍ ଖାଇଲି, ବହିଟି ଶେଷ କରିବାକୁ ବହୁଦିନ ଲାଗିଲା ।

'ନାକ୍‌ଟା ଚନ୍ଦକର' ପାଣ୍ଡୁଲିପିଟି ଗୋଟାଏ ପ୍ରକାଶକଙ୍କ ଟେବୁଲରୁ ଅନ୍ୟ-ମାନଙ୍କ ଟେବୁଲ ଉପରକୁ ଡ଼ିଆଁ ମାରି ମାରି ଆକେଡା ହୋଇ ପଡ଼ିଲା । ସବୁ ପ୍ରକାଶକଙ୍କ ମୁହଁରେ ସେହି ଗୋଟାଏ କଥା—ବାଜେ ବହି, ବଜାରରେ ଚଳିବ ନାହିଁ । ଏଣେ ଧାର ଧୂମ୍ର ପ୍ରାପ୍ତ ଅଢେଇ ଶହରେ ପହଞ୍ଚି ଯାଇଥାଏ । ମୋ ମୁହଁଟି ଶୁଖି ଯାଇଥାଏ । ମୋ ବୋଉ ଧାର କଥା ଜାଣିପାରି ମହାଜନମାନଙ୍କୁ ଡକାଇ ମୋ ଧାରତକ ସୁଝି ଦେଲା, ମୁଁ ମଧ୍ୟ ଚୁରୁଟ ସିଗାରେଟ୍ ସେହିଦିନଠାରୁ ଚାରି ଖାଇ ଛାଡ଼ିଦେଲି, ନାକ୍‌ଟା ଚନ୍ଦକର ପାଣ୍ଡୁଲିପି ଦିନେ ହାତରେ ଧରି ଭାବିଲି—ଏ ପାଣ୍ଡୁଲିପିଟା ପ୍ରକୃତରେ ଭଲ ନୁହେଁ । ମୁଁ ନିଜେ ଲେଖିଛି ବୋଲି ଏହାର ଖରାପ ଓ ଭୁଲଟା ମୁଁ ନିଜେ ଦେଖିପାରୁନି ଜାଣିଲି । ଦଶପନ୍ଦର ଦିନ ପରେ ଚୂଲିରେ ପୂରେଇ ଦେବି ବୋଲି ଠିକ୍ କଲି । ଭଗବାନଙ୍କର ଇଚ୍ଛା ଅନ୍ୟପ୍ରକାର ଥିଲା । ହଠାତ୍ ଆମ ପରିବାରର ଗୋଟିଏ ଇଜମାଇଲ ଜମି ବିକ୍ରି ହେଲା । ମୋ ହାତରେ ଟ ୨୭୦୦ ଙ୍କା ପଡ଼ିଲା । ମୋର ଜଣେ ସାନ ଭାଇ ଘର ତିଆରିରେ ସେତକ ଖର୍ଚ୍ଚ କରିବାକୁ ମୋତେ ମାଗିଲେ । ମୁଁ ଦୁଇ ହଜାର ଦେଇ ବାକି ସାତ ଶହରେ ବହିଟି ଛପାଇ ଦେଲି । ବହିଟି ଚାରିଆଡ଼ୁ ପ୍ରଶଂସା ବୋହିଆଣିଲା, କିନ୍ତୁ ଟଙ୍କା କାହିଁ ? କେହି ପଇସାଟିଏ ବି ଦେଲେ ନାହିଁ, ଛଦ୍ମ ନାମରେ ଛପି ଥିଲି । ଏ ଫଗୁଚାନନ୍ଦ କିଏ ବୋଲି ଖୋଜ୍ ଖବର ଲାଗିଲା । ମୋତେ ବହି ଲେଖି ଆସେ ବୋଲି ଭାବି ଜଣେ ବନ୍ଧୁ ତାଙ୍କ ଖର୍ଚ୍ଚରେ ହେରେସା ବହିଟି ଛାପିଲେ । ସେ

Digitized by srujanika@gmail.com

କେତେ କପିରେ ପ୍ରାୟ ଦୁଇ ଶହରୁ କିଛି କମ୍ ଟଙ୍କା ଦେଲେ, ଏ ବହି ଆଉ କିଛିଏ ଖ୍ୟାତି ବଢ଼େଇଲା । ଦାସ୍ ବ୍ରଦର୍ସ ଉତ୍ସାହିତ ହୋଇ ଦୁଇଟି ବହି 'ବିଦୂଷକ' ଓ 'ମଙ୍ଗଳବାରିଆ ସାହିତ୍ୟ ସଂସଦ' ଛାପିଲେ । ପ୍ରତ୍ୟେକ ବହି ଦୁଇ ଦୁଇ ଥର ଛପା ହୋଇଥିଲା, ଦୁଇ ପ୍ରକାର ବହି ମୁଁ ଦେଖି ଏହା ଜାଣିଲି । ମୁଁ କିନ୍ତୁ ତାର ମାଲିକଙ୍କଠାରୁ ପଇସାଟାଏ ବି ପାଇଲି ନାହିଁ । ବହୁ ଦିନପରେ ଦିନେ ତାଙ୍କ ବହି ଦୋକାନରେ ଦିନ ନଅଟାରେ ଭେଟିଲି । ସେ ଚଉକୀରେ ବସି ଟେବୁଲକୁ କୁଣ୍ଢେଇ ଥାଆନ୍ତି । ବହୁତ ଡକା ଡକି ପରେ ସେ ମୁଣ୍ଡ ଟେକିଲେ ଓ ମୋର ବକ୍ତବ୍ୟ ଶୁଣି ସେ ଜଣେ ପକ୍କା ଘୋଡ଼ା ମଦୁଆଙ୍କ ପରି କହିଲେ—ଏଁ ଫ-ରୁ-ଗ-ନିନ କି-ଏ ହିଁ ମୁଁ-ତ-ସ-ବୁ ଟ-ଙ୍କା-ଦେଇ ସା-ରି-ଛି । ମୁଁ ଭାବିଲି ସେ ମୋ ସହିତ ଖେଳିବା ପାଇଁ ବ୍ୟଙ୍ଗ ଅଭିନୟ କରୁଛନ୍ତି । ସେଇଟା ବ୍ୟଙ୍ଗ ଅଭିନୟ ନୁହେଁ ବୋଲି ଜାଣିବା ପରେ ସେଠାରୁ ମୁହଁ ପୋଡି ପଳାଇ ଆସିଲି । ଯେଉଁ ପଇସା ପାଇଁ ମୁଁ କଲମ ଧରିଥିଲି ତାର ସନ୍ଧାନ ଏ ପର୍ଯ୍ୟନ୍ତ ପାଇ ନାହିଁ । ଲେଖାଦ୍ୱାରା କିଛି ହେଲେ ଗରଜ ମୁଁ ମେଣ୍ଟାଇ ପାରିନି । ଶୁଖିଲା ସମ୍ମାନକୁ ମୁଁ କେତେଦିନ ଧରି ଚାଟିବି ? ପେଟ ପୂରୁନି । ଶୁଖିଲା ପ୍ରଶଂସା କୋକେନ୍ ପରି ପେଟରେ ଭୋକକୁ ଅବଶ୍ୟ କିଛି ସମୟ ପାଇଁ ମାରି ଦେଉଛି, ଲେଖିଥିଲି କାହିଁକି, ପାଇଲି କଅଣ । ବଙ୍ଗଳା ଲେଖକମାନଙ୍କ ଐଶ୍ୱର୍ଯ୍ୟ ଓ ସମ୍ମାନ ଆଖିଟାକୁ ଝଲସେଇ ଦିଏ । ଓଡ଼ିଶାରେ ଏପରି ହେଉ ନାହିଁ କାହିଁକି ? ଉତ୍ତର ଅବଶ୍ୟ ମୁଁ ପାଇଯାଇଛି, ଯେମିତିଆ ଦିଅଁକୁ ସେମିତିଆ ପୂଜା । ଏଠି ଶାଗଖିଆ ଲେଖକର ଶିଷ୍ୟ ପେଜପିଆ ଲେଖକ ବି ଦେଖିପାରେ ନାହିଁ । ଯାହା ପାଖରେ ଲେଖକର କୌଣସି ମୂଲ୍ୟ ନାହିଁ, ଯିଏ ଶାସକର ଶାଣ ପଥରରେ ନିଜ ଶୁଣ୍ଢ, ଦାନ୍ତ, ନଖ, ଭଲ ଭାବରେ ପଜେଇ ନେଇ ପାରିଛି, ସେ ଲେଖକମାନଙ୍କୁ ସମ୍ମାନ ଦେବ କାହିଁକି ? ବିଶେଷ କରି ଲେଖକ ଯେତେବେଳେ ନିଜର ସମ୍ମାନ ବଜାୟ ରଖିବାକୁ ଅସମର୍ଥ ।

ଏ ଲେଖାଟି ମୋର ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ନିଜର ଅଭିଜ୍ଞତାରୁ ଲେଖିଲି । ମୁଁ ଯେ ଜଣେ ଶାଗଖିଆ ଲେଖକ ତାହା ମୁଁ ମାନିଯାଉଛି । ଯଦି କେହି ପେଜପିଆ ଲେଖକ ଏଥିରେ ଉତ୍‌କ୍ଷିପ୍ତ ହୋଇ ପଡେ ତେବେ ମୁଁ ନାଚାର, ଧକମ୍ ଧକ୍କା ଦେଲେ ତାକୁ ସହିବାକୁ ମଧ୍ୟ ପ୍ରସ୍ତୁତ ।

'ମୁଁ ଓ ମୋର ପ୍ରକାଶକ' ଲେଖାଟି ଲେଖିବି କିନ୍ତୁ ତାହା ମୁଁ ମଲାପରେ ଛପା ହେବ ବୋଲି ଜଣାଇ ଜଣେ ବିଶ୍ୱସ୍ତ ବନ୍ଧୁଙ୍କ ପାଖରେ ରଖିଦେଇ ମରିବି । ସାରକଥା—ମୁଁ ଧନ ପାଇଁ ଲେଖିଛି, ପାଇନି । ଏବେ କୋଉଥିପାଇଁ ଲେଖୁଛି ତାହା ଜାଣିନି । □ □

Digitized by srujanika@gmail.com

ଗୋପାଳ ଛୋଟରାୟ

●

ଗୋପାଳ ଛୋଟରାୟ

ଜନ୍ମ—୧ ଜାନୁୟାରୀ, ୧୯୧୬

ଜନ୍ମସ୍ଥାନ—ପୁରୁଣା ଗଡ଼, ଜଗତ୍‌ସିଂହପୁର

ପିତା—ହଳଧର ଛୋଟରାୟ

ମାତା—ଇନ୍ଦୁମତୀ ଦେବୀ

ରଚିତ ପୁସ୍ତକ—

ନାଟକ—ଫେରିଆ, ସାଧନା, ପୁରିପୁରି ପାରିବାରିକ ୧ମ ଭାଗ ଓ ୨ୟ ଭାଗ, ଭରସା, ଦଳବେହେରା, ପରକଲମ, ଅର୍ଦ୍ଧାଙ୍ଗିନୀ, ଅମଡ଼ାବାଟ, ଘଟକ, ଝଞ୍ଜା, ଶଙ୍ଖସିନ୍ଦୂର, ମହାଜନ୍ମ, ପଥିକବନ୍ଧୁ, ପ୍ରତିଭା, ନଷ୍ଟଉର୍ବଶୀ ଅଭିନିନୀର ସ୍ୱର୍ଗ, ନୂଆବୋଉ, ଶାଖା ପ୍ରଶାଖା, ପଦ୍ମାଳୟ, ଶ୍ରୀହରିଙ୍କ ସଂସାର, ସହଧର୍ମିଣୀ, ହାସ୍ୟରସର ନାଟକ, ଜନଶତ୍ରୁ, ସତରଞ୍ଜି, ଡାକ୍ତରବାବୁ, ବିଭ୍ରାଟ, ଦିଗନ୍ତ, ବଧୂନିରୁପମା, ଶୋଭା, ଶେଷପର୍ଯ୍ୟାୟ, ରାମାୟଣ, ମୀରାବାଈ, ପୌରାଣିକ ନାଟକ ସଞ୍ଚୟନ, ଐତିହାସିକ ନାଟକ ସଞ୍ଚୟନ, ଗାଁ ପରିମଳ ଶୁକ ଉବାଚ ।

ଗୀତିନାଟ୍ୟ—ତିନୋଟି ଅପେରା ଏକତ୍ର, ସମ୍ପୂର୍ଣ୍ଣ ରାମାୟଣ, ଗଣେଶ, ମହିଷାମର୍ଦ୍ଦିନୀ, ଜନ୍ମାଷ୍ଟମୀ, ନ ପାହୁ ରାତି ନ ମରୁ ପତି, ବୋଲେହୁଁଟି, ଶ୍ରୀମତୀ ସମାର୍ଜନା, ବିନ୍ଦୁ ସାଗର, ଶ୍ରୀଜଗନ୍ନାଥ, ସୀତା ଲବକୁଶ, ଘରବର ବେଶ ।

ନାଟ୍ୟରୂପ—ମାମୁଁ, ଛମାଣ ଆଠଗୁଣ୍ଠ, ଧୂଳିଆ ବାବା, ପରଜା, ମୁକ୍ତା ଗଡ଼ର କ୍ଷୁଧା, ବଧୂ ନିରୁପମା, ପ୍ରତିଭା ।

ଏହା ବ୍ୟତୀତ ଶ୍ରୀଯୁକ୍ତ ଛୋଟରାୟ ତିନିଶହରୁ ଅଧିକ ବେତାର ନାଟକ ସୃଷ୍ଟି କରିବା ସହିତ ବହୁ ଓଡ଼ିଆ ଚଳଚ୍ଚିତ୍ରର କାହାଣୀ, ସଂଳାପ ରଚନା କରିଛନ୍ତି । ଦୁଇଟି ଇଂରେଜୀ ନାଟକକୁ ଓଡ଼ିଆରେ ଅନୁବାଦ କରିଛନ୍ତି । □ □

Digitized by srujanika@gmail.com

ଏହି ପ୍ରଶ୍ନଟିର ଉତ୍ତରରେ ଶ୍ରୀଯୁକ୍ତ ଗୋପିନାଥ ମହାନ୍ତି ଥରେ କହିଥିଲେ—"ମତେ 'ଲେଖା' ମାଡ଼େ ମୁଁ ସେଇଥିପାଇଁ ଲେଖେ ।" ପ୍ରାୟ ସବୁ ଲେଖକ ଭିତରେ ଭିତରେ ଅନୁଭବ କରନ୍ତି ଯେ,ସେମାନଙ୍କୁ ମଧ୍ୟ ଲେଖା ମାଡ଼େ । କିନ୍ତୁ ଏଇ ସୁନ୍ଦର ଅଭିବ୍ୟକ୍ତିଟିର ସଦୁପଯୋଗ କରିବାର ସୁଯୋଗ ଓ ସୌଭାଗ୍ୟ ଅନ୍ୟମାନଙ୍କର ହୋଇପାରି ନାହିଁ । ଗୋପିବାବୁ କେବଳ ବୁଦ୍ଧିମାନ୍ ବ୍ୟକ୍ତି ନୁହନ୍ତି, ସେ ଭାଗ୍ୟବାନ୍ । ଯଥାସ୍ଥାନରେ, ଯଥାକାଳରେ ସେ ଏଇ କଥାଟିକୁ କହି ପାରିଛନ୍ତି—କଥାଟି କହି ଆମମାନଙ୍କ ପାଇଁ ବାଟ ଫିଟାଇ ଦେଇଛନ୍ତି ।...ଏଇ ମାଡ଼ିବାଟା ମଣିଷର ଏକ ପ୍ରକୃତିଗତ-ସ୍ୱଭାବସିଦ୍ଧ ପ୍ରକ୍ରିୟା । ମୁଁ ଆଜି ମୋ' ନିଜକୁ ମନେ ମନେ ପ୍ରଶ୍ନ କରୁଛି—'ମତେ କ'ଣ କେବେ ଲେଖା ମାଡ଼ିଥିଲା' ? ଏହାର ସିଧା ସଳଖ ସ୍ପଷ୍ଟ ଉତ୍ତର ଦେବା ପାଇଁ ମତେ ମାଡ଼ି ମାଡ଼ି ପଡ଼ୁଛି । କାରଣ, ଅଜି ଦିନର କଥା ମୁଁ କହୁଛି, ସେଦିନର କୌଣସି ସ୍ପଷ୍ଟ ଚିତ୍ର ଆଜି ମୁଁ ଉଦ୍ଧାର କରି ପାରୁନି । କେବଳ ଏତିକି ମାତ୍ର ମୋର ମନେ ହେଉଚି— ସେଦିନ ବୋଧହୁଏ ମତେ ଏମିତି କିଛି ଗୋଟାଏ ମାଡ଼ିଥିଲା । ତା' ନ ହୋଇଥିଲେ, ମୁଁ ଯେତେବେଳେ ଜଣେ ପ୍ରାପ୍ତବୟସ୍କ ବାଳକ ମାତ୍ର, ସେତେବେଳେ ଗୋଟିଏ ଉପନ୍ୟାସ ପଢ଼ି ସାରିବା ପରେ ପରେ ମୁଁ କାହିଁକି ଉପନ୍ୟାସଟିର ନାଟ୍ୟରୂପ ଦେବା ପାଇଁ କାଗଜ କଲମ ଧରିଥା'ନ୍ତି ? ନାଟକ ତ ଦୂରର କଥା, ସେ ପର୍ଯ୍ୟନ୍ତ କୌଣସି ପତ୍ର ପତ୍ରିକା ପାଇଁ ମୁଁ ଦୁଇଧାଡ଼ି ଲେଖା ସୁଦ୍ଧା ଲେଖି ନାହିଁ । ଅଥଚ ମୋ ଲେଖକ ଜୀବନ ଆରମ୍ଭ ନ ହେଉଣୁ, ନାଟକ ରଚନାର ସବୁଜ ସ୍ୱପ୍ନ ମୁଁ ଦେଖୁଥିଲି । ସେଦିନ ମୋର ସେ ନାଟକ ଲେଖା ସମ୍ପୂର୍ଣ୍ଣ ହୋଇପାରି ନ ଥିଲା ସତ; କିନ୍ତୁ ଆଜି ବହୁ, ବହୁ ବର୍ଷ ପରେ ମଧ୍ୟ ସେ କଥାଟିକୁ ମୁଁ ଭୁଲି ପାରିନି ।

ଲିଖନ କାର୍ଯ୍ୟଟି ମାନସିକ ଓ ଶାରୀରିକ ଉଭୟ ଦିଗରୁ ଆୟାସ ସାଧ୍ୟ । ଲେଖକର ମାନସିକ କ୍ରିୟା ବା ପ୍ରତିଭା ଆଜକୁ ହଜାର ବର୍ଷ ତଳେ ଯେଉଁ ସ୍ତରରେ ଥିଲା, ଆଜି ହୁଏତ ସେଇ ସ୍ତରରେ ରହିପାରେ । କିନ୍ତୁ ଯୁଗର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଶାରୀରିକ କ୍ରିୟା କ୍ଷେତ୍ରରେ ବିବର୍ତ୍ତନ ଘଟୁଚି ।...ଦିନଥିଲା, ଯେତେବେଳେ ପ୍ରସ୍ତର ଦେହରେ ଲେଖା ସବୁ ଖୋଦିତ ହେଉଥିଲା । ତା'ପରେ ଆସିଲା ଭୂର୍ଜପତ୍ର, କାଠି କଲମ, ତାଳପତ୍ର ଖେଦା, ଲୌହ ଲେଖନୀ, ଖଡ଼ିକା ବାଲି କାଗଜ ଓ ପରକଲମର ଯୁଗ । ତଳେ ଚଟେଇ ଉପରେ ବସି, ଅଣ୍ଟା ଭାଙ୍ଗି ଆଣ୍ଠୁ ଉପରେ ବା ପିଢ଼ା କି ଖଟୁଲି ଉପରେ ଖେଦା ରଖି ଶରୀର ଓ ମନ ଉଭୟଙ୍କୁ ଖଟେଇ ସେଇ ଲେଖକମାନେ

Digitized by srujanika@gmail.com

ଲେଖୁଥିଲେ । ଲେଖାର ପରିମାଣ ଥିଲା କମ୍—ଗୁଣାତ୍ମକ ବିକାଶ ଥିଲା ବହୁତ ବେଶି । ସେତେବେଳେ ଯଦି ସେ ଯୁଗର କେହି ଲେଖକଙ୍କୁ 'ମୁଁ କାହିଁକି ଲେଖେ'ର ପ୍ରଶ୍ନଟି ପଚରା ହୋଇଥାନ୍ତା, ତା' ହେଲେ ନିଶ୍ଚିତଭାବେ ତାଙ୍କଠୁଁ ଗୋଟିଏ ନିର୍ମଳ ମନଖୋଲା, ଛଳନାବିହୀନ ତଥା ସତ୍ୟମୂଳକ ଯଥାର୍ଥ ଉତ୍ତର ମିଳିଥାନ୍ତା । ବର୍ତ୍ତମାନ ତ ବିଜ୍ଞାନର ଯୁଗ—ଟେକ୍‌ନୋଲଜିର ଯୁଗ । ଟିମ୍‌ଲେଡ଼୍ ମସୃଣ ଧଳା କାଗଜ ଓ ସ୍ୱ-ସ୍ଖଳିତ ଝରି କଲମଠୁଁ ଆରମ୍ଭ କରି ଟାଇପ୍ ରାଇଟର, ଡିକ୍ଟୋଫୋନ ପର୍ଯ୍ୟନ୍ତ ଲେଖକର ହାତ ମୁଠାରେ । ପୁଣି ରହିଛି ଚୌକି, ଟେବୁଲ, ବିଜୁଳି ଆଲୁଅ, ପଙ୍ଖା—ଏପରି କି ଶୀତତାପ ନିୟନ୍ତ୍ରିତ କୋଠରି । ବର୍ତ୍ତମାନ ଲେଖା "ଲିଖିତ" ହଉଛି କି "ଉତ୍ପାଦିତ" ହଉଛି, ଠିକ୍ କହିହେବ ନାହିଁ । ଏ ପରିବେଶ ଓ ପରିସ୍ଥିତିରେ 'ମୁଁ କାହିଁକି ଲେଖେ'ର ଏକ ଠିକଣା ଉତ୍ତର ଆମେ ଆଶା କରିପାରିବା କି ? …ଧରନ୍ତୁ, ଏ ପ୍ରଶ୍ନଟିର ଗୋଟିଏ ସିଧା ସଳଖ ଉତ୍ତର ଆପଣ ଜଣେ ଓଡ଼ିଆ ଭାଷାର ଲେଖକଙ୍କ ଠାରୁ ଚାହିଁଲେ । ସେ ଯଦି କହନ୍ତି—'ମୁଁ ପଇସା ପାଇଁ ଲେଖୁଚି'—ଆପଣ କେବଳ ଅର୍ଥହୀନ ଦୃଷ୍ଟିରେ ତାଙ୍କୁ ଚାହିଁ ରହିବେ । ଆଉ ସେ ଯଦି କହନ୍ତି—'ମୁଁ ଏକାଡ଼େମୀ ପୁରସ୍କାର ପାଇବା ପାଇଁ ଲେଖୁଚି'—ଆପଣ ହୁଏତ ମନେ ମନେ କହିବେ, : ହୋଇପାରେ । ପୁରସ୍କାର ପାଇବାର ଲକ୍ଷ୍ୟ ରଖି ବହିଟିଏ ପୁରସ୍କାର ପାଇବା କିଛି ବିଚିତ୍ର କଥା ନୁହେଁ । କାରଣ "ପୁରସ୍କାର ପାଇବା ଲକ୍ଷ୍ୟ" କଥାଟିର ମର୍ମ ବେଶ୍ ବ୍ୟାପକ ।

× × ×

ଲେଖିବାର ସ୍ୱୟଂପ୍ରସୂତ ପ୍ରେରଣା ବା ଉତ୍ସକୁ ଅନ୍ତଃସଲିଳା ଫଲ୍‌ଗୁ କୁହାଯାଇପାରେ । ଯାହାଠାରେ ଏଇ ଫଲ୍‌ଗୁ ପ୍ରବାହିତ, ଲେଖକ ହେବାର ଯୋଗ୍ୟତା ତା' ଠାରେ ଅଛି ବୋଲି ସ୍ୱୀକାର କରିବାକୁ ହେବ । କିନ୍ତୁ ସେ ଲେଖିବ କ'ଣ ? କାବ୍ୟ କବିତା ଲେଖିବ, ନା ଗଳ୍ପ ଉପନ୍ୟାସ ଲେଖିବ, ନା ନାଟକ ଲେଖିବ ? ନା ଏ ପ୍ରଶ୍ନର ଉତ୍ତର ନାଟ୍ୟଭାରତୀ ଅଶ୍ୱିନୀକୁମାର—କଥାସମ୍ରାଟ ଫକୀରମୋହନ କି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କେହି ଦେଇ ପାରିବେ ନାହିଁ ? କାରଣ, ତା'ର ଲେଖକ ଜୀବନରେ ସେ କୋଉଦିଗକୁ ଯିବ, କୋଉ ବିଭାଗ ବାଛି ନେବ, ତା'ମଧ୍ୟ ସେଇ ଫଲ୍‌ଗୁ ଧାରା ପରି ପୂର୍ବ ନିର୍ଦ୍ଧାରିତ, କିନ୍ତୁ ଲୁକ୍‌କାୟିତ । ପ୍ରୟୋଜନ କେବଳ ଏକ ଘଟଣା—ଏକ ଆକ୍‌ସିଡ଼େଣ୍ଟ—ଯାହା ଫଳରେ ତା'ର ନିର୍ଦ୍ଦିଷ୍ଟ ରାହା ସେ ପାଇପାରିବ ।

× × ×

Digitized by srujanika@gmail.com

ଚତୁର୍ଥ ଦଶକର ଆଦ୍ୟ ଭାଗ । ଦ୍ୱିତୀୟ ମହାଯୁଦ୍ଧର ସମୟ । ଖଣ୍ଡିଏ ପ୍ରଶ୍ନର ପତ୍ର ହାତକୁ ଆସିଲା । ଜର୍ମାନୀ ଓ ଜାପାନର ଫାସିଜମ କବଳରୁ ଏ ଦେଶକୁ ବଞ୍ଚାଇବା ପାଇଁ ଦେଶବାସୀଙ୍କୁ ଜାଗ୍ରତ କରିବାକୁ ପଡ଼ିବ । ଅନ୍ୟ କଥାରେ ଗଣ ଜାଗରଣ । ସେଥିପାଇଁ ଏଇ ପୃଷ୍ଠ ଭୂମିରେ ଲିଖିତ କବିତା, ଗୀତ, ଶ୍ରେଷ୍ଠ ଗଳ୍ପ ଓ ଏକାଙ୍କିକା ନାଟକ ଦରକାର । ଲେଖା ଚାହିଁଛନ୍ତି ନେସନାଲ୍ ଓ୍ୟାର୍ ଫ୍ରଣ୍ଟ୍ । ଘରକୁ ଫେରି ସଙ୍ଗେ ସଙ୍ଗେ ନାଟକ ଲେଖି ବସିଲି । ଲେଖା ଆରମ୍ଭ କଲି, ମାତ୍ର ମନରେ ଆଉ ଏକ ପ୍ରଶ୍ନ । ସେତେବେଳେ ଭାରତ ଉପରେ ଜାପାନର ବୋମା ମାଡ଼ ଆରମ୍ଭ ହୋଇଯାଇଥାଏ । ଜର୍ମାନ-ଜାପାନ ପ୍ରଭୃତିଙ୍କ ଆକ୍ସିସ (axis)·ମେଣ୍ଟ ବିରୁଦ୍ଧରେ ଲେଖିବାକୁ ହେଲେ ମିତ୍ର ପକ୍ଷକୁ ତ ସମର୍ଥନ କରିବାକୁ ହେବ ।···ଟିକିଏ ଚିନ୍ତା କରି ଏଇ ସିଦ୍ଧାନ୍ତରେ ପହଞ୍ଚିଲି ଯେ ମୋ ନାଟକର ଥିମ୍ ହେବ—ଏ ଭାରତ ଦେଶ ଆମର ଥିଲା, ଆମର ରହିବ, ଏଠି ଜର୍ମାନୀ ଜାପାନ କାହାରି ସ୍ଥାନ ନାହିଁ ।···ମିତ୍ର ପକ୍ଷ ବିରୁଦ୍ଧରେ କିଛୁ ଲେଖିଲି ନାହିଁ ସତ—ସେମିତି ମିତ୍ର ପକ୍ଷକୁ ସମର୍ଥନ କରି ମଧ୍ୟ କିଛୁ ଲେଖିଲି ନାହିଁ । ନାଟକ ଲେଖା ଶେଷ ହେଲା—ନାଟକ ଗୃହୀତ ହେଲା—ଟଙ୍କା ମିଳିଲା—ଦୁଇଟି ରଙ୍ଗମଞ୍ଚରେ ଅଭିନୀତ ହେଲା—ପୁସ୍ତକ ଆକାରରେ ପ୍ରକାଶିତ ହେଲା । ଏହା ମୋର ପ୍ରଥମ ନାଟକ । ଆଉ ଏ ନାଟକଟିକୁ ପଢ଼ି "ମୁକୁର" ମାସିକ ପତ୍ରିକାର ପ୍ରତିଷ୍ଠାତା ପ୍ରବୀଣ ସାହିତ୍ୟିକ ତଥା ଜନନେତା ନେସନାଲ ଓ୍ୟାର୍ ଫ୍ରଣ୍ଟର ମୁଖ୍ୟକର୍ତ୍ତା ସ୍ୱର୍ଗତ ବ୍ରଜସୁନ୍ଦର ଦାସଙ୍କଠାରୁ ଯେଉଁ ସହୃଦୟ ପ୍ରେରଣା, ଉତ୍ସାହ ଓ ଅନାବିଳ ପ୍ରଶଂସା ପାଇଥିଲି, ତାହା ମୋର ଆଗାମୀ ଜୀବନଯାତ୍ରା ପାଇଁ ମତେ ଏକ ସୁନିର୍ଦ୍ଦେଶିତ ଛକ ଉପରେ ଠିଆ କରାଇ ପାରିଥିଲା··· । କିନ୍ତୁ ଏସବୁ ତ ନାଟକଟି ଲେଖି ସାରିବା ପରର ଘଟଣା । କିନ୍ତୁ ବିଜ୍ଞାପନ ପତ୍ରଟି ପାଇବା ମାତ୍ରେ ମୁଁ ଲେଖା ଆରମ୍ଭ କଲି କାହିଁକି ? କାହିଁକି ନାଟକଟିଏ ଲେଖିଲି ? ଏହା ପୂର୍ବରୁ ମୋର ଲେଖକ ଜୀବନର ସୂତ୍ରପାତ ହୋଇ ନଥିଲା ବୋଲି ମୁଁ କହିବି । ପ୍ରାୟ ସବୁ ଲେଖକ ଯେମିତି "କବିତା" ରୁ ସେମାନଙ୍କର ଜୀବନ ଆରମ୍ଭ କରନ୍ତି, ସେମିତି କେତୋଟି କବିତା ଅବଶ୍ୟ ମୁଁ ସେତେବେଳକୁ ଲେଖିଥିଲି । କିନ୍ତୁ ସେ ସବୁକୁ ମୁଁ "ଲେଖିଥିଲି" କହିଲେ ଠିକ୍ ହେବ ନାହିଁ । ସେ ସବୁକୁ ମୋଠାରୁ ଲେଖେଇ ନିଆ ହୋଇଥିଲା । ··· ସେ ଦିନ ମୋର ସେଇ ପ୍ରଥମ ନାଟକ (ସହଧର୍ମିଣୀ)—ଅନ୍ୟ କଥାରେ ମୋର ପ୍ରଥମ ଉଲ୍ଲେଖନୀୟ ଲେଖା—ମୁଁ ଲେଖିଲି ଏଇଥି ପାଇଁ ଯେ— 'ମୁଁ ଲେଖି ପାରିବି'—ଏମିତି ଏକ ହବ୍ୟାଧାରଣା ଲେଖା ଆରମ୍ଭ ପୂର୍ବରୁ ମୋ ମନରେ ଜାତ ହୋଇଥିଲା । ସେଦିନର ଏଇ ଘଟଣାଟି କଣ—"ମୁଁ କାହିଁକି ଲେଖେଁ ?" ପ୍ରଶ୍ନର ଏକ ଅଲିଖିତ ଉତ୍ତର ନୁହେଁ ?

× × ×

Digitized by srujanika@gmail.com

ଊଣେଇଶି ଶହ ଛତିଶ ମସିହା । ଊଣେଇଶି ଶହ ପଇଁତିରିଶ ମସିହା ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ(1935 Govt. of India Act) ଅନୁଯାୟୀ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ଓ ଓଡ଼ିଶା ସହିତ ଭାରତର ଅନ୍ୟ ପ୍ରଦେଶ ମାନଙ୍କରେ ଆସେମ୍ବ୍ଲି ନିର୍ବାଚନ ହେଲା । ଲିମିଟେଡ଼୍ ଫ୍ରାଞ୍ଚାଇଜ୍ ପଦ୍ଧତିରେ ଏ ନିର୍ବାଚନ ହୋଇଥିଲା । ଅର୍ଥାତ୍ ଭୋଟର୍ ତ ନିଶ୍ଚୟ ଏକୋଇଶି ବର୍ଷ ବୟସର ହୋଇଥିବେ । ସେଇ ସଙ୍ଗେ ସଙ୍ଗେ ସେ ଖୁବ୍ କମରେ ମାଟ୍ରିକ ପାଶ୍ କରିଥିବେ କିମ୍ବା ତାଙ୍କର ନିମ୍ନତମ ଆୟର ପରିମାଣ କିମ୍ବା ଖଜଣା ଟାକ୍ସ ଆଦିର ପରିମାଣ ଏକ ନିର୍ଦ୍ଦିଷ୍ଟ ସୀମା ଭୁକ୍ତ ହୋଇଥିବ । ଏଥିପାଇଁ ଭୋଟରମାନଙ୍କ ସଂଖ୍ୟା ବର୍ତ୍ତମାନ ତୁଳନାରେ ଖୁବ୍ ସୀମିତ ଥିଲା । ଏଇ ନିର୍ବାଚନରେ କଟକ ସହର ପାଇଁ ଏକ ସ୍ୱତନ୍ତ୍ର ମହିଳା ନିର୍ବାଚନମଣ୍ଡଳ ଗଠିତ ହୋଇଥିଲା । ଏଥିରେ କେବଳ ମହିଳାମାନେ ଭୋଟ ଦେବେ ଓ ମହିଳା ପ୍ରାର୍ଥୀ ନିର୍ବାଚନ ଲଢ଼ିବେ । ମୋଟ ପ୍ରାର୍ଥୀ ଥିଲେ ଦୁଇଜଣ—କଂଗ୍ରେସ ପକ୍ଷରୁ ଶ୍ରୀମତୀ ସରଳା ଦେବୀ ଓ ଅନ୍ୟ ଏକ ଦଳରୁ (ଦଳର ନାଁ ଠିକ୍ ମନେ ପଡ଼ୁନି) ପ୍ରାର୍ଥୀ ଥିଲେ ଶ୍ରୀମତୀ ଲତିକା ଦେବୀ । ପୋଲିଙ୍ଗ୍ ବୁଥ୍ ଥିଲା ମାତ୍ର ଗୋଟିଏ—ଭୋଟଗ୍ରହଣ ଚାଲିଥିଲା ସାତଦିନ । ସକାଳ ନ'ଟାରୁ ଅପରାହ୍ଣ ଚାରିଟା ପର୍ଯ୍ୟନ୍ତ ପଞ୍ଚା ପଞ୍ଚା ସ୍ତ୍ରୀଲୋକ ଭୋଟ ଦେବାକୁ ଆସୁଥାନ୍ତି । ଯେମିତି ଏକ ନାରୀ ମେଳା-ଆନନ୍ଦ ମେଳା । ମୋର ବୟସ ସେତେବେଳେ ମାତ୍ର ଷୋଳ ବର୍ଷ । ମୁଁ କଂଗ୍ରେସର ବାନର ସେନା ନ ଥିଲି କି କଂଗ୍ରେସ ଦଳର କର୍ମୀ ନ ଥିଲି । ଦେଶର ଅଗଣିତ ଆବାଳବୃଦ୍ଧଙ୍କ ପରି ମୁଁ ଥିଲି କଂଗ୍ରେସପ୍ରେମୀ । ଏ ନିର୍ବାଚନରେ ମୁଁ ଥିଲି ସରଳା ଦେବୀଙ୍କର ଜଣେ କର୍ମୀ । ସେତେବେଳେ ନିର୍ବାଚନ ଲଢ଼େଇ ପାଇଁ କଂଗ୍ରେସକୁ ପଇସା ଖର୍ଚ୍ଚ କରିବାକୁ ପଡ଼ୁ ନଥିଲା । ସବୁକାମ ଯେମିତି ଆପେ ଆପେ ହୋଇଯାଉଥିଲା—କଂଗ୍ରେସ ପ୍ରାର୍ଥୀମାନେ ନିର୍ବାଚନ ଜିତୁଥିଲେ । (ଆଜି କାହିଁଗଲା ସେ ଦିନ !!) ପଇସା ପତ୍ର ବା ପାରିଶ୍ରମିକ ତ ଦୂରର କଥା —ଆମେ ଯେତେ ଲୋକ କଂଗ୍ରେସ ପକ୍ଷର କର୍ମୀ ଥିଲୁ— ସକାଳୁ ଘରୁ ଖାଇ ପୋଲିଙ୍ଗ କେନ୍ଦ୍ରକୁ ଆସିବୁ, ପୋଲିଙ୍ଗ ଶେଷ ପର୍ଯ୍ୟନ୍ତ କାମ କରିବୁ । ମଧ୍ୟାହ୍ନ ସମୟରେ ଭୋଜନର ବ୍ୟବସ୍ଥା ଥିଲା ମାତ୍ର କେଇଖଣ୍ଡ ପୁରି ଓ କିଛି ବୁନ୍ଦିଆ । ଆଉ ସେ ପାଖରେ ସୁସ୍ୱାଦୁ ମହାର୍ଘ ଖାଦ୍ୟର ଭଣ୍ଡାର ଖୋଲା ହୋଇଥାଏ । ଆମେ ସବୁ ଦେଖୁଥାଉ, ବୁଝୁଥାଉ । କିନ୍ତୁ ଅସୀମ ଆଗ୍ରହ ଓ ଉତ୍ସାହ ଭିତରେ କାମ କରିଚାଲିଥାଉ । ବର୍ତ୍ତମାନ ନିର୍ବାଚନ ସମୟରେ ଗୁଣ୍ଡାମି, ଗୁଳିଚାଳନା ଓ ଭୋଟ କେନ୍ଦ୍ର ଦଖଲ ସେତେବେଳେ ଆମ କଳ୍ପନାର ବାହାରେ ଥିଲା । ···ନିର୍ବାଚନ ଶେଷ ହେଲା । ସରଳା ଦେବୀ ଜିତିଲେ । ମନରେ ଆମର ଆନନ୍ଦ । କିନ୍ତୁ ଉଲ୍ଲାସର ସ୍ଥାନ ନାହିଁ । ବ୍ୟାଣ୍ଡବାଜା ବଜାଇ ସରଳା ଦେବୀ

Digitized by srujanika@gmail.com

ଶୋଭାଯାତ୍ରାରେ ବାହାରି ନଥିଲେ । କାରଣ ଆମେ ଜାଣିଥିଲୁ—ସମସ୍ତେ ଜାଣିଥିଲେ—କଂଗ୍ରେସ ପ୍ରାର୍ଥୀ ଜିତିବେ ।

ଅବଶ୍ୟ ଏ ଘଟଣାର ଅନ୍ୟ ଏକ ଦିଗ ଥିଲା । ସେତେବେଳେ ବ୍ରିଟିଶ ସରକାରଙ୍କ ବାହୁଚ୍ଛାୟା ତଳେ ରହି କେତେକ ଧନୀ ଲୋକ ନିର୍ବାଚନ ଲଢୁଥିଲେ । ଅମାପ ଅର୍ଥ ବ୍ୟୟ କରୁଥିଲେ । ଫଳରେ ସରଳ ପ୍ରାଣ ଭୋଟଦାତାମାନେ ପଥ-ଭ୍ରଷ୍ଟ ହେଉଥିଲେ ଓ ଅର୍ଥଲୋଭୀ ଭୋଟଦାତାମାନେ ନିର୍ବାଚନର ମହତ୍ତ୍ୱ ପ୍ରତି ଆଖି ବାନ୍ଧି ଦେଉଥିଲେ । ବୟସ ଓ ବିଦ୍ୟାର ବୁଦ୍ଧି ଦୃଷ୍ଟିରୁ ମୁଁ ପରିପକ୍ୱ ହୋଇ ନଥିଲେ ମଧ୍ୟ ଏଭଳି ଘଟଣାର ଜଣେ ପ୍ରତ୍ୟକ୍ଷଦର୍ଶୀ ଭାବରେ ମୋର ତରୁଣ ପ୍ରାଣ ବ୍ୟସ୍ତ ବିବ୍ରତ ହୋଇ ଯାଉଥାଏ । ମନ ଉଦ୍ବିଗ୍ନ ହୋଇ ଉଠୁଥାଏ । ରାଜନୀତି ସମ୍ବନ୍ଧରେ ଯେତିକି ଯାହା ଦେଖାଶୁଣା ଜ୍ଞାନ ଅର୍ଜ୍ଜନ କରିଥିଲି, ସେଥିରୁ ଏଇଆ ବୁଝିଥିଲି ଯେ ବ୍ରିଟିଶ୍ ରାଜତ୍ୱ ଲୋପ ପାଇଲା ପରେ ଏ ଦେଶରେ ମୁକ୍ତ ନିର୍ବାଚନ ମାଧ୍ୟମରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହେବ । କିନ୍ତୁ ନିର୍ବାଚନ ଯଦି ଏମିତି ଚାଲେ, ତା ହେଲେ ଶାସକର ଗାଦୀକୁ ଆସିବ କିଏ ? ମନ ଦବିଯାଉଥାଏ, ମାତ୍ର ସମ୍ମୁଦ୍ଭୂତିରେ ଏସବୁ କଳୁଷିତ ଭାବନାକୁ ଆଡ଼େଇ ଦେଇ ମନେ ମନେ ଏଇ ସାନ୍ତ୍ୱନା ଲାଭ କଲି ଯେ, ଏସବୁ ଦୁର୍ନୀତି ଯାହା ଚାଲିଛି ସେ ସମସ୍ତ କେବଳ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ । ଦେଶ ସ୍ୱାଧୀନ ହେଲା ପରେ କଳୁଷବିହୀନ ମୁକ୍ତ ନିର୍ବାଚନ ହେବ ଓ ନିର୍ମଳ ଗଣତନ୍ତ୍ର ଶାସନ ଦେଶରେ ପ୍ରତିଷ୍ଠିତ ହେବ ।

ଦେଶ ସ୍ୱାଧୀନ ହେଲା । ସମ୍ବିଧାନ ରଚିତ ହେଲା ଊଣେଇଶ ଶହ ପଚାଶ ମସିହା ଜାନୁଆରୀ ଛବିଶ ତାରିଖରେ । ସାର୍ବଭୌମ ସାଧାରଣତନ୍ତ୍ର ଭାରତର ପ୍ରଥମ ସାଧାରଣ ନିର୍ବାଚନ (General franchise) ହେଲା ଊଣେଇଶ ଶହ ଏକାବନ ବାବନରେ । ମୁଁ କେବେ କୌଣସି ରାଜନୈତିକ ଦଳ ସହିତ ସଂପୃକ୍ତ ହୋଇ ନାହିଁ । କିନ୍ତୁ ଏ ଦେଶର ଅଗଣିତ ଜନତାଙ୍କ ପରି ମୋର ପ୍ରିୟ ସ୍ୱାଧୀନ ରାଷ୍ଟ୍ରର ଏଇ ପ୍ରଥମ ସାଧାରଣ ନିର୍ବାଚନର ଗତିବିଧି ସହିତ ମୋର ଏକ ନିବିଡ଼ ମାନସିକ ସମ୍ପର୍କ ସ୍ଥାପିତ ହୋଇଗଲା । କିନ୍ତୁ ଏ ହେଲା କ'ଣ ? ଯେତେବେଳେ ସମସ୍ତ ବାହ୍ୟ ଜଗତ ସ୍ୱାଧୀନ ଭାରତର ଏଇ ପ୍ରଥମ ଐତିହାସିକ ପଦକ୍ଷେପକୁ ଆଗ୍ରହର ସହିତ ଲକ୍ଷ୍ୟ କରନ୍ତି, ଦେଶ ଭିତରେ ଏ ଚାଲିଛି କ'ଣ ? ଦଳ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦିତା ସ୍ୱାଭାବିକ । କିନ୍ତୁ ସ୍ୱାଧୀନତା ପୂର୍ବରୁ ଯେଉଁଦଳ ଏକ ସଂଯତ ସୁସଂହତ ଗୋଷ୍ଠୀ ଭାବରେ ଖ୍ୟାତି ଲାଭ କରିଥିଲା-ସ୍ୱାଧୀନତା ପରେ ସେମାନଙ୍କ ନିଜ ନିଜ ଭିତରେ ପ୍ରତିଷ୍ଠା ପାଇଁ-ପୋଜିସନ୍ ପାଇଁ କନ୍ଦଳ ଆରମ୍ଭ ହୋଇଗଲା । ଗୋଟିଏ ଦଳର ଜଣେ ଆଜୀବନ ସଭ୍ୟ ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ନ ପାଇବାରୁ

Digitized by srujanika@gmail.com

ସେଇ ସଂଗେ ସଂଗେ ସେ ରାତ ବାରଟା ବେଳେ ଅନ୍ୟ ଏକ ଦଳରେ ଯୋଗ ଦେଇ ନିର୍ବାଚନ ଲଢ଼ିଲେ । କଥା ଅଛି—"A politician can do anything to keep his Job-even he can become a patriot" ଏଇ ଶ୍ଳେଷପୂର୍ଣ୍ଣ କଥାଟିର ଇଙ୍ଗିତ ହେଲା ଯେ, ଯିଏ ରାଜନୀତି କରେ ସେ କେବେ ଦେଶପ୍ରେମୀ ହୋଇ ପାରିବ ନାହିଁ । ସ୍ୱାଧୀନତା ପୂର୍ବରୁ ଏ କଥାଟି ମୋ ନିକଟରେ ଅସାର ବୋଧ ହେଉଥିଲା । କିନ୍ତୁ ଏବେ ଏଇ ଉକ୍ତିଟିକୁ ମୁଁ ମର୍ମେ ମର୍ମେ ଅନୁଭବ କଲି । ନିର୍ବାଚନ ପ୍ରାଙ୍ଗଣରେ ପାଦ ଥୋଇ ସ୍ୱାଧୀନତାର ମହୁଫେଣା ଭାଙ୍ଗିବା ପାଇଁ ସବୁଦଳ-ସବୁ ଗୋଷ୍ଠୀ ଆଗେଇ ଆସୁଛନ୍ତି । କିନ୍ତୁ କାହାର ଆତ୍ମବିଶ୍ୱାସ ନାହିଁ ଆତ୍ମପ୍ରତ୍ୟୟ ନାହିଁ । 'କାଳେ ହାରିଯିବୁ'—ଏଇ ପ୍ରଚ୍ଛନ୍ନ ଆଶଙ୍କା ସମସ୍ତଙ୍କୁ ଘାରି ରହିଲା । ଆରମ୍ଭ ହୋଇଗଲା ଲୁଚ୍ ଚୁପ୍ ବ୍ୟବସ୍ଥା କାରବାର । କୋଉଠି ଛତା, କୋଉଠି ଲଣ୍ଠନ, କୋଉଠି ଚାଦର, କୋଉଠି କମ୍ବଳ, ଆଉ କୋଉଠି ଗାଁ ଲାଇବ୍ରେରୀ, ମନ୍ଦିର ବା ଭାଗବତ ଟୁଙ୍ଗୀ ପାଇଁ ଥୋକ୍ ଟଙ୍କା । ମୋ ଆଖି ଆଗରେ ଏସବୁ ଦୃଶ୍ୟ ଘଟିଯାଉଚି । ସ୍ୱର୍ଗର ଦେବଦୂତଙ୍କୁ ଅପେକ୍ଷା କଲାଭଳି ଏଇ ପ୍ରଥମ ସାଧାରଣ ନିର୍ବାଚନକୁ ମୁଁ ଅପେକ୍ଷା କରି ରହିଥିଲି । ଆମେରିକା ସ୍ୱାଧୀନ ହେଲା ପରେ ସେ ଦେଶର ପ୍ରଥମ ପ୍ରେସିଡ଼େଣ୍ଟ ନିର୍ବାଚନରେ କଣ ଏଇ କାରବାର ଚାଲିଥିଲା ? ଇଂଲଣ୍ଡର ରାଜା ଜନ୍ଙ୍କଠାରୁ ବ୍ୟାରନ୍‌ମାନେ କ୍ଷମତା ଛଡ଼ାଇ ଆଣିଲା ପରେ ବ୍ରିଟିଶ୍ ପାର୍ଲାମେଣ୍ଟର ପ୍ରଥମ ନିର୍ବାଚନ କଣ ଏଇ ଦୁର୍ଦ୍ଦଶା ଭୋଗିଥିଲା । ଆଧୁନିକ ଗଣତନ୍ତ୍ର ତ ଆମର ପରଂପରା ନୁହେଁ, ଆମେ ସେଇମାନଙ୍କଠୁଁ ଆଣିଛୁ । ଏ କଳଙ୍କର ସ୍ପର୍ଶ ତେବେ ଆସିଲା କେଉଁଠୁ ?......ମୋର ମନେ ପଡ଼ିଲା ସେଇ ଉଣେଇଶି ଶହ ଛତିଶ ନିର୍ବାଚନ କଥା । ଏଡ଼ିକି ନିର୍ବୋଧ ମୁଁ । ସେତେବେଳେ ପୁନା ପିଲାଟି ପରି ମନକୁ ସାନ୍ତ୍ୱନା ଦେଇଥିଲି ଯେ ସ୍ୱାଧୀନତା ପରେ କଳୁଷ ବନ୍ଧନ ମୁକ୍ତ ନିର୍ମଳ ନିର୍ବାଚନ ହେବ !! ଛତିଶରୁ ବାବନ-ମାତ୍ର ଷୋଳ ବର୍ଷ ପରେ ସବୁ ଓଲଟ ପାଲଟ ହୋଇଗଲା !!......ଉଣେଇଶି ଶହ ତେପନରେ ମୁଁ ଲେଖିଲି ନାଟକ—ପରକଳମ ।

ଏଇଠି ମୁଁ ପୁଣି ଟିକେ ପଛକୁ ଫେରଯାଉଛି । ପଡ଼ୋଶୀ ରାଜ୍ୟରେ ଦୁର୍ଭିକ୍ଷ ଦେଖାଦେଲା । ତାଙ୍କ ସରକାର ଆମ ପ୍ରଦେଶରୁ ଧାନ ଚାଉଳ ସଂଗ୍ରହ ପାଇଁ ଆମ ସରକାରଙ୍କୁ ଅନୁରୋଧ କରି ଜଣେ ଏଜେଣ୍ଟଙ୍କୁ ପଠେଇଲେ । ଏଜେଣ୍ଟ୍ ଜଣକେ ବଡ଼ ବ୍ୟବସାୟୀ । ଆମର ଖାଦ୍ୟମନ୍ତ୍ରୀ କେବଳ ଯେ ଖାଦ୍ୟ ସଂଗ୍ରହର ଅନୁମତି ଦେଲେ ତାହା ନୁହେଁ, ଏଜେଣ୍ଟଙ୍କଠାରୁ ପ୍ରଚୁର ପରିମାଣରେ ଅର୍ଥ ଆତ୍ମସାତ୍ କରି ତାଙ୍କୁ ଅନିର୍ଦ୍ଦିଷ୍ଟ କାଳପାଇଁ ଫ୍ରିଟ୍ରେଡ୍ ଲାଇସେନସ୍ ବା ମୁକ୍ତ ବାଣିଜ୍ୟ କାରବାର ପାଇଁ ଲାଇସେନସ୍ ଦେଲେ । ଏଜେଣ୍ଟ୍ ଜଣକ ତାଙ୍କ

Digitized by srujanika@gmail.com

ବ୍ୟବସାୟ ବୃଦ୍ଧି ଖଟେଇ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଧାନ ଚାଉଳର ଦର ହଠାତ୍ ବହୁଗୁଣ ବଢ଼େଇ ଦେଲେ । ଫଳରେ ବଡ଼ ବଡ଼ ଚାଷୀଙ୍କଠୁଁ ଆରମ୍ଭ କରି ସାଧାରଣ ଚାଷୀ ପର୍ଯ୍ୟନ୍ତ ଟଙ୍କା ଲୋଭରେ ଆଖି ବୁଜି ଧାନ ଚାଉଳ ମପେଇ ଦେଲେ । ପଡ଼ୋଶୀ ପ୍ରଦେଶକୁ ଦିନ ରାତି ହଜାର ହଜାର ବସ୍ତା ଖାଦ୍ୟଶସ୍ୟ ଚାଲାଣ ହେଲା । ଏହା ହେଉଛି ସ୍ୱାଧୀନତା ପ୍ରାପ୍ତିର କିଛି ବର୍ଷ ପୂର୍ବର ଘଟଣା । ମହାଯୁଦ୍ଧ ସମୟ । ଚାରିଆଡ଼େ ଆତଙ୍କରାଜ । କେହି ପାଟି ଫିଟେଇବାକୁ ନାହିଁ । ଏକଥା ବାହାରେ ପ୍ରକାଶ ପାଇ କିଛି ଆଲୋଚନା—ସମାଲୋଚନା ହେଲା । ତା'ପରେ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ । ସରକାର ଭାଙ୍ଗିଲା । କିନ୍ତୁ ସେତେବେଳକୁ ଉତ୍ତରରେ ବାଲେଶ୍ୱର ମହଜୁଦ ଖାଦ୍ୟ ପରିମାଣ ପ୍ରାୟ ଶୂନ୍ୟସ୍ତରକୁ ଚାଲି ଆସିଲାଣି । କିଣିଖିଆ ଲୋକେ ଧାନ ଚାଉଳ କିଣିବାକୁ ପାଇଲେ ନାହିଁ । ଯୁଦ୍ଧ-କାଳୀନ ଅବସ୍ଥା ଯୋଗୁଁ ଯାନବାହାନର ଘୋର ଅଭାବ । ଅନ୍ୟ ସ୍ଥାନରୁ ଖାଦ୍ୟ ଶସ୍ୟ ଆଣି ଯୋଗାଇବା ସହଜ ନୁହେଁ । ଅବସ୍ଥା କ୍ରମେ ଗୁରୁତର ହେଲା । ଉତ୍କଟ ଖାଦ୍ୟାଭାବ ଯୋଗୁଁ ଦେଖାଦେଲା ମଡ଼କ । କଳନାହାନ ସଂଖ୍ୟାରେ ଲୋକ ମଲେ । ଓଡ଼ିଶା ଇତିହାସରେ ଏହି କଳଙ୍କମୟ ଘଟଣାର ପଟାନ୍ତର ନାହିଁ । କହିଲେ ଚଳେ । ଦୈବକ୍ରମେ (ଆଉ ବୋଧହୁଏ ଦୁର୍ଭାଗ୍ୟକ୍ରମେ) ଏଇ ଘଟଣାର ପ୍ରତ୍ୟକ୍ଷ ବିବରଣୀ ମୁଁ ପାଇ ପାରୁଥିଲି । (ଚତୁର୍ଥ ଦଶକର ସେନ୍‌ସସ୍ ରିପୋର୍ଟରେ ଏ ଘଟଣା ସମ୍ପର୍କରେ କୁହାଯାଇଛି ଯେ ଏ ମଡ଼କ ଦୈବକୃତ ନୁହେଁ—ମନୁଷ୍ୟକୃତ ।)

ଭାରତର ପ୍ରଥମ ସାଧାରଣ ନିର୍ବାଚନକୁ ଭିତ୍ତିକରି ମୁଁ "ପରକଲମ" ନାଟକ ଲେଖିବାର ଯୋଜନା କରିଥାଏ । ସେତେବେଳେ ଏଇ ଘଟଣାଟି ମୋ ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କଲା । ସ୍ଥିର କଲି ଏ ଘଟଣାଟିକୁ "ପର କଲମ" ନାଟକରେ ସ୍ଥାନ ଦେବି । ଏହି ନିଷ୍ପତ୍ତି ପଛରେ ମୋର ଯୁକ୍ତି ଥିଲା ଯେ, ଯେଉଁ ଖାଦ୍ୟମନ୍ତ୍ରୀ ଅର୍ଥ ଲୋଭରେ ଫ୍ରି ଟ୍ରେଡ଼୍ ଲାଇସେନସ୍ ଦେଇଥିଲେ, ସେ ଜଣେ ନିର୍ବାଚିତ ଲୋକପ୍ରତିନିଧି ଥିଲେ । ଆଉ, ସବୁ ନୀତି-ସବୁ ଆଦର୍ଶ-ସବୁ ପ୍ରତିଶ୍ରୁତି ତଥା ଦେଶବାସୀଙ୍କ ସମୂହ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଯେଉଁଭଳି ଭାବରେ ଦେଶର ପ୍ରଥମ ସାଧାରଣ ନିର୍ବାଚନ ସମାହିତ ହେଲା, ସେଥିରେ ନିର୍ବାଚିତ ପ୍ରତିନିଧିମାନେ ଯେ ଆଉ ଏକ ମଡ଼କ ସୃଷ୍ଟି ନ କରିବେ, ତା'ର ଗ୍ୟାରେଣ୍ଟି କିଏ ଦେବ ? ଫଳରେ ନିର୍ବାଚନ ଓ ମଡ଼କ ଏଇ ଦୁଇଟି ମୁଖ୍ୟ ଘଟଣାକୁ ନେଇ ମୁଁ "ପରକଲମ" ନାଟକ ଲେଖିଲି । ଏଇ ଅବସରରେ ମୋ' ମନରେ ଆଉ ଏକ ପ୍ରଶ୍ନ ଦେଖାଦେଲା । ଯେଉଁ ମନ୍ତ୍ରୀ ଉତ୍କୋଚ

Digitized by srujanika@gmail.com

ଗ୍ରହଣ କରି ଫ୍ରିହେଣ୍ଡ୍ ଲାଇସେନସ୍ ଦେଇଥିଲେ, ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ସରକାର ଇସ୍ତଫା ଦେଲେ ମନ୍ତ୍ରୀମଣ୍ଡଳ ଭାଙ୍ଗିଲା—ସେ ମନ୍ତ୍ରୀ ନିର୍ବିଘ୍ନରେ ତାଙ୍କ ଘରକୁ ଫେରିଗଲେ । ଯାହା କହନ୍ତି ସ୍କଟ୍ ଫ୍ରି (Scot free) କିନ୍ତୁ ଏଭଳି ଏକ ଘଟଣାର ଏ ପରିଣତିକୁ ମୁଁ ସ୍ୱୀକାର କରି ପାରିଲି ନାହିଁ ।

ନାଟ୍ୟାସ୍ୱତା ରକ୍ଷା ଦୃଷ୍ଟିରୁ "ପରକଲମ" ନାଟକରେ ଅଭିଯୁକ୍ତ ଚରିତ୍ର ଥିଲେ ସ୍ୱୟଂ ମୁଖ୍ୟମନ୍ତ୍ରୀ । ନାଟକର ଏକ କ୍ଲାଇମାକସ୍ ତଥା ଶେଷ ଦୃଶ୍ୟରେ ଅଭିଯୁକ୍ତ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବା କଥା । କିନ୍ତୁ କିପରି ? ଅବଶ୍ୟ ଦରକାର ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କୁ ଡ଼ିସ୍‌ମିସ୍ କରିବାର କ୍ଷମତା ଗଭର୍ଣ୍ଣରଙ୍କର ଅଛି । କିନ୍ତୁ ସେ ପର୍ଯ୍ୟନ୍ତ; ଅର୍ଥାତ୍ ଊଣେଇଶ ଶହ ତେପନ ମସିହା ପର୍ଯ୍ୟନ୍ତ ମୋ ପାଖରେ ପୂର୍ବର ନଜିର କିଛି ନାହିଁ । ସେତିକିବେଳେ ମୋପାଇଁ ଏକ ଦ୍ୱାର ଉନ୍ମୁକ୍ତ ହୋଇଗଲା । ସେତେବେଳେ କାଶ୍ମୀରର ପ୍ରଧାନମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) ସେଖ୍ ଅବ୍‌ଦୁଲ୍ଲାଙ୍କୁ ସେଡ଼ିସନ୍ (Sedition) ଅଭିଯୋଗରେ କାଶ୍ମୀରର ସଦର୍-ଇ-ରିୟାସତ୍ (ରାଜ୍ୟପାଳ) କରଣ୍‌ସିଂହ ଡ଼ିସ୍‌ମିସ୍ କଲେ । ଠିକ୍ ମଧ୍ୟରାତ୍ରିରେ ସେଖ୍ ଅବ୍‌ଦୁଲ୍ଲାଙ୍କ ବାସଭବନକୁ ପୋଲିସ୍ ଘେରାଉ କଲେ—ତାଙ୍କୁ ଡ଼ିସ୍‌ମିସ୍ ଆଦେଶ ପତ୍ର ଦିଆଗଲା ଓ ପରେ ପରେ ତାଙ୍କୁ ଅରେଷ୍ଟ କରାଗଲା । (ଡକ୍ଟର କରଣ୍‌ସିଂହଙ୍କ ଦ୍ୱାରା ଲିଖିତ ପୁସ୍ତକ "ହେୟାର ଆପ୍‌ପାରେଣ୍ଟ" (Heir Apparent) ରେ ଏଇ ଘଟଣାଟିର ଉଲ୍ଲେଖ କରାଯାଇଛି । (ପୁସ୍ତକଟି ଏବେ ନିକଟରେ ପ୍ରକାଶିତ ହୋଇଛି ।) ସେତେବେଳେ ଏଇ ଘଟଣାଟିକୁ ସମ୍ବାଦପତ୍ରରେ ପଢ଼ିଲାବେଳେ ମୋର ଆଉ କିଛି ଦ୍ୱିଧା ରହିଲା ନାହିଁ । ଠିକ୍ ଏହିପରି ଭାବରେ ପରକଲମ ନାଟକର ପରିଣତି ଘଟିଲା ।

"ପରକଲମ" ଆମୂଳଚୂଳ ଏକ ରାଜନୈତିକ ନାଟକ । ଏପରି ନାଟକ କୌଣସି ରାଜନୈତିକବାଦର ସଂସ୍ପର୍ଶରେ ଆସି ପ୍ରଚାରଧର୍ମୀ ହୋଇ ଯିବାର ଆଶଙ୍କା ରହିବା ସ୍ୱାଭାବିକ । ପୁଣି ପ୍ରଚାରଧର୍ମୀ ହେଲେ ନାଟକର ଗୁଣାତ୍ମକ କଳା ନଷ୍ଟ ହୋଇଯାଏ । ଦର୍ଶକମାନେ ଏ ନାଟକ ଉପଭୋଗ କରିପାରନ୍ତି ନାହିଁ । କିନ୍ତୁ 'ପରକଲମ' ଏଭଳି ଦୋଷରେ ଆଦୌ ଦୁଷ୍ଟ ନୁହେଁ । ରାଜନୈତିକ ହେଲେ ମଧ୍ୟ 'ପରକଲମ' ସର୍ବତୋଭାବେ ନାଟ୍ୟଧର୍ମୀ । ବିନମ୍ର ସହକାରେ ଏ କଥାଟି କହି ରଖୁଛି ଯେ, ଏ ନାଟକଟି "ଜନତା ରଙ୍ଗମଞ୍ଚ"ରେ ବହୁଦିନ ଧରି ଅଭିନୀତ ହୋଇଥିଲା ଓ ଊଣେଇଶ ଶହ ଚଉବନ ମସିହାରେ ଦିଲ୍ଲୀ ଜାତୀୟ ନାଟକ ମହୋତ୍ସବରେ ଓଡ଼ିଆ ନାଟକର ପ୍ରତିନିଧିତ୍ୱ କରିଥିଲା ।

Digitized by srujanika@gmail.com

ପୁଣି ଉନେଇଶ ଶହ ଛୟାଳିଶ ମସିହାକୁ ଫେରି ଆସୁଛି । କେନ୍ଦ୍ରରେ କାଙ୍ଗ୍ରେସ ସରକାର ଗଠିତ ହୋଇଥାଏ । ସ୍ୱାଧୀନତାର ପ୍ରାକ୍‌କାଳ । ମହାତ୍ମାଗାନ୍ଧୀ ଅନୁଭବ କଲେ ଯେ ସ୍ୱାଧୀନତା ଲାଭ ପରେ ଦେଶର ଯୁବକ ଗୋଷ୍ଠୀ ସହରାଭିମୁଖୀ ହୋଇଯିବେ । ସେ ଚିନ୍ତିତ ହୋଇ ପଡ଼ିଲେ । ଯେଉଁ ଗ୍ରାସ୍‌ରୁଟ୍ (Grass root) ବା ମାଟି ମୂଳରୁ ସେ କଂଗ୍ରେସର ସୃଷ୍ଟି କରାଇଥିଲେ, ସ୍ୱାଧୀନତା ପରେ ଦେଶ ଗଠନ ପାଇଁ ସେଇ ଗ୍ରାସ୍‌ରୁଟ୍‌ର ମୋହନ ସ୍ପର୍ଶ ଦରକାର ବୋଲି ସେ ଅନୁଭବ କଲେ । ସେଥିପାଇଁ ସେ ଦେଶର ଶିକ୍ଷିତ ଯୁବକ ସମ୍ପ୍ରଦାୟଙ୍କୁ ଆହ୍ୱାନ ଦେଲେ— ଗୋ ବ୍ୟାକ୍ ଟୁ ୟୋର୍ ଭିଲେଜ୍ (Go back to your Village)—ଅର୍ଥାତ୍ ଦେଶର ତରୁଣମାନେ, ତୁମେ ତୁମ ଗ୍ରାମକୁ ଫେରିଯାଅ । ଗାନ୍ଧିଜୀଙ୍କର ଏ ଆହ୍ୱାନକୁ ସେତେବେଳେ ଏକ କ୍ଲାରିୟନ୍ କଲ (Clarion call) ବୋଲି କୁହାଯାଉଥିଲା । ତାଙ୍କର ଏ ଆହ୍ୱାନକୁ ଯଥାସାଧ୍ୟ ଗ୍ରହଣ କରି ମୁଁ ଲେଖିଲି ମୋର ପ୍ରଥମ ପୂର୍ଣ୍ଣାଙ୍ଗ ମଞ୍ଚ ନାଟକ—"ଫେରିଆ" । କଟକ 'ଅନ୍ନପୂର୍ଣ୍ଣା ବି ଗ୍ରୁପ୍'ରେ ଏହା ଅଭିନୀତ ହେଲା । ଏହା ଏକ ଟପିକାଲ୍ ବା ସମସାମୟିକ ସାମାଜିକ ନାଟକ ହେଲେ ମଧ୍ୟ ଏଥିରେ କିଛି ରାଜନୈତିକ ଘଟଣାର ସ୍ରୋତ ପ୍ରବାହିତ ହୋଇ ଥିଲା । ମୁଁ ପୁଣି ବିନମ୍ର ସହକାରେ ନିବେଦନ କରୁଛି – ମୋର ଏଇ ପ୍ରଥମ ପୂର୍ଣ୍ଣାଙ୍ଗ ମଞ୍ଚ ନାଟକ ଆଶାତୀତ ଭାବେ ସାଫଲ୍ୟ ଅର୍ଜନ କରିପାରିଥିଲା । ଏ କଥା ମଧ୍ୟ କୁହାଯାଇପାରେ ଯେ ଏଇ ନାଟକର ଭିତ୍ତିଭୂମି ଉପରେ ଠିଆ ହୋଇ ମୁଁ ପରବର୍ତ୍ତୀ କାଳରେ 'ଅନ୍ନପୂର୍ଣ୍ଣା' ଓ 'ଜନତା ରଙ୍ଗମଞ୍ଚ' ପାଇଁ ପ୍ରାୟ କୋଡ଼ିଏଟି ନାଟକ ଲେଖିଛି ।

ଯେଉଁ ଦୁଇଟି ଘଟଣାରୁ ମୁଁ "ଫେରିଆ" ଓ "ପରକଲମ" ନାଟକ ଲେଖିଲି, ତାହା ହିଁ ହେଉଛି—"ମୁଁ କାହିଁକି ଲେଖେ ?"—ଏଇ ପ୍ରଶ୍ନର ଉତ୍ତର । □ □

Digitized by srujanika@gmail.com

ଚନ୍ଦ୍ରମଣି ଦାସ

●

ଚନ୍ଦ୍ରମଣି ଦାସ

ଜନ୍ମ—ଶ୍ରାମ୍ବଦଶମୀ, ୧୯୧୬

ଜନ୍ମସ୍ଥାନ—ଠକେଇ ନେଉଳା, ଡେରାବିସ, କଟକ

ପିତା—ମଧୁସୂଦନ ଦାସ

ମାତା—ମଣିଦାସ

ମୃତ୍ୟୁ—ଶ୍ରାମ୍ବଦଶମୀ ୧୯୭୩

ରଚିତ ପୁସ୍ତକ—

ଉପନ୍ୟାସ—ହ୍ୱାଇଟଫେନ୍, ପଲ୍ଲୀରେଣୁ, ରଜନୀଗନ୍ଧା, ସେ ଓ ମୁଁ, ଭୁଲକାହାର, ସାତପର, ନରବଳି-୪ଖଣ୍ଡ, ପ୍ରେତପୁରୀର ଗନ୍ତାଘର, ଧରାସ୍ୱର୍ଗ, ଅନାଥାଶ୍ରମ, ମୋହାଣ, କୁଆଁରଭଣ୍ଟା, ମଣିଷ ଶିକାର, ବିଷବଲ୍ଲରୀ, ପାନ୍ଥନିବାସ, ପୁରୀ ଏକ୍ସପ୍ରେସ (ଦୁଇଖଣ୍ଡ), ପୂର୍ଣ୍ଣଚ୍ଛେଦ, ଆରମ୍ଭ ଓ ଶେଷ, ମଳୀକ ହିଁଅ ଗୌରୀ, ମାସ୍ତାଡୋରୀ, ହାତବାଣ, ଜନ୍ମ ଜନ୍ମାନ୍ତର ।

ଗଳ୍ପ—ଆଶ୍ରମରେ ଏକାକୀ ମୁଁ, ପଥର ଛାଉଣି ।

ଜୀବନୀ—କୃଷ୍ଣାକୁମାରୀ, ବୀରବାଦଲ । □ □

Digitized by srujanika@gmail.com

ମୁଁ କାହିଁକି ଲେଖେଁ ଏହା ଏକ ବହୁ ସୂକ୍ଷ୍ମ ପ୍ରଶ୍ନ ମିଶ୍ରିତ ବଡ଼ ପ୍ରଶ୍ନ । ଏହାର ଉତ୍ତର ମଧ୍ୟ ସେହିପରି ବହୁମୁଖୀ । ଆଜି ଯାଏତ ମୁଁ ବହୁତ କିଛି ଲେଖିଲିଣି ବୋଲି ଏବଂ ଲେଖିବା ପ୍ରଣାଳୀ ଏକ ଗତରେ ପଡ଼ିଗଲାଣି ବୋଲି—'ମୁଁ' କାହିଁକି ଲେଖେଁ, ଏ ପ୍ରଶ୍ନର ଉତ୍ତର ମୁଁ ଅତି ହାଲୁକା ଭାବରେ ଦେଇ ଦେବି—"ମୁଁ ଲେଖୁଛି ଲୋକଙ୍କ ଚିତ୍ତ ବିନୋଦ ପାଇଁ—ମୁଁ ଲେଖୁଛି, ଆମ ସମାଜର ସଂସ୍କାର ପାଇଁ—ମୁଁ ଲେଖୁଛି, ପ୍ରଗତିଶୀଳ ଦୁନିଆ ସହିତ ଏ ଦେଶର ଲୋକଙ୍କୁ ବାଟ ଦେଖାଇବା ପାଇଁ । କିନ୍ତୁ କବି ବା ଲେଖକର ପ୍ରକୃତ ବା ମୂଳ ଲେଖା ସହିତ ଏହାର ବିଶେଷ କିଛି ସମ୍ବନ୍ଧ ନଥାଏ । କବି ବା ଲେଖକ ଯେତେବେଳେ ସାଂସାରିକ ଜୀବନ ଯାପନ କରେ ଏବଂ ଦୁନିଆର ଯାବତୀୟ ସମସ୍ୟା ଯଥା—ଅଭାବ, ଅନାଟନ, ଅସାମଞ୍ଜସ୍ୟ ଓ କୁପ୍ରଥା ପ୍ରଭୃତି ତାର ଆଗରେ ଚଳଚଞ୍ଚ ଧରି ନାଚି ନାଚି ଯାଏ ସେତେବେଳେ ସେ ଏସବୁକୁ ଦୂର କରିବାପାଇଁ ତାର ଲେଖା ସହିତ ସୁନ୍ଦର ଭାବରେ ଏହି ସବୁ ସମସ୍ୟାକୁ ଜୀବନ୍ତ ଚିତ୍ରଣ କରି ଯୋଡ଼ିଦିଏ । ଏହି ଲେଖାର ପରେ ପରେ ଭିନ୍ନ ଭିନ୍ନ ଶ୍ରେଣୀରେ ଆଦର ପାଏ; କିନ୍ତୁ ଲେଖକର ଏହି ଲେଖା ସବୁ ପ୍ରକୃତ ବା ଚିରସ୍ଥାୟୀ ଲେଖା ନୁହେଁ । ଏସବୁ ହେଲା ସାମୟିକ ବା ସମାଜର ହିତ ପାଇଁ ପ୍ରଚ୍ଛର ମିଶ୍ରିତ ଲେଖା ।

ତେବେ ଲେଖକ ଜୀବନରେ ପ୍ରକୃତ ଲେଖା କଅଣ ଏବଂ ସେ ଲେଖେ କାହିଁକି ? ଜୀବନର ଭିନ୍ନ ଭିନ୍ନ ସ୍ତରରେ କିପରି ଓ କିଣ ଲେଖେ । ଏ ବିଷୟରେ ଟିକିଏ ପୂର୍ବାପର ସୂଚନା ନ ଦେଲେ--"ମୁଁ ଲେଖେ କାହିଁକି ?"ଏହାର ସଠିକ୍ ଉତ୍ତର ଦେଲି ବୋଲି ମୁଁ କହିପାରିବି ନାହିଁ । କବି, ଲେଖକ ପ୍ରକୃତିର ଏକ ସ୍ୱତନ୍ତ୍ର ଶକ୍ତି ନେଇ ଦୁନିଆରେ ଜନ୍ମଗ୍ରହଣ କରେ । ଦୁନିଆ ଆଖିରେ ଯେଉଁଠି ସୌନ୍ଦର୍ଯ୍ୟର ସତ୍ତା ନାହିଁ, ସେଠି କବି ଲେଖକ ଅସରନ୍ତି ସୌନ୍ଦର୍ଯ୍ୟ ଦେଖି ଆତ୍ମହରା ହୁଏ । ଦୁନିଆ ଯାହାକୁ ତୁଚ୍ଛ ଜ୍ଞାନ କରେ, ସେଠି ଲେଖକର ହୃଦୟ ସମବେଦନାରେ ଭରି ହୋଇଯାଏ । ଆଖିରେ ଅଶ୍ରୁ ଆସେ । ମୋଟ୍ ଉପରେ କବି ଲେଖକର ହୃଦୟ ଅନନ୍ତ ଆକାଶ ପରି ଉଦାର —ପ୍ରଶାନ୍ତ । ତାର ଅମୃତ ଦୃଷ୍ଟିରେ ସେ ପ୍ରକୃତି ରାଜ୍ୟରେ ସରଳ । ସ୍ୱାଧୀନ ପକ୍ଷୀଟି ଭଳି ଦୁନିଆକୁ ଦେଖେ । ଦୁଃଖ ଅଶାନ୍ତି କଳ୍ପନାର ବାହାରେ ।

ହଁ, ଏବେ ଶୁଣନ୍ତୁ—ଲେଖକ ଜୀବନର ମୂଳଲେଖା କ'ଣ—ସେ କାହିଁକି ଲେଖେ ଏକଥା କହିବାକୁ ଯାଇଁ ଅନ୍ୟ ବାଟରେ ମାଡି ଗଲିଣି । ଲେଖାଲେଖି କରିବା କାହାଠାରୁ ଶିଖିବାକୁ ହୁଏ ନାହିଁ କି ପଢ଼ି ଘୋଷି ଅଭ୍ୟାସ କରିବାକୁ ହୁଏ ନାହିଁ । ତାହା ଜନ୍ମବେଳୁ ପ୍ରଚ୍ଛନ୍ନ ଭାବରେ ଥିବା ପ୍ରକୃତିର ଏକ ଅମୃତମୟ ଶକ୍ତି । ଛୋଟ ବର ମଞ୍ଜିଟି ଭିତରେ ଅତି ସୂକ୍ଷ୍ମ ଶରୀରରେ ଲୁକ୍କାୟିତ ଥିବା

Digitized by srujanika@gmail.com

ବସ୍ତୁ "ବରଗଛ" ଯେପରି ବାହାର ପାଣି ପବନରେ ବିକାଶ ଲାଭ କରେ, କେତକୀ ଗଛର ଗଣ୍ଡି ଭିତରେ ଲୁକ୍କାୟିତ ଥିବା କେତକୀ କଢ଼ ଯେପରି କ୍ରମେ ବିକାଶ ଲାଭ କରେ, ସେହିପରି ଦୁନିଆରେ ସେ ସବୁ ଲେଖକ ଦୁଇ ଭାବରେ ଗଣାହୁଏ ।

ଲେଖକ ଜୀବନର ପ୍ରଥମାବସ୍ଥା କଥା କହୁଛି । ମୋର ପିଲାଦିନର କଥା । ବାଲିଶ, କଆବୁଦାଘେରା ଆମର ଛୋଟ ଗାଁଟି । ଅଳ୍ପ ଦୂରରେ ଗୃହାଳୀ । ରାସ୍ତା ମଝିରେ ଛୋଟ ପୋଲଟିଏ । ଏ ପାଖର ପାଣି ସେପାଖକୁ ଯାଏ । ମାଘ ମାସ । ଦିନରୁ କନକନିଆ ଶୀତ ମାଡ଼ିଆସେ । ତାଆଣିଆ ସୁନେଲି ଖରା ତାଳଗଛ ମଥାନ ଉପରକୁ ଉଠିଲାବେଳକୁ ଅବଧାନେ ଗୃହାଳ ଛୁଟି କରି ଦିଅନ୍ତି । ଛୋଟ ଛୋଟ ପୁଅ ଝିଅଙ୍କର ଆନନ୍ଦର ସୀମା ନଥାଏ । ସମସ୍ତେ କୁହାଟ ମାରି ହସି ଖେଳି ଘରକୁ ଫେରନ୍ତି । ମୁଁ କିନ୍ତୁ ଅଟକିଯାଏ ସେହି ପୋଲ ଉପରେ । ଆଉ କେତେକ ମଧ୍ୟ ଅଟକନ୍ତି । ଆଗରେ ଅସୁମାରି ଦିଗନ୍ତବ୍ୟାପୀ ସବୁଜ ଧାନ କ୍ଷେତ । ସୁଲୁ ସୁଲୁଆ ପବନରେ ସବୁଜ କ୍ଷେତରେ ଢେଉ ପରେ ଢେଉ ଉଠେ । ଅସ୍ତ ରବିର ସୁନେଲି କିରଣରେ ବସାବାହୁଡ଼ା ପକ୍ଷୀ ପଲ ପଲ ହୋଇ ବସାକୁ ଫେରିଯାଆନ୍ତି । ପାଖ କଛି ପୋଖରୀରେ ମାଛରଙ୍କା ଦୋଟି ଫୁର୍ ଫୁର୍ ଉଡ଼ି ଶିକାର କରୁଥାନ୍ତି ଅନବରତ । ଏ ସବୁ ଦେଖି ଦେଖି ମନଟା ଆନନ୍ଦରେ କେମିତି କ'ଣ ହୋଇଯାଏ । କଅଁଳ-ମନ ଭିତରେ କେଉଁଠି କ'ଣ ଅଶଲ୍ଲ ପରି ଲାଗେ । ଏସବୁ ଦେଖି ଦେଖି ଫେରି ଆସେ ଘରକୁ ।

ସନ୍ଧ୍ୟା ହୁଏ—ଆକାଶରେ ଜହ୍ନ ଉଠେ । ଗୁରୁଆଡ଼େ ରୁପା ପାଣିରେ ଧୁଆ ହେଲା ପରି ଦିଶେ କି ସୁନ୍ଦର । ସେହି ଜ୍ୟୋତ୍ସ୍ନାଜଡ଼ିତ ଆକାଶ ଆଡ଼େ ଗୁହିଁ ଗୁହିଁ ମନରେ ମୋର କେମିତି ଏକ ସ୍ୱପ୍ନ ଜାଲ ସୃଷ୍ଟି ହୁଏ । ମନ ଭିତରେ ଜାଗି ଉଠେ—କେତେ ଅଛୁଣ୍ଡା ପ୍ରଶ୍ନ । ଏତେ ସୁନ୍ଦର ଅନନ୍ତ ନୀଳ ଆକାଶ କିଏ କଲା ? ଏତେ ସୁନ୍ଦର ଜହ୍ନ ଛୋଟ ଛୋଟ ତାରା ଖଞ୍ଜିଲା କିଏ, କାହିଁକି ? ଜହ୍ନଟି ଧଳା ନ ହୋଇ ଲାଲ ହୋଇଥିଲେ, ଆହୁରି ସୁନ୍ଦର ଦିଶୁଥାନ୍ତା । ତାରାଗୁଡ଼ିକ ଗୋଟାଏ ରଙ୍ଗର ନ ହୋଇ ନାଲି, ନେଳି, ସବୁଜ, ବାଇଗଣି ହୋଇଥିଲେ ଆହୁରି ଆକାଶ ସୁନ୍ଦର ଦିଶୁଥାନ୍ତା । ଆକାଶ ଆରପାଖରେ କ'ଣ ଅଛି ? ଇତ୍ୟାଦି କେତେ କଳ୍ପନା । ପିଲାଦିନୁ ଏହି ସବୁ କଳ୍ପନା ଏବଂ ପ୍ରକୃତିର ଗୁରୁଚିତ୍ର ଦେଖି ଅନୁଭବ ହେବାମାନେ—ଲେଖକଠାରେ ଥିବା ପ୍ରତିଭାର କ୍ରମବିକାଶର ସୂଚନା । ଏହି ସବୁ ଶତ ମଧୁର ସ୍ମୃତି ସେତେବେଳେ ଲେଖିବା ପାଇଁ ଶକ୍ତି ଏବଂ ଭାଷା

Digitized by srujanika@gmail.com

ନ ଥିଲେ ମଧ୍ୟ ତାହା ଅନ୍ତର ଭିତରେ ଚିର ଅକ୍ଷୟ ଗୁପ୍ତ ହୋଇ ରହିଯାଏ । ଏହି ମଧୁର ସ୍ମୃତି ଲେଖକର ପରଜୀବନରେ ଶ୍ରେଷ୍ଠ ଉପାଦାନ ହୋଇ ଭାଷାର ଜାଦୁର ପରଶରେ ଜୀବନ୍ତ ହୋଇ ଉଠେ । ଏ ଧରଣର ଲେଖାସବୁ ଶେଷ ଏବଂ ନୂତନ ।

ପୁଣି ପିଲାଦିନ ଗଡ଼ିଯାଏ । ଲେଖକ ଜୀବନରେ ଆସେ ଯୌବନ । ତା ଆଖିରେ ସଂସାର ଦିଶେ ଆହୁରି ସୁନ୍ଦର । କିଶୋରୀର ଚଞ୍ଚଳ ଗୃହାଣୀ, ତାର କମନୀୟ ମୁଖଶ୍ରୀ ଲେଖକର ଚିତ୍ତ ଚଞ୍ଚଳ କରେ । ବିରହୀ ଅନ୍ତରରେ ଯୁବତୀକୁ କେନ୍ଦ୍ର କରି ସେ ଲେଖେ କେତେ କବିତା, ଗଳ୍ପ, ଚିଠି ଭିତରେ ମରମ କାହାଣୀ । ଯୁବତୀ ପାଇଁ ଯୁବକ ଲେଖକ ସ୍ୱର୍ଗ, ମର୍ତ୍ତ୍ୟ ସମାନ କରେ । ଏ ସମୟ ହେଉଛି ଲେଖକ ଜୀବନର ଶ୍ରେଷ୍ଠ ସମୟ । ମାହେନ୍ଦ୍ର ବେଳା । କବି ଲେଖକ ଏହି ସମୟରେ ତା'ର ବିରହୀ ଅନ୍ତର ନେଇ. ସଦ୍ୟ ପ୍ରସ୍ଫୁଟିତ ଗୋଲାପ ଫୁଲଟିର ରୂପ, ସୁବାସରେ ଆତ୍ମହରା ହୁଏ । ତା'ର ଅନ୍ତର କଥା ନିଜ ଅନ୍ତରର କଷଟି ପଥରରେ ଆଙ୍କି ଗୌରବ ମନେକରେ । ପୁଣି ସେହି ବୃନ୍ତ-ଚ୍ୟୁତ ବାସୀ ଫୁଲଟିର ଶ୍ରୀହୀନତାରେ ତା'ର ଅନ୍ତର ହା ହା କରି ଉଠେ । ଏହି ସମୟରେ ଲେଖକର କଲମରୁ ଯେଉଁ ଲେଖା ସବୁ ବାହାରେ ସେଥିରେ ବାହ୍ୟ ଦୁନିଆର ବିଭିନ୍ନ ଜଟିଳ ସମସ୍ୟା ନଥାଏ । ତା ସ୍ୱଚ୍ଛ, ପବିତ୍ର ସ୍ୱାଧୀନ । ସେଥିରେ ପାଏ କେବଳ ଆନନ୍ଦ, ସୁଖ, ଦୁନିଆ ବିଷୟରେ ସୁନେଲି କଳ୍ପନା । ଏ ଧରଣର ଲେଖା ସବୁ ସମୟରେ ଆଦରଣୀୟ । ଏଥି ସହିତ କେବଳ ପୁରୁଷ ପାଇଁ ସ୍ତ୍ରୀ କମ୍ବା ସ୍ତ୍ରୀ ପାଇଁ ପୁରୁଷର ତ୍ୟାଗ ନିଷ୍ଠା ଇତ୍ୟାଦି କେତେକ ଆଦର୍ଶନୀୟ ଲେଖା ଯୋଡ଼ିଦେଲେ, ତାହା ଯୁଗେ ଯୁଗେ ଜନ ସମାଜରେ ପ୍ରୀତିକର ଓ ଅମର ହୋଇ ରହେ । ଏଥିରେ ଲେଖକ ଯେତେ ଆନନ୍ଦ ପାଏ ଅନ୍ୟ କୌଣସି ଲେଖାରେ ସେତେ ଆନନ୍ଦ ପାଏ ନାହିଁ । ଏ ଲେଖା ହେଲା ଭଗବାନଙ୍କର ମନୁଷ୍ୟକୁ ଶ୍ରେଷ୍ଠ ଦାନ । ଯୌବନ ସମୟର ଲେଖା । ପ୍ରାଚୀନ କାଳରେ ଯେଉଁ ସବୁ କବି ଏହିପରି ଲେଖା ଲେଖି ଯାଇଛନ୍ତି ତାହା ଆଜି କୋଟି କଣ୍ଠରେ ପ୍ରଶଂସିତ ହେଉଛି ।

ଏହାବାଦ୍ ଲେଖକ ଜୀବନରେ ଆଉ ଏକ ଲେଖା କଥା କହୁଛି । ତା ହେଉଛି ସମସ୍ୟା-ସମାଧାନମୂଳକ ଦେଶହିତକର ଲେଖା । ଲେଖକକୁ ଯୌବନ ନିଶା ନ ଛାଡ଼ୁଣୁ ସେ ସଂସାର ବୋଝ ମୁଣ୍ଡାଇ ଅଙ୍ଗେ ନିଭାଏ—ଅଭାବ ଅନାଟନ କୁପ୍ରଥା ଇତ୍ୟାଦି କେତେ କ'ଣ । ଏସବୁ ଦେଖି ଲେଖକ ସ୍ଥିର ହୋଇ ରହିପାରେ ନାହିଁ । ଲେଖକ ଜାଣି ଶୁଣି ପ୍ରକୃତ ଲେଖାକୁ ପଛରେ ପକାଇ ନିଜ ଜାତି ଓ ଦେଶର ମଙ୍ଗଳ ପାଇଁ କଲମ ଧରେ । ବର୍ତ୍ତମାନ କଥା ଧରାଯାଉ । ଆମ ଭିତରେ ବର୍ତ୍ତମାନ ସୁଦ୍ଧା ଯେଉଁ ଉଚ୍ଚ, ନୀଚ ଭେଦଭାବ, ଅନ୍ୟାନ୍ୟ ଶୋଷଣ

Digitized by srujanika@gmail.com

ପୂରି ରହିଛି, ସେଥିରେ ସମସ୍ତଙ୍କ ମୁଖରେ ଆନନ୍ଦର ହସ ଫୁଟେ ନାହିଁ । ଲୋକଙ୍କ ମନ ପରିବର୍ତ୍ତନ କରାଇ ସମାଜରୁ ଏ ସ୍ୱାର୍ଥ ଦୂର କରିବା ପାଇଁ ଲେଖକ ଶ୍ରେଣୀ ସଜାଗ । ମୁଁ ମଧ୍ୟ ସେଥିରୁ ବାଦ ଯାଇନାହିଁ । କାରଣ ମୁଁ ଜାଣେ ମୋର ଲେଖକ ବନ୍ଧୁ ଜାଣନ୍ତି, ସମାଜରୁ ଯାବତୀୟ କୁପ୍ରଥା ଲୋପ କରି ଦେଶର ସୁଖ, ଶାନ୍ତି, ଆଣାଇବା ପାଇଁ ଲେଖକର ଲେଖାର ପ୍ରଭାବ ଖୁବ୍ ବେଶି କାମ କରେ । ଲେଖକର ବାସ୍ତବପୂର୍ଣ୍ଣ ଘଟଣାର ଚିତ୍ରଣରେ ଓଜସ୍ୱିନୀ ଭାଷାର ପ୍ରଭାବରେ ଦେଶରେ ବିପ୍ଳବ ଆସେ । ରଣ କ୍ଷେତ୍ରରେ ଲେଖକର ମାତୃଭୂମିର ଗାରିମାପୂର୍ଣ୍ଣ ସଙ୍ଗୀତର ମୂର୍ଚ୍ଛନାରେ ସୈନିକ ଶତ୍ରୁ ଆଗରେ ଜୀବନ ଦେଇ ମାତୃଭୂମିର ମୁଖ ଉଜ୍ଜ୍ୱଳ କରେ । ପୁଣି ସେହି ଲେଖାର କାହିଁକି ଶକ୍ତି ବଳରେ ଗୋଟିଏ ଜାତି ମଧ୍ୟ ସତ୍ୟ, ଅହିଂସା, ଧର୍ମ ପରୋପକାର ଗୁଣରେ ଭୂଷିତ ହୋଇ ଅନ୍ୟ ଦେଶ ପକ୍ଷରେ ଅନୁକରଣୀୟ ପ୍ରଶଂସନୀୟ ହୁଏ । ଏହାଛଡ଼ା ଲେଖକ ତା ଲେଖା ଭିତରେ ଯେକୌଣସି ସମସ୍ୟାକୁ ଲେଖା ଭିତରେ କୌଶଳରେ ଦେଶ ଓ ଜାତିର ଅଶେଷ କଲ୍ୟାଣ ସାଧନ କରେ । ଲେଖକ ଦୁନିଆର ସର୍ବଶ୍ରେଷ୍ଠ ଦେଶପ୍ରେମୀ । ସେ ଦେଶ ଜାତି ଓ ସମାଜର କଲ୍ୟାଣ ସାଧନ ନିମିତ୍ତ ଚିନ୍ତା କରିବା ଛଡ଼ା ତାର କଳ୍ପନାକୁ ଅନ୍ୟ କିଛି ଆସେ ନାହିଁ । ସେ ମଧ୍ୟ ତ୍ରିକାଳଦର୍ଶୀ । ଅତୀତର ଅସଂଖ୍ୟ ଜାଜ୍ୱଲ୍ୟମାନ ଘଟଣାକୁ ଅତୀତର ଯେଉଁ ଅତଳ ଗର୍ଭରୁ ଉଦ୍ଧାର କରି ବର୍ତ୍ତମାନ ଜଗତକୁ ପ୍ରେରଣା ଦିଏ ଏବଂ ଚଳନ୍ତି ସମାଜରେ ଥିବା ଯାବତୀୟ ଦୁଃଖ ଦୁର୍ଦ୍ଦଶାକୁ ତାର ମର୍ମସ୍ପର୍ଶୀ ଭାଷାର ପ୍ରଭାବରେ ଲୋକ ଅନ୍ତରରେ ବିପ୍ଳବ ଆଣିଏ ଏବଂ ସକାଳ ସୂର୍ଯ୍ୟପରି ସଜ, ରଜନୀ-ଗନ୍ଧାର ମହକ ପରି ସରଳ, ଭାବପୂର୍ଣ୍ଣ ସୁଖ, ଶାନ୍ତିରେ ଜୀବନ ଯାପନ କରିବା ପାଇଁ ପ୍ରବର୍ତ୍ତାଏ ଏବଂ ଭବିଷ୍ୟତ ପାଇଁ ବର୍ତ୍ତମାନ ସମାଜର ସ୍ୱାର୍ଥ ନୀତି ବିଚାର କରି ଏକ ଭବିଷ୍ୟତ ବାଣୀ ଶୁଣାଏ ।

ଏହାଛଡ଼ା ସମାଜରେ ଯେକୌଣସି ଉନ୍ନତିମୂଳକ ଯୋଜନାକୁ ତାର ଲେଖାରେ ଚିତ୍ରଣ କରିବା ଦ୍ୱାରା ଯେଉଁ ସୁଫଳ ଫଳେ ତାହା ଅନ୍ୟ ପ୍ରଶ୍ନରେ ବା କଳ୍ପିତାରେ ହୁଏ ନାହିଁ । କାରଣ ଯେକୌଣସି ଲୋକ ଯେତେବେଳେ ଦୈନନ୍ଦିନ କାର୍ଯ୍ୟରୁ ଅବ୍ୟାହତ ପାଏ ଫାଙ୍କା ହାଲୁକା ମନରେ ନିଶ୍ଚିନ୍ତରେ ଟିକିଏ ବିଶ୍ରାମ ନିଏ ସେତେବେଳେ ସେ ତାର ମନକୁ ଟିକିଏ ଫୁର୍ତ୍ତିକରିବା ପାଇଁ ବହି ପଢ଼େ ଏବଂ ବହି ପଢ଼ିବା ଭିତର ଦେଇ ଚିତ୍ରିତ ହୋଇଥିବା ଯେକୌଣସି ସମସ୍ୟାକୁ ସେ ନିଶ୍ଚିନ୍ତରେ ଭାବେ ଏବଂ ଭଲମନ୍ଦ ବିଚାର କରି ଯେ କୌଣସି ଆଡ଼କୁ ତା ମନକୁ ଚଳାଇ ନିଏ ।

ବର୍ତ୍ତମାନ ଲେଖକ ଜୀବନର ତିନୋଟି ଅବସ୍ଥାର କଥା କହୁସାରିଛି । ଏହିକ୍ଷଣି ମୁଁ କାହିଁକି ଲେଖେଁ କହିବା ଅତି ସହଜ ହେବ ।

Digitized by srujanika@gmail.com

ମୁଁ ଲେଖେଁ ପ୍ରକୃତ ପ୍ରବନ୍ଧ ଶକ୍ତି ବଳରେ ଦୁନିଆର ଯେ କୌଣସି ବିଷୟବସ୍ତୁକୁ ଷ୍ଟ୍ରବିଚନ୍ଦ୍ର ମନର କ୍ଷୁଧା ମେଣ୍ଟାଇ ନିଜେ ଏବଂ ପରକୁ ଆନନ୍ଦ ଅନୁଭବ କରାଇବା ପାଇଁ ।

ମୁଁ ଲେଖେ—ସୃଷ୍ଟିକର୍ତ୍ତା ଓ ତାଙ୍କର ବୈଚିତ୍ର୍ୟମୟ ସୃଜନ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଅନ୍ୟକୁ ଉପଲବ୍ଧି ଓ ମୁଗ୍ଧ କରାଇବା ପାଇଁ ।

ଆଉ ରସାତ୍ମକ ଲେଖା ମୁଁ ଶ୍ରେଷ୍ଠ ସ୍ଥାନ ଦେଇ ଲେଖେଁ ଯୁବକଯୁବତୀମାନଙ୍କୁ କଳ୍ପନାର ସ୍ୱର୍ଣ୍ଣମନ୍ଦିରରେ ବସାଇ ସାରା ଦୁନିଆକୁ ମଧୁଭରା ଗୋଲାପୀ ଆଖିରେ ଦେଖିବା ପାଇଁ ଏବଂ ଦାମ୍ପତ୍ୟ ଜୀବନକୁ ସୁଖ ଶାନ୍ତିରେ ଦ୍ୱିଗୁଣିତ ଉପଭୋଗ କରିବା ପାଇଁ ।

ବର୍ତ୍ତମାନ ଏ ସବୁ ଲେଖା ମଧ୍ୟରେ ମୁଁ ଲେଖେଁ ଆମ ସମାଜରେ ଥିବା ଯାବତୀୟ କୁପ୍ରଥା, ଉଚ୍ଚ ନୀଚ ଭେଦ ଭାବ, ଅନ୍ୟାୟ ଅତ୍ୟାଚାର କପଟ ଦୂର ହୋଇ ମହାତ୍ମାଙ୍କ କଳ୍ପିତ ରାମରାଜ୍ୟ ଦେଶରେ ପ୍ରତିଷ୍ଠିତ ହେବ ଏବଂ ସମସ୍ତଙ୍କ ମୁଖରେ ଆନନ୍ଦର ହସ ଫୁଟି ଉଠିବ । ବର୍ତ୍ତମାନ ମୁଁ କାହିଁକି ଲେଖେଁ । ମୋର ଉତ୍ତର ଶେଷ ହୋଇଛି । ମୋର ଆଶା ଆପଣମାନଙ୍କ ମନକୁ ଏହା ପାଇବ ।

☐ ☐

Digitized by srujanika@gmail.com

ସଚ୍ଚିଦାନନ୍ଦ ରାଉତରାୟ

●

ସଚ୍ଚିଦାନନ୍ଦ ରାଉତରାୟ

ଜନ୍ମ—୧୩ ମଇ ୧୯୧୬

ଜନ୍ମ ସ୍ଥାନ—ଗୁରୁଜଙ୍ଗ, ଖୋର୍ଦ୍ଧା, ପୁରୀ

ପିତା—ପ୍ରସନ୍ନ କୁମାର ରାଉତରାୟ

ମାତା—ମୁକ୍ତା ଦେବୀ

ରଚିତ ପୁସ୍ତକ—

କବିତା—ପାଥେୟ, ପୂର୍ଣ୍ଣିମା, ପଲ୍ଲିଶ୍ରୀ, ରକ୍ତଶିଖା, ବାଜିରାଉତ, ଅଭିଯାନ, ପାଣ୍ଡୁଲିପି, ଅଭିଜ୍ଞାନ, ହସନ୍ତ, ଭାନୁମତୀର ଦେଶ, ସ୍ୱଗତ, କବିତା-୧୯୬୨ କବିତା ୧୯୬୯, ଏସିଆର ସ୍ୱପ୍ନ, କବିତା—୧୯୭୧, କବିତା—୧୯୭୪, ମାୟାକୋଭସ୍କି କବିତା ସଂଗ୍ରହ, କବିତା—୧୯୮୩ ।

ଉପନ୍ୟାସ—ଚିତ୍ରଗ୍ରୀବ ।

ଗଳ୍ପ—ମାଟିର ତାଜ, ମଶାଣିର ଫୁଲ, ଛୁରି ଏବଂ ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ।

ସମାଲୋଚନା—ସାହିତ୍ୟ ବିଚାର ଓ ମୂଲ୍ୟବୋଧ, ସାହିତ୍ୟରେ ମୂଲ୍ୟବୋଧ, ଆଧୁନିକ ସାହିତ୍ୟର କେତେକ ଦିଗ ।

English—Short stories of Sachi Routray—

□ □

Digitized by srujanika@gmail.com

ପ୍ରଥମେ ଲେଖିବାକୁ ଆରମ୍ଭ କଲାବେଳେ 'ମୁଁ କାହିଁକି ଲେଖେ' ଏ ପ୍ରଶ୍ନ ନିଜକୁ ନ ପଚାରି, ମନେହୁଏ, ମୁଁ ଯେମିତି ଖୁବ୍ ଭୁଲ୍ କରିଛି । ଏ ପ୍ରଶ୍ନ ଏତେ ଡେରିରେ ପଚାରିବା ବି ସେହିପରି ଭୁଲ୍ । କାରଣ ଇଆ ଭିତରେ ଏତେ ଲେଖି ସାରିଲିଣି ଯେ ମୋ ଲେଖାରୁଇ 'ମୁଁ କାହିଁକି ଲେଖେ' ଏ ପ୍ରଶ୍ନର ଉତ୍ତର ଆପେ ଆପେ ମିଳିଯିବା ଉଚିତ୍ ।

'ସତ୍ୟ, ଶିବ, ସୁନ୍ଦର' ଆଦି ବଡ଼ ବଡ ରହସ୍ୟମୟ କଥାର ଦୋହାଇ ନ ଦେଇ ମୁଁ ସିଧା ସଳଖ ଭାବେ କହିବି ଯେ ମୁଁ ଲେଖେ ମୋ ମନର ଉତ୍ତେଜନା ମେଣ୍ଟାଇବା ପାଇଁ । ବିଚିତ୍ର ପ୍ରକୃତି, ଶ୍ରୀମୟ ପୃଥିବୀ, ମଣିଷ ଜୀବନ ସମାଜ, ପ୍ରେମ ବିପ୍ଳବ, ଦେଶପ୍ରୀତି ଏମାନେ ମୋ ମନକୁ ନାନା ଭାବରେ ଉତ୍ତେଜିତ କରିଛନ୍ତି । ମୋର ଲେଖା ସେଇ ମାନସିକ ଉତ୍ତେଜନା ହାତରୁ ରକ୍ଷା ପାଇବାର ଏକ ଉପାୟ ରୂପେ ପ୍ରଥମେ ଆତ୍ମପ୍ରକାଶ କରିଥିବ ବୋଲି ମନେହୁଏ । ମଣିଷର ଯେଉଁ ସ୍ୱପ୍ନ ବାସ୍ତବତାର ଜମିରେ ଅଙ୍କୁରିବାକୁ ସୁଯୋଗ ପାଏ ନାହିଁ, ସାହିତ୍ୟ ମାଧ୍ୟମରେ ତାହା ପ୍ରକାଶର ମାର୍ଗ ଖୋଜେ । କଥାଟା ବୋଧହୁଏ ଫ୍ରୟେଡ଼ୀୟ ହୋଇଗଲା, କିନ୍ତୁ ମୋର ମନେ ହୁଏ ଏହା ଖାଣ୍ଟି ସତ । ଅବଶ୍ୟ ଲେଖାଲେଖି ସବୁବେଳେ ନିସ୍ୱାର୍ଥ ସାତ୍ତ୍ୱିକ ଭାବରେ କରାଯାଏ ତା ନୁହେଁ । ଯଶ ଓ କିଛିଦିନ ପରେ ପଇସା ପାଇବାର ପ୍ରତ୍ୟାଶା ମଧ୍ୟ ଏହା ପଛରେ ରହିବା ସ୍ୱାଭାବିକ । କାରଣ ଲେଖିବାର ମୂଳ ପ୍ରେରଣା ଯାହା ହେଉନା କାହିଁକି, ଏହା ଯେ ଅନ୍ୟାନ୍ୟ ଅନେକ କାମ ପରି ଏକ ପ୍ରକାର ଶ୍ରମ ବିଶେଷ ଏବଂ ଏ ଶ୍ରମର ସାମାଜିକ ମର୍ଯ୍ୟାଦା ଓ ମଜୁରି ଉଭୟ ଯେ ଲେଖକର ପ୍ରାପ୍ୟ ଏ କଥା ଅସ୍ୱୀକାର କରିବାର ପାୟ ନାହିଁ । ଓକିଲ, ଡାକ୍ତର, ଶିକ୍ଷକ ଓ ଅନ୍ୟାନ୍ୟ ବୃତ୍ତିଜୀବୀମାନେ ନିଜର ମସ୍ତିଷ୍କ ଚାଳନା କରି ଯଥା ପଇସା ଦାବୀ କରିବାର ହକ୍‌ଦାର ହୁଅନ୍ତି, ତେବେ ଲେଖକ ଶିଳ୍ପୀ ବି ସେହିପରି ନିଜର ଚିନ୍ତା ଓ ହୃଦୟାବେଗର ପ୍ରକାଶ କରି ବେଠି ଖଟିବ କେଉଁ ଯୁକ୍ତିରେ ? ଏହା ଛଡ଼ା, କବିତା ଲେଖିବାକୁ ସରସ୍ୱତୀ ଠାକୁରାଣୀ କେବେହେଲେ ମୋତେ ସପନେଇ ନାହାନ୍ତି, କି ତାଙ୍କ ଆଦେଶରେ ମୁଁ କେବେ ନିଃସ୍ୱାର୍ଥ ସାହିତ୍ୟ ସେବା କରେ ନାହିଁ । ଏକଥା ସ୍ୱୀକାର କରିବାରେ କିଛି ଲଜ୍ଜା ନାହିଁ ।

ଅବଶ୍ୟ ଏକଥା ସତ ଯେ ପଇସା କଥା ପରେ ଉଠିଥାଏ । ପ୍ରଥମେ ଲେଖକ ଲେଖେ ନିଜର ହୃଦୟାବେଗ ଓ ଚିନ୍ତାର ପ୍ରକାଶ ପାଇଁ । ପରେ ଅନ୍ୟ ପାଞ୍ଚଜଣଙ୍କୁ ତାହା ଶୁଣାଇବା ପାଇଁ ତାର ଇଚ୍ଛା ହୁଏ ଏବଂ ଅନ୍ୟର ନିନ୍ଦା ପ୍ରଶଂସା ଶୁଣିବାର ଅପେକ୍ଷା ରଖେ । ତା ମନର ଉଚ୍ଚାରଣ ସମସ୍ତଙ୍କୁ ଶୁଣାଇ ପାରିଲେ ସେ

Digitized by srujanika@gmail.com

ଖୁସି ହୁଏ ଏବଂ ଅନ୍ୟ ସମସ୍ତେ ତାହା ଶୁଣି ଖୁସିହେଲେ ସେ ଉତ୍ସାହିତ ହୁଏ । ପୁଣି ଅନ୍ୟର ମତାମତଦ୍ୱାରା ସେ ନିଜେ ଲେଖାର ଦୋଷନିର୍ଣ୍ଣୟ କରିବାକୁ ବି କେତେକ ଅଂଶରେ ସମର୍ଥ ହୁଏ ।

ଲେଖା ପୁଣି ଆତ୍ମ-କୈନ୍ଦ୍ରିକ ବା ନିଛକ ଆତ୍ମିକ ବ୍ୟାପାର ନୁହେଁ । ଏହା ଏକ ସାମାଜିକ ପ୍ରକ୍ରିୟା । କାରଣ ଏହାଦ୍ୱାରା ଲେଖକ ଏକ ସାମାଜିକ ସମ୍ପର୍କ ସ୍ଥାପନ କରେ—ନିଜର କ୍ଷୁଦ୍ର ପରିସର ଭିତରୁ ବାହାରି ଆସି ବୃହତ୍ତର ସମାଜ-ମାନସ ସଙ୍ଗେ ତାର ଦିଆନିଆ କାରବାର ଶୁରୁ ହୁଏ । ସେ କିଛି କମ ସାର୍ଥକତା ନୁହେଁ । ମଣିଷ ମନ କହି ବା ହୃଦୟ କହି ତାହା ଦର୍ପଣ ସଦୃଶ । ଛବି ଫୁଟାଇବାର ନିଜସ୍ୱ କ୍ଷମତା ତାର ନାହିଁ । ବାହାରର ନାନା ଘଟଣାର ଛାୟା ସମ୍ପାତରେ ସେଥିରେ ନାନା ପ୍ରକାର ପ୍ରତିଫଳନ ହୁଏ । ଶିଳ୍ପ କଳା ତାହାର ବାହ୍ୟ ପ୍ରକାଶ ମାତ୍ର । ଅବଶ୍ୟ ଏହା ବିନିମୟରେ ଯଶ ବା ଗୌରବ ପାଇବା ଲାଳସା ସମ୍ପୂର୍ଣ୍ଣ ସ୍ୱାଭାବିକ ଓ ଆନୁଷଙ୍ଗିକ । ଜଣେ ଅନ୍ୟକୁ ଗୀତ ଶୁଣାଇଲାବେଳେ ଗାୟକ ଯେମିତି ଗୀତ ଗାଇବାର ଆନନ୍ଦ ସଙ୍ଗେ ସଙ୍ଗେ ଶ୍ରୋତାର ପସନ୍ଦ ଅପସନ୍ଦ ଦ୍ୱାରା ପ୍ରଭାବିତ ହୋଇଥାଏ, ଲେଖକ ସେହିପରି ପାଠକସମାଜଦ୍ୱାରା ନିନ୍ଦା ପ୍ରଶଂସା ପ୍ରତି ସଚେତନ ରହିବାଟା ସ୍ୱାଭାବିକ୍ । ଯେଉଁମାନେ ବଡ଼ ବଡ଼ ଲେଖକ, ଯେଉଁମାନଙ୍କର ଆତ୍ମବିଶ୍ୱାସ ଅଟଳ ସେମାନେ ଜନତାର ମତାମତ ଭିତରେ ଅଟଳ ରହନ୍ତି—ନିଜର ସାହିତ୍ୟିକ ଆଦର୍ଶକୁ ଶସ୍ତା ଜନମତ ଦ୍ୱାରା ପ୍ରଭାବିତ ହେବାକୁ ଦିଅନ୍ତି ନାଇ—କିନ୍ତୁ ଏପରି କରିବାଦ୍ୱାରା ସେମାନେ ଯେ ଯଶର ଲାଳସା ରଖିନଥାନ୍ତି । ଏହା ଆଜି ମନଃସମୀକ୍ଷାର ଯୁଗରେ କହିବା ହାସ୍ୟାସ୍ପଦ । ଉଦାହରଣ ସ୍ୱରୂପ ଶିଲାର୍ ଓ ଗ୍ୟେଟେଙ୍କ କଥା କୁହାଯାଇ ପାରେ । ଉଭୟେ ସମସାମୟିକ । ଶିଲରଙ୍କ ଜନପ୍ରିୟତାର ଶତାଂଶରୁ ଏକାଂଶ ମଧ୍ୟ ଗ୍ୟେଟେଙ୍କର ନଥିଲା । କିନ୍ତୁ ଯଶ ବା କୀର୍ତ୍ତିରେ ଆଜି ଶହେ ବର୍ଷ ପରେ ମଧ୍ୟ ଗ୍ୟେଟେ ଶିଲରଙ୍କ ଅପେକ୍ଷା ଅଧିକ ଜାଜ୍ଜ୍ୱଲ୍ୟମାନ—ଅଧିକ ଭାସ୍ୱର ।

ଆଗରୁ କହି ରଖିଛି, ଲେଖିବା ଏକ ସାମାଜିକ କାର୍ଯ୍ୟ । ଏହାର ଜନ୍ମ ସ୍ଥଳ ମଣିଷର ନିଭୃତ ମର୍ମସ୍ଥଳ ହୋଇପାରେ—ଏହାର ମୂଳ ଉତ୍ସ ମଣିଷର ନିର୍ଜନ ହୃଦୟ ଭିତରେ ଲୁକ୍‌କାୟିତ ଥାଇପାରେ, କିନ୍ତୁ ଯେଉଁ ମୁହୂର୍ତ୍ତରେ ଏହା ବାହାରେ ପ୍ରକାଶ ହୋଇପଡ଼େ, ସେହି ମୁହୂର୍ତ୍ତରେ ଏହା ବ୍ୟକ୍ତିର ସଂକୀର୍ଣ୍ଣ ଛକି ପାରି ହୋଇ ସମାଜର ବୃହତ୍ତର ଇଲାକାରେ ପ୍ରବେଶ କରେ । ବ୍ୟକ୍ତି ଓ ତାର ଚିନ୍ତା ଭାବନା ମଧ୍ୟ କିଛି ସମାଜ ନିରପେକ୍ଷ ଅସମ୍ବନ୍ଧ ବସ୍ତୁ ନୁହେଁ ଯେ ଲେଖକ ନିଜ ମନକୁ ନିଜ ଖିଆଲରେ କିଛି ଲେଖି ପକାଇ ପୁଣି ନିଜେ ନିଜକୁ ଶୁଣାଇ ତୃପ୍ତିଲାଭ କରିବ ।

Digitized by srujanika@gmail.com

ସାହିତ୍ୟରେ ମୋର ଆଦର୍ଶ ଭର୍ଜିନିଆଉଲଫର ଆଦର୍ଶ ପରି ନ୍ୟୂନତମ ସଂଖ୍ୟା ଆଗରେ ସୂକ୍ଷ୍ମତମ କଳାର କୁହୁକ ଦେଖାଇବା ନୁହଁ, ବୃହତ୍ତମ ସଂଖ୍ୟା ପାଇଁ ଗଭୀରତମ ଅନୁଭୂତି ଓ ଅଭିଜ୍ଞତାର ପରିବେଷଣ ହିଁ ଶିଳ୍ପକଳାର ପ୍ରତିମାଣ ବୋଲି ମୁଁ ବିଶ୍ୱାସ କରେ ।

ଏହାପରେ ପ୍ରଶ୍ନ ଉଠେ ପଇସାର । ଅନ୍ୟାନ୍ୟ ଶ୍ରମପରି ଲେଖିବାରେ କମ୍ ସମୟ ଓ ଶକ୍ତି ଖର୍ଚ୍ଚ ହୁଏ ନାହିଁ । ଏ ଶ୍ରମ ଅମୂଲ୍ୟ ସତ୍ୟ, କିନ୍ତୁ ଏକାବେଳକେ ମୂଲ୍ୟହୀନ ହେଲେ ଲେଖକ ବିଚାରର ବଞ୍ଚିରହିବା କଷ୍ଟ ହେବ । ଗଛର ଫୁଲଟି ସୁନ୍ଦର ଓ ସେ ସୌନ୍ଦର୍ଯ୍ୟର ମୂଲ୍ୟ ଟଙ୍କା ଅଣା ପାଇରେ ଦିଆଯାଇ ପାରିବ ନାହିଁ ବୋଲି ଗଛକୁ ପାଣି ଓ ସାର ନଦେଇ ଶୁଖାଇ ମାରିବା ଯାହା—ଲେଟକର 'ଅମୂଲ୍ୟ' ଲେଖାର ମୂଲ୍ୟ ନ ଦେଇ ତାକୁ ଅଭାବ ଅନାଟନରେ ପେଶି ମାରିବା ପ୍ରାୟ ସେଇଆ ।

ତା ପରେ ଲେଖା ଯେତେବେଳେ ଏକ ପେଶାରେ ପରିଣତ ହୁଏ, ଅଥଚ ସଦ ଲେଖିକରି ସେତେବେଳେ ପଇସା ନ ମିଳେ, ତେବେ ଲେଖକ ବିଚାରି ଲେଖା ଲେଖିକୁ ଗୌଣ ବିବେଚନା କରି ଜୀବନ ଧାରଣ ପାଇଁ ଅନ୍ୟ ବୃତ୍ତି ଧରିବାକୁ ବାଧ୍ୟ ହୁଏ । ଏଥିରେ ତାର ସାହିତ୍ୟିକ ଅନୁଶୀଳନ ଭ୍ରଷ୍ଟ ହୁଏ ଓ ସମାଜ ତାର ଶ୍ରେଷ୍ଠ ଦାନରୁ ବଞ୍ଚିତ ହୁଏ । କବି ହୁଏ ଏ କ୍ଷେତ୍ରରେ କିରାଣି, କି ଟାଇପିଷ୍ଟ, କି ଡେପୁଟି ମାଜିଷ୍ଟ୍ରେଟ, କି ବିମା କମ୍ପାନୀର ଏଜେଣ୍ଟ । ଏଇପରି ମାନସିକ ଦ୍ୱନ୍ଦ୍ୱ ଓ ପ୍ରତିକୂଳ ଅବସ୍ଥାର ସଂଘର୍ଷ ଭିତରେ ତାର ମୌଳପ୍ରତିଭା ଧୀରେ ଧୀରେ ମଉଳି ଯାଏ । ତେଣୁ ସେ ଲେଖକ, ତାର ଲେଖା ଲେଖି ନେଇ ପଡ଼ି ରହିବା ଉଚିତ ଏବଂ ସେ ଦିଗରେ ନାନା ପରୀକ୍ଷା ଓ ସାଧନା ଅଗ୍ରତିହତ ଭାବରେ ଚଳାଇଥିବା ଉଚିତ । ତାର ଗୃହ ପ୍ରଚୁର ଅବସର-ପ୍ରଚୁର ପଢ଼ାଶୁଣାର ସାମଗ୍ରୀ । ଗୋଟିଏ କଥାରେ କହିବାକୁ ଗଲେ, ତାକୁ ପେଶାଦାର ଲେଖକଇ ହେବାକୁ ହେବ । ତେଣୁ ଏଇଠି ସ୍ୱତଃ ପଇସାର ପ୍ରଶ୍ନ ଉଠେ । ପଇସା ନ ମିଳିଲେ ଏକନିଷ୍ଠ ଭାବରେ କେବଳ ଲେଖାଲେଖି ନେଇ ପଡ଼ିରହିବା ତା ପକ୍ଷରେ ସମ୍ଭବ ହେବ କିମିତି ? ତେଣୁ ସବୁ ଲେଖକଙ୍କ ପରି ମୋର ମଧ୍ୟ ପଣ, ଖ୍ୟାତି ସଙ୍ଗେ ସଙ୍ଗେ ପଇସାର ଆବଶ୍ୟକତା ଥିବ ଓ ଅଛି । ଏ ଦୁହେଁ ଦୁହିଁଙ୍କ ଉପରେ ପୁଣି ନିର୍ଭରଶୀଳ—ଅର୍ଥାତ୍ ଭଲ ଖ୍ୟାତି ନ ଥିଲେ ଲେଟକର ବହି ଭଲ ବିକ୍ରି ହେବ ନାଇ ବା ବେଶି ପଇସା ମିଳିବ ନାଇ । ଓଡ଼ିଶାରେ ପୁଣି ଓଲଟାଟା ବି ସମ୍ଭବ ହୁଏ । ସେ ଯାହାହେଉ, ଏ ବିବଦମାନ ସମସ୍ୟା ଭିତରକୁ ନ ପଶି ମୋଟା ମୋଟି କୁହାଯାଇ ପାରେ ଯେ

Digitized by srujanika@gmail.com

ଯଶ ଓ ଅର୍ଥ ଉଭୟ ଲେଖକ ପାଖରେ ଅପରିହାର୍ଯ୍ୟ । ଏଥିରେ ଲଜ୍ଜାର କଥା କିଛି ନାଇ ।

ଆଜି ଗୋଟିଏ କଥା ପାଇଁ ମୁଁ ଲେଖେଁ ଏବଂ ସେଥିପାଇଁ କମ୍ କ୍ଷତି ବି ମୋତେ ସହିବାକୁ ପଡ଼ିନାଇ । ତା ହେଉଛି ବିଦ୍ରୋହ । ପ୍ରଚଳିତ ସମାଜ ଓ ରାଷ୍ଟ୍ରର ନାମ ଗଫଲତି ପୁଣି ଅବ୍ୟବସ୍ଥା ଦୂର କରି ଏକ ନୂଆ ସୁଖୀ ସମାଜ ଗଢ଼ିବାର କଳ୍ପନା ମୋର ପିଲା ଦିନରୁ ଅଛି । ଏକ ନୂଆ ଜୀବନର ଚେହେରା ମୋତେ ଅସ୍ଥିର କରିପକାଏ । ଗତ ଶହେ ବର୍ଷ ମଧ୍ୟରେ ତିନି ତିନିଟା ମହାଯୁଦ୍ଧର ମାଡ଼ ଖାଇ ଏବଂ ଆଉ ଗୋଟିଏ ମହାଯୁଦ୍ଧର ବିଭୀଷିକା ତଳେ ଅନବରତ ଭୟରେ କମ୍ପି କମ୍ପି ଏ ସଭ୍ୟତାର ବଂଚିବାର ଶକ୍ତି ଯିମିତି କ୍ରମେ ଶୁଖି-ଗଲାଣି । ମଣିଷର ମନର ଜମିରେ ଆତ୍ମବିଶ୍ୱାସର ଚେର ବୋଲି ଆଉ ଯେମିତି କିଛି ନାଇ ।

ଚାରିଆଡ଼େ ନିରାଶା ଶୂନ୍ୟତା—ଅସାଫଲ୍ୟର ଧୂ ଧୂ ବାଲୁବନ୍ତ । ସେହି ମରୁଭୂମିର ମାରୀଚ-ଛଳନା ଭିତରେ ପରାଜୟ ଓ ପଳାୟନର ସ୍ୱର । ଯାହା ମରଣଶୀଳ, ତାହା ଶୀଘ୍ର ମରିଯାଉ ଓ ତା' ଜାଗାରେ ନୂଆ ଜୀବନ ଅଙ୍କୁର ଉଠୁ, ଏହା ମୋର ଆଶା ଓ ଦର୍ଶନ । ଏଥିପାଇଁ ସଂଘାତ ଓ ସମନ୍ୱୟ ଉଭୟ ଦରକାର । ପ୍ରଥମେ ପଚା ସଢ଼ା ସମାଜର ଚଉକାଠ ଭାଙ୍ଗିବାକୁ ହିଁ ହେବ, ତାପରେ ନୂତନ ସୃଷ୍ଟିର ସମ୍ଭାର ପାଇଁ ନୂତନ ଓ ସମନ୍ୱୟ କରିବାକୁ ହେବ । ଆମର ତିନି ହଜାର ବର୍ଷର ଉତ୍ତରାଧିକାର ସଙ୍ଗେ ନୂତନ ଭବିଷ୍ୟମାନ ସମାଜ ସହିତର ଯୋଗସୂତ୍ର ସ୍ଥାପନ କରିବାକୁ ପଡ଼ିବ । ଏକ ଧାରାରେ ସଂଘର୍ଷ ଓ ବିପ୍ଳବ—ଅନ୍ୟ ଧାରାରେ ନୂଆ ଜୀବନର ସମନ୍ୱୟ ଭିତ୍ତି ପତନ । ତେଣୁ ମୋ ସାହିତ୍ୟର ଜଳବାୟୁ ଖାଲି ନେତିବାଚକ ବା ନଞର୍ଥକ ନୁହେଁ—ଏହା ଇତିବାଚକ ବାହ୍ୟଧର୍ମୀ, ଧ୍ୱଂସ ଓ ସୃଷ୍ଟି ଉଭୟକୁ ଏହା ଅଗ୍ରସର । ତେଣୁ ପ୍ରଚଳିତ ବିଧି ବ୍ୟବସ୍ଥା ବିରୁଦ୍ଧରେ ମୋ ସାହିତ୍ୟରେ ବିଦ୍ରୋହ ଓ ବିଦ୍ରୂପର ଅଙ୍କୁଶ ଯେମିତି ସବୁବେଳେ ଅତି ତୀବ୍ର ଓ ନିର୍ଦ୍ଦୟ ଭାବରେ ବାଜି ଉଠିଛି—ନୂତନ ଜୀବନର ସ୍ୱପ୍ନ ଓ ନକ୍ସା ବି ସେଇପରି ମୂର୍ତ୍ତ ହୋଇ ଉଠିଚି । ରୋମାଣ୍ଟିକ୍, ଶୈଶବର ଛକ ଅତିକ୍ରମ କରି ନୂତନ ବାସ୍ତବତାର ଦିଗନ୍ତ ଅଭିମୁଖରେ ଏହା କ୍ରମ ଅଗ୍ରସର । ଏ ଯାତ୍ରା ଖାଲି ମରୁଭୂମିରେ କ୍ୟାରାଭାନ୍‌ର ମରୁଯାତ୍ରା ମାତ୍ର ନୁହେଁ । ଏ ଯାତ୍ରାର ଲକ୍ଷ୍ୟ ନୂତନ ଦିଗନ୍ତର ଆବିଷ୍କାର—ନୂତନ ପୃଥିବୀର ସନ୍ଧାନ । ଏହା ପଛରେ ଯଶ ଲିପ୍ସା ଯେ ନଥିବ ତାହା ଫ୍ରଏଡ଼ୀୟ ଶାସ୍ତ୍ରର ସୂତ୍ର ହିସାବରେ ଅସ୍ୱୀକାର କରିବା ହୁଏତ

Digitized by srujanika@gmail.com

ଆତ୍ମଛଳନା ହେବ । କିନ୍ତୁ ଏଥିପାଇଁ ମତେ ଅନେକ କ୍ଷତି ସହିବାକୁ ପଡ଼ିଚି । ବନ୍ଧୁ ବ୍ୟାଜ୍ୟାସ୍ତ୍ର ହବାଠାରୁ ପରୋକ୍ଷ ତାଡ଼ନା ଓ ଜେଲ୍ ଜୋରିମାନା ପର୍ଯ୍ୟନ୍ତ । କିନ୍ତୁ ମୁଁ ଦବିଯାଇ ନାଇ, ଏହା ମୋ ପକ୍ଷରେ ଅବଶ୍ୟ ଆଶାର କଥା ।

ଜୀବନର ନାନା ବିଚିତ୍ର ରଙ୍ଗ, ନାନା ସ୍ୱର ଓ ବର୍ଣ୍ଣର ଛଟା, ପୃଥିବୀର ନାନା ରୂପ ରସ ଓ ଘ୍ରାଣ, ପୁଣି ସମାଜ ଓ ମଣିଷ ସମ୍ପର୍କର ନାନା ସଂଘର୍ଷ ଓ ସମନ୍ୱୟର ଆଶ୍ଚର୍ଯ୍ୟ ଧାରା ମୋତେ ବିହ୍ୱଳ ଓ ସୃଷ୍ଟିମୁଖର କରିଛନ୍ତି । କେତେବେଳେ ଆନନ୍ଦରେ ମୁଁ ଗୀତିବାନ ହୋଇ ଉଠିଚି ତ କେତେବେଳେ ଘୃଣା ଓ କ୍ରୋଧରେ ବହ୍ନିମାନ ହୋଇ ପଡ଼ିଛି । କିନ୍ତୁ ମୋ ଲେଖନୀ ମୋତେ ପ୍ରତାରିତ କରି ନାହିଁ । କୈଶୋରରେ ପୃଥିବୀ ଓ ପ୍ରକୃତିର ଆଶ୍ଚର୍ଯ୍ୟ ସୌନ୍ଦର୍ଯ୍ୟ ପ୍ରେମ, ପ୍ରଣୟ, ଜାତୀୟ ଆନ୍ଦୋଳନ ଯୌବନରେ ଗାନ୍ଧିଜୀ, ମାର୍କସ୍, ଇଙ୍ଗେଲସ୍ ଫ୍ରଏଡ୍, ନ ଆନ୍ଦୋଳନ, କୃଷକ ଶ୍ରମିକ ଓ ମଧ୍ୟବିତ୍ତର ସଂଗ୍ରାମ ପ୍ରେମ, ପଲ୍ଲୀ ଓ ଜନପଦ, ମାନବିକତା ଓ ଷ୍ଟେନ୍ ଏବଂ ସୋଭିଏଟ୍ ରୁଷ୍ ଓ ତାର ଆଶ୍ଚର୍ଯ୍ୟ ସଂସ୍କୃତି ଓ ସଭ୍ୟତାର ସଂଗଠନ ମୋତେ ଯେପରି ଗଭୀର ଭାବରେ ଉନ୍ମାଦିତ ଓ ଆଲୋଡ଼ିତ କରିଛନ୍ତି । ବର୍ତ୍ତମାନ ଯୁଗରେ, ମଣିଷର ସମ୍ପୂର୍ଣ୍ଣ ଜୀବନ ଓ ତାର ସମସ୍ୟା, ମହାଯୁଦ୍ଧ, ଯୁଦ୍ଧୋତ୍ତର ପୃଥିବୀ, ଗାନ୍ଧିଜୀ, ମାର୍କସ୍, ଇଙ୍ଗେଲସ ଫ୍ରଏଡ୍, ନୂତନ ଯନ୍ତ୍ରର ସମ୍ଭାବନା, କଲ କବ୍‌ଜା, ଶାକ୍ ସବଜି, ପାର୍କ, ମଇଦାନ, ନଦୀ ପ୍ରାନ୍ତର ଫସଲର ରୋମାଞ୍ଚ ଓ ଉନ୍ମାଦନା, ପୁଣି ସ୍ୱାଧୀନ ହିନ୍ଦ୍‌ର ଅଭ୍ୟୁଦୟ—ତାର ଆଶା ଓ ପ୍ରତିସ୍ପର୍ଦ୍ଧା, ଲାଲଚୀନ୍, ପୃଥିବୀ ତଥା ପ୍ରକୃତିର ଅଜସ୍ର ରୂପ, ରସ, ଲୀଳା ଆ ପ୍ରେମ ଓ ବିଦ୍ରୋହ ମୋ ସାହିତ୍ୟର ଜୀବନୀଶକ୍ତି ଯୋଗାଇଛନ୍ତି । ଏ ସମସ୍ତଙ୍କୁ ମୁଁ ଗ୍ରହଣ କରି ନେଇଛି ମୋ ଜୀବନର ଅବିଚ୍ଛେଦ୍ୟ ଅଂଗ ରୂପେ—ପ୍ରତିବାଦ ତ କରିନାଇ, ବରଂ ପୂର୍ଣ୍ଣତାଇ ଅନୁଭବ କରିଚି ।

କାଳିଦାସ ଭଞ୍ଜ ବା ରବୀନ୍ଦ୍ରନାଥ କବିତା ଲେଖି ଯାଇଛନ୍ତି ବୋଲି ଆଉ କେହି ଲେଖିବେ ନାଇ ବା ଲେଖିବା ଦର୍କାର ନାଇ, ଏଭଳି ଧାରଣା ମୋର କେବେ ହୋଇ ନାଇ । ସେମାନଙ୍କ ସଙ୍ଗେ ମୁଁ କେବେ ନିଜକୁ ତୁଳନା କରେ ନାଇ କି ତୁଳନା କରି ଲଜ୍ଜାରେ ଅଧମତମ ବୋଲି ନିଜକୁ ବୈଷ୍ଣବ ଧିକ୍‌କାର କରେ ନାଇ । ମୋର ମନେହୁଏ ସେମାନଙ୍କ ସାହିତ୍ୟ ଆମର ଅମୂଲ୍ୟ ଉତ୍ତରାଧିକାର ହେଲେ ହେଁ ଆମ ଯୁଗର ମାନସ ରୂପ ବା ଜୀବନର ଚେହେରା ଫୁଟାଇ ପାରିବେ ନାହିଁ । ସେମାନଙ୍କ ସାହିତ୍ୟରେ ଆମ ଜଗତର ଗ୍ରୁସ୍ଥା ସୁଦ୍ଧା ନାଇ । ନଥିବାର ଇ କଥା । ଆମକୁଇ ଆମର ସାହିତ୍ୟ ଗଢ଼ିବାକୁ ହେବ, ପ୍ରତ୍ୟେକ ଯୁଗର ସାହିତ୍ୟ ସେହି ଯୁଗକୁଇ ତିଆରି କରିବାକୁ ହୋଇଥାଏ । କାଳିଦାସ, ଭଞ୍ଜ, ରାଧାନାଥ ବା

Digitized by srujanika@gmail.com

ରବୀନ୍ଦ୍ରନାଥ ଯେତେ ବଡ଼ ଓ ନମସ୍ୟ ହୁଅନ୍ତୁ ନା କାହିଁକି ସେମାନେ କିଛି ଶ୍ମଶାନରୁ ଫେରି ଆସି ଆମ ସାହିତ୍ୟ ଗଢ଼ି ଦେଇ ଯିବେ ନାହିଁ କି ଆମ ଜୀବନର ଶହ—ହଜାର ବହୁବିଧ ପ୍ରଶ୍ନ ଓ ସମସ୍ୟାର ସମାଧାନ କରିଯିବେ ନାହିଁ। ଆମେ ସେମାନଙ୍କୁ ଶ୍ରଦ୍ଧା ଓ ଭକ୍ତି କରିବା ଏବଂ ସେମାନଙ୍କର ଉଜ୍ଜ୍ୱଳ ପରମ୍ପରାରୁ ଭାଷା ଓ ସାହିତ୍ୟ ପାଇଁ ଜୀବନୀ ଶକ୍ତି ସଂଗ୍ରହ କରିବା ଯିନା, କିନ୍ତୁ ସେମାନଙ୍କ ମୁହଁକୁ ଚାହିଁ ରହି ହାତ ବାନ୍ଧି କରି ବସି ରହିଲେ କିଛି ଆମର ଦୁଃଖ ଘୁଞ୍ଚିବ ନାଇ କି ନୂତନ ସାହିତ୍ୟ ଗଢ଼ି ଉଠିବ ନାଇ। ଯେଉଁ ଜଗତ, ଜୀବନଧାରା ଓ ବାସ୍ତବତା ସେମାନଙ୍କ ସଙ୍ଗେ ମରି ଗଲାଣି, ସେଇ ଜଗତର ଭାଷା, ଚିନ୍ତାକୋଣ, ରୂପକଳ୍ପ, ଜୀବନବୋଧ, ସମାଜ ରୂପ ଓ ଚାଲିଚଳଣି ତଥା ରୂପକ ବା ଆଙ୍ଗିକ ସାହାଯ୍ୟରେ ଆମ ସାହିତ୍ୟ ରଚନା କଲେ ଆମ ବାସ୍ତବତା ସେଥିରେ ଜୀବନ୍ତ ହୋଇ ଫୁଟି ଉଠିବ ନାଇ କି ଆମ ମାନସଭଙ୍ଗୀର ପ୍ରକୃତ ପ୍ରତିନିଧିତ୍ୱ ତାହା କରିବ ନାଇ। ଆମ ମନରେ ଉପଯୁକ୍ତ ଅନୁସଙ୍ଗ ସୃଷ୍ଟି କରିପାରିବ କେବଳ ସେଇ ସାହିତ୍ୟ ଯାହା ଆମ ଜୀବନର ପ୍ରକୃତ ପ୍ରତିଫଳନ ଏବଂ ଆମର ଚେତନା ଓ ଅବଚେତନ ମନର, ଯାହାର ଅଭିଜ୍ଞତା ଓ ଆବେଦନ ନିକଟବର୍ତ୍ତୀ। ଏ ସମ୍ବନ୍ଧରେ ମୋର ଧାରଣା ଖୁବ୍ ପରିଷ୍କାର ଆଉ ସନ୍ଦେହହୀନ।

ଖାପଛଡ଼ା ଭାବରେ ଏଇ କେତୋଟି କଥା କହିବା ଛଡ଼ା ମୁଁ କାହିଁକି ଲେଖେଁ, ଏ ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ମୁଁ ଦେଇ ପାରିବି ନାଇ। □ □

Digitized by srujanika@gmail.com

ରାଜକିଶୋର ପଟ୍ଟନାୟକ

●

ରାଜକିଶୋର ପଟ୍ଟନାୟକ

ଜନ୍ମ—୮ ଏପ୍ରିଲ ୧୯୧୭

ଜନ୍ମସ୍ଥାନ—୬୭ ନମ୍ବର ଗ୍ରେ ଷ୍ଟ୍ରୀଟ୍, କଲିକତା

ପିତା—ଶ୍ରୀବତ୍ସ ପଟ୍ଟନାୟକ,

ମାତା—ସୁନ୍ଦରମଣି ଦେବୀ,

ରଚିତ ପୁସ୍ତକ—

ଉପନ୍ୟାସ—ପଞ୍ଜୁରୀ ପକ୍ଷୀ, ପ୍ରେମର ନିଷ୍ପତ୍ତି, ସିନ୍ଦୂରଗାର, ଅପରାହ୍ନ, ସ୍ମୃତିର ମଶାଣି, ସପନ କୁହୁଡ଼ି, ବିରହିଣୀ, ଭସାମେଘ, ସଞ୍ଜବତୀ ପ୍ରେମିକର ଡ଼ାଏରୀ, ଚଲାବାଟ, କଜଳଗାର, ଅଷ୍ଟମୀ ଚନ୍ଦ୍ର, କଳା ପରଦା, ସକାଳ କୁହୁଡ଼ି, (ଜୀବନର ମହତ୍ତ୍ୱ) ପ୍ରୀତିର ବଣିକ, ପ୍ରୀତିର କଜଳ, ସ୍ୱପବେଲ, ଅଡ଼ୁଆ ସୂତା।

ଗଳ୍ପ—ରୂଠ ମଥର, ହୃଦୟର ବନ୍ଧନ, ପଥୁକ୍, ନଶାଣ ଶୁଣ୍ଣ ଶାଳଗ୍ରାମ, କଳ୍ପନାର ଫୁଲ, ପଥର ଢ଼ିମା, ହାଟ ସଉଦା ହାଟ ବାହୁଡ଼ା।

ଆଲୋଚନା—ଲେଖକ ଓ ପାଠକ, ଓଡ଼ିଆ ସାହିତ୍ୟର ଆଗପଛ। □ □

ଆଜି ଏହି ପ୍ରଶ୍ନର କିଛି ପ୍ରୟୋଜନ ନାହିଁ। ଅନେକ ଦିନୁ ଲେଖା ଛାଡ଼ିଲିଣି। ୧୯୪୧ ମସିହା ଆରମ୍ଭରୁ ଆଜି ୧୯୫୧ ମସିହା ଆରମ୍ଭ ପର୍ଯ୍ୟନ୍ତ ଦଶବର୍ଷ ଭିତରେ ନୂଆ କିଛି ଲେଖିନାହିଁ କହିଲେ ଚଳେ। ସାହିତ୍ୟ ପତ୍ର ବିନା ପଇସାରେ ପାଇବା ପାଇଁ ବର୍ଷକୁ ତିନି ଚାରୋଟି ଗଳ୍ପ ହିସାବରେ ଏହି ଏତିକି ବର୍ଷର ସାହିତ୍ୟ-ସାଧନା। ତେଣୁ ଏହି ପ୍ରଶ୍ନର ଉତ୍ତର ମୁଁ ଠିକ୍ ଦେଇପାରିବି ନାହିଁ।

କାହିଁକି ଲେଖା ଆରମ୍ଭ କଲି କହିପାରିବି ନାହିଁ। ବୋଧହୁଏ ଯୁବକ ମନ ଆନନ୍ଦରେ ଦିନେ ଦିନେ ବସି ଗୁଣୁ ଗୁଣୁ ହୋଇ ଗାଇଲା ପରି ଭାବର ଆବେଗରେ

Digitized by srujanika@gmail.com

ଯାହା ଲେଖି ଯାଇଥିଲି, ସେହି ମୋର ପ୍ରଥମ ଲେଖା । ସେତେବେଳର ସାହିତ୍ୟିକ ବନ୍ଧୁମାନଙ୍କ ପାଖକୁ ନେଇ ସେଇଟିକୁ କଷ୍ଟ ଉଚ୍ଚାରଣ ଠିକ୍ କଲି । ତା'ପରେ ବ୍ରହ୍ମପୁରରେ ପ୍ରକାଶ ପାଉଥିବା ଗୋଟିଏ ସାହିତ୍ୟ-ପତ୍ରିକାକୁ ପଠାଇ ପ୍ରକାଶର ଅପେକ୍ଷାରେ ରହିଲି ।

ଗୋଟିଏ ପରେ ଗୋଟିଏ ସପ୍ତାହ ଗଡ଼ି ଚାଲିଲା । ହିସାବ କରି କରି କାର୍ଡ଼ ଲେଖା ଆରମ୍ଭ କରିଦେଲି ମୋର ଶାବକଟିର କୁଶଳ ଜାଣିବାକୁ । ବୋଧହୁଏ ଏହି ଉତ୍ପାତରେ ଶେଷକୁ ପାଞ୍ଚ ସପ୍ତାହ ପରେ ଉତ୍ତର ଆସିଲା ଯେ ଲେଖାଟି 'କରେଣ୍ଟ ଫାଇଲ'ରେ ଅପେକ୍ଷା କରି ରହିଛି "ସିଲେକ୍‌ସନ ଫାଇଲକୁ" ଯିବ ବୋଲି । ଶେଷକୁ ପାଇପାରିଲା ନାହିଁ ।

ଏଣେ ସେହି ଲେଖାର ଦୁଇଟି ନକଲ କରି ସ୍ଥାନୀୟ ସାହିତ୍ୟ-ପତ୍ରିକା ଦୁଇଟିକୁ ବାଛି ପଠାଇଦେଲି । ବଡ଼ ଅପ୍ରତ୍ୟାଶିତ ଭାବରେ ଦୁଇଟିଯାକ ପତ୍ରିକାରେ ଏକ ମାସରେ ଛପା ହୋଇଗଲା । ବଡ଼ ବିବ୍ରତ ହୋଇ ଗୋଟିକର ସମ୍ପାଦକଙ୍କୁ ବହୁତ ଅନୁନୟ ବିନୟ କରି ଛପାହେବା ଫର୍ମା ଭଙ୍ଗାଇଲି ।

ହଠାତ୍ ମନେ ହେଲା ଯେ ମୁଁ ଜଣେ ଲେଖକ । କାରଣ ମୋର ଲେଖା ଛପା ହୋଇପାରୁଛି । ପଛକୁ ପଛ ଲେଖି ନଗଲେ କାଳେ ଛପା ହେବାରେ ବାଧା ଆସିବ ବୋଲି ବଡ଼ ଅଧ୍ୟବସାୟ ସହିତ ଦଶ ବର୍ଷ ଲେଖିଲି । ସେହି ଗୁଡ଼ିକରେ ଯୁବକ ମନର, କଅଁଳ ଅନୁଭୂତିର ସବୁ ରସ ନିଗାଡ଼ି ଦେଇଛି । କୋଟିଏ ଓଡ଼ିଆଙ୍କର ଜଣେ ଲେଖକ ବୋଲି ସୁମାରିକୁ ଆସିଛି । ସେହି ଲେଖାଗୁଡ଼ିକୁ ପତ୍ରିକା ଓ ପୁସ୍ତକରେ ପଢ଼ିବାକୁ ଓ ରଖିବାକୁ ମୋର ଓଡ଼ିଆ ଭାଇମାନେ ଦୟାକରି କିଣି ନେଇଛନ୍ତି । ସଂପାଦକ ଓ ପ୍ରକାଶକମାନେ ମଧ୍ୟ ଦୟାକରି ସେହି କେମିତି କଣା କୁଜା ଗୁଡ଼ିକୁ ଛାପି ଓ ଛପେଇ ଦେଇଛନ୍ତି ।

ସହଜରେ ହୋଇଯିବ ବୋଲି ଗଳ୍ପ ଲେଖୁଥିଲି । ଓଡ଼ିଆରେ ସବୁଠାରୁ ଭଲ ଗଳ୍ପ ମୋର ହେଉଥିବ ବୋଲି ବେଳେବେଳେ ଧାରଣା ହେଉଥିଲା । ତେବେ ସେତିକି ଭୁଲ । ଏବେ ଗଳ୍ପ ପାଇଁ ଟଙ୍କା ମିଳୁଛି । ଗୋଟିଏ ଗଳ୍ପ ଏବେ ଓଡ଼ିଶାରେ ପ୍ରଥମ ହୋଇ ଦୁଇ ଶହ ଟଙ୍କା ପୁରସ୍କାର ପାଇଲା । କିନ୍ତୁ ଗୋଟିଏ ଗଳ୍ପରୁ ସର୍ବପ୍ରଥମ ପାଞ୍ଚଟଙ୍କା ପାଇଥିଲି । ସେତିକି ପୁଣି ଗଳ୍ପ ପ୍ରକାଶ କରିବାର ନ' ବର୍ଷ ଛଅମାସ ପରେ ।

Digitized by srujanika@gmail.com

ପତ୍ରିକାରେ ଗଳ୍ପ ରହିବା ଦରକାର ହେଉଥିଲା ବୋଲି ଗଳ୍ପ ଲେଖୁଥିଲି । ପତ୍ରିକାର ବର୍ତ୍ତୀର ଅସୁବିଧା ହେଉଥିଲା । ପ୍ରବନ୍ଧ, ପଦ୍ୟ ଆଦି ମୋତେ ଜଣାନାହିଁ । ଆଜି ଅନେକ ଗଳ୍ପ ଲେଖକ ଓ ଗଳ୍ପ ମଧ୍ୟ ହେଲାଣି । ମୋର ନାଁ ଥିବା ଲୋକ ଜଣେ ଅଧେ ଗଳ୍ପ ବି ଲେଖୁଛନ୍ତି । ତେଣୁ ପାଠକମାନେ ବୋଧହୁଏ ମନେ କରୁଥିବେ ମୁଁ ଲେଖୁଛି । କିନ୍ତୁ ଝାଡୁଦାର ସାହିତ୍ୟିକ ହିସାବରେ ମୋର କର୍ତ୍ତବ୍ୟ ମୁଁ ଶେଷ କରିଛି କହିଲେ ଚଳେ । ଖାଲି ମୁଁ ଯେ ଲେଖୁଥିଲି ଓ ଲେଖିପାରିବ ବୋଲି ପ୍ରମାଣ କରିବାକୁ ବେଳେବେଳେ କେମିତି ଲେଖିଦିଏ ।

ଓଡ଼ିଶା ଶାଖା 'ଅଲ ଇଣ୍ଡିଆ ରେଡ଼ିଓ'ର ସାହିତ୍ୟିକ ତାଲିକା ଭିତରୁ ବାଦ୍ ଯାଇଛି । ସରକାରୀ ଲେଖକ ଓ ପ୍ରକାଶକ ତାଲିକାରୁ ବାଦ ପଡ଼ିଛି । ପାଠକମାନଙ୍କର ପ୍ରିୟ ସାହିତ୍ୟିକ ଶ୍ରେଣୀରୁ କଟି ଯାଇଛି । ତଥାପି 'ଡଗର, ପତ୍ରିକା ଆଜି ତାଙ୍କର ଏହି ତେର ନମ୍ବର ସାହିତ୍ୟିକକୁ ସେ କାହିଁକି ଲେଖେ ପଚାରି ପଠାଇଛି ।

ବିଡମ୍ବନା, ଦଶବର୍ଷ ତଳେ ଏହି ପ୍ରଶ୍ନର ମୂଲ୍ୟ ଥିଲା । ତେବେ 'କାହିଁକି ଲେଖୁଥିଲି' ର ଅର୍ଥ କାହାରି ଦରକାରରେ ଲାଗି ପାରିବ ନାହିଁ ମନେ କରି ଏତକ ଲେଖିଲି । ଧନ୍ୟବାଦ । □ □

Digitized by srujanika@gmail.com

ଲକ୍ଷ୍ମୀନାରାୟଣ ମହାନ୍ତି

●

ଲକ୍ଷ୍ମୀନାରାୟଣ ମହାନ୍ତ

ଜନ୍ମ—୧୦ ଜାନୁୟାରୀ ୧୯୧୯

ଜନ୍ମସ୍ଥାନ—ଜଗନ୍ନାଥପୁର, ଭଦ୍ରଖ

ପିତା—ଶ୍ରୀବଳରାମ ମହାନ୍ତ

ମାତା—ମଧୁଡ଼ମଣି

ରଚିତ ପୁସ୍ତକ—

ଗଳ୍ପ—ନୈବେଦ୍ୟ, ମଳୟ ବହ୍ନିଲଣି, ଉଡ଼ନ୍ତା ବୋମା, ଗୋଟିଏ ସନ୍ଧ୍ୟା, ଅନ୍ଧ ଦେଶକୁ ଗଲି, ଦେହ ନିଲାମ ହେଉଛି, ବିଷପୀୟୂଷ, ଓଢ଼ଣାଖୋଲ।

ଉପନ୍ୟାସ—ହାତକଡ଼ି, ମାୟାପୁରୀ, ପିଶାଚ, ପ୍ରଥମପ୍ରେମ, ହରଣସ୍ଥଳ, ଚକ୍ରବ୍ୟୂହ।

ଅନୁବାଦ—ଅଛୁତ, ଅପରିଚିତାର ପତ୍ର, ବାତାୟନ, ମା ଓ ପୁଅ, ଦୁଇଟି ନଗରୀର କାହାଣୀ, ସଙ୍ଗମ, ବଣାଧର, ନଗ୍ନସତ୍ୟ, ପଥିକ, ପାଗଳର ଦିନଲିପି, ବଦାନ୍ୟ ଗୁରୁଦେବ, ପ୍ରେୟସୀ, ଆନନ୍ଦକୁମାର, ଦୁଇଟି ନାରୀ, ବନଫୁଲ, ଆନେକାରେନିନା। □ □

Digitized by srujanika@gmail.com

ଗ୍ରନ୍ଥ ଫାଟିଯାଉଛ । ଦେହ ଧର ମୁହୂର୍ତ୍ତେ ଠିଆ ହୋଇ ହେଉ ନାହିଁ । ରକ୍ତର ପ୍ରବାହରେ ଶିଥିଳତା ଆସୁଛି । ମନ ଦବି ଯାଉଛି ।

କଣ ହେଲ ? ଏ କଣ ?

କଟକ ଷ୍ଟେସନ । ଯେଉଁଠି ନରନାରୀଙ୍କର ଆନନ୍ଦ-କୋଳାହଳରେ ବାୟୁ ମଣ୍ଡଳ ସତେ କଲ୍ଲୋଳ ମୁଖରିତ ହୋଇ ଉଠୁଥିଲ, ଆଜି ସେଠାରେ ଘୋଟି ଯାଇଛି ବିଷାଦର କରାଳ ଗ୍ରାସ । ସ୍ୱାମୀ-ହରା ବିଧବା ନାରୀ ପରି ସେ ଶୋକାକୁଳା ହୋଇ ରୋଦନ କରୁଛି । ଅଙ୍ଗରେ ଭୂଷଣ ନାହିଁ, ଶରୀରରେ ଉନ୍ମାଦ ମାଦକତା ନାହିଁ କି ନୟନରେ ଅଶ୍ରୁ ବି ନାହିଁ । ତାର ହୃତ୍ପିଣ୍ଡ ପ୍ଲାଟ୍ଫର୍ମ ଉପରେ ବ୍ଲିଚିଂ ପାଉଡ଼ରର ପ୍ରତିଶୋଧକରନ୍ଧ ଇଞ୍ଜେକ୍‌ସନର ଦୁର୍ଦ୍ଦମନୀୟ ତାଣ୍ଡବ ଲୀଳା ଏବଂ ସର୍ବୋପରି ମାନବର ସଂଖ୍ୟାହୀନ ମହାଯାତ୍ରା । ଯୁବତୀର ଲୀଳାସ୍ଥଳରେ ମହାକାଳର ଇଙ୍ଗିତରେ ପେଚକର ଝାଡପୂର୍ଣ୍ଣ ଚିତ୍କାର ରାଜତ୍ୱ କରୁଛି । ହୃଦୟ-ବିଦାରକ କରୁଣ ବିୟୋଗାନ୍ତ ଦୃଶ୍ୟରେ ତାହା ରୂପାନ୍ତରିତ ହୋଇଛି ।

ଏକ ଅଶରୀରୀ ଆତ୍ମା ଯେମିତ ସମସ୍ତଙ୍କୁ ଗ୍ରାସ କରିବାପାଇଁ ଶୂନ୍ୟରେ ମୁଖ ବ୍ୟାଦାନ କରି ଘୂରି ବୁଲୁଛି । ତାର ଶକ୍ତିଶାଳୀ କବଳରୁ ମୁକ୍ତି ପାଇବା ଲଗି ମାନବ ମଧ୍ୟ ଆପ୍ରାଣ ସଂଗ୍ରାମରୁ ନିବୃତ୍ତ ହେଉନାହିଁ । ଯେ ଜିତିଲ, ସେ ଟ୍ରେନରେ ପ୍ରତ୍ୟାବର୍ତ୍ତନ କରୁଛି ଏବଂ ଯେ ହାରିଲ, ସେ ଷ୍ଟ୍ରେଚର କୋଳରେ ଆଶ୍ରୟ ଭିକ୍ଷା ପରିଶେଷରେ ଶ୍ମଶାନର ଚିର ଶାନ୍ତିପ୍ରଦ ନୀଡ଼ରେ ବିଶ୍ରାମ ନେଉଛି ।

ପୃଥିବୀ ଉପରକୁ ଓହ୍ଲାଇ ଆସିଛି କାଳରାତ୍ରୀ ଅନ୍ଧକାର ରାତ୍ରି । ପ୍ରଥମ ପ୍ରହର । ଟାଉନ ବସ୍ କଲେଜ ପାଖରେ ଅଭିଯାନ ଶେଷ କଲ । ମୁଁ ଓହ୍ଲାଇଲି । ସାଥୀ ବନ୍ଧୁ ଜଣେ । ସେ ବାରଣ କରୁଥିଲେ । ମାନିଲି ନାହିଁ । ଦୁହେଁ ଗତି କଲୁ । ପୋଷ୍ଟ ଅଫିସ ଠାରୁ ରାସ୍ତାର ଦୁଇ କଡ଼ରେ ଗଛ ପତ୍ରର ଗହଳିଆ ଅନ୍ଧକାରରେ ଅଗଣିତ ନରନାରୀ ଆଶ୍ରୟ ନେଇଛନ୍ତି । ନିର୍ମମ ଶୈତ୍ୟ ପୈଶାଚିକ ମୂର୍ତ୍ତି ଧାରଣ କରି ଏହି ମହାପଥରେ ଅବତୀର୍ଣ୍ଣ ହୋଇ ତାର ନାରକୀୟ ଆଧିପତ୍ୟ ସ୍ୱୀକାର କରିବାକୁ ବଜ୍ର ନିର୍ଘୋଷ କଣ୍ଠରେ ଘୋଷଣା କରୁଛି ।

ଗଛମୂଳ ଆଉ ଶୂନ୍ୟ ନାହିଁ, ନରନାରୀ ଅସ୍ଥାୟୀ ଜ୍ୱାଳାମୟୀ ଆବାସ ବ୍ୟାପି ଯାଇଛି ଖୋଲ ପଡ଼ିଆକୁ । ଉପରେ ଚନ୍ଦ୍ରାତପ ଆକାଶ, ତଳେ ଶୁଖିଲ ଘାସ ଓ ନାଲି ଗୋଡ଼ମାଟି ।

Digitized by srujanika@gmail.com

ଘରିକିଣ ଅପରିଚିତ ନରନାରୀ କଣ୍ଢଁକାଲି ପେରି ବସିଛନ୍ତି । ଦୁଇ ଜଣ ସ୍ୱାମୀ ସ୍ତ୍ରୀ ବୋଲି ଅନୁମିତ ହେଉଛନ୍ତି । କୋଡ଼ରେ ଦୁଇ ବର୍ଷର ଶିଶୁଟିଏ । ଅନ୍ୟ ଦୁଇ ଜଣଙ୍କ ଭିତରୁ ଏକ ବୃଦ୍ଧା, ଅପରଟି ଯୌବନ ଅତିକ୍ରମ କରି ଯାଇଛି । ସମସ୍ତଙ୍କର ପରିଧାନ ବସ୍ତ୍ର ଅଶୁଭ୍ର, ମଳିନ । ବଦନ ମଣ୍ଡଳରେ ବିଷାଦର ସୁସ୍ପଷ୍ଟ ପରିସ୍ଫୁଟ । ମନ୍ଥର ନୟନ । ସର୍ବ-ଅଙ୍ଗରେ କ୍ଲାନ୍ତ ଓ ଶକ୍ତିହୀନତା ପ୍ରବେଶ କରିଛି ।

ଧୀରେ ଧୀରେ ପୁରୁଷଟି ପ୍ରଶ୍ନ କଲା—କେତେ ଖଣ୍ଡ ରୁଟି ଅଛି ?

ରମଣୀଟି ପୁଟୁଳାଟି ଫିଟାଇ, ଗୋଟିଏ କାଗଜ ଗୁଡ଼ାଯାଇଥିବା ପ୍ୟାକେଟ ବାହାର କଲା । ବୃଦ୍ଧ ଆଡ଼କୁ ବଢ଼ାଇ ଦେଲା । ସେ ନିର୍ବାକ ଓ ନିର୍ଜୀବ ଭାବରେ ତାହା ଫିଟାଇଲା ଏବଂ ନିଃଶବ୍ଦରେ ପ୍ରକାଶ କଲା—ଚାରିଖଣ୍ଡ ।

ଚାରୋଟି ଶୁଖିଲା ରୁଟି । କେବେ ତିଆରି ହୋଇଥିଲା ଜଣା ନାହିଁ । ସେମାନଙ୍କ ଗ୍ରାମରୁ ଚନ୍ଦ୍ରଲେଇ ... ଦେଶ୍ୟରେ ଯେତେବେଳେ ବାହାରିଲେ, ସେତିକବେଳେ ଅନ୍ନହୀନ ପଥର ଏକମାତ୍ର ପାଥେୟ ରୂପେ ଆଣିଥିଲେ ଏହି ପୁଟୁଳାଟି । ତାର ଭିତରେ ଥିଲା କେତେଖଣ୍ଡ ଲୁଗା ଓ ଚାଦର, କୋଟାଟିଏ, ବେଲ ଦୁଇଖଣ୍ଡ ଗୋଟିଏ ମୁଣିରେ ଛତୁଗୁଣ୍ଡ଼ଏ ଏବଂ କାଗଜରେ ଗୁଡ଼ା ହୋଇଥିଲା କେତୋଟି ରୁଟି । ସେମାନେ ଜାଣିଥିଲେ, ରୋଗରୁ ମୁକ୍ତ ପାଇବା ପାଇଁ ନେପାଳୀ-ବାବାଙ୍କଠାରୁ ଔଷଧ ନେଇ ଅଚିରେ ନିଜ ବାସସ୍ଥାନକୁ ବାହୁଡ଼ି ଯିବେ । କିନ୍ତୁ ତାଙ୍କର ସମସ୍ତ ଆଶା ଆଜି ବ୍ୟର୍ଥତାରେ ପରିଣତ ହୋଇଛି । ଆସିବାବେଳେ ନାନାଦି କଷ୍ଟ ଓ ଯନ୍ତ୍ରଣା ସହ୍ୟକରି ସ୍ୱୟଂ-'ଭଗବାନ'ଙ୍କୁ ଦର୍ଶନ କଲେ ଏବଂ ଔଷଧ ବି ସେବନ କଲେ । ଫେରିବାକୁ ଚାହିଁଲେ ଚନ୍ଦ୍ରଲେଇରେ ମୁହଁକୁ ମୁହଁ ଦେଖାଯାଉ ନାହିଁ । ହଲଚଲ ହେବାକୁ ବି ଟିକିଏ ସ୍ଥାନ ନାହିଁ । ଯାନବାହାନର ଆଶା ପରିତ୍ୟାଗ କରି ପଦ ଯାନରେ ଟମେରିମଣ୍ଡଳକୁ ଆସିଲେ । ଖାଇବାକୁ କିଛି ମିଳୁ ନଥାଏ ଏବଂ ପଥଘାଟ ଲୋକାରଣ୍ୟ । ଜୀବନଧରି ସ୍ୱସ୍ଥାନକୁ ବାହୁଡ଼ିବା ଯେଉଁଠି ସୁଦୂର ପରାହତ, ସେଠାରେ ଖାଦ୍ୟର ପ୍ରଶ୍ନ ବା କାହିଁକି ? ଯାହା ହେଉ ପ୍ରାଣ ବଞ୍ଚାଇବା ଲାଗି କେବେ କେତେବେଳେ ଶୁଖିଲା ରୁଟି ଖଣ୍ଡେ ତ କମ୍ୱା ଛତୁ ମୁଠିଏ । ପିଇବାକୁ ପାଣି କାହିଁ ? ତାହା ଆଉ ଏକ ବିରାଟ ସମସ୍ୟା । ପୁରୁଷଟି ଚାରି ଛଅ ଘଣ୍ଟା ପରିଶ୍ରମ କରି ଏବଂ ଗୋଟିଏ ଟଙ୍କା ଖର୍ଚ୍ଚରେ ଲୋଟିଏ ପାଣି ଆଣିଥିଲା । ଟମେରିମଣ୍ଡଳରେ ଏମାନେ ସମସ୍ତେ ଟୋପାଏ ଟୋପାଏ କରି ... ଦେଇଥିଲେ । ଚସେତିକ ମାତ୍ର । ଅଣ୍ଟା କାକରରେ ଉପାସ ଭୋକରେ ଦୁଇଦିନ ପଡ଼ି ରହିବା ପରେ

Digitized by srujanika@gmail.com

ଅତି କଷ୍ଟରେ ଗାଡ଼ିରେ ଉଠିବାକୁ ପଡ଼ିଲା । କଟକରେ ଓହ୍ଲାଇବାକୁ ହେଲା । ସେଇଠି ନୀଳସହାୟଙ୍କୁ ପୁଣି ସେସ୍ତା ! ଏଠାରେ ବି ତିନି ଦିନ ହେଲା ସେମାନଙ୍କୁ ଆଶ୍ରୟ ଦେଇଛି ଧର୍ମର ଏକ ଜନ୍ମକୁଳ ନିଷ୍କୋମଳ ସ୍ଥାନ । ନିଜ ଆବାସକୁ ଫେରି ଯିବାକୁ ଗାଡ଼ି ମିଳୁନାହିଁ । ଯାହା କିଛି ଅର୍ଥ ସମ୍ବଳ ଥିଲା ତାହା ବି ସରିଗଲାଣି ।

ପୁରୁଷ ଦଇଟା ମୂଳା ଛଡ଼ାଇଥିଲା । ଗୋଟିଏ ବୁଢ଼ା ହାତକୁ ବଢ଼ାଇ ଦେଲା ଏବଂ ଅନ୍ୟଟିର ପଞ୍ଚ ଆଡ଼ୁ ଲୁଣ ଟିକିଏ ଲଗାଇ ଖ୍ୱେବାଇଲା । ବୁଢ଼ା ବି ତାକୁ ଖଣ୍ଡିଏ ରୁଟି ଦେଲା ।

ରୁଟି ଅଟେ ଜାମୁଡ଼ି ଦେଇଛି । ପେଟ ଭିତରେ କଣ ମର୍ଛି ଦେଲା । ଭ ଭ କରି ବାନ୍ତି କରି ପକେଇଲା । ଏବେ ଲୁଗାରେ ବି ପଡ଼ିଯିବାକୁ ଲାଗିଲାଣି । ଦୁଇ ଦିଗରୁ ଜଳସ୍ରୋତ ଛୁଟିବାକୁ ଲାଗିଲା । ସମସ୍ତେ ତାକୁ ଧରିଥାଆନ୍ତି ।

ଦୁଇଜଣ ଭଲଣ୍ଟିଅର କେଉଁଠୁ ଛୁଟି ଆସି ତାକୁ ଷ୍ଟ୍ରେଚର୍‌ରେ ଉଠାଇ ନେଇ ଚାଲିଗଲେ । ସମସ୍ତେ କାନ୍ଦ କାନ୍ଦ ଗଡ଼ି ଯାଉଥାନ୍ତି । ସ୍ତ୍ରୀଟି ତାର ପିଲାଟିକୁ ଛାଡ଼ି ମୁଣ୍ଡ ବାଡ଼େଇ ହେଉଥାଏ ।

କିଛି ସମୟ ପରେ କେତେଜଣ ଲୋକ ଆସି ଏମାନଙ୍କୁ ଇଞ୍ଜେକ୍‌ସନ୍ ଦେଲେ ତଥାପି ବୁଢ଼ାଟିର ପୁଣି ଷ୍ଟ୍ରେଚରରେ ବୋହି ନେବାକୁ ପଡ଼ିଲା ।

ଷ୍ଟେସନ୍ ବଜାରରେ କେତେ ଲୋକ ଠିଆ ହୋଇ ଭୋକ ଝକୁଛନ୍ତି । ମାଛବାଲୀ ତା ସ୍ଥାନରେ ମାଛ ଧରି ବସିଛି । ବରା ପିଆଜି ଛଣା ବନ୍ଦ ନାହିଁ । ତିନି ଜଣ ଗୋଟେ କଡ଼ରେ ଟୋକାଇରେ ପଚା ସଢ଼ା କମଳା ଲେମ୍ବୁ ରଖି ଡ଼ାକ ଛାଡ଼ୁଛନ୍ତି । ଦକ୍ଷିଣ ପାଖରେ ଗନ୍ଧ କର୍ପୁର ଗୋଟାକୁ ଅଣାଏ ।

ଠିକ୍ ଆର. ଏମ. ଏସ. କୁ ଲାଗି ସଡ଼କ କଡ଼ରେ ବସିଛନ୍ତି ଗୁଡ଼ାଏ ସ୍ତ୍ରୀ ଓ ପୁରୁଷ । ସମସ୍ତେ ମଥା ତଳକୁ କରି କଣ ଭାବୁଛନ୍ତି । ଆଜି ସେମାନେ ଯେପରି ସବୁ ଶକ୍ତି ହରାଇ ନିର୍ଜୀବ ନିସ୍ତେଜ ମାଂସ ପେଣ୍ଡୁଳା ।

ରିକ୍ସାବାଲାଏ ଦର କରି ସବାରି ବୋହି ନେଇ ଯାଉଛନ୍ତି ।

ପଡ଼ିଲା ପୁଲିସ୍ ଲାଇନ୍ । ସିପାହୀଟିଏ ଲୋକଙ୍କୁ ଏପଟକୁ ଆଡ଼େଇ ଦେଉଛି । ଯାନବାହାନ ଛାଡ଼ି ଦେଉନାହିଁ ।

ପ୍ଲାଟଫର୍ମରେ ଗାଡ଼ିଟିଏ ଠିଆ ହୋଇଛି ତା ଭିତରେ ଖାଲି ମୁଣ୍ଡମାଳା । ଚଢ଼ିବାର କେହି ଦେଖା ଯାଉନାହିଁ । ଷ୍ଟେସନ ଦୁଆର ମୁହଁରେ ଜଣେ ସ୍ୱେଚ୍ଛା-

Digitized by srujanika@gmail.com

ସେବକ ସର୍ଦ୍ଦାର ଓ ଜଣେ ପୋଲିସ ସବ୍‌ଇନସପେକ୍‌ଟର ଲୋକଙ୍କୁ ସମ୍ଭାଳୁଛନ୍ତି । ଭିତରୁ ଆସିଲେ ବାଟ ଦେଖାଇ ଦେଉଛନ୍ତି ଏବଂ କାହାରିକୁ ଯିବାକୁ ଦେଉ ନାହାନ୍ତି ।

ମଟର ଷ୍ଟାଣ୍ଡଟା ଖାଲି ପଡ଼ିଛି । ଖାଁ ଖାଁ ଗୋଡ଼ାଉଛି ଦୁଇଜଣ ଭଲଣ୍ଟିଆର ଷ୍ଟ୍ରେଚରରେ ଲୋକଟିଏ ବୋହି ଆଣି ସେଠାରେ ବସାଇ ଦେଲେ । ସେ ତତ୍‌କ୍ଷଣାତ୍‌ ଢଳି ପଡ଼ିଲା । ପୁଟୁଳିଟି ତାର କଣ୍ଠରେ ଥୁଆ ହୋଇଥାଏ । ଆଖିପିଛୁଡ଼ାକେ ପୁଣି ଜଣକୁ ଆଣିଲେ । ସେ ବ ବସିଲା ନାହିଁ । ଆଉ ଗ୍ଭରି ପାଞ୍ଚ ମିନିଟ ପରେ ବୋହି ଆଣି ଥୋଇଦେଲେ ସାତ ବର୍ଷର ସୁନ୍ଦରୀ ଝିଅଟିକୁ । ମୂଲ୍ୟବାନ ବସ୍ତ୍ର ଓ ସୁନା ଅଳଙ୍କାର ତା ଅଙ୍ଗରେ ଥାଏ । ଧନୀ ଘରର ସନ୍ତାନ । ମାଆଟି ତା ପଛେ ପଛେ ଗୋଡ଼େଇ ଥାଏ, ବାପଟି ତାକୁ ଟାଣି ରଖି କହୁଥାଏ—ଆଉ ଦୁରାଶା କାହିଁକି ? ମେହେନ୍ତରଟିଏ ଦେଖାଇ ଦେଲା—ସୁନା ଗହଣା କାଢ଼ି ନଅନ୍ତୁ । ହଠାତ୍‌ ତା ବାପ ପାଟିରୁ ବାହାରିଗଲା—ତା ସାଙ୍ଗରେ ଯାଉ ।

କି ବୀଭତ୍ସ ମର୍ମାନ୍ତକ ଦୃଶ୍ୟ । ଐତିହାସିକ ଦୁର୍ଭିକ୍ଷ ମହାମାରୀକୁ ଏହା ବଳିଗଲା । ଲୋକ ବଯୁ ବଯୁ ଗଡ଼ି ପଡ଼ୁଛି । ପାଟି ନାହିଁ, ରୁଣ୍ଡ ନାହିଁ । ଦୁର୍ଗନ୍ଧରେ ବାୟୁ ପରିପୂର୍ଣ୍ଣ ।

ସତୀନ୍ଦ୍ର ମୋ ହାତକୁ ଟାଣିଧରି କହିଲା—ଆଉ ଆଗକୁ ଯାଆନ୍ତୁ ନାହିଁ, ଆସନ୍ତୁ ଯିବା ।

ଏହି ସମୟରେ ଦୁଇ ଗ୍ଭରିଜଣ ଆସି ଲୋକଙ୍କୁ ଇଞ୍ଜେକ୍‌ସନ ଦେବାକୁ ଲାଗିଲେ । ତାଙ୍କ ଭିତରୁ ଜଣକୁ ସତୀନ୍ଦ୍ର ପଚାରିଲା—କେତେ ଇଞ୍ଜେକ୍‌ସନ ଦେଇ ଏମାନଙ୍କୁ ମହାଯାତ୍ରାରୁ ରକ୍ଷା କରିବ ?

ଚେଷ୍ଟା ତ ଗ୍ଭଲିଛି—ଜବାବ ମିଳିଲା । ମୁଁ ସ୍ଥାଣୁ ପାଲଟି ଯାଇଥିଲି । ମୋତେ ହଲାଇ ଦେଇ ସତୀନ୍ଦ୍ର କହିଲା—ଆସନ୍ତୁ ପଳେଇବା ।

କେଉଁଠିକି ପଳାଇବା ? କେଉଁଠି ବା ଏହାର ନିଷ୍କୃତି । ଅଗଣିତ ନେପାଳୀ ବାବା ଆଜି ଅନଳ ପରି ପୃଥିବୀକୁ ଧ୍ୱଂସ କରିବାକୁ ଧାଇଁ ଆସୁଛନ୍ତି ଏବଂ ତାହାର ବିଲୋପ ଅନିଶ୍ଚିତ, ଯେତେଦିନ ଯାଏ ଆମେ ଏକ ନବ-ପୃଥିବୀ ଗଠନ ନ କରିଛୁଁ ।

ମୋର କୈଫିୟତ ମାତ୍ର ଏତିକି । ତେଣୁ ମୋ ହାତରେ ଅଛି କଲମ— ଅଛି ଏବଂ ଥିବବ । □ □

Digitized by srujanika@gmail.com

ମନୋରଞ୍ଜନ ଦାସ

●

ମନୋରଞ୍ଜନ ଦାସ

ଜନ୍ମ—୨୫ ଜୁଲାଇ ୧୯୨୧

ଜନ୍ମସ୍ଥାନ—ଝାଁରକଟାପଟଣା, କଟକ

ପିତା—ଆର୍ତ୍ତବନ୍ଧୁ ଦାସ

ମାତା—ସୁଲୋଚନା ଦେବୀ ।

ରଚିତ ପୁସ୍ତକ—

ନାଟକ—ଯୌବନ, କବିସମ୍ରାଟ ଉପେନ୍ଦ୍ରଭଞ୍ଜ, ଅଗଷ୍ଟ ନ, ବକ୍ସିଜଗବନ୍ଧୁ, ଆଗାମୀ, ଅବରୋଧ, ଗ୍ରେଟ-ନାଟକ, ସାଗର ମନ୍ଥନ, ନାସ୍ତି ମହାସମୁଦ୍ର, ଜନ୍ମମାଟି, ବନହଂସୀ, ଅରଣ୍ୟ ଫସଲ, ଅମୃତସ୍ୟପୁତ୍ରାଃ, କାଠଘୋଡ଼ା, ଉର୍ମି, ଅବବାହନାରସ୍ୱପ୍ନ, ଶତଲିପି, କ୍ଳାନ୍ତ ପ୍ରଜାପତି, ନାଟ୍ୟଗୁଚ୍ଛ, ବିତର୍କିତ ଅପସ୍ୱାହ୍ନ, ମହୋଦଧି, ସୀମାର ଆରପାରେ, ନନ୍ଦିକା କେଶରୀ । □ □

କାହିଁକି ମୁଁ ଲେଖିଲି···ଏ ସରଳ ପ୍ରଶ୍ନଟିର ଉତ୍ତର କେମିତି ଠିକ୍ ଭାବେ ଦିଆଯିବ ବାଟ ପାଉନି । ଏ ପ୍ରଶ୍ନ ଯେ ମଝିରେ ମଝିରେ ମନରେ ନ ଉଠିଛି ତା ନୁହେଁ । କିନ୍ତୁ ଉତ୍ତର ସେଇ କାହିଁକିରେ ରହି ଯାଇଛି । କେତେ ବର୍ଷ ତଳେ 'ଯେତେବେଳେ ମୁଁ 'ଅମୃତସ୍ୟ ପୁତ୍ରାଃ' ନାଟକ ଲେଖୁଥିଲି, ସେତେବେଳେ ଏମିତି ଏକ ପ୍ରଶ୍ନ ଉଠିଥିଲା ସୁଚେତାଙ୍କ ମୁହଁରେ । ସେ ସନାତନଙ୍କୁ ପଚାରିଥିଲେ—"ଲଢ଼ିବା କାହିଁକି ?"

ଉତ୍ତର ଦେଇଥିଲେ ସନାତନ—"ଜନ୍ମପାଶବ ମଣିଷ ଯାହା ଚାହେଁ କାହିଁକି ତା' ଜୀବନରେ ହୋଇ ପାରେନା···କର୍ମ କଲେ ବି କାହିଁକି ଠିକ୍ ଭାବେ

Digitized by srujanika@gmail.com

ଫଳ ମିଳି ପାରେନା···କାହିଁକି ଜଣେ ଆଉ ଜଣଙ୍କ ଉପରେ ଅତ୍ୟାଚ୍ୟର କରେ। ଦୁଇରେ ଦୁଇ ମିଶି ଚ୍ୟାରି ହୁଏ କାହିଁକି··· କାହିଁକି ସୂର୍ଯ୍ୟ ଅଛି···ପୃଥିବୀ ଅଛି··· କାହିଁକି ମଣିଷ ଜନ୍ମ ନଏ···କାହିଁକି ସେ କର୍ମ କରେ···କାହିଁକି ରହିଛି ମଣିଷର ଭାଷା, ଏ ସମାଜ, ଏ ସଭ୍ୟତା···× ×······× ×···× ×···କାହିଁକି ମଣିଷ ଗଢ଼େ···କାହିଁକି ଭାଙ୍ଗେ ··କାହିଁକି ତୋଳା ହୁଏ ମନ୍ଦିର···କାହିଁକି ଗଢ଼ା ହୁଏ କାରା ପ୍ରାଚୀର···କାହିଁକି ? କାହିଁକି ? କାହିଁକି ?"

ସବୁ କାହିଁକି ର ଉତ୍ତର ଦେବା ଯେମିତି କଷ୍ଟକର ଏ କାହିଁକିର ଉତ୍ତର ମଧ୍ୟ ସେଇଆ । ତେବେ ଅନେକ କଥା ବୁଝି ନ ପାରିଲେ, ବୁଝାଇ ନ ପାରିଲେ ମଧ୍ୟ ତା ଭିତରେ ମଣିଷ ଯେଉଁ 'ଥ୍ରିଲ' ଅନୁଭବ କରେ, ସେଇ 'ଥ୍ରିଲ' ଥିଲା ମୋ ନାଟକ ଲେଖାର ଭିତ୍ତିଭୂମି । ସେଇ ଥ୍ରିଲର ଆକର୍ଷଣରେ ମୁଁ ତରୁଣ ବୟସରେ ନାଟକ ଲେଖା ଆରମ୍ଭ କରିଥିଲି ଏବଂ ଏ ଚ୍ୟାଳିଶ ବର୍ଷ ଧରି, ସମସ୍ତ ପରିବେଶ ଓ ପରିସ୍ଥିତିର ପୁଟ ଖାଇ, ସେଇ ଥ୍ରିଲ ହିଁ ମତେ ଯୋଗାଇଛି ପ୍ରେରଣାର ଉତ୍ସ ।

ନାଟକ ଲେଖିବାକୁ ମୁଁ ଭଲ ପାଏ । ଭଲ ପାଏ ଦେଖିବାକୁ ଆଉ ପଢ଼ିବାକୁ । ନାଟକର ତୀବ୍ର ଆକର୍ଷଣରେ, ଲେଖିଲାବେଳେ ମୁଁ ଭୁଲିଯାଏ ନିଜକୁ, ମୋର ଘର···ପରିବେଶ···ସବୁକୁ··· । ମୋର ସବୁ ଚିନ୍ତା···ଚେତନା କେନ୍ଦ୍ରୀଭୂତ ହୋଇ ପରିଣତ ହୁଏ ଏକ ସୂକ୍ଷ୍ମ ବିନ୍ଦୁରେ···ଆଉ ସେଇ ବିନ୍ଦୁର ପ୍ରସାରିତ··· ଅପ୍ରସାରିତ ମହାଶୂନ୍ୟତା ଭିତରେ ଅନୁଭବ କରେ, ରହିଛି ଖାଲି ମୁଁ ଆଉ ମୋର ଚରିତ୍ରଗୁଡ଼ିକ···ଯେଉଁମାନେ ସିଧା ସଳଖ ମୋ ସହିତ କଥାବାର୍ତ୍ତା କରନ୍ତି । ବାସ୍ତବିକ କି ରୋମାଞ୍ଚକର ସେଇ ମୁହୂର୍ତ୍ତ···କି ଥ୍ରିଲ୍ । ସେଇ ରୋମାଞ୍ଚକର ମୁହୂର୍ତ୍ତର ପରିପ୍ରକାଶ ସେଇ ଥ୍ରିଲର ପରିଣତି···ରୂପ ପାଏ ନାଟକରେ—

ନିଜକୁ ଖୋଜି ବାହାର କଲାବେଳେ ଏ ସମ୍ପର୍କରେ ଗୋଟିଏ କଥା ଏବେ ଦେଖିପାରୁଛି । ଯେଉଁ ନାଟକ ଲେଖିଲାବେଳେ ଯେତିକି ତନ୍ମୟତା ଆସେ ସେ ନାଟକଟି ଲେଖିବା ମତେ ସେତିକି ସହଜ ଜଣା ପଡ଼େ । ଟାଣି ଭିଡ଼ି ବିଷୟ ବସ୍ତୁକୁ ଯୋଡ଼ା ଯୋଡ଼ି କରିବାର ପରିଶ୍ରମ କରିବାକୁ ହୁଏ ନି । ଆଗକୁ କଣ ହେବ ଜଳ ଜଳ ହୋଇ ଦେଖାଯାଏ । ଚରିତ୍ରଗୁଡ଼ିକ ଜୀବନ୍ତ ଭାବରେ ମୋ ଆଗରେ ବିଚରଣ କରନ୍ତି । ସେମାନଙ୍କର ସଲାପର ଅସ୍ପଷ୍ଟ ଧ୍ୱନି ମୋ କାନରେ ବାଜେ । ଏପରି ହୋଇଛି, ବେଳେ ବେଳେ ନାଟକର ବହୁ ଆଗକୁ ଯେଉଁ ଦୃଶ୍ୟାବଳୀ ବା Situation ଆସିବ—ତା ମୋ ଆଖି ଆଗରେ ଝଲସି ଯାଏ ଏବଂ କାଳେ

Digitized by srujanika@gmail.com

ନାଟକରେ ସେଇ ସ୍ଥାନ ଆସିଲାବେଳେ, ତାହା ମନକୁ ନ ଆସିବ, ସେଥି ଲାଗି ସେଇ ସବୁ ସଂଳାପ ମୁଁ ଅନ୍ୟ ଏକ କାଗଜରେ ଟିପି ପକାଇଥାଏ ଏବଂ ଲେଖା ସମୟରେ ସେଇ ସ୍ଥାନ ଆସିଗଲା ବେଳେ ପୂର୍ବ ଲେଖାକୁ ସାମାନ୍ୟ ଏ ପାଖ ସେପାଖ କରି ସେଇଟି ସଂଯୋଜିତ କରେ ।

ସାଧାରଣତଃ ଗୋଟିଏ ନାଟକ ଲେଖିବା ପାଇଁ ମୁଁ ଅନେକ ଭାବେ । ଏପରିକି କୌଣସି ନାଟକର କଥା ମୁଁ ବର୍ଷ ବର୍ଷ ଧରି ଆଗରୁ ଭାବିବାକୁ ଲାଗିଥାଏ । କଣ ଲେଖିବି···ତା ଭିତରେ କୋଉ ସାର କଥାଟି ରହିବ···ମନ ଟିକେ ଚଞ୍ଚଳ ହୋଇଗଲେ, ତା ଭିତରେ ସେଇ କଥାଟି ବରାବର ଝାପସା ଝାପସା ଉଙ୍କିମାରି ଉଠୁଥାଏ । ଏମିତି ହୋଇ ହୋଇ ଯେତେବେଳେ କୌଣସି 'idea' ଏକ ସ୍ପଷ୍ଟ ରୂପ ପାଏ ଏବଂ ତା ପାଇଁ ଏକ ଉପଯୁକ୍ତ ନାଟ୍ୟ 'frame' ମନ ଭିତରେ ଉଦ୍‌ଭାସିତ ହୋଇ ଉଠେ, ସେତେବେଳେ ଯାଇ ସେ ନାଟକ ଲେଖା ଆରମ୍ଭ କରେ । 'ଶବଲିପି'ର ମୂଳକଥାଟି ମୁଁ ବହୁ ବର୍ଷ ଧରି ଭାବୁଥିଲି । ସେମିତି ମଧ୍ୟ ଥିଲା 'ଅରଣ୍ୟ ଫସଲ' ବା 'ବନହଂସୀ'ର କଥା··· । ଏବେ ଶେଷ କରିଥିବା ନାଟକ 'ନନ୍ଦିକା କେଶରୀ'ର 'idea' ଗତ ୧୦ । ୧୫ ବର୍ଷ ଧରି ମୋ ମନ ଭିତରେ ଲୁଚକାଳି ଖେଳୁଥିଲା । ହଠାତ୍ ଯେତେବେଳେ ତା ମୋ ଆଗରେ ସ୍ପଷ୍ଟ ହୋଇଗଲା···ତା'ର frame ଓ ପ୍ରକାଶ ଶୈଳୀର ରୂପ ଯେତେବେଳେ ମତେ ସ୍ପଷ୍ଟ ଦେଖାଗଲା···ସେତିକବେଳେ ତାହା ଲେଖିବାକୁ ଆରମ୍ଭ କଲି । ଗୋଟିଏ ନାଟକ ଲେଖିବାକୁ ଗଲାବେଳେ ଅନେକ କଥା ତା ଭିତରେ ରଖା ଯାଇପାରେ । ଏପରି ଗୋଳମାଳିଆ ପରିସ୍ଥିତିରୁ ମୁଁ ସବୁବେଳେ ନିଜକୁ ମୁକ୍ତ ରଖିବାର ଚେଷ୍ଟା କରିଛି । ତେଣୁ ନାଟକଟିଏ ଲେଖିବା ପୂର୍ବରୁ ସେଇ ନାଟକଟିରେ କଣ କଣ ରହିବା ଅନାବଶ୍ୟକ ହେବ ସେ କଥା ମୁଁ ବରାବର ଚିନ୍ତା କରିଥାଏ—କଣ କଣ ନ ରହିବ କଣ କଣ ନ ଲେଖିବି—ଏଇ ସବୁ କଥା ମନ ଭିତରେ ସ୍ଥିର ହୋଇ ଗଲା ପରେ, ନାଟକ ଲେଖିଲା ବେଳେ ତାହା ସ୍ୱଚ୍ଛନ୍ଦ ଗତିରେ ଆଗେଇ ଯିବାରେ କିଛି ଅସୁବିଧା ହୁଏନି । ସାଧାରଣତଃ ମୁଁ ଗୋଟିଏ ନାଟକ ଲେଖା ଆରମ୍ଭ କଲେ, ତାହା ଶେଷ ହେବାକୁ ପ୍ରାୟ ମାସେ ଦେଢ଼ ମାସ ସମୟ ଲାଗେ । ଏଇ ସମୟ ଭିତରେ ମୁଁ ନିଜକୁ ଘର···ବାହାର···ପ୍ରାୟ ସବୁଠୁ ଅଲଗା ରଖିବାର ଚେଷ୍ଟା କରେ । ନାଟକର ସାମଗ୍ରିକ ଚିନ୍ତା ଭୂତ ପରି ମତେ ମାଡ଼ି ବସେ ।

ଦିନକର ଘଟଣା ମନେ ପଡ଼ୁଛି । ଯେତେବେଳେ ଲେଖୁଥାଏ 'ଅମୃତସ୍ୟ ପୁତ୍ରାଃ' । ଖରାଦିନ···ଗରମ ଥାଏ ଖୁବ୍ ବେଶି··· ।

Digitized by srujanika@gmail.com

ଉପର ଘର ଚଟାଣରେ ଲେଖା ଟେବୁଲ ପାଖରେ ସପ ପକାଇ ମୁଁ ଶୋଉଥାଏ । ଘଡି ପ୍ରାୟ ଦୁଇଟା କି ତିନଟା ହେବ କେତେବେଳେ ଇଲେକ୍ଟ୍ରିକ ବନ୍ଦ ହୋଇ ଯାଇଛି ଆଉ ତାରି ଭିତରେ ମୁଁ ଉଠିଯାଇ ଟେବୁଲ ପାଖରେ ବସି ଲେଖା ଆରମ୍ଭ କରି ଦେଇଛି । କେତେବେଳେ ଉଠିଲି···ଘରେ ଇଲେକ୍ଟ୍ରିକ ନାହିଁ ଜାଣିପାରି କେତେବେଳେ ଥାକରୁ ମହମବତୀ ଆଣି ଟେବୁଲ ଉପରେ ଲଗାଇ ରଖିଲି···କେତେ ସମୟ ହେଲା ବସି ଲେଖୁଛି···ଏ କଥା ଏ ପର୍ଯ୍ୟନ୍ତ ବି ମୋ ମନେ ପଡ଼ୁନି--ସେତେବେଳେ ମୁଁ ବାହ୍ୟ ଦୃଷ୍ଟିରେ ଥିଲି ପ୍ରାୟ ଅର୍ଦ୍ଧଚେତନ·· ଚେତନଶୀଳ ଥିଲା କେବଳ ମୋ ଭିତରେ ମୋ ନାଟ୍ୟ-ଚରିତ୍ରର ବକ୍ତବ୍ୟ । ଟେବୁଲ ପାଖରେ ବସି ଲୁଜ୍ କାଗଜ କେତେଖଣ୍ଡ ଆଣି ମୁଁ ନାଟକର ଏକ ପରବର୍ତ୍ତୀ ଦୃଶ୍ୟ (ଅର୍ଥାତ୍ ଯାହା ଲେଖାକ୍ରମରେ ଆଉ ୪ । ୫ ଦିନ ପରେ ବା ୧୦/୧୨ ପୃଷ୍ଠା ପରେ ଆସିଥାନ୍ତା) ଲେଖିଚାଲିଥାଏ । ସ୍ୱାରି ଭିତରେ ସ୍ତ୍ରୀ ବଗଲ ଘରେ ଆଲୁଅ (ମହମବତୀ) ଜଳୁଥିବା ହେତୁ ଉଠିପଡ଼ିଛନ୍ତି । ମତେ ଏପରି ଅବସ୍ଥାରେ ଦେଖି ସେ ପ୍ରାୟ ହତବାକ୍—ଡାକିପାରୁ ନଥାନ୍ତି କି ଶୋଇ ପାରୁ ନଥାନ୍ତି—ପଥର ମୂର୍ତ୍ତିପରି ମୋ ପାଖରେ ଛିଡ଼ା ହୋଇଥାନ୍ତି । ଶୋଇଲା ପୂର୍ବରୁ ସନାତନ (ଅମୃତସ୍ୟ ପୁତ୍ରାଃର ମୁଖ୍ୟ ଚରିତ୍ର) ଉପସଂହାରର ଏକ ପରିସ୍ଥିତିରେ କଣ କରିବ ସେଇକଥା ମୁଁ ଭାବୁଥିଲି ଏବଂ ସେଇ ଭାବନାର ତୀବ୍ରତା, ଯାହା ମୋର ଅବଚେତନ ମନରେ ଭଉଁରି ଖାଇ ବାଟ ଖୋଜୁଥିଲା·· ତା' ଗଭୀର ତଳରେ ବାଟପାଇ ପଦାକୁ ବାହାରି ଆସିଥିଲା । ଫଳରେ ଅଦ୍ଭୁତ ଭାବରେ, ନିଜ ଅଜାଣତରେ ରାତିରେ ମୁଁ ଉଠିପଡ଼ି ଲେଖି ଚାଲିଥିଲି ! ଜୀବନ ପାଇଁ ଏ କଣ କମ୍ ଥ୍ରିଲ ଆଉ ରୋମାଞ୍ଚକର ଘଟଣା···

ପିଲା ଦିନର କଥା··· ବୟସ ହୋଇଥାଏ ୭/୮ ବର୍ଷ । ସେତେବେଳେ ଆମେ ଥାଉ ଗାଁରେ । ଗାଁରେ କାଁଇଁ ଥିଏଟର ହୁଏ । ସେ ବର୍ଷ ଥିଏଟର ହେଉଥାଏ ଗାଁର ଦୋଳମଣ୍ଡପ ପଡ଼ିଆରେ । ଆଗଧାଡ଼ିରେ ଅନ୍ୟ ପିଲାମାନଙ୍କ ସଙ୍ଗେ ବସିଥାଏ ମୁଁ । ମାଟି ପକାଇ ପେଣ୍ଡାଲ ହୋଇଥାଏ । ତା ଉପରେ କନା ଘେରାଯାଇ ଷ୍ଟେଜ—ସାମନାରେ ଡ୍ରପ ସିନ୍ । ଆଗରେ ଓ ଷ୍ଟେଜ ଭିତରେ କେତୋଟା ପଞ୍ଚଲାଇଟ୍ ଝୁଲୁଥାଏ । ଆଗ୍ରହରେ ଅପଲକ ଆଖିରେ ମୁଁ ଅନାଇ ଥାଏ ଷ୍ଟେଜ ଆଡ଼କୁ । କଣ ଅଛି ତା ଭିତରେ ? କଣ ଅଛି ପର୍ଦ୍ଦାର ଅନ୍ତରାଳରେ ? ଥିଏଟର କଣ ? କଣ ହେବ ସେଠି ? ଏମିତି ଭାବୁଥିଲାବେଳେ ଡ୍ରପସିନ ଉଠିଲା···ଚରିତ୍ରଗୁଡ଼ିଏ ମଞ୍ଚ ଭିତରକୁ ପଶି ଆସିଲେ—ଆଃ କି ସୁନ୍ଦର ଥିଲା ସେମାନଙ୍କର ଚେହେରା ! ମୁହଁ ଓ ଦେହରେ ଦୁଧ

Digitized by srujanika@gmail.com

ଅଲତାର ରଙ୍ଗ ··ହାତ ପାପୁଲିଗୁଡ଼ିକ ନାଲିକରି ପରି ଲାଲ ଲାଲ—(ଏ ସବୁଥିଲା ମେକ୍ଅପର କରାମତି) ଦେହରେ ଜରୀର ପୋଷାକ । ସତେ ଯେମିତି ସ୍ୱର୍ଗର ପରୀ ସେମାନେ ! କ୍ଷଣକେ ମଧ୍ୟରେ ମୁଁ ନିଜକୁ ଭୁଲିଗଲି । ମନେହେଲା ମୁଁ ସେମାନଙ୍କ ଭିତରେ ଯାଇଁ ପଶିଯାନ୍ତି କି ' ସେମାନଙ୍କ ଭିତରୁ ଜଣେ ହୋଇଯାନ୍ତି କି ! ବାପ୍ରେକି କି 'ଥ୍ରୀଲ' ।

ଅବଚେତନ ମନର ଏଇ ପ୍ରଥମ ଗ୍ରୁପ ମତେ ଥିଏଟର ଆଡ଼କୁ ଟାଣି ନେଲା । ସମୟର ଗତି ସଙ୍ଗେ ମୋ ମନର ଗଭୀର ଶଯ୍ୟାରେ ସେଦିନ ରୋପିତ ହୋଇଥିବା ସେଇ ବୀଜଟି କ୍ରମେ ବିସ୍ତାରିତ ହେବାକୁ ଲାଗିଲା । କସ୍ତୁରୀ ମୃଗ ଯେମିତି ତା ଭିତରେ ଥିବା କସ୍ତୁରୀର ସୁରଭିରେ ଛୁଟି ବୁଲେ, (କସ୍ତୁରୀ ମୃଗ ସମ··· ବନ ପ୍ରାନ୍ତର ପୁଣ ବୁଲେ ମୁଁ ଯେ ସୁରଭି ଗନ୍ଧେ ମମ । ···ରବୀନ୍ଦ୍ରନାଥ ଠାକୁରଙ୍କ ଦୁଇଟି ଧାଡ଼ିର ଅନୁବାଦ) ମୁଁ ସେମିତି ବିହ୍ୱଳିତ ଭାବେ ଖୋଜି ବୁଲିଲି, ମୋର କିଶୋର ମନ ନେଇ କିଛୁ ଗୋଟାଏ ପାଇବାକୁ । ହୁଏତ ସେଇ କିଛୁ ମୋପାଇଁ ଥିଲା ଅସ୍ପଷ୍ଟ । ମୁଁ ଜାଣି ପାରୁ ନଥିଲି—ଜାଣି ପାରୁ ନ ଥିଲି କଣ ସେ କିଛୁ । କୁଜଙ୍ଗ ସ୍କୁଲରେ ଯେତେବେଳେ ଯାଇ ପଢ଼ିଲି—ସପ୍ତମ ଶ୍ରେଣୀରେ, (୧୯୩୪।୩୫ ମସିହା ହେବ) ସେତେବେଳେ ସମ୍ଭବତ ସେଇ 'କିଛୁଟି' ମତେ ମିଳିଗଲା । କୁଜଙ୍ଗ ସେତେବେଳେ ଥିଲା ଏକ ମଫସଲ—ତଥାପି ସେଠି ସ୍କୁଲରେ ପ୍ରାୟ ସବୁ ବର୍ଷ ସରସ୍ୱତୀ ପୂଜା ଓ ଗଣେଶ ପୂଜା ସମୟରେ ଗୀତ, ନାଟିକା, ରେସିଟେସନ-ପ୍ରଭୃତିର ଭେରାଇଟି ପ୍ରୋଗ୍ରାମମାନ କରାଯାଏ । ସେଇଠି ପ୍ରଥମେ ରଙ୍ଗମଞ୍ଚ ସହିତ ମୋର ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପିତ ହେଲା ଅଭିନୟ ମାଧ୍ୟମରେ । ତା ପରେ କୁଜଙ୍ଗରେ ହେଉଥିବା ବିଭିନ୍ନ ନାଟକମାନଙ୍କରେ ଅଭିନୟ କଲି । ଦୁଇ ତିନି ବର୍ଷ ଭିତରେ ଏମିତି ହେଲା ଯେ ସେଇ ଛୋଟ ଜାଗାରେ ସମସ୍ତେ ମତେ ଜାଣିଗଲେ ମୁଁ ଭଲ ଥିଏଟର କରିପାରେ । ପରିବେଶର ଏଇ ସୀମିତ ଥିଏଟର ପ୍ରତି ମତେ ଆହୁରି ଗଭୀର ଭାବେ ଆକର୍ଷିତ କଲା—ମନ ଭିତରେ ବେଶ୍ ଶାନ୍ତି ଅନୁଭବ କଲି-ମନ ଲଗାମଛଡ଼ା ହୋଇ ଦୌଡ଼ିଲା ଥିଏଟର ପାଇଁ···ଥିଏଟର ପାଇଁ ।

୧୯୪୦ରେ ଆରମ୍ଭ ହେଲା କଲେଜ (ରେଭେନ୍ସା କଲେଜ) ଜୀବନ । ପ୍ରଥମ ବର୍ଷରୁ ସେଠି ମଧ୍ୟ ସେଇ ଥିଏଟର । ୧୯୪୦-୪୧ରେ ରେଭେନ୍ସା କଲେଜରେ ଅଭିନୀତ ଅଶ୍ୱିନୀ ବାବୁଙ୍କର 'ଇରାଣୀ' ନାଟକରେ 'ଇରାନ'ର ଗ୍ରେଟ ଭୂମିକା ସାଙ୍ଗ ସାଥୀମାନଙ୍କ ଭିତରେ···ଶିକ୍ଷକମାନଙ୍କ ମଧ୍ୟରେ ମୋପାଇଁ ଆଣି ଥିଲା ଖୁବ୍ ଖ୍ୟାତି । ନିଜ ସାଥିମାନଙ୍କ ମଧ୍ୟରେ ବେଶ ଏକ ଥିଏଟର 'ପରସ ନାଲିଟିର' ସ୍ଥାନ ମୁଁ ଜମାଇ ବସିଲି । ସ୍ୱାପରେ କଣ ଆଉ ଥିଏଟରକୁ ଛାଡ଼ି ହୁଏ ?

Digitized by srujanika@gmail.com

ଏଇ କଲେଜ ଜୀବନରେ ନାଟକ ଲେଖାର ଖଡ଼ିଛୁଆଁ ମୋର ହେଲା । ସେତେବେଳେ ଅବଶ୍ୟ ଯାର କାରଣ କେବେ ଖୋଜି ବାହାର କରିବାର କଳ୍ପନା ନଥିଲା, ଆବଶ୍ୟକତା ମଧ୍ୟ ନଥିଲା । ଏବେ ଯେତେବେଳେ ୪୦/୪୫ ବର୍ଷ ତଳର ପରିସ୍ଥିତିକୁ ବ୍ୟାଖ୍ୟା କରୁଛି··· କାହିଁକି ଲେଖିଲି ତାର କାରଣ ଖୋଜିବାର ଚିନ୍ତା କରୁଛି···ଅତୀତର ରୋମନ୍ଥନ କରୁଛି···ଭାବୁଛି ଯେ ଏଇଥି ପାଇଁ ନାଟକ ଲେଖିଲି କାରଣ ନାଟକ ଲେଖିବା ଛଡ଼ା ମୋ ପାଇଁ ଆଉ ଅନ୍ୟ ପନ୍ଥା କିଛି ନ ଥିଲା ।

ଆଗରୁ ତ କହିଛି--ରଙ୍ଗମଞ୍ଚ ସହିତ ସେତେବେଳକୁ ମୁଁ ମଜ୍ଜି ଯାଇଥିଲି । କିନ୍ତୁ ଜଣେ ଛାତ୍ର ହିସାବରେ ସବୁ ଦିନେ ରଙ୍ଗମଞ୍ଚ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖିବା ମୋ ପାଇଁ ସୁବିଧାଜନକ ନଥିଲା । ତାର ସୁଯୋଗ ମଧ୍ୟ ଥିଲା ଖୁବ୍ କମ୍··· । କିନ୍ତୁ ମତେ ଥିଏଟର ଓ ଥିଏଟରକୁ ମୁଁ ଛାଡ଼ୁଛି କୋଉଠୁ? ଏ ପରିସ୍ଥିତିରେ ମନ ମୋତେ ନେଲା—ଅଭିନୟରୁ ଲେଖା ଆଡ଼କୁ । କଲେଜରେ ପଢ଼ିବା ବେଳେ, ଅନେକ ନାଟକ ମୁଁ ପଢ଼ିବାକୁ ଲାଗିଲି । ସେ ନାଟକଗୁଡ଼ିକ ମୁଖ୍ୟତଃ ଥିଲା ଇଂରାଜୀ ନାଟକ ବା ଇଂରାଜୀ ଭାଷାରେ ଅନୂଦିତ ନାଟକ । ପ୍ରଫେସର ପି: ଏସ୍: ସୁନ୍ଦରମ୍ ଥିଲେ ଇଂରାଜୀ ବିଭାଗର ମୁଖ୍ୟ । ନାଟକ ପଢ଼ିବାକୁ ମୋର ପ୍ରବଳ ଇଚ୍ଛା କଥା ମୁଁ ଥରେ ଡରି ଡରି ତାଙ୍କୁ ଜଣାଇଲି । ବେଶ ଅଣ୍ଡା ଲୋକ ସେ । ତଥାପି ଆଶଙ୍କା ଥିଲା । ସେକେଣ୍ଡଇୟରର ପିଲା-କାଳେ କିଛି ମତେ କହିଦେବେ । ନା ସେ ଖୁସି ହେଲେ । କିଛିଦିନ ପରେ ବିଶ୍ୱନାଟକ, ଯାହା କଲେଜ ଲାଇବ୍ରେରୀରେ ମିଳି ପାରିବ—ତାର ଗୋଟାଏ ଲମ୍ବା ତାଲିକା ମତେ ଦେଲେ । କଲେଜ ଜୀବନର ଲାଇବ୍ରେରୀରୁ ଖୋଜି ଖୋଜି ସେଇ ନାଟକଗୁଡ଼ିକ ମୁଁ ପଢ଼ିବାକୁ ଲାଗିଲି । ମୋର ମନେ ଅଛି ତାଲିକାର ପ୍ରଥମ ଅଂଶରେ ସେ ଗଲସ୍‌ଓ୍ୱାର୍ଦ୍ଦିଙ୍କର ସମସ୍ୟାମୂଳକ ନାଟକ ଗୁଡ଼ିକ ଦେଇଥିଲେ ।

ଏଇ ସମୟ ଥିଲା ମୋର formative ସମୟ । ଏହି ସମୟରେ ମୁଁ ୫/୬ ଖଣ୍ଡ ନାଟକ ଲେଖିଥିଲି । ସେ ସମୟର କେତେକ ଆମେଚର କ୍ଲବରେ ·· 'କଟକ', 'ଆଠଗଡ଼', 'ଭୁବନେଶ୍ୱର' ପ୍ରଭୃତି ସ୍ଥାନରେ ତା ଅଭିନୀତ ହୋଇଛି । ସେଇ ନାଟକଗୁଡ଼ିକ ମଧ୍ୟରୁ କେବଳ'ଜନ୍ମମାଟି' ନାଟକଟି ମୋ ଗ୍ରନ୍ଥାବଳୀର ପ୍ରଥମ ଭାଗରେ ସ୍ଥାନ ପାଇଛି । ଅନ୍ୟଗୁଡ଼ିକ ଯେହେତୁ କେବଳ ସ୍ପର୍ଦ୍ଧି ଛଡ଼ା ତାହା ରଙ୍ଗମଞ୍ଚର ପରୀକ୍ଷା ନିରୀକ୍ଷାମଧ୍ୟରେ ଉତ୍ତୀର୍ଣ୍ଣ ହୋଇନ-ସେ ଗୁଡ଼ିକୁ ମୁଁ ଏପର୍ଯ୍ୟନ୍ତ ଛପାଇବାର ବ୍ୟବସ୍ଥା କରିନାହିଁ ।

ଲେଖାଲେଖି ପ୍ରତି ଅଧିକ ମନ ବଳାଇଲେ ମଧ୍ୟ ମୁଁ ରଙ୍ଗମଞ୍ଚ ସହିତ ମୋର ନିବିଡ଼ ସମ୍ପର୍କ କେବେ ଛିନ୍ନ କରିନାହିଁ । ଯିଏ ମୋ ନାଟକର ଅଭିନୟ

Digitized by srujanika@gmail.com

କରନ୍ତି (ଅବଶ୍ୟ ପ୍ରଥମ ଅଭିନୟରେ) ମୁଁ ରିହର୍ସାଲରେ ଯାଇ ବସେ—ସେଠି ନାଟକର କି ପରିବର୍ତ୍ତନ ହେବ ତା ଦେଖେ-ଏବଂ Production ବେଳେ ସବୁକ୍ଷେତ୍ରରେ ସଂଯୋଗ ରଖିଥାଏ । ଏ ଅଭ୍ୟାସ ଆଜି ପର୍ଯ୍ୟନ୍ତ ମୁଁ ରଖିଛି । ନାଟକ ଲେଖା ସହିତ ଯେ ସଂପୃକ୍ତ, ରଙ୍ଗମଞ୍ଚ ସହିତ ତାର ଅବିଚ୍ଛିନ୍ନ ସଂପର୍କ ରଖିବା ଛଡ଼ା ଅନ୍ୟ ବାଟ ନାହିଁ ବୋଲି ମୁଁ ବିଶ୍ୱାସ କରେ । ପ୍ରଥମେ ମୁଁ ଥ୍ରୀଲ କଥା କହିଥିଲି । ଏ ଥ୍ରୀଲ ନାଟକ ଲେଖାପାଇଁ ଆରମ୍ଭ ହୋଇପାରେ···ଶେଷ ନୁହେଁ । ଏଇ ଥ୍ରୀଲକୁ ରୂପାୟିତ କରିବାକୁ ଆହୁରି ଅନେକ କିଛି ଆବଶ୍ୟକ । ତା ଭିତରେ ଅନ୍ତର୍ଭୁକ୍ତ ପରିସ୍ଥିତି···ସୁବିଧା ସୁଯୋଗ···ଗ୍ରୁପ···ଅଭାବ ଅସୁବିଧା ଏବଂ ତାକୁ ଡେଇଁ ଆଗେଇ ଯିବାପାଇଁ ତୀବ୍ର ଅଭିଳାଷ···କିଛିଟା ବ୍ୟକ୍ତିଗତ ପ୍ରବୃତ୍ତି ଇତ୍ୟାଦି ଇତ୍ୟାଦି ।

ଅତୀତରେ ଘଟି ଯାଇଥିବା ଘଟଣାର କେତୋଟି ପର୍ବ ଏବଂ ମୋର କେତୋଟି ସହଜାତ ପ୍ରବୃତ୍ତିର କଥା ଉନ୍ମେଷିତ ନ କଲେ - ଭାବୁଛି ମୁଁ କାହିଁକି ଲେଖିଲି ବା ଲେଖୁଛି ଠିକ୍ କହି ହେବ କି ।

କଲେଜରେ ପଢ଼ିବା ଦିନଠାରୁ ଥିଏଟର ଆନ୍ଦୋଳନର ପରିକଳ୍ପନା ମତେ ଆଚ୍ଛନ୍ନ କରିଥିଲା । ବହୁ 'ଗ୍ରୁପ' ହେବା ଉଚିତ···ବିଭିନ୍ନ ପ୍ରକାର ନୂଆ ନାଟକ ଅଭିନୀତ ହେବା ଉଚିତ୍···ସେ କଥା ମୁଁ ସବୁବେଳେ ଭାବେ । ଏବଂ ତାର ଫଳ ସ୍ୱରୂପ, ଥିଏଟାର ମୁଭ୍‌ମେଣ୍ଟର ଲକ୍ଷ୍ୟ ରଖି ଯେତେଟି ମୁଖ୍ୟ ସଂସ୍ଥା ବିଭିନ୍ନ ସମୟରେ ଗଢ଼ାଯାଇଛି ମୂଳରୁ ତା ସହିତ ରହିଛି ମୋର ସମ୍ପର୍କ···ସେଇ ସଂସ୍ଥାଗୁଡ଼ିକର ଅନ୍ୟତମ ପ୍ରତିଷ୍ଠାତା ହିସାବରେ—ଆମେ ଗଢ଼ିଥିଲୁ 'ଜନସଂସ୍କୃତି ସଂଘ' ତା ପରେ 'ଇଉନାଇଟେଡ୍ ଆର୍ଟିଷ୍ଟ' ଏବଂ 'ସୃଜନୀ' । 'ସୃଜନୀ'ର ବିଲୟ ପରେ କୌଣସି ସଂସ୍ଥାର ସଦସ୍ୟ ଓ କର୍ମୀ ହିସାବରେ ମୁଁ ସମ୍ପର୍କ ରଖି ପାରିନାହିଁ ଯଦିଚ ଲେଖକ ହିସାବରେ ବହୁ ସଂସ୍ଥା ସହିତ ମୋର ସମ୍ପର୍କ ନିବିଡ଼ ରହିଛି ।

ଏଇ ସଂସ୍ଥାଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ମତେ ଲେଖିବାକୁ ପଡ଼ିଥିଲା 'ଅଗଷ୍ଟ ନ', 'ଆଗାମୀ', 'ସାଗର ମନ୍ଥନ' 'ବନହଂସୀ' ଓ 'ଅମୃତସ୍ୟ ପୁତ୍ରଃ' । ମୋର ନାଟକ ଲେଖା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ମୁଁ ତା ସମ୍ପର୍କରେ କାହା ସଙ୍ଗେ ଆଲୋଚନା କରେ ନାହିଁ କିମ୍ବା ରଙ୍ଗମଞ୍ଚକୁ ନେଇ ଖଣ୍ଡ ଖଣ୍ଡ କରି ସେମାନଙ୍କର ଆବଶ୍ୟକତା ହିସାବରେ ଲେଖି ଯୋଗାଇ ଦିଏ ନାହିଁ ।

ଗୋଟିଏ ଚିନ୍ତାକୁ ବା ଆଇଡ଼ିଆକୁ ସ୍ୱୟଂସମ୍ପୂର୍ଣ୍ଣ କରିବା ପାଇଁ ସବୁ ସମୟରେ ମୁଁ ଏଇ ପନ୍ଥା ଅନୁସରଣ କରିଛି । ନାଟକଟି ଲେଖା ସରିବା ପରେ

Digitized by srujanika@gmail.com

ମୁଁ ତା ଡାଇରେକ୍ଟର ଓ ଅନ୍ୟ ବନ୍ଧୁମାନଙ୍କ ଆଗରେ ପଢ଼େ ଏବଂ ତାପରେ ତାର ରିହର୍ସାଲ ଆରମ୍ଭ ହୁଏ । କିଛି ଲେଖା ଯାଇଥିବ, ଅଭିନେତା ଓ ଡାଇରେକ୍ଟରଙ୍କ ସହିତ ଆଲୋଚନା କରି ପୁଣି ତାର ପର ଅଂଶଟି ଲେଖାଯିବ—ନାଟକ ଲେଖିବାର ଏଇ ପଦ୍ଧତି—ଯାହା ସେତେବେଳେ ଅନେକ ଗ୍ରହଣ କରିଥିଲେ ତାହା ମୋ ଠାରୁ ଥିଲା ଦୂରରେ । ସମ୍ଭବତଃ ସେତେବେଳେ ଏଇ 'ଶଗଡ଼ ଗୁଳା'ରେ ମୁଁ ପଡ଼ିପାରିଲି ନାହିଁ ବୋଲି ପେଶାଦାର ମଞ୍ଚଗୁଡ଼ିକ ସହିତ ଦୀର୍ଘ ଦିନ ଧରି ସମ୍ପର୍କ ରଖି ପାରିଲି ନାହିଁ ଯଦିଓ ବନ୍ଧୁ ଆଡ଼ମ୍ବର ସହକାରେ ପେଶାଦାର ମଞ୍ଚରୁ ମୋର ହୋଇଥିଲା ପ୍ରଥମ 'ପ୍ରକାଶ' ।

ଆଗରୁ ତ କହିଛି, କିଛିଟା ପରିସ୍ଥିତି କିଛିଟା ଗ୍ରୁପ, କିଛିଟା ଆକାଂକ୍ଷା ଏମିତି ସବୁ ମିଶାମିଶି ହୋଇ ମୋ ଭିତରର ଥ୍ରିଲକୁ ସାହାଯ୍ୟ କରିଛନ୍ତି ଆତ୍ମ ପ୍ରକାଶ କରିବାରେ—ସେମିତି କିଛିଟା ପରିସ୍ଥିତିରୁ ଜନ୍ମ ନେଇଥିଲା—ବ୍ୟବସାୟିକ ସ୍ଥାୟୀ ରଙ୍ଗମଞ୍ଚରେ ମୋର ପ୍ରଥମ ନାଟକ 'ଯୌବନ' । 'ଯୌବନ', ଅନ୍ନପୂର୍ଣ୍ଣା ଥିଏଟର (ସେତେବେଳେ ତାହା ବିଭକ୍ତ ହୋଇ ନ ଥିଲା) ଦ୍ୱାରା ୧୯୪୫ ଜୁଲାଇ ୧୮ ତାରିଖ ଦିନ କଟକଠାରେ ମଞ୍ଚସ୍ଥ ହୋଇଥିଲା ।

'ଯୌବନ' ଲେଖିବା ତଳେ କିଛିଟା ମର୍ମ ଯନ୍ତ୍ରଣାର ସ୍ମୃତି ମୋ ପାଇଁ ରହିଛି । ଲଜ୍ଜା, ଯନ୍ତ୍ରଣା-ଅସହାୟତାରେ ଯେତେବେଳେ ମୁଁ ଛଟପଟ ହେଉଥିଲି ମୋର ତରୁଣ ବୟସରେ, ଯେତେବେଳେ ମୋ ଭିତରେ ଥିବା master motive' ବାଟ ଖୋଜୁଥିଲା ଅତିକ୍ରମ କରିବାକୁ ମୋ ସମ୍ମୁଖରେ ଦେଖା ଦେଇଥିବା ଏକ ସୂକ୍ଷ୍ମ ପ୍ରତିବନ୍ଧକକୁ, ସେତିକିବେଳେ ଈଶ୍ୱରଙ୍କ କୃପାରୁ ଏକ ଘଟଣା ଘଟିଲା ଏବଂ ତା' ହେଲା ଲେଖିବା ପାଇଁ ମୋ ପ୍ରେରଣାର ଉତ୍ସ । ମୋ ଗ୍ରନ୍ଥାବଳୀ (ପ୍ରଥମ ଭାଗ)ର 'କିଞ୍ଚିତ୍ କଥନ'ରେ ସେ କଥା ମୁଁ ଏଇପରି ଉଲ୍ଲେଖ କରିଛି ।

'ଏଇ ସମୟରେ (ଅର୍ଥାତ୍ କଲେଜରେ ପଢ଼ିବା ସମୟରେ) ଲେଖିଥିବା, ଗୋଟିଏ ନାଟକ 'କୃଷ୍ଣସ୍ୟ ଦୃଶ୍ୟ' ସେ ସମୟର ବ୍ୟାବସାୟିକ ମଞ୍ଚ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ 'ଓଡ଼ିଶା ଥିଏଟର'ରେ ମଞ୍ଚସ୍ଥ ହେବା ଲାଗି ପ୍ରସ୍ତୁତ କରାଯାଇଥିଲା । ସେଇ ନାଟକର ମୁଖ୍ୟ ଭୂମିକାରେ ଶ୍ରୀ ସାମୁଏଲ ସାହୁ (ବାବି) ରିହର୍ସାଲ୍ ଦେଇଥିଲେ । ଓଡ଼ିଶା ଥିଏଟର୍‌ର ପରବର୍ତ୍ତୀ ଆକର୍ଷଣ ବୋଲି ତାହା 'ସମାଜ'ରେ ବିଜ୍ଞାପିତ ହୋଇଥିଲା, କିନ୍ତୁ କାଳୀବାବୁଙ୍କ ସହିତ ମୋର ସେହି ପ୍ରଥମ ନାଟକ ସମ୍ପର୍କରେ ମତ ପାର୍ଥକ୍ୟ ଘଟିବାରୁ ପାଣ୍ଡୁଲିପିଟି ଓଡ଼ିଶା ଥିଏଟର୍‌ରୁ

Digitized by srujanika@gmail.com

ଫେରାଇ ଆଣିବାକୁ ବାଧ୍ୟ ହେଲି । ସ୍ଥାୟୀ ରଙ୍ଗମଞ୍ଚରେ ପ୍ରଥମଥର ପାଇଁ ପ୍ରକାଶ ପାଇବାକୁ ଯାଉଥିବା ମୋର ନାଟକ, କେଉଁଠି ଭିତରେ ଏକ ବାଧାର ସମ୍ମୁଖୀନ ହୋଇ ଅନ୍ଧକାର ଭିତରେ ରହିଗଲା ।

ଏ ହେବ ୧୯୪୪ ମସିହାର କଥା । ସେତେବେଳକୁ ଅନ୍ନପୂର୍ଣ୍ଣା ଥିଏଟର୍ କଟକ ଆସି ସ୍ଥାୟୀ ରଙ୍ଗମଞ୍ଚରେ ଅଭିନୟ କରିବାକୁ ଆରମ୍ଭ କରିଥାଏ । ଲୋକ ମୁଖରେ ସେମାନଙ୍କ ପାଖରେ ମୋର 'କୃଷ୍ଣପକ୍ଷ ଦୃଶ୍ୟ' ନାଟକ କଥା ପହଞ୍ଚିଥାଏ । ସେଇ ନାଟକକୁ ଅନ୍ନପୂର୍ଣ୍ଣାରେ ଅଭିନୟ କରିବାକୁ ମନସ୍ଥ କରି, ଦିନେ ହଠାତ୍ ଅନ୍ନପୂର୍ଣ୍ଣାର ମ୍ୟାନେଜର ଶ୍ରୀ ବାଉରିବନ୍ଧୁ ମହାନ୍ତି ଓ ଶ୍ରୀ କାର୍ତ୍ତିକ କୁମାର ଘୋଷ, ମୁଁ ରହୁଥିବା ସ୍ଥାନ—କଲେଜ ଛକ ନିକଟସ୍ଥ ମିନର୍ଭା ମେସ୍‌ରେ ଆସି ପହଞ୍ଚି ଗଲେ । ବାଉରିବନ୍ଧୁ ବାବୁଙ୍କୁ ମୁଁ ସେ ପର୍ଯ୍ୟନ୍ତ ଚିହ୍ନି ନ ଥିଲି । କିନ୍ତୁ 'ଇରାନୀ' ନାଟକ ଅଭିନୟ ସମୟରୁ କାର୍ତ୍ତିକ ବାବୁଙ୍କ ସହିତ ମୋର ପରିଚୟ ଥାଏ । ରଙ୍ଗମଞ୍ଚରେ ମୋର ଗୋଟିଏ ନାଟକ ଅଭିନୀତ ହେଉ—ଏ ଇଚ୍ଛା ପ୍ରବଳ ଥିଲେ ମଧ୍ୟ ଯେଉଁ ନାଟକଟି ଗୋଟିଏ ରଙ୍ଗମଞ୍ଚରୁ ମତେ ଫେରାଇ ଆଣିବାକୁ ପଡ଼ିଥିଲା ସେ ନାଟକଟି ଅନ୍ୟ ଏକ ରଙ୍ଗମଞ୍ଚକୁ ଦେବାକୁ ମୁଁ ରାଜି ହେଲିନାହିଁ ଏବଂ ସେମାନଙ୍କୁ ଆଉ ଗୋଟିଏ ନୂଆ ବହି ଲେଖି ଦେବାକୁ କହିଲି । ସେଇ ବର୍ଷ ଛୁଟିରେ କଟକରେ ରହି ଲେଖିଲି 'ଯୌବନ' ନାଟକ ।"

'ଯୌବନ' ପ୍ରାୟ ୩୦-୩୫ ରାତି ରଙ୍ଗମଞ୍ଚରେ ଚାଲିଲା । ଆଉ ଦୁଇଟି ନାଟକ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ଓ 'ବକସି ଜଗବନ୍ଧୁ' (ଅଭିନୀତ ହେଲାବେଳେ ଏହାର ନାମ ଥିଲା—ବିଦ୍ରୋହୀ ଜଗବନ୍ଧୁ । ବହି ଛପା ହେଲାବେଳେ ତାହା ପରିବର୍ତ୍ତନ କରି ମୁଁ ନାଟକର ନାଁ ରଖିଲି ବକ୍‌ସି ଜଗବନ୍ଧୁ) ଯଥାକ୍ରମେ ୧୯୪୭ ଓ ୧୯୪୯ ରେ ଅଭିନୀତ ହୋଇଥିଲା— । 'କବିସମ୍ରାଟ ନାଟକ' ଏକାଧିକ୍ରମେ ୧୦୦ ରାତିରୁ ଅଧିକ ଓଡ଼ିଶା ଥିଏଟର୍‌ରେ ଏବଂ 'ବକ୍‌ସି ଜଗବନ୍ଧୁ' ଯେମିତି ଅନେକ ମାସ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ଥିଏଟର୍‌ରେ ଚାଲିଥିଲା । ଏ ପର୍ଯ୍ୟନ୍ତ ମଧ୍ୟ 'ବକ୍‌ସି ଜଗବନ୍ଧୁ' ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍‌ରେ ଅଭିନୀତ ହେଉଛି ।

ବକ୍‌ସି ଜଗବନ୍ଧୁ ମଧ୍ୟ ଏମିତି ଏକ ଆଘାତରୁ ଆରମ୍ଭ ହୋଇଥିଲା । ସେ ଆଘାତ ଥିଲା ଭିତରର ଆଘାତ ।

୧୯୪୮ ମସିହାରେ ମୁଁ ଦିଲ୍ଲୀରେ ଆକାଶବାଣୀରେ ଚାକିରି କରୁଥାଏ— କିନ୍ତୁ ପରିସ୍ଥିତିର ଚାପରେ ସେଠି ବେଶିଦିନ ରହିବା ମୋ ପକ୍ଷରେ ସମ୍ଭବ ହୋଇ

Digitized by srujanika@gmail.com

ପାରିଲି ନାହିଁ । ମୁଁ ସୃକଟିସ୍ ଛାଡ଼ି ୧୯୪୮ ଶେଷ ବେଳକୁ ଓଡ଼ିଶା ଫେରି ଆସିଲି । ବିଲାତରେ ରହିବା ସମୟରେ ପ୍ରଥମଥର ମୁଁ ଭାବୁଥିଲି ଓଡ଼ିଶା କଥା । ଅନୁଭବ କରୁଥିଲି ତାର ଅତୀତ ଗୌରବ ଗାଥା ଅନ୍ୟମାନଙ୍କ ପାଖେ ପହଞ୍ଚି ପାରି ନାହିଁ । ଓଡ଼ିଆ ଲୋକଙ୍କୁ କେହି ପଚାରୁ ନାହାନ୍ତି । ଆଗେଇ ଯାଇଥିବା କୌଣସି ଓଡ଼ିଆ ମଧ୍ୟ ଅନ୍ୟମାନଙ୍କୁ ଆଗେଇ ନେବା ପାଇଁ କିଛି ସାହାଯ୍ୟ କରୁନାହାନ୍ତି । ଯନ୍ତ୍ରଣାରେ ଯେତେବେଳେ ମୁଁ ଓଡ଼ିଶା ଫେରି ଆସୁଥିଲି, ବାଟଯାକ ବରାବର ଭାବୁଥିଲି ଓଡ଼ିଶା ଫେରିଯାଇ ତାର ଗୌରବ ଗାଥା ଉପରେ ଭିତ୍ତି କରି ଏକ ନାଟକ ଲେଖିବି । ଅନେକ ଐତିହାସିକ ବିଷୟବସ୍ତୁ କଥା ମୁଁ ଭାବୁଥିଲି— ତାରି ଭିତରେ 'ବକ୍ସି ଜଗବନ୍ଧୁ'ଙ୍କ ପାଇକ ବିଦ୍ରୋହ କଥା ମୋ ମନରେ ଉଠିଥିଲା । ଏଠାକୁ ଫେରିଆସି ଯେତେବେଳେ ଲେଖିବାକୁ ମନ ସ୍ଥିର କଲି—ଦେଖିଲି ମୋ ଆଗରେ ଅସୁବିଧା ଅନେକ । ତାଙ୍କ ଉପରେ ଐତିହାସିକ ତଥ୍ୟ ବା ଅନ୍ୟାନ୍ୟ ତଥ୍ୟ ମିଳିବାର ଖୁବ୍ ଅସୁବିଧା । ଐତିହାସିକ ତଥ୍ୟ କହିଲେ ମୋ ଆଗରେ ଥିଲା ଡକ୍ଟର୍ ମହତାବଙ୍କ ଓଡ଼ିଶା ଇତିହାସର ସେଇ ଗୋଟିଏ ପୃଷ୍ଠାର ଲେଖା । କିଛିଟା କ୍ଳୁଙ୍କ ନେଇ ଏଠି ସେଠି ବହିପତ୍ର ଖୋଜା ଖୋଜି କଲି । Puri Dist Gazetter—କିଛି କିଂବଦନ୍ତୀ—କିଛି ତାଙ୍କ ବିଷୟରେ,କିଏ କଣ କହୁଛି ଏଇ ସବୁ ସଂଗ୍ରହ କରି ନାଟକ ପାଇଁ ଏକ ଐତିହାସିକ ବ୍ୟାକ୍‌ଗ୍ରାଉଣ୍ଡ ପ୍ରସ୍ତୁତ କରିନେଲି— ଆଉ ଲେଖି ବସିଲି ନାଟକଟି । ଦେଶପାଇଁ ପ୍ରାଣବଳୀ ଦେବାରେ କି ଆନନ୍ଦ ଅଛି— ସେଇ କଥାଟି ରଖିଲି ନାଟକର ଆତ୍ମା ଭାବେ । ଏ ପର୍ଯ୍ୟନ୍ତ ବକ୍ସି ଜଗବନ୍ଧୁ ନାଟକ ବିଭିନ୍ନ ଅନୁଷ୍ଠାନଦ୍ୱାରା ପ୍ରାୟ ତିନିହଜାର ରାତିରୁ ଅଧିକ ଥର ଅଭିନୀତ ହେବଣି । ତାଙ୍କ ବିଷୟରେ ଅନେକ ଐତିହାସିକ, ତଥ୍ୟ ପ୍ରକାଶ ପାଇଲାଣି । ଆଜି ଯେତେବେଳେ ପଛକୁ ଚାହିଁ 'ବକ୍ସି ଜଗବନ୍ଧୁ' କଥା ଭାବୁଛି ମୋର ମନେ ହେଉଛି ଜନସାଧାରଣଙ୍କ ମନରେ ଦେଶାତ୍ମବୋଧ ଭାବନା ଉଦ୍ରେକ କରିବା ଲାଗି ନାଟକରେ ମୁଁ ଯେଉଁ ପ୍ରୟାସ କରିଥିଲି ତାହା ବ୍ୟର୍ଥ ହୋଇନି ।

'ବକ୍ସି ଜଗବନ୍ଧୁ' ପରେ ବ୍ୟାବସାୟିକ ରଙ୍ଗମଞ୍ଚକୁ ମୋର ଆଉ କୌଣସି ନାଟକ ଯାଇ ପାରିନି । ତାର ଅନେକ କାରଣ ଅଛି ଯାହା ଏ ଆଲୋଚନା ପରିସରର ବାହାରେ । ତେବେ ଗୋଟିଏ କଥା ନ କହି ରହି ପାରୁନି । ତା ହେଉଛି ମଞ୍ଚ ଦାୟିତ୍ୱରେ ଯେଉଁମାନେ ଥିଲେ ସେମାନଙ୍କର ଚିନ୍ତାଧାରା ସହିତ, ବିଚାର ସହିତ, ମୁଁ ତାଳ ରଖି ପାରିଲି ନାହିଁ । ଏଣେ ମଧ୍ୟ 'ଆଗାମୀ' ଠାରୁ ମୋ ଲେଖାର ଧାରା ବଦଳି ଯାଇଥାଏ ଏବଂ ବ୍ୟବସାୟିକ ଦୃଷ୍ଟିରୁ ରଙ୍ଗମଞ୍ଚଗୁଡ଼ିକ ସେଇପରି ନାଟକ ପ୍ରତି ଆଗ୍ରହ ପ୍ରକାଶ କରୁନଥାନ୍ତି କିମ୍ବା ସେଇ ନାଟକର

Digitized by srujanika@gmail.com

ଆତ୍ମାକୁ ଜଳାଞ୍ଜଳି ଦେଇ ତା ଭିତରେ ବ୍ୟବସାୟିକ ପୁଷ୍ଟିଲାଭ ଦେବାକୁ ମୁଁ ମଧ୍ୟ ପ୍ରସ୍ତୁତ ନଥାଏ—ତେଣୁ ସେତେବେଳେ ବ୍ୟବସାୟିକ ରଙ୍ଗମଞ୍ଚରୁ ଦୂରେଇ ଯିବା ଛଡ଼ା ମୋ ପାଇଁ ଆଉ ବାଟ ରହିଲାନାହିଁ । ବ୍ୟବସାୟିକ ନାଟକର ଯେ ଅନ୍ୟ ଅର୍ଥ ନାହିଁ···ଯେକୌଣସି ଭଲ ନାଟକ ଯେ ଭଲ ନାଟକ ହୋଇପାରେ—ନଥାଉ ସେଥିରେ ନାଚ ଗୀତ ଶସ୍ତା ହାସ୍ୟରସ ଇତ୍ୟାଦି—ଏ କଥାଟି ସେଦିନ ମୁଁ ଅନେକଙ୍କୁ ବୁଝାଇ ପାରି ନଥିଲି । ଏ ପର୍ଯ୍ୟନ୍ତ ମଧ୍ୟ ଅନେକଙ୍କୁ ବୁଝାଇ ପାରିନି । ସେ ଯାହା ହେଉ, ଏଇ ଚିନ୍ତାର ପାର୍ଥକ୍ୟରୁ ମୋ ଭିତରେ ଆରମ୍ଭ ହୋଇ ଯାଇଥିଲା ନୂତନ ଅନ୍ୱେଷଣର ପ୍ରବୃତ୍ତି—ଗୋଟିଏ ପରେ ଗୋଟିଏ ଅମେଚର ସଂସ୍ଥା (ଯଥା —'ଇଉନାଇଟେଡ଼ ଆର୍ଟିଷ୍ଟ'—'ସୃଜନୀ' ଇତ୍ୟାଦି) ଗଢ଼ିବା ଓ ତା ପାଇଁ ନୂଆ ନାଟକ ଲେଖିବା···ଯାହା ଦର୍ଶକଙ୍କୁ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ତାର ବୌଦ୍ଧିକ ଚେତନାକୁ ଯୋଗାଇବ କିଛି ଖୋରାକ । ମୋର ଉଦ୍ୟମ ସଫଳ ହୋଇଛି କି ବିଫଳ ହୋଇଛି ମୋ ପକ୍ଷେ ତା କହିବା ସମ୍ଭବପର ନୁହେଁ । ତାର ବିଚାର ଭବିଷ୍ୟତ ହିଁ କରିବ । କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ -ଏଇ ଅନ୍ୱେଷଣର ପ୍ରବୃତ୍ତି ମତେ ପ୍ରତ୍ୟେକଟି ନୂଆ ନାଟକ ଲେଖିବା ପାଇଁ ପ୍ରେରଣା ଯୋଗାଇଛି । 'ଆଗାମୀ', 'ଅବରୋଧ', 'ଅରଣ୍ୟ ଫସଲ', 'କାଠଘୋଡ଼ା', 'ବନହଂସୀ', 'ଅମୃତସ୍ୟ ପୁତ୍ରଃ', 'ଶବଲିପି', 'କ୍ଳାନ୍ତ ପ୍ରଜାପତି', 'ବିଭର୍ଜିତ ଅପରାହ୍ନ' ଏବଂ 'ନନ୍ଦିକା କେଶରୀ'—ସବୁ ନାଟକ ମୋର ଏଇ ଅନ୍ୱେଷଣରୁ ଜନ୍ମ ।

ମୋ ଲେଖାପାଇଁ ଅନ୍ୟ ଏକ କଥା ମଧ୍ୟ ମତେ ପ୍ରଭାବିତ କରେ । ତା ହେଉଛି ଲେଖାଟିଏ ଶେଷ କଲାବେଳେ ମୋର ମନେ ହୁଏ—ଆଉ ଯେମିତି କିଛି ରହିଗଲା—ଅନ୍ୟାୱାଷାରେ ନିଜ ଭିତରେ ମୁଁ ଅନୁଭବ କରେ ଏକ ଅପୂର୍ଣ୍ଣତାର ପ୍ରତିଫଳନ ଏକ ଅସଂପୂର୍ଣ୍ଣବୋଧତା । ଏଇ ଅସଂପୂର୍ଣ୍ଣବୋଧତା ଯଦି ନଥାନ୍ତା ହୁଏତ ମୁଁ ଆଉ ଗୋଟିଏ ନାଟକ ଲେଖିବାକୁ ସମର୍ଥ ହୋଇପାରୁନଥାନ୍ତି । ଏଇ ଅସଂପୂର୍ଣ୍ଣବୋଧତା ନୂତନ ଅନ୍ୱେଷଣ ପାଇଁ ମତେ ଜାଗ୍ରତ କରେ···ମତେ ଯୋଗାଏ ଥ୍ରିଲ ।

ଏଇ ପ୍ରବନ୍ଧରେ ଏତେ କଥା ଲେଖି ସାରିଲା ପରେ କେହି ପୁଣି ଯଦି ମତେ ପଚାରେ ମୁଁ କାହିଁକି ଲେଖିଲି ବା ଲେଖୁଛି ତାର ଉତ୍ତରରେ ମୁଁ ସେଇ ମୂଳ କଥାଟି ପୁଣି କହିବି କାହିଁକି—କାହିଁକି ? ସବୁ କାହିଁକିର ଉତ୍ତର ମିଳି ପାରେନା—ଏ କାହିଁକିର ଉତ୍ତର ମଧ୍ୟ ସେଇଆ—ସତେ ମୁଁ କାହିଁକି ଲେଖିଲି—କାହିଁକି ଲେଖୁଛି—କାହିଁକି ଲେଖିବି ? ☐ ☐

Digitized by srujanika@gmail.com

ସୁରେନ୍ଦ୍ର ମହାନ୍ତି

●

ସୁରେନ୍ଦ୍ର ମହାନ୍ତି

ଜନ୍ମ—୨୧ ଜୁନ୍ ୧୯୨୨

ଜନ୍ମସ୍ଥାନ—ପୁରୁଷୋତ୍ତମପୁର, ସାଲେପୁର

ପିତା—ଲୋକନାଥ ମହାନ୍ତି

ମାତା—ସୁଶୀଳା ଦେବୀ

ରଚିତ ପୁସ୍ତକ—

ଉପନ୍ୟାସ—କଳେବର, ସହସ୍ରଶଯ୍ୟାର ନାୟିକା, ନୀଳଶୈଳ, ଅନ୍ଧଦିଗନ୍ତ, କାଳାନ୍ତର, ହଂସଗୀତ, ନୀଳାଦ୍ରି ବିଜୟ, ଶତାବ୍ଦୀର ସୂର୍ଯ୍ୟ, କୂଳବୃକ୍ଷ, ଅଚଳାୟତନ, ନେତି ନେତି, କୃଷ୍ଣାବେଣୀରେ ସନ୍ଧ୍ୟା ।

ଗଳ୍ପ—କୃଷ୍ଣଚୂଡ଼ା, ରୁଟି ଓ ଚନ୍ଦ୍ର, ସବୁଜ ପତ୍ର ଓ ଧୂସର ଗୋଲାପ, ମହାନିର୍ବାଣ, ମରାଳର ମୃତ୍ୟୁ, ମାଂସର କୋଣାର୍କ, ମହାନଗରୀରେ ରାତ୍ରି, ଦୁଇଟି ଶିମାନ୍ତ, ଓଃ କାଳକୀଟ, କବି ଓ ନର୍ତ୍ତକୀ, ଶେଷ କବିତା, ବଧୂ ଓ ପ୍ରିୟା, ଯଦୁବଂଶୀ ଓ ଅନ୍ୟାନ୍ୟ ଗଳ୍ପ ।

ଆଲୋଚନା—ଫକୀରମୋହନ ସମୀକ୍ଷା, ଫକୀରମୋହନ, ଓଡ଼ିଆ ସାହିତ୍ୟର ଆଦିପର୍ବ ଓ ମଧ୍ୟପର୍ବ, ଓଡ଼ିଆ ସାହିତ୍ୟର କ୍ରମବିକାଶ, ସାହିତ୍ୟ ଓ ସମାଜ ।

ଭ୍ରମଣ କାହାଣୀ—ପେକିଂ ଡାଇରୀ ।

ଅନ୍ୟାନ୍ୟ—ସୁରେନ୍ଦ୍ର ବଚନ ।

English—Madhusudan Das.
Lord Jagannath. □ □

Digitized by srujanika@gmail.com

କବି ଜଣେ ଥରେ କେଉଁ ପ୍ରସଙ୍ଗରେ ଲେଖିଥିଲେ 'ଗୋଡ଼ ଥିଲେ ଚାଲି ହୁଏ, ମାତ୍ର ହାତ ଥିଲେ ଲେଖି ହୁଏ ନା'। ଆମ ଗାଁ ଗହଳରେ ମଧ୍ୟ କଥାଟିଏ ଶୁଣିବାକୁ ମିଳଥାଏ···'ପାଠ ପଢ଼ିଥିଲେ ଗୀତ ବୋଲୁଥାଇ ବାଉଶ କଣ୍ଡର ପୁଅ'।

ଆଜି ଗଣତନ୍ତ୍ରର ଗଣଜାଗରଣ ଯୁଗରେ ଅବଶ୍ୟ କଥାଟା କାନକୁ ଖରାପ ଶୁଭିପାରେ। କିନ୍ତୁ ଗଣତନ୍ତ୍ର ରାଜନୀତି କ୍ଷେତ୍ରରେ ଯେତିକି ସ୍ୱାଦ୍ୟ, ସାହିତ୍ୟ ବା ଆର୍ଟ କ୍ଷେତ୍ରରେ ସେତିକି ଅସ୍ୱାଦ୍ୟ। ଗଣତନ୍ତ୍ରରେ Mediocre ବା ଅଧାପନ୍ତରିଆ ଓ 'ପପୁଲର' ବା ବେହେଲର ସ୍ଥାନ ସବୁଠି ପୁରୋଭାଗରେ। କାରଣ ଅପନ୍ତରିଆ ଜନସାଧାରଣଙ୍କ ଯୋଗ୍ୟ ପ୍ରତିନିଧି ଅପନ୍ତରିଆ, ଅଧାପନ୍ତରିଆ ନୋହିଲେ ସେହିପରି ଅନ୍ୟମାନେ। ଗଣତନ୍ତ୍ରର ଅନ୍ତର୍ନିହିତ ଏହି ଦୁର୍ବଳତା ଯୋଗୁଁ ସବୁ ଦେଶରେ ଗଣତନ୍ତ୍ରର ଭବିଷ୍ୟତ ଆଜି ଯଥାର୍ଥରେ ସଙ୍କଟାପନ୍ନ ହୋଇଛି। ରାଜନୀତି କ୍ଷେତ୍ରରେ ସେହି ଅସମ୍ପୂର୍ଣ୍ଣ ଆଦର୍ଶ ଧରି ଦେଶ ତଥାପି କୌଣସିମତେ ଚାଲିଛି। ମାତ୍ର ଆର୍ଟ ବା ସାହିତ୍ୟ କ୍ଷେତ୍ରରେ ସେ ଆଦର୍ଶ ଧରିଲେ, ଆର୍ଟ ମୁହୂର୍ତ୍ତେ ସୁଦ୍ଧା ତିଷ୍ଠି ରହିପାରିବ ନାହିଁ। କାରଣ ସାହିତ୍ୟଟା ଗଣର ଓ ଗଣ ପାଇଁ ହୋଇପାରେ, କିନ୍ତୁ ଗଣଦ୍ୱାରା କୌଣସି ସାହିତ୍ୟ ସୃଷ୍ଟି ସମ୍ଭବ ନୁହେଁ। ପୁଣି ସବୁ ସାର୍ଥକ ସାହିତ୍ୟ ଯେ ଗଣ ପାଇଁ ହେବ, ତାହାର ମଧ୍ୟ କୌଣସି ଅର୍ଥ ନାହିଁ।

ସାହିତ୍ୟ ବା ଆର୍ଟର ଭିତ୍ତି କେତେକ ଆଦର୍ଶ ବା ସ୍ୱପ୍ନ। ସେ ଆଦର୍ଶ ବା ସ୍ୱପ୍ନ ଦିଗବଳୟର ରେଖାପରି ହୁଏତ ଅବାସ୍ତବ। ମାତ୍ର ଇତିହାସରେ ଯୁଗେ ଯୁଗେ ପ୍ରଗତିର ଦୁର୍ଗମ ପଥରେ ବ୍ୟକ୍ତି ସେହି ଅବାସ୍ତବ ଦିଗ୍‌ବଳୟ ରେଖା ଆଡ଼େ ପାଦ ପକାଇ ପକାଇ ଚାଲିଛି। ସେଥିପାଇଁ ଇତିହାସର ପ୍ରତ୍ୟେକ ଚରିତ୍ର ଓ ପ୍ରତ୍ୟେକ ସ୍ମରଣୀୟ ବ୍ୟକ୍ତି ଆଦର୍ଶବାଦୀ, ମାତ୍ର ଗଣ ବା 'ମାସ୍'ର କାରବାର ରୁକ୍ଷ ଦୈନନ୍ଦିନତା ସହିତ। ତେଲଲୁଣର ଝଗଡ଼ିଆ ସଂସାର ସେମାନଙ୍କର ଆଦର୍ଶ ଓ ବାସ୍ତବ—ସବୁ।

କ୍ଷୁଧା ଯେଉଁଠି ଏକ ଆଦର୍ଶ, କ୍ଷୁଧା ସେଠି ଆର୍ଟ। ମାତ୍ର କ୍ଷୁଧା ଯେଉଁଠି ବାସ୍ତବ, କ୍ଷୁଧା ସେଠି ବୀଭତ୍ସ। ରେସ୍ତୋରାଁ ଦୁଆର ମୁହଁରେ କୁଷ୍ଠ ବ୍ୟାଧିଗ୍ରସ୍ତ ସେହି ଭିକାରୀ, ଫୁଲା ଫୁଲା ପାଦରେ ଅଧଘାରେ ଅଖା ବନ୍ଧା, କାଖରେ ଭିକ୍ଷାର କଳେଇଛଡ଼ା ଟିଣପାତ୍ର, ଖଣ୍ଡିଆ ହାତରେ ମାଛି ମାରୁଛି. ଅଉ ବେଳେ ବେଳେ ଅନାଉଛି ରେସ୍ତୋରାଁ ଭିତରକୁ···ଲୋଲୁପ କ୍ଷୁଧାର୍ତ୍ତ ଦୃଷ୍ଟି। ରଙ୍ଗ ଆଉ ତୂଳି ଏ କ୍ଷୁଧାକୁ କରେ ଆର୍ଟ, କାଗଜ ଆଉ କଲମରେ ଏ କ୍ଷୁଧା ହୋଇଯାଏ ବର୍ଣ୍ଣ

Digitized by srujanika@gmail.com

କ୍ଷୁଧାର ସଂକେତ । ମାତ୍ର ରେସ୍ତୋରାଁ ପାହାଚ ତଳେ, ଧନର ଆଲୁଅରେ··· ଇସ୍, ଆଖି ବୁଜି ହୋଇଆସେ । ସେହି ଘୃଣା ଓ ସହାନୁଭୂତି ବା କରୁଣା ମଧ୍ୟରେ ସୀମାରେଖା ନାହିଁ । ମାତ୍ର ଏହି ଚିତ୍ରଟି କବିତାରେ ପଢ଼ିବାକୁ ବା ଛବିରେ ଦେଖିବାକୁ ଖୁସି ଲାଗେ ନାହିଁ, କାରଣ କ୍ଷୁଧା ସେଠି ଆଦର୍ଶ ବା ଆର୍ଟ । ମାତ୍ର କ୍ଷୁଧାକୁ ଆର୍ଟ ବା ଆଦର୍ଶର ଦୃଷ୍ଟିକୋଣରୁ ଦେଖିବା ଏକାନ୍ତ ବ୍ୟକ୍ତିଗତ ।

ଗଣ ବା mass ସେ ବ୍ୟକ୍ତିତ୍ୱସିଦ୍ଧ ଦୃଷ୍ଟିକୋଣ ଆଣି ନପାରେ । ବ୍ୟକ୍ତି ଗଣକୁ ସେହି ସ୍ୱପ୍ନରେ ଅନୁପ୍ରାଣିତ କରେ, ଉଦ୍‌ବୁଦ୍ଧ କରେ । ତେଣୁ ଗଣପାଇଁ ସାହିତ୍ୟ ହୋଇପାରେ ମାତ୍ର ଗଣଦ୍ୱାରା କୌଣସି ସାହିତ୍ୟ ସମ୍ଭବ ନୁହେଁ । କାରଣ ଗଣ ବା mass ସବୁବେଳେ ଜଡ଼ ନିର୍ଜୀବ ଓ ଅଥବ । ବ୍ୟକ୍ତି ହିଁ ସେଥିରେ ପ୍ରାଣ ସଞ୍ଚାର କରିଥାଏ । ମାତ୍ର ବୁଝିବାର ଅଛି, ଏ 'ବ୍ୟକ୍ତି' ନିତ୍‌ସେଙ୍କର ଅତିମାନବ 'beyond good and evil ନୁହନ୍ତି । ବ୍ୟକ୍ତିତ୍ୱ, ଅହଂସର୍ବସ୍ୱ ଅହମିକା ନୁହେଁ । ବ୍ୟକ୍ତି ଓ ବିଶ୍ୱ ମଧ୍ୟରେ ସମନ୍ୱୟ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ । ପୁଣି ଏକ ଅନନ୍ୟ ସାଧାରଣ ବୈଶିଷ୍ଟ୍ୟର ପୁଞ୍ଜୀଭୂତ ପ୍ରତିରୂପ ହେଲା ବ୍ୟକ୍ତି । ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ବ୍ୟକ୍ତିଠାରୁ ତେଣୁ ସ୍ୱତନ୍ତ୍ର । ସେହି ସ୍ୱାତନ୍ତ୍ର୍ୟ ହେଉଛି ପ୍ରତ୍ୟେକ କଳାର ମର୍ମ !

ମୋର ସମସ୍ତ ଲେଖାର ପୃଷ୍ଠଭାଗ ଓ ପୃଷ୍ଠଭୂମିରେ ରହିଛି ଏହି ବ୍ୟକ୍ତି—ଯେ ଶୁଭ୍ର, ସୁନ୍ଦର, ମୁକ୍ତ, ଅନନ୍ୟସାଧାରଣ ଓ ଅମଳିନ । ପରିସ୍ଥିତିର ପ୍ରଭାବ ତାର ବ୍ୟକ୍ତିତ୍ୱକୁ ମଳିନ କରିନାହିଁ । ପରିସ୍ଥିତି ସହିତ ସେ କ୍ଷୁଧାରେ, ଅନାହାରରେ, ଶତ ନିପୀଡ଼ନ, ଲାଞ୍ଛନା, ଦୁର୍ଗତି ପୁଣି ସ୍ଖଳନ ମଧ୍ୟରେ ଯୁଦ୍ଧ ସଂଗ୍ରାମ କରି ଆସିଛି । ଯେଉଁଠି ନ ପାରିଛି ସେଠି ହୋଇଛି ସେ ନୈରାଶ୍ୟବାଦୀ ! ସେ ଅବଶ୍ୟ କୌଣସି 'ଝଣ୍ଡା' ଉଠାଇ ନାହିଁ କି ଶସ୍ତା 'ସ୍ଲୋଗାନ' ଦେଇନାହିଁ । କାରଣ 'ଝଣ୍ଡା' ବା 'ସ୍ଲୋଗାନ' ସମାଧାନ ନୁହେଁ । ସମାଧାନର ଏକ ପନ୍ଥା କେଜାଣି ହୋଇପାରେ । କିନ୍ତୁ ସେ ସମାଧାନର ପରିପୂର୍ଣ୍ଣ ସ୍ୱରୂପ କ'ଣ ? ତାହା ହିଁ ତ ଏ ଯୁଗର ସବୁଠୁ ଦୁର୍ବୋଧ ପ୍ରଶ୍ନବାଚକ ! ଏ ଶତାବ୍ଦୀର ତପସ୍ୟା ତ ସେଇଥିପାଇଁ ' ଏଇଥିପାଇଁ ମୋ ମତରେ ସାହିତ୍ୟ ସମସ୍ୟାମୂଳକ ହେବା ଉଚିତ୍ । ବିଶ୍ୱବ୍ୟାପୀ ସାହିତ୍ୟ ଆଜି ମଧ୍ୟ 'ସମସ୍ୟାମୂଳକ', । ଏ ସମସ୍ୟା ପୁଣି କେବଳ ଭାତ, ଲୁଣର ଜାନ୍ତବ ସମସ୍ୟା ନୁହେଁ । ଜୀବନର ଆଧ୍ୟାତ୍ମିକ ଓ ଆବେଗଗତ ସମସ୍ୟା ମଧ୍ୟ ଏହାର ଅନ୍ତର୍ଗତ । 'ରସ' ଏ ସାହିତ୍ୟର ପ୍ରାଣ ନୁହେଁ । ଆଇଡ଼ିଆ ବା ଚିନ୍ତା ଏ ସାହିତ୍ୟର ପ୍ରାଣ । ଏହି ଆଇଡ଼ିଆ ଧର୍ମୀ ସାହିତ୍ୟର ଭୂମିକା ମୁଁ ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଛି ବୋଲି ଯଥାର୍ଥରେ ଦାବୀ କରିବି । 'ରିଜନ' (reason) ବା ହେତୁବାଦ ଓ 'ଇମୋସନ' ବା ଆବେଗ ମୋ ଲେଖାର ଭିତ୍ତି—କେବଳ ଇନ୍‌ଷ୍ଟିଙ୍କ୍‌ଟ୍

Digitized by srujanika@gmail.com

(Instinct) ବା ପ୍ରେରଣା ନୁହେଁ । ସେଇଥିପାଇଁ ମୋର ଶ୍ରେଷ୍ଠ ଗପ ଗୁଡ଼ିକରେ ପ୍ରେମ, ପ୍ରଣୟ, ବିରହ, ପ୍ରତୀକ୍ଷା ଓ ଆକାଙ୍‌କ୍ଷା ପ୍ରଭୃତିର ଶୋଚନୀୟ ଅଭାବ ! ମୋର ଗଳ୍ପଗୁଡ଼ିକର ପ୍ରତ୍ୟେକଟି ଚରିତ୍ର ସେଇଥିପାଇଁ 'ସିନିକ୍' । 'ଶଙ୍କନ୍' ବା ହେତୁବାଦର ଜନ୍ମ 'ସିନିସିଜ୍‌ମ'ରୁ । ଏ 'ସିନିସିଜ୍‌ମ' ଅନେକଙ୍କ ମତରେ ଏକ ଅସୁସ୍ଥ ମସ୍ତିଷ୍କର ପରିଚୟ । କିନ୍ତୁ ମୋ ମତରେ 'ସିନିସିଜମ୍ ନୂତନ ମୂଲ୍ୟବୋଧ ଓ ନୂତନ ମାନଦଣ୍ଡର ପ୍ରସୂତି ବେଦନା, ଏକ ଦୁଃସହ ଆଧ୍ୟାତ୍ମିକ ଯନ୍ତ୍ରଣା !

ସେ ଥିପାଇଁ ମୁଁ ଲେଖେ, ମାପିଚୁପି ଲେଖେ, ଅଙ୍କ କଷିଲା ପରି ଲେଖେ, ଏକ ଦୁର୍ବିସହ ବେଦନାରେ ଲେଖେ !

ଲେଖକର ଫଙ୍କା ମୋ ପାଖରେ ସ୍ୱତନ୍ତ୍ର-ପାଦଥିଲେ ଭଲ ହୁଏ କିନ୍ତୁ ହାତ ଥିଲେ ସବୁବେଳେ ଲେଖି ହୁଏନା । ଲେଖକ ଏ ଯୁଗର ମହାମୌନ ତପସ୍ୱୀ ଓ ଲେଖା ତାର ତପସ୍ୟା—ସତ୍ୟର ସନ୍ଧାନ ପାଇଁ ଓ ନୂତନ ମୂଲ୍ୟବୋଧର ପରିଚୟ ପାଇଁ ତପଶ୍ଚରଣ ମଧ୍ୟରେ ସେତିକ, ସ୍ଖଳନ ମଧ୍ୟରେ ମଧ୍ୟ ସେତିକ ! □ □

Digitized by srujanika@gmail.com

ଚିତ୍ତରଞ୍ଜନ ଦାସ

●

ଚିତ୍ତରଞ୍ଜନ ଦାସ

ଜନ୍ମ ୩, ଅକ୍ଟୋବର ୧୯୨୩,

ଜନ୍ମସ୍ଥାନ—ବାଗଲପୁର, କଟକ,

ପିତା—ଖୁସାଲ୍ ଚରଣ ଦାସ,

ମାତା—ସ୍ବର୍ଣ୍ଣମଣି ଦେବୀ,

ରଚିତ ପୁସ୍ତକ—

କବିତା—ଦୁଇ ଅଧ୍ୟାୟ,

ଭ୍ରମଣ କାହାଣୀ—ନେପାଳ ପଥେ, ସାଗର ସାକ୍ଷୀ, ଗଣ୍ଟାମ ମାଲରେ ମାନ ଦାନ, ଡେନ୍‌ମାର୍କ ଚିଠି ।

ଆଲୋଚନା—ଶିଳା ଓ ଶାଳଗ୍ରାମ, ଜୀବନ ବିଦ୍ୟାଳୟ, ଏଇ ମୋର ଦେଶ, ଅଚ୍ୟୁତାନନ୍ଦ ଓ ପଞ୍ଚସଖାଧର୍ମ, ଓଡ଼ିଶାର ମହିମା ଧର୍ମ, ବଳରାମ ଦାସଙ୍କର ଶ୍ରୀମଦ୍‌ଭଗବତ୍‌ ଗୀତା, ଆଲୋକର କବି ରବୀନ୍ଦ୍ରନାଥ, ଓଡ଼ିଆ ସାହିତ୍ୟରେ ସାସ୍ତ୍ରିକ ବିକାଶଧାରା, ଶିକ୍ଷାରୁ ସଂକ୍ରମଣ ।

ଅନୁବାଦ—ଗ୍ରନ୍ଥଙ୍କ ପ୍ରତି, ନାସ୍ତି ସମାଜ ପ୍ରତି, ରାମନାମ ସ୍ୱାଧୀନତା ଓ ତାପରେ (ମହାତ୍ମା ଗାନ୍ଧି) ଗଳ୍ପ ସଂଚୟନ, ରୁଷିଆ ଚିଠି, ଦୁଇ ଅଧ୍ୟାୟ, (ରବି ଠାକୁର) ବିଦ୍ରୋହୀ ଆତ୍ମା, ଦାସୀ ସିଲ୍ଭିଆ, ସମ୍ମୋହିନୀ, ମୋ ଜୀବନ ଓ ସାଧନା, ଡ଼କ୍ଟର ଜିଭାଗୋ ।

English—Studies in the Medieval Literature and Religion of Orissa.

□ □

Digitized by srujanika@gmail.com

ମୁଁ କାହିଁକି ଲେଖେ,—ଏକଥା ପଚାରିବାକୁ ଆପଣ କିଏ ? ଏହି ପ୍ରଶ୍ନଟିର ଉତ୍ତର ଦେଇ ମୁଁ ଗୋଟିଏ କଥାରେ କହିବି ଯେ, ମୁଁ ଭଲପାଏ ବୋଲି ଲେଖେ । ଭଲ ପାଇ ପାରିଲେ ଯାଇ ଜୀବନ ସତକୁ ମତ ଭଲଲାଗେ । ମତେ ଜୀବନ ଭଲଲାଗେ । ଜୀବନକୁ ଏଯାଏ ବାହି ଆଣିଥିବା ଅତୀତ ଭଲଲାଗେ । ଜୀବନର ଭୂମି ରୂପେ କାର୍ଯ୍ୟ କରୁଥିବା ଓ ମୋତେ ସେହି ଭୂମିଟି ଉପରେ ଠିଆ କରି ରଖିଥିବା ବର୍ତ୍ତମାନ ଭଲଲାଗେ ଏବଂ ଏହି ସବୁ କିଛିକୁ ପୁଞ୍ଜିପରି ବ୍ୟବହାର କରି ଉକୁଟି ଉକୁଟି ରୂପାୟିତ ହେବାରେ ଲାଗିଥିବା ଭବିଷ୍ୟତ ବି ଭଲ ଲାଗେ ।

ଏହି ଭଲ ପାଇବାର ପଛରେ କୌଣସି କାହିଁକି ନାହିଁ । ହୁଏତ ଅଛି, ମାତ୍ର ତାହାକୁ କଥାରେ କହି ହୁଏ ନାହିଁ, ଅଳପ କହିବା ବେଳକୁ ବେଶି କହି ହୋଇଯାଏ, ବେଶି କହିବା ବେଳକୁ ପୁଣି ଅଳପ ବି ହୋଇଯାଏ । ଅଳଙ୍କାର ଲଗାଇ କହିଲେ ଅଧିକ ଅବର୍ଜିଆ ଦିଶେ ଏବଂ ଅଳଙ୍କାର ନ ଲଗାଇ କହିବା ଲାଗି ବାହାରିବା ବେଳକୁ ଅନ୍ୟମାନେ ସେଗୁଡ଼ାକୁ ମୋଟେ ବୁଝି ପାରନ୍ତି ନାହିଁ । ଭଲ ପାଇବାର ଭାଷା ହେଉଛି ମର୍ମ ଭିତରେ ଏକ ନିଜସ୍ୱ ଭାଷା । ଯେତେବେଳେ ନିଜର ଭାଷାଟିକୁ ଦେଇ ଲୋକମାନେ ଆଉଜଣକର ଭଲ ପାଇବାକୁ ବୁଝିବା ଲାଗି ଚେଷ୍ଟା କରନ୍ତି, ସେଇଥିରୁ ପ୍ରମାଦ ଜାତହୁଏ, ଦୂରତାଗୁଡ଼ାକ ଅଧିକ ବଢ଼ିଯାଏ । ତେଣୁ ଅନ୍ୟର ଭାଷାରେ ଅନ୍ୟକୁ ବୁଝିବା, ସେଇ ଅନ୍ୟର ଭାଷାରେ ହିଁ ଅନ୍ୟର ଭଲ ପାଇବାକୁ ବୁଝିବା,—ଏ କଥାଟି ସବୁ ଯୁଗରେ ଏକ ଅତ୍ୟନ୍ତ କଠିନ ବିଦ୍ୟା ହୋଇ ରହିଯାଏ ।

ମୋର ଏହି ଭଲ ପାଇବାର ତାଲିକାରେ ମୁଁ ସମ୍ଭବତଃ ନିଜକୁ ହିଁ ସବାଆଗ ଭଲପାଏ । ନିଜକୁ ହିଁ ସବା ଆଗେ ଚିହ୍ନେ ଏବଂ ସବାଆଗ ବୁଝେ । ନିଜକୁ ଦର୍ପଣ କରି ମୁଁ ଯାହାକିଛି ଦେଖେ ଓ ଯାହାକିଛି ଲେଖେ । ନିଜକୁ ସାଙ୍ଗକରି ନ ପାରିଲେ ଏହି ସଂସାରରେ ମୋଟେ ବାଟ ଚାଲି ହୁଏ ନାହିଁ । ଲେଖିଲା ଭଳି ମୋଟେ କିଛିହେଲେ ଲେଖି ହୁଏ ନାହିଁ । ନିଜେ ନିଜର ସାଙ୍ଗ ହୋଇ ପାରି ନଥିଲେ ବାହାରେ ଆଉ ଭିତରେ କେତେକେତେ ମୁଖା ପିନ୍ଧିବାକୁ ପଡ଼େ, କେତେ ମିଛ ନାୟକ, ମିଛ ନାୟିକା ବନି ଫୁଲେଇ ହେବାକୁ ହୁଏ ଏବଂ ଆପଣାର ଲେଖା ଭିତରେ ସେଗୁଡ଼ାକ ଗୋଟା ଗୁଡ଼ା ଧରା ପଡ଼ିଯାଏ । ଭାବଗୁଡ଼ାକ ଭାବ ପ୍ରବଣତାରେ ପରିଣତ ହୋଇଯିବା ମାତ୍ରକେ ଫାଟ୍ କରି ଧରା ପଡ଼ିଯାଏ । ବାହାରେ ଖୁବ ଜାକ ଜମକ ସହିତ ଦିଶିଯାଇ ପାରୁଥିଲେ ମଧ୍ୟ ଭିତରେ ଆପଣା ପାଖରେ ଖୁବ ହାସ୍ୟାସ୍ପଦ ହେବାକୁ ପଡ଼େ । ଭିତରେ ଆପଣାକୁ ସାଙ୍ଗ କରି ନପାରି ଥିବାର

Digitized by srujanika@gmail.com

ଦାରିଦ୍ର୍ୟ ବାହାରେ ନାନା ଉଗ୍ରତାକୁ ପ୍ରଶ୍ରୟ ଦିଏ । ସାହିତ୍ୟ ଲେଖାରେ, ଦାଣ୍ଡ ଭର୍ତ୍ତି ହୋଇଯାଏ, ଦାଣ୍ଡରୁ ମିଳୁଥିବା ନକଲ ଉପାଦାନ ଓ ଉପଢୌକନ ଗୁଡ଼ିକ ଦ୍ୱାରା ଘର ଭର୍ତ୍ତି ହୋଇଯାଏ । କିନ୍ତୁ ଅସଲ ପକ୍ଷୀଟିକୁ ମୋଟେ ଆହାର ମିଳେ ନାହିଁ । ଅସଲ ହୃଦୟଟି ଶୁଖି ଶୁଖି ଯାଉଥାଏ ।

ଆପଣା ସହିତ ସାଙ୍ଗ ହେବାର ଅର୍ଥ ହେଉଛି ଆପଣାର ଭିତରକୁ ପ୍ରବେଶ କରିବା । ଗୁହାଟାକୁ ନ ଡ଼ରି ଶ୍ରଦ୍ଧାର ସହିତ ଗୁହା ଭିତରେ ପ୍ରବେଶ କରିବା । ଆପଣାର ଅବଚେତନ ମଧ୍ୟକୁ ଯାଇ ତାହାକୁ ଚେତନାରେ ଅର୍ଥାତ୍ ଏକ ସମଗ୍ର ସ୍ୱାଭାବିକତା ଏବଂ ସ୍ୱତଃ ସ୍ଫୂର୍ତ୍ତିତାରେ ପରିଣତ କରିବା । ଆମ ଜୀବନରେ ଗଭୀରତା ବୋଲି ଯେ ଗୋଟିଏ ପ୍ରସ୍ଥ ରହିଛି, ତାହାକୁ ଅଙ୍ଗେ ନିଭାଇବା । ଆଧୁନିକ ବିଶ୍ୱର ଜଣେ ଅନ୍ୟତମ ଅଗ୍ରଣୀଙ୍କର ବକ୍ତବ୍ୟ ହେଉଛି ଯେ, ଗମ୍ଭୀରତାର ପ୍ରସ୍ଥଟିକୁ ଛୁଇଁ ପାରିବା ମାତ୍ରକେ ହିଁ ଆମ ଜୀବନର ଯାବତୀୟ ଅନୁଧାବନ ଧର୍ମର ସ୍ତରକୁ ହିଁ ଉନ୍ନୀତ ହୋଇ ଯାଇଥାଏ । ଆପଣାକୁ ସାଙ୍ଗ କରି ଅର୍ଥାତ୍ ଆପଣାର ଗମ୍ଭୀରତା ଅର୍ଥାତ୍ ଗଭୀରତାଗୁଡ଼ିକୁ ସ୍ପର୍ଶ କରି ଯେଉଁ ସାହିତ୍ୟ ଲେଖାଯାଏ, ତାହା ଏକ ମନ୍ତ୍ରରେ ପରିଣତ ହୁଏ । ନିଜପାଇଁ ତାହା ଆମର ଅନେକ ଉନ୍ମୋଚନ ଘଟାଇବାରେ ସହାୟତା କରେ ଏବଂ ବାହାରେ ଅନ୍ୟମାନଙ୍କର ଗମ୍ଭୀରକୁ ଠିକ୍ ଏକ ମନ୍ତ୍ରପରି ପ୍ରବେଶ କରିବାର ଓ ମନ୍ତ୍ର ପରି ଆଘାତ କରିବାର ସ୍ପର୍ଦ୍ଧା ମଧ୍ୟ ରଖିଥାଏ ।

ନିଜକୁ ସାଙ୍ଗ କଲେ ନିଜର ଦୁଆର ଖୋଲିଯାଏ ଏବଂ ସେହି ଅସଲ ଦୁଆରଟି ଖୋଲିଯିବା ସଂଗେ ସଂଗେ ବାହାରକୁ ମଧ୍ୟ ଆମର କେତେ ନା କେତେ ଦୁଆର ଖୋଲିଯାଏ । ଅସଲ ଗଣ୍ଠିଟି ଫିଟିଯିବା ମାତ୍ରକେ ବାହାରେ କେତେ କେତେ ଗଣ୍ଠି ପଡ଼ିଯାଉଥାଏ । କେତେ ସହଜରେ କେତେ କେତେ ଜାଗାରେ ବାନ୍ଧି ହୋଇଯିବା ସମ୍ଭବ ହୁଏ । ସେହି ବାନ୍ଧି ହୋଇଯିବାର ଅନ୍ତରଙ୍ଗ ଇଚ୍ଛା-ବୃତ୍ତିଟି ହେଉଛି ସାହିତ୍ୟ । ଆପଣାର ଘର ଭିତରକୁ ସମସ୍ତଙ୍କୁ ଆମନ୍ତ୍ରଣ କରି ନେଇଯିବାର ଅନ୍ତରଙ୍ଗ ଇଚ୍ଛାବୃତ୍ତିଟି ହେଉଛି ସାହିତ୍ୟ ।

ଆପଣମାନେ କେବେ ବାନ୍ଧିହୋଇଯିବାକୁ ମନ କରିଛନ୍ତି ? ଗୋଟା ସୁଦ୍ଧା, ଆଉ କାହାର ଅର୍ଥାତ୍ ଏହି ସବୁ କିଛିର ଓ ସମସ୍ତଙ୍କର ହୋଇଯିବାକୁ ମନ କରି-ଛନ୍ତି ? ଆପଣ କେବେ ମୁଖାଗୁଡ଼ିକୁ କାଢ଼ି ଫୋପାଡ଼ି ଦେବାକୁ ମନ କରିଛନ୍ତି ? ପୋଷାକ ଓ ଆଚ୍ଛାଦନ ଭିତରେ ବିଧିବଦ୍ଧ ଅନୁସାରେ ତିଆରି ହୋଇ ରହିଥିବା ବ୍ୟବଧାନଗୁଡ଼ିକୁ ଅତିକ୍ରମି ଯିବାପାଇଁ ମନ କରିଛନ୍ତି ? ବିରକ୍ତ ହୋଇ ଋଷି ଓ ବୈରାଗୀ ବେଶଧରି ଆଉ କୁଆଡ଼େ ପଳାଇ ନ ଯାଇ, ଆପଣାକୁ କୌଣସି ପ୍ରକାରେ

Digitized by srujanika@gmail.com

ଲୁଗିଇ ନରଖି ଅପଣ କେବେ ଆପଣାର ଆଲୋକ ଭ୍ରମଣ ଦ୍ୱାରା ଧରଣୀକୁ ସ୍ପର୍ଶ କରିବାକୁ ଆସୁଥିବା ସୂର୍ଯ୍ୟ ଭିତରେ ଆପଣାକୁ ଅନୁଭବ କରିଛନ୍ତି ? ତେବେ ଆମେ ନିଶ୍ଚୟ ସାଙ୍ଗହୋଇ ପାରିବା, ନିଶ୍ଚୟ ଏକାଠି ହୋଇ ବାଟ ଚାଲିପାରିବା । ତେବେ ଆମେ ଯାହା କିଛି ଲେଖିବା, ତାହାକୁ ନିଶ୍ଚୟ ସାହିତ୍ୟ ବୋଲି କୁହାଯିବ ।

ଏହିପରି ଏକ ସୃଷ୍ଟିଛଡ଼ା ଆତ୍ମୀୟତା ଦ୍ୱାରା ଚାଳିତ ହୋଇ ଓ ତାହାର ପାଖରେ ଆପେ ଧରାଦେଇ ମୁଁ ଲେଖେ । ଏଠି ଏହି ସୃଷ୍ଟି ମଧ୍ୟରେ ଥାଇ ମଧ୍ୟ ତାହା ପ୍ରକୃତରେ ସୃଷ୍ଟିଛଡ଼ା । ସିଏ କାହାକୁ ମାନିବ ନାହିଁ । କୌଣସି କ୍ଷମତାକୁ ମାନିବ ନାହିଁ । ବଡ଼ ଆସନଗୁଡ଼ାକ ଉପରେ ଏଡ଼େ ଗର୍ବରେ ସହିତ ବସିଥିବା ଖାନ 'ମୁଁ' ଗୁଡ଼ାକର ମାମଲତକାରୀ ଗୁଡ଼ାକୁ ମୋଟେ ମାନିବ ନାହିଁ । ରାଜା ଲଙ୍ଗଳା ହୋଇ ଖୁବ୍ ସାଜ ତୋଷାମଦକାରୀମାନଙ୍କୁ ଗହଣରେ ନେଇ ଶୋଭାଯାତ୍ରା କରି ବାହାରିଲେ । ସିଏ ତଥାପି ରାଜାଟା ଲଙ୍ଗଳା ବୋଲି ଫଟ୍‌କରି କହିଦେବ ଏବଂ ଶୋଭାର ସକଳ ବଜାରକୁ ତଥାପି ବଜାର ବୋଲି ଘୋଷଣା କରିବ । ଅନେକ ମଣିଷ କ୍ଷମତାକୁ ଭଲପାଆନ୍ତି । ସୁନ୍ଦର ଦିଶିବାକୁ ଭଲପାଆନ୍ତି । ଉଚ୍ଚ ହୋଇ ଦିଶିବାକୁ ବି ଭଲ ପାଆନ୍ତି । କୌଣସି ରାଜନୀତିକ ନେତା କର୍ମୀମାନଙ୍କୁ ନିଜ କାମରେ ଲଗାଇଲା ପରି ସେମାନେ ସାହିତ୍ୟକୁ ବି କାମରେ ଲଗାନ୍ତି - ସାହିତ୍ୟ ଲେଖି ଆପଣାକୁ ଏକାବେଳକେ ଅନେକ କ୍ଷେତ୍ରରେ ଚକ୍ରବର୍ତ୍ତୀ ଏବଂ ଅଧିକାରୀ ରୂପେ ଦେଖାଇ ହେବାକୁ ଖୁବ ଇଚ୍ଛା କରୁଥାନ୍ତି । ଏମାନଙ୍କ ଭିତରୁ ସବୁଯାକ ଆତ୍ମୀୟତା ମରି ସରିଥାଏ—ସେଇ ଅସଲ ହରାଇବାଜନିତ ଦାରିଦ୍ର୍ୟଟାକୁ ଘୋଡ଼ାଇ ରଖିବା ଲାଗି ସେମାନେ କ୍ଷମତା ଲୋଡ଼ନ୍ତି, କର୍ତ୍ତୃତ୍ୱ ଲୋଡ଼ନ୍ତି, ସାଆନ୍ତପଣ ଲୋଡ଼ନ୍ତି ଏବଂ ସାହିତ୍ୟକୁ ବି ସେହି ଲୋଡ଼ିବାରେ ଲଗାଇବାକୁ ବାହାରନ୍ତି । ଅସଲ ଆତ୍ମୀୟତା ଯାବତୀୟ କର୍ତ୍ତୃତ୍ୱଗିରିକୁ ଚୁନୌତି ଦିଏ । ଅସଲ ସାହିତ୍ୟ ଯାବତୀୟ କ୍ଷମତାକୁ ଚାଲେଞ୍ଜ କରେ । କ୍ଷୁଦ୍ରମତି କ୍ଷମତା ବର୍ତ୍ତମାନଟାକୁ ଜାବୁଡ଼ିଧରି ପଡ଼ିଥାଏ ଗାଦୀଗୁଡ଼ାକୁ ଗୌରବ ବୋଲି ପ୍ରଚାର କରେ । ସମ୍ପତ୍ତିଗୁଡ଼ାକୁ ହିଁ ସଂସ୍କୃତି ବୋଲି କହେ । ସ୍ୱାର୍ଥଗୁଡ଼ାକୁ ହିଁ ପ୍ରୀତି ବୋଲି କହେଁ । ଦରବାରଟାକୁ ହିଁ ସଂସାର ବୋଲି କହେ । ସାହିତ୍ୟ ଏହି ସବୁକିଛିକୁ ଅସ୍ୱୀକାର କରେ, କାରଣ ଆପଣାର ଆତ୍ମୀୟତାଟିର ପୃଷ୍ଠ ଉପରେ ଠିଆହୋଇ ସିଏ ଏକ ଅନ୍ୟ ଉଜ୍ଜ୍ୱଳତାର ସ୍ୱପ୍ନ ଦେଖେ, ଅନ୍ୟ ସମ୍ଭାବନାର ସ୍ୱପ୍ନ ଦେଖେ, ମଣିଷ ଲାଗି ଅନ୍ୟ ଏକ ଭବିଷ୍ୟତର ସ୍ୱପ୍ନ ଦେଖେ । କର୍ତ୍ତାମାନେ ତାକୁ ଯେତେ ଫାଶିଆ ପିନ୍ଧାଇ ଘୁଙ୍ଗୁର ଲଗାଇ ରାଜଧାନୀର ଖାସ୍ ସଉକ ଭିତରେ ରଖିବା ଲାଗି ଚେଷ୍ଟା କରନ୍ତୁ ପଛକେ ସିଏ ସର୍ବଦା ଏକ ଅନ୍ୟ ସ୍ୱପ୍ନ ଦେଖେ । ସାହିତ୍ୟକ ଯାହା ସ୍ୱପ୍ନ ଦେଖେ, ଆପଣା

Digitized by srujanika@gmail.com

ସାହିତ୍ୟର ମନ୍ତ୍ରଣା ଦେଇ ସିଏ ତାହାକୁ ହିଁ କହିବାକୁ ଚେଷ୍ଟା କରୁଥାଏ । ଏକ ଭୂମାର ସ୍ୱପ୍ନରେ ସିଏ ଅଳପକୁ ଭୁଲିଯାଏ । ଏକ ସମଗ୍ରତାର ସ୍ୱପ୍ନରେ କ୍ଷୁଦ୍ରତାକୁ ଭୁଲିଯାଏ—ଏକ ଅନ୍ୟ ସୌନ୍ଦର୍ଯ୍ୟର ସ୍ୱପ୍ନ ଦେଖୁଥାଏ ବୋଲି ସିଏ ପୁଚ୍ଛ ଟେକି ନାଚୁଥିବା ପୁଚ୍ଛସ୍ୱାନ ପକ୍ଷୀମାନଙ୍କୁ ଦେଖି ନହସି ରହିପାରେ ନାହିଁ । ତାହାକୁ କେବଳ ଏକ ବେରସିକତା ବୋଲି କହେ ।

ମୋର ଲେଖାପତ୍ର ପ୍ରକୃତରେ ଏକ ଅନ୍ୟ ପ୍ରକାରର ସ୍ୱପ୍ନ ଦେଖେ । ଯେଉଁଠି କୌଣସି ମୁଖା ନଥିବ, କୌଣସି ଜୁଗୁପ୍ସା ନଥିବ, ସିଏ ସେହିପରି ଗୋଟିଏ ଜୀବନର ସ୍ୱପ୍ନ ଦେଖେ । ଏକ ଅନ୍ୟ ଅଭିଜ୍ଞମର ସ୍ୱପ୍ନ ଦେଖେ । ତେଣୁ ଏକ ଅନ୍ୟପ୍ରକାର ସମ୍ବନ୍ଧର ବି ସ୍ୱପ୍ନ ଦେଖେ । ଏତେ ସୁନ୍ଦର ଆମର ଏହି ପୃଥିବୀ-ଏହି ଆକାଶ, ଏହି ଆଲୁଅ ଓ ଚାରିଆଡ଼ଗରୁ କେବଳ ଓଡ଼ଶାର ଆହ୍ୱାନ ଦେଇ ଯାଉଥିବା ଏକ ପୃଥିବୀ ଭିତରେ ମଣିଷକୁ ମଣିଷ କାହିଁକି ଗିଳି ପକାଇବାକୁ ଇଚ୍ଛା କରୁଥିବ—ମୋର ଲେଖା ସେହିପରି ଗୋଟିଏ ପ୍ରଶ୍ନର ଉତ୍ଥାପନ କରି ଆପଣାକୁ ଜନ୍ମଦିଏ । ଆମର ଧର୍ମ, ଆମର ସଭ୍ୟତା, ଆମର କଳା ଓ ଆମର ଏହି ଯାବତୀୟ ନାନାବିଧ କୌଶଳଗୁଡ଼ାକ ମଣିଷକୁ ତାର କେଉଁ ଦାରିଦ୍ର୍ୟ ହେତୁ ଓ କେଉଁ ବୈରାଗ୍ୟ ହେତୁ ତିଆରି ଗୋଟିଏ ଗୋଟିଏ ଗାତ ଭିତରେ କାହିଁକି ରୁଦ୍ଧ, ଭଗ୍ନ ଏବଂ ଖଣ୍ଡିତ କରି ରଖିଥିବେ, ମୋର ଲେଖା ସଂପୃକ୍ତ ସମସ୍ତଙ୍କୁ ଏହି ପ୍ରଶ୍ନଟିକୁ ପଚାରି ଆପଣାର ଔଚିତ୍ୟଟିକୁ ବ୍ୟକ୍ତ କରେ ।

ତେଣୁ ଗାତଗୁଡ଼ାକ ସହିତ, ମୁଖାଗୁଡ଼ାକ ସହିତ ଓ ଆଣ୍ଠୁଗୁଡ଼ାକ ସହିତ ସାଲିସ୍ କରି ରହିଯିବାକୁ ମୁଁ କେବେହେଲେ କିଛି ଲେଖିପାରେ ନାହିଁ । ନିଜକୁ କିମ୍ବା ଅନ୍ୟ କାହାକୁ ଶୀତଳ କରି ପକାଇବା ଲାଗି ମୁଁ କେବେ କିଛି ଲେଖିନାହିଁ । ମୁଁ ସଖ୍ୟ ଲୋଡ଼ୁଥାଏ ବୋଲି ଲେଖେ, ଆହୁରି ପାଖକୁ ଆସିପାରିବ ବୋଲି ଲେଖେ ଅସଲ ଦୁଆରଟି ଉପରେ ଆଘାତ କରି ପାରିବାକୁ ଓ ଅସଲ ତାରଟିକୁ ସ୍ପର୍ଶ କରିପାରିବାକୁ ମୁଁ ଲେଖେ । ଯେଉଁ ସାହିତ୍ୟ କ୍ରୀଡ଼ା କରିପକାଏ, ଯେଉଁ ସାହିତ୍ୟ ଗୋଟାଏ ଘରକୁ ସତେ ଅବା ଗୋଟାଏ ଗାଡ଼ରେ ପରିଣତ କରି ରଖିବାର ଅଭିସନ୍ଧି କରୁଥାଏ, ଦୁର୍ବଳତା ଓ ବ୍ୟାଧିଗ୍ରସ୍ତତାଗୁଡ଼ାକୁ ଉଖାରି ଉଖାରି ଦେଖାଇବାରେ ଯିଏ ରତି ସୁଖ ଲାଭକରେ ଏବଂ ସବା ଶେଷକୁ କୋଉଠି ଆଦୌ କିଛି ସମ୍ଭବ ହେବନାହିଁ ବୋଲି ଫତୁଆଟିଏ ଦେଇ ପାଷାଣ୍ଡବନ୍ତ ଏକ ଆତ୍ମପ୍ରସାଦ ଅନୁଭବ କରୁଥାଏ । ମୁଁ ତାକୁ ଦୂରରୁ ଦଣ୍ଡବତ କରେ । ମୁଁ ତାହାଠାରୁ ସର୍ବଦା ଦୂରରେ ରହେ ।

Digitized by srujanika@gmail.com

ସବାଶେଷ କଥାଟି ହେଉଛି ମୁଁ କୌଣସି ଜନ୍ମଭୂମି ପାଇଁ ଲେଖେ ନାହିଁ କିମ୍ବା କୌଣସି ମାତୃଭାଷାର ସେବା କରିବା ଲାଗି କିଛି ଲେଖେନାହିଁ । ମୋର ଏକ ଜନ୍ମଭୂମି ଅବଶ୍ୟ ରହିଛି, ଏକ ମାତୃଭାଷା ଅବଶ୍ୟ ରହିଛି । ମୁଁ ସେମାନଙ୍କୁ ପ୍ରତ୍ୟୟଦାୟିନୀ ମାଆ ପରି ଭଲପାଏ । ସେମାନେ ଅନୁକମ୍ପଶୀଳ ପରି ହୋଇ ଏହି ଅପାର ଆକାଶ, ଅଗାଧ ଜୀବନ ଏବଂ ଅନନ୍ତ ଭବିଷ୍ୟଟିକୁ ନିଜ ଭିତରେ ଅନୁଭବ କରିବାଲାଗି ମୋତେ ଆଖିଟିଏ ଯୋଗାଇ ଦେଇଛନ୍ତି ବୋଲି ସେମାନଙ୍କ ପାଖରେ ମୁଁ ସର୍ବପ୍ରଥମେ କୃତଜ୍ଞ । ତଥାପି ମୁଁ ସେମାନଙ୍କ ପାଇଁ କିଛି ଲେଖେ ନାହିଁ । ସେମାନଙ୍କର ମାଧ୍ୟମରେ ମୁଁ ଯେଉଁ ଆକାଶ, ଯେଉଁ ଭବିଷ୍ୟ ଓ ଯେଉଁ ସମ୍ଭାବ୍ୟ ଜୀବନକୁ ମୋ ସମ୍ମୁଖରେ ଅଙ୍ଗ ପ୍ରସାର କରି ରହିଥିବାର ଦେଖିବାକୁ ପାଏ, ମୁଁ ସେଗୁଡ଼ିକ ପାଇଁ ଲେଖେ । ବାରବାର ମରି ବାରବାର ଜନ୍ମ ହେବାପାଇଁ ଲେଖେ । ଏହି ଆପେକ୍ଷିକ ଅର୍ଦ୍ଧସୋପାନଗୁଡ଼ିକୁ ଗୋଟି ଗୋଟି କରି ପାରି ହୋଇଯିବାକୁ, ଶାସ୍ତ୍ରର ଭାଷାରେ କହିଲେ ଶୃଙ୍ଗରୁ ଶୃଙ୍ଗକୁ ଅତିକ୍ରମ କରିଯିବାକୁ ମୁଁ ଲେଖେ । ମୋରି ଭିତରୁ ଆପଣାକୁ ଜନ୍ମ ଦେବାପାଇଁ ଲେଖେ । ଯିଏ ଏଇ ସବୁକିଛିକୁ ଜନ୍ମ ଦେଇଛି ମୋତେ ବି ଜନ୍ମ ଦେଇଛି, ତାହାର ଜନନୀତ୍ୱକୁ ଅପରୋକ୍ଷ ଭାବରେ ଆପଣା ଭିତରେ ଅନୁଭବ କରିବା ଲାଗି ଲେଖେ । ଦେବଙ୍କର ତପଃ ଜଗତରେ ଏତିକି ଯଥେଷ୍ଟ ।

କିନ୍ତୁ ଆପଣମାନେ କହିବେ ତ, ମୁଁ ପ୍ରକୃତରେ କାହିଁକି ଲେଖେ ? □ □

Digitized by srujanika@gmail.com

ମହାପାତ୍ର ନୀଳମଣି ସାହୁ

●

ମହାପାତ୍ର ନୀଳମଣି ସାହୁ

ଜନ୍ମ ତା-୨୨ ଡିସେମ୍ବର, ୧୯୨୬

ଜନ୍ମସ୍ଥାନ—ନିଆଳି, କଟକ

ପିତା—ବୀରବର ମହାପାତ୍ର

ମାତା—ସୁଧାମଣି ଦେବୀ

ରଚିତ ପୁସ୍ତକ—

ଉପନ୍ୟାସ—ଧର ଓ ଧାର, ତାମସୀ ରାଧା ।

ଗଳ୍ପ—ସାନୁ ଅପାଠାରୁ ପୁଞ୍ଜି ପର୍ଯ୍ୟନ୍ତ, ପୂର୍ଣ୍ଣିମାର ହ୍ରାସ, ବସ୍ତ୍ର ମାହାତ୍ମ୍ୟ, ଯା ଦେବୀ ମମଗୃହେଷୁ, ଅନ୍ଧକାରର ସୂର୍ଯ୍ୟ, ଆକାଶ ପାତାଳ, ଅନ୍ୟ ରୂପ ରୂପାନ୍ତର, ପିଙ୍ଗଳା ସେ ଅନ୍ୟ ଜଣେ, ଅଭିଶପ୍ତ ଗନ୍ଧର୍ବ, ସେକାଳ ପଖାଳ, ପାପ ଓ ମୁକ୍ତି, ବୃନ୍ଦାବନର ଶେଷ ଧୂପ ।

ପ୍ରବନ୍ଧ ଓ ରମ୍ୟ ରଚନା—ମନୁଷ୍ୟ ସ୍ୱାଧୀନ କି ?, କିଛି ପ୍ରଶ୍ନ, କିଛିତ ବ୍ୟାଖ୍ୟା, ଆମେ ଓଡ଼ିଆ, ଓଡ଼ିଆ କିଏ, ସ୍ୱପ୍ନ ସ୍ୱପ୍ନ ଅନେକ ସ୍ୱପ୍ନ, ଯା'ନିଶା ସର୍ବ ଭୂତେଷୁ ଏବଂ ଧର୍ମ ନିରପେକ୍ଷ ଧାର୍ମିକ, ଧ୍ୱନି ଧ୍ୱନି ପ୍ରତିଧ୍ୱନି । □ □

Digitized by srujanika@gmail.com

ମୁଁ କାହିଁକି ଲେଖେ ? ଏ ପ୍ରଶ୍ନ ମତେ କିଏ ପଚାରିଲେ ମତେ ବଡ଼ ଅସ୍ୱସ୍ତି ଲାଗେ । ଯଦିଓ ଏ ପ୍ରଶ୍ନ ମୋତେ ମୋର ବାଲ୍ୟକାଳରୁ ବହୁ ଲୋକ ପଚାରି ଆସିଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ କାହାକୁ ଏ ପ୍ରଶ୍ନର ଉତ୍ତର ଦେଇ ନାହିଁ । ଦେଇପାରି ନାହିଁ । କ'ଣ ଉତ୍ତର ଦେବି ? ଆପଣ କ'ଣ ସୂର୍ଯ୍ୟଙ୍କୁ ପଚାରିବେ – ସେ କାହିଁକି ଆକାଶର ଉପରେ ନିତିପ୍ରତି ଜଳୁଛନ୍ତି ? ଚନ୍ଦ୍ରଙ୍କୁ ପଚାରିବେ—ସେ କାହିଁକି ସୁଧାମୟ ଜ୍ୟୋତ୍ସ୍ନାରେ ରାତିର ପୃଥିବୀକୁ ଆହ୍ଲାଦିତ କରନ୍ତି ? ମେଘମାନଙ୍କୁ ପଚାରିବେ—ସେମାନେ କାହିଁକି ସପ୍ତ ସମୁଦ୍ରରୁ ଜଳ ଶୋଷଣ କରି, ପୃଥିବୀ ଉପରେ ବୃଷ୍ଟି ରୂପରେ ଝରି ପଡ଼ୁଛନ୍ତି ? ଫୁଲଟିକୁ ପଚାରିବେ କି—ସେ କାହିଁକି ତାର ରୂପ ରସ ଆଉ ବାସ ଚହଟାଇ ଫୁଟି ରହିଛି ? ଆପଣ ପଚାରି ପାରନ୍ତି । ସେମାନେ କିନ୍ତୁ ଉତ୍ତର ଦେବେ ନାହିଁ । ନୀରବ ରହିବେ । ତା' ମାନେ ନୁହଁ ଯେ ସେମାନେ ଆପଣଙ୍କ ପ୍ରଶ୍ନକୁ ଉପେକ୍ଷା କରୁଛନ୍ତି । ଅସଲ କଥାଟି ହେଲା, ସେମାନେ ଏହାର କି ଉତ୍ତର ଦେବେ ? ଯଦି ନିତାନ୍ତ ଆପଣ ଉତ୍ତର ଚାହାନ୍ତି, ତେବେ ସେମାନଙ୍କର ବିଧାତାକୁ—ଯେ ସେମାନଙ୍କୁ ସୃଷ୍ଟି କରି ଏଇ କାମରେ ନିୟୋଜିତ କରିଛନ୍ତି—ତାଙ୍କୁ ଯାଇ ପଚାରନ୍ତୁ ।

ମୋ କଥା ତ ଜାଣନ୍ତୁ, ଗୋଟିଏ ଦିଗରୁ ସେହିମିତି । ମା' ପେଟରୁ କବିଟିଏ ହୋଇ ଜନ୍ମ ହୋଇଛି । ମାଧୁର୍ଯ୍ୟକର କଳା ନେଇ ଜନ୍ମ ହୋଇଛି । ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞା ନେଇ ଜନ୍ମ ହୋଇଛି । ଖୁବ୍ ତୀବ୍ର ତୀକ୍ଷ୍ଣ ସମ୍ବେଦନଶୀଳ ଜ୍ଞାନେନ୍ଦ୍ରିୟମାନଙ୍କୁ ନେଇ ଜନ୍ମ ହୋଇଛି । ପାଇଛି ମଧ୍ୟ ଅପୂର୍ବ ସୃଜନଶୀଳ କଳ୍ପନାଶକ୍ତି । ଅଣାକାରକୁ ଆକାର ଦେଇ ପ୍ରମୂର୍ତ୍ତ କରିପାରିବାର ଅସାଧାରଣ କ୍ଷମତା । ତେଣୁ ତ ମୁଁହିଁ କେବଳ ଏ ପୃଥିବୀକି ଗଭୀର ଭାବେ ହୃଦୟ ଦେଇ ଦେଖିବି । ଏହା ସଙ୍ଗେ ସମ୍ପୃକ୍ତ ହୋଇ ଏହା'କୁ ଭଲ ପାଇବି । ଏହାର ଗୁଣ-ଦୁର୍ଗୁଣ, ପାପ ପୁଣ୍ୟ, ଉତ୍ଥାନ ପତନ, ସବୁକିଛିକୁ ମୋର ନିଜର ବୋଲି ଭାବିବି । ନିତ୍ୟ ଏହାର ମଙ୍ଗଳ ମନାସିବି । ମୋର ଏହି ପ୍ରିୟ ପୃଥିବୀ ଯେମିତି ବର୍ତ୍ତମାନ ଠାରୁ ଆହୁରି ଟିକିଏ ଅଧିକ ସୁନ୍ଦର ହେଉ, ଆହୁରି ଟିକିଏ ଅଧିକ ମଧୁର ହେଉ, ସହୃଦୟ ହେଉ, ଆଉରି ଟିକିଏ ମହନୀୟ ହେଉ, ଆଉରି ଟିକିଏ ଅଧିକ ସୁସଙ୍ଗତ ହେଉ, ସୁବୋଧ୍ୟ ହେଉ, ଆଲୋକିତ ହେଉ ଏବଂ ସର୍ବୋପରି ଏହାର ସ୍ରଷ୍ଟା ଓ ଲକ୍ଷ୍ୟର ଆଉରି ଟିକିଏ ଅଧିକ ନିକଟବର୍ତ୍ତୀ ହେଉ, ସେଇ କଥାରେ ମୁଁ ଦିନରାତି ଘାରିହେବି । ପୁଣି, ସେହି ଦିଗରେ ଯାହା କିଛି କରିବାର ଥାଏ, ସେ କଥାମାନ କରିବି ମୋ ଦେହାତ ଯାହା ଯେତିକି ହୋଇ ପାରିବ, ସେ କଥାମାନ କରିବି ଏବଂ ସେହି ଦିଗରେ ହଜାର ହଜାର ବର୍ଷ

Digitized by srujanika@gmail.com

ଧରି ଯେଉଁ ମହାନ୍ ମନୀଷୀମାନେ ଯେଉଁ ବାଟରେ ଯେଉଁ ସବୁ ସାଧ୍ୟସାଧନା, ଯନ୍ତ୍ରଣାକ୍ଳାନ୍ତି ଆଉ ସିଦ୍ଧି ଲାଭ କରିଯାଇଛନ୍ତି, ସେମାନଙ୍କର ଗୁଣସବୁ ସୁନ୍ଦର ସୁନ୍ଦର ନିଜ ଭିତରେ ଅନୁକ୍ରମେ ବିକଶିତ ହେଉଥିବ ଏବଂ ଏହାପରେ ମୋ ହୃଦୟରୁ ଯୋଉସବୁ କଥାମାନ ଯୋଉ ପ୍ରକାର ଭାଷା ଆଉ ଛନ୍ଦରେ ସ୍ୱତଃ ସହଜ ଭାବେ ବାହାରି ଆସିବ, ତାକୁ ପାଟିରେ କହିଚାଲିବି । ନ ହେଲେ କଲମ ଧରି ଲେଖି ଚାଲିବି । ମୋର ମନେହୁଏ, ମୁଁ ଯଦି ମୂଳରୁ ସଙ୍ଗୀତଜ୍ଞ ହୋଇଥାନ୍ତି, ତେବେ ବୀଣା ବଜାଇ ଗୀତ ଗାଉଥାନ୍ତି । ଯଦି ଚିତ୍ରକର ହୋଇଥାନ୍ତି, ତେବେ ତୂଳୀ ରଙ୍ଗ ଧରି ଛବି ଆଙ୍କୁଥାନ୍ତି । ଯଦି ଶିଳ୍ପୀ ହୋଇଥାନ୍ତି ନିହାଣ ମୁଗୁର ଧରି ମୂର୍ତ୍ତି ଗଢୁଥାନ୍ତି । କିନ୍ତୁ ମୁଁ ଏକଥା ମଧ୍ୟ ଭାବେ ଯେ, ଆମ ସମସ୍ତେ ସେଇ ଗୋଟିଏ କାମ କରି ଚାଲିଛୁ । କଲମ କଣ ମୋ ହାତର ବୀଣା ନୁହଁ, ନା ମୁଗୁର ନୁହଁ ? ନା ତୂଳି ନୁହେଁ ? ସେମିତି ଶିଳ୍ପୀ ହାତର ନିହାଣ ମୁଗୁର ବି କ'ଣ କଲମ ନୁହଁ ନା ବୀଣା ନୁହଁ ?

ଅପର କଥା ହେଲା "ଗାନ" । ଆମେ ସଙ୍ଗୀତଜ୍ଞ, ଶିଳ୍ପୀ ଓ ଲେଖକମାନେ ସମସ୍ତେ ଏଇ ପୃଥିବୀର ମର୍ମକଥାକୁ ଶୁଣିବା ଲାଗି ସବୁଦା କାନ ପାରି ରହିଛୁ ଓ କିଛି ଶୁଣିବା ମାତ୍ରେଇ ତାକୁ ଅନ୍ୟମାନଙ୍କ ଆଗରେ ଗାଇ ଚାଲିଛୁ । ଏ ପୃଥିବୀର ସବୁ ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ ସବାଶେଷରେ ଗୋଟିଏ "ଗାନ"ରେ ପରିଣତ ହୋଇ ଯାଉଛି । ଗୋଟିଏ ଦିଗରୁ ଦେଖିଲେ ଚିତ୍ରକରର ଛବି ମଧ୍ୟ ଗୋଟିଏ ଗାନମୟ ରୂପ । ଏହି ପ୍ରକାଶମାନ ବିଶ୍ୱର ଯେ ସ୍ରଷ୍ଟା ଯେ ଏ ପୃଥିବୀରେ ସବୁ ଲୀଳାଖେଳାର ସୃଷ୍ଟି କରି ନିଜେ ସେହି ଲୀଳାଖେଳରେ ଆଦିଅନ୍ତ ବ୍ୟାପ୍ତ ରହିଛନ୍ତି, ସେହି ତ ମୋର ଜନ୍ମ ପୂର୍ବରୁ ମାତୃଗର୍ଭରେ ମୋର ସଞ୍ଚାର ମୁହୂର୍ତ୍ତରେ, ମୋ ଭିତରେ ସେହି ସୃଜନ ପ୍ରବୃତ୍ତି, ସେହି ନିତ୍ୟପ୍ରବୃଦ୍ଧ ପ୍ରସ୍ପେଦନାଟି, ସେହି ବିଶେଷ ଧର୍ମଟିର ସଞ୍ଚାର ଦେଇଛନ୍ତି । ମୋର ବିଶ୍ୱାସ, ମୋ ଭିତରେ ସେହି ହିଁ ସେ ଅଲକ୍ଷ୍ୟରେ ଅବସ୍ଥାନ କରି ମତେ ପ୍ରତି ମୁହୂର୍ତ୍ତରେ ଆଦେଶ ଦେଉଛନ୍ତି, ପ୍ରେରଣା ଦେଉଛନ୍ତି --"ଆରେ ! ମୋର ଏଇ ସୃଷ୍ଟିର ଲୀଳାଖେଳାକୁ ହୃଦୟ ଦେଇ ଦେଖ୍—ଏଥି ସହ ଆତ୍ମାରେ ସଂପୃକ୍ତ ହୁଅ । ଆଉ ଶେଷରେ ଯାହକିଛି ଅନୁଭବ କଲୁ, ଯାହା କିଛି ସ୍ୱା'ର ଅର୍ଥ ବୁଝିଲୁ ତାକୁ ନେଇ ଗାନ ଆରମ୍ଭ କର । ତାକୁଇ ବର୍ଣ୍ଣନା କରି ଚାଲ । ତୋତେ ମୁଁ ଶବ୍ଦ ପରେ ଶବ୍ଦ ଯୋଗାଇ ଚାଲିବି, ଅସଂଖ୍ୟ ଛନ୍ଦ ଆଉ ଶୈଳୀର ଭଣ୍ଡାର ତୋ' ଆଗରେ ଖୋଲିଦେବି । ଅସଂଖ୍ୟ ସୁର୍ ମୁଁ ତୋତେ ଧରେଇ ଦେବି । ସେହି ସବୁର ମାଧ୍ୟମରେ ପ୍ରକାଶ କର ମୋର ଏହି ସୃଷ୍ଟିର ଜୀବନଲୀଳାର ରହସ୍ୟମାନଙ୍କୁ ।

Digitized by srujanika@gmail.com

ତାହା ହିଁ ହେବ ତୋର ନିଜର ମଧ୍ୟ ଆତ୍ମପ୍ରକାଶ; ଯାହା ଅବ୍ୟକ୍ତ ମୁଁ ତାକୁ ବ୍ୟକ୍ତ କରୁଛି । କିନ୍ତୁ ମୋର ଏହି ବ୍ୟକ୍ତଲୀଳା ମଧ୍ୟ ଅନ୍ୟ ପାଖରେ ରହସ୍ୟ ହୋଇ ରହି-ଯାଉଛି । ମୁଁ ଈଶ୍ୱର, ତେଣୁ ମୁଁ ଅବ୍ୟକ୍ତର ପ୍ରଜାପତି । ତୁ ମଧ୍ୟ ଜଣେ ମୋର ଭଳି ସ୍ରଷ୍ଟା । ମାତ୍ର ତୁ ହେବୁ ବ୍ୟକ୍ତର ପ୍ରଜାପତି । ତୁ କବି । ତେଣୁ ତୁ ମୋ ବ୍ୟକ୍ତ-ବିଶ୍ୱର ଲୀଳାକୁ ନେଇ ଅନ୍ୟ ଏକ କାବ୍ୟଜଗତ ନିର୍ମାଣ କର ଏବଂ ଏହିସବୁ ଅନ୍ୟ ଲୋକମାନେ ତୋ' ଜଗତର ସାହାଯ୍ୟରେ ମୋ ଜଗତର ମର୍ମକୁ ହୃଦୟଙ୍ଗମ କରିପାରିବେ । ତୁ ହେବୁ ବିଶ୍ୱ ଓ ମୋର ଭିତରେ ବୁଝାମଣାର ସେତୁ ଆଉ ମାଧ୍ୟମ ।

ଏ ଜଗତର ଅନ୍ୟ ମଣିଷମାନେ କେବଳ ବଞ୍ଚନ୍ତି । ବଞ୍ଚି ରହିବାର କୌଶଳମାନ ଆବିଷ୍କାର କରନ୍ତି—ଉଦ୍ଭାବନ କରନ୍ତି । କିନ୍ତୁ ବଞ୍ଚିବାର ବିଚିତ୍ର ଅନୁଭବ ଶକ୍ତି ସେମାନଙ୍କର ନାହିଁ । ସେମାନଙ୍କର ଚିତ୍ତଭୂମି ବିଗଳିତ ହୁଏ ନାହିଁ ଏବଂ ଚିତ୍ତ ବିଗଳିତ ନ ହେଲେ ବଞ୍ଚିବାର ରସବୋଧ ହୁଏ ନାହିଁ । ରସବୋଧ ହିଁ ଆନନ୍ଦ । ଅବିଗଳିତ-ଚିତ୍ତ-ବ୍ୟକ୍ତିମାନେ ସୁଖ ଦୁଃଖ ଭୋଗ କରନ୍ତି । ମାତ୍ର ଆନନ୍ଦବୋଧ କରନ୍ତି ନାହିଁ । ସବୁ ସୁଖ ଦୁଃଖ ଅନୁଭବର ଅତିରିକ୍ତ ଯେ ଆନନ୍ଦବୋଧ ତାହା ଚିତ୍ତର ବିଗଳନ କିମ୍ବା ବିସ୍ତାରଣ ନ ହେଲେ ଆସେ ନାହିଁ । ତେଣୁ ଜୀବନର ଚମତ୍କାରିତା ସେମାନେ କାହୁଁ ବୁଝିବେ ? ସେମାନେ ଜୀବନର ଉପରଭାଗରେ ବାହ୍ୟବିଭବକୁ ନେଇ ବଞ୍ଚିଥାନ୍ତି । ସେମାନଙ୍କ ପାଖରେ ଘଟଣାଗୁଡ଼ିକର ଅର୍ଥ ଧରାପଡ଼େ ନାହିଁ । ସେମାନଙ୍କ ଆଖିରେ ଚରିତ୍ରମାନଙ୍କର ଅନ୍ତଃକରଣ ଦୃଶ୍ୟ ହୁଏ ନାହିଁ । ଭାବମାନେ ମୂର୍ତ୍ତିଧର ସେମାନଙ୍କ ଆଗରେ ଠିଆ ହୋଇଯାନ୍ତି ନାହିଁ । ବରଂ ସେମାନେ—ଯୋଉଠି ହସିବାର କଥା ସେଠି କାନ୍ଦୁଥାନ୍ତି । ଯୋଉଠି କାନ୍ଦିବାର କଥା, ସେଠି ହସୁଥାନ୍ତି । ଯୋଉଠି ଆଗେଇଯିବାର କଥା, ସେଠି ପଛେଇଯାନ୍ତି । ଯୋଉଠି କରୁଣା କରିବା କଥା, ସେଠି ଘୃଣା କରନ୍ତି । ଯାହାକୁ ପ୍ରେମ କରିବା କଥା, ତାକୁ ହିଂସା କରନ୍ତି । ଯୋଉଠି ତ୍ୟାଗ କରିବା କଥା, ସେଠି ଭୋଗ କରିବାକୁ ଉନ୍ମତ୍ତ ହୋଇ ଉଠନ୍ତି । ଏହିଭଳି ସେମାନଙ୍କ ପ୍ରତି ତୋର କର୍ତ୍ତବ୍ୟ ଅଛି । ଜୀବନର ଅସଲ ଭାବଗୁଡ଼ିକୁ ଶବ୍ଦମାନଙ୍କ ଭିତରେ ବିଗ୍ରହବନ୍ତ କରି ସେମାନଙ୍କ ହୃଦୟରେ ସମ୍ପାଦିତ କର—ସମ୍ବେଦିତ କର । ତଦ୍ଦ୍ୱାରା ସେହି ମୂଢ଼ଚେତାମାନଙ୍କର ଚିତ୍ତ ବିଗଳିତ ହେବ—ନତୁବା ବିସ୍ତାରିତ ହେବ । ଏଇ ଉଦ୍ଦେଶ୍ୟରେ ତୁ ଲେଖି ଚାଲ । ତୋର ଲେଖା ଭିତରେ ଏହି ଦ୍ରବୀକରଣ ଶକ୍ତି, ସ୍ଫୀତିକରଣ କ୍ଷମତା ସଜୀବିତ ହୋଇ ରହୁ । ଏ ପୃଥିବୀର ଭୌତିକ ଘଟଣା ଓ ଚରିତ୍ରଗୁଡ଼ିକ ଭାବଗର୍ଭିତ ଶବ୍ଦମାନଙ୍କ ଭିତରେ

Digitized by srujanika@gmail.com

ପୁନର୍ବାର ରୂପାୟନ କର । ମୋର ଏହି କ୍ଷର ପୃଥିବୀର କ୍ଷର ଲୀଳାଖେଳାକୁ ଅକ୍ଷରମୟ କରି ତୋଳିଧର । ତୋର ଚତୁଃପାର୍ଶ୍ୱରେ ଥିବା ଅଭାବୀ ହୃଦୟଗୁଡ଼ିକୁ ଭାବପୂର୍ଣ୍ଣ କରିବା ଲାଗି ତୋର ସାଧନା ଅବ୍ୟାହତ ରହୁ ।

ଏବଂ ବନ୍ଧୁଗଣ ! ସେହି କଥା ହିଁ ତ ମୁଁ କରୁଛି କଲମ ଧରିବା ଦିନୁଁ ଆଜି ପର୍ଯ୍ୟନ୍ତ । ଏ ଜଗତରେ ନରନାରୀମାନେ ଓ ଇତର ପ୍ରାଣୀମାନେ ପ୍ରତି ମୂହୂର୍ତ୍ତିରେ କି ଯେ କାଣ୍ଡକାରଖାନାମାନ ଲଗାଇ ଯାଉଛନ୍ତି ଏବଂ ସେହିସବୁ କାଣ୍ଡକାରଖାନାର ବାହାର ଓ ଭିତର ରୂପକୁ ଅକ୍ଷରନିର୍ମିତ ଶବ୍ଦରାଜିରେ ଧରି ରଖିବାକୁ ମୋର ପ୍ରାଣାନ୍ତକ ଚେଷ୍ଟା ଚାଲିଛି ଜୀବନଯାକ । ଏହା ଗୋଟିଏ ଅତ୍ୟନ୍ତ କଷ୍ଟସାଧ୍ୟ କର୍ମ । ମାତ୍ର ସେହି କଷ୍ଟକର କାର୍ଯ୍ୟଟି ମୁଁ ମୋ କାନ୍ଧରୁ ସ୍ୱେଚ୍ଛାରେ ଖସାଇଦେଇ ପାରିବି ନାହିଁ--ଯେ ପର୍ଯ୍ୟନ୍ତ ମୋର କର୍ତ୍ତା ମୋ ଭିତରେ ରହି ମୋତେ ଏଥିରୁ ଚିରଦିନ ପାଇଁ ଛୁଟି ନ ଦିଅନ୍ତି ବା କବର୍ତ୍ତାଇ ନ ଦିଅନ୍ତି ସେତେଦିନ ଯାଏ ମୁଁ ଲେଖି ଚାଲିଥିବି । କାହାର ନିନ୍ଦା ପ୍ରଶଂସା ଶୁଣିବାକୁ ମୋର ତର ନାହିଁ । ମୋର ମନ, ହୃଦୟ ଓ ଆଖିକାନ ପ୍ରଭୃତି ଜ୍ଞାନେନ୍ଦ୍ରିୟମାନେ ପ୍ରତି ମୁହୂର୍ତ୍ତିରେ ଅନ୍ୟ ଲୋକଙ୍କ କଥା ନେଇ ମାତିଥାନ୍ତି । ଅନ୍ୟ ଲୋକଙ୍କ ସହିତ ଲିପ୍ତଥାନ୍ତି । ଭାବଜଗତର ଅଲିଗଳି ଆଉ ଗଳିକନ୍ଦିରେ ଘୂରି ବୁଲୁଥାନ୍ତି । ସେମାନଙ୍କୁ ନିଜର ଦାବୀ ପାଉଣା କଥା ଭାବିବାକୁ ବା ଫୁରୁସତ କାହିଁ ?

ଏବଂ ଏହି ସମାଜ ହିଁ ତ ଅସଲ, ଏହି ସଂସାରକୁ ନେଇ ଓ ଏହି ସଂସାର ପାଇଁ ତ ମୁଁ ଲେଖେ । ଏପରିକି ଯେତେବେଳେ ମୁଁ ଅନ୍ୟ ଜଗତର କଥାକୁ ନେଇ ମାତିଥାଏ, ଅଥବା ଅନ୍ୟ ଜଗତର କଥା କହୁଥାଏ, ସେତେବେଳେ ବି ମୋର ଏହି ପରିଚିତ ପ୍ରିୟ ସଂସାରଟିର ମଙ୍ଗଳକାମନା ମୋ ଭିତରେ ମୁଖ୍ୟ ଉଦ୍ଦେଶ୍ୟ ହୋଇ ରହିଥାଏ । ଅନ୍ୟ ଜଗତରୁ ଆଲୋକ ଆଣି ଏ ଜଗତର ଲିଭନ୍ତା ଦୀପଗୁଡ଼ିକୁ ଜଳାଇଦିଏ । ଅନ୍ୟ ଜଗତରୁ ସମ୍ପଦ ଆଣି ଏ ଜଗତରେ ବାଣ୍ଟିଦିଏ । ଅନ୍ୟ ଜଗତରୁ ମଧୁ ସଂଗ୍ରହ କରି ଏ ଜଗତର ଭାଣ୍ଡଗୁଡ଼ିକୁ ପୂର୍ଣ୍ଣ କରୁଥାଏ ।

ମୋର ବିଶ୍ୱାସ,ମୁଁ ମୋ ଜୀବନରେ ଯାହା କିଛି ଲେଖେଁ--କିଛି ମିଛ ଲେଖେ ନାହିଁ । ମୋ ମନରୁ ଗୋଟେ କିଛି ଫାନ୍ଦି କରି ଲେଖେ ନାହିଁ । ଜଗତରେ ଯାହା ଘଟେ, ତାହା ମୁଁ ନିଜେ ଅନୁଭବ ନ କରି ଲେଖେ ନାହିଁ । ଆଉ ମଧ୍ୟ ଆମର ଏ ଜଗତରେ ଯାହା ଘଟିବା ଉଚିତ ବୋଲି ମୁଁ ମନେକରେ, ତାହା ବି ମୁଁ ନିଜେ ମୋ ନିଜ ଜୀବନରେ ପ୍ରଥମେ ପ୍ରୟୋଗ ନ କରି ଲେଖେ ନାହିଁ । ମୁଁ ମୋ ଜୀବନରେ ଅନେକ ମିଛ କଥା ପାଟିରେ କହିଛି । କିନ୍ତୁ ଗୋଟିଏ ହେଲେ ବି ମିଛ ଶବ୍ଦ ମୋ

Digitized by srujanika@gmail.com

ଲେଖନୀରୁ ବାହାରି ନାହିଁ । ମୁଁ ଜାଣେ, ମୋ ହାତରେ କଲମ ପଡ଼ିଲେ, ତାହା ମୋ ଆୟତ୍ତରେ ଚାଲେ ନାହିଁ, କଲମର ଆୟତ୍ତରେ ମୁଁ ଚାଲେ । ମୋ କଲମ ମୋ ଅହଙ୍କାରକୁ ପ୍ରଶ୍ରୟ ଦିଏ ନାହିଁ । ତାର ଘନିଷ୍ଠ ସମ୍ପର୍କ ମୋର ଆତ୍ମା ସହିତ— ଅଥବା ମୋ ଭିତରର ଶିଳ୍ପୀସତ୍ତାଟି ସହିତ । ସେଇଥିପାଇଁ ତ ମୋ କଲମର ଆଗପଛ ବିଚାର ନାହିଁ । ମୋ କଲମ କାହାକୁ ଡରେନାହିଁ । କୌଣସି ସଙ୍କଟରେ ସଙ୍କୁଚିତ ଯାଏ ନାହିଁ । ବୁଲେଇ ବଙ୍କେଇ କହେ ନାହିଁ, ଯାହା କହେ, ସିଧା କହେ । କିନ୍ତୁ ତା ହେଲେ ବି ରୁଚିସମ୍ମତ କରି କହେ । କଳାସମ୍ମତ ବାକ୍ୟ କହେ ।

ଏ ଜଗତରେ ପ୍ରକୃତ ସତ୍ୟଟି କ'ଣ, ଯଥାର୍ଥ ସୌନ୍ଦର୍ଯ୍ୟଟି କ'ଣ ଓ ଯଥାର୍ଥ ମଙ୍ଗଳଟି ମଧ୍ୟ କଣ ଏବଂ ଏସବୁକୁ କେଉଁଠି କିପରି ଠାବ କରିହେବ ସେ ଦିଗରେ ମୁଁ ମୋ ନିଜ ଜୀବନକୁ ବାସ୍ତବ କ୍ଷେତ୍ରରେ ନିୟତ ନିୟୋଜିତ ରଖିଥାଏ । ମୋର ଧାରଣା ଜଣେ ସତ୍ ଲେଖକ ବିଶେଷତଃ କଥାକାର, ଏକାଧାରରେ ଭୋଗୀ ଓ ଯୋଗୀ—ଅନୁରାଗୀ ଓ ବୈରାଗୀ । ଏକାଧାରରେ ପୁଣି ମୂକ ଓ ବାଚାଳ । ସତ୍ ଲେଖକଟିଏ ନିଜ ଭିତରେ ଖୁବ୍ ନୀରବ, ଧ୍ୟାନଶୀଳ । ସେଥିଯୋଗୁଁ ତାର କଲମ ଅଗରୁ ଶବ୍ଦ ଓ ବାକ୍ୟମାନ ଅନର୍ଗଳ ବୃଷ୍ଟି ହେଉଥାନ୍ତି । ପୃଷ୍ଠଭୂମିରେ ଧୀର ସ୍ଥିର ନୀରବ ଗମ୍ଭୀର ଉଦାର ଆକାଶଟିଏ ଅଛି ବୋଲି ସିନା ମେଘମାନେ ଏମିତି ବର୍ଷା ଗାଳୁଥାନ୍ତି !

'ସତ୍ୟ'' ପଛରେ ଧାଇଁଲାବେଳେ ମୁଁ ଜଣେ ଦାର୍ଶନିକ ଓ ଯୋଗୀ । ଶିବ ବା ମଙ୍ଗଳ ପଛରେ ଧାଇଁଲାବେଳେ ମୁଁ ଜଣେ କର୍ମୀ ଓ ସୁନ୍ଦର ପଛରେ ଧାଇଁଲାବେଳେ ମୁଁ ଜଣେ ପ୍ରେମୀ ଏବଂ ମହତ୍ତ୍ୱ ପଛରେ ଧାଇଁଲାବେଳେ ମୁଁ ଜଣେ ଭକ୍ତ । ତେଣୁ ମୋର ଲେଖା ଭିତରେ ନିଶ୍ଚୟ ଜ୍ଞାନ, କର୍ମ, ପ୍ରେମ ଓ ଭକ୍ତିର ଉପାଦାନ ରହିଥିବ—ସେଥିଲାଗି ପ୍ରେରଣା ମଧ୍ୟ ରହିଥିବ ।

ମୁଁ ମଧ୍ୟ ନିଧାର୍ଯ୍ୟ ଭାବେ ସମାଜ-ସଚେତନ । ମୁଁ ମୋର ନିକଟତମ ସମାଜକୁ ଉନ୍ନତ କରିବା ଲାଗି ବହୁ ସାମାଜିକ ଦାୟିତ୍ୱ ମୁଣ୍ଡକୁ ନେଇଥାଏ । ଓ ମତେ ସେଥିପାଇଁ ବହୁ ସମୟ ବ୍ୟୟ କରିବାକୁ ହୁଏ ! ଗୋଟିଏ ଦୃଷ୍ଟିରୁ ଦେଖିଲେ ମୁଁ ପରିବାରଠାରୁ ଆରମ୍ଭ କରି ଦେଶ ପର୍ଯ୍ୟନ୍ତ ସବୁରି ସଙ୍ଗେ ନିଜକୁ ବହୁ ସମ୍ବନ୍ଧରେ ବାନ୍ଧି ରଖିଥାଏ ଏବଂ ମୋର ସାମାଜିକ ମୂଲ୍ୟବୋଧ ଆହତ ହେଲେ ମୋର ଲେଖନୀ ବେଳେବେଳେ ଖୁବ୍ ତୀବ୍ର ଭାବେ ବ୍ୟଙ୍ଗ ବିଦ୍ରୂପମୟ ହୋଇଯାଏ । କିନ୍ତୁ ମୁଁ ମୋ ନିଜ ଭିତରେ ବଡ଼ ଏକୁଟିଆ ଉଦାସୀ ବ୍ୟକ୍ତିଟିଏ । ମୋ ଭିତରର ସବୁଠାରୁ ନିଃଶବ୍ଦ ଅଗଣା ଭିତରେ ମୁଁ ଏକାକୀ ମହାଶୂନ୍ୟକୁ ଚାହିଁ ଚୁପ୍‌ଚାପ୍

Digitized by srujanika@gmail.com

ବସିଥାଏ । ତା' ଭିତରକୁ କେହି ପ୍ରବେଶ କରିପାରନ୍ତି ନାହିଁ । ମୁଁ ମୋର ଭଗବାନଙ୍କୁ ମଧ୍ୟ ସେଠାରେ ଅକାଳେ ସକାଳେ ଅତର୍କିତ ଭାବରେ ପ୍ରବେଶ କରିବାକୁ ମନାକରି ଦେଇଥାଏ । ଏହି ଏକୁଟିଆପଣ ଯୋଗୁଁ ମୋର ଆତ୍ମମର୍ଯ୍ୟାଦା ଖୁବ୍ ତୀବ୍ର ଆଉ ଗଭୀର । ମୁଁ ମୋର ଲେଖା ଭିତରେ ପ୍ରତିଟି ଚରିତ୍ରକୁ ବ୍ୟକ୍ତି ହିସାବରେ ଯଥେଷ୍ଟ ମର୍ଯ୍ୟାଦା ଦିଏ । ସମାଜକୁ ସବୁବେଳେ ବ୍ୟକ୍ତିର ମୁଣ୍ଡ ଉପରେ ଚାପି ଦିଏ ନାହିଁ ବା ସମାଜ ପାଖେ ବ୍ୟକ୍ତିକୁ ବଳି ଦିଏ ନାହିଁ । କିନ୍ତୁ ଆପଣମାନେ ଲକ୍ଷ୍ୟ କରିବେ—ମୋର ଲେଖା ଭିତରେ ସବୁ ଚରିତ୍ର ସମାଜ ସଙ୍ଗେ ସ୍ୱାଧୀନଭାବେ ପ୍ରେମରେ ଛନ୍ଦାଛନ୍ଦି । ମୁଁ ଗୋଟାଏ ରାଜନୈତିକ ରାଷ୍ଟ୍ର ଉପରେ ବିଶ୍ୱାସ କରେ ନାହିଁ । ମୋର ଧାରଣା ରାଜନୈତିକ ରାଷ୍ଟ୍ର ଗୋଟାଏ ଅହଂକାରୀ ପ୍ରମତ୍ତ ଆସୁରିକ ଶକ୍ତି । ତାହା ଗଣତାନ୍ତ୍ରିକ ରାଷ୍ଟ୍ର ହେଉ ବା କମ୍ୟୁନିଷ୍ଟ ରାଷ୍ଟ୍ର ହେଉ, ମୁଁ ସାଂସ୍କୃତିକ ରାଷ୍ଟ୍ର ଗଠନର ପକ୍ଷପାତୀ । ସେଥିପାଇଁ ମୋର ସହୃଦୟ କ୍ରିଟିକ୍‌ମାନେ ମୋ ଲେଖା ଭିତରୁ ବ୍ୟକ୍ତିଚେତନା ଓ ସମାଜଚେତନା ଏକ ଉଦାର ପ୍ରେମମୟ ମିଳନ ଲକ୍ଷ୍ୟ କରିଥାନ୍ତି ।

ସେହିପରି ମଧ୍ୟ ମୋତେ ବହୁ ସମୟରେ ଜୀବନର ରସକାଣ୍ଡ ପୃଥକ୍ ହୋଇ ଦିଶେ ନାହିଁ । ପାପପୁଣ୍ୟ ଅଲଗା ଅଲଗା ହୋଇ ଦିଶେ ନାହିଁ । ଜୀବପରମଙ୍କ ଲୀଳା ନରନାରୀଙ୍କ ମିଥୁନ ଲୀଳା ଭଳି ଦୃଶ୍ୟ ହୁଏ । ବାସ୍ତବ ଓ ସ୍ୱପ୍ନ ମିଶିମାଶି ଗୋଟିଏ ସତ୍ୟପ୍ରାୟ ପ୍ରତିଭାତ ହୁଏ । ଦେହ ଓ ଆତ୍ମା ଗୋଟିଏ ବେଦୀରେ ଯଜ୍ଞରତ ହେଲାଭଳି ଓ ଏକାଇ ଦେବତା ଉଦ୍ଦେଶ୍ୟରେ ବହନ କଲାଭଳି ଦେଖାଯାନ୍ତି । ଏବଂ ମୋର ବୁଦ୍ଧିମାନ କ୍ରିଟିକ୍‌ମାନେ ମୋର ଲେଖା ଭିତରୁ ଏଇ ସତ୍ୟଟି ଉଦ୍‌ଘାଟନ କରିଥାନ୍ତି ଦେଖି ମୁଁ ଆଶ୍ୱସ୍ତ ହୁଏ । ମୁଁ ମୋର ଦେଶ ସଙ୍ଗେ ମୋର ପ୍ରଦେଶଟିକୁ ଅତ୍ୟନ୍ତ ଭଲପାଏ । ମୋର ଓଡ଼ିଆ ଜାତି ଏବଂ ତାର ଐତିହ୍ୟକୁ ଗଭୀର ଭାବେ ଶ୍ରଦ୍ଧା କରେ ଏବଂ ଏ ଜାତିର ଭବିଷ୍ୟତ ଉପରେ ମୁଁ ଖୁବ୍ ଆସ୍ଥାବାନ । ମୁଁ ଯାହା କିଛି ଲେଖେ ମୋ ମାତୃଭାଷାରେ ଇ ଲେଖେ । ମୁଁ ମୋର ମାତୃଭାଷାଟିକୁ ଭଲଭାବେ ଅଧ୍ୟୟନ କରିଛି ଏବଂ ଏହି ମୋର ପ୍ରିୟତମ ଭାଷାଟିକୁ ଜୀବନସାରା ଭଲ ଭାବେ ଶିଖିବି ବୋଲି ମୁଁ ଆଉ କୋଉ ଭାଷାକୁ ପାରଙ୍ଗମ ହେଲାଭଳି ଶିଖିଲି ନାହିଁ । ମୋର ମଧ୍ୟ ସେଥିଲାଗି ଆଗ୍ରହ ନାହିଁ କି ସମୟ ନାହିଁ । ଉଦାହରଣ ସ୍ୱରୂପ ମୋର ଇଂରାଜୀ ଓ ବଙ୍ଗଳାଭାଷା, ସାହିତ୍ୟରେ ଜ୍ଞାନ କିଛି କମ୍ ନୁହେଁ ଏବଂ ସେହି ଭାଷା ଦୁଇଟି ମାଧ୍ୟମରେ ହିଁ ମୁଁ ଉଚ୍ଚାଙ୍ଗ ସାହିତ୍ୟ, ଇତିହାସ, ଦର୍ଶନ, ମନସ୍ତତ୍ତ୍ୱ ବିଜ୍ଞାନ, ସମାଜତତ୍ତ୍ୱ ଓ ଧର୍ମଗ୍ରନ୍ଥାଦି ଅଧ୍ୟୟନ କରିଛି । ସେ ଭାଷାରେ ଲିଖିତ ବହୁ ଉନ୍ନତ ଲେଖା ମୁଁ ଓଡ଼ିଆରେ ଅନୁବାଦ କରିଛି । କିନ୍ତୁ ମତେ ଇଂରାଜୀରେ ଦିଶ ଧାଡ଼ି କଥା କହି ଆସେ ନାହିଁ—କି ଲେଖି ମଧ୍ୟ ଆସେ ନାହିଁ । ତାର କାରଣ,

Digitized by srujanika@gmail.com

ମୋର ସାରସ୍ୱତ ଜୀବନ ମୁଁ କେବଳ ଓଡ଼ିଆ ଭାଷାରେ ସର୍ବୋତ୍ତମ ଅଭିବ୍ୟକ୍ତି ଲାଗି ସାଧନା କରି ଆସିଲି । ଏବଂ ମୋର ଏହି ପ୍ରାଚୀନ ସମୃଦ୍ଧ ଭାଷାର ବହୁ ବିଚିତ୍ର ବର୍ଣ୍ଣାଢ଼୍ୟ ଗମ୍ଭୀର ଧ୍ୱନି ବ୍ୟଞ୍ଜନାମୟ ବାକ୍ୟ ଶୈଳୀଗୁଡ଼ିକୁ ସଂଗ୍ରହ କରିବାରେ, ଆବିଷ୍କାର କରିବାରେ ଓ ନୂତନ ଭାବେ ସୃଷ୍ଟି କରିବାରେ ମୋର ସମସ୍ତ ସମୟ ଓ ଆଗ୍ରହ ବ୍ୟସ୍ତ କଲି । ସେଇଥିପାଇଁ ତ ମୋର କ୍ରମଶଃ ମୋ ବିଷୟରେ ଗୋଟିଏ ଧାରଣା ଦୃଢ଼ ହୋଇ-ଯାଇଛି ଯେ ମୋର ସମସାମୟିକ କୌଣସି ପ୍ରତିଭାବାନ ଗଦ୍ୟ ଲେଖକ ମୋ ଭଳି ଗଦ୍ୟରେ ଏତେ ବିଚିତ୍ର ବନ୍ଧ ବାକ୍ୟଶୈଳୀ ସୃଷ୍ଟି କରି ନାହାନ୍ତି । ଆଉ ମଧ୍ୟ ଏତେ ବିଭିନ୍ନ ସୁରରେ ଏତେ ବିଭିନ୍ନ ଭାବ ବା ଅନୁଭୂତି କେହି ପ୍ରକାଶ କରିନାହାନ୍ତି । ମୁଁ ତ କେବଳ ଗଳ୍ପ ଉପନ୍ୟାସ ଲେଖିନାହିଁ, ବହୁ ରମ୍ୟରଚନା ଲେଖିଛି, ପ୍ରବନ୍ଧ ଲେଖିଛି, ନିବନ୍ଧ ଲେଖିଛି, ସମାଲୋଚନା ଲେଖିଛି, କାବ୍ୟିକ ଗଦ୍ୟ ଲେଖିଛି, ସାମାଜିକ ଓ ରାଜନୈତିକ ସମସ୍ୟାଗୁଡ଼ିକ ନେଇ ସାମାଜିକୀଶୈଳୀରେ ବହୁ ରଚନା ଲେଖିଛି । କିନ୍ତୁ ମୋର ଗୋଟିଏ ଲେଖା ଗୋଟିଏ ଲେଖାଠାରୁ ରଚନାଶୈଳୀରେ ଦୃଶ୍ୟମାନ ଭାବେ ପୃଥକ୍ । ରଚନାଶୈଳୀରେ ଏହି ବିଚିତ୍ର ବିଭିନ୍ନତା ମୋର ନିଜ ଜୀବନଚର୍ଯ୍ୟାର ବିଚିତ୍ର ବିଭିନ୍ନ ସ୍ତର ଯୋଗୁ ସମ୍ଭବ ହୋଇଛି ।

ଆଉ ଗୋଟିଏ କଥା ମୁଁ ଦୃଢ଼ ଭାବେ କହିପାରେ । ତା'ହେଲା—ମୁଁ ଲେଖେ କେବଳ ମୋର ଓଡ଼ିଆଭାଷୀ ଭାଇଭଉଣୀମାନଙ୍କ ପାଇଁ । ସେମାନଙ୍କ ମନର କଥାକୁ ମୁଁ ଯଦି ମୋର ମାତୃଭାଷାରେ ବ୍ୟକ୍ତ କରିପାରିଛି ବୋଲି ଓ ସେମାନଙ୍କ ହୃଦୟ ମନକୁ ସ୍ପର୍ଶ କରି ପାରିଛି ବୋଲି, ସେମାନେ ମୋତେ ସାର୍ଟିଫିକେଟ ଦିଅନ୍ତି, ତା ହେଲେ ମୁଁ ନିଜକୁ କୃତାର୍ଥ ମନେକରେ । ମୋ ଲେଖା ହିନ୍ଦୀରେ ଅନୂଦିତ ହୋଇ ସର୍ବଭାରତୀୟ ଦୃଷ୍ଟି ଆକର୍ଷଣ କରୁ କିମ୍ବା ଇଂରାଜୀରେ ଅନୂଦିତ ହୋଇ ଆନ୍ତର୍ଜାତିକ ଦୃଷ୍ଟି ଆକର୍ଷଣ କରୁ, ସେ ବ୍ୟାପାରରେ ମୋର ତିଳାର୍କ ଆଗ୍ରହ ନାହିଁ । ସବୁରି ବି ନାହିଁ । ଅବଶ୍ୟ କିଏ ମୋର ଲେଖା କୋଉ ଭାଷାରେ ସ୍ୱତଃପ୍ରବୃତ୍ତ ହୋଇ ଅନୁବାଦ କଲେ ମୋର ଆପତ୍ତି ନାହିଁ । କିନ୍ତୁ ସର୍ବଭାରତୀୟ ବା ଆନ୍ତର୍ଜାତିକ ପାଠକଗୋଷ୍ଠୀ ପ୍ରତି ମୋର ଗରଜ ନାହିଁ—କି ସେମାନଙ୍କ ପ୍ରଶଂସା ଶୁଣିବାକୁ ମୁଁ ଉତ୍କର୍ଣ୍ଣ ନୁହେଁ । ମାତ୍ର ମୋର ଜାତିଭାଇମାନଙ୍କୁ ମୋର ପ୍ରତିଟି ବାକ୍ୟ ଶୁଣାଇବା ଲାଗି ଓ ସେମାନଙ୍କଠାରୁ ଅଭିମତ ଶୁଣିବା ଲାଗି ମୁଁ ସର୍ବଦା ବ୍ୟଗ୍ର ଓ ଚେଷ୍ଟିତ ।

ଜଣେ ଲେଖକ ହିସାବରେ ମୁଁ ନିଜକୁ ଜଣେ ଶ୍ରମିକ ବା କୃଷୀ ଭଳି ମନେ କରେ । ମୁ କେବଳ ମନ ଭୁଲା ଗୀତ ଗାଇ ବା ମନୋରଞ୍ଜନ କଥକତା କରି

Digitized by srujanika@gmail.com

ସମସ୍ତ କାଟେ ନାହିଁ । ମୋ ପିଲାଦିନେ ଆମ ଗାଁ ଚଇତି ଘୋଡ଼ାନାଟ ସମ୍ପ୍ରଦାୟର ରାଉତ ବୁଢ଼ା ଗାଉଥିବା ପଦଏ ଦାଇକା ଗୀତ ମୋର ସବୁବେଳେ ମନେଥାଏ । ତାହା ହେଲା—

"ବାଟରେ ମାଇଲି ବୋଡ଼ା
(ଆରେ, ବାଡ଼ରେ ଲଗିଛୁ ଖଡ଼ା)
ରାତିରେ ନାଚଏ ଚଇତି ଘୋଡ଼ା
ସାଆନ୍ତେ ହୋ ! ଦିନରେ କୁଟଇ ଚୁଡ଼ା ।"

ଏହି ପଦଟି ପ୍ରତି ମୋର ଶିଳ୍ପୀଆତ୍ମାର ଗଭୀର ସମର୍ଥନ ରହିଛି । ମୁଁ ଗୋଟିଏ କେବଳ ଲେଟସ୍‌ଭ୍ରୁକ୍ ସ୍ୱପ୍ନବିଳାସୀ ଖାମ୍‌ଖେୟାଲି କବିଟିଏ ନୁହଁ । କବିତାଟିଏ ଗାଇବ ବୋଲି ବା କଥାଟିଏ କହିବ ବୋଲି ମୁଁ ସମାଜଠାରୁ ତାର ଆର୍ଥିକ ମୂଲ୍ୟ ଦାବୀ କରେ ନାହିଁ । ସ୍ୱତନ୍ତ୍ର ସମ୍ମାନ ମଧ୍ୟ ଦାବୀ କରେ ନାହିଁ । ମୁଁ ମୋର ଓ ମୋ ପରିବାରର ପେଟ ପାଟଣା ଲାଗି ଦିନସାରା କାୟିକ ଓ ମାନସିକ ଶ୍ରମ କରୁଥାଏ । କିନ୍ତୁ ମୋ ପାଇଁ ରାତିଟି ହେଲା ଅନୁଭବମୟ । ମୁଁ ରାତିରେ ଶୁଏ ନାହିଁ । ମୋ ଆଖିରେ ନିଦ ନ ଥାଏ । ମୋ ପ୍ରକୃତି ପିଲାଦିନୁଁ ଏମିତି ଯେ ରାତି ହେଲେ ମୋତେ ଉଚ୍ଚାଟ ଲାଗେ । ସାରାରାତି ମୋତେ ନିଶା ଖାଇଲା ଭଳି ବୋଧହୁଏ । ରାତିକୁ 'ନିଶା' ବୋଲି କାହିଁକି କହନ୍ତି କେଜାଣି ? ଏଇ ରାତିରେଇ ମୋର ଅନ୍ତର୍ଦୃଷ୍ଟି ଖୋଲିଯାଏ । ଭବଜଗତର ରହସ୍ୟ ପରଦା ଖୋଲି ଖୋଲିଯାଏ । ଏଇ ରାତିରେ ହିଁ ଜୀବନର ବହୁ ରହସ୍ୟ ରସମୟ ଅର୍ଥ ବହନ କରି ଶବ୍ଦମାନଙ୍କ ଭିତରେ ବିଗ୍ରହବନ୍ତ ହୋଇଉଠନ୍ତି । ଗୋଟିଏ କଥା ସଙ୍ଗେ ଆଉ ଗୋଟିଏ କଥା ଯୋଡ଼ି ହୋଇଯାଏ । ଗୋଟିଏ ଚରିତ୍ର ସଙ୍ଗେ ଆଉ ଗୋଟିଏ ଚରିତ୍ର ସାଙ୍ଗ ହୋଇ ଆସେ । ଗୋଟିଏ ଘଟଣା ସଙ୍ଗେ ଆଉ ଗୋଟିଏ ଘଟଣାର ଯୋଗସୂତ୍ର ମିଳିଯାଏ । ମୋତେ ଲାଗେ ଯେପରିକି ମୁଁ ଭୂତଗ୍ରସ୍ତ ହୋଇଛି । ଅଥବା ମତେ କାଳେଜୀ ଲାଗିଛି କିମ୍ବା କିଏ ସବୁ ଅଶରୀରୀ-ସତ୍ତାମାନ ମୋ ଉପରେ ସବାର ହୋଇ ଯାଇଛନ୍ତି । ମୋ ଭିତରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏକାଠି ଗୋଳ ହୋଇଯାଏ ।

ମାତ୍ର ତଥାପି ମୁଁ ମୋର ସମସ୍ତ ଅନୁଭୂତିକୁ ମୋର କଲମ ମୁନରେ ଶବ୍ଦ-ସମର୍ପିତ କରିପାରେ ନାହିଁ । କଣ ଲେଖିବି, କିପରି ଲେଖିବି ତାହା ନିଜେ ସ୍ଥିର କରିପାରେ ନାହିଁ । ମୋର ମନେ ହୁଏ ଆମର ଆଦିକବି ଶୂଦ୍ରମୁନି ସାରଳା ଦାସ ଠିକ୍ କହିଛନ୍ତି—

Digitized by srujanika@gmail.com

"ଶିଶୁ ବୁଦ୍ଧି ମୋହର ବୟସ ଅଳପଟି
ବୁଝାନେ ବସିଲି, ନ ବସିଲି ବିପ୍ରଗୋଷ୍ଠୀ
ଆହେ ସୁଜ୍ଞଜନେ ମୋତେ ଯେ ଯାହା କହଇ
ଅରୁଣ ଉଦୟ କାଳେ ମୁଁ ତାହା ଲେଖଇ ।"

ମତେ ତ ଲାଗୁଛି କଡାନ୍ତ ମତକଥା ଏ । ମୁଁ ଯେତେବେଳେ ଭାବଜଗତରେ ବୁଲୁଥାଏ, ମତେ ବୋଧ ହୁଏ ମୁଁ ରାତିରେ ହିଁ ଅଧାନିଦ, ଅଧାଜାଗ୍ରତ ଅବସ୍ଥାରେ ରହି ସବୁକଥା ଦେଖୁଛି ଓ ଅନୁଭବ କରୁଛି । ମାତ୍ର ମୋତେ ଯେତେବେଳେ ଲେଖିବାକୁ ପ୍ରେରଣା ଆସେ, ମତେ ଲାଗେ ଯେପରିକି ମୋ ଭିତରଟା ଫାଙ୍କା ହୋଇ ଆସୁଛି । ସତକୁ ସତ ଅରୁଣୋଦୟ ହୋଇ ଆସୁଛି ଏବଂ ମୋ ଭିତରେ କିଏ ଜଣେ ଲୁଚିରହି ମତେ ଯେପରି ମତେ କଣ ଲେଖିବାକୁ ହେବ ଡାକ ଯାଉଛି ଓ ମୋର କଲମ ତାକୁ ସ୍ୱଚ୍ଛନ୍ଦରେ ଲେଖିଚାଲିଛି । ମୋ ଭିତରେ ରହି କିଏ ସେ ମୋତେ କୃପାକରି ପଦମାନ ଡାକଯାନ୍ତି ? ପଙ୍କଜବାସିନୀ ଦେବୀ ଉତ୍କଳ ଭାରତୀ ମା' ସାରଳା କି ? କେଜାଣି ? ହୋଇଥାଇ ପାରନ୍ତି କାରଣ ଓଡ଼ିଆ ଭାଷା ଓ ସାହିତ୍ୟର ଅଧିଷ୍ଠାତ୍ରୀ ଦେବୀ ସେ । ଏ ଭାଷା ଓ ସାହିତ୍ୟକୁ ବଞ୍ଚାଇ ରଖିବାର, ପରିପୁଷ୍ଟ କରିବାର ଦାୟିତ୍ୱ ତାଙ୍କର ଏକା । ତା' ନ ହେଲେ ହଳଯାକ ହଳ ବୁଲାଇ ପେଟ ପୋଷୁଥିବା ମୂର୍ଖ ସିଦ୍ଧେଶ୍ୱର ପରିଡ଼ା ଅଠରଖଣ୍ଡ ଭାରତ ଲେଖି ଓଡ଼ିଆ ଭାଷାର ଆଦିକବି ସାରଳା ଦାସ ହୋଇଥାନ୍ତେ କିପରି ? ମା' ସାରଳାଙ୍କ କୃପା ବିନା ? କଥା ଏଇଆ । ଆମ ସମସ୍ତଙ୍କ କଥା ମଧ୍ୟ ଏଇଆ ଏବଂ ଏହିପରି ।

ସୁଧୀବୃନ୍ଦ ! ମୁଁ କାହିଁକି ଲେଖେଁ—ଏ ପ୍ରଶ୍ନର ଉତ୍ତର ଦେବାକୁ ବସି ନ ଥିଲି । ମାତ୍ର ଯାହାସବୁ ବାଗ୍‌ଲଙ୍କ ପରି ନିଜ ବିଷୟରେ ମୁଁ ଗପିଗଲି, ସେଥିରୁ ଯଦି ଆପଣମାନେ ଆପଣଙ୍କ ପ୍ରଶ୍ନର ଉତ୍ତର ପାଇଯାନ୍ତି, ତେବେ ଉତ୍ତମ କଥା ! ନ ପାଇଲେ କିନ୍ତୁ ମୋର ଆଉ ଗତି ନାହିଁ । ଏ ପ୍ରସଙ୍ଗରେ ମୁଁ ମୋର ପତ୍ନୀଙ୍କର ବକ୍ତବ୍ୟ ଉଦ୍ଧାର କରୁଛି । ସର୍ବଦା ଗୃହକର୍ମନିରତା, ମୋ ସଂସାରର ସମ୍ପୂର୍ଣ୍ଣ ଜଞ୍ଜାଳ ଓ ଦାୟିତ୍ୱ ବହନକାରିଣୀ ମୋର ପ୍ରିୟତମା ପତ୍ନୀ ଶ୍ରୀମତୀ ପ୍ରସନ୍ନକୁମାରୀ ଦେବୀ ମୋର ଲେଖକ ଜୀବନ ଉପରେ ମନ୍ତବ୍ୟ ଦେଇ କହନ୍ତି—ତୁମ ଦେହାତ ଆଉ କିଛି ହୋଇପାରିବ ନାହିଁ । ତେଣୁ ତୁମେ ବସିବସି ଖାଲି ଲେଖି ଚାଲିଛ । ମୁଁ ପଚାରେ— ଆଚ୍ଛା, ତଦ୍ୱାରା ମୁଁ କିଛି ଭୁଲ କରୁଛି କି ? ସେ କହନ୍ତି—ନା ! ଲେଖିବା ଅବଶ୍ୟ ମନ୍ଦ କାର୍ଯ୍ୟ ନୁହେଁ । କିନ୍ତୁ ତା'ଠାରୁ ଢେର ଢେର ଭଲ କାମ ଅଛି । ମୁଁ ପଚାରେ—ଯଥା ? ସେ କହନ୍ତି ଷେପେଇ କରିବା, ସିଲେଇ କରିବା, ବଜାର କରିବା, ଲୁଗାପଟା ସଫା କରିବା, ଝିଅର କରିବା, ଜୋତା ସଫାକରିବା,

Digitized by srujanika@gmail.com

ଗୃହବାସ କରିବା ଇତ୍ୟାଦି ଇତ୍ୟାଦି । ମୁଁ ଏକଥା ଶୁଣି ଚୁପ୍ ରହେ । କାରଣ ମୋର ମଧ୍ୟ ଧାରଣା ଯେ କେବଳ ଲେଖିବାଟା ଗୋଟେ ଆଦୌ କାର୍ଯ୍ୟ ପଦବାଚ୍ୟ ନୁହେଁ । ତାହା ଗୀତ ଗାଇବା ପର୍ଯ୍ୟାୟର ବ୍ୟାପାର । ଯୋଉ ଲୋକ କେବଳ ଲେଖୁଥାଏ--ସେ ଗୋଟାଏ ବୁଦ୍ଧୁବକ୍ କିମ୍ବା ଦାୟିତ୍ୱହୀନ କର୍ମକୁଣ୍ଠ ଲୋକ । ତେଣୁ ମୋ ବିଷୟରେ ମୋ ସ୍ତ୍ରୀଙ୍କର ବକ୍ତବ୍ୟର ପ୍ରଥମ ଭାଗଟି ସତ୍ୟ ନୁହେଁ । ମୋତେ ସବୁକାମ ଆସେ । ହଳ ବୁଲାଇବାଠାରୁ ଜୋତା ସଫା ପର୍ଯ୍ୟନ୍ତ ଏବଂ ବହୁକାର୍ଯ୍ୟ ମଧ୍ୟ ମୁଁ କରେ । ମୋ ପକ୍ଷରେ ଲେଖା ବ୍ୟାପାରଟି ଏକ ସୃଜନଶୀଳ ଅବସର ବିନୋଦନ । ଲେଖାଲେଖି ବ୍ୟାପାରକୁ ଥୋକାଏ ସାଧନା ବା ତପସ୍ୟା ବୋଲି କାହିଁକି କହନ୍ତି କେଜାଣି ! ମୁଁ ତ ଭାବେ ଲେଖାଲେଖି ଆଦୌ ସାଧନା ବା ତପସ୍ୟା ହୋଇ ନପାରେ । ବରଂ ଜଣେ ଲେଖକ ତାର ଜୀବନକୁ ମୃତ୍ୟୁ ପର୍ଯ୍ୟନ୍ତ ଯଦି ସାହିତ୍ୟିକ କରି ରଖିପାରିଲା -- ତା'ହେଲେ ସେଇଟାଇ ହେବ ତାର ଜୀବନ-ସାଧନା । ଧନପାକ ଚୂଡ଼ା କୁଟୁଥିବା ଓ ମାଛ ମାରୁଥିବା ସେଇ କେଉଟଟି ।

ସୁଧୀବୃନ୍ଦ ! ମୋର ଲେଖକ ଜୀବନ ସମ୍ବନ୍ଧେ ଶେଷ କଥାଟି କହିଦେଇ ମୁଁ ଏଥର ବିଦାୟ ନେବି । ଏହି ଲେଖାଟି ବର୍ତ୍ତମାନ ରାତି ଅନିଦ୍ରା ହୋଇ ଲେଖିଲି ବେଳକୁ ମନେ ବର୍ତ୍ତମାନ ଚଉବନ ବର୍ଷ ବୟସ ଗୋଟିକ ଗଡ଼ରେ ଚାଲିଛି—ଚାଲିଛି ତ ନୁହଁ, ଦଉଡ଼ୁଛି । ମୋ ଜୀବନ ବହୁ ଝଡ଼ଝଞ୍ଜାରେ ସମାକୀର୍ଣ୍ଣ ଏବଂ ବହୁ ବିଚିତ୍ର ଅନୁଭବମୟ ଅଭିଜ୍ଞତାରେ ରସବନ୍ତ, ସମୃଦ୍ଧ ଓ ବର୍ଣ୍ଣାଢ୍ୟ । କିନ୍ତୁ ଏହି ସଂସାରରେ ବହୁ ଲୋକ ମଧ୍ୟ ମୋରି ଭଳି ଅଭିଜ୍ଞତା ପାଇଥିବେ, କିନ୍ତୁ ସେହି ସବୁ ସ୍ୱାର୍ଥସଙ୍ଘ ଅଭିଜ୍ଞତାରୁ ସାହିତ୍ୟ ସୃଷ୍ଟି ହୁଏ ନାହିଁ । ଭାବପ୍ରଧାନ ଅଭିଜ୍ଞତା ହିଁ ସାହିତ୍ୟିକ ଲାଗି ଯଥାର୍ଥ ଅଭିଜ୍ଞତା । ଏ ସଂସାର ସଂଗେ କିଏ କୋଉ ପ୍ରକାରରେ ସଂପର୍କିତ ମାତ୍ର ସାହିତ୍ୟିକଟିଏ ଏ ସଂସାର ସଂଗେ କେବଳ ରସମୟ ସଂପର୍କ ହିଁ ସ୍ଥାପନ କରିଥାଏ । ମୋ କ୍ଷେତ୍ରରେ ମଧ୍ୟ ଏଇଆ । ଯଥାର୍ଥ କବି ବା ଲେଖକ କାହା ସଂଗେ ପ୍ରେମର ସଂପର୍କ ରଖୁ କି ଘୃଣାରେ ସଂପର୍କ ରଖୁ—ଉଭୟ କ୍ଷେତ୍ରରେ ତାହା ରସମୟ ସଂପର୍କ ହେବାକୁ ବାଧ୍ୟ । ଲେଖକ ଆଗରେ ସବୁକିଛି ରସମୟ—ଧ୍ୱନିମୟ, ବ୍ୟଞ୍ଜନାମୟ ଆଉ ତାତ୍ପର୍ଯ୍ୟପୂର୍ଣ୍ଣ । ପୁଣି କବି ଲେଖକମାନଙ୍କର ଯେ ଈଶ୍ୱର, ସେ ହେଉଛନ୍ତି "ରସୋ ବୈ ସଃ ।"

ମୋ ବିଷୟରେ ମୁଁ ଅବିକଳ ସେଇଆ କହିବି । ମୋର କେହି ଶତ୍ରୁ ନାହାନ୍ତି । କିନ୍ତୁ ମୋ ସହିତ ଯେଉଁମାନେ ଶତ୍ରୁତା କରି ଆସିଛନ୍ତି, ସେମାନଙ୍କ ବିଷୟ ମୋର ଯେତେବେଳେ ମନେପଡ଼େ, ମୋର ଭାବମୟ ସର୍ଜନାର ସ୍ୱପ୍ନ ଭିତରେ ସେମାନେ ମୋର ହୃଦୟରେ ସଂପୂର୍ଣ୍ଣ ରସମୟ ବିଗ୍ରହ ରୂପେ ଉଭାହୁଅନ୍ତି—ଯେପରି

Digitized by srujanika@gmail.com

ମୋର ମିତ୍ରମାନେ ମଧ୍ୟ ଉଭା ହୁଅନ୍ତି । ସେତେବେଳେ ମୋ ମନରେ ବିଚିତ୍ରଭାବେ ଏକ କୌତୁକରସର କ୍ଷରଣ ହୁଏ ଏବଂ ତତ୍ସଙ୍ଗେ ସଙ୍ଗେ ମୋର ଆଖିରୁ ମଧ୍ୟ ଲୁହ ବହିଯାଏ । ସାରା ସଂସାରକୁ ଅନୁଭବ କଲାବେଳେ ସେମିତି ମୋର ଅକ୍ଷିରେ ଲୁହ ଜମିଥାଏ ଏବଂ ଓଠରେ ହସ ଜମିଥାଏ । ସେଇଥିପାଇଁ ମୋର ରସିକ-ପାଠକପାଠିକାମାନେ ମୋ ଲେଖା ଭିତରେ ହସକାନ୍ଦର ଏକ ମିଶାମିଶି କୌତୁକ ରସ ଉପଲବ୍ଧ କରିଥାନ୍ତି । ସେଇପାଇଁ ତ ମୋର ବଦଗ୍ଧ ପାଠକପାଠିକାମାନେ ମୋ ଲେଖା ଭିତରେ ହସକାନ୍ଦର ଏକ ମିଶାମିଶି କୌତୁକ ଲୀଳା ପ୍ରତ୍ୟକ୍ଷ କରିଥାନ୍ତି । କବି ଦୀନକୃଷ୍ଣଙ୍କ ବାକ୍ୟର ସାହାଯ୍ୟ ନେଇ ମୁଁ ମଧ୍ୟ ମୋ ଲେଖା ସମ୍ବନ୍ଧେ କହୁଛି—

"କେତେ କଉତୁକ ଅଛନ୍ତି ଏଥି
କେବଳ କ୍ଷୀର ସିନ୍ଧୁ ପ୍ରାଏ ମନ୍ଥି
କର ରସ ଜାତ
କରି ଧୀଷଣା ମନ୍ଦର ପର୍ବତ ।"

ମୋର ଜନ୍ମଦାତ୍ରୀ ପରମାରାଧ୍ୟା ମାଆ ମତେ ମାତ୍ର ପନ୍ଦର କୋଡ଼ିଏଟି ଶବ୍ଦ ଓ ବାକ୍ୟ ଶିଖାଇଥିଲା । ମାତ୍ର ମୁଁ ଏପର୍ଯ୍ୟନ୍ତ ହଜାର ହଜାର ଶବ୍ଦରେ ହଜାର ହଜାର ରସାତ୍ମକ ଓ ଅର୍ଥାତ୍ମକ ବାକ୍ୟ ସୃଷ୍ଟି କରି ତା'ର ଚରଣ କମଳରେ ନିବେଦନ କରିସାରିଲିଣି । ମୋ' ମାଆ ଅକ୍ଷର ଶିଖି ନଥିଲା । କିନ୍ତୁ ତାର ସୁଧାସ୍ରାବୀ ପାଟିରୁ ପ୍ରଥମକରି ଯୋଉ ମଧୁବୋଲା ଭାଷା ଶୁଣିଥିଲି ଓ ଯୋଉ ଭାଷାରେ ପ୍ରଥମ କରି ତା ସଙ୍ଗେ ମୋର ଟିକିହୃଦୟରେ ଟିକିଟିକି ଭାବଗୁଡ଼ିକର ଆଦାନପ୍ରଦାନ ହୋଇଥିଲା, ସେଇ ଭାଷା ମୋର ମା ଭଳି ପ୍ରିୟ, ମାଆଭଳି ପୂଜ୍ୟ, ମାଆଭଳି ସେବ୍ୟ । ଏବେ ଦିନେ, ଏଇବର୍ଷ ତଳେ, ମୋ ଲିଖିତ ପ୍ରାୟ ପଚାଶ ଖଣ୍ଡ ... ତା'ର ଶ୍ରୀଚରଣ ତଳେ ସ୍ତୂପାକାରରେ ରଖି ହାତରେ ଚନ୍ଦନ ପାଣି ବୁଲାଇଦେଲି । ମୋ ମା ପଚ୍ଛରିଲା ଏ ବହି ସବୁ କ'ଣ କରେ ? ମୁଁ କହିଲି— ବୋଉ ' ଏସବୁ ମୁଁ ଲେଖିଛି । ମାଆ ପଚ୍ଛରିଲା—କାହିଁକି ଲେଖିଛୁ ?

ତା'ର ଏ ପ୍ରଶ୍ନ ଶୁଣି ମୁଁ ଅବାକ୍ ହୋଇଗଲି । ମୋ ଆଖିରେ ଲୁହ ଜକେଇ ଆସିଲା । ଆବେଗକମ୍ପିତ କଣ୍ଠରେ କହିଲି—ତୋର ପାଇଁ ଲେଖିଛି ବୋଉ—ତୋର ପାଇଁ ।

ମୋର ବୟାଅଶୀ ବର୍ଷ ବୟସ୍କା ମାଆର ଜରାଜର୍ଜରିତ ଶ୍ଳଥ ମୁଖମଣ୍ଡଳରେ ଏକ ଅନିର୍ବଚନୀୟ କୌତୁକମିଶ୍ରିତ ଆନନ୍ଦର ଉଦ୍‌ଭାସନ ହୋଇଥିଲା । ସେ ତାର

Digitized by srujanika@gmail.com

ପାଖୁଆ ପାଟିରେ ହସିଦେଇ କହିଲା—ମୋ ପାଇଁ କଣ ଲେଖିଛୁରେ ? ମୁଁ କଣ ପାଠ ପଢ଼ିଛି ? ମୋ ବାପା ତ ମୋତେ ପାଠ ପଢ଼ାଇ ନଥିଲେ । ତା କଥାରେ ମୁଁ କିଛି ଉତ୍ତର ନଦେଇ କେବଳ ତାକୁ କୁଣ୍ଢାଇ ଧରିଲି ଏବଂ ଖୁବ୍ ଗର୍ବ, ଖୁବ୍ ଉଲ୍ଲାସ, ଖୁବ୍ କୃତଜ୍ଞତାରେ ପରିପୂର୍ଣ୍ଣ ହୃଦୟ ନେଇ କେବଳ ଗୋଟିଏ କଥା ବାରମ୍ବାର ଭାବପ୍ଲୁତ କଣ୍ଠରେ କହିଲାଗିଲି—ତୋରି ପାଇଁ ଲେଖିଛି ଲୋ ବୋଉ ! ତୋରି ପାଇଁ । ମୋ ଅଳା ଭାଷା ପକାଇ କହୁଛି—ତୋରି ପାଇଁ କେବଳ ତୋରି ପାଇଁ ଲେଖିଚି ଶୁଣ୍ ବୋଉ ଶୁଣ୍—

"କହଇ ଦାସ ଜଗନ୍ନାଥ—ଭାଷା ପ୍ରବନ୍ଧେ ଭାଗବତ ।"

ଆହା ପରମ ଭାଗବତ କବି ଜଗନ୍ନାଥ ଦାସ, ଶୂଦ୍ରମୁନି ମହାକବି ସାରଳା ଦାସ, ମତ୍ତକବି ବଳରାମ ଦାସ, କବିସମ୍ରାଟ ଉପେନ୍ଦ୍ରଭଞ୍ଜ, ପ୍ରେମଭକ୍ତର ମହାଜନ କବି ଅଭିମନ୍ୟୁ, ଭକ୍ତଚରଣ, ଦୀନକୃଷ୍ଣ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ବନମାଳୀ, ବୈଷ୍ଣବଧର, ସାଲବେଗ, ମହାତ୍ମା ଭୀମଭୋଇ, ରାଧାନାଥ, ଗଙ୍ଗାଧର, ଫକୀର ମୋହନ, ଗୋପବନ୍ଧୁ, କାଳନ୍ଦୀଚରଣ, ଗୋପୀନାଥ, ମାନସିଂ, ସଚ୍ଚିରାଉତରାୟ ପ୍ରମୁଖ ମହାନ କବିମାନେ ଯେଉଁ ମହାନ ଭାଷାରେ ଅପୂର୍ବ କାବ୍ୟକବିତା ସୃଷ୍ଟି କରି ଅଛନ୍ତି, ସେହି ପୂଜ୍ୟପାଦମାନଙ୍କର ଉତ୍ତରାଧିକାରୀ ହିସାବରେ ଉତ୍ତରସାଧକ ରୂପେ ସେହି ଭାଷାରେ ହିଁ ଆଜି ପର୍ଯ୍ୟନ୍ତ ମୁଁ ଲେଖି ଚାଲିଛି । ଏହାଠାରୁ ବଳି ଆପ୍ତକାମ ଆନନ୍ଦଦାୟକ, ଗୌରବଜନକ ଓ ସୁଜ୍ଞାର୍ଜିତ ସାଧନା ଓ ସିଦ୍ଧି ମୋର ଏଇ ସାମାନ୍ୟ ଜୀବନରେ ବା ଆଉ କ'ଣ ଅଛି ?

ବନ୍ଧୁଗଣ ! ମୋ'ଠାରୁ ଏତିକି ଶୁଣିଲା ପରେ, ଆଉଥରେ ମତେ ଯେମିତି କେହି ପଚାରିବେ ନାହିଁ—ମୁଁ କାହିଁକି ଲେଖେଁ । ସତକୁସତ ମୋ ପାଖରେ ଏ ପ୍ରଶ୍ନର ସଠିକ ଉତ୍ତର ନାହିଁ । କିନ୍ତୁ କେହି ପଚାରିଲେ, ଏମିତି ବାତୁଲଙ୍କ ପରି କ'ଣ ଗୁଡ଼ାଏ ଏଣୁତେଣୁ ଗପିଯିବି ।

ହେଉ ! ମୋର ପ୍ରଗଲ୍‌ଭ ରସନା ଓ ଲେଖନୀ କ୍ଷାନ୍ତ ହେଉ । ଜୟ ମା' ଉତ୍କଳଭାରତୀ ପଙ୍କଜବାସିନୀ ମା' ସାରଳା ! ଜୟ ଜୟ । ☐ ☐

Digitized by srujanika@gmail.com

ଅଖିଳ ମୋହନ ପଟ୍ଟନାୟକ

●

ଅଖିଳ ମୋହନ ପଟ୍ଟନାୟକ

ଜନ୍ମ—୧୮ ଡ଼ିସେମ୍ବର ୧୯୨୭,

ଜନ୍ମସ୍ଥାନ—ଖୋର୍ଦ୍ଧା, ପୁରୀ,

ପିତା—ବାଙ୍କନିଧି ପଟ୍ଟନାୟକ,

ମୃତ୍ୟୁ—୨୯, ନଭେମ୍ବର ୧୯୮୨

ରଚିତ ପୁସ୍ତକ—

ଗଳ୍ପ—'ଝଡ଼ର ଈଗଲ୍ ଓ ଧରଣୀର କୃଷ୍ଣସାର,' 'ଓ ଅନ୍ୟଗଳ୍ପ,' 'ସୁକାନ୍ତ ମହାନ୍ତି'।

ପ୍ରେମପତ୍ର ସଙ୍କଳନ—'ଅନାଗତ ଫାଲ୍‌ଗୁନ'। □ □

ମୁଁ କାହିଁକି ଲେଖେ ଏହା ଏକ ଜଟିଳ ପ୍ରଶ୍ନ ନହେଲେ ମଧ୍ୟ ଏକଥା ସ୍ୱୀକାର କରିବାକୁ ହେବ ଯେ ଏହା ଏକ ବ୍ୟକ୍ତିଗତ ପ୍ରଶ୍ନ, ଏକାନ୍ତ ବ୍ୟକ୍ତିଗତ। ଏକାଧିକବାର ପୃଥିବୀର ବହୁ ଲେଖକ, ପ୍ରତ୍ୟକ୍ଷ ଭାବରେ ହେଉ ବା ପରୋକ୍ଷ ଭାବରେ ହେଉ ଏ ପ୍ରଶ୍ନର ଉତ୍ତର ଦେନେ ନା ଦେନେ ଦେଇଛନ୍ତି। କିନ୍ତୁ କେଜାଣି କାହିଁକି ମୋର ବହୁ ସମୟରେ ମନେ ହେଉଛି ସେହି ସମସ୍ତ ଉତ୍ତର, ଏକ ପୂର୍ବ ନିର୍ଦ୍ଧାରିତ ଉତ୍ତର ଅଥବା ଆରୋପିତ ଉତ୍ତର ଏକ ବୁର୍ଦ୍ଧିଜୀବି ସୁଲଭ ନିବନ୍ଧ। କାରଣ ଏ ସଂପର୍କରେ ଜନସାଧାରଣ ଲେଖକଙ୍କଠାରୁ ଯାହା ଆଶା କରିଥାନ୍ତି, ତାହାହିଁ ସେମାନଙ୍କୁ ପ୍ରାୟଶଃ କହିବାକୁ ପଡ଼ିଥାଏ। ଏହା ଯେପରି ଏକ ପ୍ରସ୍ତୁତ ପ୍ରତିଚ୍ଛବି।

ଏହା ଭିନ୍ନ ଜଣେ ଲେଖକକୁ ତାର ଜ୍ଞାତସାରରେ ହେଉ ବା ଅଜ୍ଞାତ ସାରରେ ହେଉ ତାତ୍‌କାଳିକ ସାମାଜିକ ଓ ରାଜନୀତିକ, ଅବସ୍ଥା ପ୍ରଭାବିତ କରି

Digitized by srujanika@gmail.com

ହୋଇଥାଏ । ପ୍ରତ୍ୟେକ ଲେଖକ ଆଉ ଯାହା ହଉ ନ ହଉ ସେ ଯେ ଜଣେ ସ୍ପର୍ଶକାତର ମନୁଷ୍ୟ, ଏଥିରେ ସନ୍ଦେହର ଅବକାଶ ନାହିଁ । ତେଣୁ ବହୁ ସାମାଜିକ, ଦୈନନ୍ଦିନ ଓ ରାଜନୈତିକ କାର୍ଯ୍ୟକଳାପ ଲେଖକର ଅବଚେତନକୁ ଅବଶ୍ୟ ପ୍ରଭାବିତ କରି ହୋଇଥାଏ । ଯାହା ଅବଚେତନରେ ଗଚ୍ଛିତ ହୋଇ ରହିଯାଏ ଦିନେ ନାଁ ଦିନେ ତାର ସଚେତନ ପ୍ରକାଶ ଯେ ଅବଶ୍ୟମ୍ଭାବୀ ଏଥିରେ ସନ୍ଦେହ ନାହିଁ ।

ଏହାର ମଧ୍ୟ ବ୍ୟତିକ୍ରମ ଅଛି । ଯେତେବେଳେ ରାଷ୍ଟ୍ର ଲେଖକର ଲେଖାର ସ୍ୱାଧୀନତାକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରେ, ସେତେବେଳେ ଏକ ଗୋଷ୍ଠୀର ଲେଖକ ସମସ୍ତ ସ୍ପର୍ଶକାତରତା ଭୁଲି ରାଷ୍ଟ୍ର ପାଖରେ ଆତ୍ମସମର୍ପଣ କରି ରାଷ୍ଟ୍ରର ସ୍ତବଗାନ କରେ ଓ ଅନ୍ୟ ଏକ ଗୋଷ୍ଠୀର ଲେଖକ ଅଛନ୍ତି ଯେଉଁମାନେ ନିଜର ଜନ୍ମଭୂମି ହେଲେ ମଧ୍ୟ ତାକୁ ପରିତ୍ୟାଗ କରି ଅନ୍ୟ ଏକ ଦେଶରେ ନିଜର ସ୍ୱାଧୀନ ଚିନ୍ତାଧାରା ପ୍ରକାଶ କରନ୍ତି ।

ପ୍ରବାସରେ ରହି ବହୁ ଲେଖକ, ଦାର୍ଶନିକ ଓ ବୈଜ୍ଞାନିକମାନେ ସେମାନଙ୍କର ସ୍ୱାଧୀନ ଚିନ୍ତାଧାରା ପ୍ରତି ଅନୁରକ୍ତ ରହି ଜୀବନବ୍ୟାପୀ ସାଧନାରତ ରହିବାର ପ୍ରଚୁର ଦୃଷ୍ଟାନ୍ତ ରହିଛି । ସେମାନଙ୍କର ନାମୋଲ୍ଲେଖ କରି ଏ ପ୍ରବନ୍ଧକୁ ଅଯଥା ଭାରାକ୍ରାନ୍ତ କରୁନାହିଁ । ଆଜିର ରାଷ୍ଟ୍ରମାନେ ଓ ଗତକାଲିର ସଭ୍ୟତାର ରାଷ୍ଟ୍ରମାନେ କେହି ରାଷ୍ଟ୍ରୀୟ ସମ୍ପତ୍ତି, ବୃହତ୍ ଅଟ୍ଟାଳିକା ବା ଅଦମନୀୟ ପ୍ରତିରକ୍ଷା ବ୍ୟବସ୍ଥାକୁ ନେଇ ଗର୍ବ କରନ୍ତି ନାହିଁ । ସମସ୍ତେ ଗର୍ବ କରନ୍ତି ସେମାନଙ୍କର ଦେଶରେ ଜନ୍ମଗ୍ରହଣ କରିଥିବା ମନୀଷୀମାନଙ୍କୁ ନେଇ, ଯେଉଁମାନେ ବିଶ୍ୱକୁ ଉନ୍ନତ ସାହିତ୍ୟ କଳା, ସଙ୍ଗୀତ ବା ଦର୍ଶନର ଆଭିମୁଖ୍ୟ ଦେଇ ଯାଇଛନ୍ତି । ହିଟଲର ପରି ଡିକଟେଟରକୁ ନେଇ ଜର୍ମାନ ଜାତି ଗର୍ବ କରେ ନାହିଁ ବା କହେ ନାହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସେମାନେ କିପରି ଆଖି ପିଛୁଳାକେ ଗୋଟାଏ ପରେ ଗୋଟାଏ ଦେଶ ଜୟ କରିଗଲେ ? ଜର୍ମାନ ଜାତିର ଇତିହାସ ସେ ସଂପର୍କରେ ସମ୍ପୂର୍ଣ୍ଣ ନୀରବ ଯେପରି ସେମାନେ ଇତିହାସର ସେହି ପର୍ଯ୍ୟାୟ ପାଇଁ ଲଜ୍ଜିତ ।

ତେଣୁ ଏକ ସଂପୂର୍ଣ୍ଣ ସ୍ୱାଧୀନ ଦେଶ ନ ହେଲେ ତାହା ସେ ଦେଶର ଲେଖକ ବା ଚିନ୍ତାନାୟକମାନଙ୍କୁ ନିୟନ୍ତ୍ରଣ କରିବାର ଚେଷ୍ଟା କରିଥାଏ । ଏହା ମଧ୍ୟ ବହୁବାର ଦେଖାଯାଏ ଯେ ପ୍ରତିଷ୍ଠିତ ରାଷ୍ଟ୍ର ବ୍ୟବସ୍ଥା ପରିବର୍ତ୍ତିତ ହୋଇଗଲେ ନିର୍ବାସିତ ଲେଖକଙ୍କୁ ମରଣୋତ୍ତର ରାଷ୍ଟ୍ରୀୟ ସମ୍ମାନ ମିଳିଥାଏ ଓ ସେହି ଲେଖକଙ୍କର ଲିଖିତ ପୁସ୍ତକ ସବୁକୁ ଅମୂଲ୍ୟ ରତ୍ନପରି ଗ୍ରନ୍ଥାଗାରରେ ଗଚ୍ଛିତ କରି ରଖାଯାଏ । କାରଣ ମନୁଷ୍ୟ ସଭ୍ୟତା ଏକ ତତ୍କାଳୀକ ମୂଲ୍ୟବୋଧର ଊର୍ଦ୍ଧ୍ୱରେ ରହି, ଏକ

Digitized by srujanika@gmail.com

ଚିରନ୍ତନ ମୂଲ୍ୟବୋଧର ସନ୍ଧାନ କରୁଥାଏ । ଏକ ନିର୍ଦ୍ଦିଷ୍ଟ ମନୁଷ୍ୟ ବା ଗୋଷ୍ଠି ପଦ୍ଧତିର ସେବାରେ ନିଜକୁ ନିଯୁକ୍ତ ନକରି ଲେଖକ, ସ୍ରଷ୍ଟା, ବା ଦ୍ରଷ୍ଟା ନିଜକୁ ସମଗ୍ର ମାନବ ଜାତିର ସେବାରେ ଉତ୍ସର୍ଗୀକୃତ କରିଥାଏ । ତେଣୁ ପ୍ରଚଳିତ ଘାପ୍ରତିକ ମୂଲ୍ୟବୋଧ ସହିତ ଲେଖକର ଯେ ସଂଘର୍ଷ ହେବ, ଥିରେ କି ବୈଚିତ୍ର୍ୟ ଅଛି ?

କିନ୍ତୁ ଏ ଯାବତ୍ କେବଳ ଅନ୍ୟ ଲେଖକମାନଙ୍କ କଥା କହିଲି । ସେମାନେ କିପରି ଓ ବୋଧହୁଏ କାହିଁକି ଲେଖନ୍ତି । କିନ୍ତୁ ମୁଁ କାହିଁକି ଲେଖେ, ତାହା ଏ ପର୍ଯ୍ୟନ୍ତ କହିନାହିଁ । ମୋ' କଥା କହିବା ଆଗରୁ (ଯାହା ଆଗରୁ କହିଛି, ଏକାନ୍ତ ବ୍ୟକ୍ତିଗତ) ମୁଁ ଗୋଟାଏ ପୃଷ୍ଠଭୂମି ତିଆରି କଲି ମାତ୍ର । ଆଶାକରେ ଏ ପୃଷ୍ଠଭୂମି ବା ମୁଖବନ୍ଧ ଅଯଥା ଦୀର୍ଘ ବା, କ୍ଲାନ୍ତିକର ହୋଇ ନାହିଁ ।

ମୁଁ କାହିଁକି ଲେଖେ କହିବା ଆଗରୁ ମତେ କହିବାକୁ ପଡ଼ିବ ମୁଁ କାହିଁକି ଲେଖା ଆରମ୍ଭ କଲି । କାରଣ ମୋ'ର ଲେଖିବାର ବିଭିନ୍ନ ପର୍ଯ୍ୟାୟରେ ମୁଁ ବିଭିନ୍ନ କାରଣ ହେତୁ ଲେଖିଛି । ଏପରି ଏକ ବ୍ୟକ୍ତିଗତ ପ୍ରଶ୍ନର ଉତ୍ତର ମୁଁ ଏକ ପଣ୍ଡିତ ବା ବୁଦ୍ଧିଜୀବିସୁଲଭ ବକ୍ତୃତା ଦେଇ ନିଜକୁ ନିରାପଦ କରିବାକୁ ଚାହେଁ ନାହିଁ । ମୁଁ ଯେତେ ଦୂର ସମ୍ଭବ ଏ ସଂପର୍କରେ ସତ୍ୟନିଷ୍ଠ ହେବାକୁ ଉଦ୍ୟମ କରିବି ।

ଅବଶ୍ୟ ମୁଁ ନିଜକୁ ଖୁବ୍ ବଡ଼ ଜଣେ ଲେଖକ ବୋଲି ମନେକରେ ନାହିଁ । ତା'ର ପ୍ରମାଣ ମୁଁ ନିଜ ଜୀବନରେ ଅନେକ ଦେଖିଛି । ଅର୍ଥାତ୍ ଦେଶ ବିଦେଶର ବଡ଼ ବଡ଼ ଲେଖକଙ୍କର ଲେଖା ଯେତେବେଳେ ମୁଁ ପଢ଼ିଛି, ସେତେବେଳେ ମୋ'ର ଲେଖିବାର ସମସ୍ତ ଉତ୍ସାହ ବାଧାପ୍ରାପ୍ତ ହୋଇଛି । ମୁଁ ଭାବିଛି, ଏମାନେ ଯଦି ଏମିତି ଲେଖି ପାରୁଛନ୍ତି, ତାହାହେଲେ ମୋର ଲେଖା ଲେଖି କରିବା କାଳି ଓ କାଗଜର ଅପବ୍ୟୟ ମାତ୍ର । ମୁଁ କେବଳ ଏହା ଭାବିଛି ନୁହେଁ, ତାହା ହିଁ ସତ୍ୟ । ମୁଁ ଜଣେ ବିଦଗ୍ଧ ପାଠକ ଓ ମୋ'ର ଜୀବନକାଳ ମଧ୍ୟରେ ଏକାଧାରରେ ମୁଁ ବହୁ ପ୍ରାଚୀନ ଓ ବହୁ ଆଧୁନିକ ପୁସ୍ତକ ଅଧ୍ୟୟନ କରିଛି । କୌଣସି କୌଣସି ପୁସ୍ତକ ପଢ଼ିସାରି ତାକୁ ଏକାଧିକବାର ଚୁମ୍ବନ କରି ତାକୁ ତକିଆତଳେ ରଖି ଶୋଇଚି, କାଳେ ଯଦି ସେହି ବହିର ବିଷୟବସ୍ତୁ ବିଷୟରେ ମୁଁ ସ୍ୱପ୍ନ ଦେଖିପାରେ ।

ମୋର ମନେହୁଏ ମୁଁ ମୋର ବହୁ ସଗୋତ୍ରମାନଙ୍କ ଅପେକ୍ଷା ଅଧିକ ଭାଗ୍ୟବାନ । କାରଣ ମୋ'ର ପିତାମହୀ ଓ ମାତାମହୀ ଉଭୟ ଥିଲେ କୁଶଳ ଗଳ୍ପ କଥକ । ଆଜି ବି ମନେ ପଡ଼େ କେଉଁ କେଶବତୀ କନ୍ୟାର ଦୀର୍ଘକେଶ ଫଳୁଥାରେ

Digitized by srujanika@gmail.com

ଭସି ଯାଉଯାଉ ତାକୁ ଆବିଷ୍କାର କଲା ଜଣେ ରାଜକୁମାର । ଆଜି ବି ମନେ ପଡ଼େ କେଉଁ ଅଭିଶପ୍ତ କନ୍ୟାଙ୍କର ଟୋପା ଟୋପା ଲୁହ ନଦୀରେ ଭସି ଯାଉଥିଲା ଗୋଟିଏ ଗୋଟିଏ ନୀଳ ପଦ୍ମ ହୋଇ ଓ ସେହି ନୀଳ ପଦ୍ମର ଉତ୍ପତ୍ତିସ୍ଥଳ ଆବିଷ୍କାର କରିବାକୁ ଘୋଡ଼ା ଛୁଟେଇଲା ରାଜପୁଅ, ଠିକ୍ ସେତିକିବେଳେ ଘୋର ବନସ୍ତ ଭିତରେ ନିଜର ମଥାମଣିକୁ ତଳେ ରଖିଦେଇ ପାଣି ପିଇବାକୁ ଓହ୍ଲାଉଥିଲା ମଣିଚୂଳ ସାପ । ବିସ୍ଫାରିତ ନେତ୍ର ଓ ରୁଦ୍ଧକଣ୍ଠିତ ଚିତ୍ତ ହୋଇ ଏହିପରି ଅସୁମାରି ଗପ ମୁଁ ଶୁଣିଥିବି ଶୈଶବରେ ।

ଟିକିଏ ପରେ ମତେ ଶୁଣିବାକୁ ହେବ ମୋର ମାତାମହୀଙ୍କଠାରୁ ଆରବ୍ୟ ଉପନ୍ୟାସର କାହାଣୀ । ସ୍ୱତନ୍ତ୍ର କରି ବୁଝାଯାଇପାରେ ସେଦିନ ମୁଁ ସେ ରହସ୍ୟ ଉଦ୍‌ଘାଟନ କରି ପାରିଥିଲି । କହିବା ବାହୁଲ୍ୟ, ମୋର ମାତାମହୀ ଥିଲେ ବଙ୍ଗସାହିତ୍ୟର ଜଣେ ନିୟମିତ ପାଠିକା ।

ମୋର ସପ୍ତମ ଅଷ୍ଟମ ଶ୍ରେଣୀ ବେଳକୁ ମୁଁ ବାପାଙ୍କ ସହିତ ବେଶ୍ କଥୋପକଥନ ଓ ଭାବ ବିନିମୟ ଆରମ୍ଭ କରି ଦେଲିଣି । ତେଣୁ ତାଙ୍କର ଚେକେଇ ଭିତରେ ଶୋଇ ଶୋଇ ମୁଁ କନାନ୍ ଡଏଲଙ୍କ ସମସ୍ତ ଶେରଲକ୍ ହୋମସ୍ କାହାଣୀ ଶୁଣି ସାରିଥିଲି । ଦଶମ ଶ୍ରେଣୀ ବେଳକୁ ମୁଁ ଗଳ୍ପ ଛଳରେ ସେକ୍‌ସପିଅରଙ୍କର ଗ୍ରେଟ୍ଟିଯାକ ଟ୍ରାଜେଡ଼ିର କାହାଣୀ ଶୁଣି ସାରିଥିଲି । ସେହି ବୟସରେ ମୋର କଳ୍ପନା ଜାଲ ବୁଣିବାକୁ ଆରମ୍ଭ କରିଥିଲି । ମୁଁ କଳ୍ପନା କରୁଥିଲି କିପରି ଲେଡ଼ି ମ୍ୟାକ୍‌ବେଥ୍‌ର ହତ୍ୟାଜନିତ ରକ୍ତାକ୍ତ ହସ୍ତଯୁଗଳ ସପ୍ତସିନ୍ଧୁକୁ ମଧ୍ୟ ଲାଲ କରିଦେବ । ସେତିକିବେଳେ ନିରପରାଧ ଡେସ୍‌ଡିମୋନା ପ୍ରତି ମୋ'ର କୋମଳ ମନ କରୁଣାସିକ୍ତ ହୋଇ ଉଠିଥିଲା —ଆଃ ! ସେ କାହିଁକି ବା ନାଚୁନାଚୁ ତାର ରୁମାଲ ଖଣ୍ଡ ହଜେଇ ଦେଇ ବସିଲା ।

ସେତେବେଳକୁ ମୁଁ ଇଂରାଜୀରେ ଯେପରି ପଢ଼ି ସାରିଥିଲି ଆଲିସ୍ ଇନ୍ ୱଣ୍ଡରଲାଣ୍ଡ ଓ ଗଲିଭର୍ ଟ୍ରାଭଲସ (ଅବଶ୍ୟ ସଂକ୍ଷିପ୍ତ ସଂସ୍କରଣ) ସେହିପରି ଓଡ଼ିଆରେ ପଢ଼ି ସାରିଥିଲି ଅଶ୍ରୁଧାରା, ରୁ ମୋ' ମା, ମାଟିର ମଣିଷ, ହା ଅନ୍ନ. ଏପରିକି ଲକ୍ଷ୍ମୀଧର ନାୟକଙ୍କ ସାଥିରେ ବାହାରୁଥିବା ସବୁ ଉପନ୍ୟାସ । ଓଡ଼ିଆରେ ସେତେବେଳେ ଉପନ୍ୟାସ ଥିଲା କେତେ ଖଣ୍ଡ ବା । ମାୟାଧର ମାନସିଂହଙ୍କ ଧୂପ ଓ ସଚ୍ଚି ରାଉତରାୟଙ୍କ ବାଜି ରାଉତ ମଧ୍ୟ ପଢ଼ି ସାରିଥିଲି । ମୁଁ ନିୟମିତ ପାଠକ ଥିଲି ଜହ୍ନମାମୁଁର ଓ ପରେ ଆରଣ୍ୟ ପତ୍ରିକାର ।

Digitized by srujanika@gmail.com

ଏହିପରି ଏକ ସ୍ୱର୍ଣ୍ଣକାତର ମନ ନେଇ ମୁଁ କଲେଜକୁ ଆସିଲି ।

ଉପନ୍ୟାସ ଗଳ୍ପ ଅଧ୍ୟୟନ କରିକରି ପାଠ୍ୟ ପୁସ୍ତକକୁ ମୁଁ ଏପରି ଗୌଣ ମନେକଲି ଯେ ସମସ୍ତ ସମ୍ଭାବନା ସତ୍ତ୍ୱେ ମୁଁ ହେଲି ଜଣେ ଦ୍ୱିତୀୟ ଶ୍ରେଣୀର ଛାତ୍ର ।

ଏତେବଡ଼ ମୁଖବନ୍ଧ ସତ୍ତ୍ୱେ ଏବେ ମଧ୍ୟ ମୁଁ ମୋର ବକ୍ତବ୍ୟର ବିଷୟବସ୍ତୁକୁ ଆସିପାରି ନାହିଁ । ତାର କାରଣ ମାତ୍ର ଏତିକି ଯେ ଜଣେ ଲେଖକ ପାଇଁ ତା'ର ଶୈଶବ ଅବସ୍ଥାରେ ହେଉ ବା ଯେକୌଣସି ଅବସ୍ଥାରେ ପ୍ରସ୍ତୁତିର ପ୍ରୟୋଜନ ରହିଛି । ଯାହା କୁହାଯାଏ ସାଲବେଗ, ସାରଳା, ଭୀମ ଭୋଇ ଇତ୍ୟାଦିଙ୍କର କୌଣସି ଅଧ୍ୟୟନ ନଥିଲା. ଏଥିରେ ମୁଁ ବିଶ୍ୱାସ ସ୍ଥାପନ କରିପାରେ ନାହିଁ । ହୋଇପାରେ ସେମାନଙ୍କର ପାରମ୍ପରିକ ଅଧ୍ୟୟନ ନଥିଲା । କିନ୍ତୁ କୌଣସି ଅଧ୍ୟୟନ ନଥାଇ ଶବ୍ଦ ଯୋଜନାର ଶୃଙ୍ଖଳା, ଲାଳିତ୍ୟ ଓ ଛନ୍ଦ ଚେତନା ଶୂନ୍ୟରୁ ଆସିବା ସମ୍ଭବ ନୁହେଁ ।

ପିଲାବେଳେ ସ୍ଥାନୀୟ କ୍ଲବ୍ ବା ସ୍କୁଲର ପାଣ୍ଡୁଲିପି ପତ୍ରିକା ପାଇଁ କ'ଣ ଲେଖା ଲେଖି କରିଥିବି, ତା' ମୋର ପ୍ରକୃତରେ ସ୍ମରଣ ନାହିଁ କିନ୍ତୁ ମୋର ଯେଉଁ ପ୍ରଥମ ଲେଖା 'ଶଙ୍ଖ ' ପତ୍ରିକାରେ ପ୍ରକାଶ ପାଇଥିଲା ତା' ଲେଖିଥିଲି ଜିଦ୍‌ରେ । ମୋର ଜ୍ୟେଷ୍ଠଭ୍ରାତାଙ୍କର ଗୋଟିଏ ଗଳ୍ପ (ତାହାହିଁ ତାଙ୍କର ପ୍ରଥମ ଓ ଶେଷଗଳ୍ପ) 'ଶଙ୍ଖ'ରେ ପ୍ରକାଶ ପାଇବା ପରେ, ମୁଁ ଜିଦ୍ କରି କହିଥିଲି ଯେ ମୁଁ ଲେଖିବି ଓ ତାହା ମଧ୍ୟ ପ୍ରକାଶଯୋଗ୍ୟ ବିବେଚିତ ହେବ । ସତକୁ ସତ ମୋର ଅନଭ୍ୟସ୍ତ ହାତର ସେଇ ପ୍ରଥମ ଗଳ୍ପ ହିଁ ପ୍ରକାଶ ପାଇଥିଲା । ଟିକିଏ ଆତ୍ମପ୍ରତ୍ୟୟ ଆସିଥିଲା—ହଁ, ଲେଖିପାରିଲେ ବୋଧହୁଏ ପ୍ରକାଶ ପାଇବ । ତା'ପରେ କିନ୍ତୁ ଅନେକ ଦିନ ଗଳ୍ପ ଲେଖିବାକୁ ପୁରାପୁରି ଭୁଲି ଯାଇଥିଲି ।

ଜେଲ୍‌ରେ ପ୍ରଚୁର ଅବସର ଓ ସେହି ଅବସରକୁ ବ୍ୟବହାର କରିବାକୁ ମୁଁ ଗଳ୍ପ ଲେଖିବାକୁ ଆରମ୍ଭ କରିଥିଲି ଓ ଜେଲ୍‌ରେ ଥିବା ଅବସ୍ଥାରେ ମୋର କିଛି ଗଳ୍ପ ସହକାର ପତ୍ରିକାରେ ପ୍ରକାଶ ପାଇଥିଲା । ସେ ଗଳ୍ପ ଲେଖିବାରେ ଥିଲା ଅନେକଟା ଖିଆଲି ଭାବ ଓ ଆଦ୍ୟ ଯୌବନର ରୋମାଣ୍ଟିସିଜିମ୍ । ସେହି ଜରିଆରେ ମଧ୍ୟ ନିଜକୁ ଅନ୍ୟ ଆଗରେ ପ୍ରକାଶ କରିବାର ଯେଉଁ ଅଦମ୍ୟ ଇଚ୍ଛାଥାଏ, ତାହା କିଛି ମାତ୍ରାରେ ସାର୍ଥକ ହୋଇଥିଲା ।

Digitized by srujanika@gmail.com

କିନ୍ତୁ ସେତେବେଳେ ମଧ୍ୟ ମୁଁ ବୁଝି ନ ଥିଲି ମୁଁ କାହିଁକି ଗଳ୍ପ ଲେଖେ । ମନେ ହେଉଥିଲା ଯେପରି ସାଧାରଣ ଭାବରେ ମୁଁ ଗଳ୍ପଟିଏ ଲେଖିପାରୁଛି । ତେଣୁ ତାକୁ ଆଉ ବିଶେଷ ଅନୁଶୀଳନ କରିବାର ପ୍ରୟୋଜନ ପଡ଼ି ନଥିଲା ।

କିନ୍ତୁ ଆଜି ଏ ପରିଣତ ବୟସରେ ମୁଁ ବୁଝୁଛି ଯେ ଖାଲି ଗଳ୍ପ କାହିଁକି, ଯେକୌଣସି ସୃଜନଶୀଳ ସାହିତ୍ୟର ବିଭାଗରେ ଲେଖିବା ସମ୍ଭବ ନୁହେଁ ଯଦି ଲେଖକର ଗଭୀର ଯନ୍ତ୍ରଣାବୋଧ ନଥାଏ । ଆମ୍ଭେ ଯେମିତି ଆମର ଦୁଃଖ ଦରଦୀ ବନ୍ଧୁ ଆଗରେ କହିଦେଇ ଦୁଃଖ ଲାଘବ କରିବା ପାଇଁ, ଠିକ୍ ସେହିପରି ଲେଖକ ଯନ୍ତ୍ରଣାରେ ଛଟପଟ ହୋଇ ନିଜକୁ ପ୍ରକାଶ କରିଦେବା ପାଇଁ ରାସ୍ତା ଖୋଜେ ଓ ସେ'ଜଣକୁ ଏକୁଟିଆ କହି ନ ଦେଇ ଲେଖାର ମାଧ୍ୟମ ଗ୍ରହଣ କରେ; ନିଜର ସେହି ଯନ୍ତ୍ରଣାଲବ୍ଧ ଆନନ୍ଦକୁ ସାଙ୍ଗଜମାନ କରିବା ପାଇଁ । ସେ ଯେତେବେଳେ ତା'ର ସୃଷ୍ଟି ଆରମ୍ଭ କରେ ସେତେବେଳେ ସେ ଯାଇ ବସିଯାଏ ଅନନ୍ତ ଶୟନରେ ଶାୟିତ ବିଷ୍ଣୁଙ୍କର ନାଭି କମଳରୁ ଉଦ୍ଭୂତ ଶତଦଳ ଉପରେ । ସେ ସ୍ୱୟଂ ବ୍ରହ୍ମା — ଏକାଧାରରେ ଯନ୍ତ୍ରଣାରେ ଜର୍ଜରିତ ଓ ନିଜର ସୃଷ୍ଟିର ଆନନ୍ଦରେ ବିମୋହିତ ।

କ୍ରୌଞ୍ଚର ବେଦନା ନିଜ ଦେହରେ କ୍ଷରିତ ନ ହେଲେ ପୃଥିବୀରେ ଆଦିଶ୍ଳୋକର ସ୍ଫୁରଣ ସମ୍ଭବ ହୋଇ ନଥାନ୍ତା । ଯକ୍ଷର ବିରହରେ ପୀଡ଼ିତ ନ ହୋଇଥିଲେ 'ମେଘଦୂତ' ସୃଷ୍ଟି ବିରହିତ ହୋଇଥାନ୍ତା । କିଶୋର ପ୍ରେମର ମାଧୁର୍ଯ୍ୟ ଅଶେଷ ଯନ୍ତ୍ରଣାରେ ପରିଣତ ହୋଇ ନଥିଲେ ଓଡ଼ିଆ ସାହିତ୍ୟ ହରେଇ ଥାଆନ୍ତା ଧୂପ ଓ ଠିକ୍ ସେହିପରି ଦାସତ୍ୱ ପ୍ରଥାରେ ସ୍ରଷ୍ଟା ପୀଡ଼ିତ ହୋଇନଥିଲେ ବିଶ୍ୱ ସାହିତ୍ୟ ହରାଇ ଥାଆନ୍ତା ଅଙ୍କଲ୍ ଟମ୍ସ କ୍ୟାବିନ ।

କିନ୍ତୁ ମୁଁ କହୁନାହିଁ ଯେ ପୃଥିବୀରେ କତିପୟ ଲେଖକଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଲୋକର ଏଇ ଯନ୍ତ୍ରଣାବୋଧ ନାହିଁ । ଅନେକଙ୍କର ଅଛି । କିନ୍ତୁ ସେମାନେ ସେହି ବେଦନାଟିକୁ ପ୍ରକାଶ କରି ସାଙ୍ଗଜମାନ କରିପାରନ୍ତି ନାହିଁ ବୋଲି ସେମାନେ ଲେଖକ ନୁହନ୍ତି । ସେମାନେ କାନ୍ଦି କାନ୍ଦି ଅସ୍ଥିର ହୋଇପଡ଼ନ୍ତି—କୋହ ସମ୍ଭାଳି ପାରନ୍ତି ନାହିଁ--କେହି କେହି ଏକାଥରକେ ଚୁପ୍‌ଚାପ୍ ହୋଇଯାଆନ୍ତି । ପୁଣି କେହି କେହି ଠାକୁର ଦେଉଳ କରି ଏଇ ବେଦନାକୁ ନିଷ୍କ୍ରାନ୍ତ କରିବାକୁ ଉଦ୍ୟମ କରନ୍ତି । କିନ୍ତୁ ଲେଖକ ସେହି ବେଦନାକୁ ପୁରାପୁରି ହଜମ କରି ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳାର ସହିତ ପ୍ରକାଶ କରିପାରେ । ତେଣୁ ସେହି ଲୋକଟିକୁ ଅନ୍ୟମାନଙ୍କଠାରୁ ଅଲଗା କରି ଚିହ୍ନିବାକୁ ତାକୁ ଡକାଯାଏ ଲେଖକ ।

Digitized by srujanika@gmail.com

ଲେଖକ ବେଦନାକୁ ଯେପରି ଅନୁଭବ କରିଛି, ଠିକ୍ ସେହିପରି ପ୍ରକାଶ କରେ ନାହିଁ—କଲେ ତାହା କଳାର ସ୍ତରକୁ ଉତ୍ତୀର୍ଣ୍ଣ ହୁଅନ୍ତା ନାହିଁ । ଲେଖକ ତାକୁ ଏପରି ପ୍ରକାଶ କରେ, ଯାହା ଏକ ଟ୍ରାଜେଡ଼ି ହେଲେ ମଧ୍ୟ ଆମେ ତାକୁ ପଢ଼ି ଆନନ୍ଦ ପାଇଥାଉ । ଲେଖକ ସାଧାରଣ ଦୈନନ୍ଦିନ ସୁଖ ଦୁଃଖର ସ୍ଥୂଳ ଅନୁଭୂତିକୁ ଏକ କଳାସୁଲଭ ସ୍ପର୍ଶ ଦେଇ ପାଠକର ସୂକ୍ଷ୍ମ ଅନୁଭୂତିକୁ ଆନ୍ଦୋଳିତ କରେ । ତେଣୁ ଏକ ଟ୍ରାଜେଡ଼ି ମଧ୍ୟ ହୋଇଉଠେ ଉପଭୋଗ୍ୟ ।

ମେଘାଚ୍ଛନ୍ନ ସନ୍ଧ୍ୟା ଆକାଶରେ କିଏ ନ ଦେଖିଛି ବଳାକା ଦମ୍ପତିଙ୍କର ନୀଡ଼ ଉଦ୍ଦେଶ୍ୟରେ କ୍ଷିପ୍ର ପକ୍ଷ ସଞ୍ଚାଳନ ! କିନ୍ତୁ ଯେତେବେଳେ ସେହି ଏକା ଦୃଶ୍ୟକୁ ଜଣେ ଲେଖକ ଲିପିବଦ୍ଧ କରିପାରି ଲେଖେ—ଆଃ ! କି ନିଃସଙ୍ଗତା ! ସେତେବେଳେ ପାଠକ ସତକୁ ସତ ନିଃସଙ୍ଗ ମନେକରେ ନିଜକୁ । ଲେଖକ ଓ ପାଠକ ଭିତରେ ଏହି ହେଲା ମୌଳିକ ପାର୍ଥକ୍ୟ । କିନ୍ତୁ ସ୍ମରଣ ରଖିବା ଉଚିତ ଜଣେ ବିଦଗ୍ଧ ପାଠକ ଭିତରେ କିଛି ଲେଖକତ୍ୱ ଅଛି । କେବଳ ସେ ପ୍ରକାଶ କରିପାରେ ନାହିଁ । ବିଦଗ୍ଧ ପାଠକ ଲେଖକର ଲେଖାକୁ ପଢ଼ି ପୁନର୍ନିର୍ମାଣ କରେ ନହେଲେ ସେ ରସାସ୍ୱାଦନ କରିପାରନ୍ତା ନାହିଁ । ସେ ସେମିତି ଏକ ମେଘାଚ୍ଛନ୍ନ ସଂଧ୍ୟା ତିଆରି କରେ ଓ ବଳାକା ଦମ୍ପତି ଉଡ଼ିବାର ନିଜ ମନ-ଚକ୍ଷୁରେ ଦେଖେ ଓ ତା'ପରେ ନିଜକୁ ନିଃସଙ୍ଗ ମନେକରେ ।

ଏଥିପାଇଁ ଲେଖକର ଏକାନ୍ତ ପ୍ରୟୋଜନ, ବିଦଗ୍ଧ ପାଠକ ନହେଲେ ତାର ଶ୍ରମ ବୃଥା ଗଲା ବୋଲି ବୁଝିବାକୁ ହେବ । ସେଥିପାଇଁ ବିଭିନ୍ନ ସ୍ତରର ପାଠକମାନେ ଥାଆନ୍ତି । ସେଥିପାଇଁ କିଛି ବିଚିତ୍ର ନୁହେଁ ଯେ ଅନେକ ସାର୍ତ୍ରେ, କାମ୍ୟୁ, ଜେମସ୍ ଜୟେସ ବା ଭର୍ଜିନିଆ ଉଲଫଙ୍କୁ ବୁଝିପାରନ୍ତି ନାହିଁ । ସେଥିପାଇଁ ବୁଝିପାରନ୍ତି ନାହିଁ କବିସମ୍ରାଟ ବା ଉପେନ୍ଦ୍ରଭଞ୍ଜଙ୍କୁ । ସେଇଥିପାଇଁ ପାଲାବାଲା-ମାନଙ୍କର ପ୍ରୟୋଜନ ଅବଶ୍ୟମ୍ଭାବୀ ହୋଇପଡେ ।

ତେଣୁ ଲେଖକ ପ୍ରଥମେ ତା'ର ପାଠକମାନଙ୍କର ସ୍ତର ନିର୍ଦ୍ଧାରଣ କରିବା ଉଚିତ୍ । ପୃଥିବୀର କୌଣସି ଲେଖକ ସବୁ ସ୍ତରର ପାଠକମାନଙ୍କୁ ସନ୍ତୁଷ୍ଟ କରିବା ସମ୍ଭବ ନୁହେଁ । ସେହି ଲେଖକମାନଙ୍କର ଲେଖାକୁ ବିଷୟବସ୍ତୁ ଦୃଷ୍ଟିରୁ, ଶୈଳୀର ଚମତ୍କାରିତା ଦୃଷ୍ଟିରୁ କୌଣସି କୌଣସି ପାଠକଙ୍କ ପକ୍ଷରେ ପୁନର୍ନିର୍ମାଣ କରିବା ସମ୍ଭବ ନୁହେ ।

ପୂର୍ବରୁ ମୋର ଲେଖିବା ଆରମ୍ଭ କରିବା, ପୂର୍ବରୁ ମାନସିକ ପ୍ରସ୍ତୁତି କଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ଏହି ଯେ ମୁଁ ଆଜି ଯଦି ଲେଖୁଥାଏ ତାହାହେଲେ

Digitized by srujanika@gmail.com

ମୋ'ର ସେହି ପ୍ରସ୍ତୁତ ମାନସିକ ପୃଷ୍ଠଭୂମି ଯୋଗୁଁ । ମୁଁ ଜଣେ ବିଦଗ୍ଧ ପାଠକ । ତେଣୁ ବହୁ ଉନ୍ନତ ସାହିତ୍ୟର ସ୍ବାଦ ମୋ'ର ଭିତରର ଲେଖକଟିକୁ ପଦାକୁ ନେଇ ଆସିଛି । ଶୈଶବରେ ବା ଆଦ୍ୟ ଯୌବନରେ ସାହିତ୍ୟର ମଲ୍‌ବେରି ପତର ଖାଇ ଖାଇ ଯେଉଁ ସଁବାଳୁଅଟି ଖୋସା ବାନ୍ଧିଥିଲା, ତାହା ହୁଏତ ଅକସ୍ମାତ ଖୋସା କାଟି ପ୍ରଜାପତି ହୋଇ ଉଡ଼ିଯାଇଛି ।

ସେଦିନ ସମ୍ବାଦପତ୍ରର ଗୋଟିଏ ଶ୍ରେଷ୍ଠ ଖବର । ଭେନିଜୁଆଲା ପାଖରେ ଗୋଟିଏ ପ୍ୟାନ୍‌ଆମ୍ ବିମାନ ଖସିପଡ଼ି ତାହାର ସମସ୍ତ ଯାତ୍ରୀ ମୃତ୍ୟୁ ମୁଖରେ ପଡ଼ିଛନ୍ତି ।

ଏହି ସମ୍ବାଦ ପଢ଼ିଲାବେଳେ ମୁଁ ହାଁ । ହାଁ । କରି କାନ୍ଦି ଉଠେ ନାହିଁ ବା ଯନ୍ତ୍ରଣାରେ ମୋର ମୁଖ ବିକୃତ ହୋଇଯାଏ ନାହିଁ । କିନ୍ତୁ ନିଃଶବ୍ଦରେ ମୋର ଭିତରର ଟାଇମ ବୋମାର ଘଣ୍ଟା ଟିକ୍ ଟିକ୍ ହୋଇ ଚାଲିବାକୁ ଆରମ୍ଭ କରି-ଦେଇଥାଏ । ସେହି ଯାତ୍ରୀମାନଙ୍କ ଭିତରେ କିଛି ଶିଶୁ ଥିବେ । ସେମାନେ କି ପାପ କରିଥିଲେ ? ନା ପାପ ପୁଣ୍ୟ ବୋଲି କିଛି ନାହିଁ । ନା ମୃତ୍ୟୁ ବୋଧହୁଏ ବାଛ ବିଚାର କରେ ନାହିଁ । ଟାଇମ୍ ବମ୍‌ର ଘଣ୍ଟା ଚାଲିଛି ଟିକ୍ ଟିକ୍ ହୋଇ ଏପରିକି ମୋ'ର ଅଜ୍ଞାତସାରରେ । ଦିନେ ଦିନେ ବିମାନରେ ଯାଉଥିଲାବେଳେ ଗୋଟିଏ ଶିଶୁକୁ ଦେଖେ ସିଏ ଆଇଲ୍‌ରେ ଖେଳୁଛି । ଯନ୍ତ୍ରଣା ବଢ଼େ । ବୋମା ଫୁଟିବାକୁ ଆଉ ଅଳ୍ପ ସମୟ । ତେଣୁ ଗନ୍ତବ୍ୟ ସ୍ଥାନରେ ପହଞ୍ଚି ପ୍ରଥମେ ଏଇ ଲେଖାଟିକୁ ଆରମ୍ଭ କରିବାକୁ ପଡ଼େ । ନହେଲେ ଉପାୟ ନାହିଁ । ଏଇ ଜରୁରି ଅବସ୍ଥା ହେଲା ଲେଖାର ସମୟ । ମୁଁ ଲେଖେ କାରଣ ତାହା ଜରୁରି ।

ଲେଖେ, କାରଣ ନିଜକୁ ପ୍ରକାଶ କରିବାରେ ଏକ ଗଭୀର ଆତ୍ମତୃପ୍ତି ଥାଏ । ମୁଁ ଯେ ପ୍ରକାଶ କରିପାରୁଛି ଏହା ବୋଧହୁଏ ଆଜିଯାଏ ମୋ ପାଇଁ ଏକ ଗଭୀର ଆନନ୍ଦଦାୟକ ବସ୍ତୁ । ଜୈବିକ ସ୍ତରରେ ବିବାହ ପରେ ଯେପରି ସେମାନଙ୍କର ସନ୍ତାନକୁ ଗଭୀର ଉତ୍କଣ୍ଠାର ସହିତ ଅପେକ୍ଷା କରି ରହନ୍ତି, କେବଳ ନିରପେକ୍ଷ ପ୍ରକାଶ ନୁହଁ—ପ୍ରକାଶ ଜରିଆରେ ସମଧର୍ମୀମାନଙ୍କ ସହିତ ଭାବ ବିନିମୟ କରିହୁଏ, ତାହା ଅନ୍ୟ ଏକ ଆତ୍ମସନ୍ତୋଷ । ମନେହୁଏ ମୋର ପାଠକମାନଙ୍କୁ ମୁଁ ପ୍ରଭାବିତ କରିପାରିଛି । ମୁଁ ଠିକ୍ ଯେପରି ଅନୁଭୂତି ଆଣିବାକୁ ଚାହିଁଛି, ତାହା ମୁଁ କରିପାରିଛି ଶବ୍ଦ ଜରିଆରେ ସେମାନଙ୍କୁ ଆଦେଶ କରି । ସେମାନେ ମୋର ବାଗ୍‌ବିନ୍ୟାସର ବଶୀଭୂତ ପ୍ରଜାକୁଳ, ଯେଉଁମାନଙ୍କ ପକ୍ଷରେ ମୋ'ର ଅଦେଶ ଲଙ୍ଘନ କରିବା ସାଧ୍ୟାତୀତ । ତେଣୁ ମୁଁ ଲେଖେ ।

Digitized by srujanika@gmail.com

ବେଳେ ବେଳେ ଲେଖକ ଅନୁଭବ କରେ ତା'ର କିଛି ବକ୍ତବ୍ୟ ଅଛି । କାହିଁକି ସେହି ପିତାର ଦୁଇଟିଯାକ ପୁଅ, ଜଣକ ପରେ, ଆଉ ଜଣେ ବିମାନ ଦୁର୍ଘଟଣାରେ ମରିଗଲେ? କାହିଁକି ସେ ମା' ତା ପୁଅକୁ ଖାଇବାକୁ ଦେଇ ନ ପାରି ଆତ୍ମହତ୍ୟା କଲା ? କାହିଁକି ସେଠି ସୁନ୍ଦର ସୁନ୍ଦର ଚଢେଇମାନେ ବର୍ଷକୁ ଥରେ ଏକାଠି ହୋଇ ଗଣ-ଆତ୍ମହତ୍ୟା କରନ୍ତି ? କାହିଁକି ଧେନୁମାନେ ପଡ଼ିଆରେ ଘାସ ଚରିବା ଛାଡ଼ିଦେଇ ଠିଆ ହୋଇ ରହିଛନ୍ତି ? କୃଷ୍ଣ କ'ଣ ମଥୁରାକୁ ଚାଲିଗଲେ ?

ମନର ଦର୍ପଣ ପରିଷ୍କାର ରଖିଥିଲେ ଏହିପରି ଅସଂଖ୍ୟ ପ୍ରଶ୍ନ ମନକୁ ଆସେ । ସେ ପ୍ରଶ୍ନ ସମସ୍ତଙ୍କୁ ପଚାରିବାକୁ ଇଚ୍ଛା ହୁଏ, ଏପରିକି ଭଗବାନଙ୍କୁ ମଧ୍ୟ । ଏଇ ଚିରନ୍ତନ ଜିଜ୍ଞାସା ବା ତା'ର ସମ୍ଭାବ୍ୟ ଉତ୍ତର ସମ୍ପର୍କରେ ଲୋକମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବାକୁ ଇଚ୍ଛା ହୁଏ, ତେଣୁ ଲୋକେ ଲେଖେ ଓ ମୁଁ ମଧ୍ୟ ଲେଖେ ।

ଅନ୍ୟ କାରଣଟି ଓ ଶେଷ କାରଣଟି ହେଲା ମୁଁ, ମୋର ପାଠକମାନେ ସମସ୍ତେ ସାମାଜିକ ଜୀବ ତେଣୁ ମୁଁ ଯାହା କହେ ଓ ପାଠକମାନଙ୍କୁ ପ୍ରେରଣା ଦିଏ ସେଥିରେ ମୋ'ର ଏକ ସାମାଜିକ ଦାୟିତ୍ୱ ଅଛି । ଲେଖିବା ଅର୍ଥ ଦାୟିତ୍ୱ ଗ୍ରହଣ କରିବା । ତେଣୁ ମୁଁ ଲେଖେ କାରଣ ମୁଁ ପ୍ରତିଟି ଲେଖାରେ fact to art କରି ଚାଲିଛି ଓ ତାହାର ଅର୍ଥ ମୁଁ ଏକ ମୂଲ୍ୟବୋଧ ତିଆରି କରିଚାଲିଛି । ଓଡ଼ିଆ ଭାଷା ପ୍ରତି ଓ ସାହିତ୍ୟ ପ୍ରତି ମୋର କର୍ତ୍ତବ୍ୟ ତ ରହିଛି ! ତେଣୁ ମୁଁ ଲେଖେ । □ □

Digitized by srujanika@gmail.com

ଚନ୍ଦ୍ରଶେଖର ରଥ

●

ଚନ୍ଦ୍ରଶେଖର ରଥ

ଜନ୍ମ—୧୭ ଅକ୍ଟୋବର ୧୯୨୯

ଜନ୍ମସ୍ଥାନ—ବଲାଙ୍ଗିର

ପିତା—କେଳେଇ ରଥ

ମାତା—ଚମ୍ପା ଦେବୀ

ରଚିତ ପୁସ୍ତକ

ଉପନ୍ୟାସ—ଯନ୍ତ୍ରାରୂଢ଼, ଅସୂର୍ଯ୍ୟ ଉପନିବେଶ, ନବ ଜାତକ,

କ୍ଷୁଦ୍ରଗଳ୍ପ—ଅନେକ ବନ୍ୟା ପରେ, ଅଶ୍ୱାରୋହୀର ଗଳ୍ପ, ସମ୍ରାଟ ଓ ଅନ୍ୟମାନେ, ଅନ୍ୟ ଏକ ସକାଳ ସବୁଯାକ ସ୍ୱପ୍ନ ।

ଆଲୋଚନା- ଦୃଷ୍ଟି ଓ ଦର୍ଶନ, ଏ ଯେଉଁ ପୃଥିବୀ, ଅଶ୍ରୁତ ସ୍ୱର, ମୁଁ ସତ୍ୟଧର୍ମୀ କହୁଛି, ମଧୁ ସନ୍ଧାନ, ଉତ୍ତର ଅରଣ୍ୟ, କ୍ରୀତଦାସର ସ୍ୱପ୍ନ ।

ଅନୁବାଦ—ସାଗର ବନ୍ଧନ । □ □

ଏକଦା ଜଣେ ମାର୍କିନ ଲେଖକଙ୍କ ବୈଠକ ଘରକୁ ତାଙ୍କ ପତ୍ନୀ ଏବଂ ସାନପୁଅ ପଶି ଆସିଲେ । ପିଲାଟି ତା ବାପାଙ୍କୁ କିଛି ସମୟ ଚାହିଁ ମା କାନ ପାଖରେ ଫିସ୍ ଫିସ୍ କରି ପଚାରିଲା, "ତାଙ୍କ ଦେହ କ'ଣ ଅସୁସ୍ଥ ଅଛି ?" ମା ତା ବେଣୀ ଧରି ଆଡ଼ ହୋଇ ଗଲାବେଳେ କହିଲେ, "ନା, ସେ ଉପନ୍ୟାସ ଲେଖୁଛନ୍ତି ପରା !" ବସ୍ତୁକୁ ଚାହିଁଲା ଭଳି ଅନେଇଲେ ଆଖିରେ ବୋଧେ ସ୍ୱପ୍ନ ଦିଶେ ନାହିଁ ଏବଂ ଆଖି ମେଲି ଏମିତି ସ୍ୱପ୍ନ ଦେଖୁଥିଲାବେଳେ ଗଳ୍ପକ ଲେଖକଟି ବୋଧହୁଏ ଅନ୍ୟମାନଙ୍କୁ ଭୟଙ୍କର ଅସୁସ୍ଥ ଦେଖାଯାଉଥିବ ।

Digitized by srujanika@gmail.com

ପ୍ଲାଟୋଙ୍କ ପରି ଜ୍ଞାନୀ ମଧ୍ୟ କବିଙ୍କୁ ଦେଖି କହୁଥିଲେ ଯେ ସେ ଭ୍ରଷ୍ଟାଚାରୀ, ତା'ର ପାଗଳାମି ଏକ ସଂକ୍ରାମକ ବ୍ୟାଧି । ଏଣୁ ତାଙ୍କ ଆଦର୍ଶ ସମାଜରେ ତା'ପାଇଁ ସଦର ଦର୍ଜା ବନ୍ଦ ରଖିବାକୁ ସେ ହୁକୁମ ଜାରି କରିଥିଲେ ।

ଏବେ ମଧ୍ୟ ପରିସ୍ଥିତି ସେଇଆ ! ଜଣେ ଅକସ୍ମାତ୍ ଚାକିରିଆ ଲେଖକ ତା'ର ଉପର ହାକିମଙ୍କ ଡାକରା ପାଇ ତାଙ୍କ ଦପ୍ତରରେ ପହଞ୍ଚେ । ଆଖିରୁ ଚଷମା ଥୋଇଦେଇ ହାକିମ ତାକୁ ପଚାରନ୍ତି, "ଆଚ୍ଛା ତୁମେ କ'ଣ ଲେଖାଲେଖି କର ବୋଲି ଶୁଣିଲି, କ'ଣ ସେଥିରୁ ଟଙ୍କା ପଇସା ମିଳେ ? ଯଦି ମିଳୁ ନାହିଁ ତେବେ ସରକାରୀ ସମୟ ବରବାଦ୍ କରି କାହିଁକି ସେଥିରୁ ଗୁଡ଼ାଏ ଗଣ୍ଡଗୋଳରେ, ପଶୁଛ ? ମାନେ ମୁଁ ତୁମକୁ ନିରୁତ୍ସାହିତ କରୁନାହିଁ । କିନ୍ତୁ ଏଠି ବରଂ ସେତିକି ବୁଦ୍ଧି ଖର୍ଚ୍ଚ କରି ଫାଇଲ୍ କାମ କଲେ ସୁନାମ ମିଳିବ । ତା' ବାହାରେ ଆମେ ତ ସରକାରଙ୍କ ଚବିଶ ଘଣ୍ଟିଆ ଚାକର । ଆମେ ଅନ୍ୟ କୌଣସି କାମ କରିବା ଗୋଟାଏ ପ୍ରକାର ବେଆଇନ ନୁହେଁ କି ? ତା'ପରେ ବାର୍ଷିକ ଗୋପନୀୟ ରିପୋର୍ଟ, ଦରମା, ବଦଳି କେତେ କ'ଣ ?" ବେଶ୍ ବୁଝାମଣା ଥିବା ବନ୍ଧୁ କହନ୍ତି—"ହେ, କାହିଁ ସବୁବେଳେ ଦାର୍ଶନିକ ହେଉଥିଲ ପରି ମୁହଁଟା କରି ବସିଛ ମ ! କାଲି ରବିବାର, ଆସ ଦାସବାବୁ ଘରେ ତାସ୍ ପକାଇବା । ଲେଖି ପକେଇଲେ କୋଉ ସ୍ୱର୍ଗକୁ ବାଟ ଫିଟିଯିବ ନା ଦରମା ବଢ଼ିଯିବ । ସେଇ ଅଣଗେଜେଟେଡ଼ ଗିରି ରହିଥିବ ।"

ଦାର୍ଶନିକ ବନ୍ଧୁ କହନ୍ତି, "ପୃଥିବୀରେ ଶହ ଶହ ଭାଷାରେ କୋଟି କୋଟି ବହି ଲେଖା ହେଲଣି । ତୁମେ ଏବେ ଆଉ ଖଣ୍ଡେ ଲେଖିଲେ ନ ଲେଖିଲେ କ'ଣ ସେଥିରେ ବିଶେଷ ଯାଏ ଆସେ । ତୁମକୁ କ'ଣ ନୋବେଲ ପ୍ରାଇଜ ମିଳିଯିବ ? ସେଥିରୁ ନିବୃତ୍ତ ହୁଅ । ଯେତେଦିନ ଅଛ, ଆସ ହରିକୀର୍ତ୍ତନ କରିବା ବାକି ସବୁ ଫାଲ୍ତୁ—"

ଶେଷକୁ ଥାଆନ୍ତି ପତ୍ନୀ—"କେତେ ଲୋକ କେତେ କଥା କହୁଛନ୍ତି ଆମର ଖାଲି କ'ଣ ସବୁ ଲେଖା ଚାଲିଛି । କିଏ ଏବେ ଲେଖକଗୁଡ଼ାଙ୍କୁ ପଚାରୁଛି ? ଏତେ ତ ଲେଖିଲଣି, କାହିଁ ଟଙ୍କା ପାଞ୍ଚଟା ଘରକୁ ଆସିଲା ନାହିଁ । ଏମିତି ସକାଳ ସନ୍ଧ୍ୟା ଏଥିରେ ନ ଲାଗି ଆଉରି ଧନ୍ଦା ସିଂ ଘରେ ହିସାବଖାତା ଲେଖିଲେ ସେ ମାସକୁ ତୁଇରି' ଦେବ ବୋଲି କହୁଥିଲା ପରା ! ସମସ୍ତେ କେତେ ଫନ୍ଦି ଫିକର କରି, ଧରାଧରି କରି ପିଲାଙ୍କୁ ବଡ଼ଲୋକ କରି ଦେଉଛନ୍ତି । ଘରଦ୍ୱାର ଜମିବାଡ଼ି କରି

Digitized by srujanika@gmail.com

ଗାଡ଼ ମଟର କଲେଣି । ଆମ ପରି ଓଲୁ କିଏ ଅଛୁ ? ମୂର୍ଖ ଅଯୋଗ୍ୟଗୁଡ଼ାକ ଚାଲକୁ ମୁହଁ କରି ଖାଲି ବହି ଲେଖନ୍ତି । ସେ ଗୁଡ଼ାକ କିଛି କାମକୁ ନୁହଁନ୍ତି । ହେଲେ ତ ଯେଉଁମାନଙ୍କୁ ଭଣ୍ଡ ବୋଲି କହୁଥିଲି, ସେମାନେ ସବୁ ବହି ଛପେଇ ପୁରସ୍କାର ଗୋଟେଇ ନେଲେ—ତମକୁ କିଏ ପଚାରିଲା ? ଯା'ର ହେବ ସବୁ ହେବ ; ଯା'ର ନାହିଁ କିଛି ନାହିଁ । ତୁମେ କାହିଁକି ଏଥିରୁ ଗୁଡ଼ାଏ ଲେଖୁଛ ମ ?"

ବାସ୍ ! ଏଣିକି ଆତ୍ମରକ୍ଷା ନ କଲେ ଏ ସଂସାର ବଞ୍ଚିବାକୁ ଦେବ ନାହିଁ । ହାତକୁ ମାହୁନ୍ତି ବୁଝେଇଲା ପରି ଗୋଟିଏ ଅନ୍ୟ ପ୍ରକାର ଚେତନା ପାଖରେ ଠାଉଠାର କରି ନିଜ କଥା ମାହୁଣ୍ଟାଇବାକୁ ହିଁ ହେବ ।

ମୁଁ ଲେଖେ, କାରଣ ନ ଲେଖି ବଞ୍ଚିବା ସମ୍ଭବ ନୁହେଁ । ଆପଣଙ୍କ ଶ୍ୱାସ-ପ୍ରଶ୍ୱାସ ପରି ଏଇଟା ମୋର ଅତି ସ୍ୱାଭାବିକ ଧର୍ମ । ମୁଁ ଆପଣଙ୍କ ପରି କୋଠା, ବାଡ଼ି ସମ୍ପତ୍ତି ପାଇଁ ନିଜକୁ ସମ୍ପୂର୍ଣ୍ଣ ଖର୍ଚ୍ଚ କରିଦେଇ ପାରିବି ନାହିଁ । ମୁଁ ହୁଏତ କୋଠାରେ ରହିବାକୁ ଚାହେଁ, ରହିବା ମୋର ପ୍ରୟୋଜନ । ଆପଣଙ୍କ ପରି ଖାଇ ପିନ୍ଧି ପାରିଲେ ବି ମୋର ଗୁଡ଼ାଏ ମୌଳିକ ସମସ୍ୟା ଛୁଇଁ ଯାଆନ୍ତା । ମୁଁ ଆହୁରି ବୁଡ଼ି ପାରନ୍ତି ମୋ କାମରେ । ବାଁଆ ଚଢେଇ ବସାଟିଏ ବାନ୍ଧି ତା' ପିଲାଙ୍କ ମୁହଁରେ ଆହାର ଦିଏ । ମୁଁ ବିନମ୍ର ସହିତ କହୁଛି ଯେ ଆପଣମାନେ ମୋ ଆଖିକୁ ତା'ଠାରୁ ଭିନ୍ନ ଦିଶନ୍ତି ନାହିଁ । ବରଂ ଆହୁରି ଟିକିଏ ବୋକା, ଆହୁରି ଟିକିଏ ସନ୍ତ୍ରସ୍ତ ଦିଶନ୍ତି । ଆପଣଙ୍କ ଆଗକୁ ଆଗକୁ ଯୋଜନା—ଧନଡାଲି ଉପରେ ପାଞ୍ଚଡାଲି ଏବଂ ଆହୁରି ଆହୁରି ଚଢ଼ିବି ଉଠୁଥିବା ମନର ଶୋଷଗୁଡ଼ାକ ସେ ବାଉଳିଆ ଚଢ଼େଇଟି ପାଖରେ ମୁଁ ଖୋଜି ପାଏ ନାହିଁ । ଆପଣମାନେ ଭୁଲ ବାଟରେ ଚାଲିଛନ୍ତି ବୋଲି କହିବାକୁ ମୋର ସାହସ ନାହିଁ । କାରଣ ଠିକ୍ କ'ଣ ମୁଁ ଜାଣି ନାହିଁ । କିନ୍ତୁ ମୋତେ ଯଦି ଆପଣଙ୍କ ପରି ବଞ୍ଚିବାକୁ କୁହାଯାନ୍ତା, ସତ କହୁଛି ମୁଁ ମୋଟେ ପାରନ୍ତି ନାହିଁ ।

ଗୋଟିଏ ସମୟରେ ମୁଁ ଖୁବ୍ ଧନ୍ଦି ହୋଇଛି । ବହୁତ ଖୋଜିଛି, ବହୁତ ପଚାରିଛି, କିନ୍ତୁ ଆଦୌ ପାଇନାହିଁ ମୋ ଜୀବନର ଲକ୍ଷ୍ୟ । ମୁଁ ଯେତେବେଳେ ସ୍ଥିର ହୋଇ ମୋତେ ଏବଂ ମୋର ଗୁଣଆଡ଼କୁ ଅନେଇ କିଛି ବୁଝିବା ବୟସକୁ ଆସିଲି, ସେତେବେଳକୁ ଯୌବନ ଢଳି ଆସୁଥାଏ । ମୁଁ ମୂଳରୁ ଅନୁଭବ କରୁଥିଲି ଯେ ବୋଧହୁଏ ଏ ସଂସାରରେ ବଞ୍ଚିବା ପାଇଁ ଯୋଗ୍ୟତା ପାଇନାହିଁ । ଏ ଧସ୍ତାଧସ୍ତି ଭିତରେ ମାରପେଞ୍ଚ ଓସ୍ତାଦ ମୋର ନାହିଁ । କିନ୍ତୁ ସଂସାର ଗ୍ରୁଡ଼ ଗିଳିବାକୁ ଯଥେଷ୍ଟ

Digitized by srujanika@gmail.com

ସାହସ ମଧ୍ୟ ନାହିଁ । ଇଚ୍ଛା ନଥାଇ ଏଠି ଠେଲାପେଲା ଚାଲିଯିବାକୁ ହେବ । ଘୋଡାର ହୋଇଯିବାକୁ ହେବ, ଏ ମୂଲିଆ ଝାଳୁଆ ବାସ୍ତବତା । ଏଣୁ ମୋ ମନରେ ଖୁବ୍ ଗମ୍ଭୀରରେ ଏକ ଅସ୍ୱସ୍ତିକର ଅନବରତ ଜ୍ୱଳନ୍ତ ପ୍ରଶ୍ନଟିଏ ଉଠିଲା, "ମୁଁ କ'ଣ ଏମିତି କାଠଗୋଲାରୁ ଆଳୁ ଗୋଦାମକୁ, ଦପ୍ତର ଚୌକିରୁ ଡାକ୍ତରଖାନା ପିଣ୍ଡାକୁ ଖାଲି ଅଣନିଃଶ୍ୱାସୀ ହୋଇ ଦଉଡ଼ିବାକୁ ଆସିଥିଲି ? ମୋର କ'ଣ ଆଉ କିଛି ମହତ୍ତ୍ୱର ସମ୍ଭାବନା ନାହିଁ ।" ଜାଣିବା ଲୋକ କହିଲେ, "ତୋ ଭିତରେ ଖୋଜ୍ । ସ୍ୱାନ୍ତ ଉତ୍ତର ସେଇଠି । ତତେ ଯିଏ ପଠେଇଛି ସେ ତୋ ଭିତରେ ତୋ ଜୀବନର ସ୍ୱରୂପଟି ଲୁଚେଇ ରଖିଛି । ତାକୁ ପାଇବାର ପରଖ ହେଲା ଯେ ଯାହା କଲେ ତୋ ମନରେ ଗଭୀର ସନ୍ତୋଷ ଆସୁଛି । ଗ୍ଳାନି ଆସୁନାହିଁ, ଯାହା ନ କଲେ ରହିପାରୁ ନାହିଁ, ତାହା କରିବାକୁ ହିଁ ତୋତେ ନିର୍ଦ୍ଦେଶ ଅଛି । ତାହା ହିଁ ତୋ ଜୀବନର ଲକ୍ଷ୍ୟ ।" ମୁଁ ଖୋଜି ଦେଖିଲି ପାଇଲି ଅନେକ କଥା । ପଥର କାଟି ତା ଦେହରୁ ରୂପ ଉକୁଟେଇବା ମୋର ଗୋଟିଏ ଗଭୀର ତୃଷ୍ଣା । କାଟିଲି ମଧ୍ୟ । ନିହାଣ, ମୁଗୁର ପାଇଁ ଏବେ ବି ମୋର ଦରଦ ରହିଛି । ପଥର ପାଇଁ ସ୍ୱପ୍ନ ରହିଛି । କାଠ, ମାଟି, ମାର୍ବଲ ପରି କାଗଜ ବା ପର୍ଦ୍ଦା ଉପରେ ରଙ୍ଗ ଚଢ଼େଇବା ମଧ୍ୟ ଗୋଟାଏ ନିଶାପରି ମାଡ଼ି ଆସିଲା । ଅନେକ ଆନନ୍ଦ ବି ପାଇଲି । କିନ୍ତୁ ବହୁ ମୂର୍ତ୍ତି ଭାଙ୍ଗି ଫିଙ୍ଗିଲି, ବହୁ କାଗଜ ଚିରି ଫୋପାଡ଼ିଲି । ଭିତରର ସ୍ୱପ୍ନକୁ କେବେ ଦେଖିଲି ଭଳି, ଛୁଇଁଲି ଭଳି ରୂପ ଆଉ ଦେଇପାରିଲି ନାହିଁ । ଫଳରେ ଅସନ୍ତୋଷ ହିଁ ବଢ଼ିଲା, ହତାଶା ବଢ଼ିଲା ।

ମନ ଭିତରେ ଅନେକ ସ୍ୱପ୍ନ । ସେ ସବୁ ଉତ୍ସୁକ ଉଠୁଥାଆନ୍ତି ଫିଟି ଆସିବାକୁ । ସେ ଗୁଡ଼ାକୁ ଧାରଣା କରିବା ଏକ ପ୍ରକାର ଅଦ୍ଭୁତ ବେଦନା । ଦିନେ ହଠାତ୍ ଗୋଟାଏ କ'ଣ ଖଲାସ ହୋଇଗଲା ପରେ ଅନେକ ଉଶ୍ୱାସ ଲାଗିଲା କିନ୍ତୁ ମୋଟ ଉପରେ ଭଲ ଲାଗିଲା । ଦେଖିଲି ଯେ ମୁଁ କ'ଣ ଗୋଟାଏ ଲେଖି ପକେଇଛି । 'ଲେଖା' ଆତ୍ମପ୍ରକାଶର ମାଧ୍ୟମ ରୂପେ ମନକୁ ମନ ଆସିଥିଲା । ଏମିତି ଆସି ନଥିଲେ ମୁଁ ଲେଖି ନଥାନ୍ତି ଓ ଜାଣି ନଥାନ୍ତି ଲେଖା କ'ଣ ? ଆସ୍ତେ ତାକୁ ମୁଁ ସ୍ୱାଭାବିକ ଭାବରେ ଗ୍ରହଣ କଲି , ସେ ମୋତେ ଅଧିକାର କରିବା ମୁଁ ଅନୁଭବ କଲି । ଆବିଷ୍କାର କଲି ନିଜକୁ, ନୂଆ କରି ଦେଖିଲି ସଂସାରକୁ । ମୋର ସମଗ୍ର ସତ୍ତ୍ୱକୁ ତାହା ଧୀରେ ଧୀରେ ସଂଯମିତ କଲା, ଉଦ୍ବର୍ଦ୍ଧିତ କଲା । ମୋର ସ୍ୱାଭାବିକ ଜୀବନଧର୍ମ ସହିତ ଏକୀଭୂତ ହୋଇଗଲା । ଲେଖିବା, ବଞ୍ଚିବା ମୋ ପାଇଁ ଏକାକାର, ଏକାର୍ଥବାଚୀ ।

Digitized by srujanika@gmail.com

ଲେଖାରୁ ଆନନ୍ଦ ମିଳେ । ଆତ୍ମପ୍ରକାଶରେ ଆନନ୍ଦ । ବୀଜରୁ ଅଙ୍କୁରର ଉଦ୍‌ଗମ ପରି, ଗଛରେ ଫୁଲର ପ୍ରସ୍ଫୁଟନ ପରି, ଫୁଲରେ ସୌରଭର ସଂଗ୍ରହ ପରି । ଲେଖିଦେଲା ପରେ ତାକୁ କିଏ ପଢ଼େ, କିଏ ପଢ଼ିବା ଉଚିତ୍ ସେ ବିଷୟ ମୋତେ ବିବ୍ରତ କରେନାହିଁ । ସେ ପଢ଼ିଲେ ତାର ଉପକାର ହେବ ବା ନ ହେବ କିମ୍ବା ଉପକାର କ'ଣ ଏ ପ୍ରଶ୍ନ ମଧ୍ୟ ମୋର ନାହିଁ । ମୋର ସମସ୍ୟା ସଂପୂର୍ଣ୍ଣ ରୂପେ ମୋ ଭିତରର । ମୁଁ ଯାହା ସବୁ ଚାହୁଁଛି କହିବାକୁ ତା' ଠିକ୍ କହିପାରୁଛି ନା ନାହିଁ । ଓଃ ! କେତୋଟି ଶବ୍ଦ ଭିତରେ ଠେଲାପେଲା ହୋଇ ସୁକୁମାର କମନୀୟତାକୁ ଗଳେଇ ପକେଇବା ଏକ ଦୁଃସହ ଯନ୍ତ୍ରଣା । ଯେତେ ବା ରେଲ-ଡବାର କଣ୍ଡିର ବାଟେ ମୋର ଶିଶୁ ସନ୍ତାନକୁ ଉଠେଇ ଆଣିବାକୁ ମୁଁ ବାଧ୍ୟ । ଏକ ଷ୍ଟେସନରେ ତାକୁ ଓହ୍ଲାଇ ନ ଦେଲେ ଚଳମାନ ଗାଡ଼ିରେ ସେ ଅଜ୍ଞାତ ରାଜ୍ୟକୁ ସନ୍ତୁଦନ ପାଇଁ ଚାଲିଯିବ । ଭିଡ଼ା ଓଟାରେ ତାର ଶରୀର ଲଗିଯାଏ । ସେ ଛଟପଟ ହୁଏ, ମୁଁ ଚିତ୍କାର କରେ । ଚଳନ୍ତା ଗାଡ଼ି ସାଙ୍ଗରେ ଝାଳ ସରସର ଧାଇଁ ଧାଇଁ ମୁଁ କୋଳରେ ତାକୁ ଷ୍ଟେସରେ ନେଇ ଆସେ । କ'ଣଟାଏ ନେଇଆସେ ମୋର ସାହସ ହୁଏ ନାହିଁ ଦେଖି ଦେବାକୁ । ମୁଁ ଆଖି ବୁଜି କେବଳ ତା'ର ଉଷ୍ମ ବାରେ । ମୋତେ ସେତିକବେଳେ ହୁଏତ ଆପଣ କେହି ଦେଖନ୍ତି ଯେ ମୁଁ ଅସୁସ୍ଥ ବା ମୋର ଦର୍ଶଟଙ୍କ ହଜି ଯାଇଛି ।

ଚନ୍ଦ୍ରାତିଏ ଆସନ୍ତି ମାନମାସ୍ତ ଅତିଥି ପରି । ତାଙ୍କୁ ଗ୍ୟାରେଣ୍ଟି ନ'ଦେଲେ, ତାଙ୍କୁ ଆସନ ପାଦାସନ ନ ଦେଲେ ସେ ବିମୁଖ ହୋଇ ଦୁଆରୁ ବାହୁଡ଼ି ଯାଆନ୍ତି । ଅତିଥିର ସେ ସମସ୍ତ ବିଷ୍ଣୁର ନ ରହିବା କଥା । ସେ ଆସନ୍ତି ଯେତେବେଳେ ମୁଁ ଦପ୍ତରକୁ ବାହାରୁଥାଏ । ଆଚମ୍ବିତ ଭାବରେ ଆସନ୍ତି, ଯେତେବେଳେ ମୁଁ ଗହମ ପାଇଁ ଧାଡ଼ି ଲଗେଇ ରବବାଶଆ ଖରାରେ ଠିଆ ହୋଇଥାଏ । ମୁଁ ତରତରରେ ତାଙ୍କୁ ବସିବା ପାଇଁ କହିଦେଇ ଆପଣଙ୍କ ସେବାରେ ଲାଗିଯାଏ । ତଥାପି ଆପଣ କହନ୍ତି ଯେ ମୁଁ ଫାଇଲ୍ କାମ ମନଯୋଗ ଦେଇ କରେନାହିଁ । ଆପଣ ଶୃଙ୍ଖଳାଖନ ଡାକଲାବେଳେ ବାଙ୍କା ଗ୍ରୁଡ଼ି ଯାଇଛି । ମୋ ଘରେ ଅଭ୍ୟାଗତ ବୋଲି ମୁଁ ଆପଣଙ୍କୁ ବୁଝେଇବି କେମିତି ? ବରଂ ଆପଣଙ୍କ ନୀତିଶତକ ଶୁଣିଗଲେ ଭଲ ।

ମୁଁ କ'ଣ କେବେ ସ୍ବସ୍ଥ ହୋଇ ଛାପିବ, ପୁରସ୍କାର ପାଇବ ? ଯଦି ଆପଣ ଠିକ୍ ବୁଝିବେ ତ କହିବ ଯେ ମୁଁ ଏ ବ୍ୟାଧିରୁ ମୁକ୍ତ ମଧ୍ୟ ଚାହେଁ । କପର ଅଣାସ୍ବସ୍ତିରେ ମୋତେ ଲେଖିବାକୁ ହୁଏ ଯଦି ଆପଣଙ୍କ ଅଧସ୍ରିତଥା ଭାତ ନିଦ ଭାଙ୍ଗି ଯଦି ଆସି ମୋତେ ଦେଖନ୍ତେ ତେବେ ଠିକ୍ ବୁଝିପାରନ୍ତେ । ମୁଁ

Digitized by srujanika@gmail.com

ସନ୍ଧ୍ୟାବେଳେ କିପରି ଭୂତାବିଷ୍ଟ ହୁଏ, ମୁଁ ଜାଣେ ; ମୋ ମେଧୁଆ ପେଜୁଆ ଆଖିରେ କେଉଁଠି ସ୍ୱପ୍ନ ପହଁରୁଥାଏ ମୁଁ ଜାଣେ । ଦିନେ ଦିନେ ପାହାନ୍ତା ପହରର ନାଲି ପବନରେ ଚେତା ଭାଙ୍ଗେ । ବସି ଦେଖେ ଯେ ମୁଁ ଯାହା ଗାଟରେଇଛି ସେ ଗୁଡ଼ାକ କିଛି ନୁହେଁ । ଖଣ୍ଡିଆ ଦଣ୍ଡିଆ, ଆବୁରୁ ଜାବୁରୁ କ'ଣ ଗୁଡ଼ାଏ ।

ଆପଣ ପଚାରିବେ କାହିଁକି ମୁଁ ଯନ୍ତ୍ରଣା ପାଏ । ଯାହା ଜଣେ ଭାବିବ ତାହା ତ' ସାଫ୍ ସାଫ୍ ଲେଖିଦେବ ; ସେଥିରେ ଏତେ ଭାବନା ଗୋଟାଏ କ'ଣ ? ଏଗୁଡ଼ା ସବୁ ମୋର ଅଯୋଗ୍ୟତା । ମୋର କିଛି ବ୍ୟାକରଣ ପଢ଼ିବା ଦରକାର, କିଛି ଶବ୍ଦାର୍ଥ ମୁଖସ୍ଥ କରିବା ପ୍ରୟୋଜନ । ଆପଣଙ୍କ ଉପଦେଶ ପାଇଁ ଧନ୍ୟବାଦ । ହୁଏତ ଆପଣ କହିଲା ପରି ମୋର ବ୍ୟାକରଣ ପଢ଼ିବା ଉଚିତ୍ । କିଛି ଶବ୍ଦାର୍ଥ ମୁଖସ୍ଥ କରିବା ଉଚିତ୍···କିଛି ଯୋଗ୍ୟତା ସେ ଦିଗରୁ ହୁଏତ ହୋଇଯାଆନ୍ତା । ମୁଁ ପ୍ରକୃତରେ ଚାହେଁ ସଫା ସଫା ଯାହା ଭାବୁଛି ତାହା ଲେଖିଦେବା ପାଇଁ । କିନ୍ତୁ ପ୍ରଥମେ ସତକୁ ସତ ବ୍ୟାକରଣ ବାଟ ଜଗି ଠିଆ ହୁଏ । ବିଭକ୍ତି, କାରକ, କ୍ରିୟା, ବିଶେଷଣ, ବିଶେଷ୍ୟ, ସର୍ବନାମର ଗୋଟାଏ ରେଜିମେଣ୍ଟ ସୈନ୍ୟ । ସମସ୍ତେ ପୋଲିସ କନେଷ୍ଟବଲ । ସମସ୍ତଙ୍କ ମୁଣ୍ଡରେ ଶାସକର ଟୋପି, ହାତରେ ଠେଙ୍ଗା । ତାଙ୍କୁ ନ ମାନିଲେ ଆପଣ ହିଁ ମୋତେ ଦଣ୍ଡ ଦେବେ । ତାଙ୍କୁ କୌଣସି କୌଶଳରେ ଧପେଇ ମୁଁ ଚାଲିଯାଇ ଦେଖେ, ମହା ମହା ପ୍ରତିଭାଶାଳୀ ଲୋକ ବାଟ ଜଗି ଠିଆ ହୋଇଛନ୍ତି । ପ୍ଲାଟୋ କହୁଛନ୍ତି,'ସେ ଶବ୍ଦଟା ମୋର ଯଦି ବ୍ୟବହାର କରୁଚ ସ୍ୱୀକାର କରି ବ୍ୟବହାର କର ।' କାଳିଦାସ କହୁଛନ୍ତି, ସେ ଉପମାଟା ତାଙ୍କର ; ଭାରବି କହୁଛନ୍ତି ଅର୍ଥଟା ତାଙ୍କର । ମୋଟେ ବାଟ ନାହିଁ । ଯଦି ସ୍ୱୀକୃତ ଜଣାଏ ଆଉ କିଛି କରିହେବ ନାହିଁ । କେବଳ ସ୍ୱୀକୃତ ଜଣେଇବା କଥା; କେବଳ କଲେଜ ପାଠପରି କିଏ କ'ଣ କହିଛନ୍ତି ତାର ତାଲିକା ତିଆରି କଲାପରେ ନିଜର କିଛି ଆଉ କହିବାର ନଥାନ୍ତା—ମୁଁ କେବଳ ସେମାନଙ୍କୁ କହେ, ହେ ମାନବ ଜାତିର ଗୁରୁକୁଳ ! ଆପଣଙ୍କୁ ମୋର ବିନମ୍ର ପ୍ରଣତି । କେବଳ ବାଣୋଚ୍ଛିଷ୍ଟ ନୁହେଁ, ଆପଣ ସମସ୍ତଙ୍କର ଉଚ୍ଛିଷ୍ଟ ଏସବୁ । ତଥାପି ମୁଁ ଭାବେ ଯେ ଏ ଚିନ୍ତାଗୁଡ଼ିକ ଆପଣଙ୍କ ପାଖକୁ ଯେମିତି ଶୂନ୍ୟରେ ଆସିଥିଲେ, ସେହିପରି ମୋ ପାଖକୁ ମଧ୍ୟ ନିଜ ଉଦାର ପଣରେ ଆସିଛନ୍ତି । ସେ କାହାରି ନଥିଲେ, ମୋର ମଧ୍ୟ ନୁହନ୍ତି । ଆପଣ ତାଙ୍କୁ ହୁଏତ ମୋ ଅପେକ୍ଷା ବେଶି ଅଳଙ୍କାର ଆଭରଣ ଦେଇ ଅଭ୍ୟର୍ଥନା କରିଥିଲେ, ମୁଁ ତା ପାରୁନାହିଁ । ଅତଏବ ମୋତେ ଆଉ ବ୍ୟସ୍ତ କରନ୍ତୁ ନାହିଁ । ତଥାପି ଦାର୍ଶନିକ କହନ୍ତି ''ସାବଧାନ ' ଆମ କଥା ଆମ ଭାଷାରେ କହିବାକୁ ରୁ

Digitized by srujanika@gmail.com

ବାଧା । ବୈଜ୍ଞାନିକ କହନ୍ତି, ସ୍ପେସ, ରୁ ଏ ଗ୍ରହ୍ୟରେ ପଶିବାକୁ ମନା, ଗଙ୍ଗାକୁ ଭଗୀରଥ ଗଡ଼େଇ ଆଣିଲା ପରି ଏ ତପସ୍ୟା, ବାଟଯାକ ବହୁ ବାଧାବନ୍ଧ ଆଣିବା କାର୍ଯ୍ୟଟି କିଛି କମ୍ ନୁହେଁ ।

ପୁଣି ଶେଷକୁ ଆସନ୍ତି ଲଜ୍ଜା, ସଙ୍କୋଚ, ସଂସ୍କାର, ଯାହା କହିବାକୁ ଇଚ୍ଛା ତା କହିହୁଏ ନାହିଁ, 'ସ୍ମର ଗରଳ ଖଣ୍ଡନମ୍' ପରେ "ମମ ଶିରସି ମଣ୍ଡନମ୍ ଦେହି ପଦ ପଲ୍ଲବ ମୁଦାରମ୍" ଲେଖିବାକୁ ସାହସ କୁଳାଏ ନାହିଁ ବା କହିଦେଇ ଭକ୍ତଙ୍କ ପରି ଅଲଙ୍କାରର ନବୁଜ ସୁନା ଖୋଳ ଭିତରେ ଘୋଡ଼ାଇ ଦେବାକୁ ପଡ଼େ । ମାର୍ବଲର ଅତି ଅଦ୍ଭୁତ ମୂର୍ତ୍ତିଟିଏ କରିଦେଇ ଫିଗ୍ ପତ୍ରଟିଏ ଖୋଜିବାକୁ ପଡ଼େ । ସମସ୍ତେ କଣ 'ଲେଡ଼ି ଚ୍ୟାଟର୍ଲି'ଙ୍କୁ ସେମିତି ଦେଖେଇ ପାରିବେ ବା ନିଟ୍‌ସେଙ୍କ ପରି ଖୋଲା ଖୋଲି ଈଶ୍ୱରଙ୍କୁ କବର ଦେଇପାରିବେ । ତଥାପି ସେମାନଙ୍କର ଏ ପ୍ରୟାସ ଏକ ଦୁର୍ଦ୍ଦାନ୍ତ କ୍ରୋଧର ପ୍ରୟାସ । ଖୁବ୍ ରାଗିଯାଇ ଜଣେ ଯେମିତି ଜାଣିଶୁଣି ତା'ର ପରିଧେୟ ଫିଙ୍ଗିଦେଉଛି । ସୁଠାମ ସୈନ୍ଧବ ଅଶ୍ୱପରି କ'ଣ ନିରାବରଣ ନିଃସଙ୍କୋଚ ଠିଆହୋଇ ହୁଅନ୍ତା ନାହିଁ ? ବୋଧହୁଏ ଋଷି ଚେତନାରେ ହିଁ ଏହା ସମ୍ଭବ ହୁଅନ୍ତା । ଉପନିଷଦର ଋଷି ପାଇଁ ସଙ୍କୋଚ ନାହିଁ, ଭୟ ନାହିଁ, ଆଡ଼ମ୍ବର ନାହିଁ, ପ୍ରୟାସ ନାହିଁ, ଯେ ମନ୍ତ୍ରଦ୍ରଷ୍ଟା—ତ୍ରିକାଳ ଦ୍ରଷ୍ଟା, ସେ ସ୍ୱୟଂ ପ୍ରତିଷ୍ଠ ।

ଅତି କ୍ଷୁଦ୍ର, ଦୁର୍ବଳ, ବିମୂଢ଼ ଜୀବଟିଏ ମୁଁ । ଅହରହ ମୋର ସନ୍ତାପ ଶିଳାରେ କ୍ଷତ ବିକ୍ଷତ ହେବାର ଯାତନା ମୁଁ ଭୋଗ କରେ । "କେ ସନ୍ତୁ [illegible] କିପଣ । ବନ୍ଦୀ ଘରର ପାଚେରି ଦୁର୍ଲଙ୍ଘ୍ୟ, ପାଦରେ ଶୃଙ୍ଖଳ ଦୁଚ୍ଛେଦ୍ୟ । ଯଦି କୌଣସି ସ୍ୱପ୍ନର ଦେବ ଶିଶୁ ଜୀବନ୍ତ ମୁକୁଳି ଆସନ୍ତା; ତାହାହିଁ ହୁଅନ୍ତା ମୋର ମାତୃତ୍ୱର ଚରମ ସଫଳତା । ତାପରେ ଶପଥ କରୁଛି, ମୁଁ ଆଉ ଲେଖନ୍ତି ନାହିଁ । □ □

Digitized by srujanika@gmail.com